
ଡିସେମ୍ବର-୨୦୧୯ ସଂଖ୍ୟା



DECEMBER - 2019

Painting by Shri Debashis Raut, Advisor, ROSA, Riyadh

ISSN NO – 2582-208X

[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର



ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ଚରିତ୍ର କୌଣସି ବ୍ୟକ୍ତିର ବିଶ୍ୱାସ, ମୂଲ୍ୟ, ଭାବନା ଶକ୍ତି ଏବଂ ବ୍ୟକ୍ତିତ୍ୱର ମିଶ୍ରଣ ବା ମେଳ ହୋଇଥାଏ । ଏହା ତାର କାର୍ଯ୍ୟ ଏବଂ ବ୍ୟବହାରରୁ ଜଣାପଡେ । ଜୀବନରେ ସଫଳତା ପାଇବାକୁ ହେଲେ ବ୍ୟକ୍ତି ଚରିତ୍ରବାନ ହେବା ଜରୁରୀ ଅଟେ । ପ୍ରକୃତ ସଫଳତାର ମୂଲ୍ୟ ଏକ ଏମିତି ଉଦ୍ଦେଶ୍ୟ ହେବା ଉଚତ ଯାହା ନିଜ ସହିତ ସମାଜର ହିତରେ କଲ୍ୟାଣକାରୀ ସାଧିତ ହୋଇପାରେ । ଯାହା ପ୍ରାପ୍ତି ପରେ ମନୁଷ୍ୟକୁ ପ୍ରତ୍ୟେକ ସ୍ତରରେ ସନ୍ତୁଷ୍ଟି ପ୍ରଦାନ କରେ ଏବଂ ପରେ ଅନ୍ୟ କୌଣସି ପ୍ରାପ୍ତିରେ ଆଶା ରଖେ ନାହିଁ । ତଥାପି ଏକ ଚରିତ୍ରବାନ ମଣିଷର ମହତ୍ୱ କେବେ ବି କମ ଅଙ୍କା ଯାଇ ନପାରେ । ଚରିତ୍ରବାନ ବ୍ୟକ୍ତିର ପ୍ରଶଂସା ସମସ୍ତେ କରନ୍ତି । ଚରିତ୍ର ଅର୍ଥାତ ସ୍ୱଭାବ, ଭଲ ଏବଂ ଖରାପ ଦୁଇ ପ୍ରକାର ହୋଇପାରେ । ସାମାନ୍ୟ ରୂପରେ ଆମେ ଚରିତ୍ର କମ୍ବା ସ୍ୱଭାବ ଉଦ୍ଦେଶ୍ୟରେ ସଦ ଚରିତ୍ର କମ୍ବା ଉତ୍ତମ ସ୍ୱଭାବର ବ୍ୟକ୍ତିଙ୍କୁ ନେଇଥାଉ । କହିବାକୁ ଗଲେ ଏକ ଭଲ ଚରିତ୍ର ମନୁଷ୍ୟରେ ବିଭିନ୍ନ ସଦଗୁଣ ବିଦ୍ୟମାନ ଥାଏ । ଯେମିତି ଧର୍ଯ୍ୟ, ସାହାସ, ଇମାନଦାରୀ, ସତ୍ୟ, କ୍ଷମା, ଦୟା ଏବଂ ସହାନୁଭୂତି ଆଦି । ବାସ୍ତବରେ ଆଜିର ଯୁଗରେ ଚରିତ୍ର ନର୍ମାଣ ପରିବର୍ତ୍ତେ ଆମେ ଅଧିକ ଧ୍ୟାନ ଭବିଷ୍ୟତ ନର୍ମାଣ ଉପରେ ଦେଉଛେ । କାରଣ ମାତା ପିତା ନିଜ ପିଲ୍ମାନଙ୍କୁ ଏହି ଶିକ୍ଷା ଦେଇଥାନ୍ତି ଯେ କପରି ନିଜ ଭବିଷ୍ୟତ ବନେଇବେ । ବହୁତ ଜ୍ଞାନ ଅର୍ଜନ କରି ଧନବାନ ବନବା କନ୍ତୁ ସତ ଚରିତ୍ରର ଅଭାବରେ ଭୌତିକ ଧନ ଥାଇ ମଧ୍ୟ ବ୍ୟକ୍ତି ନର୍ଦ୍ଧନ ହୋଇଥାଏ ଏବଂ ତାର ଜ୍ଞାନ ମଧ୍ୟ ଅନୁପଯୋଗୀ

ହୋଇଥାଏ । ସେଥିପାଇଁ ଆମକୁ ଚରିତ୍ର ନିର୍ମାଣ ଉପରେ ଅଧିକ ଧ୍ୟାନ ଦେବା ଉଚିତ । ଭବିଷ୍ୟତ ନିର୍ମାଣ ସ୍ୱୟଂ ହୋଇଯିବ ।

ଯଦି ବ୍ୟକ୍ତି ଚରିତ୍ରବାନ, ତେବେ ତାର ଭବିଷ୍ୟତ ସ୍ୱୟଂ ଉଜ୍ଜ୍ୱଳ ହୋଇଥାଏ । ପ୍ରଥମେ ମାତା ପିତା ପିଲାମାନଙ୍କୁ ସର୍ବଦା ଠିକ ଭାବରେ ପ୍ରସସ୍ତ କରିବା ଉଚିତ । ସେମାନେ କେବଳ ଭଲ ସଂସ୍କାର, ସତଚରିତ୍ର ପାଇଁ ମାର୍ଗ ଦର୍ଶନ କରେଇବା ଉଚିତ । ନିଜର ଭଲ କର୍ମର ଭାବନା ମଧ୍ୟ ପିଲାଙ୍କୁ ଦେଖାନ୍ତୁ । ପ୍ରାରମ୍ଭିକ ସ୍ତରରେ ପିଲାମାନେ ନିଜ ଘର, ପରିବାର, ମାତା-ପିତାଙ୍କ ଠାରୁ ଚରିତ୍ରର ବିଶେଷତା ଶିଖିଥାନ୍ତି । ପରିବାରର ପ୍ରଭାବ ମଧ୍ୟ ପିଲାମାନଙ୍କ ଚରିତ୍ର ନିର୍ମାଣ ଉପରେ ପଡେ । ବେଳେବେଳେ ମାତା-ପିତା ପିଲାମାନଙ୍କର କେତେକ ଗୁଣକୁ ସମ୍ମାନ କରନ୍ତି ତ କେତେବେଳେ ଏହାର ବିପରୀତ ମଧ୍ୟ କରନ୍ତି । ତଥାପି ପ୍ରତ୍ୟେକ ବ୍ୟକ୍ତି ବିଲକୁଲ୍ ଅଲଗା । ସମସ୍ତଙ୍କ ସ୍ୱଭାବ ମଧ୍ୟ ଅଲଗା ଅଲଗା ହୋଇଥାଏ । କାରଣ, ଚରିତ୍ର ବନେ ବିଚାର ଶକ୍ତି ଦ୍ୱାରା ଏବଂ ପ୍ରତ୍ୟେକ ବ୍ୟକ୍ତିର ବିଚାରଶକ୍ତି ଅଲଗା ଅଲଗା ହୋଇଥାଏ । ବିଚାର ହିଁ ଚରିତ୍ରର ନିର୍ମାଣ କରେ । ସେଥିପାଇଁ ଚରିତ୍ରକୁ ବଦଳାଇବାକୁ ଗଲେ ପ୍ରଥମେ ବିଚାରକୁ ବଦଳେଇବା ଦରକାର । ଉତ୍ତମ ଚରିତ୍ର ପାଇଁ ଆମକୁ ଉତ୍ତମ ବିଚାରଶକ୍ତି ର ଆବଶ୍ୟକ ପଡିଥାଏ । ଆମ ଜୀବନରେ ଯେମିତି ବି ପରିସ୍ଥିତି ଆସୁ, କିନ୍ତୁ ବିଚାର ସର୍ବଦା ଉତ୍ତମ ହେବା ଦରକାର । ଆବ୍ରାହମ୍ ଲିଙ୍କନଙ୍କ ମତରେ କ୍ୟାରେକ୍ଟର (ଚରିତ୍ର) ଏକ ବୃକ୍ଷ ପରି ଏବଂ ପରସନାଲିଟି (ବ୍ୟକ୍ତିତ୍ୱ) ତାର ପରଛାଇ ପରି । ଆମେ ଯାହା ବିଷୟରେ ସର୍ବଦା ଭାବୁ ସେ ହେଉଛି ପରଛାଇ । କିନ୍ତୁ ବାସ୍ତବିକ ବସ୍ତୁଟି ହେଉଛି ବୃକ୍ଷ । କୌଣସି ବ୍ୟକ୍ତିର ଚରିତ୍ର ଜନ୍ମରୁ ବନି ନଥାଏ । ଏପରି ବି ହୋଇଥାଏ ବ୍ୟକ୍ତିର କିଛି ପ୍ରବୃତି ପ୍ରଥମରୁ ନିର୍ଦ୍ଧାରିତ ହୋଇପାରେ । କିନ୍ତୁ ଚରିତ୍ର ସର୍ବଦା ପରିବର୍ତ୍ତନୀୟ ହୋଇଥାଏ । ଆମେ ନିଜର ପ୍ରବୃତ୍ତି, ବିଚାର, ମାନ୍ୟତାକୁ ବଦଳାଇ ପାରିବା ସମୟ ସହିତ ଆଉ ପରିସ୍ଥିତି ସାଥିରେ ଏବଂ ମାର୍ଗ ଦର୍ଶନ ସହିତ । ଚରିତ୍ର ଏବଂ ବ୍ୟକ୍ତିତ୍ୱ ଦୁହେଁ ପରିପୁରକ । ଚରିତ୍ର ଯାହା ସେଇଆ ହିଁ ରହେ । କିନ୍ତୁ ବ୍ୟକ୍ତିତ୍ୱ ଯାହା ତାହା ଦେଖାଯାଏ । ଦେଖାଯାଉଥିବା ବସ୍ତୁର ରୂପ ବି ବଦଳାଯାଇ ପାରେ । କହିବାର ଅର୍ଥ, କାହାର ବ୍ୟକ୍ତିତ୍ୱକୁ ଦେଖି ତାର ଚରିତ୍ର ବିଷୟରେ

କହିବା ସମ୍ପୂର୍ଣ୍ଣ ଭୁଲ ହେବ । କାରଣ ଆପଣ ବ୍ୟକ୍ତିତ୍ୱ ଦେଖନ୍ତି ଯେଉଁଟାକ ସମ୍ପୂର୍ଣ୍ଣ ରୂପେ ଚରିତ୍ରକୁ ଲୁଗ୍ଇ ଦେଇପାରେ ।

ଚରିତ୍ର ଏବଂ ସ୍ୱଭାବ ଆମ ଜୀବନରେ କର୍ମର ମୂଳ ଆଧାର ଅଟେ । ଆମେ ଯାହା ବି କାର୍ଯ୍ୟ କରୁ, ନିଜ ସ୍ୱଭାବରେ ପ୍ରେରିତ ହୋଇ କରୁ । ଅତଃ, କେବଳ ବସ୍ତୁ ପାଇବାର ଇଚ୍ଛାରେ ପ୍ରେରିତ ନହୋଇ ଆମେ ଚରିତ୍ର ବନେଇବା ଏବଂ ନିଜକୁ ଚହ୍ନିବା ଉପରେ ଧ୍ୟାନ ଦେବା ଉଚିତ । ଆମ ଅନ୍ତଃସ୍ଥଳରେ ଥିବା ଅନ୍ତରାତ୍ମା ସର୍ବଦା ଆମର ମାର୍ଗଦର୍ଶନ କରାଏ ଏକ ସତ୍-ଚରିତ୍ର ଏବଂ ଉତ୍ତମ ସ୍ୱଭାବର ବ୍ୟକ୍ତି ହେବାପାଇଁ । ଯାହାର ସ୍ୱର ସାଧାରଣତଃ ଆମେ ଶୁଣି ମଧ୍ୟ ନଶୁଣିଲା ପରି ରହୁ । ପ୍ରତ୍ୟେକ ମନୁଷ୍ୟର ନିଜ ନିଜ ବ୍ୟକ୍ତିତ୍ୱ ରହିଥାଏ । ସେଇଟାହିଁ ହେଉଛି ମନୁଷ୍ୟର ଚହ୍ନଟକରଣ । କୋଟି କୋଟି ମନୁଷ୍ୟଙ୍କ ଭିତରେ ମଧ୍ୟ ନିଜ ନିରାଳା ବ୍ୟକ୍ତିତ୍ୱ ଯୋଗୁ ମନୁଷ୍ୟ ଚହ୍ନା ପଡିଯାଇଥାଏ । ଏହା ହେଉଛି ତାହାର ବିଶେଷତା । ଏହା ହେଉଛି ତାର ବ୍ୟକ୍ତିତ୍ୱ । ପ୍ରତ୍ୟେକ କ୍ଷଣରେ ପ୍ରକୃତି ସ୍ୱୟଂକୁ ନୂଆ ରୂପରେ ସଜେଇଥାଏ । ପ୍ରତ୍ୟେକ କ୍ଷଣରେ ଘଟୁଥିବା ଏହି ପରିବର୍ତ୍ତନକୁ ଆମେ ସେହି ପ୍ରକାର ଦେଖିପାରି ନଥାଉ ଯେଉଁପ୍ରକାର ଏକ ଗୋଲାପ ଫୁଲ ଏବଂ ଅନ୍ୟ ଫୁଲ ମଧ୍ୟରେ ଥିବା ଭିନ୍ନତାକୁ ବର୍ଣ୍ଣନାକରିବା କଷ୍ଟକର ବ୍ୟାପାର ଅଟେ । କିନ୍ତୁ ପରିଚିତ ବସ୍ତୁ ମାନଙ୍କ ମଧ୍ୟରେ ଏହି ଭେଦ ଆମେ ସହଜରେ ବର୍ଣ୍ଣନା କରିପାରୁ । ଏହା ହେଉଛି ଆମର ଦୃଷ୍ଟି ଦୋଷ । ଯାହା ଚକ୍ଷୁର ସୂକ୍ଷ୍ମ ଭେଦ ଏବଂ ପ୍ରକୃତିର ସୂକ୍ଷ୍ମ ପରିବର୍ତ୍ତନକୁ ପରଖିବାରେ ଅକ୍ଷମ ଅଟେ ।

ମନୁଷ୍ୟ ଚରିତ୍ରକୁ ପରଖିବା ବି ବଡ କଠିନ କାର୍ଯ୍ୟ ଅଟେ । କିନ୍ତୁ ଅସମ୍ଭବ ନୁହେଁ । କଠିନ ଏଇଥିପାଇଁ ନୁହେଁ କି ଏଥିରେ ବିଭିନ୍ନ ତଥ୍ୟର ମିଶ୍ରଣ ବିଦ୍ୟମାନ ଥାଏ । ବରଂ ଏଥିପାଇଁ, ନିତ୍ୟ ପରିସ୍ଥିତିର ଘାତ ପ୍ରତିଘାତରେ ଏହା ବଦଳଥାଏ । ଏହା ଏକ ଚେତନ ବସ୍ତୁ । ପରିବର୍ତ୍ତନ ଏହାର ସ୍ୱଭାବ । ପ୍ରୟୋଗଶାଳାର ପରୀକ୍ଷାନଳୀ ରେ ରଖି ଏହାର ବିଶ୍ଳେଷଣ କରାଯାଇ ନପାରେ । ଏହାର ବିଶ୍ଳେଷଣର ପ୍ରୟତ୍ନ ଯୁଗ ଯୁଗରୁ ହୋଇ ଆସୁଛି । ହଜାର ବର୍ଷ ପୂର୍ବରୁ ଆମର ବିଶେଷଜ୍ଞ ଏହାର ବିଶ୍ଳେଷଣ କରିଥିଲେ । ଆଜିର ମନୋବୈଜ୍ଞାନିକ

ମଧ୍ୟ ଏହା ଉପରେ ଗଭୀର ଅନୁସନ୍ଧାନ କରୁଛନ୍ତି । ତଥାପି ଅମେ କହିପାରିବାନ ଯେ ମନୁଷ୍ୟ ଚରିତ୍ରର ସନ୍ତୋଷଜନକ ବିଶ୍ଳେଷଣ ହୋଇପାରିଛି ।

ତଥାପି କହିବାକୁ ଗଲେ ଦୁନଆର ପ୍ରତ୍ୟେକ ଶିଶୁ ଏକ ଅନଗଢ ପଥର ପରି ଯେଉଁଥିରେ ଏକ ସୁନ୍ଦର ମୂର୍ତ୍ତି ଲୁଚ ରହିଥାଏ । ଯେଉଁଟାକୁ ଶିଳ୍ପୀର ଆଖି କେବଳ ଦେଖିଥାଏ । ସେ ତାର କୁଶଳ କାରିଗରୀ ଯୋଗୁ ଏକ ସାଧାରଣ ପଥରକୁ ଏକ ସୁନ୍ଦର ମୂର୍ତ୍ତିରେ ପରିଣତ କରିଦେଇଥାଏ । କାରଣ ମୂର୍ତ୍ତି ପ୍ରଥମରୁ ହିଁ ପଥରରେ ଥାଏ । ଶିଳ୍ପୀ ଖାଲି ଫାଲତୁ ପଥରକୁ ଆକାର ଦେଇ ସୁନ୍ଦର ମୂର୍ତ୍ତିରେ ପରିଣତ କରିଦେଇଥାଏ । ମାତା, ପିତା, ଶିକ୍ଷକ, ସମାଜ ଶିଶୁକୁ ଏହି ପ୍ରକାର ସୁନ୍ଦର ବ୍ୟକ୍ତିତ୍ୱ ପ୍ରଦାନ କରନ୍ତି । ବ୍ୟକ୍ତିତ୍ୱ ବିକାଶରେ ବଂଶାନୁକ୍ରମ ଯାହାକୁ ଆମେ **Heridity** କମ୍ବା ପରିବେଶ **(Environment)** ହେଉଛି ଦୁଇଟା ପ୍ରଧାନ ତତ୍ତ୍ୱ । ବଂଶାନୁକ୍ରମ ବ୍ୟକ୍ତିକୁ ଜନ୍ମଜାତ ଶକ୍ତି ପ୍ରଦାନ କରେ । ପରିବେଶ ତାକୁ ଏହି ଶକ୍ତିର ସିଦ୍ଧି ପାଇଁ ସୁବିଧା ପ୍ରଦାନ କରିଥାଏ । ଏକ ବାଳକର ବ୍ୟକ୍ତିତ୍ୱ ଉପରେ ସାମାଜିକ ପରିବେଶର ପ୍ରବଳ ପ୍ରଭାବ ପଡିଥାଏ । ଯେମିତି ଯେମିତି ବାଳକ ବିକଶିତ ହୋଇଥାଏ ସେ ସେହି ସମାଜ, ସମୁଦାୟର ଶୈଳୀକୁ ଆତ୍ମସାତ କରିଥାଏ । ଯେଉଁଟା ବଡ ହୋଇ ବ୍ୟକ୍ତିତ୍ୱ ଉପରେ ଗଭୀର ପ୍ରଭାବ ପକାଇଥାଏ । କୌଣସି ବ୍ୟକ୍ତି ପରିସ୍ଥିତିର ଦାସ ହେବା ଉଚତ ନୁହେଁ । ପରନ୍ତୁ ପରିସ୍ଥିତି ପ୍ରତି ଆମର ମାନସିକ ପ୍ରତିକ୍ରିୟା ଆମର ଚରିତ୍ରକୁ ନର୍ମାଣ କରେ । ମନୁଷ୍ୟର ନର୍ଣ୍ଣାୟାତ୍ମକ ଚେତନା ସମ୍ପୂର୍ଣ୍ଣ ରୂପେ ଜାଗ୍ରତ ହୋଇ ଆମର ନୈତିକ ଆଦର୍ଶକୁ ଚଢ଼ିବାରେ ଲାଗେ । ସେତେବେଳେ ଆମେ ପରିସ୍ଥିତିର ତିଳେମାତ୍ର ଚନ୍ତା କରିବା ଉଚତ ନୁହେଁ । ଆତ୍ମ ନର୍ଣ୍ଣୟର ଏହି ଅଧିକାର ଈଶ୍ୱର ପ୍ରତ୍ୟେକ ମନୁଷ୍ୟକୁ ପ୍ରଦାନ କରିଛନ୍ତି । ଆମେ ନଜେ ନଜର ମାଲିକ । ନଜ ଚରିତ୍ରକୁ ସ୍ୱୟଂ ନର୍ମାଣ କରିବା ଉଚତ । ଏମିତି ନୁହେଁ ଯେ ଜୀବନରେ ସଂଘର୍ଷ ନାହିଁ । ଏମିତି ପରିସ୍ଥିତିରେ ଆତ୍ମ ନର୍ଣ୍ଣୟ ଶକ୍ତିର ପ୍ରୟୋଗ ଆବଶ୍ୟକ ।

ଆଜିର ଯୁଗରେ **Personality Development** ଭଳ ମୁଖ୍ୟ ବସ୍ତୁ ଯେମିତିକ **Confidence, Looks, Language** ଉପରେ **command** ଏମିତି **skill** ଅଛି, ସେ ୨୧ ଶତ୍ଦି ର ସଫଳ ବ୍ୟକ୍ତି ରୂପରେ ପରିଚତ । କେଉଁଠୁ ବି ଆରମ୍ଭ କରୁ ଲକ୍ଷ ପଥରେ ସୁନଶ୍ଚିତ

ପହଞ୍ଚିବାର ଯୋଗ୍ୟତା ଅଛି । ଆଜିର ଯୁଗରେ ସଫଳତାର ମୂଳମନ୍ତ୍ର ହେଉଛି ବ୍ୟକ୍ତିତ୍ୱର ବିକାଶ । ଏହି ନାମରେ କେତେ ଲୋକ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ କମାଉଛନ୍ତି । ପ୍ରତି ଗଳିକନ୍ଦିରେ ବ୍ୟକ୍ତିତ୍ୱ ବିକାଶର କ୍ଲାସ୍ ଚାଲୁଛି । ଯଦି ନିଜ ପାଖରେ ଆତ୍ମ ବିଶ୍ୱାସ ଅଛି, ତେବେ କୌଣସି ପରିସ୍ଥିତିରୁ ବାହାରକୁ ବାହାରିବାର କିମ୍ବା କୌଣସି ପରିସ୍ଥିତିରେ ଆଗକୁ ବଢିବାର ଦକ୍ଷତା ଅଛି । ଆତ୍ମବିଶ୍ୱାସର ଶକ୍ତିରେ ଚେହେରା ଝଲସି ଉଠେ ଏବଂ ନିଜ ବ୍ୟକ୍ତିତ୍ୱରେ ନିଖାର ଆସେ । ଭାଷା ପ୍ରଭାବଶାଳୀ ହୋଇଥାଏ ସେଇଥିପାଇଁ ସର୍ବଦା ପଢିଲେ ଜ୍ଞାନ ବଢିବା ସହିତ ବାକ୍ ଶକ୍ତି ମଧ୍ୟ ପ୍ରଭାବଶାଳୀ ହୋଇଥାଏ । ଜ୍ଞାନ ଉପଲବ୍ଧି ରେ ନିଜ ମଧ୍ୟରେ ଆତ୍ମବିଶ୍ୱାସର ଜାଗ୍ରତ ହୁଏ । ପଢିବା ଦ୍ୱାରା ମଣିଷ ଶିକ୍ଷିତ ଏବଂ ଶିଖିବା ଦ୍ୱାରା ବ୍ୟକ୍ତିତ୍ୱର ବିକାଶ ହୋଇଥାଏ । ପଢିବା ଦ୍ୱାରା ବ୍ୟକ୍ତି ସର୍ବଦା **update** ରହେ । ବର୍ତ୍ତମାନରେ କଣ ଚାଲିଛି ତାକୁ ଜଣାଥାଏ । ଏଥିରେ ବ୍ୟକ୍ତିର **confidence** ବଢିବା ସହିତ ଲୋକଙ୍କ ଗହଣରେ ଆଦରଣୀୟ ମଧ୍ୟ ହୋଇଥାଏ ।  କିଛି ଲୋକଙ୍କୁ ଶୁଣିବା ଆଦୌ ପସନ୍ଦ ଆସେନାହିଁ । ସେମାନେ ଖାଲି କହିବାକୁ ଭଲ ପାଆନ୍ତି । ବେଳେବେଳେ କିଛି ଲୋକ କାହାର ପୁରାକଥା ଶୁଣି ନଥାନ୍ତି । ସେଥିପାଇଁ ଅନ୍ୟ ଲୋକଙ୍କ ପାଖରେ ତାଙ୍କର ଛବି ଖରାପ ହେବା ସହିତ କାର୍ଯ୍ୟରେ ମଧ୍ୟ ଖରାପ ପ୍ରଭାବ ପଡିଥାଏ । ସେଥିପାଇଁ ଏକ ଭଲ ବକ୍ତା ଠାରୁ ଏକ ଭଲ ଶ୍ରୋତା ହେବା ନିହାତି ଆବଶ୍ୟକ । ମନୁଷ୍ୟ ନିଜଠାରୁ ଯେତିକ ଶିଖି ନଥାଏ ଅନ୍ୟଠାରୁ ସେତିକ ଶିଖିଥାଏ ଏବଂ ଜ୍ଞାନ ମଧ୍ୟ ବଢିଥାଏ । ଏକ ଭଲ ଶ୍ରୋତା ହେବା ଦ୍ୱାରା ଅନ୍ୟ ପାଖରେ ଥିବା ଜ୍ଞାନକୁ ଆହରଣ କରିବାର ଅବସର ପ୍ରାପ୍ତ ହୋଇଥାଏ । ଯାହାର ଶୁଣିବାରେ କ୍ଷମତା ଥାଏ, ନିଜ ଭୁଲ ସୁଧାରିବା ସହିତ ବୁଝିବାର କ୍ଷମତା ମଧ୍ୟ ଅଧିକ ମାତ୍ରାରେ ଥାଏ । ଏଠି କୌଣସି ପ୍ରକାର ଭୁଲ୍ କରିବାର ପ୍ରଶ୍ନ ଉଠେନି । ଏହି ସମସ୍ତ ଗୁଣର ଅଧିକାରୀ ବ୍ୟକ୍ତିର ବ୍ୟକ୍ତିତ୍ୱ ସର୍ବଦା ଉଜ୍ଜ୍ୱଳ ହୋଇଥାଏ ।

**Expression** ମୁଖର ହାବଭାବ, ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶରେ ମଧ୍ୟ ଗଭୀର ପ୍ରଭାବ ପକାଇଥାଏ । କାହା ସାଙ୍ଗରେ ବି ଦେଖା ହେଉ, ହାଲକା ହାସ୍ୟର ପ୍ରଭାବ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଲକ୍ଷଣ । ଆପଣଙ୍କ ମୁଡ୍ କେତେବି ଖରାପ ହେଇଥାଉନା କାହିଁକି ସମସ୍ତଙ୍କ ସାଙ୍ଗରେ ହସି ହସି କଥା ହେବା ଉଚିତ । ମୁଡ୍ ଖରାପର ପ୍ରଭାବ କାହାକୁ ଦେଖାଇବା

ଉଚତ୍ ନୁହେଁ । ଏହା ଆପଣଙ୍କ ବ୍ୟକ୍ତିତ୍ୱର ବିକାଶରେ ବାଧା ସୃଷ୍ଟି କରିଥାଏ । ବେଳେବେଳେ କୌଣସି କାରଣ ବଶତଃ ରାଗ ଲାଗେ । ଏବଂ ଏହା ଆମ ମୁଖମଣ୍ଡଳରେ ଦେଖାଯାଇଥାଏ । ଏହି ଭାବ ଆପଣଙ୍କ ବ୍ୟକ୍ତିତ୍ୱରେ ଭୁଲ୍ ପ୍ରଭାବ ପକାଇଥାଏ । ସେଥିପାଇଁ ଭାବନାକୁ ସର୍ବଦା ନିୟନ୍ତ୍ରଣରେ ରଖିବା ଉଚତ । ପରିବାର ହେଉ ବା ଅଫିସ୍ ହେଉ, ସବୁ କଥା ଠିକ୍ ଭାବରେ ଶୁଣିସାରିଲା ପରେ ନିଜ ଦୃଷ୍ଟିକୋଣ ନିଷ୍ଠୟ ରଖିବା ଉଚତ୍ । ଏମିତି କରିବା ସମୟରେ **polite** ଶବ୍ଦ ର ପ୍ରୟୋଗ କରିବା ଉଚତ୍ । ଧ୍ୟାନ ରଖିବା ଉଚତ ଯେ ଆପଣଙ୍କ କଥା କାହାକୁ ଖରାପ ନଲାଗୁ । ସମସ୍ତଙ୍କୁ ଧ୍ୟାନରେ ରଖି କଥା କହିବା ଉଚତ । ଯଦି ଆପଣଙ୍କ ପ୍ରତ୍ୟେକ ଶବ୍ଦ ଠିକ୍ ରେ ରଖାଯାଏ, ତେବେ କାହା ବିରୋଧରେ କହିଲେ ମଧ୍ୟ ତାକୁ ଖରାପ ଲାଗି ନଥାଏ । ଏବଂ ସେହି ବ୍ୟକ୍ତି ଆପଣଙ୍କୁ ବୁଝିବାକୁ ଚେଷ୍ଟା କରିଥାଏ । ଏମିତି ବ୍ୟକ୍ତି ସମସ୍ତଙ୍କ ଭିତରେ ଅଲଗା ଛବି ବନେଇବାରେ ସଫଳତା ପ୍ରାପ୍ତ କରିଥାନ୍ତି । ସର୍ବଦା ନିଜକୁ ଚିହ୍ନିବାକୁ ଚେଷ୍ଟା କରନ୍ତୁ । ଏହାଦ୍ୱାରା ନିଜର ବିକାଶ ହୋଇଥାଏ । କୌଣସି କାର୍ଯ୍ୟ କରିବା ପୂର୍ବରୁ ତାର **negative point** ଉପରେ କଥା ହୁଅନ୍ତୁ ନାହିଁ । ବେଳେ ବେଳେ ଏହା ଆମର ଅଭ୍ୟାସ ବନିଯାଏ ଯଦ୍ୱାରା ବ୍ୟକ୍ତିର ଛବି ବିଗିଡିବାରେ ସମୟ ଲାଗେ ନାହିଁ ଏବଂ **confidence** ରେ ମଧ୍ୟ ସଫଳତା ମିଳେନାହିଁ । ଏପରି ଭାବନା ମନରେ ଆସିଲେ କିମ୍ବା ଏପରି ବ୍ୟକ୍ତିଙ୍କ ସମ୍ପର୍କରେ ଆସିବା ଉଚତ ନୁହେଁ । ଏହା ସର୍ବଦା **cofidence level** କୁ କମ୍ କରିଥାଏ ।

ଏହିପରି ସନ୍ତୁଳନ ମନୁଷ୍ୟକୁ ସ୍ୱୟଂ କରିବାକୁ ହିଁ ପଡିଥାଏ । ସେଥିପାଇଁ କୁହାଯାଏ ମନୁଷ୍ୟ ନିଜ ଭାଗ୍ୟର ସ୍ୱାମୀ ନିଜେ ଅଟେ । ମନୁଷ୍ୟ ନିଜର ଚରିତ୍ର ସ୍ୱୟଂ ବନାଏ । ଚରିତ୍ର କାହାକୁ ଉତ୍ତରାଧିକାରୀ ରୂପରେ ମିଳିନଥାଏ । ମାତା ପିତାଙ୍କ ଠାରୁ ବ୍ୟବହାରିକ କଥା ମାତ୍ର ଶିଖାଯାଇଥାଏ । କିନ୍ତୁ ଚରିତ୍ର ମନୁଷ୍ୟ ସ୍ୱୟଂ ବନାଇଥାଏ । ବେଳେବେଳେ ମାତା, ପିତା, ପୁତ୍ର ଚରିତ୍ରରେ ଅସମାନତା ଦେଖାଯାଇଥାଏ । ଏହା ମଧ୍ୟ ଉତ୍ତରାଧିକାରୀ ନୁହେଁ । ଏହା ପରିସ୍ଥିତି ଚକ୍ରରେ ପଡି ହୋଇଥାଏ । ଜୀବନର ଅର୍ଥ ହେଉଛି ସଂଘର୍ଷ, ଶକ୍ତି, ମନୋବଳ ଏବଂ କର୍ମଶୀଳତା । ମନୋବଳ ଦ୍ୱାରା ହିଁ ବ୍ୟକ୍ତି ନିଜକୁ ବନେଇବାରେ କ୍ଷମତା ରଖେ । ନଚେତ, କରୋଡଙ୍କ ଭିଡରେ ନିଜକୁ ଚିହ୍ନିବା କଷ୍ଟକର ଅଟେ । ସମସ୍ତେ ନିଜ ନିଜ

କ୍ଷେତ୍ରରେ ଦୌଡ ଲଗାଇବାରେ ବ୍ୟସ୍ତ । କଏ ସୁନ୍ଦରତା ପାଇଁ, କଏ ବିଦ୍ୱତା ପାଇଁ, କଏ ବ୍ୟବହାରରେ ସ୍ୱତନ୍ତ୍ର ଚହ୍ଲଟ ପାଇଁ, ସମସ୍ତ ଚେଷ୍ଟା କରନ୍ତି । କନ୍ତୁ ଆମେ କେତେ ଭ୍ରମ ପାଳୁଛେ । ନଜର ଚହ୍ନଟ ଚରିତ୍ର ବିନା ବନବା ଅସମ୍ଭବ । ଚରିତ୍ର ଏକ ସାଧନା ଅଟେ । ଚରିତ୍ରକୁ ନତ୍ୟ ସଂରକ୍ଷଣ ଆବଶ୍ୟକ । ଏହା କେବଳ ମଜବୁତ୍ ମନୋବଳ ଦ୍ୱାର୍ ହିଁ ପାଇବା ସମ୍ଭବ ଅଟେ ।

ଦିନେ ଜଣେ ବ୍ୟକ୍ତି ସିଗାରେଟ୍ ଟାଣିବାରେ ବ୍ୟସ୍ତ ଥିଲେ । ବ୍ୟକ୍ତି ଜଣକ ହାତେ ଲମ୍ବା ଏକ ନଳୀ ସାହାଯ୍ୟରେ ସିଗାରେଟ୍ ଲଗେଇ ପିଉଥିଲେ । କଏ ଜଣେ ପଚ୍ଚରିଲେ – ଆରେ ଭାଇ, ଏତେ ଲମ୍ବା ନଳୀ କାହିଁକି ଲଗେଇଛ? ବ୍ୟକ୍ତି ଜଣଙ୍କ କହିଲେ, ସ୍ୱାସ୍ଥ୍ୟ ରକ୍ଷାରେ ପଢିଛି, ଧୂମ୍ରପାନରୁ ଦୂରରେ ରହିବା ଉଚତ । ସେଥିପାଇଁ ଏହାକୁ ପାଖକୁ କେମିତି ଆଣିପାରିବି । ବ୍ୟକ୍ତି ଚରିତ୍ରର ଦୁର୍ବଳତା ହେତୁ ସେ ଏମିତି ନର୍ଣ୍ଣୟ ନେଇଥିଲେ । ସେହିପରି ଭୁଲ୍ କୁ ଠିକ୍ କରିବା ଚରିତ୍ର ଦୂର୍ବଳତାର ଲକ୍ଷଣ ଅଟେ । ଆଜିର ଶିକ୍ଷିତ ସମାଜରେ ମଧ୍ୟ ଏହିପରି ଅନେକ ବିବେକହୀନତା କାର୍ଯ୍ୟ ଦେଖାଯାଉଛି ଚେତନାକୁ ଦୂଷିତ କରୁଥିବା ସ୍ଥିତି ଉପରେ ଚୁପ୍ ରହି । ଚରିତ୍ର ହେଉଛି ଯାହା ନଜକୁ ଜଣା ଅଛି । ସେଇଟା ନୁହେଁ ଯେଉଁଟା ଅନ୍ୟ ଲୋକ ଆପଣଙ୍କ ବିଷୟରେ ଭାବୁଛନ୍ତି । ଛୋଟ ଛୋଟ କଥାରୁ ହିଁ ମନୁଷ୍ୟର ଚରିତ୍ର ଦର୍ପଣ ଭଳ ଝଲସି ଉଠେ । ସେଥିପାଇଁ କୌଣସି ବଡ ଉପଲବ୍ଧିର ଆବଶ୍ୟକତା ନାହିଁ ।

ଜୟ ଉତ୍କଳ, ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ମୌନ ଦର୍ପଣ | ମମତା ଦାଶ | ୧୪ |
| ଆମେ ସମସ୍ତେ ଭୀଷ୍ମ | ବିନୟ ମହାପାତ୍ର | ୧୫ |
| ଅନିଶ୍ଚିତତା | ଭାସ୍କର ଚନ୍ଦ୍ର ଖଣ୍ଡା | ୨୧ |
| ଜନ୍ମ ପରେ ଜନ୍ମ | ନୀଳମାଧବ କର | ୨୩ |
| ଜଣେ "ଫାୟାର ଫାଇଟର" ର କାହାଣୀ | ଶଶଧର ମହାପାତ୍ର | ୨୫ |
| ଶୂନ୍ୟ ହସ୍ତେ ଫେରିବା କଥା | ଶାନ୍ତିଲତା ମିଶ୍ର | ୩୬ |
| ଲେଖିନେ ସୁନ୍ଦର ଭାଗ୍ୟଟେ | ପ୍ରାଧାପିକା ଜ୍ୟୋସ୍ନା ରାୟ | ୩୭ |
| ଝରକା | ସୁଲୋଚନା ପଟ୍ଟନାୟକ | ୩୯ |
| ନଗ୍ନଚନ୍ଦ୍ର | ଅନୁସୂୟା ମିଶ୍ର | ୪୫ |
| ଆଜି ବି ବାଲିଯାତ୍ରା | କାର୍ତ୍ତିକ ପାଣିଗ୍ରାହି | ୪୭ |
| ସୁନ୍ଦରବନରେ ଯାତ୍ରା | ଅଶୋକ ବିଶ୍ୱାଳ | ୫୦ |
| କବି ର ବାଣୀ | ଆଶୁତୋଷ ମେହେର | ୬୨ |
| ମିଠା ସପନ | ସଂଯୁକ୍ତା ମହାପାତ୍ର | ୬୩ |
| ରାସ୍ତା ଓ ସହଯାତ୍ରୀ | ଡକ୍ଟର ବିଜ୍ଞାନୀ ଦାସ | ୬୫ |
| ତପଃପ୍ରଭା | ଦୀପକ ଷଡ଼ଙ୍ଗୀ | ୭୪ |
| ବାଲିସିଂହ | ବିନୟ ମିଶ୍ର | ୭୬ |
| ଉଠ କଙ୍କାଳ | ବୈଦ୍ୟନାଥ ପଣ୍ଡା | ୭୭ |
| ନିର୍ବାଣ | ରେଜାଲିନ ମିଶ୍ର | ୭୯ |
| ମଗୁସୁର ଆସେ | ପ୍ରେମଶିଲ୍ ରାଉତ | ୮୫ |

| | | |
|---|---|---|
| ଜୀବନ ରଙ୍ଗ | ଅମ୍ବିକା ସ୍ୱାଇଁ | ୮୭ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୮୮ |
| କନ୍ୟା ଅମୂଲ୍ୟ ରତ୍ନ | ପ୍ରଣତି ମହାପାତ୍ର | ୯୬ |
| ଶାସ୍ତ୍ରୀୟ ମାନ୍ୟତା | ଉଦୟନ ସୂପକାର | ୯୮ |
| ଅନ୍ଧାର | ଡ. ଜ୍ଞାନେଶ୍ୱର ମିଶ୍ର | ୯୯ |
| ନୋକଆ ଷୋଳଶହ | ଲୋପାମୁଦ୍ରା ମିଶ୍ର | ୧୦୧ |
| ଜୀବନ ଦର୍ଶନ | ହରେରାମ ପଣ୍ଡା | ୧୧୧ |
| ମହାନ୍ ମୋ ଐତିହ୍ୟ | ହାସ୍ୟମୟୀ ରାଜ | ୧୧୩ |
| ଅତି ଆପଣାର ଗାଁ | ପ୍ରକାଶ ସାହୁ | ୧୧୫ |
| ଜୀବନେ ଯିବିନ ହାରି | ଅନାମ ଚରଣ ସାହୁ | ୧୧୭ |
| ଢିଙ୍କି | ଆରତୀ ସାହୁ (ଆଶା) | ୧୧୯ |
| ତୃଷ୍ଣା ଓ ତୃପ୍ତି | ନୂତନ କୁମାର ବେହେରା | ୧୨୨ |
| ଭିନ୍ନ ଏକ ପୃଥିବୀର ଅନ୍ୱେଷଣ | ସୁମିତ୍ରା ପୃଷ୍ଟି | ୧୨୫ |
| ଦୋଷୀର ଆମ୍ କଥା | ବିଜୟ କୁମାର ପଣ୍ଡା | ୧୨୭ |
| ଜଗତେ ଜଣେ | ଖଗେଶ୍ୱର ବାଗ | ୧୩୪ |
| ନିର୍ମାଲ୍ୟ ପରଶେ ହାତେ | ଶରତ ଚନ୍ଦ୍ର ଜାଲି | ୧୩୫ |
| ଫେସବୁକ | ସିଦ୍ଧେଶ୍ୱର ତ୍ରିପାଠୀ | ୧୩୭ |
| ଲେଖନୀ | ନବ କୁମାର ଦାସ | ୧୪୦ |
| ଶିଶୁ | ତରଙ୍ଗ ଚଣ୍ଡି | ୧୪୨ |
| ଗାନ୍ଧୀଙ୍କର ଦେଶ | ଶିଶିର କୁମାର ପଣ୍ଡା | ୧୪୩ |
| କଂପ୍ୟୁଟର ହେ ତୁମେ ଭଗବାନ ଙ୍କ ଆଉ ଏକ ଅବତାର | ମନୋଜ କୁମାର ପଣ୍ଡା | ୧୪୪ |
| ଦେଖା ଯିବ ଆଜି ନୂଆ | ନରେନ୍ଦ୍ର ପ୍ରସାଦ ବେହେରା | ୧୪୯ |

| | | |
|---|---|---|
| ଆମ ବିଦ୍ୟାଳୟ | ଅନଙ୍ଗ ମଞ୍ଜରୀ | ୧୫୧ |
| ଆସୁଅଛି ଭୋଟ | ଅନଲ କୁମାର ସାହୁ | ୧୫୩ |
| ଦେହ | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୫୫ |
| ଦୂର ପାହାଡ଼ | ଅବିନାଶ ବେହେରା | ୧୫୭ |
| ଅମିତାଭ ସ୍କୁଲରେ, ଅଗ୍ନେକ ଦିନେ | ପ୍ରିୟବ୍ରତ ପାତ୍ର | ୧୫୪ |
| ଅନ୍ଧାର | ଡ. ଜ୍ଞାନେଶ୍ୱର ମିଶ୍ର | ୧୬୬ |
| ମାୟାବୀ ସଂସାର | ଆର୍ଯ୍ୟରଶ୍ମି ଦଳାଇ | ୧୬୮ |
| ଆସ ବାପୁ ପୁଣି ଥରେ ନୂଆ ରୂପରେ ଆଉ ନୂଆ ଢଙ୍ଗରେ | ଅଜୟ କୁମାର ବେହେରା | ୧୬୯ |
| ଦୟାମୟ ହେ | ରାଜକିଶୋର ସାଇଁ | ୧୭୧ |
| ପାନ୍ଥ | ଶୁଭ ପଧାନ | ୧୭୨ |
| ଦୁଷ୍ଟ ବାଳକ | ରାଜେଶ କୁମାର ବାରିକ | ୧୭୩ |
| କ୍ଷଣକର ପେସ | ଶୈଳବାଳା ଷଡଙ୍ଗୀ | ୧୭୬ |
| ତୁମ ସ୍ମୃତିରେ | କେଶରୀ ପ୍ରସାଦ ମହାନ୍ତି | ୧୭୭ |
| ଛୋଟ ମୋର ନାଆଟି | ପ୍ରଫେସର ଅନନ୍ତା ପଣ୍ଡା | ୧୭୯ |
| ମୋ ବୋଉ | ସଙ୍ଗୀତା ମହାନ୍ତି | ୧୮୬ |
| ଗଙ୍ଗଶିଉଳ | ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ | ୧୮୮ |
| ଅନୁରୋଧ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୮୯ |
| ଜନ୍ମଦିନ | ସୂର୍ଯ୍ୟକାନ୍ତ ବେହେରା | ୧୯୮ |
| ଅଳସୀ କନ୍ୟା | ବିଦ୍ୟାଧର ମିଶ୍ର | ୨୦୦ |
| ବେକୁବ୍ | ସୁଷମା ପରିଡା | ୨୦୧ |
| କଛି ମୂଲ୍ୟ ନାହିଁ | କୃଷ୍ଣ ଚନ୍ଦ୍ର ଡାକୁଆ | ୨୧୩ |

| | | |
|---|---|---|
| କରିଦଅ ମୋତେ ବନ୍ଦି | ପ୍ରଶାନ୍ତ କୁମାର ନାଥ | ୨୧୫ |
| ଓଡ଼ିଆ ଘର ବୋହୂ | ଅରୁଣ କୁମାର ମହାନ୍ତି | ୨୧୬ |
| ଉପହାର | ସ୍ୱର୍ଣ୍ଣପ୍ରଭା ଖଟୁଆ | ୨୩୯ |
| ସ୍ୱାଧିନତା ସଂଗ୍ରାମ – ସ୍ୱାଧିନତା ସଂଗ୍ରାମୀ ଓ ତାଙ୍କର ଦାୟାଦ | କରଣ ବାଳା ଦାଶ | ୨୨୦ |
| ଇଂରାଜୀ କଲମ | ଆଶ୍ରିତ୍ ମହାପାତ୍ର | ୨୨୬ |
| ପ୍ରେମ | ବିଭୁତି ରଞ୍ଜନ ପାଣିଗ୍ରାହୀ | ୨୨୯ |
| ଦେଉଲ୍ | ରାଜେଶ ପୂଜାରୀ | ୨୩୦ |
| ଲାଲ ସଲାମ | ଶିବରାମ ଦଳେଇ | ୨୩୨ |
| ଛାଡ଼ଖାଇ ର କବିତା | ନବକିଶୋର ଦୀପ | ୨୩୪ |
| ସଭ୍ୟ ସମାଜ | ନବୀନ କୁମାର ପଧାନ | ୨୩୬ |
| ଫୁଲ | ପୂର୍ଣ୍ଣଚନ୍ଦ୍ର ରଣା | ୨୩୮ |
| ଆତ୍ମା ଏକ ତଥ୍ୟ ବା କେବଳ ତର୍କ | ବାଲ୍ମୀକି ନାୟକ | ୨୪୦ |
| ତୁମ ପାଇଁ | ପ୍ରଦେଶ କୁମାର ପ୍ରଧାନ | ୨୪୩ |
| ଜନମ୍ ନୁଁ ମରନ | ଶଶାଙ୍କ ଶେଖର ସାହୁ | ୨୪୫ |
| ମିଛ ଦୁନିଆର ମିଛ କାହାଣୀ | ଦେବବ୍ରତ ବାରିକ | ୨୪୬ |
| କଳ୍ପନାର ମାନସ ପଟରେ କଳ୍ପିତା | ଦୀନେଶ ଅଗ୍ରୱାଲ | ୨୪୮ |
| ଭଙ୍ଗା ହୃଦୟ | ହେମନ୍ତ ରାଣା | ୨୫୦ |
| ଭାଗବତ କଥା - ତୃତୀୟ ଅଧ୍ୟାୟର ସାରକଥା | ନରେନ୍ଦ୍ର ପ୍ରସାଦ ବେହେରା | ୨୫୧ |
| ଦୁଃଖେ ନାଇନ | ଚିତ୍ତରଞ୍ଜନ ପଧାନ | ୨୫୩ |
| ଗାନ୍ଧାରୀ | ଦେବାଶିଷ୍ ସାଗର | ୨୫୪ |

| | | |
|---|---|---|
| ରେ ସରକାର୍ | କବି ପ୍ରସାଦ | ୨୫୬ |
| ବିଦେଶ ଖବର | ବେଦାନ୍ତୀ ପରିବାର | ୨୬୦ |


# ଶିଶୁ ବିଭାଗ


| | | |
|---|---|---|
| ଶାସ୍ତ୍ରୀଙ୍କ ବହି | ମମତା ଦାଶ | ୨୬୩ |
| ପରଜାପତି | ନରେଶ କୁମାର ତ୍ରିପାଠୀ | ୨୬୫ |
| ପଞ୍ଚକ | ପ୍ରେମଶିଲ୍ ରାଉତ | ୨୬୬ |
| ଜହ୍ନି ଫୁଲ ଠୋ ଠୋ | ଡ଼ଃ ରଞ୍ଜିତ କୁମାର ସାହୁ | ୨୬୯ |
| ଶିଶୁ ଦିବସ | ଚନ୍ଦ୍ର ଶେଖର ଗୋ | ୨୭୧ |
| ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୭୨ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୭୩ |

# ମୌନ ଦର୍ପଣ



ମମତା ଦାଶ

ଏକ ନାରଙ୍ଗୀ ସନ୍ଧ୍ୟା
ପତ୍ରଝଡରେ ଅଟକଥିବା ପତ୍ରପରି ଶାନ୍ତ
ନମ୍ର ମୁଖରେ ମଳୟର ମୃଦୁ ସ୍ପର୍ଶ
ହାଲକା ହାଲକା ଉଡୁଥିବା କେଶରେ
ମଲ୍ଲୀର ଗୁଚ୍ଛ
ସ୍ନେହ କଜ୍ଜ୍ୱଳରେ
ଶିଥିଳ ସମୟର
ବାସନା ଭରା ଅଦଭୂତ ରୂପ-ଲାବଣ୍ୟତା
ସନ୍ଧ୍ୟାର ତାରା ପରି ଟିମ୍ ଟିମ୍
ଏବେ ଖସିବ....ଏବେ ଖସିବ ସେହି
ଅଟକ ଥିବା ଅଶ୍ରୁ ଅତଳରେ
ସେହି ସୌମ୍ୟ ମୁଖମଣ୍ଡଳରୁ
ଉଲକା ପରି.................

ସମ୍ପାଦିକା

# ଆମେ ସମସ୍ତେ ଭୀଷ୍ମ



ବିନୟ ମହାପାତ୍ର

ସଂଧ୍ୟା ନଇଁଆସିଲ୍ ବେଳକୁ, ସକାଳ କଥା ଖୁବ୍ ବେଶି ମନେପଡେ । ସକାଳଟା ସତେ କେତେ ସୁନ୍ଦର ଥିଲ୍ ! ସିନ୍ଦୁର୍ ଫଟେଇ ସୂର୍ଯ୍ୟ ଉଇଁଥିଲ୍ । ସୂର୍ଯ୍ୟର ନାଲିଆ କରଣରେ ସବୁକଛି ଲ୍ଲ ହୋଇ ଯାଇଥିଲ୍ । ସତେ ଯେମିତି ଫଗୁଣରେ କଏ ଫଗୁ ଖେଳଗଲ୍ ଆକାଶର ଖୋଲ୍ ପଡିଆରେ । ନାଲିଆ ଅବିର ସବୁ ବିଛାଡି ଦେଇଗଲ୍ ଆକାଶର ନଳାଭ ଅଗଣାରେ | ସେଇ ଅବିରର ରଙ୍ଗରେ ସବୁକଛି ଲ୍ଲ ହୋଇଯାଇଥିଲ୍ । ଏ ଆକାଶ, ଗଛର ପତ୍ର, ନଇର ଜଳ, ସବୁଜ କ୍ଷେତ ସବୁକଛି ଲ୍ଲ ହୋଇଯାଇଥିଲ୍ । ସତେ ଯେମିତି କୁଆଁରୀ ଝିଅଟିଏ, ତାର ଅଜାଣତରେ ତାକୁ କଏ ଛୁଇଁ ଦେଇଗଲ୍ । ଜୀବନର ପ୍ରଥମ ପ୍ରଣୟ ଛୁଆଁରେ ସେ ଲ୍‌ଜେଇ ଲ୍ଲ ହୋଇ ଯାଇଛି ସତେ, ଆଉ ଲ୍ଲ ହୋଇଯାଇଛି ତାର ଦୁଧ ଅଳତା ରଙ୍ଗର ଗୋରୀ ମୁହଁଟା । ସୂର୍ଯ୍ୟର ନାଲିଆ ବିନ୍ଦିଟିଏ ଝଟକୁଛି ତାର ଖୋଲ୍ ମଥାଟାରେ । କଅଁଳ ସୂର୍ଯ୍ୟ କରଣ ବିଛେଇ ହୋଇଯାଇଗଲ୍ ଚଉଦିଗରେ । କାଉ ଆସିଲ୍, ସକାଳ ହେଲ୍ ବୋଲି ସଭିଙ୍କୁ ନଦରୁ ଉଠେଇଦେଇ ଗ୍ଲିଗଲ୍ । ପୁଣି ଚଳ ଚଞ୍ଚଳ ହୋଇଉଠିଲ୍ ଶୁପ୍ତ ପୃଥିବୀ । ହେଲେ ସକାଳକୁ ଧରି ରଖି ହେଲ୍ନ । ଦିପହରକୁ ବି, ଅପରାହ୍ନକୁ ବି, ସଂଧ୍ୟାକୁ ବି ଅଟକେଇ ହେଲ୍ନ । ସମସ୍ତେ ଆସିଲେ, ଦି ଘଡି ସାଙ୍ଗରେ ରହିଲେ, ପୁଣି ଆପଣା ଆପଣା ସମୟରେ ନଜ ବାଟରେ ବାହୁଡିଗଲେ ।

: ସମୟକୁ କହିଲି, ଆରେ ସମୟ, ରହି ଯାଆରେ ଆଉ ଟିକଏ । ଆଉ ଘଡିଏ କ ଦି ଘଡି ମୋ ସାଥିରେ ରହିଯାଆ ! କେତେଯେ କାମ କରିବାକୁ ବାକ ରହିଗଲ୍ । ପରୀକ୍ଷାବେଳର ଶେଷ ଘଣ୍ଟି ବାଜିସାରିବା ପରେ ପରୀକ୍ଷକ ଖାତା ଛଡେଇନେଲ୍ ପରି ସମୟବି ହାତଛଡା ହୋଇଯାଏ । ଆଉ ଦିଧାଡି ବାକ ରହିଗଲ୍ ଶେଷ ପ୍ରଶ୍ନର ଉତ୍ତରଟା ପୁର୍ କରିବାକୁ । ହେଲେ ପରୀକ୍ଷକ ଶୁଣେନା ସେଇ ବୀନତି । କଏ ପାଶ ହେଲେ କ ଫେଲ ହେଲେ

ପରୀକ୍ଷକର ବା କଣ ଯାଏ ଆସେ ? ସେମିତି ଏଇ ନିର୍ଦ୍ଦୟ ସମୟ, କାହାର ସୁଖ ଦୁଃଖ ସାଙ୍ଗରେ ତାର କିଛି ସମ୍ପର୍କ ନଥାଏ, ତାକୁ କିଛି ଫରକ ପଡେନା କାହାର ହସ ଲୁହ ଦେଖି।

ସମୟ ରହିଲାନି, ସେ ଗ୍ଲିଗଲା , ଗଲାବେଳେ ଖାଲି ମୁହଁ ମୋଡିଦେଇ କହିଲା, "ବୁଝିଲୁ ମୁଁ କାହା ପାଇଁ କେବେ ଅପେକ୍ଷା କରେନି ! ମୁଁ କାହା ସାଥିରେ ଗ୍ଲେନା । ତୁମ ଅନୁସାରେ ମୁଁ ଆସେନା କି ଯାଏନା । ପାରିବତ ତୁମେ ମୋ ସାଥିରେ ଗ୍ଲିବାକୁ ଚେଷ୍ଟାକର" । ସମୟକୁ ଅଟକେଇ ହୁଏନା । ଘଡିର ଟିକ୍ ଟିକ୍ ଶବ୍ଦ ସାଥିରେ ପାଦ ମିଳେଇ ସତେ ଅବା ସମୟ ଦଉଡି ପଳେଇ ଯାଏ । ଦିନ ସରିଆସିଲା ବେଳକୁ ମନେପଡେ, ସତରେ କେତେ ଯେ କାମ ବାକି ରହିଗଲା କରିବାକୁ, କିନ୍ତୁ କାମ ସରିବା ଆଗରୁ ସମୟ ସରିଗଲା । ମନହୁଏ ସମୟକୁ ଆଉ ଟିକିଏ ଅଟକେଇ ନିବାକୁ । କିନ୍ତୁ ସମୟ ତ ସମୟ, କାହାପାଇଁ କେବେ ଅପେକ୍ଷା କରିଛି ଭଲା । ସେ ମନକୁ ମନ ଆସେ, ମନକୁ ମନ ଗ୍ଲିଯାଏ, ସତେ ଅବା ମହାନଦୀର ଜଳଧାର୍ । ଯିଏ ବୋହିଗଲା ସିଏ ଗଲା, ପଛକୁ ଦେଖେନା, ସେ ଆଉ କେବେ ଫେରେନା । ମଣିଷ ଆଖିମଳ ସେମିତି ଗ୍ହିରହିଁଥାଏ । ବିତିଗଲା ସମୟ କଥା ଭ୍ବି ମନ ବାହୁନିହୁଏ, କିନ୍ତୁ ଅତିତ ଫେରେନା । ଜୀବନ ନାଟକର ପ୍ରତିଟି ଦୃଶ୍ୟ ଏମିତି ବିନା ରିହଲସାଲ ବିନା ରି-ଟେକରେ ହୁଏ । ଠିକ୍ ଭ୍ବେ ନାଚପାରିଲ ତ ଠିକ୍, ନହେଲେ ବ୍ୟର୍ଥଗଲା ସେହି ମୁହୁର୍ତ୍ତଟି । ଯେତେ ଝୁରିହେଲେବି ସେଇ ଭୂଲଟିର ଆଉ ସଂଶୋଧନ ହୋଇପାରେନା ।

: କାମ ସରିଲା ପରେ ଆସିବୁରେ ସଂଧ୍ୟା, ଆଉ ଟିକିଏ ଅପେକ୍ଷା କରିଯାଆ | ବାସ୍ କାମ ସରିଆସିଲାଣି । ଖାଲି ଫାଇନାଲ ଟଚ୍ ଟା ବାକିଅଛି । ହେଲେ ଅବୁଝା ଅମାନିଆ ପିଲାଟିଏ ଏଇ ସମୟ, ସିଏ କଣ ଶୁଣିବ କାହାର ଅନୁରୋ୍ଧ, ବୁଝିବ କାହାର ହୃଦୟର ବେଦନା ? ଓଲଟି ପଗ୍ରିବ, ଏତେ ବେଳ ଯାଏ କଣ କରୁଥିଲ ? ଦିନ ସରିଲା ବେଳକୁ ମନେ ପଡୁଛି କାମ ବାକି ରହିଗଲା ବୋଲି ? ଦିନ ସାର୍ ତ ବଡ ଆରାମରେ କଟେଇ ଦେଲ, ନା' ଗଲା କାଲି କଥା ମନେ ପଡିଲା ନା' ଆସନ୍ତା କାଲିର କଥା ଭ୍ବିଲ ? ମୁଁ ଆସିଲେ ଅନ୍ଧାର ଆସିବ, ଏ କଥା କଣ ଜାଣି ନଥିଲ ? ଲଣ୍ଠନରେ କିରୋସିନ ରଖିବନି, ହାତରେ ଦିଆସିଲି ନାହିଁ, ଆଉ କଣନା ବାହାରିଛ ଅନ୍ଧାରକୁ ଅଟକେଇଦେବ ବୋଲି । ଅନ୍ଧାରକୁ କହିବ, ଅଟକି ଯାଆରେ ଟିକେ, ଅନ୍ଧାର କାହିଁକି ଶୁଣିବ ଯେ ତୁମର ଅନୁରୋ୍ଧ ?

ସମୟର କଥା ଶୁଣି ଚମକ ପଡିଲି ଟିକଏ | ପୁଣି ମନକୁ ମନ କହିଲି, ନାହିଁରେ ଅନ୍ଧାର, ସବୁ କଥା ଭାବିଛି ମୁଁ, ଗଲା କାଲିର କଥା, ଆସନ୍ତା କାଲିର କଥା ବି । ହେଲେ କଣ ବା କରିପାରି ଥାଆନ୍ତି କହ ? ସବୁବେଳେ ବର୍ତ୍ତମାନଟା ହିଁ ମୋ ପାଇଁ ସବୁଠାରୁ ମୂଲ୍ୟବାନ ଥିଲା, କିନ୍ତୁ ସେଇ ବର୍ତ୍ତମାନଟା କେବେବି ସରିଲାନି । ତୁ ତ ସବୁ ଦେଖିଛୁ, ଆଉ ଦେଖୁଛୁ, ତୋତେ କଣବା ଅଛପା ଯେ ? ଦେଖୁନୁ ମୁଁ ସବୁବେଳେ କିପରି ସେଇ ବର୍ତ୍ତମାନର ପାତ୍ରଟିକୁ ଭରିବାରେ ଲାଗି ପଡିଛି ! ବର୍ତ୍ତମାନର ପାତ୍ର ଭରୁ ଭରୁ ଦିନ ସରିଯାଉଛି ସିନା, ହେଲେ ବର୍ତ୍ତମାନଟା ଏମିତି ଗୋଟିଏ ଫଟା ମାଠିଆ ଯେ, ଯେତେ ଭରିଲେ ବି ପୂର୍ଣ୍ଣ ହେବାର ନାଆଁ ନେଉନି । ପାଟି ମେଲେଇ ଆଁ କରି ଅନେଇ ବସିଛି । ଆହୁରି ଦିଅ, ଆହୁରି ଦିଅ, ସର୍ବଗିଳା ବର୍ତ୍ତମାନ । ସବୁ ଖାଇ ହଜମ କରି ଦେଉଛି, ତଥାପି ସବୁବେଳେ ଭୋକିଲା ରହିଯାଉଛି । କିଛି ବଳିଲେ ସିନା ଗଲା କାଲି କଥା ଭାବିବି କି ଆସନ୍ତା କାଲି ପାଇଁ କିଛି କରିବି ।

ସମୟକୁ କହିଲି, ତୁ କଣ ଜାଣିନୁ, ଗୁର୍ବାଜିଙ୍କ ସେଇ ଗଳ୍ପଟି, ପିଲା ଦିନେ ସ୍କୁଲରେ ପଢିଥିଲେ । ତାଙ୍କର ସେଇ ତିନୋଟି ଉପଦେଶ, ତିନୋଟି ମୁଲ୍ୟବାନ ନୀତି । 'ସବୁଠାରୁ ମୂଲ୍ୟବାନ ସମୟ କେଉଁଟା, ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତି କିଏ ଏବଂ ସବୁଠାରୁ ଗୁରୁତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କଣ' ! ମନେ ନାହିଁ ଯଦି, ଆଉଥରେ ମନେ ପକେଇ ଦେଉଛି ଶୁଣ ।

: ବହୁତ ପୁରୁଣା ଦିନର କଥା, ଅଗନା ଅଗନୀ ବନସ୍ତରେ ଆଶ୍ରମଟିଏ ଥିଲା, ସେଠାରେ ଜଣେ ଋଷି ତାଙ୍କର ଶିଷ୍ୟମାନଙ୍କୁ ସହିତ ରହୁଥିଲେ । ଖୁବ୍ ସୁନ୍ଦର ଆଶ୍ରମଟିଏ, କହନ୍ତି ସେ ଆଶ୍ରମରେ ସବୁ ଋତୁରେ ବସନ୍ତର ବାସ ଥାଏ । ବର୍ଷସାରା ଆଶ୍ରମଟି ଫଳଫୁଲରେ ଭରିରହୁଥିଲା । ସମସ୍ତ ଆଶ୍ରମବାସୀ ବହୁତ ଖୁସିରେ ଥିଲେ । ଋଷିଙ୍କର ଖ୍ୟାତି ଚାରିଦିଗରେ ବ୍ୟାପିଥିଲା । ସମସ୍ତେ ବଡ ଶ୍ରଦ୍ଧା ଓ ସମ୍ମାନ କରୁଥିଲେ ଋଷିଙ୍କୁ । ଏକଦା ସେ ଦେଶର ରାଜା ଋଷିଙ୍କର ଦର୍ଶନ ପାଇଁ ଆଶ୍ରମରେ ଆସି ପହଞ୍ଚିଲେ । ରାଜା ଆସିବା ଖବର ଶୁଣି ତାଙ୍କର ସ୍ୱାଗତ ପାଇଁ ଋଷି ଆଶ୍ରମରୁ ବାହାରି ଆସିଲେ, କିନ୍ତୁ ସେ ରାଜାଙ୍କ ପାଖରେ ପହଞ୍ଚିବା ସମୟରେ ହଠାତ୍ କେଉଁଠାରୁ ଗୋଟିଏ ଶିକାରୀ କ୍ଷତ ବିକ୍ଷତ ଅବସ୍ଥାରେ ଆସି ଅକସ୍ମାତ ଋଷିଙ୍କ ସାମ୍ନାରେ ଅଚେତ ହୋଇ ଖସିପଡିଲା । ହଠାତ୍ ଏପରି ଏକ ଅଭାବନୀୟ ପରିସ୍ଥିତିରେ ଋଷି ଟିକଏ ବିଚଳିତ ହୋଇଗଲେ ଏବଂ ଶିକାରୀଟିର ଗୁରୁତର ଅବସ୍ଥା ଦେଖି ସେ ରାଜାଙ୍କର ସ୍ୱାଗତ କରିବା କଥା ଭୁଲିଗଲେ ଏବଂ ଶିଷ୍ୟ ମାନଙ୍କ ସହିତ

ଅଚେତ ଶିକାରୀକୁ ଆଶ୍ରମ ଭିତରକୁ ନେଇଗଲେ । ସେଠାରେ ତାର ସେବା ସୁଶୃଷା କରିବାରେ ଲାଗି ପଡିଲେ ଏବଂ କିଛି ସମୟ ପରେ ଶିକାରୀଟିର ଚେତା ଫେରିଲା, ତାପରେ ଋଷି ଶିକାରୀକୁ ଶିଷ୍ୟଙ୍କ ଦାୟିତ୍ୱରେ ଛାଡି ରାଜାଙ୍କର ସ୍ୱାଗତ କରିବା ପାଇଁ ରାଜାଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ।

ଏସବୁ ଘଟଣା ଦେଖି ରାଜା କିଛି ବୁଝି ପାରୁ ନଥାନ୍ତି, ଋଷି ଏପରି କାହିଁକି କଲେ ! ସିଏ ଏ ଦେଶର ରାଜା, କିନ୍ତୁ ଋଷି ପ୍ରଥମେ ତାଙ୍କର ସ୍ୱାଗତ ନକରି ଜଣେ ସାମାନ୍ୟ ଶିକାରୀର ସେବାରେ ଲାଗିଗଲେ ? ରାଜା ତାଙ୍କର ଜିଜ୍ଞାସାକୁ ବେଶି ସମୟ ମନରେ ଗୁପିରଖି ପାରିଲେ ନାହିଁ । କିଛି ସମୟ ପରେ ତାଙ୍କର ସନ୍ଦେହ ଦୁର କରିବା ପାଇଁ ରାଜା ଋଷିଙ୍କୁ ପଚାରିଲେ, ହେ ଗୁରୁଦେବ ! ଆପଣଙ୍କ ବ୍ୟବହାର ଦେଖି ମୋ ମନରେ ଗୋଟିଏ ପ୍ରଶ୍ନ ଉଠୁଛି । ଦୟାକରି ମୋର ସନ୍ଦେହ ମୋଚନ କରନ୍ତୁ । ଋଷି କହିଲେ, ହେ ରାଜନ, ନିସଙ୍କୋଚ ଆପଣ ନିଜର ଜିଜ୍ଞାସା ମୋତେ ଖୋଲିକରି କୁହନ୍ତୁ । ରାଜା ଆସ୍ୱସ୍ଥ ହୋଇ ଋଷିଙ୍କୁ କହିଲେ, ମହାଭାଗ, ମୁଁ ଏ ଦେଶର ରାଜା ଏବଂ ଆପଣଙ୍କର ଅତିଥି, କିନ୍ତୁ ଆପଣ ମୋର ସ୍ୱାଗତ କରିବାକୁ ଗୁରୁତ୍ୱ ନଦେଇ ଜଣେ ଅନାମଧେୟ ସାମାନ୍ୟ ଶିକାରୀର ସେବା କରିବାକୁ ଅଧିକ ମହତ୍ୱ ଦେଲେ, ଏପରି କରିବାର କାରଣ ମୋ ମନକୁ ଆନ୍ଦୋଳିତ କରୁଛି? ଋଷି କିଛି ସମୟ ନୀରବ ରହି ଟିକିଏ ମୁରୁକି ହସିଲେ, ପୁଣି କହିଲେ 'ହେ ରାଜନ୍, ସଂସାରରେ ତିନୋଟି ମୂଲ୍ୟବାନ ନୀତି ସର୍ବଦା ମନେ ରଖିବ । ପ୍ରଥମଟି ମୂଲ୍ୟବାନ ସମୟ କେଉଁଟି, ଦ୍ୱିତୀୟଟି ମହତ୍ୱପୂର୍ଣ୍ଣ ବ୍ୟକ୍ତି କିଏ, ତୃତୀୟଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କଣ !

ଋଷି କହିଲେ, "ବର୍ତ୍ତମାନ" ହିଁ ମନୁଷ୍ୟ ପାଇଁ ସବୁଠାରୁ ମୂଲ୍ୟବାନ ସମୟ, ଏହି ସମୟରେ ଆପଣଙ୍କ ସହିତ ଯିଏ ସବୁ ଅଛନ୍ତି ସେମାନେ ହିଁ ଆପଣଙ୍କପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବ୍ୟକ୍ତି ଏବଂ ସେହି ବ୍ୟକ୍ତିମାନଙ୍କ ପାଇଁ ଆପଣ ଯାହାକିଛି କରି ପାରିବେ ତାହା ହିଁ ହେଉଛି ଆପଣଙ୍କପାଇଁ ଅଧିକ ଗୁତ୍ୱତ୍ୱପୂର୍ଣ୍ଣ କାର୍ଯ୍ୟ । ଯେତେବେଳେ ଆପଣ ଏଠାକୁ ଆସିଲେ ଠିକ୍ ସମୟରେ ଶିକାରୀଟି ମଧ୍ୟ ଆହତ ଅବସ୍ଥାରେ ଆସି ପହଞ୍ଚିଥିଲା । ସେ ସମୟରେ ଆପଣଙ୍କ ସ୍ୱାଗତ ତୁଳନାରେ ଜଣେ ଆହତ ବ୍ୟକ୍ତିର ଜୀବନ ରକ୍ଷା ମୋ ପାଇଁ ଅଧିକ ମହତ୍ୱପୂର୍ଣ୍ଣ ଥିଲା । ଯଦି ସେ ସମୟରେ ମୁଁ ଆହତ ଶିକାରୀକୁ ଛାଡି ମହାରାଜାଙ୍କର

ସ୍ୱାଗତ କରି ଥାଆନ୍ତି, ତେବେ ହୁଏତ ଶିକାରୀଟିର ପ୍ରାଣ ଚ୍ୟୁଲି ଯାଇଥାଆନ୍ତା । ଆଶା କରୁଛି ରାଜନ୍ ମୋର ପରିସ୍ଥିତିକୁ ବୁଝି ପାରିବେ ।"

ଚାର୍ବାକଙ୍କର ସେହି ଉକ୍ତି ଏହି "ବର୍ତ୍ତମାନ" ଉପରେ ହିଁ ମୁଁ ମୋର ସମସ୍ତ ଧ୍ୟାନ କେନ୍ଦ୍ରିତ କରି ରଖିଛି । ମୋର ବର୍ତ୍ତମାନରେ 'ମୋର ସ୍ତ୍ରୀ, ସନ୍ତାନ ପରିବାର' ମୋ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ମୋର ସମସ୍ତ ଚେଷ୍ଟା ସେମାନଙ୍କର ଆବଶ୍ୟକତାକୁ ପୂର୍ଣ୍ଣ କରିବାରେ ଚ୍ୟୁଲି ଯାଉଛି, କିଛି ବଳଲେ ସିନା ଗତକାଲି, ମାନେ ମୋର ବୃଦ୍ଧ ମାତା ପିତାଙ୍କ ପାଇଁ କିଛି କରିବି ଅବା ମୋର ଭବିଷ୍ୟତ ପାଇଁ କିଛି ସଞ୍ଚୟ କରିବି । କିନ୍ତୁ ବିଡମ୍ବନା ଦେଖ, ମୋର ବର୍ତ୍ତମାନ ଏପରି ଏକ ଫଟା ମାଠିଆ ପରି ହୋଇଯାଇଛି ଯେ ମୁଁ ଯେତେ ଚେଷ୍ଟା କଲେବି, ଯେତେ ଭରିଲେ ବି ସେଇ ଫଟା ମାଟିଆଟି ପୂର୍ଣ୍ଣ ହୋଇ ପାରୁନି !

ମୁଁ ଜାଣିଛି ତାର କଣ ପରିଣାମ କଣ ହେବ ? ଦିନ ଆସିବ, ମୁଁ ବି ମୋର ପିତାମାତାଙ୍କ ପରି ବାର୍ଦ୍ଧକ୍ୟ ଅବସ୍ଥାରେ ପହଞ୍ଚିଯିବି । ସେତେବେଳେ ଭାବିବି, ମୁଁ ମୋର ଯୌବନରେ ପତ୍ନୀ ପୁତ୍ର ପ୍ରେମରେ କେତେ ଅନ୍ଧ ହୋଇଯାଇଥିଲି ସତେ । ମୋର ପରିବାକୁ କେବଳ ମୋର ପତ୍ନୀ ଏବଂ ନିଜ ସନ୍ତାନ ଭିତରେ ସୀମିତ କରିଦେଇଥିଲି । ମୁଁ କିପରି ଭୂଲିଗଲି ମୋର ଜନ୍ମଦାତା ପିତାମାତାଙ୍କୁ, ଯେଉଁମାନେ ମୋତେ ଏ ସଂସାରକୁ ଆଣିଥିଲେ । ଯେଉଁମାନେ ସେମାନଙ୍କର ସାରା ଜୀବନର ତପସ୍ୟା ମୋରି ପଛରେ ସାରି ଦେଇଥିଲେ । ସେମିତି ଦିନେ ଆସିବ, ଯେତେବେଳେ ମୋର ସନ୍ତାନ ମାନଙ୍କ ପାଇଁ ମୁଁ ମଧ୍ୟ ମୋର ପିତାମାତାଙ୍କ ପରି ଅଦରକାରୀ ଏବଂ ଗୁରୁତ୍ୱହୀନ ହୋଇ ପଡିବି । ଶେଷରେ ପିତାମହ ଭୀଷ୍ମଙ୍କ ପରି ଅସହାୟ ନିଃସହାୟ ହୋଇ ଜୀବନର ଅନ୍ତିମ ଶରସଜ୍ୟା ଉପରେ ମୋର ଶେଷ ନିଃଶ୍ୱାସକୁ ଅପେକ୍ଷା କରିଥିବି ଆଉ ମନେ ପକାଉଥିବି ମୋର ସମସ୍ତ ଜୀବନ ଚରିତ୍ର । ଗୋଟିଏ ବଚନରେ ବାନ୍ଧିହୋଇ ମୁଁ କିପରି ଅନ୍ଧ ହୋଇଯାଇଥିଲି | ଦ୍ରୌପଦୀକୁ ନିର୍ବସ୍ତ୍ର ହେବାର ଆଖିର ଦେଖି, ତାର ଆର୍ତ୍ତକ୍ରନ୍ଦନ ବ୍ୟାକୁଳ ନିବେଦନକୁ କାନରେ ଶୁଣି ମଧ୍ୟ ନିରବ ରହିବାର ଅଭିଶାପକୁ ସହିଗଲି । ମୋର ସମସ୍ତ ଧର୍ମ, ସମସ୍ତ କର୍ତ୍ତବ୍ୟ କେବଳ ନିଜ ପତ୍ନୀ ସନ୍ତାନ ପଛରେ ଖର୍ଚ୍ଚ କରିଦେଲି ଏବଂ ଭୂଲିଗଲି ମୋର ଅନ୍ୟ ସମସ୍ତ ଧର୍ମକୁ । ଦିନେ ନିର୍ଲଜ ଆତ୍ମା ନେଇ ଅପେକ୍ଷା କରିଥିବି, ମୋର ଅର୍ଜୁନକୁ ସେ ଆସିବ, ମୁଁ ଶେଷ ନିଶ୍ୱାସ ଛାଡିବା ପୂର୍ବରୁ ଗଙ୍ଗାଜଳ ଟୋପାଏ ମୋ ମୁହଁରେ ଦେବ । ହେଲେ ସେତେବେଳକୁ ମୋର ସେହି ଅର୍ଜୁନର ବି ତ ଗୋଟିଏ 'ବର୍ତ୍ତମାନ' ଥିବ ! ଯେପରି ଦିନେ

ମୋ ପାଖରେ ଥିଲା । ଆଉ ସିଏବି ବ୍ୟସ୍ତଥିବ ତାର ସେଇ ବର୍ତ୍ତମାନର ଆବଶ୍ୟକତାର ଫଟା ମାଠିଆକୁ ପୁର୍‌କରିବାକୁ, ଠିକ୍ ଯେପରି ଦିନେ ମୁଁ ବ୍ୟସ୍ତଥିଲି ।

ସଂଧ୍ୟା ହସିଲା, କୁଟିଳ ହସଟିଏ, ସତେଅବା ଖଳ ନାୟକର ହସ । କହିଲା ହଁ ଠିକ୍ ଜାଣିଛୁ । ତୁ ଅର୍ଜୁନକୁ ଅପେକ୍ଷା କରିଥିବୁ ସିନା, ହେଲେ କଏ ଜାଣେ, ସିଏ ବି ଗୁର୍ବାକଙ୍କର ପଟ୍ଟ ଶିଷ୍ୟ ଥାଇପାରେ । ସିଏବି ତୋରି ପରି ଲାଗି ପଡିଥିବ ତାର 'ବର୍ତ୍ତମାନ'ର ଫଟା ମାଠିଆକୁ ପୂର୍ଣ୍ଣ କରିବାରେ । ହେଲେ ନା' ତାର ମାଠିଆ ଭରିବ, ନା' ସିଏ ଆସିବ !

*** ☆ ***

କଟ୍ ସ୍କୋୟାର, ପଟିଆ

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଅନିଶ୍ଚିତତା



ଭାସ୍କର ଚନ୍ଦ୍ର ଖଣ୍ଡା

ଅନ୍ଧକାର ମଧ୍ୟେ ଆଲୋକର ଅନ୍ୱେଷଣ
ଅଭିନୟ କରୁଥିବା ଶୟନରତ ବ୍ୟକ୍ତିକୁ
ଜାଗ୍ରତ କରାଇବାର ପ୍ରୟାସ
ଧ୍ରୁବକ ସତ୍ୟକୁ ଅସ୍ୱୀକାର କରି
ମୃତ୍ୟୁର ଆଲିଙ୍ଗନକୁ
ଅତିକ୍ରମ କରିବାର ଅପଚେଷ୍ଟାରେ
ଚରଞ୍ଜୀବି ଭାବନାର ପ୍ରବାହ
ହାତ ମୁଠିରେ ସମୟର ସ୍ରୋତକୁ
ବାନ୍ଧି ରଖିବାର ଉଦ୍ୟମ
ସବୁ ତ ଅନିଶ୍ଚିତତା ।୧।

ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାର
ଅପେକ୍ଷାରତ ପ୍ରାର୍ଥୀ
ତା'ର ସେଇ ମାନସିକ ଯୁଦ୍ଧ
ଦୁଃଖ ପରେ ସୁଖର ଆଗମନ
ସବୁ ଏଠି ସାମୟିକ ନାଟକ
ପରଦାଟା କେବେ ଢାଙ୍କି ଯିବ
ଆସି ଯିବ ନାଟକର ପରିସମାପ୍ତି
ସବୁ ଏକ ବିରାଟ ଅନିଶ୍ଚିତତା ।୨।

ପାଣି ସୁଅରେ ଭସମାନ
ସେଇ ସୁନ୍ଦର ଫୋଟକାଟି
କହିକ ପାରିବ କଏ ?
କେତେ ଦୂର ଆଉ କେତେ ସମୟ
ବୋହିଯିବ ବୋଲି
ଝଡଝଂଜା ଆଉ ବାଧାବିଘ୍ନ
ସବୁକୁ ଅତୀକ୍ରମ କରି
ଚଲ୍‌ପଥେ ଜୀବନର ସ୍ୱାଦ ଭରି
ବଢିଗ୍ଲୁ ଆଗକୁ
କେବଳ ଆଗକୁ
ସେଇ ଅନଷ୍ଟିତତାର ବଳୟ ମଧରେ ।୩ ।

ହତାଶା କୁ ପୋଛିଦେଇ
ଜୀବନ ଯୁଦ୍ଧର ସେଇ ଅନଷ୍ଟିତତା ଭିତରେ
ଜୀଇଥିବା ଯାଏ
କରିଗ୍ଲୁ ସଂଘର୍ଷ
ସୁଖ ଦୁଃଖର ଲୁଚକାଳରେ
ଜୀବନର ଅଙ୍କାବଙ୍କା ପଥେ
ସେଇ ମାର୍ଗ ସହ ଓତଃପ୍ରୋତ ହୋଇ
ବଢି ଗ୍ଲୁ ଆଗକୁ
କେବଳ ଆଗକୁ
ଯେଉଁଠି ଜୀବନ ମଧ
ଏକ ଅଲୌକିକ ଅନଷ୍ଟିତତା ।୪ ।

ଆଲ୍ହାବାଦ ବ୍ୟାଙ୍କ, ଯୋନାଲ ଅଫିସ ଭୁବନେଶ୍ୱର

# ଜନ୍ମ ପରେ ଜନ୍ମ



ଡ. ନୀଳମାଧବ କର

ତମକୁ ଅଦ୍ୱିତୀୟା ସ୍ୱୀକାର କରିବାରେ
ମୋର ଦ୍ୱିଧା ନଥିଲା – ଯେଣୁ ମୋର
ପାର୍ଥିବ ଶରୀରଟା ପରେ
ଅବଶିଷ୍ଟ ଯାହାକଛି ମୋର ବୋଲି
ସେସବୁ ତମ ଉପାଦାନ
ଛଡା ଅନ୍ୟଥା ମୁଁ ଭାବୁନଥିଲି ।

ଅପ୍ରତ୍ୟୟ ସତ୍ୟ ମୋ ଭାବନା
ମନନର ଆନ୍ତ ପ୍ରାନ୍ତ
ଦୃଷ୍ଟି ଶେଷ ଦିଗବଳୟରେ
ତମ ସତ୍ତା ବ୍ୟାପିଥିଲା
ମୋ ଗୃରିଆଡେ – ତୀବ୍ର ଆଲୋକରେ
ମୁଁ ଅନ୍ଧ ହେଉଥିଲି –
ଘୁମନ୍ତ ଜୀବନ ପାଇଁ
ଆଗପଛ ରାସ୍ତା ସବୁ ହଜିଥିଲେ
ମଝି ଖୁଣ୍ଟ ପାଲଟିଲା ପରେ ତମେ
ତମ ସହ କେତେ ବାଟ ଆସିଲିଣି
ଯିବି କେତେ ବାଟ
ଆମେ କଣ ଥକଯିବା ଅବା
ବାଟ ସରିଯିବ – ଆମେ ଗ୍ଲୁଥିବା ତଥାପି

ପୃଥିବୀ ଘୁରୁଥିବ ପ୍ରତିଦିନ
ଆମ ପଛେ ପଛେ ଯାତ୍ରା ହେଉଥିବ
ଶୁଭୁଥିବ କୋଳାହଳ ।

ଜନ୍ମ ପୂର୍ବରୁ ତ ଚହ୍ନିଥିଲି, ତୁମକୁ ମୁଁ
ଠିଆହୋଇ ଏବେ ଶତାବ୍ଦୀ ସେପଟେ
ଦେଖୁଛି ମୁଁ ଆମ ଯଉବନ, ପ୍ରୌଢ଼ାବସ୍ଥା
ଜରାଜୀର୍ଣ୍ଣ - ମୃତ୍ୟୁର ସାମ୍ନାଗୋନୀ
ଶୁଭେ ପୁଣି ଜନ୍ମ
କୁଆଁକୁଆଁ ଲଙ୍ଗଳା ମଣିଷ
ଇସ୍ କ କଉତୁକଆ ତମ ହାତ ଗୋଡ
ମୁହଁ ଆଉ ଚମଡାର ରଙ୍ଗ
ଚନ୍ଦ୍ରକଳା ପରି ବଢ଼ିବଢ଼ି
ଋତୁ ଆଉ ଋତୁ ଯିବ ଡେଇଁ
ରୂପର ବନ୍ୟାରେ
ଲାଜେଇବ ମୋତେ ଦେଖି
ପୁଣି ପୁଣି ଚହ୍ନା ଆଉ ଅଚହ୍ନା ଆଖିରେ
ଆରଜନ୍ମ ଆର ଘଡି କେତେବେଳେ
ଦେଖା ହେଇଗଲେ, ତମ ଅଦ୍ୱିତୀୟ ସଙ୍ଗେ
ଏଇ ଥର ଏଇ ଜନ୍ମ ପରି ।

ଓଲଭରହାମ୍ପଟନ, ୟୁକେ

# ଜଣେ "ଫାୟାର ଫାଇଟର" ର କାହାଣୀ



ଶଶଧର ମହାପାତ୍ର

ସେ' ଦିନ ଥିଲା ମଙ୍ଗଳବାର, ୨୦୦୧ ମସିହା ସେପ୍ଟେମ୍ବର ମାସ ୧୧ ତାରିଖ । ଆକାଶ ଦିଶୁଥିଲା ନିର୍ମଳ । ବାଦଲର ଛାଇଟିଏ ବି କେଉଁଠି ନଥିଲା । କି ଯୋଗରେ ରାତି ପାହିଥିଲା କେଜାଣି ? ସକାଳୁ ସକାଳୁ ଏ'ଭଳି ଦୁଃସମ୍ବାଦ ସାରା ଦୁନିଆକୁ ଚମକେଇ ଦେଇଥିଲା । ମୁଁ ଠିକ୍ ଅଫିସ୍‌ରେ ପହଞ୍ଚି ଯାଇଥାଏ । ସବୁ ଟେଲିଭିଜନ ଚ୍ୟାନେଲ, ରେଡିଓ ସେଣ୍ଟର ମାଧ୍ୟମରେ ପ୍ରଚାର ଚାଲିଥାଏ ନ୍ୟୁୟର୍କ ସହରର "ମାନହାଟାନ' ରେ ଅବସ୍ଥିତ "ଓ୍ୱାର୍ଲଡ୍ ଟ୍ରେଡ୍ ସେଣ୍ଟର' ରେ ଥିବା "ଟୁଇନ୍ ଟାଓ୍ୱାର' ଉପରେ ଦୁର୍ବୃତ୍ତ, ଆତଙ୍କବାଦୀ, ସନ୍ତ୍ରାସବାଦୀମାନଙ୍କ ଦ୍ୱାରା ହୋଇଥିବା ଆକ୍ରମଣ ବିଷୟରେ । ଯାହା କେବେ ଆଖି ଦେଖି ନଥିଲା କି କେବେ କାନ ଶୁଣି ନଥିଲା ସେ' ଘଟଣା ସବୁ ଆଖି ଆଗରେ ଘଟି ଯାଉଥିଲା । ଆମ "ଓ୍ୱାସିଙ୍ଗଟନ୍ ହସ୍‌ପିଟାଲ ସେଣ୍ଟର' ରେ ସବୁଆଡେ ହାଲ୍‌ଗୁଲ୍ ଚାଲିଥିଲା । ବେଶୀ ଗହଳ ଦେଖିବାକୁ ମିଳୁଥିଲା ଟେଲିଭିଜନ ସେଟ୍ ପାଖରେ । ସେ' ସବୁ ଦୃଶ୍ୟ ଟେଲିଭିଜନରେ ଦେଖି ମୋ' ମନ ବିଚଳିତ ହେଉଥାଏ । ମୋ' ଦେହଟା ଥରୁଥାଏ ତାଳ ବରଡା ପତ୍ର ପରିକା । ମନ ଭିତରେ ଅସୁମାରି ପ୍ରଶ୍ନ ରୁନ୍ଧି ହେଇ ବିଚଳିତ କରୁଥିଲା ମୋତେ । ମନ ଭିତରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଚାଲିଥାଏ । ଭୟ, ଆଶଙ୍କାରେ ଭରପୂର ଥିଲା ମନ; ଚିନ୍ତାଗ୍ରସ୍ତ, ବିଷାଦଗ୍ରସ୍ତ ଥିଲା ମନ । ଚିନ୍ତା ବଢୁଥାଏ ସିନା କମିବାର ନଥିଲା । ଚାରିଆଡେ ହତାଶବୋଧ । ମାନସିକ ଅସନ୍ତୁଳନରେ ନଭାଙ୍ଗିପଡିବାକୁ ମୁଁ ଚେଷ୍ଟା କରୁଥାଏ । ସବୁରି ମନରେ ଗୋଟିଏ ପ୍ରଶ୍ନ - କୁଆଡେ ହଜିଗଲା ମାନବିକତା ? କାହରି ମନରେ ଟିକିଏ ହସ ନଥିଲା । ଭୟରେ ଚାରିଆଡେ ଜନ ଜୀବନ ପ୍ରାୟ ସ୍ଥିର, ସାରା ପୃଥିବୀ ସ୍ତବ୍ଧ | ସମସ୍ତଙ୍କର ଅସହାୟ ଅବସ୍ଥା, ଖୁବ୍ ଶକ୍ତ ସେ' ଧକ୍କା, ବିଚଳିତ ସମସ୍ତେ । ଅଧିକାଂଶ ଡାକ୍ତର, ନର୍ସ, ଟେକ୍‌ନିକାଲ ଷ୍ଟାଫ୍

ରୋଗୀମାନଙ୍କ ସେବା ଛାଡି ଟେଲିଭିଜନରେ ଲାଇଭ୍ ସୋ' ଦେଖୁଥିଲେ "ଓ୍ୱାର୍ଲଡ୍ ଟ୍ରେଡ୍ ସେଣ୍ଟର' ଜଳୁ ଥିବାର । ଅଧିକାଂଶ ଲମ୍ବା ଲାଇନରେ ଛିଡାହେଇ ରକ୍ତଦାନ ମଧ୍ୟ କରୁଥିଲେ । କ ମର୍ମାହକ ଥିଲା ସେ' ଦୃଶ୍ୟ । ଯେତେବେଳେ ଦେଶପାଇଁ ଡାକରା ଆସେ, ସେତେବେଳେ ଆମେରିକାର ଲୋକମାନଙ୍କ ଭଳ ଦେଶପ୍ରେମୀ ଲୋକ ଅନ୍ୟ କେଉଁ ଦେଶରେ ମୁଁ ଦେଖିନାହିଁ । କ ଡେମୋକ୍ରାଟ କ ରିପବ୍ଲିକାନ, କ କଳା, କ ଧଳା ସମସ୍ତେ ଏକଜୁଟ ହେଇ ରାସ୍ତାକୁ ଓହ୍ଲାଇ ଆସନ୍ତି; ତ୍ୟାଗ ଓ ଆଦର୍ଶର କଥା କୁହନ୍ତି, ଏମିତିକ ନଜ ଜୀବନକୁ ବଳଦାନ ଦେବାକୁ ପଛାନ୍ତି ନାହିଁ । ଯିଏ ସେ'ଦିନ ଟେଲିଭିଜନ ଦେଖୁଥିଲା ସେମାନଙ୍କର ଛାତି ତଳେ ଏକ ବଡ ଧରଣର କଂପନ ସୃଷ୍ଟି ହେଉଥିଲା, ଛାତି ଧଡଧଡ ହେଉଥିଲା ଅହେତୁକ ଭୟରେ । ଛାତିରେ କଏ ଯେମିତି ପଥରଟିଏ ଲଦି ଦେଇଛି କ ? କଏ ପାଗଳ ଭଳ ପ୍ରଳାପ କରୁଥାଏ, ମୋ'ଭଳ କଏ ସ୍ଥିତପ୍ରଜ୍ଞ ହେଇ ଦେଖୁଥାଏ, କଏ ମାନସିକ ଯନ୍ତ୍ରଣାରେ ଉଁ ଉଁ ହେଉଥାଏ । ଯିଏ ଯେତେବଡ ଶତ୍ରୁଟିଏ ହେଇଥିଲେ ବି ତା' ଦେହ ନଶ୍ଚୟ ଶିହରି ଉଠିଥାଆନ୍ତା ଏ' ହୃଦୟସ୍ପର୍ଶୀ ଦୃଶ୍ୟ ଦେଖି, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଯେହେତୁ ଆମ ହସ୍ପିଟାଲ ସେଣ୍ଟରଟି କ୍ୟାପିଟଲ, ହ୍ୱାଇଟ୍ ହାଉସ୍ ଓ ପେଣ୍ଟାଗନ ନକଟରେ ଓ ପେଣ୍ଟାଗନରେ ଆତଙ୍କବାଦୀ ମାନଙ୍କ ଦ୍ୱାରା ଆକ୍ରମଣ ହେଇସାରିଥିଲା, ତେଣୁ ଆମ୍ଭମାନଙ୍କ ମନରେ ଭୟ ଆସିବା ଓ ଆଶଙ୍କା, ସନ୍ଦେହ ପ୍ରକଟ ହେବା ସ୍ୱାଭିବିକ । କାହା କାହା ମନରେ ପ୍ରତିବାଦ ଓ ବିଦ୍ରୋହର ସ୍ୱର, ପ୍ରତଶୋଧର ବହ୍ନି ହୁହୁ ହେଇ ଜଳୁଥିଲା । ଯେଉଁମାନେ ଏ'ଭଳ ନାରକୀୟ ଘଟଣା ଘଟେଇଛନ୍ତି ସେମାନେ ଉଚତ୍ ଦଣ୍ଡ ପାଆନ୍ତୁ ଇତ୍ୟାଦି, ଇତ୍ୟାଦି.... । ମୋ' କର୍ମମୟ ଜୀବନରେ ଏମିତି ଭୟଙ୍କର ଘଟଣା ଘଟିବା ଦେଖିବା ପ୍ରଥମ । ପୃଥିବୀ ର ଇତିହାସରେ ଏହି କଳା ଦିନଟି "ନାଇନ୍-ଇଲେଭେନ୍" ଭାବରେ ଆଜି ପରିଚତ ।

ଏ' ଦୁର୍ଘଟଣା ଘଟିବା ଯୋଗୁ ୨୯୯୭ ଲୋକ ୧୯ ଜଣ ଆତଙ୍କବାଦୀଙ୍କୁ ମିଶେଇ ପ୍ରାଣ ହରେଇଲେ । ସେମାନଙ୍କ ମଧ୍ୟରୁ ୨୭୦୭ ଜଣ ପ୍ରାଣ ହରେଇଥିବା ବ୍ୟକ୍ତି ଥିଲେ କେବଳ "ଓ୍ୱାର୍ଲଡ୍ ଟ୍ରେଡ୍ ସେଣ୍ଟର'ର ଓ ଆଖପାଖ ଅଞ୍ଚଳରୁ । ୧୨୫ ଜଣ ଥିଲେ "ପେଣ୍ଟାଗନ' ରୁ । ୨୭୦୭ ଜଣଙ୍କ ଭିତରୁ ୪୧୧ ଜଣ ଇମରଜେନ୍ସି କର୍ମୀ (ପୋଲିସ୍, ଫାୟାର ଫାଇଟରସ୍

ଇତ୍ୟାଦି) ପ୍ରାଣ ହରେଇଥିଲେ । ପଚଶ ହଜାରରୁ ଉର୍ଦ୍ଧ ଲୋକ କ୍ଷତବିକ୍ଷତ ହେଲେ । ପ୍ରାଣ ହରେଇଥିବା ଲୋକଙ୍କ ମଧ୍ୟରେ ଥିଲେ ଗୁରେଟି ପ୍ଲେନରେ ଥିବା ସମସ୍ତ ୨୬୫ ଯାତ୍ରୀ। ସେମାନଙ୍କ ଭିତରୁ କେହି ଜଣେ ହେଲେ ବଞ୍ଚି ନଥିଲେ । ଏକା ସାଙ୍ଗରେ ଗୁରେଟି ସ୍ଥାନରେ ଇସଲାମ ଟେରରିଷ୍ଟ ଗ୍ରୁପ୍ "ଆଲକାଇଦା' ଦ୍ଵାରା ଏ' ଆଟାକ୍ ହେଇଥିଲା ବୋଲି ପରେ ଜଣାଗଲା । ଯେଉଁ ଜେଟ୍ ଏରୋପ୍ଲେନଟି ଆମେରିକାର କ୍ୟାପିଟାଲକୁ ହିଟ୍ କରିବାକୁ ଆସୁଥିଲା ତାକୁ ପେନ୍‌ସିଲ୍‌ଭିନଆରେ ଏକ ପଡିଆରେ ଖସେଇ ଦିଆଗଲା ବୋଲି ନଉଜରେ କୁହାଯାଇଥିଲା । ଏଥିରେ ବହୁତ ଧନ, କେତେ ନରୀହ ଜୀବନ ନଷ୍ଟ ହେଲା । ଯାହା ଆକଳନ କରାଯାଏ, ପ୍ରାୟ ଦଶ ବିଲିୟନ ଡଲାରର କ୍ଷୟକ୍ଷତି ହୋଇଥିଲା । ଗୋଟିଏ ମଣିଷ ଜୀବନର ମୂଲ୍ୟ କେତେ କଏ କହି ପାରିବ ? ଯେଉଁମାନେ ଅଳ୍ପକେ ବଞ୍ଚି ଯାଇଥିଲେ, ଏ' ଘଟଣା ପରେପରେ ସେମାନଙ୍କ ଭିତରୁ ଅନେକ ଲୋକ କ୍ୟାନ୍‌ସର୍ ଓ ଶ୍ଵାସ ସମ୍ବନ୍ଧୀୟ ରୋଗରେ ଆକ୍ରାନ୍ତ ହେଇ ପ୍ରାଣ ହରେଇଲେଣି ।

ଯେଉଁ କେତେଜଣ ଭାଗ୍ୟବାନ ଇମରଜେନ୍‌ସି କର୍ମୀ ବଞ୍ଚିଯାଇଥିଲେ ସେମାନଙ୍କ ଭିତରୁ ଜଣେ ଫାୟାର ଫାଇଟର ଯିଏକ ମରୁମରୁ ବଞ୍ଚିଯାଇଥିଲେ । ତାଙ୍କ ନାଁ ହେଉଛି "ଜୋସେଫ୍ ହର୍ଟନ' । "ଜୋସେଫ' ର ଜନ୍ମ ହେଉଛି "ନ୍ୟୁୟର୍କ' ର "ବ୍ରୁକ୍‌ଲିନ' ସହରରେ। ସେ' ପ୍ରଥମେ ଚାକରି ଆରମ୍ଭ କରିଥିଲେ ନ୍ୟୁୟର୍କ ସିଟି ଫାୟାର ଡିପାର୍ଟମେଣ୍ଟରେ, "ମିଡ୍ ଟାଉନ, ଇଞ୍ଜିନ ୫୪, ଲାଡର ୭୬' ରେ । ପାଖାପାଖି ତ୍ରିଂଶ ବର୍ଷ କାମ କଲା ପରେ ସେ' "ନ୍ୟୁୟର୍କ ସିଟି ଫାୟାର ଡିପାର୍ଟମେଣ୍ଟ'ର "ଫାୟାର କମିସନର' ଭାବରେ ରିଟାୟର କଲେ । ସେ' ମଧ୍ୟ ସେତେବେଳେ ଥିଲେ "ୟୁନଫର୍ମଡ୍ ଫାୟାର ଫାଇଟରସ୍ ଆସୋସିଏସନ' ର ପ୍ରେସିଡେଣ୍ଟ । ସେ' ୬୮ ବୟସରେ ପୂର୍ବ ବର୍ଷ ଡିସେମ୍ବର ୩୧ ତାରିଖ, ୨୦୦୦ ମସିହାରେ ରିଟାୟର କରି "ଭର୍‌ଜିନଆ' ରାଜ୍ୟର "ରିଚମଣ୍ଡ' ସହରରେ ବାସ କରୁଥିଲେ । ନ୍ୟୁୟର୍କ ସହର ଏକ ଥଣ୍ଡା ଜାଗା । ଶୀତ ଦିନେ ସେଠାରେ ପ୍ରଚୁର ଥଣ୍ଡା ସହିତ ବହୁତ ପରିମାଣରେ ବରଫପାତ ହୁଏ । ଯେହେତୁ ତାଙ୍କର ବୟସ ବଢୁଥିଲା ତେଣୁ ସେ' ଏକ ଗରମ ଜାଗାକୁ ଯାଇ ଟିକଏ ଆରାମରେ ରହିବାକୁ ପସନ୍ଦ କରିଥିଲେ । "ରିଚମଣ୍ଡ' ସହର ନ୍ୟୁୟର୍କ ସହରରୁ ବେଶୀ ଦୁର ନୁହେଁ। ଡ୍ରାଇଭିଂ ଡିଷ୍ଟାନ୍‌ସ୍ ରେ । ତେଣୁ ସେ'

ଯେତେବେଳେ ଗୁହିଁବେ ପିଲ୍ମାନଙ୍କୁ ଦେଖି ଆସିବାକୁ ସହଜରେ କରିପାରିବେ । ତା' ବ୍ୟତୀତ ତାଙ୍କର ଜଣେ ବାଲ୍ୟ ବନ୍ଧୁ ଯିଏକ "ରିଚମଣ୍ଡ'ରେ ରହୁଥିଲେ ସେ' ସବୁ ତାଙ୍କ ପାଇଁ ବୁଝି ଦେଇଥିଲେ । ତାଙ୍କୁ ସେଥିପାଇଁ ବିଶେଷ କଛି ଆସୁବିଧା ଭୋଗିବାକୁ ପଡିନଥିଲ୍ । ପିଲ୍ମାନେ ମଧ୍ୟ ଏଥିରେ ସହମତି ପ୍ରକାଶ କରିଥିଲେ ।

"ଜୋସେଫ' ୧୯୯୩ ମସିହାରେ ହୋଇଥିବା "ୱାର୍ଲଡ୍ ଟ୍ରେଡ୍ ସେଣ୍ଟର' ବମ୍ଫିଂ ସମୟରେ ରେସ୍କ୍ୟୁ ଅପରେସନରେ ମଧ୍ୟ ଭାଗ ନେଇଥିଲେ ଓ ଅଧିକାଂଶ ସାଧାରଣ ଜନତାଙ୍କୁ ଉଦ୍ଧାର କରିଥିଲେ । ସେ' ନାଇନ୍-ଇଲେଭେନ୍ ଘଟିଲ୍ ବେଳେ ନ୍ୟୁୟର୍କ ବୁଲି ଆସିଥିଲେ ଓ ତାଙ୍କର "ବ୍ରୁକ୍ଲିନ' ରେ ଥିବା ଆପାର୍ଟମେଣ୍ଟରେ ନିଜର ପୁଅ (କାର୍ଲ) ଓ ଝିଅ (ଆଲିସନ) ସହ ରହୁଥିଲେ । ତାଙ୍କ ସ୍ତ୍ରୀ ଠିକ୍ ପାଞ୍ଚ ବର୍ଷ ତଳେ ଲିଭର କ୍ୟାନ୍ସରରେ ପୀଡିତ ହୋଇ ପ୍ରାଣ ହରାଇଥିଲେ । ସେ' ସେହି ଆପାର୍ଟମେଣ୍ଟରେ ରହୁଥିଲ୍ ବେଳେ ବିବାହ କରିଥିଲେ । ତାଙ୍କ ପୁଅ ଓ ଝିଅ ମଧ୍ୟ ସେଇଠି ଜନ୍ମ ହେଇଥିଲେ । ଠିକ୍ ତାଙ୍କ ଆପାର୍ଟମେଣ୍ଟରୁ ବାହାରି ବାହାରକୁ ବୁଲିଯିବା ସମୟରେ ସେ' ତାଙ୍କ ରେଡିଓ ଅନ୍ କରିଦେଲେ ଓ ସେହି ସମୟରେ "ୱାର୍ଲଡ୍ ଟ୍ରେଡ୍ ସେଣ୍ଟର' ର "ଟୁଇନ୍ ଟାୱାର' ମଧ୍ୟରୁ ସାଉଥ୍ ଟାୱାରକୁ ଏକ ପ୍ଲେନ ହିଟ୍ କରିଥିବାର ଶୁଣିବାକୁ ପାଇଲେ । ତା' ପରେ ସେ' ଶୁଣିଲେ ଯେ ଆଉ ଏକ ପ୍ଲେନ୍ ଅନ୍ୟ ନର୍ଥ ଟାୱାରକୁ ମଧ୍ୟ ହିଟ୍ କରିଛି । ସେ' ସେତେବେଳେ ଜାଣି ଯାଇଥିଲେ ଯେ ଏହା ନିଶ୍ଚୟ ଏକ ଟେରରିଷ୍ଟ ଅର୍ଗାନାଇଜେସନ ଦ୍ୱାରା ସମ୍ଭବ ହେଇଛି ଓ ଏହି କାର୍ଯ୍ୟକଳାପ ହଠାତ୍ ନହେଇ ଏକ ବୃହତ୍ତ ଯୋଜନାବଦ୍ଧ ଭାବେ କରାଯାଇଛି । ସେ' ତାଙ୍କ ଆପାର୍ଟମେଣ୍ଟକୁ ଫେରିଯାଇ ତାଙ୍କର ଫାୟାର ଡିପାର୍ଟମେଣ୍ଟ ଟି-ସାର୍ଟ, ଜିନ୍ସ୍ ପ୍ୟାଣ୍ଟ ଓ ବୁଟ୍ ପିନ୍ଧି ଘଟଣାସ୍ଥଳକୁ ଯିବାକୁ ବାହାରିଲେ । ସେ' ଯେଉଁ ସହରରେ ତାଙ୍କ ଜୀବନକାଳ ବିତେଇଛନ୍ତି, ସେ' ସହର ଏବେ ବିପଦରେ ପଡି ଯେମିତି ତାଙ୍କୁ ହାତଠାରି ଡାକୁଛି, ସାହାଯ୍ୟ କରିବାକୁ କାନ୍ଦିକାନ୍ଦି କହୁଛି । ହେ ମୋ'ର ବୀର ପୁତ୍ର! ଆସ, ହାତରେ ହାତ ମିଶାଅ, କାନ୍ଧରେ କାନ୍ଧ ମିଶାଅ ! ଯିଏ ଦୀର୍ଘ ଗୁଳଶ ବର୍ଷ ଧରି ସେହି ସହରପାଇଁ ସେବା କରି, ଗୁକରିରୁ ବିରତି ନେଇ ଏବେ ବାକି ଜୀବନତକ ଉପଭୋଗ କରୁଛନ୍ତି, ସେ' ଗୁହିଁଥିଲେ ନିଜ ଆପାର୍ଟମେଣ୍ଟରେ ରହି ସେ' ଦୃଶ୍ୟ ସବୁ ଦେ

ପାରିଥାନ୍ତେ ! ତାଙ୍କୁ ଘଟଣାସ୍ଥଳକୁ ଯାଇ ଏତେ ବଡ ରିସ୍କ ନେଇ ଜୀବନ ସହ ବାଜିମାରିବାକୁ ପଡିନଥାନ୍ତା ! କିନ୍ତୁ, ସେ' ଚୂପ୍ ରହିବେ କେମିତି ? ସେ' ହେଉଛନ୍ତି ଜଣେ ବୀର, ଉତ୍ତମ କର୍ମୀ । ସେ' ନିଜ ଜୀବନକୁ ଜଳାଞ୍ଜଳି ଦେବାକୁ ପ୍ରସ୍ତୁତ ଥିଲେ ନିଜ ସହର ପାଇଁ ଓ ଦେଶ ପାଇଁ, ତେଣୁ ବାହାରି ପଡିଲେ ।

ସେ' "ବ୍ରୁକ୍ଲିନ' ରୁ "ମାନହାଟାନ' ସବ୍‌ୱେରେ ଯିବାବେଳେ ବିଭିନ୍ନ ଲୋକଙ୍କୁ ଭେଟିଲେ । ଲୋକମାନେ ତାଙ୍କୁ ଚହ୍ନିପାରିଥିଲେ ତାଙ୍କ "ଏଫ୍.ଡି.ଏନ୍.ୱାଇ' (FDNY) ପୋଷାକ ଦେଖି । ସେ'ମାନେ ତାଙ୍କୁ ପଚ୍ଚରିଥିଲେ କ'ଣ ଟୁଇନ୍ ଟାୱାର ଧ୍ୱସାତ୍ ହେଇଯିବ ? ସେ' ସେମାନଙ୍କୁ ଭରସା ଦେଇ କହିଥିଲେ - "କଦାପି ନୁହେଁ, ତୁମେ ବ୍ୟସ୍ତ ହୁଅନି' । ସବୁ ଠିକ୍ ହେଇଯିବ । ଆମେ କେତେ ବଡବଡ ନିଆଁ ସହ ଅତି ଉଚ୍ଚ ଉଚ୍ଚ ବିଲ୍‌ଡିଂରେ ବହୁତ ଦିନ ଧରି କାମ କରି ତାକୁ ରକ୍ଷା କରିଛୁ । ଆମେ ଆସ୍ତେଆସ୍ତେ ଉପରଆଡୁ ନିଆଁକୁ ତଳ ଆଡକୁ ଖସେଇ ଆଣିବୁ ଓ ତା' ପରେ ଘରକୁ ଫେରି ଆସିବୁ । ଜୀବନ ତମାମ ନିଆଁ ସାଙ୍ଗେ ଖେଳ ସୁଦ୍ଧା ସିଏ ଏଯାଏ ଜାଣି ନଥିଲେ ଯେ ଏ' ସେହି ସାଧାରଣ ନିଆଁ ନୁହେଁ । ଏ' ନିଆଁର ମୂଳାଧାର ଥିଲା ସ୍ୱତନ୍ତ୍ର ଅଲଗା ।

ଡାଉନ୍ ଟାଉନ୍ "ମାନହାଟାନ' ହେଉଛି ନ୍ୟୁୟର୍କର ହୃଦୟ ଯେଉଁଠି "ୱାର୍ଲଡ୍ ଟ୍ରେଡ୍ ସେଣ୍ଟର' ଅବସ୍ଥିତ । ସେ' "ମାନହାଟାନ'ରେ ପହଞ୍ଚିଲାବେଳକୁ "ସାଉଥ୍ ଟାୱାର' ପୁରା ଜଳି ଯାଇଥିଲା । ସେ' ଏରିଆ ଗୋଟିଏ ଘୋଷ୍ଟ ଟାଉନ ଭଳି ଦେଖା ଯାଉଥିଲା । ସେ' ନିଜେ ଲାଗିପଡି ଫାୟାର ହାଇଡ୍ରାଣ୍ଟରୁ ପାଣି ନେଇ ତଳଆଡୁ ଆଖପାଖରେ ଜଳୁଥିବା ନିଆଁକୁ ଲିଭେଇବାକୁ ଚେଷ୍ଟା କଲେ । ତାଙ୍କ ନିଜ ଆଖିରେ ସେ' ସବୁ ଦୃଶ୍ୟ ଦେଖି ତାଙ୍କର ବିଶ୍ୱାସ ହେଲାନାହିଁ । ଚ୍ଚରିଆଡେ କୁହକୁହ ଧୂଳି, କଂକ୍ରିଟ୍‌ର ଭଗ୍ନାଂଶ, ଯୋତା, ପର୍ସ, ହ୍ୟାଣ୍ଡ ବ୍ୟାଗ, ମଣିଷର ଶବ ଇତ୍ୟାଦି, ଇତ୍ୟାଦି... । କି ବିଭତ୍ସ ସେ' ଦୃଶ୍ୟ । ସେ' ଦେଖିଲେ ଯେ "ନର୍ଥ ଟାୱାର' ମଧ୍ୟ ତଳକୁ ଜଳିଜଳି ଆସିଲାଣି । ସେ' ଜାଣିଗଲେ ଆଉ ବେଶୀ ସମୟ ବାକି ନାହିଁ । ସେ' ଦୌଡିବାକୁ ଆରମ୍ଭ କଲେ, ତଳେ ପଡିଗଲେ, ପୁଣି ଉଠି ଦୌଡିଲେ । ଦେଖିଲେ- ତାଙ୍କ ଦେହ ଉପରେ ଲଦି ହେଇଛି ଭଙ୍ଗା ଲୁହା, କଂକ୍ରିଟ୍,

ଆଉ କଂକ୍ରିଟ୍ । ତାଙ୍କ ଦେହ ସାରା ଧୂଳରେ ଭର୍ତ୍ତି ଓ ଗ୍ଧରିଆଡେ କେବଳ ଅନ୍ଧାର । ଗ୍ଧରିଆଡେ କଂକ୍ରିଟ୍‌ର ଜଙ୍ଗଲ । ସେ' ହାତ ଭର୍ ଦେଇ ଆଣ୍ଠେଇବା ଅବସ୍ଥାରେ ଅଛନ୍ତି । ଟିକଏ ହଲଚଲ ହେଇଗଲେ । ହଲଚଲ ହେବାରୁ ସେ' ପ୍ରାୟ ୩୦ ଫୁଟ ଉଚ୍ଚରୁ ଖସି ପଡିଲେ । ତା' ପରେ କ'ଣ ସବୁ ଘଟିଗଲ୍ ତାଙ୍କୁ କଛି ମାଲୁମ୍ ନଥିଲ୍ । ଏତେ ଉଚ୍ଚରୁ ପଡିବା ସମୟରେ ତାଙ୍କର କାନ୍ଧ ଭ୍ଙ୍ଗି ଯାଇଥିଲ୍, ତାଙ୍କ ମୁଣ୍ଡର ଜୋରରେ ଆଘାତ ହେଇ ମୁଠ ଫାଟିଯାଇଥିଲ୍, ବେକ ଓ ମେରୁଦଣ୍ଡର ବି ଆଘାତ ହେଇଥିଲ୍ । ସେ' ଅପେକ୍ଷା କରିଥିଲେ କେବେ ମୃତ୍ୟୁ ଆସିଯିବ, ଏବଂ ସେ' ସମୟ ଆଉ ବେଶୀ ଡେରି ନାହିଁ । ସେ' ଦେଖିଲେ ଓ ଶୁଣିବାକୁ ପାଇଲେ ଅନ୍ୟ ଲୋକମାନେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି, ପାଟିକରି ଖୁବ୍ ଜୋରରେ ଚଲ୍ଉଛନ୍ତି । କଏ ହେଲ୍ପ, ହେଲ୍ପ କହି ଚକ୍ାର କରୁଛି । ସେ' ଚକ୍ାର ସବୁ କାନ୍ଦରେ ପରିବର୍ତ୍ତନ ହେଇଗଲ୍ । ଆସ୍ତେଆସ୍ତେ ସେ' କାନ୍ଦିବା ଶବ୍ଦ ସବୁ କ୍ଷୀଣରୁ କ୍ଷୀଣତର ହେଇଗଲ୍ । ଶେଷରେ କଛି ସମୟ ପରେ ଆଉ କଛି ଶବ୍ଦ ଶୁଭିଲ୍‌ନ । ସମସ୍ତେ ତାଙ୍କ ସାମ୍ନାରେ ଜଣଜଣ କରି ମରିଗଲେ, ହଜିଗଲେ ଚୀରଦିନପାଇଁ। ସେ' ସେ'ଯାଏ ଏକୁଟିଆ ବଞ୍ଚିଥିଲେ । ସେ' ଦୃଶ୍ୟ ଦେଖି ସେ' ଆଉ କାନ୍ଦି ପାରିଲେ ନାହିଁ । ତାଙ୍କ କାନରେ ସ୍ୱରଟିଏ ଶୁଭୁଥିଲ୍ । ସେ' ସ୍ୱରଟି ଅନ୍ୟ କେଉଁଠୁ ଆସୁ ନଥିଲ୍ । ସେ' ଥିଲ୍ ତାଙ୍କର ଅନ୍ତଃସ୍ୱର । ସେ' ସ୍ୱର କହୁଥିଲ୍ - "ତୋତେ ବଞ୍ଚିବାକୁ ପଡିବ ! ତୁ ପର୍ ଆସିଥିଲୁ ଲୋକଙ୍କୁ ଉଦ୍ଧାର କରବାକୁ ? ହାରିଯାଆନା ଏତେ ଶୀଘ୍ର ! 'ତାଙ୍କର ମନେପଡିଗଲ୍ ଫାଇଟର ଟ୍ରେନିଂ ବେଳର କଥା, କେମିତି କଂକ୍ରିଟ୍ ଭିତରୁ ନଜକୁ ବାହାର କରିବାକୁ ପଡେ । ଯାହାହେଉ, ବଞ୍ଚିବାର ନଶାରେ ସେ' ବହୁତ କଷ୍ଟକରି "ଏମରଜେନ୍‌ସି ମେଡିକାଲ ସର୍ଭିସ' ଯୋଗାଉଥିବା ଲୋକଙ୍କ ନକଟରେ ପହଞ୍ଚିଗଲେ । ତାଙ୍କ'ର ଏ'ଭଳ ଖଣ୍ଡିଆ ଖାବର୍ ଅବସ୍ଥାରେ ସେ' ଅନୁଭବ କରୁଥିଲେ ଯେ ଯେଉଁ କାମ କରିବାକୁ ଭ୍ବି ସେ' ଆସିଥିଲେ ସେହି କାମ ସେ' ଆଦୌ କରିପାରିନାହାଁନ୍ତି । କାହାକୁ ସେ' ସାହାଯ୍ୟ କରିପାରଲେ ନାହିଁ । ତା' ପରେ ତାଙ୍କୁ ଏକ ଏମରଜେନ୍‌ସି ରୁମ୍‌କୁ ନଆଗଲ୍ ଓ ତାଙ୍କ କାନ୍ଧକୁ ରିସେଟ୍ କର୍ଗଲ୍ । ସେ' ଯିବା ବାଟରେ ସ୍ୱେଚ୍ଛାସେବୀମାନଙ୍କୁ କହୁଥିଲେ ତାଙ୍କୁ ଡାକ୍ତରଙ୍କ ନକଟକୁ ନ ନେବାକୁ, କାରଣ ସେ' ବରଂ ନବଞ୍ଚି ମରିଯାଇଥିଲେ ଭଲ ହେଇଥାଆନ୍ତା । ଜଣେ ଅର୍ଥୋପେଡିକ ସର୍ଜ୍ଜନ

ତାଙ୍କ କାନ୍ଧ ରିସେଟ୍ କଲେ । କାନ୍ଧ ରିସେଟ୍ ହେଲାପରେ ମଧ୍ୟ ସେ' ସେହି ସ୍ଥାନକୁ ପୁଣି ଥରେ ଫେରିଯାଇ ନିଜ ପାରୁ ପର୍ଯ୍ୟନ୍ତ ସାହାଯ୍ୟ କରିଥିଲେ । ଧନ୍ୟ ଏ' ଦେଶ, ଧନ୍ୟ ଏ' ଜାତି, ଧନ୍ୟ ତାଙ୍କ ପିତା ଓ ମାତା, ତାଙ୍କ ଭଳି ସନ୍ତାନକୁ ପାଇ ଓ ଜନ୍ମ ଦେଇ ।

ଯେତେବେଳେ ରାତିରେ ସେ' ତାଙ୍କ ଆପାର୍ଟମେଣ୍ଟ ଫେରି ଆସିଲେ, ସେ' ଖୁବ୍ ଭାବପ୍ରବଣ ହେଇଯାଇଥିଲେ । ସେ' ରାଗିଗଲେ । ସେ' ଭାବିପାରିଲେ ନାହିଁ ଯେ ଆମେରିକା ଭଳି ଦେଶରେ ଏମିତି ଏକ ଘଟଣା କେମିତି ଘଟିଗଲା ? ସେ' ଭିଏତନାମ ଯୁଦ୍ଧରେ ମଧ୍ୟ ଭାଗ ନେଇଥିଲେ । କିନ୍ତୁ, ଏ' ତା'ଠାରୁ ବଳେଇଗଲା । ଯେତେବେଳେ ଏ' ଭଳି ବିପଦ ନିଜ ଦେଶରେ, ନିଜ ମାଟିରେ ଘଟେ, ସେହି ଘା' ବେଶୀ ଗହିରିଆ ହୁଏ ଓ ବେଶୀ ଦିନପାଇଁ ସେ' କ୍ଷତ ନଶୁଖି ରହେ । ତା' ପରେ ପ୍ରାୟ ଦି' ସପ୍ତାହ ସେ' ଜାଣିପାରୁନଥିଲେ ସେ' ବଞ୍ଚିଛନ୍ତି ନା ମରିଯାଇଛନ୍ତି ? ସେ' ତାଙ୍କ ପୁଅ ଓ ଝିଅକୁ ପଚାରୁଥିଲେ ସେ' ସତରେ ବଞ୍ଚିଛନ୍ତି ନା ନାହିଁ ? ରାତିରେ ତାଙ୍କୁ ନିଦ ହେଉନଥିଲା । ପରେ ତାଙ୍କୁ "ପୋଷ୍ଟ ଟ୍ରମାଟିକ୍ ଡିପ୍ରେସନ' ପାଇଁ ଟ୍ରିଟ୍ମେଣ୍ଟ କରାଗଲା । "ବ୍ରୁକ୍ଲିନ୍' ରେ ଥିବା "ଭେଟେରାନ୍ସ୍ ଆଫେୟାର୍ସ୍ ହସ୍ପିଟାଲ' ରେ ସେ' ଦୀର୍ଘ ଦଶ ମାସ ଟ୍ରିଟ୍ମେଣ୍ଟ ହେଲାପରେ ଭଲ ହେଇ ସେ' ଘରକୁ ଫେରିଥିଲେ । ଥେରାପି ଓ ଈଶ୍ୱରଙ୍କଠାରେ ଗଭୀର ବିଶ୍ୱାସ ତାଙ୍କୁ ଏଥିରୁ ଭଲ ହେବାକୁ ସାହାଯ୍ୟ କରିଥିଲା । ଡିପ୍ରେସନ ଭୂତ ତାଙ୍କ ପଛେପଛେ ତଥାପି ଗୋଡାଉଥିଲା । ସେଥିରୁ ଟିକିଏ ମୁକ୍ତିପାଇଁ ସେ' "ବ୍ରୁକଲିନ୍'ରେ ନରହି ନିଜ ଘର "ରିଚମଣ୍ଡ'କୁ ଫେରିଆସିଲେ । ତାଙ୍କ ଘର କାନ୍ଥରେ ବହୁତ ଦିନ ତଳେ ଟାଙ୍ଗିଥିବା ତାଙ୍କ ଫାୟାର ଫାଇଟର ଥିଲା ବେଳର ସମସ୍ତ ସାଙ୍ଗ, ସାଥୀ, ସହକର୍ମୀମାନଙ୍କର ଫଟୋକୁ ଦେଖିଲେ, ପୁରିଣା ସ୍ମୃତିକୁ ମନେ ପକାଇଲେ, ସେମାନଙ୍କ ଭିତରୁ ତାଙ୍କର ଅଧିକାଂଶ ବନ୍ଧୁ ଯେଉଁମାନେ "ନାଇନ୍ ଇଲେଭେନ୍' ଦିନ ମରିଯାଇଥିବାର ଖବର ପାଇଥିଲେ ସେମାନଙ୍କପାଇଁ ଫଟୋ ଦେଖି ଦୁଃଖ ପ୍ରକାଶ କଲେ । ସେମାନଙ୍କ ପାଇଁ ଗର୍ବ ଅନୁଭବ କଲେ । ସେହି ଯୋଦ୍ଧାମାନେ ଯେଉଁ କୌଣସି ମୁହୂର୍ତ୍ତରେ ନିଜ ଜୀବନକୁ ପାଣି ଛଡେଇ ଅନ୍ୟମାନଙ୍କୁ ବିପଦରୁ ଉଦ୍ଧାର କରିବାକୁ, ବଞ୍ଚେଇବାକୁ ପଛେଇବେ ନାହିଁ ବୋଲି କହିଲେ। ସେହି ଦିନଠାରୁ ସେ' ନିଜ ପିଲାମାନଙ୍କୁ ଦେଖିବାକୁ "ବ୍ରୁକ୍ଲିନ୍' କେବେ ବୁଲିଗଲେ ଆଉ

"ମାନହାଟାନ' ଯାଆନ୍ତି ନାହିଁ, କାରଣ ତାଙ୍କର ମନେପଡିଯିବ ବୋଲି ଯେଉଁଠି ଦିନେ ସେହି ଟୁଇନ୍ ଟାୱାର ଛିଡା ହୋଇଥିଲା ଓ ତାଙ୍କର ବନ୍ଧୁମାନେ ଖସିପଡିଥିଲେ କଂକ୍ରିଟ୍ ଜଙ୍ଗଲ ଭିତରେ, ଦେଶ ସେବା କରିବା ପାଇଁ ଜୀବନ ହରେଇଥିଲେ । ଜୋସେଫ୍ "ନାଇନ୍ ଇଲେଭେନ୍' ଦିନ ବ୍ୟବହାର କରିଥିବା ବୁଟ୍ ତାଙ୍କ ନିଜ ଘରେ ଏକ ଗ୍ଲାସ କେସ୍ ଭିତରେ ଶୋଭା ପାଉଛି । ସେ' ତାକୁ ଦେଖିଲେ ଖୁସି ହୁଅନ୍ତି, ଗର୍ବିତ ହୁଅନ୍ତି, ଇମୋସନାଲ ହେଇ ଲୁହ ଝରାନ୍ତି ।

"ନାଇନ୍ ଇଲେଭେନ୍' ର ଚାରିମାସ ପରେ ନ୍ୟୁୟର୍କ ସିଟି ହଲରେ ଏକ ବିରାଟ ସ୍ମୃତି ସଭାର ଆୟୋଜନ କରାଯାଇଥିଲା । ସେଥିରେ ଆମେରିକାର ପ୍ରେସିଡେଣ୍ଟ "ଜର୍ଜ ବୁଶ୍ ଜୁନିଅର' ଓ ନ୍ୟୁୟର୍କ ସିଟି ମେୟର "ରୁଡି ଜୁଲିଆନ', ସିନେଟର "ହିଲାରୀ କ୍ଲିଣ୍ଟନ' ଓ "ଚକ୍ ସୁମର' ପ୍ରଭୃତି ବଡବଡ ରାଜନେତାମାନେ ଉପସ୍ଥିତ ହୋଇଥିଲେ । ନାଇନ୍-ଇଲେଭେନ୍ ଦିନ "ୱାର୍ଲଡ୍ ଟ୍ରେଡ୍ ସେଣ୍ଟର'ରେ ଯେଉଁ ବୀର ଓ ବୀରାଙ୍ଗନାମାନେ ଅଂଶ ଗ୍ରହଣ କରି ପ୍ରାଣ ହରାଇଥିଲେ ଓ କିଛି ଭାଗ୍ୟବାନ ସେଥିରୁ ବଞ୍ଚାଯାଇଥିଲେ ସେହି ପୁରୁଷ ଓ ମହିଳାମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଯେଉଁ ବୀର, ସାହସୀ, ଯୋଦ୍ଧାମାନେ ବଞ୍ଚିଥିଲେ ସେମାନଙ୍କୁ ଓ ସେମାନଙ୍କର ପରିବାରକୁ ଏ' ସଭାରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରାଯାଇଥିଲା । ଯେଉଁ ବିଶିଷ୍ଟ ରାଜନେତାମାନେ ସେ' ସଭାରେ ଉପସ୍ଥିତ ଥିଲେ ସେମାନେ ଅତିଥୀମାନଙ୍କ ସହ କର ମର୍ଦ୍ଦନ କରିଥିଲେ ଓ ବିଶେଷ ଭାବରେ ସମ୍ବର୍ଦ୍ଧନା ଦେଇଥିଲେ । "ଜୋସେଫ୍ ହର୍ଟନ' ସେହି ସଭାରେ ଫାୟାର ଫାଇଟର୍ସ୍ ଟିମ୍‌କୁ ଉପସ୍ଥାପିତ କରିଥିଲେ । ତାଙ୍କର ପିଲାମାନେ ମଧ୍ୟ ଏଥିରେ ଯୋଗଦାନ କରି ଖୁସି ହେବା ସହିତ ସେମାନଙ୍କର ପିତାଙ୍କର ଅସାଧାରଣ କର୍ତ୍ତବ୍ୟନିଷ୍ଠା ପାଇଁ ଗୌରବାନ୍ୱିତ ମନେ କରିଥିଲେ । ଦିହେଁ ଉତ୍ସାହିତ ହେଇଥିଲେ ତାଙ୍କ ପିତାଙ୍କ ଭଳି ଦିନେ ଫାୟାର ଫାଇଟର ହେଇ ନ୍ୟୁୟର୍କ ସିଟିର ସେବା କରିବାକୁ । ଏହି ଉତ୍ସବରେ କାହିଁ କେଉଁ ଆଡୁ ସାରା ଆମେରିକାରୁ ଲୋକେ ଆସିଥିଲେ ଯୋଗଦାନ ଦେବାପାଇଁ । ସଭା ସାଙ୍ଗ ହେବା ପରେପରେ ଜୋସେଫ୍ ଦେଖିଲେ ଯେ କେହି ଜଣେ ମହିଳା ତାଙ୍କ ଆଡକୁ ଜୋରରେ ମାଡି ଆସୁଛନ୍ତି । ତାଙ୍କୁ ସେ' ଚହ୍ଲାଚହ୍ଲା ଲାଗୁଥିଲେ। କେଉଁଠି ନିଶ୍ଚୟ ତାଙ୍କ ସହ ଭେଟ ହେଇଛି- ସିଏ ମନେମନେ ଭାବୁଥିଲେ ।

ଯେତେବେଳେ ମହିଳା ଜଣକ ନକଟତ୍ତର ହେଇଗଲେ ସେ' ଦେଖିଲେ ଯେ ସିଏ ଅନ୍ୟ କେହି ନୁହଁନ୍ତି, ସେ' ହେଉଛନ୍ତି "ମେରୀ ହକନ୍ସ୍' ।

"ମେରୀ' ଓ "ଜୋସେଫ୍' ଏକା ହାଇସ୍କୁଲରେ ଓ ଏକା କ୍ଲାସରେ "ବ୍ରୁକ୍‌ଲିନ୍ ହାଇସ୍କୁଲରେ' ପାଠ ପଢୁଥିଲେ । ଜୋସେଫ୍ "ମେରୀ'କୁ ମନେମନେ ଭଲପାଉଥିଲେ ସୁଦ୍ଧା କେବେ ତାଙ୍କ ନକଟରେ ପ୍ରେମ ଭିକ୍ଷା କରିବାକୁ ସାହାସ କରିନଥିଲେ କାରଣ ସେ' ଜାଣି ଯାଇଥିଲେ ଯେ ମେରୀ ତାଙ୍କର ଆଉ ଜଣେ କ୍ଲାସମେଟ୍ "ରନ ସିଙ୍ଗଲ୍‌ଟନ୍' ଙ୍କୁ ଭଲ ପାଉଛନ୍ତି ବୋଲି । "ରନ' ବହୁତ ସ୍ମାର୍ଟ ଓ ହ୍ୟାଣ୍ଡସମ୍ ଥିଲେ, ତେଣୁ ମେରୀ ତାଙ୍କୁ ପ୍ରେମ କରି ବିବାହ କରିଥିଲେ । "ମେରୀ' ବିବାହ ପରେ "ମାନହାଟାନ' ରେ ତାଙ୍କ ସ୍ୱାମିଙ୍କ ସହ ତାଙ୍କର ନଜର ଏକ ଆପାର୍ଟମେଣ୍ଟରେ ରହୁଥିଲେ ଓ ଜୋସେଫ୍ ବ୍ରୁକ୍‌ଲିନ୍ ରେ ତାଙ୍କ ଆପାର୍ଟମେଣ୍ଟରେ ରହୁଥିଲେ । ହାଇସ୍କୁଲ ଛଡିବାପରେ ଆଉ କେବେ ଦିହେଁ ଭେଟ ହେଇନଥିଲେ । "ମାନହାଟାନ' ଆପାର୍ଟମେଣ୍ଟ ଗୁଡିକ ବହୁତ ଦାମ୍ । ପୃଥିବୀର ସବୁଠାରୁ ଦାମୀ ସ୍ଥାନ । ଯିଏ ନାହିଁ ସିଏ ଏଠି ଆପାର୍ଟମେଣ୍ଟ କଣିବାକୁ ସକ୍ଷମ ହେଇପାରିବ ନାହିଁ । ଯେହେତୁ "ରନ' ଜଣେ ସଫଳ ଆଇନଜ୍ଞ ଓ ଆଇନଜ୍ଞମାନେ ଏ' ଦେଶରେ ବହୁତ ଅର୍ଥ କମାନ୍ତି, ତେଣୁ ସେ' ଆପାର୍ଟମେଣ୍ଟଟିଏ କଣିପାରି ଥିଲେ । "ମେରୀ' ଓ "ରନ'ଙ୍କର ୨୧ ବର୍ଷର ଝିଅଟିଏ ଥିଲା ଯାହାର ନାଁ "କ୍ରିଷ୍ଟାଲ' । ସେ' ହେଉଛି ତାଙ୍କର ଏକମାତ୍ର ସନ୍ତାନ । "ରନ' ଜଣେ ବିଶିଷ୍ଟ ଆଇନଜ୍ଞ ଥିଲେ ଓ ତାଙ୍କର ଗୋଟିଏ "ଲ ଫାର୍ମ' "ୱାର୍ଲ୍ଡ୍ ଟ୍ରେଡ୍ ସେଣ୍ଟର' ର "ସାଉଥ୍ ଟାୱାର' ରେ ୧୦୧ ମହଲାରେ ଥିଲା । "ସାଉଥ୍ ଟାୱାର' ହିଁ ସର୍ବ ପ୍ରଥମେ ଜଳଯାଇଥିଲା । ଯେତେବେଳେ "ସାଉଥ୍‌ଟାୱାର' ରେ ପ୍ରଥମ ଜେଟ୍ ଲାଇନର ହିଟ୍ କଲା ଓ ରନ ଜାଣିବାକୁ ପାଇଲେ, ସେତେବେଳେ ସେ' ଜାଣି ଯାଇଥିଲେ ଯେ ସେ' କୌଣସି ମତେ ନଜକୁ ବଞ୍ଚାଇ ପାରିବେନ । ୧୦୧ ମହଲାରୁ ତଳକୁ ଓହ୍ଲାଇ ଆସିବା ତାଙ୍କ ପକ୍ଷେ ଅସମ୍ଭବ । ସେ' ନଜ ସେଲ୍‌ଫୋନ୍ ବାହାରକରି କଲ୍ କଲେ ଓ ତାଙ୍କ ପତ୍ନୀ "ମେରୀ'କୁ ଜଣେଇ ଦେଇଥିଲେ ଯେ - "ସେ' ତାଙ୍କୁ ଓ ତାଙ୍କ ଝିଅ "କ୍ରିଷ୍ଟାଲ' କୁ ଜୀବନରେ ବହୁତ ଭଲ ପାଆନ୍ତି ବୋଲି । ଏ' ହେଉଛି ବୋଧହୁଏ ତାଙ୍କ ସହ ଶେଷ କଥାବାର୍ତ୍ତା' ।

"ଜୋସେଫ" ଓ ତାଙ୍କର ପୁରୁଣା ବାନ୍ଧବୀ "ମେରୀ" ବହୁତ ଦିନ ପରେ ସେ'ଦିନ ଭେଟ ହେଇଥିଲେ । ଦିହେଁ ଅନେକ ସମୟ ଧରି କଥାବାର୍ତ୍ତାରେ ମଜ୍ଜି ଗଲେ; ଦୁଃଖ, ସୁଖ ହେଲେ; ପିଲାମାନଙ୍କ ବିଷୟରେ ଆଲୋଚନା କଲେ । କଥାବାର୍ତ୍ତାରୁ "ଜୋସେଫ" ଜାଣିବାକୁ ପାଇଲେ ଯେ "ମେରୀ"ଙ୍କର ସ୍ୱାମି "ରନ"ର ମୃତ୍ୟୁ ସେ'ଦିନ ହେଇଯାଇଥିଲା ବୋଲି । ସେଥିପାଇଁ ସେ\' ନମନ୍ତ୍ରଣ ରକ୍ଷାକରି ଆସିଥିଲେ ଏ' ସ୍ମୃତି ସଭାକୁ ତାଙ୍କ ସ୍ୱାମିକୁ ଶ୍ରଦ୍ଧାଞ୍ଜଳ ଦିଆଯାଉଥିଲା ବୋଲି । "ଜୋସେଫ" "ରନ"ର ମୃତ୍ୟୁ ସମ୍ବାଦ ଶୁଣି ଦୁଃଖ ପ୍ରକାଶ କଲେ। ସେ' ମଧ ଜାଣିବାକୁ ପାଇଲେ ଯେ "ମେରୀ" ମଧ ତାଙ୍କ ସ୍ୱାମିଙ୍କ ମୃତ୍ୟୁ ପରେ ପରେ ତାଙ୍କ "ମାନହାଟାନ" ଆପାର୍ଟମେଣ୍ଟ ବିକ ଦେଇ "ରିଚମଣ୍ଡ" ରେ ଥିବା "ଗ୍ରେଟ୍ ସେନେକା ହାଉସିଂ କଂପ୍ଲେକ୍ସ" ରେ ଘରଟିଏ କଣି ରହୁଛନ୍ତି କାରଣ ନ୍ୟୁୟର୍କରେ ରହିଲେ ସବୁବେଳେ ସେହି କଥା ହିଁ ତାଙ୍କର ବାରମ୍ବାର ମନେ ପଡି ଅସରନ୍ତି ଦୁଃଖ ଦେବ ବୋଲି । "ଜୋସେଫ" ଜାଣିଗଲେ ଯେ ମେରୀଙ୍କ ଘର ତାଙ୍କ ଘରଠାରୁ ମାତ୍ର ଦି' ମାଇଲ ଭିତରେ । ଦିହେଁ ପରଷ୍ପର ଦେଖା ସାକ୍ଷାତ କରିବାକୁ ଶପଥ ନେଲେ ଓ ଫୋନ୍ ନମ୍ବର ବିନମୟ କରି ବିଦାୟ ନେଲେ ।

ଦିନେ ରବିବାର ହେଇଥାଏ । "ଜୋସେଫ" "ମେରୀ"ଙ୍କୁ ଫୋନ୍‌କରି ସକାଳ ଟୀ' ଏକାଠି ପିଇବାକୁ ତାଙ୍କ ଘରକୁ ନମନ୍ତ୍ରଣ କଲେ । ନମନ୍ତ୍ରଣ ରକ୍ଷାକରି "ମେରୀ" ପହଞ୍ଚିଗଲେ । "ଜୋସେଫ" ତାଙ୍କପାଇଁ "ପାନକେକ୍" ପ୍ରସ୍ତୁତ କରିଥିଲେ । ଦିହେଁ "ପାନେ୍କକ୍" ଓ କଛି ଫଳ ଆହାର କଲେ । ଟୀ' କେଟ୍‌ଲିରେ ପାଣି ଗରମ ହେଉଥାଏ । କଛି ସମୟ ପରେ ଟୀ' ପିଇ ନକଟରେ ଥିବା ଏକ ପାର୍କକୁ ବୁଲି ଯିବାକୁ ସ୍ଥିର କଲେ । ପାର୍କରେ ବସିଥିଲା ବେଳେ "ଜୋସେଫ୍" ହାଇସ୍କୁଲରେ ପଢୁଥିଲା ସମୟରେ "ମେରୀ"ଙ୍କ ପ୍ରତି ଥିବା ତାଙ୍କର ଦୂର୍ବଳତା ବିଷୟରେ କହିଲେ, ଯେଉଁ କଥା ଏ'ଯାଏ କେବେ ତାଙ୍କୁ କହିବାକୁ ସେ' ସାହାସ କରିପାରିନଥିଲେ । ଦିହେଁ ହସିହସି ବେଦମ ହେଇଯାଇଥିଲେ । "ମେରୀ" ତାଙ୍କୁ ଏତେ ଦିନ ଧରି ନକହିବା ଓ ସିଏ ଏତେ ଲାଜକୁଳା କହି ଚଡେଉଥିଲେ । ସେ'ଦିନ "ଜୋସେଫ" "ମେରୀ"ଙ୍କୁ ପଚାରିଥିଲେ ତା'ଙ୍କର ଜନ୍ମ ଦିନ କେଉଁ ଦିନେ ? ସେ' ନର୍ଭସ ହେଇ କହିବେ କ ନାହିଁ ଭାବି ଶେଷରେ ସେପ୍ଟେମ୍ବର ୧୧ ତାରଖ ବୋଲି କହିଦେଲେ ।

ସେତେବେଳକୁ "ମେରୀ"ଙ୍କର ମୁହଁ ଶୁଖି ଆସିଥିଲା । "ଜୋସେଫ୍" ତାଙ୍କୁ କଛି ନକହି ନୀରବ ରହି ଯାଇଥିଲେ ।

କଛି ଦିନ ବିତି ଗଲା । "ଜୋସେଫ୍" ସବୁବେଳେ ପି.ଟି.ଏସ୍.ଡି. (ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ୍ ଡିସ୍ଅଡର) ଓ ଡିପ୍ରେସନ ସହ ଲଢେଇ କରୁଥିଲେ । "ମେରୀ" ତାଙ୍କୁ ବହୁ ସମୟରେ ଆସି ସାହାଯ୍ୟ କରୁଥିଲେ । ସଂଗ୍ରାମ କରିବାକୁ କହୁଥିଲେ, କେବେ ହାରି ନଯିବାକୁ ପ୍ରେରଣା ଦେଉଥିଲେ । ଆସ୍ତେ ଆସ୍ତେ ଦିହିଁଙ୍କ ଭିତରେ ଭଲ ପାଇବା ଘନଭୂତ ହେବାକୁ ଲାଗିଲା । କଏ ଜଣେ ଦିନେ ଅନ୍ୟ କାହାକୁ ନଦେଖିଲେ ବାହାନା ଦେଖେଇ ଘରକୁ ଧାଇଁ ଅସୁଥିଲେ । ଦିନେ ସାହାସ ବାନ୍ଧି "ଜୋସେଫ୍" "ମେରୀ"ଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଲେ, ଯାହାକୁ ସେ' ହାଇସ୍କୁଲରେ ପଢିଲାବେଳେ କହି ପାରିନଥିଲେ । ସେ' ଜାଣିଥିଲେ "ମେରୀ" ତାଙ୍କୁ କେବେ ମନା କରି ପାରିବେ ନାହିଁ । "ମେରୀ" ମଧ ସେହି ପ୍ରସ୍ତାବରେ ରାଜି ହେଇଗଲେ । ଦିହିଁଙ୍କ ସମ୍ମତିରେ ଦିନ ବାର ଠିକ୍ ହେଲା । ସେ' ଦିନ ଥିଲା ୨୦୧୨ ମସିହା ସେପ୍ଟେମ୍ବର ୧୧ ତାରିଖ । ଦିହେଁ ସେ' ଦିନ ୧୧ଟା ସମୟରେ ବିବାହ ବନ୍ଧନରେ ବାନ୍ଧି ହେଇଗଲେ । ଏକ ସାଧାରଣ ଭୋଜିର ଆୟୋଜନ ହେଇଥିଲା ଯେଉଁଥିରେ ସେମାନଙ୍କର ପିଲାମାନେ ଓ କଛି ନକଟ ସଂପର୍କୀୟ ଓ ଘନଷ୍ଠ ବନ୍ଧୁମାନେ ଯୋଗ ଦେଇ ସେମାନଙ୍କର ଦୀର୍ଘ ଜୀବନ କାମନା କରିଥିଲେ । ଭାଷଣ ଦେଲା ବେଳେ ସେମାନଙ୍କର ପିଲାମାନେ (୨୪ ବର୍ଷର "କାର୍ଲ" ୨୨ ବର୍ଷର "ଆଲିସନ" ଓ ୨୧ ବର୍ଷର "କ୍ରିଷ୍ଟଲ") ସେ' ଦିନ ସମସ୍ତଙ୍କ ସାମ୍ନାରେ ଶପଥ ନେଇଥିଲେ ଦିନେ ନା ଦିନେ ନ୍ୟୁୟର୍କ ସିଟି ଫାୟାର ଡିପାର୍ଟମେଣ୍ଟରେ ଜଏନ୍ କରିବାକୁ ଓ ତାଙ୍କ ପିତା "ଜୋସେଫ୍"ଙ୍କ ଭଳ ଜଣେ ତ୍ୟାଗୀ, ଆଦର୍ଶବାଦୀ ଫାୟାର ଫାଇଟର ହେଇ ନ୍ୟୁୟର୍କ ସିଟିର ସେବା କରିବାକୁ ।

ହିଡେନ୍ ଭ୍ୟାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଶୂନ୍ୟ ହସ୍ତେ ଫେରିବା କଥା



ଶାନ୍ତିଲତା ମିଶ୍ର

ଖାଲି ହାତେ ଯଦି ଆସିଥିଲି ଧରାଧାମେ, ଶୂନ୍ୟ ହସ୍ତେ ମୋର ଫେରିବା କଥା,
କିନ୍ତୁ ସାଥିରେ କାହିଁକି ନେଇ ଯାଉଅଛି, ବୋଝରେ ବୋଝେଇ ହଜାରେ ବ୍ୟଥା ॥
ସୁଖ ଯଦି ଯିବେ ନାହିଁ ସାଥିରେ, ଦୁଃଖକୁ କାହିଁକି ଲଦୁଛ ମୋ ଜୀବନ ରଥରେ,
ବୁଝାଇ ସବୁ କହିବାକୁ ପଡିବକି ମତେ ତୁମକୁ, ଆଉ ଥରେ, ପୁଣି ଏତେ ମାତ୍ରାରେ ॥

ସଂସାରରୁ ଯିବା ପୂର୍ବରୁ ଯେତେ ସୁଖ ଦେଇଥିଲ, ଗୋଟି ଗୋଟି କରି ସବୁ ନେଲ ଛଡେଇ,
କିନ୍ତୁ ବୁଝି ପାରୁନାହିଁ ତିଳେ ବି, ଦୁଃଖ ମାନେ କାହିଁ ଏଯାଏ, ଅଛନ୍ତି ମୋର ପଛେ ଗୋଡାଇ ॥
ସଂସାର ଜାଲେ ଛନ୍ଦିକରି କଲ ଯେତେ ଛଟପଟ, ଓହୋରି ଯିବାକୁ ଏ ଦୁଃଖୁ ନପାଇଲି ବାଟ,
କି ଆବଶ୍ୟକତା ଥିଲା, କେତେ ଆନନ୍ଦ ମିଳିଲା, ଜଣେ ଅକିଞ୍ଚନେ କରିବାରେ ଏତେ କପଟ ॥

ଘେରି ରହିଛନ୍ତି ଦୁଃଖ ଏପରି, ଚତୁର୍ଦିଗେ ଆଗପଛ ହୋଇ, ଛାଡି ଯିବାକୁ ଜମା ରାଜି ନୁହଁନ୍ତି,
ପାରୁନାହିଁ ବି ସେମାନଙ୍କୁ ଘଉଡେଇ, ତାଙ୍କ ପ୍ରାର୍ଦୁର୍ଭାବେ ବଳ ବୁଦ୍ଧି ସବୁ ବାଟ ବଣା ହୁଅନ୍ତି॥
ଦୟା ପରବଶେ, କିଛି କଳ କୌଶଳେ, ରଖ ସେମାନଙ୍କୁ ମୋ ଠାରୁ ଦୁରେଇ,
ପ୍ରତିକାର କରିବାର ଶକ୍ତି କେବଳ ତୁମର ଅଛି, ସୁବ୍ୟବସ୍ଥା ପାଇଁ ତୁମ ହସ୍ତକ୍ଷେପ ଲୋଡଇ ॥

ହାତ ଗଣତିରେ, ଆଉ କିଛି ଦି ମାସ, ତୁମ ସଂସାରରେ ମୋର ରହଣି,
ଫେରିବାକୁ ଇଚ୍ଛା ସଂସାରରୁ ତୁମ, ଯେପରି ଆସିଥିଲି ଶୂନ୍ୟ ହସ୍ତେ, କିଛି ନଆଣି ॥
କାନ୍ଦି କାନ୍ଦି ଆସିଥିଲି ଯେମିତି ଏ ଧରାଧାମକୁ, କହିବ ଯଦି ପୁଣି ଥରେ କାନ୍ଦି ଫେରି ଯିବି ମୁହିଁ,
କିନ୍ତୁ ତୁମ ସଂସାର ସୃଷ୍ଟ ଦୁଃଖକୁ, ନେଇ ଯିବା ପାଇଁ ସାଥିରେ ମତେ ବାଧ୍ୟ କର ନାହିଁ ॥

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# ଲେଖିନେ ସୁନ୍ଦର ଭାଗ୍ୟଟେ



ପ୍ରାଧାପିକା ଜ୍ୟୋସ୍ନା ରାୟ

ଧନରେ!
ଲକ୍ଷ୍ୟରେ ପହଞ୍ଚିବା
ଅବା ଲକ୍ଷ୍ୟ ଭେଦିବା,
ଏତେ ସହଜ ନୁହେଁ ,
ଯେମିତି ଭାବୁଛୁ ତୁ ।
ବାହୁସ୍ଫୋଟ ମାରି -
ବଡ଼ବଡ଼ କଥା କହିବା,
ହେଇପାରେ ସହଜ
ମାତ୍ର ପାରିବାପଣ ନୁହେଁ ,
ଏଥିପାଇଁ ଲୋଡ଼ାହୁଏ ଏକ
ଯୋଜନାବଦ୍ଧ ଶୃଙ୍ଖଳିତ ଜୀବନ,
ନିଷ୍ଠା -ସାଧନା- ଶ୍ରଦ୍ଧା
ଆଉ ଅକ୍ଳାନ୍ତଶ୍ରମ,
ଛୁଇଁବାକୁ ଲକ୍ଷ୍ୟସ୍ଥଳ
ଖେଳବାକୁ ହୁଏ ଗୋଟେ -
ଅତର୍କିତ ହାରଜିତ୍ ସାପଶିଡ଼ି ଖେଳ ।
ଜିଣିବାକୁ ରଣ ଅତିକ୍ରମିବାକୁ ହୁଏ
ମୁହୂର୍ତ୍ତ ମୁହୂର୍ତ୍ତ ଏଠି ସତର୍କରେ
ସାଫଲ୍ୟ ବୈଫଲ୍ୟ ଭରା
ତୀକ୍ଷ୍ଣ ଅସିଧାର ।।

କେବେ କେବେ ସାହା ହୁଏ
ପ୍ରାରବ୍ଧ ବା ପୁଣ୍ୟକର୍ମ
କେବେ ନିଜ ଭାଗ୍ୟର ବନ୍ଧନ
ନୋହିଲେ କେମିତି କହ
ହୁଅନ୍ତା ଏ ବ୍ୟତିକ୍ରମ....
ବୀର ଅର୍ଜୁନ ହାରିଯାଏ
ଛାର ଏକଲବ୍ୟ ପାଖରେ,
ପାଣ୍ଡବ ବିଜୟୀ ହୁଏ ଭାରତ ଯୁଦ୍ଧରେ ,
ରାଜପୁତ୍ର ଧ୍ରୁବ  ପୁଣି ମଗ୍ନହୁଏ
ଘୋର ତପସ୍ୟାରେ
ଅଗ୍ନାଅଗ୍ନିବନସ୍ତ ଭିତରେ???
ଧନରେ! ମୁଁ ଜାଣେ ସିସିଫସ୍ ର ଭାଗ୍ୟ
ଲେଖାନାହିଁ ତୋ' କପାଳରେ,
ହେଲେ ପାରୁଛୁ ଯଦି ଅନ୍ଧାର ପୂର୍ବରୁ
ମାଡ଼ିଯାଆ  ଆଲୋକ ପଥରେ
ତୋ' ପୁଣ୍ୟକର୍ମ ଅବା ତୋ' ଭାଗ୍ୟବଳରେ,
ନଚେତ୍  ଲେଖିନେ ସୁନ୍ଦର ଭାଗ୍ୟଟେ
ତୋ' ସାଦାକପାଳରେ
ଗଢ଼ିନେ ତୋ' ନିଜକୁ ନିଜ ହାତେ
ଏକ ନିଆରା ରୂପରେ
ଆଲୋକିତ କରିଦେ ସଂସାରକୁ
ସୂର୍ଯ୍ୟସମ ଆପଣା ତେଜରେ।।

ଆଜିମାବାଦ, ବାଲେଶ୍ୱର, ଓଡିଶା

# ଝରକା



ସୁଲୋଚନା ପଟ୍ଟନାୟକ

ସୁରମା ଝରକା ପାଖେ ବସି ଚାହା ପିଉଥିଲା । ଏକୁଟିଆ ବସି ବସି ଉଷୁମ୍ ଚାହା କପରୁ ଢୋକେ ପିଇସାରି ଜାଣିବାକୁ ଚାହିଁଲା, ଏ ଚାହା ପିଇବାର ଅଭ୍ୟାସ ତାର କେବେଠୁ ହେଲା? ମନେ ପଡୁଛି ଚାହାର ସ୍ୱାଦ ଅନୁଭବ କରିବାକୁ ତାକୁ କିଛି ବର୍ଷ ଲାଗିଯାଇଥିଲା । ସେତେବେଳକୁ ବୋଧେ ସିଏ ପନ୍ଦର ବର୍ଷର ହୋଇଥିଲା । ସୁରମା ଘରର ସାନ ଝିଅ । ଚାହା ପିଇବ ବୋଲି କହିବାକୁ ତାର ସାହାସ କୁଲାଉ ନ ଥିଲା । ମନରେ ପ୍ରଶ୍ନ ଥିଲା ଖରା ଦିନର ଗୁଳୁଗୁଳିଆ ଦିନ ଶେଷକୁ ଚାହା ପିଇବାକୁ, ସେଥିରେ ପୁଣି ଗରମ ଚାହା ପିଇବାକୁ ଲୋକମାନଙ୍କୁ କେମିତି ଭଲ ଲାଗେ କେଜାଣି ? ମେ ଜୁନ୍‌ର ଖରା ହେଉ ଅବା ଡିସେମ୍ବରର ଶୀତ ସକାଳ, କେଉଁଥିରେ ଫରକ ପଡେନ । ତା' ପାଇଁ ଚାହାର ସ୍ୱାଦ ନ ହେଲେ ବି ପରିବାର ବର୍ଗଙ୍କ ସହିତ ଏକାଠି ବସି ଚାହା ପିଇବାର ଆନନ୍ଦର ସ୍ୱାଦ ଥିଲା ନିଆରା । ସେ ସମୟରେ ବୋଧେ ଥଣ୍ଡା ଚାହା ପାନର ଚଳଣି ନଥିଲା । ଇଂରେଜ ମାନେ ଯାହା ଶିଖାଇ ଦେଇ ଯାଇଛନ୍ତି, ଭାରତୀୟ ମାନଙ୍କ ପାଇଁ ସେଇ ଶିକ୍ଷା ଅନୁକରଣୀୟ ହୋଇ ରହିଯାଇଛି ବୋଲି ସୁରମାର ମତ । ସମସ୍ତେ କୁହନ୍ତି ଗରମ ଗରମ ଚାହା ଲୋକଙ୍କୁ ତାଜା କରେ, ମନକୁ ସତେଜ କରିଥାଏ । ଆଜିକାଲି ଚାହା ପିଇବା ଗାଁ ଗହଳରେ, ଘରେ ଘରେ, ପ୍ରତ୍ୟେକ ପରିବାରର ଏକ ଆବଶ୍ୟକୀୟ ପାନୀୟରେ ଗୃହିତ, ଏକ ଅଙ୍ଗ । ଦିନର ଯେ କେଉଁ ସମୟରେ ଘରକୁ କଏ ଅତିଥି, ଜଣା ପରିଚୟ କେହିବି ଆସିଲେ ଘରର କର୍ତ୍ତା ତାଙ୍କୁ ଚହା କପେ ଅର୍ପଣ କରି ଆପ୍ୟାୟିତ କରିଥାନ୍ତି । ଏହିଭଳି ସାଧାରଣ ଅତିଥି ପରାୟଣତା ସବୁଘରେ ଦେଖାଯାଏ । ଆଜି ସୁରମା ଚହାକପେ ଧରି ପୁରୁଣା ସ୍ମୃତିକୁ ରୋମନ୍ଥନ କରିବ ବା ଚାହାକପର ସ୍ୱାଦ ଉଠାଇବ, କେଉଁଟା ତା ପାଇଁ ବେଶୀ ଦରକାର ଜାଣିପାରୁ ନଥାଏ । ଏଇନା ତାର କଅଣ ଦରକାର ? କେବଳ ସମୟ କଟାଇବାର ଆବଶ୍ୟକତା ଅଛି ବା

ନଜର ଛୋଟିଆ ଦୁନଆର ବାହାରେ ଯେ ଏକ ବିରାଟ ପୃଥିବୀ ତାର ଅପେକ୍ଷାରେ ଅଛି ସିଏ ଜାଣିପାରୁନ, ଅନୁମାନ କରି ପାରୁନ । ମନଟା ଅସ୍ଥିର ଲାଗୁଛି ।

ସୁରମା ଗାଁ ଛାଡି ଆସିବାର ଦୀର୍ଘ ପଚଶ/ଛବିଶ ବର୍ଷ ହୋଇଗଲାଣି । ବାପାଙ୍କର ଏମ୍ବାସିରେ ଚାକରୀ ଥିଲା । ପାଞ୍ଚ ବର୍ଷପରେ ତାଙ୍କର ବଦଳ ହୋଇଯାଇଥିଲା ପୁଣି ମୁମ୍ବାଇକୁ । ସିଏ ଖୁବ ଖୁସିରେ ଫେରି ଯାଇଥିଲେ । ସେତେବେଳେ ସୁରମା କଲେଜରେ ପଢୁଥିଲା ୟୁନଭରସିଟି ଅଫ ମେରିଲାଣ୍ଡର, ଅଣ୍ଡର ଗ୍ରାଜୁଏଟର ଶେଷ ବର୍ଷ । ତାକୁ ରହି ପାଠ ଶେଷ କରିବାକୁ ପଡିଲା । ପରେ ବିଜିନେସ ମାନେଜମେଣ୍ଟ ପଢିବା ପାଇଁ ସିଏ ହ୍ୱାର୍ଟନ ସ୍କୁଲ ଅଫ ବିଜିନେସରେ ନାମ ଲେଖାଇଲା । କନ୍ତୁ ସିଏ ସେଇଦିନୁ ଏଇଠି ରହି ଯାଇଛି । ଏଠାର ଆଦବ କାଇଦା ଚାଲିଚଳଣୀ ସବୁରେ ସିଏ ଯୋଡି ହୋଇଯାଇଛି, ଆଉ ଫେରିବାକୁ ଇଛା ହୋଇନାହିଁ । ଦୃଢ ମନୋଭାବର ଝିଅ ସୁରମା । ଏକୁଟିଆ ବାପା ମାଆଙ୍କ ପାଖରୁ ଦୂରରେ ରହି ନଜର ସ୍ୱପ୍ନକୁ ସାକାର କରିବାରେ ସିଏ ଆହୁରି ଦୃଢ ହୋଇ ଲାଗିପଡିଲା । ଆଜି ସେସବୁ ବିତିଗଲା ଦିନର କାହାଣୀ ହୋଇଯାଇଛି । ବେଳେ ବେଳେ ସମୟକୁ ହାତ ମୁଠାରେ ଧରି ବିତିଥିବା ଦିନର ଇତିହାସକୁ ପରଖିବାକୁ ଇଛା ହୁଏ । କନ୍ତୁ ସମୟକୁ କଏ ବା ଧରି ରଖି ପାରିବ ? ନଦୀର ଗତି ପରି ସିଏ ଏକ ମୁଖା । ତାକୁ କେବଳ ସ୍ମୃତି ରେ ଧରି ରଖି ହୁଏ ଇତିହାସରେ ପଢିହୁଏ, କଥା କାହାଣୀରୁ ଜାଣିହୁଏ । ସିଏ କାହାର ଅପେକ୍ଷା କରେ ନାହିଁ, ଲେଉଟି ଆସେ ନାହିଁ । "ଗତସ୍ୟ ଶୋଚନା ନାସ୍ତି" କହି ଆଗେଇ ଯିବା ହିଁ ଏକମାତ୍ର ପନ୍ଥା। ସେଇ ପନ୍ଥାର ଅନୁସରଣ କରେ ସୁରମା ।

ନଜ ଜୀବନରେ କେତେ ଘଟଣା ଘଟିଯାଇଛି । କେତେ ସଂପର୍କ ଯୋଡି ହୋଇ ଭାଙ୍ଗିଛି, ଭାଙ୍ଗି ହୋଇ ଯୋଡି ହୋଇ ଠିଆ ହୋଇଛି ଭଙ୍ଗା ଗୋଡରେ । ଆଜି ସୁରମା ଚାହୁଁଛି ଏକ ନୂଆ ସୂର୍ଯ୍ୟର ନରମ କରଣ ସତେକ ତାର ଅଲରା ବାଳକୁ ସଜାଡି ଦେଉଛି, ତାକୁ ଚୁପି ଚୁପି କଥା କହୁଛି । କହୁଛି, "ଜୀବନ ବଡ ବିଚତ୍ର । ଜୀବନକୁ ବୁଝିବା ଏକ କଠିନ ବ୍ୟାପାର" । ପଡୋଶୀ ବିରାଜ ବାବୁଙ୍କ ପ୍ରତି ଆମାନଆ ଆର୍କଷଣର କାରଣ ଏବଂ ବରମ୍ବାର ତାଙ୍କୁ ମନରୁ ଦୁରକୁ ଫୋପାଡିବାର ପ୍ରଚେଷ୍ଟା କୌାଣସିଟାର ମୂଳ ତଥ୍ୟ ବୁଝି ହେଉନ । ବେଳେ ବେଳେ ଏକାଠି କାମ କରୁଥିବା ସହକର୍ମୀ କେଭିନ୍‌ର ଆୟତ ଆଖିରୁ ଭଲ

ପାଇବାର ନରମ ଡାକକୁ ସିଏ ଅନୁଭବ କରୁଛି । ହେଲେ ଏକ ଅକୁହା ଅଜଣା ଭାବ ତାକୁ ଆଗେଇବାକୁ ଦେଉନ । ସିଏ ଆଗକୁ ଯାଇ ପାରୁନ । ସତେ ଯେପରି ସିଏ ଯୌବନକୁ ପାରି ହୋଇ ଏକାବେଳକେ ବୃଦ୍ଧା ଅବସ୍ଥାରେ ପହଞ୍ଚି ଯାଇଛି । କେତେବେଳେ ସୂର୍ଯ୍ୟ ଅସ୍ତ ହୋଇଯାଇଛନ୍ତି । କଏ କହିବ କାହିଁକ ? ଲୋକ କୁହନ୍ତି, ପ୍ରତି କଥାର କଛି କାରଣ ଅଛି। ହୁଏତ ଭଗବାନଙ୍କର ଇଛା ନାହିଁ, ତା' ଭାଗ୍ୟରେ ନାହିଁ, ଅବା ଭାଗ୍ୟ ତାକୁ କଢଉଛି ଅନ୍ୟ ରାସ୍ତାରେ ଯିବା ପାଇଁ । ଏମିତି ଅନେକ ପ୍ରଶ୍ନ ତା ମନକୁ ବିଚଳତ କରୁଛି । ସୁରମା ହସିବ କ କାନ୍ଦିବ ଜାଣି ପାରୁନ । ଭାଗ୍ୟକୁ ପରଖିବା ପୂର୍ବରୁ ଚାହା କପକୁ ପାଟି ପାଖକୁ ନେଲା ସୁରମା । ଢୋକେ ପିଇବାକୁ ଚେଷ୍ଟା କଲା । ଶୂନ୍ୟ କପରୁ ବିନ୍ଦୁଟିଏ ବି ପାଟିକୁ ଆସିଲା ନାହିଁ । ଝରକା ବାଟେ ବାହାରକୁ ଅନାଇଲା । ଉପରକୁ ଅନାଇ ଦେଖିଲା ନୀଳ ଆକାଶ ହସୁଛି, ତଳକୁ ଦେଖିଲା ସବୁଜ ଧରିତ୍ରୀ । ସମସ୍ତେ ନଜର ମନେ ହେଉଛନ୍ତି । ଏ ଦୃଶ୍ୟକୁ ଛାଡି ଉଠିବାକୁ ମନ କହିଲା ନାହିଁ । ଆଉ କପେ ଚାହା ପିଇବାକୁ ଇଛା କଲା ସୁରମା । ବିଛଣାରୁ ଉଠିଲା । ହଠାତ ଦେଖିଲା ଘର ସାମନାରେ କଳା ରଙ୍ଗର ନସାନ ଗାଡିଟିଏ ଆସି ଠିଆ ହେଲା । ସିଏ ତଳକୁ ଯାଇ କବାଟ ଖୋଲିଲା । ତାକୁ ସ୍ତମ୍ଭିଭୂତ କରି ସାମାନାରେ ଠିଆ ହୋଇଛନ୍ତି ଅରୁଣ ମହାନ୍ତି । ଆଗରୁ ନ ଡାକ ଆସିଛନ୍ତି ବୋଲି ସିଏ ଦୁଃଖିତ ବୋଲି ଜଣାଉଛନ୍ତି । କନ୍ତୁ ସୁରମା ଖୁବ ଖୁସି ଜଣା ପଡୁଥାଏ । ଅନେକ ଦିନ ପରେ ଅରୁଣନଙ୍କ ଦେଖା ହେବାର ଖୁସି ତା ଆଖିରେ ଝଲସୁ ଥାଏ । ବିଜିନେସ' ସ୍କୁଲରେ ପଢିଲା ବେଳେ ତାଙ୍କ ସହ ପରିଚୟ ଥିଲା । ଅନେକ ଦିନ ପାଠ ପଢା ସହ ଏକାଠି ହସ ଖୁସିରେ ସାଙ୍ଗ ହୋଇ ବିତି ଯାଇଥିଲା । ସୁରମା ଓଠରେ ଥିବା ହସ ସତ କ ମିଛ ଅରୁଣ ଜାଣି ପାରୁ ନଥାନ୍ତି । କନ୍ତୁ ସୁରମା ଯେ ଘରେ ଅଛି ଓ ତା ସହ ଦେଖା ହୋଇ ପାରିଲା ସେଇକଥା ତାଙ୍କ ପାଇଁ ଯଥେଷ୍ଟ । ଅରୁଣଙ୍କୁ ଭିତରକୁ ଡାକଲା ସୁରମା । ଅରୁଣ ଆସିବା ପରେ ସିଏ କବାଟ ଆଉଯାଇ ଆଣିଲା । ମନ ଭିତରେ ଥିବା କଥା ସେମିତି ମନରେ ରହିଥାଏ । ଆସିବାର କାରଣ ପଚାରିବାକୁ ମନ ଚାହିଁଲେ ବି ପାଟିରୁ ସେ ଯାଏ କଥା ବାହାରୁ ନଥାଏ । ସୁରମା ଅରୁଣଙ୍କୁ ବସାଇ ଦେଇ ଚାହା କପେ ଆଣିବ ବୋଲି କହି ଭିତରକୁ ଗଲା । ପାଞ୍ଚ ମିନଟ୍‌ରେ ଚାହା ପ୍ରସ୍ତୁତ । ପ୍ଲେଟରେ ଚାରୋଟି ବିସ୍କୁଟ ରଖି ଟ୍ରେ ଟିଏ ଧରି ସିଏ ଲିଭିଂରୁମ୍‌କୁ ଆସିଲା ।

ଅରୁଣ ମହାନ୍ତି । ବୟସ ପାଖା ପାଖି ପଚ୍ଚିଶ । ସୁସ୍ଥ ସବଳ ମଣିଷଟିଏ । ଦିନେ ସୁରମାର ସ୍ୱାମୀ ଥିଲେ । ଏବେ ସଂପର୍କ ଛିଡିଗଲେ ମଧ୍ୟ କେଉଁଠି ନିଶ୍ଚୟ ସଂପର୍କର ସୂତାଟି ଲାଖି ରହିଛି । ତାକୁ ଛିଣ୍ଡାଇ ଦେବାର କେହି ପ୍ରୟାସ କରିନାହାନ୍ତି । ହୁଏତ ମନ୍ଦ ଦିନ ଚାଲିଗଲାଣି । ଆଜି ସେସବୁକୁ ଉଖାରିବାକୁ ଇଚ୍ଛା ହେଲାନି ସୁରମାର । ଏବେ ଦୁହିଁଙ୍କର ବୟସ ବଢିଛି । ଦୁହେଁ ନିଜର ଭୁଲ ବୁଝି ପାରିଛନ୍ତି । ଅରୁଣ ନିଶ୍ଚିତ ଭାବରେ ନିଜର ଭୁଲ ସୁଧାରିବାର ପ୍ରୟାସରେ ଅଛନ୍ତି । ନିଜ ନିଜର ଜୀବନର ପଛ କଥାକୁ ଭୁଲି, ବଡ ଛୋଟଙ୍କର ଅନୁରୋଧ ଶୁଣି ଆଗେଇବାକୁ ଚାହିଁଲେ ମଧ୍ୟ ଏକାଠି ହୋଇ ପାରିନାହାନ୍ତି । ଅନେକ ଚେଷ୍ଟା ସତ୍ତ୍ୱେ କେହି ଏକାଠି ଆଗକୁ ଆଗେଇ ପାରିନାହାନ୍ତି । ସମୟର ତାଡନାରେ ମରି ଯାଇଛି ସ୍ୱପ୍ନ । ବର୍ତ୍ତମାନର ପରିସ୍ଥିତିରେ ସଂପର୍କ ବଦଳଯାଇଛି । ଦୁହେଁ ଦୁହିଁଙ୍କର ବନ୍ଧୁ ହୋଇଛନ୍ତି । ହୁଏତ ଏ ପ୍ରକାର ସଂପର୍କରେ ଶାନ୍ତି ଅଛି । ଶାନ୍ତି ହିଁ ତ ଦରକାର ସମସ୍ତଙ୍କର । ସୁରମା ବି ସେଇଆ ଚାହିଁଥିଲା । ନୂଆ ନୂଆ ବାହାଘର ହୋଇଥାଏ । ଟିକିଏ ଭଲ ପାଇବା, ଟିକିଏ ସ୍ନେହ, ଟିକିଏ ଶ୍ରଦ୍ଧା । ଅଚିହ୍ନା ଦୁଇ ପ୍ରାଣି ପରସ୍ପରକୁ ଚହ୍ନିବାର ଆଗ୍ରହ କରି ପାଦକୁ ପାଦ ମିଳାଇ ଚାଲିବାର ଆବଶ୍ୟକତା ଅନୁଭବ କରିପାରି ନଥିଲେ ସେମାନେ । ନିଜ ନିଜର ଜିଦରେ ଅଟଳ ରହିବାକୁ ଶ୍ରେୟ ମଣିଥିଲେ । ଶାଶୁଙ୍କ କଥା ନ ମାନି ପୁରୁଣାକାଳିଆ ଚାଲିଚଳଣିକୁ ଗୋଡରେ ଆଡେଇ ଦେଇଥିଲା ସୁରମା । ବୋଉ କଥା ମାନି ସ୍ତ୍ରୀକୁ ବଦଳିବାକୁ ବାଧ୍ୟ କରିଥିଲେ ଅରୁଣ । ସକାଳୁ ଉଠି ବୋଉଙ୍କ ପାଦଧୁଆ ପାଣିକୁ ପାଦୁକ କରିବାକୁ ଉଚିତ ମଣି ନଥିଲା ସୁରମା । ଶାଶୁ ଇଚ୍ଛା ଅନୁସାରେ ଗୋଡ ଉପରେ ଗୋଡ ପକାଇ ବସି ପାରିଲେ ନାହିଁ କିନ୍ତୁ ସୁରମା ସ୍ୱାଧୀନ ହୋଇଗଲା । ଯୁଗୋପଯୋଗୀ ଚଳଣୀକୁ ଗ୍ରହଣ କରି ପରିବାରରେ ବୁଝାମଣା ଆସିଲା ନାହିଁ ସତ, ନିଜ ଗୋଡରେ ଠିଆ ହେବାର ସ୍ୱପ୍ନ ସତ କଲା ସୁରମା । ବିବାହର ବନ୍ଧନ ଛିଣ୍ଡିଗଲା । ସୁରମା ବାଧ୍ୟ ହେଲା । ଦୁହେଁ ଦୁହିଁଙ୍କଠାରୁ ଅଲଗା ହୋଇଗଲେ । ପୁଣି ପାଠ ପଢି ନିଜ ଗୋଡରେ ଠିଆ ହେଲା ସୁରମା । ଜୀବନ ବଦଳି ଗଲା । ସ୍ୱାଧୀନତାର ସ୍ୱାଦ ମିଠା ଲାଗିଲା । ବୟସ ଥିଲାବେଳେ ସବୁ କରି ହୁଏ । କାହାର ଆବଶ୍ୟକତା ପଡେନି । ସମୟ ସବୁ ବଦଳାଇଦିଏ । ଅରୁଣ ଓ ସୁରମା ଦୁହେଁ ନିଜ ନିଜ ବାଟରେ ଆଗକୁ ଚାଲିବାକୁ ମନସ୍ଥ କଲେ । କଳି କଜିଆ, ଅଶାନ୍ତିକୁ ଛାଡି ବଂଧୁତ୍ୱର ପଥକୁ ଆଦରି ନେଲେ । କେତେବେଳେ କେଉଁଠି ଦେଖା ହେଲେ ହସିକି ପଦେ "ହାଏ, ହାଲୋ" କହିଦେଲେ

ହୋଇଯାଏ । କେହି କାହା ସହ ନ ରହିବା ବେଳେ କହାର ଭୁଲ ବାହାର କରିବାକୁ ଦରକାର ପଡେନ । କେହି କାହାର ଦାୟିତ୍ୱ ବୋଧ କଣ ଦେଖାଇ ଭୁଲ ବାଛୁ ନାହାନ୍ତି ଆଜିକାଲି । ଆଜି ସୁରମା ଭାବୁଛି, ସେତେବେଳେ ଯଦି ଏ କଥା ବୁଝି ହୋଇଥାନ୍ତା ତାହାଲେ ଜୀବନର ଗତି ଅଲଗା ହୋଇଥାନ୍ତା । ପରସ୍ପରକୁ ବୁଝି ନେଇଥିଲେ ଏତେ କଳକଜିଆ ଅଶାନ୍ତି ହୋଇ ନଥାନ୍ତା । ସେସବୁ ଭାବିଲେ ଆଜି କଛି ବଦଳ ଯିବନାହିଁ । ସୁରମା ତଥାପି ହସି ହସି ଦୁଇ କପ୍ ଚାହାରେ ନୂଆ କରି ବନ୍ଧୁତ୍ୱକୁ ଗଢିବାର ପ୍ରୟାସ କଲା । ସୁରମା ଅରୁଣଙ୍କୁ ବାକ ଜୀବନର ଯୋଜନା କଅଣ ପଚାରିଲା । ଅରୁଣ ଚାହା କପ୍‌ରୁ ଢୋକେ ନେଇ କହିଲେ, "ମୁଁ ତ ସେଇ କଥା କହିବାକୁ ଆସିଛି" । ସୁରମା ଅଳ୍ପ ହସି କହିଲା, "କୁହ" । ଅରୁଣ ମହାନ୍ତି ଗଳ୍ପ ପରି କଥା ଆରମ୍ଭ କଲେ । କହିଲେ ଏବେ ନୂଆ ସାଥିଟିଏ ସିଏ ବାଛିଛନ୍ତି । ସହକର୍ମୀ କାରେନକୁ ବାଛିଛନ୍ତି ବିଶେଷ ବନ୍ଧୁ ଭାବରେ । କାରେନର ପନ୍ଦର ଓ ସତର ବର୍ଷର ଦୁଇ ହାଇସ୍କୁଲ ପଢୁଥିବା ଝିଅ । ସେମାନଙ୍କୁ ସିଏ ପରିବାର ପରି ଭଲ ପାଆନ୍ତି । କେତେ ଥର ନୂଆ ନୂଆ ସ୍ଥାନକୁ ଏକାଠି ବୁଲି ଯାଆନ୍ତି । ଏବେ ନାଏଗ୍ରା ଜଳପ୍ରପାତ ଦେଖିବାକୁ ବୋଷ୍ଟନ ଯାଇଥିଲେ । ଝିଅ ଜେନ୍ ସେଠି କଲେଜ ଯିବ ବୋଲି ସ୍ଥିର କରିଛି । ଭଲ ପଢନ୍ତି ଦୁହେଁ । ସଫ୍‌ଟବଲ୍‌ର ସ୍ପେସିଆଲ ବୃତି ପାଇ ସେଠିକୁ ଯିବାକୁ ସ୍ଥିର କରିଛି । ସୁରମାର ୨୦୧୬ରେ ନାଏଗ୍ରା ଯିବାକଥା ମନେ ପଡିଗଲା, ସିଏ ସାମାନ୍ୟ ଅନ୍ୟମନସ୍କ ହୋଇଗଲା । ନାଏଗ୍ରା ନଦୀର ଶାନ୍ତ ଧୀର ରୂପ ଓ ଜଳପ୍ରପାତର ଭୀଷଣତା ଦେଖି ଯେ କେହି ଅଭିଭୂତ ହୋଇଯାଆନ୍ତି । କେଉଁଠି ଶାନ୍ତ ଧୀର ମଥାନତ ନମ୍ର ଝିଅଟିଏ ତ କେଉଁଠି ଦେବୀଙ୍କର ଭୟଙ୍କର ରୂପ ନେଇ ଝରି ଯାଉଛି ନାଏଗ୍ରା । ସବୁ ନଦୀଙ୍କ ପରି ପୁଣି ସମୁଦ୍ରରେ ମିଶି ଲୀନ ହୋଇଯିବାର ପ୍ରବଳ ପ୍ରୟାସ । ସାଧାରଣ ମଣିଷ ମାନଙ୍କ ପରି ସ୍ନେହଶୀଳ ଭାବ ପୁଣି ରାଗ ଦ୍ୱେଷରେ ଭରପୁର ଅନ୍ୟ ଏକ ରୂପ । ସୁରମା ଭାବୁଥିଲା ନିଜ ଜୀବାଣ କଥା । ଦେଖୁଥିଲା, ଅରୁଣ ମହାନ୍ତି ଆଜି ଖୁସି । ଖୁବ ଖୁସି । ନୂଆ ଭବିଷ୍ୟତର ସ୍ୱପ୍ନ ଦେଖୁଛନ୍ତି ସିଏ । ଭୁଲି ଯାଇଛନ୍ତି ସେ ସ୍ୱପ୍ନର ଅଭାବରୁ ସୁରମା ସହ ଆଜି ସଂପର୍କ ନାହିଁ । ତାଙ୍କ ସ୍ୱପ୍ନକୁ ସାକାର କରିବାକୁ ଆସିଛି କାରେନ୍ । ଗୋରିଜଣିଆ ନୂଆ ପରିବାର ଗଢିବେ ସେମାନେ । ଭାରତୀୟ ହେଲେ ବି ଆଜି ସିଏ କଛି ଖୋଜୁ ନାହାନ୍ତି । ଯାତି ଦେଖୁନାହାନ୍ତି । ଭାଷାରେ ତଫାତ ଜଣାପଡୁ ନାହିଁ । ଏବେ ଜୀବନରେ ଅନେକ ପରିବର୍ତ୍ତନ

ଆସିଯାଇଛି । ସମସ୍ତଙ୍କର ବୁଝାମଣା ଭ୍ଵବ ଅଛି । କେହି କାହାର ସ୍ୱାଧୀନତାରେ ହସ୍ତକ୍ଷେପ କରୁନାହାନ୍ତି । ଜେନ ଓ ଭିକ୍ଟୋରିଆ ଭ୍ଵରି ପରିଶ୍ରମୀ । ସଫ୍ଟ ବଲରେ ବୃତି ପାଇ ଜେନ ବୋଷ୍ଟନ ଯାଉଛି । ଘରେ ସମସ୍ତେ ଖୁସି ସେଥିପାଇଁ । ଆଉ ଦୁଇ ବର୍ଷରେ ଭିକ୍ଟୋରିଆ ବି କଲେଜ ଯିବ । ପୁଣି ଘର ହୋଇଯିବ ନୀଡ ଶୁନ୍ୟ । ନୂଆ ହୋଇ ଗଢଥିବା ଘରେ ଅନେକ ପରିବର୍ତ୍ତନ ଆସିଯିବ । ଏମିତି ଅନେକ ଗପିଗଲେ ଅରୁଣ । ସୁରମା ଖାଲି ଶୁଣୁଥାଏ । ସେଦିନ ଅରୁଣଙ୍କର ନୂଆ ଜୀବନର ଆଶାର କଳୀ ଫୁଟିବାର ଦେଖି ଖୁସିହେଲା ସୁରମା । ବର୍ତ୍ତମାନକୁ ନେଇ ଦୁହେଁ ଗଢିବେ ଜୀବନ । ଭବିଷ୍ୟତର ସ୍ୱପ୍ନ ନାହିଁ । ଅତୀତକୁ ବର୍ତ୍ତମାନକୁ ଟାଣିବାର କେହି ପ୍ରୟାସ କରୁନାହାନ୍ତି । କନ୍ତୁ ଭବିଷ୍ୟତ ତ ନଷ୍ଚୟ ଆସିବ ସେଥିରେ କୌଣସି ପ୍ରଶ୍ନ ନାହିଁ । ସେ ଜୀବନରେ କଅଣ ଥିବ କଏ ଆସିବ ସେ କଥା ସିଏ ଜାଣିନ । ଲିଭିଂରୁମ୍ ଭିତରୁ ଝରକା ବାଟେ ଭବିଷ୍ୟତକୁ ଦେଖୁଥିଲା ସୁରମା। ସେଇ ଛୋଟିଆ ଆୟତାକାର ଝରକା ଭିତରୁ ସିଏ ତାର ଆଗାମୀ ଭବଷ୍ୟତକୁ ଦେଖୁଥିଲା । ଏବେ ଝରକାର ଆବଶ୍ୟକତା ମନେ ହେଲା ଜରୁରୀ । ଜୀବନ ସହ ଅଙ୍ଗାଙ୍ଗି ଭ୍ଵବେ ଜଡିତ । ସୁରମା ଘୁଞ୍ଚିଆସିଲା ଝରକା ପାଖକୁ । "ଭବିଷ୍ୟତ" ଝରକା ବାହାରେ ଠିଆ ହୋଇ ହସି ହସି ତାକୁ ଡାକୁଛି । ନଭେମ୍ବରର ସୁଖିଲା ଟାଙ୍ଗରା ଭୂମୀ, ରଙ୍ଗିନ୍ ପତ୍ରରେ ଅଧା ଭରା ଗଛ, କେଉଁଠି ଶେଷ ଥର ପାଇଁ ଧରି ରଖିଛି କଛି ସବୁଜ ପତ୍ର । ନୂଆ ପୁରୁଣାର ସମନ୍ୱୟ ସବୁଠାରେ । ଝରକା ଭିତରୁ ସବୁ ଦିଶୁଛି ସୁନ୍ଦର । ସୁରମା ଭ୍ଵବିଲା ମନ ପୂରାଇ ଦେଖିନେଉ ଏ ରୂପକୁ । ପୁଣି ଦିନ ବଦଳବ, ରୂପ ବଦଳବ, ବରଫ ପଡି ସବୁ ଦିଶିବେ ସମାନ ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ନଗ୍ନଚନ୍ଦ୍ର



ଅନୁସୂୟା ମିଶ୍ର

ପରସ୍ତ ପରସ୍ତ ହୋଇ

ଛଳନାସବୁ ଛାଡ଼ିଗଲ୍ ପରେ

କେଡ଼େ କରୁଣ ଲାଗେ

ସେଇ ନଗ୍ନଚନ୍ଦ୍ରଟି !

କ୍ଷଣିକ ଗୁଡ଼ିଏ ଆଶାର

ଇସ୍ତାହାରଟିଏ ଯେମିତି!

ନା ଆଲିଙ୍ଗନର ଆକର୍ଷଣ ଥାଏ

ନା ଭବିଷ୍ୟତଟିଏ ଗଢ଼ି ତୋଳବାର ମୋହ

ଥାଏ ଯାହା ଖାଲି ତୁହାକୁତୁହା

ପରିସ୍ଥିତିକୁ ବ୍ୟବଚ୍ଛେଦ କରିବାର

ନିଷ୍ଠୁର ଗୁଡ଼ିଏ ପ୍ରକ୍ରିୟା।

କିନ୍ତୁ ତାର ବା କଣ ଦୋଷ ?

ସିଏ ତ କାଲି ଯେମିତି ଥିଲା

ଆଜିବି ସେମିତି ଅଛି... ଦୃଷ୍ଟିକୋଣର ବଶୀଭୂତ।

ତଥାପି ମୁଁ

ନୂଆକରି ଚନ୍ଦ୍ରଟିଏ ଆଙ୍କେ

ସେଥିରେ ସନ୍ତର୍ପଣେ ସ୍ୱପ୍ନ ମେଞ୍ଚେ ମାଖେ,

ସ୍ୱପ୍ନ ଯେବେ ଡେଣା ଝାଡ଼େ

ମୁଁ ବି ଉଡ଼ି ବୁଲେ,

କଅଁଳିଆ ପନ୍ଦଗହଳରେ

ନୂଆ ନୂଆ କଢ଼କୁ ପରଖେ

ପୁଣି କଢ଼ରୁ ଫୁଲଟିକୁ ଦେଖି ଭାବେ

ଏଇ ବସନ୍ତଟା ସବୁଦିନଆ ବୋଧେ,

ଆଖିବୁଜି ଗଢ଼ିବସେ

ଅନନ୍ତ ସୁଖର ନଭୁତ ସାମ୍ରାଜ୍ୟଟିଏ

ପୁଣିଥରେ

ଖଣ୍ଡ ଖଣ୍ଡ ହୋଇ ଝଡ଼ିପଡିବା ଯାଏଁ।

ଶତାବ୍ଦୀ ନଗର, ୟୁନିଟ୍-୮, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଆଜି ବି ବାଲିଯାତ୍ରା



କାର୍ତ୍ତିକ ପାଣିଗ୍ରାହି

ଜାଣିଛ
ଏ ବର୍ଷ ପୁଣି ଯାଇଥିଲି
ଐତିହାସିକ ବାଲିଯାତ୍ରାକୁ
ଆମ ଅତୀତର କଛି
ବାଲି ସାଉଁଟିବାକୁ....
ସେହି ମଦନାଭାଇର ଆଳୁଦମ ଦହିବରା
ପବନ ମଉସୀର ଆଳୁଦମ ଚକୁଳି
ସୀତା ନାନୀ ର ବାମ୍ପଚକୁଳି
ଅବା ଆମ ପ୍ରିୟ ଦନେଇର ଗୁପଚୁପ
ସବୁ ସେମିତି ହିଁ ଗ୍ଭଲିଛି
ଚଗ୍ଭଚରିତ ଗତିରେ
କେତେ ଚହ୍ନା ମୁହଁ ଅଚହ୍ନା ଲାଗୁଛି
ତୋ କେତେ ହଜିଗଲେଣି
ସମୟ ସୁଅରେ
କନ୍ତୁ ନା ବାଲିଯାତ୍ରା ବଦଳଛି
ନା ବାଲିଯାତ୍ରାରେ
ମୋର ତୁମକୁ ଖୋଜିବା ବଦଳଛି....
ଦିନ ଥିଲା ଏତେ ବଡ଼ ନଇପଠା ଖୁବ ଛୋଟ ଲାଗୁଥିଲା,
ଏ କର ରୁ ସେ କର ହଉ ହଉ
କେତେବେଳେ ସନ୍ଧ୍ୟା ଛଅରୁ ଗ୍ଭତି ଦଶ ହୋଇଯାଉଥିଲା
ଜାଣି ହେଉନଥିଲା

ଆଜି ବି ମୁଁ ବୁଲୁଛି
ଏ କର ରୁ ସେ କର ରାସ୍ତା ଲାଗୁଚ
ବହୁତ ଲମ୍ବା
ନଇପଠା ଲାଗୁଚ ବହୁତ ବହୁତ ବଡ଼
ସବୁକଛି ଝାପ୍ସା ଝାପ୍ସା ଲାଗୁଛି
ଏ ରାସ୍ତା ଏ ଷ୍କୁଲ ଏ ରାମଦୋଳ
ଏ ମାଳ ମାଳ ଠୁଙ୍କାପୁରୀ ଦୋକାନ
ସବୁ ମୋ ପାଇଁ ପୁରୁଣା
କନ୍ତୁ ସବୁ ଆଜି ନୂଆ ଲାଗୁଛି
ମନେଅଛି ସେ ରାମଲାଲ ର ଠୁଙ୍କାପୁରୀ ..?
ଆରେ ଯା ନାଡି ହାତରେ ତମେ ଚଠି ଦଉଥିଲ,
ଯୋଉଠି ଆମର ପ୍ରଥମ ଦେଖା ହୋଇଥିଲା,
କଣ ମନେ ପଡ଼ିଲା ....
ସେ ଟୋକା ଆଜି ବି
ମୋତେ ନମସ୍କାର କରୁଛି
ତମ କଥା ବି ପଚ୍ଚରୁଛି...
ସାରେ..... ସାରେ.....ସାରେ ମ
ଦେଖିଲି
ଦନେଇ ଛିଡା ହୋଇ ହସୁଛି
ଆଜି କାହିଁକ କେଜାଣି ତା ହସ ଟା ଭାରି ଜୀବନ୍ତ ଲାଗୁଥିଲା
ଗୁପ ଚୁପ ବଢ଼େଇ କହିଲା
ସାରେ...ଦିଦି ଦେଲେ.....
ଦେଖିଲି ଠେଲା ଗାଡିର ସେପଟେ ତମେ
ଆଗ ଭଳ ବାଲିରେ ଗାର ହିଁ ଟାଣୁଛ
ସତରେ
ଦନେଇର ମାନଖୋଲା ହସ ଆଗରେ
ତମ ଦୁଷ୍ଟାମି ହସ ତା ଖୁବ ଭଲ ଲାଗୁଥିଲା

ତମେ ଦେଉଥିଲ
ମୁଁ ଖାଉଥିଲି
ଗୁପ ଚୁପ...
ଆଖିର ଭଷକୁ ଆଖି ବୁଝୁଥିଲା
ଗୁପଚୁପ....
ଜାଣିନି କେତେ ଖାଇଲି
କିନ୍ତୁ ଏତିକି ଜାଣିଲି ବହୁତ ଖାଇଲି
କାରଣ ବାଲିଯାତ୍ରା ଆଜି
ଖୁବ ଭଲ ଲାଗୁଥିଲା
ଐତିହାସିକ ବାଲିଯାତ୍ରା
ଇତିହାସକୁ ପୁଣି ଥରେ
ଜୀବନ୍ତ କରିଦେଇଥିଲା ...
ଦନେଇର ରାଗ ଗୁପଚୁପ ମସଲା
ଜମା ରାଗ ଲାଗୁନଥିଲା
ସୀତା ନାନୀର ବାମ୍ଫଚକୁଳ
ଖୁବ ନରମ ଲାଗୁଥିଲା
କାରଣ ଐତିହସିକ ବାଲିଯାତ୍ରା
ଆଜି ପୁଣିଥରେ ଇତିହାସକୁ
ଜୀବନ୍ତ କରିଦେଇଥିଲା...

ବ୍ରହ୍ମପୁର

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ସୁନ୍ଦରବନରେ ଯାତ୍ରା-୩



ଅଶୋକ ବିଶ୍ୱାଳ

କୌଶିକ କିଛି କ୍ଷତବିକ୍ଷତ ଶରୀରମାନ ନିଜ ମୋବାଇଲରେ ଖାଇବା ପୂର୍ବରୁ ଦେଖାଇ ଥିଲା। ଚାହଁ ନଚାହଁ ସବୁବେଳେ କଥା ବାଘ ଚାରିପାଖେ ଖେଳବୁଲେ । ତେଣୁ କୌଶିକ ସେ ଫଟୋସବୁ ଦେଖାଇଥିଲା । ତା'ର କେହି ସାଙ୍ଗ ହ୍ୱାଟସଆପରେ ସୁନ୍ଦରବନ ଆସିବାପରେ ସେ ଫଟୋକୁ ପଠାଇଥିଲା । ବାଘ ମାରିଥିବା ମଣିଷ ଶବର ଫଟୋମାନ । ଏତେ କ୍ଷତ ବିକ୍ଷତ ଫଟୋ ଦେଖି ପାଓଲିଙ୍କୁ ଯେମିତି ବାନ୍ତି ଲାଗୁଥିଲା । ବାଘ ଅତି କଦର୍ଯ୍ୟଭାବରେ ଲୋକଙ୍କୁ ମାରିଛି । କାହାର ଗୋଟାଏ ଗୋଡ ଆଉ ପିଚାକୁ ବାଘ ଖାଇଦେଇଛି । କାହାର ପିଠି ଆଉ ପିଚାକୁ ଖାଇଛି । ସବୁ ଶବର ବେକ ପାଖରେ ବେଶ ବଡ ବଡ କଣା । ବାଘ ମଣିଷକୁ ବେକର ପଛରୁ ଧରିଛି । ସ୍ନାୟୁ ସବୁ ଛିଡିଯାଇଛି । ହାଡ ଭାଙ୍ଗି ଯାଇଛି । ବାଘ ମଣିଷକୁ ବେକ ପାଖରୁ ଧରି ତଣ୍ଟି ଝୁଣି ମାରେ । ଲୋକଟି ଶବ୍ଦ ବି କରି ପାରିବନି । ବାଘପାଇଁ ମଣିଷ ଏକ ଶିକାର । ତେଣୁ ଶିକାରକୁ ଧରିବା ପାଇଁ ସବୁଠୁ ଫଳପ୍ରଦ ଉପାୟ ହେଉଛି ତଣ୍ଟି ଝୁଣି ବେକଭାଙ୍ଗି ମାରିବା । ବାଘ ଏମିତି ଶିକାର ତ କରେ । ବାଘର ଗୋଟାଏ ଜୋର ଥିବା ମାଡରେ ମଣିଷମୁଣ୍ଡ ଫାଟି ଦୁଇଫାଳ ହୋଇ ଯାଇପାରେ ।

ଏସବୁ ଶବର ଫଟୋ ଦେଖିଲା ବେଳକୁ ସମସ୍ତଙ୍କୁ ଯେମିତି ବାନ୍ତି ଉଠାଉଥିଲା । ତପନ ଭଳିଆ ଖାଦ୍ୟପ୍ରିୟ ବ୍ୟକ୍ତି ମଧ୍ୟ ଖାଇବା କଥା ଭାବି ପାରୁ ନଥିଲା । କୌଶିକକୁ ସମୟ କଣ ଜଣା ପଡିଲାନି**?** ଖାଇବା ପରେ ସିନା ଏମିତି ଫଟୋ ଦେଖାଇଥାନ୍ତା । ଏ ଭିତରେ ମଣିଷ ଭଲକରି ଖାଇପାରିଥାନ୍ତା । ଖାଇଲାବେଳେ ସେ ସୁଆଦିଆ ଦେଶୀକୁକୁଡା ମାଂସଗୁଡା ତା'କୁ ମଧ୍ୟ ସ୍ୱାଦହୀନ ଲାଗୁଥିଲା । ଏକ ଶବକୁ ଯେମିତି କାମୁଡିଲା ଭଳି ଲାଗୁଥିଲା । ସମସ୍ତେ ଆମିଷପ୍ରିୟ । କିନ୍ତୁ ଟେବୁଲରେ କୁକୁଡା ମାଂସ ଅଧା ମଧ୍ୟ ସରିଲାନି ।

ଗୌତମ ଆଶ୍ଚର୍ଯ୍ୟ ହୋଇଗଲା । ଅତିଥିମାନଙ୍କୁ କଣ ଖାଇବାଟା ଭଲ ଲାଗିଲାନ? ସମସ୍ତଙ୍କ ଥମଥମ ହେଉଥିବା ମୁହଁ ଦେଖି ସେ କିଛି ପଚାରିଲା ନାହିଁ । ଖାଇବାବେଳେ କେହି ଜୋରରେ କଥା ହୋଇ ନାହାନ୍ତି । ସେମାନଙ୍କର ଖାଇବାବେଳେ ଦୁନିଆର ସବୁକଥା ଜୋରରେ ଟେବୁଲକୁ ଆସିଯାଏ । ଖାଇବାଟା ଟହଲିଆ ଟୋକା ଉଠାଇ ନେଇଗଲା । ସମସ୍ତେ ଅଳ୍ପ ଖାଇଛନ୍ତି । ସବୁ ଥାଳରେ କିଛି ଖାଇବା ବଳିଛି । ଖଜୁରୀ ଚଟଣିଟା ଖାଲି ସରିଛି ।

ବୋଟଟା କାଳନ୍ଦୀ ଆଉ ରାଇମଙ୍ଗଳ ମିଶିବା ଯାଗାରୁ ଅନେକ ଭିତରକୁ ଆଉ ଉପରକୁ ଆସିଲାଣି । ସେପଟ କାମ ଏବେ ନାହିଁ । ଏମାନେ ଟିକେ ଉପରକୁ ଉଠିବେ । କାଲି ତଳ ଆଡକୁ ଯିବେ । ତଳ ଆଡକୁ ଯାଇ ହୋଇଥାନ୍ତା । କିନ୍ତୁ ବିପଦର ସମ୍ଭାବନା ଅଛି । ନଦୀଭିତରେ ଉପଯୁକ୍ତ ସ୍ଥାନରେ ରାତି କାଟିବା କଥା । ଗୌତମ ସାଙ୍ଗରେ ଗାୟନବାବୁଙ୍କର ଆଗରୁ ରହିବା ବିଷୟ କଥାବାର୍ତ୍ତା ହୋଇଯାଇଛି । ଏମାନେ ସେହି ହିସାବରେ ଯାତ୍ରା କରୁଛନ୍ତି । ଯାତ୍ରାରେ କେବଳ ମ୍ୟାପ ଆଉ ଜି ପି ଏସ୍ ଦରକାର ହୁଏନା । ଅଭିଜ୍ଞତାର ଆବଶ୍ୟକତା ସୁନ୍ଦରବନ ଭଳି ବିପଦଶଙ୍କୁଳ ଯାଗାରେ ଅତି ଦରକାର ।

ଏପଟେ ମଣିଷର ଯିବା ଆସିବା ଟିକେ ଅଧିକ । ନଦୀର ଧାରରେ ଏକ ବନବିବି ମନ୍ଦିର ଥିଲା । ନଦୀରେ ଗୋଳିଆ ପାଣି । ଚଉଡା ନଦୀରେ ପାଣି ଏତେ ଗୋଳିଆ ଦିଶେନା । ସେମିତି କାଦୁଆ ମାଟି । ଗେଉଁଆ ଆଉ ଅନ୍ୟ ଲୁଣା ଗଛଗୁଡିକ ପଛକୁ ଘଞ୍ଚ କରି ବଢିଛି। ଆଗକୁ କିଛି ଛୋଟ ଗଛ  ପାଣିର ଏକଦମ ଧାରରେ ଥିଲା । ଅଧିକା ଜୁଆରେ ହେଲେ ଗଛର ଅଧା ପର୍ଯ୍ୟନ୍ତ ଆସିବ । ସେଇଠି ଏକ କାଠ ବାଉଁଶ ତିଆରି ବନବିବି ମନ୍ଦିର ଟିକିଏ ଖୋଲାରେ ଥିଲା । ମୁଣ୍ଡ ଉପରେ ନୁଆଁଣିଆ ଚାଳ । ବନବିବି ଆଉ ଅନ୍ୟମାନଙ୍କ ସହ ଉଭା ହୋଇଥିଲେ । ପାଣିରେ ତଳେ ଏକ ଛୋଟ ଡଙ୍ଗା ଲାଗିଥିଲା । ଜଣେ ଲୋକ ଡଙ୍ଗାରେ ଥିଲେ । ଆଉ ଜଣେ ଲୋକ ବନବିବିଙ୍କୁ ପ୍ରଣାମ କରୁଥିଲେ । ଏମିତି ବନବିବି ମନ୍ଦିର ବେଳେବେଳେ ନଦୀର ଧାରରେ ଥାଏ । ମାଛୁଆମାନେ ବା ମହୁ ସଂଗ୍ରହକାରୀମାନେ ଜଙ୍ଗଲକୁ ଗଲାବେଳେ ଅଟକିଯାଇ ନିଜର ରକ୍ଷାପାଇଁ ମଥାନତ କରନ୍ତି । ବନବିବି ଜଙ୍ଗଲରେ ବାଘ, ସାପଙ୍କଠାରୁ ଜୀବନ ରକ୍ଷା କରିବେ ।

ତପନ ସେ ମନ୍ଦିରକୁ ଅନଇଲା । ଦୂରରୁ ଯାହା ଦିଶୁଥିଲା ଏଥିରୁ ଜଣା ପଡୁଥିଲା ଯେ ଏହା ଏକ ଗୁଳଆ ମନ୍ଦିର । ଦେବୀଙ୍କର ମୂର୍ତ୍ତିରେ କଛି ପ୍ଲାଷ୍ଟିକ ଫୁଲର ମାଳା ଲାଗିଛି । କଛି ଗୁକଚକ୍ୟ ନାହିଁ । କଛି ଘଣ୍ଟି ଇତ୍ୟାଦି ବାଜୁନ । କଛି ଭୋଗରାଗ ହେଉନ । ମନେ ମନେ ସେମାନେ ବନବିବିଙ୍କୁ ସୁମରଣା କରୁଛନ୍ତି । ସେ ନଜର ମୁଣ୍ଡକୁ ନୁଆଇଁ ଦେଲା । ବନବିବି ସେମାନଙ୍କୁ ରକ୍ଷା କରନ୍ତୁ ।

"ବିଶ୍ୱାସ ଲୋକଙ୍କୁ ସାହାସ ଦେଉଛି ।"- ହାଲଦାରବାବୁ କହିଲେ ।

"ଆଉ ନୁହେଁତ କଣ?"- ନଳୟ କହିଲା ।

"ଏମିତିଆ ମଣିଷ ଶିକାର ପରେ ଆଉଥରେ ମଣିଷ ଜଙ୍ଗଲକୁ ପଶୁଛି ଅର୍ଥ କଏ ତା'କୁ ସାହାସ ଦେଉଛି । ସେମାନଙ୍କ ନଜ ପରିବାରରୁ କଏ ହୁଏତ ବାଘର ଶିକାର ବନ ଯାଇଥିବ । ତା' ସତ୍ତ୍ୱେ ସେମାନେ ସାହାସ କରି ଜଙ୍ଗଲକୁ ପଶୁଛନ୍ତି । ଏହା ଦୈବୀକୃପା ନୁହେଁ ତ ଆଉ କଣ? ସେମାନଙ୍କ ମନରୁ ଏହି ବିଶ୍ୱାସ ଡ଼ର ହରି ନେଉଛି ।" – ପାଓଲି କହିଲେ । ପାଓଲି ଜଙ୍ଗଲ ଛଡା ମଧ ମଣିଷର ବ୍ୟବହାର ଆଉ ଲୋକଙ୍କ ବିଶ୍ୱାସ ଉପରେ କାମ କରୁଛନ୍ତି । ଧିରେ ଧିରେ କଛି ବିଶ୍ୱାସର ଭିତ୍ତିଭୂମି ପଡିଛି । ଖରାପ ପ୍ରବୃତ୍ତି ବା ଖରପ କର୍ମକୁ ଦଣ୍ଡ ମିଳୁଛି । ଏହା ଲୋକାବିଶ୍ୱାସ । ତେଣୁ ନଜକୁ ଏପରି କର୍ମରୁ ଲୋକେ ଦୂରରୁ ରଖିବା ପାଇଁ କଛି ପୂଜା, କଛି ଗତାନୁଗତିକ କର୍ମ କରୁଛନ୍ତି । ବାଘ ମଣିଷକୁ ଶିକାର କରିନେଲେ ମରିଥିବା ମଣିଷର ଆତ୍ମା ଯେ ମୁକ୍ତି ପଏନା । ଏମିତି ବିଶ୍ୱାସ ମଧ ଅଛି । ଏଣୁ ଏ ସମୟ, ଏ ଜୀବନରେ କଛି କ୍ଷତି ନଘଟୁ ସେଥିପାଇଁ ଏଠିକାର ଲୋକେ ବନବିବିଙ୍କର ପୂଜାକୁ ଆପଣେଇ ନେଇଛନ୍ତି ।

"ବିଶ୍ୱାସଟା ହେଉଛି ଶକ୍ତି । ନହେଲେ ମଣିଷ ଏ ବଣରେ ପଶନ୍ତା ! ଯେତେ ହାତହତିଆର ଥିଲେ ବି ଏଠି ଭିତରେ ବାଘ ଆଗରେ ସବୁ ଅସ୍ତ୍ର ସାହାସବିନା ମୂଲ୍ୟହୀନ ।" – ହାଲଦାରବାବୁ କହୁଥିଲେ ।

ପାଓଲି ଜଙ୍ଗଲକୁ ଅନାଇଥିଲେ । ସୁନ୍ଦର ଘଞ୍ଚ ଜଙ୍ଗଲ । କିଛି ଜୀବଜନ୍ତୁଙ୍କର ସୋରଶବ୍ଦ ନାହିଁ । ପୂଜା କରୁଥିବା ଲୋକମାନେ ନଜର ଡଙ୍ଗାକୁ ଓହ୍ଲାଇ ଯାଇଛନ୍ତି । ସେମାନେ ଡଙ୍ଗାରୁ ଆଉଥରେ ବନବିବିଙ୍କୁ ପ୍ରଣାମ କଲେ । ନଜର ଡଙ୍ଗାର ମଙ୍ଗର ବସିଥିବା ଦେବୀଙ୍କୁ ନମସ୍କାର କଲେ । ତାପରେ ଆହୁଲାମାରି ଧିରେ ଆଉ ଏକ ବାଙ୍କରେ ଲୁଚଗଲେ ।

ଏବେ ବୋଟ ଆଗକୁ ନଯାଇ ଅର୍ଥାତ ରାଇମଙ୍ଗଳ ବା ହରିଣଭଙ୍ଗା ନଦୀଭଳି ମୁଖ୍ୟ ନଦୀକୁ ଛାଡି ଉପର ଆଡକୁ କରର ଏକ ଅଳ୍ପ ଚଉଡା ନଦୀକୁ ଆସିଲା । କିଛି ଛୋଟ ନଦୀ ଏଠି ମିଶି ଯାଇଛନ୍ତି । ସୁନ୍ଦରବନଟା ସବୁଆଡେ ବଦୀନାଳରେ ଜାଲଭଳି ଛନ୍ଦି ହୋଇଛି । ଏଠି ବାଟ ଭୁଲିଯିବା ଏକ ସାଧାରଣ କଥା । ସବୁ ଛୋଟ ନାଳ ତପନକୁ ପ୍ରାୟ ଏକା ଭଳିଆ ଲାଗୁଥିଲା । ବିନା ମ୍ୟାପରେ ଆଉ ଜି.ପି.ଏସ୍. ରେ ରାସ୍ତା ଠଉରାଇବା କାଠିକର ପାଠ ହେଉଥିବ । ଏ ଗାଉଁଲି ଲୋକମାନେ ବାଙ୍କରେ ଥିବା ଗଛ, ଚଡା, କୂଳ ଖାଇଯାଇଥିବା ମାଟି, ବହୁତ ବୁଲିଯାଇଥିବା ନାଳ, ନଦୀକୂଳରେ ମାଳ ହୋଇଥିବା ଗୋଲପତାର ଗଛସମୂହ ଇତ୍ୟାଦିକୁ ଦେଖି ନଦୀକୁ ଠଉରାଆନ୍ତି ।

ସେମାନଙ୍କ ବୋଟ ସୁରୁଖୁରୁରେ ଚାଲୁଥିଲା । ସେମାନେ ଏ ପର୍ଯ୍ୟନ୍ତ ବାଙ୍ଗଲାଦେଶ ସୀମାନ୍ତ ହରିଣଭଙ୍ଗା ନଦୀଠାରୁ ପ୍ରାୟ ଦୁଇ - ତିନ କିଲୋମିଟର ଭିତରେ ଗନ୍ଧଖାଲି ଅଞ୍ଚଳର ଆଉ ଏକ ଚଉଡା ନାଳରେ ଥିଲେ । ପାଣି ବେଶ ଭଲ । ଚଡା ବା ଭଉଁରି ନାହିଁ । ଏଣୁ ଯାତ୍ରା ସୁଖକର ଥିଲା । କିଛି ଡଙ୍ଗା ମଝିରେ ମଝିରେ ଆସି ଯାଉଥିଲା । ଏ ଚାଲିବା ଭିତରେ ଆଗର ଏକ ଗୋଟିକିଆ ଡଙ୍ଗା ପ୍ରାୟ ଏମାନଙ୍କର ବୋଟରେ ବାଡେଇ ହୋଇଯାଇଥାନ୍ତା । ଦେଶୀ ଡଙ୍ଗାବାଲା ବୋଟଠାରୁ ସାବଧାନ ହୋଇ ରୁହନ୍ତି । ବଡ ବୋଟରେ ବାଜିଲେ ଏମିତିଆ ଛୋଟ ଡଙ୍ଗାଗୁଡା ବୁଡିଯିବା ପ୍ରାୟ ନିଶ୍ଚିତ । ସେ ଡଙ୍ଗାବାଲା ବେଶ ଅସାବଧାନତାର ସହ ଡଙ୍ଗା ଚଲାଉଥିଲା ପରି ମନେ ହେଉଥିଲା । ସୁନ୍ଦରବନ ପାଣିରେ ଅସାବଧାନ ହୋଇ ଡଙ୍ଗା ଚଳେଇବା କଥା ଭାବି ହୁଏନା ।

ସେ ବୋଟରେ ନାଇଲନ ଜାଲ ବୋଝେଇ ହୋଇଥିଲା । ପଛରେ ଜଣେ ଆହୁଲା ମାରୁଥିଲା । ଗୋଟାଏ ଟୋକା ନାଇଲନ ଜାଲ ମଝିରେ ଠିଆ ହୋଇଥିଲା । ଆଗର ଲୋକ ଦୁଇଟିଙ୍କର

ଖାଲି ଦେହ । ଅଣ୍ଟା ତଳକୁ ଖଣ୍ଡିଏ ଖଣ୍ଡିଏ ହାଫ ପ୍ୟାଣ୍ଟ ପିନ୍ଧିଛନ୍ତି । ଗାଲରେ ସମସ୍ତଙ୍କ ବୋଝେ ବୋଝେ ରୂଢ । ଲାଗୁଛି ଦୁଇ ସପ୍ତାହ ହେଲା ଖିଅର ହୋଇନାହାନ୍ତି ।

"ଆମକୁ ବହୁତ ତଡିଲେ, ଆମକୁ ଖେଦିଗଲେ ।"- ବୁଢା ଲୋକଟି ଉତ୍ତେଜିତ ହୋଇ ଜୋରରେ କହୁଥିଲେ । ବୋଟରେ ସପାଓଲି ଓ ଆହୁରି ଅନେକ ଅତିଥି ବୁଢାଙ୍କର କଥାକୁ ଉତ୍ସୁକତାର ସହ ଶୁଣୁଥିଲେ । ବଡ ଭିନ୍ନ କଥା । ବୁଢା ବାଘ କଥା କହୁ ନାହାନ୍ତି । କିଛି ଅଲଗା କଥା କହୁଛନ୍ତି । ବୁଢାଙ୍କର କହିବା ଶୈଳୀରୁ ଲାଗୁଥିଲା କିଛି ବଡ ଘଟଣା ଘଟିଛି। ଏ ଲୋକମାନେ କିଛି ଦୁର୍ବିପାକରୁ ରକ୍ଷା ପାଇ ଅସିଛନ୍ତି । ନହେଲେ କେହି ଲୋକ ଏତେ ବ୍ୟସ୍ତ ହେବନି । ଖୁବ ଅସୁବିଧାରୁ ମୁକ୍ତି ପାଇ ନିରାପଦ ସ୍ଥାନକୁ ଆସିଲେ ମଣିଷ କେମିତି ବାଚାଳ ହୋଇଉଠେ । ମନ ଭିତରର ଭରି ରହିଥିବା କ୍ଷୋଭ ପ୍ରକାଶ କରିଦେଲେ ଶରୀର ଆଉ ମନ ହାଲୁକା ହୋଇଯାଏ ।

"ଆରେ କଣ ହେଲା?"- ଗାୟନବାବୁ ପଚାରିଲେ । ତାଙ୍କ ମୁହଁରେ ଆଶଙ୍କା ଫୁଟି ଉଠିଥିଲା? ମୁହଁରେ ଗଭୀର ରେଖାମାନ ବେଙ୍ଗଛତା ଭଳି ଫୁଲିଯାଇଥିଲା ।

"କିଏ ଖେଦୁଥିଲା?"- ତପନ ପଚାରିଲା । ତପନ ଛୋଟ କଥାରେ ସହଜରେ ବ୍ୟସ୍ତ ହୋଇପଡେ । ପାଣି ଭିତରେ ଲୁଚି ରହିଥିବା ଆଉ ଏକ ଆଶଙ୍କାର କଥା ତା'କୁ ଡରାଇ ଦେଇଥିଲା ।

"ଆମକୁ ବହୁତ ତଡିଲେ, ଆମକୁ ଖେଦିଗଲେ ।" – ବୁଢା ସେମିତି କହୁଥିଲା ଏମାନଙ୍କ ପ୍ରଶ୍ନ ତା' କାନ ଭିତରେ ପଶିଥିଲା ପରି ଜଣା ପଡୁନଥିଲା ।

"ତମେତ ଭାରତ ସୀମା ଭିତରେ ଅଛ ।"- ତପନ କହିଲା । କିଏ ନୂଆ ଲୋକ ଆସିଲେ ତପନ ବହୁତ ପଚରା ପଚରି କରେ । ତପନକୁ ଏମିତିଆ କିଛି ଅସାଧାରଣ ଉପାଖ୍ୟାନ ଭଲ ଲାଗୁଥିଲା । କିଛି ଲୋମହର୍ଷଣକାରୀ ଘଟଣା ତା'କୁ ଭଲଲାଗେ ।

"ସେ ବାଙ୍ଗଲାଦେଶୀ ଡକାଏତଗୁଡା ଏପଟକୁ ଚାଲି ଆସିଥିଲେ । ରାତିରେ ଆମକୁ ବହୁତ ତଡିଲେ ।"– ବୁଢା ଧକେଇ ହୋଇ କହୁଥିଲା ।

"ଆରେ କଣ ହେଲା ଭଲକାରି କୁହ ।"– ଗାୟନବାବୁ କହିଲେ ।

ବୁଢାଟା ଆଗକୁ ଆଉ କଛି ନକହି ଆମକୁ ତଡିଲେ, ଆମକୁ ତଡିଲେ ଘୋଷି ହେଉଥିଲା । ମଣିଷ ଡରିଗଲେ କଣ କୁହେ ଆଉ କଣ କରେ ତା'ର କଛି ଠିକଣା ନଥାଏ ।

ବେଶକଛି ଦୂରରେ ବି.ଏସ୍.ଏଫ୍. ର ଫ୍ଲୋଟିଙ୍ଗ ବା ଭାସମାନ କ୍ୟାମ୍ପ । ସେଠି ଭାରତର ସୀମା ପ୍ରହରୀମାନେ ମୁତୟନ ଅଛନ୍ତି । ପାଣିରେ ସେମାନଙ୍କ ଜାହାଜ ଭାସୁଛି । ତା' ସତ୍ତ୍ୱେ ବୁଢା ଆମକୁ ତଡିଲା, ଖେଦିଲା, ଆମକୁ ଖେଦିଲା ହେଉଛି ।

"କଏ ତଡିଲା । ଏଠି ଡଙ୍ଗା ଚଲାର ଏକ ନୟମ ଅଛି । ଡକାଏତ ଗୁଡା ଭିତରକୁ କେମିତି ମାଡି ଆସିବେ ? ତମେ ଡରିକରି ଆଉ କଛି ଦେଖି ସେମିତି ବାଉଳ ହେଉଛ ।"– ଗାୟନବାବୁ ନଜ ସ୍ୱରକୁ ଟିକେ ଉଚ୍ଚ କରିଦେଲେ ।

"ସେମାନେ ବାଙ୍ଗଲାଦେଶୀ । ଆମ ଡଙ୍ଗାଆଡକୁ ଜୋରରେ ମାଡି ଆସିଲେ । ନହେଲେ ଏତେ ରାତିରେ କଏ ଏତେ ଜୋରରେ ଡଙ୍ଗା ଚଲାଏ । ଆମ ଲୋକେ ଡଙ୍ଗା ଚଲାଇଲାବେଳେ ସବୁ ନତି ନୟମ ମାନନ୍ତି । ସେମାନେ ଆମକୁ ତଡିଲେ ।"– ବୁଢା କାନ୍ଦକାନ୍ଦ ହୋଇ କହୁଥିଲେ । କନ୍ତୁ ଆଗକୁ ଯାଉ ନଥିଲେ ।

"ବିଷୟଟା ଭଲକରି କହତ ।"– ଗାୟନବାବୁ ମଝିରେ ବସିଥିବା ଟୋକାଟାକୁ ପଚାରିଲେ ।

କଥାଟା ଏମିତି । ଡଙ୍ଗାରେ ସେମାନେ ବାପ, ପୁଅ ଆଉ ଦୁଇଜଣ । ମାଛ ଧରିବାକୁ ରାଇମଙ୍ଗଳ ଆଉ ହରିଣଭଙ୍ଗା ମୁହାଣକୁ ଚାଲି ଆସିଥିଲେ । ଏପଟେ ଭଲ ମାଛ ମିଳନ୍ତି । ବେଶି ଚନ୍ତା କରିବାକୁ ନଥିଲା । ବାଙ୍ଗଲାଦେଶର ସୀମା ଜଳରାଶି ଅନେକ ପରେ ।

ସେମାନେ ମୁଖ୍ୟ ନଦୀର ଏକ ଧାରକୁ ଆସିଲେ । ସେପଟକୁ କଛି ଦ୍ୱୀପ ଅଛି । ମଝିରେ ଜାଲ ଲଗାଇ ଦେଇଥିଲେ । ରାତି ପ୍ରାୟ ୯ଟା ହେବ । ଅନ୍ଧାର ରାତି । ଏମିତିଆ ରାତିରେ ଛୋଟ ଡଙ୍ଗାଗୁଡା ମୋଟେ ଚାଲନ୍ତିନ । କନ୍ତୁ ସେ ଅଜଣା ଡଙ୍ଗାଟା ସେମାନଙ୍କ ଆଡକୁ ମାଡି ଆସିଲା । ନଶ୍ଚିତ ଭାବରେ ଡକାୟତ । ଏମାନେ ଏମିତିଆ ମାଡିଆସୁଥିବା ଡଙ୍ଗାକୁ ଦେଖି ଜୋରରେ ଆହୁଲାମାରି ଏକ ପତଳା ନାଳକୁ ପଳାଇ ଆସିଲେ । ସେଠୁ ହରିଣଭଙ୍ଗାର ମୁଖ୍ୟ ଧାର ଅନେକ ଦୂରରେ । ପୁରୁଣା ଯାଗାଟା ଭଲକରି ଦେଖାଯାଉନାହିଁ । ସେ ଡଙ୍ଗାଟା ସେମାନଙ୍କୁ ଖୋଜିଲା । କନ୍ତୁ ପାଇଲା ନାହିଁ । ନାଇଲନ ଜାଲଟା ପାଖର ଏକ ଛୋଟ ନଦୀ ଧାରରେ ଲାଗିଥିଲା । ସେମାନେ ଜାଲ ଆଡକୁ ନଜର କଲେନ । –ଟୋକାଟା ଏମିତି କହୁଥିଲା ।

"ଆମ ଆଡକୁ ଏମିତି ମାଡି ଆସିଲେ ମୁଁ ଦେଖି ଛାନିଆ ହୋଇଗଲି ।"– ବୁଢା ବଡ ପାଟିରେ କହିଲା । ତାଙ୍କର ସ୍ୱର ଥରୁଥିଲା ।

"ମୋ ଡଙ୍ଗାଟା ଅରଖ ନୂଆ । ପ୍ରଥମ ଥର ପାଇଁ ପାଣିରେ ପକାଇଛି । ଦେଢ ଲକ୍ଷ ଟଙ୍କା। କେତେ ମାଗିଯାଚ ଆଣି ଡଙ୍ଗା କରିଛି । ଛଡେଇ ନେଇଯାଇଥାନ୍ତେ । ଆମକୁ ଜୀବନରେ ରଖିଥାନ୍ତେ ନା ନାହିଁ କଏ ଜାଣେ**?**"- ବୁଢା ପ୍ରାୟ କାନ୍ଦକାନ୍ଦ ହୋଇଯାଉଥିଲା ।

"ଆଉ ଟିକେ ଭଲକରି କୁହ ।"- ତପନ ବୁଢାକୁ କହୁଥିଲା । ଏମିତିଆ ଲୋମହର୍ଷଣକାରୀ କାହାଣୀ ତା' ମନରେ ଭଲ ଖୋରାକ ଦିଏ । ଏ କାହାଣୀକୁ ସେ ଅନେକଙ୍କ ଆଗରେ ପରେ ବନେଇ ଚୁନେଇ ବଖାଣିବ ।

"ରାତିକାଳ । ବେଶ ଅନ୍ଧାର ହୋଇଥାଏ । ଖୋଜେ ବାଟ ଭଲକରି ଦେଖାଯିବ ନାହିଁ । ସେମାନେ ଆମକୁ ତଡିଆସିଲେ । ଜାଣିଲୁ କଣ ପାଇଁ ଆସୁଛନ୍ତି । ପ୍ରାଣପଣେ ଆହୁଲା ମାରି ପଳେଇଲୁ । ଲୁଚବା ପାଇଁ ସେମିତି କଛି ଯାଗା ନାହିଁ । ତଥାପି ଏକ ଛୋଟନାଳ ଭିତରେ ପଶିଗଲୁ । ବହୁତ ସରୁ ଖାଲ । ସେମାନଙ୍କ ବଡଡଙ୍ଗା ଆସିପାରିଲାନ ।

ସେଇ ଖାଲରେ ଗ୍ରତିସାର୍ ଲୁଚଲୁ । ବାଘଭୟ ମାଡି ବସୁଥିଲା ।ବାହାରେ ତ ସେମାନେ କେଉଁଠି ଲୁଚବସିଥିବେ । ଆଉ ମୋଟେ ବାହାରିବାକୁ ସାହାସ ନଥିଲା । ଯୋଗକୁ ବାଘ ଆସିନ । ଏତେ ସରୁ ନାଳରେ ନଷ୍ଟିତ ଭାବରେ ଜଣକୁ ଧରିଥାନ୍ତା । ଭାଗ୍ୟରୁ ବଞ୍ଚିଗଲୁ ।" – ବୁଢାଙ୍କର ରାହା ଧରୁନଥିଲା । ଜୋରରେ କହିଲେ କେମିତି ତାଙ୍କୁ ହିକ୍କା ଆସୁଥିଲା ।

ବାଙ୍ଗଲାଦେଶର କଛି ଦ୍ୱୀପ ପାଖରେ । ତାଳପଟ୍ଟୀ ଦ୍ୱୀପରେ ଆଜିକାଲି ଡକାଏତଗୁଡା ଆଡ୍ଡା କଲେଣି ବୋଲି ଶୁଣାଯାଉଛି । କେତେଦୂର କ**?** ଗ୍ରରି ପାଞ୍ଚ କଲୋମିଟର ହେବ । ବି**.**ଏସ**.**ଏଫ**.** ଖବର ପାଇ ଆସିଲାବେଳକୁ ସେମାନେ ଲୁଟି ପାର ।

ପାଓଲି ତପନଙ୍କ ଆଡକୁ ଗ୍ରହିଁଲେ । ତା'ପରେ ପାଣିର ଶେଷରେ ଏକଦମ ହାଲୁକା ହୋଇଯାଉଥିବା କଳାରେଖାକୁ ଗ୍ରହିଁଲେ । ଆଗରେ ଦ୍ୱୀପ ଥିବା ହେତୁ ଅଳ୍ପ ଟିକଏ ଦେଖାଯାଉଛି । ସେଇଟା ବାଙ୍ଗଲାଦେଶର ଆରମ୍ଭ । ସେ ଏକ ଦୀର୍ଘନିଃଶ୍ୱାସ ନେଲେ ।

"ତାହେଲେ ସେ ଦ୍ୱୀପଟା ଡକାଏତଙ୍କର ଆଡ୍ଡା ପାଲଟି ଗଲାଣି**?**"- ତପନ ମନକୁ ମନେ କହୁଥିଲେ । କାହାଠୁ କଛି ଉତ୍ତର ପାଇବ ବୋଲି ଭାବୁନଥିଲା ।

"ମୋ ଡଙ୍ଗାଟ ସେମାନେ ନଷ୍ଟିତ ଭାବେ ନେଇଯାଇଥାନ୍ତେ । ନହେଲେ ଗ୍ରତିରେ କଏ କଣ କାହାକୁ ଗୋଡାଏ**?** ସୁନ୍ଦରବନର ପାଣି ଆଉ ବାଘର ଡର କାହାକୁ ନାହିଁ **?** ଡକାଏତଗୁଡା କନ୍ତୁ କଛି ନୟମ ମାନନ୍ତିନ ।"- ବୁଢା କହୁଥିଲେ ।

"ଆମେ ପ୍ରାଣଘେନ ଫେରିଛୁ । ଉପରକୁ କଥାଟା ଜଣାଅ । ନହେଲେ ଆମେ ବଞ୍ଚିବୁ କେମିତି**?**"- ବୁଢା ବିନତି ଭର୍ ସ୍ୱରରେ କହୁଥିଲେ ।

"ଜଳଦସ୍ୟୁ ତ ବଡ ବିପଦ । ଲାଗୁଛି ଏମାନେ ବାଘଠାରୁ ଭୟଙ୍କର ।"- ତପନ ପାଓଲିଙ୍କୁ ଅନାଇ କହିଲେ ।

ପାଓଲି ମନେମନେ ସେ ଡକାଏତମାନଙ୍କ କଥା ଭାବୁଥିଲେ । ମଣିଷପାଖରୁ ଡର ତାହେଲେ ସୁନ୍ଦରବନରେ ବାଘର ଡରଠାରୁ କିଛି କମ ନୁହେଁ । ବାଘ ତ ମଣିଷକୁ ଜୀବନରେ ମାରିଦେବ । କିନ୍ତୁ ମଣିଷ ଆଉ ଏକ ମଣିଷକୁ ଯାତନାଦେଇ ମାରିବ । ଧିରେ ଧିରେ ମରିବା କିଛି କମ ଯନ୍ତ୍ରଣାଦାୟକ ନୁହେଁ । ଏକାଥରେ ମରିବାପାଇଁ କାହା ମନରେ ଶଙ୍କା ନଥାଇପାରେ । କିନ୍ତୁ ଏ ଡକାଏତମାନଙ୍କ ହାତରେ ବନ୍ଦୀହୋଇ ରହିବା? ପାଓଲି ଆଉ ଭାବି ପାରୁନଥିଲେ ।

ବୋଟର ସମସ୍ତେ ବାଡାରେ ଆଉଜି ପଡିଥିଲେ । ସମସ୍ତଙ୍କ ମୁହଁରେ ଆଶଙ୍କା । ଏବେ ଆଉ ଜଳଦସ୍ୟୁମାନଙ୍କ ଉତ୍ପାତ ନାହିଁ କହିଲେ ଚଳେ । କିନ୍ତୁ ଏକଦମ ନାହିଁବୋଲି କହିହେବନି। ଏଗୁଡାକ ତାହେଲେ କଣ କେଉଁ ନୂଆଦଳ? କିଏ ଜାଣେ? ଡକାଏତଗିରି ବା ଛଡାଛଡି କରିବା ଦୁଷ୍ଟ ଲୋକଙ୍କର ପ୍ରବୃତ୍ତି । ଦୂର ଅଜଣା ଯାଗାରେ ନିରସ୍ତ୍ର ଲୋକଙ୍କଠାରୁ ଲୁଟିନେବାଠୁ ସହଜକାମ କିଛି ନଥାଇପାରେ । ବିପଦ ଅଛି କିନ୍ତୁ ଶକ୍ତିଶାଳୀ ଆଉ ବଦମାସ ଲୋକମାନେ ଏମିତିଆ ସହଜିଆ ମାର୍ଗକୁ ଆପଣେଇ ନିଅନ୍ତି ।

"ଆପଣ ଲିଖିତ ଭାବରେ ଥାନା କି ଅନ୍ୟ ସରକାରୀ ଦପ୍ତରରେ ଦିଅନ୍ତୁ । କଥାଟା ନିଶ୍ଚିତ ଭାବରେ ଉପରେ ବିଚାର ହେବ ଆଉ ପ୍ରତିକାରମୂଳକ ପଦକ୍ଷେପ ନିଆଯିବ ।"- ହାଲଦାରବାବୁ ବୁଝାଉଥିଲେ ।

"ଅନେକ ବିଳମ୍ବ ହେବ ।"- ବୁଢା କହିଲେ ।

"ସେ ଜଳଦସ୍ୟୁମାନଙ୍କୁ ନିପାତ କରିବା ଆବଶ୍ୟକ ।"-

"କିନ୍ତୁ ସରକାରୀ ତନ୍ତ୍ରକୁ ଲିଖିତରେ ଅଭିଯୋଗ ଦେବା ଆବଶ୍ୟକ । ନିଶ୍ଚିତ ଭାବରେ କିଛି ଉପାୟ କରାଯିବ । ଆପଣ ବି.ଏସ.ଏଫ. ଅଧିକାରୀଙ୍କୁ ଦେଖାକରି ଏ ଖବରଟା ଦିଅନ୍ତୁ । ଏପଟେ ଆମେ କାମରୁ ଫେରିଲେ କଥାଟା ଉପରେ ଜଣାଇବୁ ।"- ତପନ କହିଲ୍ ।

ସରକାରୀ ତନ୍ତ୍ରକୁ ଲିଖିତ ଭାବରେ ଖବର ଦେବା ଆବଶ୍ୟକ । ଖାଲି କହିଦେଲେ କଛି କରିହେବ ନାହିଁ । ପୁରା ଘଟଣାଟା ଭଲଭାବେ ତଦନ୍ତ କରାଯିବା ଆବଶ୍ୟକ ।

ତପନ ଆଉ ପାଓଲି ସେହି ଲୋକମାନଙ୍କୁ ଏକଧ୍ୟାନରେ ଅନାଇ ରହିଥିଲେ । ଲୋକଗୁଡାକ ବେଶ ଡରିଯାଇଥିବା ଭଳି ମନେ ହେଉଥିଲା । ଏକଦମ ଶାଙ୍କୁଡି ହୋଇଯାଇଥିଲେ । କଥାଟାକୁ ଗମ୍ଭୀର ଭାବେ ନେବା ଆବଶ୍ୟକ ।

ବୋଟ ଆଗକୁ ଚାଲିଲା ଆଉ ସେମାନେ ଘରକୁ ଫେରିଯାଉଥିଲେ । ମନରେ ଡର, ଆଶ୍ୱସ୍ତି । ଘରେ ନଜ ଲୋକଙ୍କୁ ଭଲରେ ଦେଖିବେ । ଯାହାହେଉ କଛି ଘଟିନ । ଡର ଭିତରୁ ସେମାନେ ମୁକ୍ତି ପାଇଛନ୍ତି । ଏଣିକ ଡଙ୍ଗା ଚଳାଚଳ ବଢିଲାଣି । ଆଉ କଛି ହେବାରେ ସମ୍ଭାବନା ନାହିଁ । ଏପଟେ ଏମାନଙ୍କ ବୋଟ କ୍ରମାଗତ ଭାବେ ଚାଲୁଛି । ଧାର ବେଶ ଚଉଡା ହୋଇଗଲାଣି । ପାଣି ମଧ୍ଯ ଶାନ୍ତ । ସୂର୍ଯ୍ୟକରଣରେ ପାଣି ବେଶ ଝଲମଲ କରୁଛି ।

"ଡଲଫିନ ।"- ତପନ ପାଟି କରି ଉଠିଲା । ବୋଟର ବାମ ପଟେ ଏକ ଡଲଫିନ ଉଠି ଜୋରରେ ଲମ୍ଫମାରି ବୁଡିଗଲା । ଶାନ୍ତ ପାଣିରେ ଲହଡି ଖେଳ ଯାଉଥିଲା । ଆଗରେ ଏମିତି କେତୋଟି ଡଲଫିନ ଉଠି ପୁଣି ବୁଡିଗଲେ । ଡଲଫିନର ଡୁବୁକ ମାରୁଥିବା ଦୃଶ୍ୟ ଭଲଲାଗେ ।

ସମସ୍ତେ ଡେକର ରେଲିଙ୍ଗ ଉପରେ ପେଟେଇ ପଡିଲେ । ଆଖି ଶାନ୍ତ ପାଣି ଉପରେ । ମଝିରେ ମଝିରେ ଗୋଟାଏ ଦୁଇଟା ଡଲଫିନ ଉଠି ବୁଡିଯାଉଥିଲେ । ବୋଟର ଗତି ଏ ଦୃଶ୍ୟଦେଖିବା ପାଇଁ ସାମାନ୍ୟ ଧିମା ହୋଇଯାଇଥିଲା । ନଦୀଟା ଏଠି ଟିକେ ଅଣଓସାରିଆ ହୋଇ ଯାଇଥିଲା । ଅନ୍ୟଥା ଏ ନଦୀଗୁଡିକ ତଳେ କେତେ ଶହ ମିଟର ଚଉଡା ହୋଇ ଯାଆନ୍ତି । ଜଙ୍ଗଲ ଦୂରରେ ଏକ ପତଳା ରେଖା ଭଳି ଦେଖା ଯାଉଥିଲା । ପାଣି ଗଭୀର । ଉପରେ ଭାସି ଯାଉଥିବା ମେଘ ଏକ ଦର୍ପଣରେ ଯେମିତି ଫୁଟି ଉଠୁଥିଲା । ଜଙ୍ଗଲ ଧାରରେ ବହୁତ ଗୋଲପତା (ନପଥା ପାମ) ବୃକ୍ଷ ଠିଆ ହୋଇଥିଲା । ଏକ ଦେଶୀ ଡଙ୍ଗାରେ କଛି

ମାଛ ମାରିବା ଲୋକ ଥିଲେ । ସେମାନେ ମାଛ ବା କଙ୍କଡା ଧରିବାକୁ ଭିତରକୁ ଆସି ଯାଇଛନ୍ତି । ସେମାନେ ବହୁତ ନିରାଶ ଜଣା ପଡୁଥିଲେ ।

"ବହୁତ ଆଗରୁ ରାତିରେ ଏପଟକୁ ଜଳଦସ୍ୟୁମାନେ ଆସି ଯାଉଥିଲେ । ସେମାନେ ଏକ କେଉଟ ଟୋକାକୁ ନେଇଯାଇଥିଲେ । ପାଞ୍ଚ ଦିନ ଭିତରେ ପଚାଶ ହଜାର ଦେଇ ତା'କୁ ଛଡେଇବାକୁ ପଡିଥିଲା ।"– ଗୌତମ କହିଲା । ସମସ୍ତଙ୍କର ଆଖି ତା' ଉପରେ ଲାଗି ରହିଥିଲା ।

"ଏହି ଜଳଦସ୍ୟୁମାନଙ୍କ ପାଖରେ ଅସ୍ତ୍ରଶସ୍ତ୍ର ଅଛି । ଦିନସାରା କେଉଁ କଣରେ ଛପି ରହିଥାନ୍ତି । ରାତିରେ ଛୋଟ ଡଙ୍ଗାକୁ ଧରନ୍ତି । ସେମାନଙ୍କଠାରୁ ଜିନଷ ଛଡାଇ ନଅନ୍ତି । ଧରିଥିବା ମଣିଷକୁ ପଣବନ୍ଦୀ ହିସାବରେ ନେଇ ଯାଆନ୍ତି । ବୋଟ ଇତ୍ୟାଦକୁ ଛଡେଇ ନଅନ୍ତି । ଟଙ୍କା ପାଇଁ ମହଲତ ଦିଅନ୍ତି । ଟଙ୍କା ମିଳଲେ ଛାଡି ଦିଅନ୍ତି ।"- ଗୌତମ ତା'ର କଥାକୁ ବଢାଉଥିଲା । ଅନ୍ୟ ବୋଟର ମାଝି ଭଳ ଗୌତମ ମଧ୍ଯ କଥା ବଢାଇବାର କଳା ଭଲକରି ଶିଖିଛି । ଯେତେ କଥା ବଢାଇବ ସେତେ ଯାତ୍ରୀମାନେ ଉଲ୍ଲସିତ ହେବେ । ଆମଦାନୀ ମଧ୍ଯ ଭଲ ହେବ ।

"ଆଉ ଏକ କେଉଟର ପୁଅକୁ ବନ୍ଧକ ନେଇଗଲେ । ତା'କୁ ନଅ ଦିନ କାଳ ବନ୍ଧକ ରଖିଲେ ।"– ଗୌତମ କହିଲା ।

"ପିଲାଟା ଜଙ୍ଗଲରେ ଖସି ପାରିଲା ନାହିଁ?"- ତପନ ପଚାରିଲା ।

"ଖସି କୁଆଡେ ଯିବ? ଚାରିଆଡେ ପାଣି ଆଉ ବିପଦ । ତେଣୁ ସେମାନଙ୍କ ସହ ବାଧ୍ଯ ହୋଇ ରହିବ । ପଣଟଙ୍କା ଆସିଲେ ଚାଲିଯିବ ।" – ଗୌତମ କହିଲା । ତା'ର ବୋଟଟା ବେଶ ଜୋରରେ ଆଗକୁ ଚାଲୁଥିଲା । ବୋଟ କ୍ୟାବିନ ପାଖରେ ଗାୟନବାବୁ ଠିଆ ହୋଇଥିଲେ । ସେ ଧ୍ଯାନର ସହ ଗୌତମ ଆଉ ତପନ ଭିତରେ ହେଉଥିବା କଥାକୁ

ଶୁଣୁଥିଲେ । ଗୌତମ କଥାକୁ ଯେ ବନେଇ ଚୁନେଇ କହୁଛି ବୋଲି ସେ ଠଉରାଇ ପାରୁଥିଲେ ।

"ଦି ଦିନକୁ ଥରେ ଖାଇବାକୁ ମିଳେ । ତା'ର ବାପା ପଇସା ଯୋଗାଡ କଲେ । ସେ ମୁକ୍ତି ପାଇଲା ।" – ଗୌତମ କହିଲା ।

"କୁହାଯାଇଛି ଏମିତି ଜଳଦସ୍ୟୁଗିରି ପଛରେ ପ୍ରଭାବଶାଳୀ ଲୋକଙ୍କ ହାତ ଅଛି । କଏ ସେ ଲୋକ ସେ କଥା ଜଣା ନାହିଁ । ଅନେକ ସମୟରେ ଏହି ଜଳଦସ୍ୟୁମାନେ ବାଲିଚଡା ଥିବା ଛୋଟ ଦ୍ୱୀପରେ ପଣ ବନ୍ଦୀ ମାନଙ୍କୁ ରଖି ଦିଅନ୍ତି ।"– ତପନ କହୁଥିଲା । ସେ ସୁନ୍ଦରବନ ଆସିବା ଆଗରୁ ଜଳଦସ୍ୟୁ ଆଉ ବାଘ ବିଷୟରେ କଛି ତଥ୍ୟ ସଂଗ୍ରହ କରି ନେଇଛି । ସେଇ ତଥ୍ୟସବୁ ତା' ମନରେ ଡେଉଁଥିଲା ।

"କନ୍ତୁ ସେସବୁ ପୁରୁଣାକଥା । ଆଜିକାଲି ଜଳଦସ୍ୟୁମାନଙ୍କୁ ଦମନ କରାଯାଇଛି ।" – ଗାୟନବାବୁ କହିଲେ । ତାଙ୍କ ସ୍ୱର ଆଗଭଳ ସେମିତି ଗମ୍ଭୀର । ସେ ବହୁତ କଥା ଜାଣନ୍ତି। ଜଳଦସ୍ୟୁ ଛଡାଇନେବା ବା ମାରିଦେବାର ଖବରମାନ ଆଉ ପ୍ରାୟ ନାହିଁ ।

କ୍ରମଶଃ.........

ସେକ୍ଟର-୩, ସଲ୍ଟଲେକ, କଲିକତା

**ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ ୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ ।**

# କବି ର ବାଣୀ



ଆଶୁତୋଷ ମେହେର

କବି ମନ ସତେ ଅନ୍ତରକୁ ଦେଖେ
କଲମ ମୁନରେ ସୃଷ୍ଟି
ଦିବ୍ୟ ଗୁଣ ଭର୍ା ପଦ ପାଦେ ତା'ରି
ଅମୃତ ଧାର୍ା ର ବୃଷ୍ଟି ।।
ଶୂନ୍ୟ ବାଣୀ ତା'ର ନଆର୍ା ଗଢଣୀ
ଅରୂପ ରୁ ରୂପ ପାଏ
ପଦ ପଦେ ଭରେ ଅମରତ୍ୱ ବାଣୀ
ଜୀବନ ସଂଗୀତ ଗାଏ ।।
ଫୁଲ ରଙ୍ଗ ନେଇ ଇନ୍ଦ୍ରଧନୁ ଆଂକେ
ନୀଳ ଆକାଶରେ ଛବି
ସବୁଜ ବନାନୀ ଝରଣା ର ଧାର୍ା
ସଭିଁଙ୍କର ସାଥୀ କବି ।।
ସିଗ୍ଧ ଶୀତଳତା ହୃଦେ ଭରେ ସେ'ତ
ଗଙ୍ଗା ଯମୁନା ର ପାଣି
ପରମାତ୍ମାଙ୍କର  ନଆର୍ା ଅଲେଖ୍ୟ
କବି ର ଜୀବନ ବାଣୀ ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

# ମିଠା ସପନ



ସଂଯୁକ୍ତା ମହାପାତ୍ର

ଆଖି ବୁଜି ସତେ ଚେଇଁ ଶୋଇଥିଲି
ମିଠା ମିଠା କେତେ ସପନ ବୁଣି,
ସେ ସପନେ ଆସି
ତୁମେ ମୋର ପାଶେ
କାନେ କେତେ କଥା ଗଲ ତ କହି ।
ଆଖି ଖୋଲି ଯେବେ ଚୌଦୀଗେ ଦେଖିଲି
ଏଇ ଥିଲା ମୋର ସପନ ଖାଲି,
ସପନରେ ନିତି ଭେଟ ହୋଇଯାଏ
ଚାହିଁ ମୁଁ ରହିଛି ସତ ଜୀବନରେ
କେବେ ପ୍ରିୟତମ ଆସିବେ ବୋଲି ।

ସାଥୀ ପାଇଁ କେତେ ସପନ ବୁଣଇ
ସପନ ମୋର କି ହୋଇବ ମୋ ସତ
ଆସିବକି ଦିନେ ଏଇ ମୋ ଜୀବନେ
ହେବକି ମୋର ସେ ପରାଣ ମିତ ।

ସପନ ଭାଂଗିଲା ଏକା ଏକା ବସି
ତୁମ କଥା ଆଜି ଭାବୁଛି ଖାଲି,
ଆଖି ଖୋଲି ଚାହିଁ ଦେଖିଲି ଯେବେ ମୁଁ

ମୁରକ ମୁରୁକ ହସିଲି
ଏଇ ଥିଲା ମିଛ ସପନ ବୋଲି ।

ତନ୍ଦ୍ରାଭଙ୍ଗି ଯେବେ ଆଖି ଖୋଲିଦେଲି
ସତେ ମୋ ସପନ ସତ ହୋଇଲା
ଚମକ ଗୁହିଁଲି, ମୁରୁକ ହସିଲି,
ଆଖି ମୋ ଖୋଲି
ସାଥୀ ବସିଥିଲେ ମୋହରି କତିରେ
ଦେଖି ଲାଜେ ମୁହଁ ହେଲା ମୋ ନାଲି ।

☆☆♡☆☆

ପଟିଆ, ଭୁବନେଶ୍ୱର

ବେଦାନ୍ତୀର ଆଗାମୀ ସଂଖ୍ୟା ଜାନୁୟାରୀ ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ଡିସେମ୍ବର ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ରାସ୍ତା ଓ ସହଯାତ୍ରୀ



ଡକ୍ଟର ବିଜ୍ଞାନୀ ଦାସ

ନଭେମ୍ବର ୯ ତାରିଖ । ରାତି ସାଢେ ସାତଟା । ବାହାରେ ଅନ୍ଧାର । ନଭେମ୍ବର ୩ ତାରିଖରୁ ସମୟ ଗୋଟିଏ ଘଣ୍ଟା ପଛେଇ ଗଲା । ତେଣୁ ଶୀଘ୍ରଶୀଘ୍ର ରାତି ଓ ଅନ୍ଧାର ହୋଇଯାଉଛି । ଏତେ ଅନ୍ଧାର ଭିତରେ ଛୋଟ ଛୋଟ ରାସ୍ତା ମାନଙ୍କର ନାମ ଠିକ୍ ଭାବେ ଦିଶୁନଥାଏ । ତେବେ ସୁରଭିର ଆତ୍ମବିଶ୍ୱାସ ଥାଏ ଯେ ଯେଉଁ ରାସ୍ତାର ବିବରଣୀ ସିଏ ସବୁ ଟିପି ରଖିଛି, ସେସବୁକୁ ଅନୁସରଣ କଲେ ସେମାନେ ବାପୁର ଘର ଠିକଣାରେ ପହଞ୍ଚିଯିବେ। ହେଲେ ରୁଟ୍ ୭୮୭ରେ ଏତେ ବାଟ ଅନ୍ଧାରରେ ଆସିବା ପରେ ବି ୟୁ.ଏସ୍-୯ ନମ୍ବର ରାସ୍ତା ନ ଆସିବାରୁ ସୁମନ୍ତଙ୍କ ରାଗ ବଢିଗଲା । ସିଏ ଭାବିଲେ ଯେ ସେମାନେ ଭୁଲ୍ ରାସ୍ତାରେ ଯାଉଛନ୍ତି । ହଠାତ୍ ଗୋଟିଏ ପାର୍ଶ୍ୱରାସ୍ତାରେ ଗାଡି ରଖି ସିଏ ପୁଣି ତାଙ୍କ ମୋବାଇଲ୍ ଫୋନରେ ଦିଶା ନିରୂପଣ କରିବାରେ ଲାଗିଲେ । ସୁରଭିକୁ କହିଲେ, "ଏବେ ଏ ମୋବାଇଲରେ ଚେକ୍ କର । ସେ କାଗଜ ଲେଖାକୁ ଛାଡେ । 'ହେଲେ ସୁମନ୍ତଙ୍କ ମୋବାଇଲରେ ସୁରଭି କିଛି ଜାଣିପାରେନି । ତାପରେ ସେ ମୋବାଇଲରେ ପୂର୍ବରୁ ସିଏ ଭୁଲ୍ ଠିକଣା ପକେଇଥିଲେ । ସେ ମୋବାଇଲ୍ ବି ବେଳେବେଳେ କିଛି କୁହେନି କି ଠିକ୍ ଭାବେ ରାସ୍ତା ଦେଖାଏନି । ତେଣୁ ସେ ମୋବାଇଲ୍ ଉପରେ ସୁରଭିର ବିଶ୍ୱାସ ନଥିଲା । ବରଂ ବିଶ୍ୱାସ ଥିଲା ତା ଟିପିଥିବା ଠିକଣା ଉପରେ । ତେବେ ଗୋଟିଏ କଥା ଯେ, ସେ ଟିପିଥିବା ରାସ୍ତା ସବୁକୁ ସେମାନଙ୍କୁ ଦେଖିକରି ଯାଞ୍ଚ କରିବାକୁ ପଡିବ, ଯେଉଁଟାକ ଅନ୍ଧାର ରାସ୍ତାରେ କଠିନ ଥିଲା । ସୁରଭି କହିଲା, "ତମେ ବ୍ୟସ୍ତ ହୁଅନି । ମୁଁ ଭାବୁଛି ୟୁ.ଏସ୍.-୯ ନର୍ଥ ଆସିଯିବ ।

ସେମିତି ଚଡିଚଡା ହୋଇ ସୁମନ୍ତ କହିଲେ, "କଛି ତ ଦେଖାହେଉନ । ଏପର୍ଯ୍ୟନ୍ତ ତ ସେ ରାସ୍ତା ଆସିନ । କେମିତି ଜାଣିହେବ ? ତତେ କହିଲି ଏ ଫୋନ୍‌ଟାକୁ ଦେଖେ । କୌଣସି କାମକୁ ନୁହେଁ ।'

ସୁମନ୍ତ ଏମିତି ଭାବେ ବିରକ୍ତ ହେଲେ ଯେ, ସୁରଭିର ଇଚ୍ଛା ହେଲା, ସିଏ ହୁଏତ ଗାଡିରୁ ଓହ୍ଲେଇ ଅଲଗା ଯାଆନ୍ତା, ନହେଲେ ନଜେ ଗାଡି ଚଲାନ୍ତା ଓ ଚିପିଥିବା ରାସ୍ତା ଅନୁସରଣ କରି ଠିକଣା ଜାଗାକୁ ଯାଆନ୍ତା । ହେଲେ ସିଏ ତା ଚଶମା ଆଣିବାକୁ ଭୁଲିଯାଇଛି । ଦିନ ହୋଇଥିଲେ ଅଲଗା କଥା । ଏବେ ରାତିରେ ବିନା ଚଶମାରେ ଗାଡି ଚଲେଇବାର ଆତ୍ମବିଶ୍ୱାସ ତାର ନଥିଲା । ଅତଏବ ସୁମନ୍ତଙ୍କର ସମସ୍ତ ବିରକ୍ତି ଓ ତାଚ୍ଛଲ୍ୟକୁ ସହିବାକୁ ପଡିଲା । ତାଙ୍କ ସହିତ ସିଏ ଯେବେ ବି ସାଙ୍ଗ ହୋଇ କେଉଁଠିକୁ ଦୂର ଜାଗାକୁ ଡ୍ରାଇଭିଂ କରି ଯାଏ, ସବୁବେଳେ ତାକୁ ସୁମନ୍ତଙ୍କ ରାଗର ଶିକାର ହେବାକୁ ପଡେ । ସିଏ ପ୍ରତିଜ୍ଞା କରେ, "ଆଉ କେବେ ମୁଁ ତମ ସହିତ ଗାଡିରେ ବସି ଏକଲା ଯିବିନ । 'ପିଲାମାନେ କ ଆଉ କେହି ଥିଲେ, ସେମାନେ ରାସ୍ତା ବତେଇବାର ଦାୟିତ୍ୱ ନଅନ୍ତି । ସୁରଭି ଉପରେ କଛି ଚାପ ପଡେନ । ହେଲେ ସୁରଭି ସହଯାତ୍ରୀ ଭାବେ ଏକା ରହିଥିଲେ, ସୁମନ୍ତଙ୍କର ସବୁ ରାଗକୁ ତାକୁ ହିଁ ସହିବାକୁ ପଡେ । ଠିକ୍ ଏହି ସମୟରେ ୟୁ.ଏସ୍.-୯ ନର୍ଥ ରାସ୍ତା ଆସୁଛି ବୋଲି ଅଧା ମାଇଲ୍ ଆଗରୁ ରାସ୍ତାରେ ସଙ୍କେତ ଚହ୍ନ ଦିଶିଲା । ସୁରଭିର ଆତ୍ମବିଶ୍ୱାସ ଆସିଲା । ସିଏ କହିଲା, "ତମେ ଏବେ ମତେ ସେ ମୋବାଇଲ୍ ଚେକ୍ କରିବାକୁ କୁହନ । ଏବେ ଏ ୟୁ.ଏସ୍.-୯ ନର୍ଥ ରେ ଦକ୍ଷିଣ ଦିଗରେ ଗାଡି ନଅ । ଦେଢ ମାଇଲ୍ ପରେ ରୁଟ୍-୨୩୬ ଆସିବ । ସେଥିରେ ବି ଆମକୁ ଡାହାଣରେ ଯିବାକୁ ପଡିବ ।'

ସୁମନ୍ତ ୟୁ.ଏସ୍.-୯ ନର୍ଥ ରେ ଡାହାଣକୁ ଗାଡି ଚଲେଇଲେ । ହେଲେ ରାସ୍ତା ସବୁ ସେମିତି ଅନ୍ଧାର ଥାଏ । ରୁଟ୍-୨୩୬ ଦେଖି ହେବ କ ନାହିଁ ସେ ସନ୍ଦେହ ଥାଏ । ସୁମନ୍ତ କହିଲେ, "କଛି ତ ଦେଖି ହେଉନ । ଆମେ ଯଦି ରୁଟ୍-୨୩୬ ଦେଖି ନପାରିବା ? ଟିକେ ମୋବାଇଲ୍ ଫୋନ୍‌ଟା ଦେଖୁନୁ କାହିଁକ ?'

ସୁରଭି ଚୁପ୍ ରହିଲା । କଛି ସମୟ ପରେ ରୁଟ୍-୨୩୬ ଆଗରେ ଆସୁଥିବାର ସଙ୍କେତ ଚହ୍ନ ଦୃଷ୍ଟିଗୋଚର ହେଲା । ସେଥିରେ ସେମାନେ ଡାହାଣକୁ ଗଲେ । ସେଥିରେ ସେମିତି ଦେଢ

ମାଇଲ୍ ଯିବା ପରେ ଫେଲୋସ୍ ରୋଡରେ ବାମ ଦିଗକୁ ଗାଡି ବୁଲେଇବାର ଥିଲା । ଫେଲୋସ୍ ରୋଡରେ ପହଞ୍ଚିବାକୁ ସେମାନଙ୍କୁ କିଛି ଅସୁବିଧା ହେଲାନି । ହେଲେ ସେ ରାସ୍ତାରୁ ଡାହାଣରେ "ହାଫ୍‌ମୁନ୍ ହେରିଟେଜ୍ ଡ୍ରାଇଭ୍' ରେ ମୋଡ ନେବାର କଥା । କିନ୍ତୁ ଅନ୍ଧାରରେ "ହାଫ୍‌ମୁନ୍ ହେରିଟେଜ୍ ଡ୍ରାଇଭ୍' ଦେଖା ହେଉନଥିଲା । ଫେଲୋସ୍ ରୋଡରେ ଯାଇ ସେମାନେ ଆଉ ଗୋଟିଏ ରାସ୍ତା ନମ୍ବର-୧୪୬ ର ସଂଗମ ସ୍ଥଳୀରେ ପହଞ୍ଚିଗଲେ । ସେଠି ସେ ହାଫ୍‌ମୁନ୍ ହାଇୱେ ଡିପାର୍ଟମେଣ୍ଟ କୋଠାକୁ ଯିବା ରାସ୍ତାରେ ଟିକେ ବଙ୍କେଇ ନେଇ ସୁମନ୍ତ ପୁଣି ତାଙ୍କ ମୋବାଇଲ୍ ଫୋନ୍ ଦେଖିଲେ । ଏହି ସମୟରେ ବାପୁ ଫୋନ୍ କଲା ଓ ସେମାନେ କେତେ ଦୂରରେ ଅଛନ୍ତି ବୋଲି ପଚାରିଲା । ସୁମନ୍ତ ତାଙ୍କୁ ରାସ୍ତା ନମ୍ବର-୧୪୬ ଓ ଫେଲୋସ୍ ରୋଡ୍‌ର ସଂଗମ ସ୍ଥଳୀ ବିଷୟରେ ବତେଇବା ପରେ ସିଏ କହିଲା, "ତମେ ଫେଲୋସ୍ ରୋଡରେ ଫେରି ଆସ । ଚେକ୍ କରୁଥାଅ, କେବେ "ହାଫ୍‌ମୁନ୍ ହେରିଟେଜ୍ ଡ୍ରାଇଭ୍' ଆସିବ । ସେଥିରେ ବାମପଟେ ମୋଡ ନେବ ।'

ସୁମନ୍ତ ଏବେ ଗାଡି ଧୀରେଧୀରେ ଚଲେଇଲେ । ଭାଗ୍ୟକୁ ସେ ରାସ୍ତାରେ ବେଶି ଗାଡି ଯିବାଆସିବା କରୁନଥିଲା । କିଛି ବାଟ ଆସିବା ପରେ "ହାଫ୍‌ମୁନ୍ ହେରିଟେଜ୍ ଡ୍ରାଇଭ୍' ଦେଖାଗଲା । ସେମାନେ ସେଥିରେ ବାମପଟେ ମୋଡନେଲେ ଓ ଆଗରେ ଲେଗାସି ଲେନ୍ ଦେଖିଲେ । ପୁତୁରାର ଆପାର୍ଟମେଣ୍ଟରେ ପହଞ୍ଚିଯିବା ପରେ ଟିକେ ସ୍ୱସ୍ତିର ନିଶ୍ୱାସ ମାରିଲେ। ଯାହାହେଉ, ଏବେ ଆଉ ସୁମନ୍ତଙ୍କ ଟାଣକଥା ଶୁଣିବାକୁ ପଡିବନି ।

ସୁମନ୍ତଙ୍କର ଏମିତି ଟିକେଟିକେ କଥାରେ ବିଚଳିତ ହୋଇଯିବା, ହତାଶ ହୋଇ ମାନସିକ ଶାନ୍ତି ହରାଇ ରାଗିଯିବା ଓ ପାଖରେ ଥିବା ବ୍ୟକ୍ତି ଉପରେ ନିଜର ସମସ୍ତ ରାଗ ଶୁଝିବା ସହିତ ସୁରଭି ନିଜ ବାହାଘର ଦିନରୁ ପରିଚିତ । ପିଲାମାନେ ଯେତେବେଳେ ଛୋଟ ଥିଲେ, ସେସବୁର ମାତ୍ରା ଅଧିକ ଥିଲା । ପିଲାମାନେ ବଡ ହୋଇଯିବା ପରେ ଏବେ ସେମାନେ ଏତେଟା ରୋଡ୍‌ଟ୍ରିପ୍ ନିଅନ୍ତିନି । ବେଳେବେଳେ ରୋଡ୍‌ଟ୍ରିପ୍ ନେଲେ ସେମାନେ ଦିନ ଥାଉଥାଉ ପହଞ୍ଚିଯିବାର ଯୋଜନା କରି ଘରୁ ବାହାରନ୍ତି । ହେଲେ ସୁମନ୍ତଙ୍କ ରାଗ ସାଙ୍ଗକୁ ଏବେ ଜୁଟିଯାଇଛି ମୋବାଇଲ୍ ଫୋନ୍ । ଯାହା ଯେତେ ଲେଖାଲେଖି କରି ନେଲେବି ସେ ମୋବାଇଲ୍ ଫୋନ୍ ଉପରେ ସୁମନ୍ତଙ୍କର ଅଧିକ ଭରସା । ଏମିତିକି ଜିପିଏସ୍ ଯେତେବେଳେ କାମ କରୁଥିଲା, ସେତେବେଳେ ବି ସିଏ ମୋବାଇଲ୍ ଫୋନ୍ ଲଗେଇଦେଇ

ଠିକଣା ଯାଞ୍ଚ କରିବେ । ଏବେ କଛିଦିନ ହେଲାଣି ସେ ଜିପିଏସ୍ କେଜାଣି କାହିଁକି କାମ କରୁନ । ନହେଲେ ଏବେ ଏମିତି ହଇରାଣ ହେବାକୁ ପଡିନଥାନ୍ତା ।

ସୁରଭି ଭାବିଥିଲା, ବୟସ ବଢିବା ସହିତ ସୁମନ୍ତ ନଜର ରାଗ ଉପରେ ନିୟନ୍ତ୍ରଣ ରଖିବା ଆପେଆପେ ଶିଖିନେବେ । ହେଲେ ଯେଉଁକଥାକୁ ସେହି କଥା । ଏ ପର୍ଯ୍ୟନ୍ତ ବି ତାଙ୍କ ଅଧୈର୍ଯ୍ୟ ପ୍ରକୃତି ସେଇ ଏକା ଭଳି ।

ନଭେମ୍ବର ୧୦ ତାରଖରେ ସବୁ ଭଲ ରହିଲା । ସେମାନେ ଯେଉଁଆଡେ ବି ଗଲେ, ବାପୁ ସେମାନଙ୍କୁ ଦିଗ ବତେଇବାରେ ସାହାଯ୍ୟ କରୁଥିଲା । ନଭେମ୍ବର ୧୧ ତାରିଖରେ ସେମାନଙ୍କୁ ନଜ ପିଲାମାନଙ୍କ ପାଖକୁ ନୟୁର୍କ ସିଟି ଯିବାକୁ ପଡିଲା । ଦିନବେଳା ତ ଯିବେ। ସେଥିପାଇଁ ବିଶେଷ ଚନ୍ତା ନଥିଲା । ତାପରେ, ଯଦିଓ ଆଲ୍‌ବାନରେ ମେଘୁଆ ପାଗ ଓ ଥଣ୍ଡା ଥିଲା, ସେମାନେ ନୟୁର୍କ ସିଟି ପାଖାପାଖି ହେବାବେଳକୁ ତାପମାତ୍ରା ଧୀରେଧୀରେ ବଢି ୬୦ ଡିଗ୍ରୀ ଦେଖେଇଲା । ଖରା ବି ହୋଇଥିଲା । ହେଲେ ସମସ୍ୟା ହେଲା ଏଫ୍.ଡି.ଆର୍ ଡ୍ରାଇଭ୍‌ରୁ ଆଇ-୨୭୮ ମୋଡ ନେବାରେ । ଯେତିକ ଯେତିକ ମାଇଲ୍ ପ୍ରତି ରାସ୍ତାରେ ଯିବା ପାଇଁ ସୁରଭି ଟିପି ଥିଲା, ଏମିତି ଲାଗୁଥିଲା ଯେ ଏଫ୍.ଡି.ଆର୍. ରୋଡରେ ସେମାନେ ଅଧିକ ଆସିଗଲେଣି । ପୁଣି ସୁମନ୍ତଙ୍କର ହତାଶା ଆରମ୍ଭ ହେଲା । ସିଏ କହିଲେ, "ଟିକେ ସେଲଫୋନରେ ଦେଖୁନୁ କାହିଁକ ? ହୁଏତ ଆମେ ମୋଡ ନେବାକୁ ଭୁଲି ଅଧିକ ଆସିଗଲେଣି । ଏବେ କଣ କରିବା ?'

ସୁରଭି କହିଲା, "ଆଇ-୨୭୮ ତ ଏପର୍ଯ୍ୟନ୍ତ ଆସିନ । ତମେ ଚାଲୁଥାଅ । ଆଇ-୨୭୮ ଆସିଲେ ଆମେ ଯେମିତି ମୁଁ ଟିପିଛି, ସେମିତି ଅନୁସରଣ କରିବା ।'

"ଅତି ବେକାରିଆ ମଣିଷଟା । ସେଲ ଫୋନରେ ଦିଗ ଦେଖି ଜାଣୁନ ।' - ଏମିତି କହି ସିଏ ଏଫ୍.ଡି.ଆର୍. ରୋଡ୍‌ରୁ ହଠାତ୍ ବାହାରିଗଲେ ଓ ଏକ ପାର୍ଶ୍ୱରାସ୍ତାରେ ଗାଡି ଅଟକେଇ ସେଲ୍ ଫୋନରୁ ମାନଚତ୍ର ଓ ଦିଗ ଦେଖିବାରେ ଲାଗିଲେ । ଝିଅ ଜ୍ୱାଇଁଙ୍କ ଗୋଟାଏ ବେଳେ ଦନ୍ତ ଚକତ୍ସକଙ୍କ ନକଟକୁ ଯିବାର ଥିଲା । ତାକୁ ସେମାନେ ଗାଡିରେ ନେଇ ଛାଡିବାକୁ କହିଥିଲେ । ହେଲେ ସେତେବେଳକୁ ସମୟ ୧୨ଟା ୩୫ ହେଲାଣି । ସୁରଭି ଝିଅକୁ

ଟେକଷ୍ଟ ମେସେଜ୍ ଦେଇଦେଲା, "ଆମର କେତେବେଳ ହେବ କହିହେଉନ । ରାସ୍ତା ଭୁଲିଗଲା ଭଳ ମନେ ହେଉଛି । ତୁ ତୋ ଦନ୍ତ ଚକିତ୍ସକ ନିକଟକୁ ବସରେ ଚାଲିଯା । ଆମେ ତୋତେ ମେସେଜ୍ କରୁଥିବୁ ।'

ସୁମନ୍ତ ସେ ସେଲ୍ ଫୋନରେ କଣ ସବୁ ଅନୁସନ୍ଧାନ କଲେ ଓ ଶେଷରେ କହିଲେ, "ଅଳ୍ପ ବାଟ ଅଛି ବୋଲି କହୁଛି । ତୁ ଟିକେ ଦେଖେ ।'

ଏମିତି ହୋଇ ସେମାନେ ପୁଣି ଏଫ୍.ଡି.ଆର୍. ରୋଡରେ ପଶିଲେ । କିଛି ସମୟ ପରେ ସେଥିରୁ ଆଇ-୨୭୮ Ramp ଦେଖାଇଲା । ସୁମନ୍ତ ପଚାରିଲେ, "ଏବେ କୁଆଡେ ଯିବା ? ସିଧା ନା ଆଇ-୨୭୮ ପଟେ ?'

ସୁରଭି କହିଲା, "ଚାଲ ଆଇ-୨୭୮ ପଟେ ।'

ସେମାନେ ଆଇ-୨୭୮ Ramp ଧରି ସୁଡଙ୍ଗରେ ପଶିଲେ । ସେ ସୁଡଙ୍ଗରୁ ବାହାରିଲା ପରେ ଏକ୍‌ଜିଟ୍ ନମ୍ବର ୨୬ ନେଇ ହାମିଲ୍‌ଟନ୍ ଷ୍ଟ୍ରିଟ୍ ରେ ପଶିଲେ । ସେଠାରୁ ରାସ୍ତା ଠିକ୍ ଥିଲା । ସେମାନେ ଯାଇ ଲୋରେନ୍ ଷ୍ଟ୍ରିଟ୍ ରେ ପହଞ୍ଚିଗଲେ । ସେଠି ପାର୍କ କରିବାପାଇଁ କିଛି ଖାଲି ଜାଗା ନଥିଲା । ତେଣୁ ସେମାନେ "ବେ ଷ୍ଟ୍ରିଟ୍" ରେ ପାର୍କ କରି ଲୋପା ପାଖକୁ ଫୋନ୍ କଲେ। ଲୋପା ବସ୍ ରେ ଦନ୍ତ ଚିକିତ୍ସକଙ୍କ ପାଖକୁ ଯାଉଥିଲା । ସିଏ କହିଲା, "ତମେ କିଛି ପାଖାପାଖି ସ୍ଥାନ ଦେଖୁଥାଅ । ବିଶେଷ କରି "ଲୁଇସ୍ ଭାଲେଣ୍ଟିନୋ ଜୁନଅର୍ ପାର୍କ ଓ ପିଅର୍' ଦେଖିପାରିବ । ମୋର କାମ ସରିଗଲେ ଆମେ ତେବେ ଗୋଟିଏ ରେଷ୍ଟୁରାଣ୍ଟକୁ ଯାଇପାରିବା ।'

ସୁରଭି ଓ ସୁମନ୍ତ ସେଇଆ କଲେ । ସେମାନେ "ଲୁଇସ୍ ଭାଲେଣ୍ଟିନୋ ଜୁନଅର୍ ପାର୍କ ଓ ପିଅର୍' ଦିଗରେ ଚାଲିଲେ । କଫି ଷ୍ଟ୍ରିଟ୍ ଓ ଫେରିସ୍ ଷ୍ଟ୍ରିଟ୍‌ର ସଂଗମ ସ୍ଥଳୀରେ ସେ ପିଅର୍‌ଟି ଅବସ୍ଥିତ । ଯିବା ସମୟରେ ରାସ୍ତା ଦେଖି ଲାଗୁଥିଲା ଯେମିତି ଏଠି ଅତି ଅସନା ଲୋକମାନେ ରହୁଛନ୍ତି । ରାସ୍ତା ସାରା ଅସନା । ଅଳିଆ, ଆବର୍ଜନା ଚାରିଆଡେ ଭରି ରହିଥାଏ । ତେବେ ପିଅରରେ ପହଞ୍ଚିଯିବା ପରେ ଅନେକ ଭଲଲାଗିଲା । ସମୁଦ୍ର ପାଣି ସେଠି କୂଳରେ ବାଡେଇ

ହୋଇ ଅତ୍ୟନ୍ତ ସୁନ୍ଦର ଧ୍ୱନ ସୃଷ୍ଟି କରୁଥାଏ । ସେଠାରୁ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଅତି ସ୍ୱଷ୍ଟ ଭାବେ ଦେଖା ଯାଉଥାଏ । ପିଅର୍‌ର ଅନ୍ୟ କୋଣରେ ଦଶ-ବାର ଜଣ ବ୍ୟକ୍ତି ଛଡ ପକେଇ ମାଛ ଧରୁଥାନ୍ତି । ସ୍ଥାନଟି ଅତି ମନୋରମ ଦିଶୁଥାଏ । ସେମାନେ ପିଅର୍‌ର ସ୍ଥାନେସ୍ଥାନେ ରହି କଛି ଫଟୋ ଉଠାଇଲେ । ତାପରେ ଅନ୍ୟ କୋଣକୁ ଗଲେ । ସେଠି ମାଛ ଧରୁଥିବା ଲୋକମାନଙ୍କ ପାଇଁ ସ୍ଥାନଟି ଅତ୍ୟନ୍ତ ଅପରିଷ୍କାର ଦିଶୁଥାଏ । ହେଲେ ସେଠାରୁ ମାନହାଟନ୍ ଓ ବ୍ୟାଟେରି ପାର୍କ ଅତି ସ୍ୱଷ୍ଟ ଭାବେ ଦିଶୁଥାଏ । ସେଠି କଛି ସମୟ ବିତାଇ ସେମାନେ ପୁଣି ନଜ ଗାଡି ପାଖକୁ ଫେରିଲେ । ଫେରିବା ବାଟରେ ଲୋପାକୁ ଫୋନ୍ କଲେ, ହେଲେ ଲୋପାଠାରୁ କଛି ସମ୍ବାଦ ମିଳୁନଥାଏ । ଅତଏବ ସେମାନେ କଛି ସମୟ ପାଇଁ ଆଇକଆ ଷ୍ଟୋର୍ ଭିତରେ ପଶିଗଲେ । ସେଠି ଶୌଚାଳୟ ଥିଲା । ତେଣୁ ଶୌଚାଳୟ ବ୍ୟବହାର କରି ସେମାନେ ଗାଡି ପାଖକୁ ଫେରିଆସିଲେ ।

କଛି ସମୟ ପରେ ଲୋପା ଫୋନ୍ କଲା । ସିଏ ସେତେବେଳେ ବସରେ ଫେରୁଥିଲା । ଲୋପା ସହିତ କଥାବାର୍ତ୍ତା କରି ସେମାନେ କାନନ୍ ରେଷ୍ଟୁରାଣ୍ଟ ଯିବାକୁ ଠିକଣା ଆଣିଲେ । ଲୋପା କହିଲା, "ମୁଁ ବସ୍‌ରୁ ରେଷ୍ଟୁରାଣ୍ଟ ପାଖରେ ଓହ୍ଲାଇଯିବି । ତମେମାନେ ସେଇଠିକୁ ଆସ ।'

ରେଷ୍ଟୁରାଣ୍ଟ ର ଠିକଣା ପକାଇ ସେମାନେ ବାହାରିଲେ । ସେଲ୍ ଫୋନ ଆପ୍ ବତାଇଥିବା ଦିଗ ଅନୁଯାୟୀ ସେମାନଙ୍କୁ ହେଣ୍ଡର୍‌ସନ୍ ୱେ ରୁ ନାଇନ୍‌ଥ ଷ୍ଟ୍ରିଟର ଡାହାଣକୁ ଯିବାର ଥିଲା। ହେଲେ ନାଇନ୍‌ଥ୍ ଷ୍ଟ୍ରିଟ ବନ୍ଦ ଥିଲା । ଏବେ କଣ କରିବା । ସୁମନ୍ତ ସୁରଭି ଉପରେ ପୁଣି ବିରକ୍ତ ହେଲେ । "ଯୁଆଡେ ଯିବ, ସେଠି ଖାଲି ଭାରତୀୟ ଖାଦ୍ୟ ଖାଇବାକୁ ମରିଯିବ। ଆଉ କୋଉଠି ଖାଇଥିଲେ ହୋଇନଥାନ୍ତା । ଏବେ କେଉଁଆଡେ ଯିବା ?'

"ଆସୁଥିବା ରାସ୍ତାରେ ଟିକେ ଡାହାଣକୁ ଯାଇ ଦେଖିବା ।' - ସୁରଭି କହିଲା ।

"ସେଠି ତ ଜଳଭାଗ ଆସିଯିବ । କଣଟା ଦେଖିବ ?' - ସୁମନ୍ତ ଆହୁରି ବିରକ୍ତ ହେଲେ ।

ଯାହାହେଉ, ସେମାନେ ଆସନ୍ତା ଛକରେ ଡାହାଣକୁ ବଙ୍କେଇଲେ । ହେଲେ ସେଇଟା ରାସ୍ତା ନଥିଲା । ଗୋଟିଏ ପାର୍କିଙ୍ଗ୍ ସ୍ଥାନ ମନେ ହେଉଥିଲା । ସେ ସ୍ଥାନର ଆଗକୁ ଯିବାକୁ ରାସ୍ତା

ନଥିଲା । ସୁରଭି ଓ ସୁମନ୍ତଙ୍କ ଭଳ କଛି ଲୋକ ସେ ସ୍ଥାନକୁ ଯାଉଥିଲେ ଓ ଆଗକୁ ଯାଇନପାରି ଫେରୁଥିଲେ । ସେମାନେ ସେଇଠି କଛି ସମୟ ପାଇଁ ଗାଡି ରଖି ଲୋପାକୁ ଡାକଲେ । ଲୋପା ବତେଇଲା, "ତମେମାନେ ସ୍ମିଥ୍ ଷ୍ଟ୍ରିଟରେ ଆଗକୁ ଯାଅ । ତାପରେ ଥାର୍ଡ ଷ୍ଟ୍ରିଟରେ ଡାହାଣକୁ ଯିବ । ଥାର୍ଡ ଷ୍ଟ୍ରିଟ୍ରୁ ଥାର୍ଡ ଆଭିନଉରେ ପୁଣି ଡାହାଣକୁ ଆସିବ । ସେଠି କୌଣସି ସ୍ଥାନରେ ରାସ୍ତା ପାର୍କିଙ୍ଗ୍ ଯଦି ପାଇବ ତ ପାର୍କ କରିଦେବ । କାନନ୍ ରେଷ୍ଟୁରାଣ୍ଟ ଏଇଟ୍‌ଥ୍ ଷ୍ଟ୍ରିଟ୍ ଓ ନାଇନ୍‌ଥ୍ ଷ୍ଟ୍ରିଟ୍ ମଝିରେ ଆସିବ ।'

ସେମାନେ ଲୋପା କହିଥିବା ମୁତାବକ ରାସ୍ତା ଅନୁସରଣ କରି ଗଲେ । ସେଭେନ୍‌ଥ୍ ଷ୍ଟ୍ରିଟରେ ଅତି କଷ୍ଟରେ ଗୋଟିଏ ପାର୍କିଙ୍ଗ୍ ସ୍ଥାନ ଖୋଜି ପାଇଲେ । ତାପରେ ଲୋପାକୁ ଫୋନ୍ ଲଗେଇଲେ । କାନନ୍ ରେଷ୍ଟୁରାଣ୍ଟରେ ପହଞ୍ଚିବା ବେଳକୁ ଲୋପା ଅର୍ଡର୍ ଦେଇ ସାରିଥିଲା । ପକୁଡି ମଧ ମଗେଇ ଦେଇଥିଲା । ସେମାନେ ଆରାମରେ ପକୁଡି ଖାଇଲେ । ଖାଦ୍ୟ ମଧ ସାଙ୍ଗେସାଙ୍ଗେ ଆସିଗଲା । ସେମାନେ ତିନଜଣ ଆରାମରେ ଖାଇସାରି ଲୋପାର ଆପାର୍ଟମେଣ୍ଟକୁ ଫେରିଲେ । ଲୋପା କହିଲା, "ଆମେ ସାଢ ପାଞ୍ଚଟାରେ ଗୋପାକୁ ମେକ୍ସିକାନ୍ ରେଷ୍ଟୁରାଣ୍ଟରେ ଭେଟିବା ।' ସୁମନ୍ତ କହିଲେ, "ଠିକ୍ ଅଛି । ଚାଲେ ତାହେଲେ ତା ପୂର୍ବରୁ ତୋ ସ୍କୁଲ୍ ଦେଖିଦେବା ।'

ସେମାନେ ତାପରେ ଲୋପାର ସ୍କୁଲ୍ ଦେଖିବାକୁ ଗଲେ । ଲୋପାର ସ୍କୁଲ୍, କ୍ଲାସ୍‌ରୁମ୍ ସମସ୍ତ ଦେଖିସାରି ସେମାନେ ଡ୍ରାଇଭ୍ କରି ରେମସେନ୍ ଷ୍ଟ୍ରିଟ୍ ପର୍ଯ୍ୟନ୍ତ ଗଲେ । ସେଠି ରାସ୍ତା କଡରେ ପାର୍କ କରି ପିଅର୍-୫ର ଅପ୍‌ଲ୍ୟାଣ୍ଡସ୍ ଲନ୍‌କୁ ଗଲେ । ସେଠାରୁ ବ୍ରୁକ୍‌ଲିନ୍ ବ୍ରିଜ୍ ଓ ମାନ୍‌ହାଟନ୍‌ର ଦୃଶ୍ୟ ଅତ୍ୟନ୍ତ ସୁନ୍ଦର ଥାଏ । ବିଶେଷତଃ ରାତ୍ରି ହୋଇଥିବାରୁ ଆଲୋକମାଳାରେ ସେସବୁ ସଜ୍ଜିତ ହୋଇ ଆହୁରି ମନୋରମ ଦିଶୁଥାଏ । ସେଠି ଅନେକ ଲୋକ ଥାଆନ୍ତି ଓ ସମୁଦ୍ର ଓ ସହରର ଅପରୂପ ସଙ୍ଗମସ୍ଥଳୀର ସୌନ୍ଦର୍ଯ୍ୟ ଉପଭୋଗ କରୁଥାଆନ୍ତି । ସେଠି କଛି ସମୟ କଟାଇ ସେମାନେ ମାନ୍‌ହାଟନ୍ ବ୍ରିଜ୍ ଦେଇ ନୟୁର୍କ ସହର ଭିତରକୁ ପଶିଲେ । ସେଠି "ଲା କୋଣ୍ଟେଣ୍ଟା' ମେକ୍ସିକାନ୍ ରେଷ୍ଟୁରାଣେଟ୍‌ର ଲୋପା ରିଜର୍ଭେସନ୍ କରିଥିଲା । ସେମାନେ ପହଞ୍ଚିବା ବେଳକୁ ସାନ ଝିଅ ଗୋପା ଆସି ସାରିଥିଲା। ଦୁଇଝିଅଙ୍କ ସହିତ ଗପଶପ କରି ଆରାମରେ ସମୟ ବିତେଇବା ସହିତ ସେମାନେ ଖାଇପିଇ ଆନନ୍ଦିତ ହେଲେ । ଗତ ସପ୍ତାହରେ ଗୋଟିଏ ସାଙ୍ଗର ବାହାଘର ପାଇଁ ଗୋପା

ଲଣ୍ଡନ୍ ଯାଇଥିଲା । ସେଇ ବାହାଘର କେମିତି ହେଲା, ସେ ବିଷୟରେ ସେମାନେ ଗୋପାକୁ ପଗ୍ଚରି ବୁଝିଲେ । ଝିଅମାନଙ୍କଠାରୁ ବିଦାୟ ନେବା ପୂର୍ବରୁ ମେରୀଲାଣ୍ଡ ଫେରିବା ପାଇଁ କେମିତି ସହର ଭିତରୁ ବାହାରକୁ ଯିବ ସେ ବିଷୟରେ ଲୋପାକୁ ପଗ୍ଚରି ବୁଝିନେଲେ ସୁମନ୍ତ। ତାପରେ ଗ୍ତି ସାଢେ ସାତରେ ମେରୀଲାଣ୍ଡ ଅଭିମୁଖେ ନ୍ୟୁର୍କ ସହର ଛାଡିଲେ । ସହର ଭିତରୁ ହଲାଣ୍ଡ ଟନେଲ୍ ପର୍ଯ୍ୟନ୍ତ ପହଞ୍ଚିବାରେ ଟିକେ ଗଡବଡ ଥିଲା । ତେବେ ହଲାଣ୍ଡ ଟନେଲ୍ରୁ ରୁଟ୍-୭୮ ଓ ତାପରେ ଆଇ-୯୫ ଧରିବାରେ କଛି ଅସୁବିଧା ହେଲାନ । ପାଗ ମଧ୍ଯ ଭଲ ଥିଲା ।

ଘରେ ଗ୍ତି ସାଢେ ଦଶରେ ପହଞ୍ଚିବା ପରେ ସୁରଭି ସ୍ୱସ୍ତିର ନଶ୍ୱାସ ମାରିଲା । "ମା ଲୋ, କ ମଣିଷ ଇଏ । ଗ୍ସ୍ତାରେ ଏମିତି ପାଗଳ କାହିଁକ ହୋଇଯାଆନ୍ତି କେଜାଣି ? ନଜ ମୁଣ୍ଡ ତ ଖଗ୍ପ କରିବେ କରିବେ, ପାଖରେ ଥିବା ମଣିଷର ମୁଣ୍ଡ ମଧ୍ଯ ଖଗ୍ପ କରିଦେବେ ।'

ତେବେ ଜୀବନ ଯାତ୍ରାର ସହଯାତ୍ରୀ ଭ୍ବେ ତ ସୁରଭି ନଜେ ହିଁ ସୁମନ୍ତଙ୍କୁ ବାଛିଚ । ଦୋଷ ଦେବ ବା କାହାକୁ ? ଯାତ୍ରା ବରଂ ଯାହା ହେଉ, ହେଲେ ସୁଖର ଅନୁଭବ ତ ନଷ୍ଟୟ ରହିଛି। ସେମାନେ କେତେକେତେ ସୁନ୍ଦର ସ୍ଥାନ ନ ଦେଖିଲେ ସତେ ? ସୁରଭି ତ ମୂଳରୁ ନ୍ୟୁର୍କ ଯିବାପାଇଁ ହିଁ ମନାକରୁଥିଲା । "ସେମାନେ ତ ଥ୍ୟାଙ୍କ୍ସ ଗିଭିଙ୍ଗ୍ପାଇଁ ଆଉ ତିନ ସପ୍ତାହ ପରେ ଆସିବେ । ତମେ ଏତେ ସ୍ନେହ କାହିଁକ ଦେଖେଇ ହେଉଛ, କହିଲ ? ପ୍ରଥମେ, ଗୋପାର ତ ଆଜି କାମ ଅଛି । ତାକୁ ଦିନରେ ଭେଟି ହେବନ । ତାକୁ ଗ୍ତିରେ ଭେଟି ଫେରୁଫେରୁ ଅନେକ ଗ୍ତି ହୋଇଯିବ । ତାପରେ ଲୋପାର ଛୁଟି ଅଛି ଯେ, ହେଲେ ସିଏ ତାର ସବୁ ଅନ୍ୟ ଆପଏଣ୍ଟମେଣ୍ଟ ବି ରଖିଛି । ଆମେ ତ ସିଧା ଆଲ୍ବାନରୁ ମେରୀଲାଣ୍ଡ ଫେରିଯାଆନ୍ତେ । ଘରେ ହେଲେ ଦିନ ଥାଉଥାଉ ପହଞ୍ଚିଯାଆନ୍ତେ ।'

ହେଲେ ନା । ସୁମନ୍ତ ଯାହା ଜିଦ୍ କରିଥିବେ, କରିଥିବେ । ତାଙ୍କ ଜିଦ୍ ହିଁ ରହିବ । ସୁରଭି ବେଳେବେଳେ ନଜକୁ ସୁମନ୍ତଙ୍କ ଜିଦ୍ ପାଖରେ ସମର୍ପଣ କରିଦିଏ । ନହେଲେ ଏମିତି ଯୁକ୍ତିତର୍କ ଓ ଝଗଡା ହେବ ଯେ, ସେ ମନୋମାଳନ୍ୟ କଛିଦିନ ରହିବ, ସେମାନଙ୍କ ଭିତରେ କଥାବାର୍ତ୍ତା ବନ୍ଦ ହୋଇଯିବ, ଅଶାନ୍ତି ବଢିବ । ହେଲେ ଯାହା ବି ହେଉ, ଯାତ୍ରାର କଛି ସୁନ୍ଦର ଅନୁଭବ ତ ହେଲା । ସେମାନେ ନଜ ପିଲାମାନଙ୍କୁ ଦେଖିଲେ । ସେମାନଙ୍କ ସହିତ

ରେଷ୍ଟୁରାଣ୍ଟରେ ବସି ଗପଶପ କରି ଖାଇଲେ । ନ୍ୟୁୟର୍କ ସହରର କଛିଟା ଦେଖିନଥିବା ସୁନ୍ଦର ସ୍ଥାନ "ଲୁଇସ୍ ଭ୍ୟାଲେଣ୍ଟିନୋ ଜୁନଅର୍ ପାର୍କ ଓ ପିଅର୍' ଏବଂ "ପିଅର୍-୫ର ଅପ୍‌ଲ୍ୟାଣ୍ଡସ୍ ଲନ୍' ଦେଖିଲେ । ସେଇଟା କଣ ସୁଖର କଥା ନୁହେଁ ?

ସେମିତି ବି ଜୀବନଯାତ୍ରା । ଅନେକ ଭୁଲ୍ ବୁଝାମଣା ତ ରହିଛି । ତା ମଧ୍ୟରେ ହିଁ ସୁଖର ଯେଉଁ କେତୋଟି ବିଶେଷ ମୁହୂର୍ତ୍ତମାନ ରହୁଛି, ସେଇ ମୁହୂର୍ତ୍ତମାନେ ହିଁ ଜୀବନଯାତ୍ରାକୁ ଆକର୍ଷଣୀୟ କରି ରଖିଛନ୍ତି । ଜଣେ ଗାଡି ଚଲେଇବା ବେଳେ ଆଉଜଣେ ଦିଗ ବତେଇଦେବ, ସିଏ ଯେମିତି ଭାବେ ବତାଇଦେଉନା କାହିଁକି ଲକ୍ଷ୍ୟସ୍ଥଳୀରେ ପହଞ୍ଚିଗଲେ ହେଲା । ତାପରେ ଆନନ୍ଦ ହିଁ ଆନନ୍ଦ । ମଝିରେ ଗାଡିଚାଳକ ହୁଏତ ହତାଶ ହୋଇପାରେ, ହୁଏତ ବିଚଳତ ହୋଇପାରେ, ତେବେ ସହଯାତ୍ରୀର ଉପସ୍ଥିତି ହିଁ ସେ ହତାଶାକୁ ଆଶାର ପରିଣତ କରିଦେବାରେ ସାହାଯ୍ୟ କରିପାରିବ ।

ଉଭୟ ସୁମନ୍ତ ଓ ସୁରଭି ଅନେକ କ୍ଳାନ୍ତ ଥିଲେ । ଗାଡି ଭିତରୁ ସମସ୍ତ ସରଞ୍ଜାମ ବାହାର କରି ସେମାନେ ଘର ଭିତରକୁ ଆଣିଲେ । ତାପରେ ସେମାନେ କପଡା ବଦଳାଇ, ଧୁଆଧୁଇ ହୋଇ ରାସ୍ତାର ସମସ୍ତ ଅସନ୍ତୋଷ, ଯୁକ୍ତିତର୍କ ଓ କ୍ଳାନ୍ତିକୁ ଭୁଲି ପରସ୍ପରକୁ ଆଲିଙ୍ଗନ କରି ଶୋଇପଡିଲେ ।

-୦-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

# ତପଃପ୍ରଭା



ଦୀପକ ଷଡ଼ଙ୍ଗୀ

**ମୂଳ ଅନୁବାଦ : ୰ପଣ୍ଡିତ ଶ୍ରୀ ଶତ୍ରୁଘ୍ନ ମିଶ୍ର, ସାହିତ୍ୟାଗ୍ରର୍ଯ୍ୟ**
**ପୁନଃ ଉପସ୍ଥାପନ : ଦୀପକ ଷଡ଼ଙ୍ଗୀ**

ସ୍ୱର୍ଗୀୟ ପଣ୍ଡିତ ଶ୍ରୀ ଶତ୍ରୁଘ୍ନ ମିଶ୍ର ମୋର ପିତାମହ ଓଡିଶାର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ କୁଜଙ୍ଗସ୍ଥ ସମଗୋଳ ଶାସନରେ ୧୯୨୪ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ପ୍ରାୟ ୩୩ ବର୍ଷ କାଳ ସେ ତାଙ୍କ ଇହ କାଳରେ ପ୍ରଧାନ ସଂସ୍କୃତ ଶିକ୍ଷକ ରୂପେ ଓଡିଶାର ବିଭିନ୍ନ ସ୍ୱନାମଧନ୍ୟ ସରକାରୀ ଉଚ୍ଚ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟ କରିଥିଲେ । ଓଡିଆ ସାହିତ୍ୟ, ଭାଗବତ, ପୁରାଣ, ପୋଥି, ହିନ୍ଦୀ ଓ ସଂସ୍କୃତ ଭାଷାରେ ଥିଲା ଶ୍ରୀ ମିଶ୍ରଙ୍କର ଅଗାଧ ପାଣ୍ଡିତ୍ୟ । ବୈଦିକ କ୍ରିୟାକର୍ମରେ ସିଦ୍ଧହସ୍ତ ଓ ଅକୃପଣ ପରାମର୍ଶ ଲୋକଙ୍କୁ ଦେବାରେ ନିଜର ସାରା ଜୀବନ ବିତାଇ ଥିଲେ ବି ସାରସ୍ୱତ ସାଧନରେ ସେ ଥିଲେ ଅଦିତୀୟ । ତାଙ୍କର ସ୍ୱରଚିତ ଗୀତି କବିତା, ଗଳ୍ପ, ସଂସ୍କୃତରେ ରଚିତ ଅନୁବାଦ ଗୁଡିକ ଖୁବ ପାଠକୀୟ ଅଦୃତି ଲାଭ କରିଛି । ଶଂସିତ ପଦ୍ୟାଂଶଟି ବ୍ୟାସଦେବଙ୍କର ରଚିତ ସଂସ୍କୃତ ମହାଭାରତରୁ ଉଦ୍ଧୃତ କରାଯାଇଥିବା "ତପଃପ୍ରଭା" ବିଷୟର ପଦ୍ୟାନୁବାଦ ।

ପାଣ୍ଡବ ବଂଶର ପୂର୍ଣ୍ଣ ସୁଧାକର ପରୀକ୍ଷିତ ମହାରାଜା
ଭାରତ ଭୂମିର ଚତୁର୍ଦ୍ଦିଗେ ତାଙ୍କ ଉଡୁଥିଲା କୀର୍ତ୍ତି ଧ୍ୱଜା ।

ବେଦ ବିଧି ଧର୍ମେ ଦେବପ୍ରୀତି କର୍ମେ ସଦାଥିଲା ତାଙ୍କ ମତି
ଶତ୍ରୁ ବିନାଶନେ ସଜାଗ ପ୍ରହରୀ ଦୁଷ୍ଟେ ଲଭୁଥିଲେ ଭୀତି ।

ଚ୍ଛରି ଅଶ୍ୱମେଧୀ ଯାଗ ନିର୍ବିଘ୍ନରେ ସଂପୂର୍ଣ୍ଣ କରି ଭୂପାଳ
ଯଥାକାଳେ ବୃଷ୍ଟି ଯୋଗୁଁ ଶସ୍ୟପୂର୍ଣ୍ଣ ଧରାଥିଲା ସୁଶ୍ୟମାଳ ।

ଦେବଦ୍ୱିଜ ଗୁରୁ ମିତ୍ର ସମର୍ଚ୍ଚନେ ସର୍ବଦା ପ୍ରସନ୍ନ ମତି
ପ୍ରଜାହିତ କର୍ମେ ପ୍ରଜାହିତ ଧର୍ମେ ମହାରାଜା ଥିଲେ ବ୍ରତୀ ।

ଦୁଷ୍ଟ ସଂହାରଣେ ଶିଷ୍ଟ ସୁପାଳନେ ବିପକ୍ଷ ବିହୀନ ଧର୍
ବିପକ୍ଷ ଗଣଙ୍କ ବିପକ୍ଷ କଳ୍ପନା ରବି ପ୍ରଭିସ୍ପର୍ଶେ ତାର୍ ।

ଧେନୁ ରୂପଧର୍ ବୃଷରୂପୀ ଧର୍ମ ବାନ୍ଧିତାଙ୍କୁ ବାହୁବଳେ
ଦୁର୍ଦ୍ଦାନ୍ତ ବିଧର୍ମୀ କଳଯୁଗ ତାଙ୍କୁ ଦଣ୍ଡୁଥିଲ୍ ମଦ ଭରେ ।

ମହାରାଜା ତାର ଦୁର୍ଦ୍ଦାନ୍ତ ପ୍ରକୃତି ଦେଖି ରତ ଦୁଷ୍ଟ କର୍ମେ
ନିଗୁଡ ବନ୍ଧନେ ନିସ୍ତେଜ ଶରୀରେ ରଖିଥିଲେ ସତ୍ୟଧର୍ମେ ।

ସେ କଳର ପ୍ରାଣ ବିନାଶ ନିମନ୍ତେ ଅସ୍ତ୍ର ଉତ୍ତୋଳନ କଲେ
ତାହାର ବିନୀତ ଦୈନ୍ୟ ନିବେଦନ ରାଜନ ଚକ୍ଷେ ଚକ୍ରିଲେ ।

ଦୟାଳୁ ନୃପତି ପ୍ରାର୍ଥୀ ଦୈନ୍ୟ ମତି ଦେଖି ଯାଚଦେଲେ ସ୍ଥାନ
ଦ୍ୟୁତ-କ୍ରୀଡା, ହିଂସା ନାରୀ, ମଦ୍ୟପାନ ଏହି ଚାରି ସ୍ଥାନ ଘେନ ।

କଳର ଦ୍ୱିତୀୟ ଅନୁରୋଧେ ନୃପ ଦେଲେ ସୁବର୍ଣ୍ଣରେ ସ୍ଥାନ
ଆଉ କେବେ ଥରେ ଦେଖିଲେ ଏ ସ୍ଥାନେ ପ୍ରାଣଦଣ୍ଡ ଦେବି ଜାଣ ।

ରେ କଳ ଅଧମ ଦୁର୍ଦ୍ଦାନ୍ତ ବିଧର୍ମୀ ନ ଆସିବୁ ଏହି ଦେଶେ
ସୁପବିତ୍ର ଯାଗ ପୂଜା ବେଦ ଧର୍ମ ଚର ବ୍ରହ୍ମାବର୍ତ୍ତ ଦେଶେ ।

ପଞ୍ଚସ୍ଥାନେ ରହ ଏ ଦେଶ ବ୍ୟତୀତ ନ ଦେଖିବି ପୁନର୍ବାର
ଦେଖିଲେ ନିଶ୍ଚୟ ତୋ ପ୍ରାଣ ନାଶିବି ଚକ୍ରିରଖ ହୃଦେ ତୋର ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ବାଲିସିଂହ



ବିନୟ ମିଶ୍ର

ସାଗର ବେଳାରେ ସଇକତେ କେତେ ଛବି ଆଙ୍କୁ ଥିଲି ବସି,
ଶିଥିଳଆଙ୍ଗୁଳ, ଉତ୍ତଳ ଢେଉରେ ଛବି ବି ଯାଇଛି ମିଶି,
ଆଙ୍କିଥିଲି ବସି ଉଦ୍ଦାମ ପିପାସୁ ବାଲି ସିଂହଟିଏ ଦିନେ,
ଶାମୁକା ଖୋଜି ମୁଁ ଥାପିଲି ମୁହଁରେ ଆହାର ପାଇଁ ସେ ସ୍ଥାନେ,
ବାର ବାର ଆସି ତରଙ୍ଗ ଘେନଲା ଶାମୁକାକୁ ପ୍ରତିଥର,
ବାଲିସିଂହ ମୋର ନୀରବେ ଶୋଇଛି ନାହିଁ ପ୍ରତିକ୍ରିୟା ତାର,
ଆଖି ଲିଭିଗଲା, କାନ ଧୋଇ ଗଲା, କେଶର ବି ମିଳେଇଲା,
ପିଠି ଫାଳେ ଧୋଇ ଆଗ ଗୋଡ଼ ଲିଭି ବିବର୍ଣ୍ଣ ବି ହୋଇଗଲା ।
ଭାବିଲି କାହିଁକି ବାଲି ସିଂହ ଲେଖି ମନେ ମନେ ହେଲି ବଡ଼**?**
କଇଁଛଟେ ବସି ଆଙ୍କି  ଦେଇଥିଲେ ଯାଇଥାନ୍ତା ସେ ସାଗର।
ଖେଳୁଥାନ୍ତା ଯାଇ ସାଗର ବକ୍ଷରେ ସାଙ୍ଗ ସାଥି ତାର ଖୋଜି,
ଅଲୋଡା ଜୀବନେ ବାଲିକଇଁଛକୁ କାଳେ ପାରିବିନ ହେଜି।
ମୁହଁରେ ଆଜି ମୋ ରକ୍ତ ପ୍ରବାଳର ରକ୍ତିମ ରଶ୍ମି ପରି,
ଧାର ଧାର ଶିର୍ ନକ୍ଷତ୍ରଭ ଚକ୍ଷୁ ବାଲିସିଂହ ଗଲା ମରି।
ମହାକାଳ ସିଏ ମହାକାଳ ସ୍ରୋତେ ଗଣୁଛି ମୋ ଦଗ୍ଧ ଅସ୍ଥି,
ବିଗତେ ବିତିଛି ମନ ମୋ ପ୍ରଶାନ୍ତରଶ୍ମି ଲୀନ ହୁଏ ନୀତି ।

ମଲ୍ଲୀପୁର, ନଆଳ, ଖୋର୍ଦ୍ଧା



ବୈଦ୍ୟନାଥ ପଣ୍ଡା.

# ଉଠ କଙ୍କାଳ

ଛିଣ୍ଡାଇ ଶୃଙ୍ଖଳ        ଉଠରେ କଙ୍କାଳ
ଦିଅ ଭଇରବ ରଡି
ଫେରିଆସୁ ଯେତେ        ହୃତ ଗଉରବ
ଭୁତ ଗଉରବ ଉଡି

ବକ୍ଷେ ତୋର ଅଛି        ଅସରନ୍ତି ବଳ
ସାହସ ଯେ ଅସରନ୍ତି
ପ୍ରସୁପ୍ତ ନହୋଇ        ସୁପ୍ତ ହୋଇଯାଇ
ସ୍ୱୟଂ କୁ କରି ଜାଗୃତି

ଆଗେଇ ଚାଲରେ        ଯୁବବର୍ଗ ଯେତେ
ଧରି ଲକ୍ଷ୍ୟ କରବାଳ
ଧର୍ଯ୍ୟ ରଥ ପୃଷ୍ଠେ        ଉପବୀତ ହୋଇ
ଆଳସ୍ୟ ପଣକୁ ଟାଳ

ବୀରର ସନ୍ତାନ        ବୀରର ଶୋଣିତ
ଝରୁଅଛି ବକ୍ଷେ ତୋର
ଚନ୍ତା ପାଷୋରିଣ        ଚନ୍ତନ କର ତୁ
କୀର୍ତ୍ତି ପୂର୍ବ ପୁରୁଷର

ତା ମହିମା ଗାଥା ଗାଏ ଇତିହାସ
ଶୁଭେ ଲୋକ ମୁଖୁ ବାଣି
ଅଦମ୍ୟ ସାହସେ ରଚଗଲେ କେତେ
କେତେ ବୀରତ୍ୱ କାହାଣୀ

ତାଙ୍କରି ସନ୍ତାନ ତୁହିପର୍ ଅଟୁ
କାହିଁ ଭୟଭୀତ ହେଉ
ଆଳସ୍ୟ ଆବୋରି ଭାଗ୍ୟଦୋଷ ଧରି
ଦୁଃଖରେ ଦିନ କଟାଉ

ଛାଡରେ ଛାଡ଼ରେ ଆଳସ୍ୟ ପଣକୁ
ଧର ହାତେ କର୍ମ ଡୋରି
ହତଭାଗା ନୁହେଁ ଭାଗ୍ୟବାନ ହେବୁ
ଯଶ ରହିବ ତୋହରି

ଅବଦଲ ପୁର, ଯାଜପୁର

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ନିର୍ବାଣ



ରୋଜାଲିନ ମିଶ୍ର

ଜଗଦୀଶ ବାବୁ ବିଛଣାରେ ପଡି ପଡି ଭାବୁଛନ୍ତି କ'ଣ କରାଯାଇପାରେ ଏ ପରିସ୍ଥିତିରେ। କାଲି ଯାଏ ସଂସାରରର ମୋହରେ ବାନ୍ଧି ହୋଇ ରହିଥିବା ମଣିଷଟାକୁ ଆଜି ଅଣନିଃଶ୍ୱାସୀ ଲାଗୁଛି ଘରଟା ଭିତରେ। ତାଙ୍କୁ ଏ ମୋହରୁ ମୁକ୍ତି ଦରକାର। ମୋକ୍ଷ ଦରକାର ଏ ଜୀବନ ମୃତ୍ୟୁ ର କାଳଚକ୍ରରୁ।

ଜଗଦୀଶ ବାବୁ ଜଣେ ଅବସରପ୍ରାପ୍ତ କ୍ଲାସ ଓ୍ୱାନ ଅଫିସର। ନିଜର ଆଜ୍ଞାଧୀନ ପୁଅବୋହୁ, ଝିଅଜ୍ୱାଇଁ ଆଉ ନାତି ନାତୁଣୀଙ୍କୁ ନେଇ ବହୁତ ଗର୍ବ ତାଙ୍କର। ଦିନେ ଦିନେ ମର୍ଣ୍ଣିଂଓ୍ୱାକରୁ ଫେରିଲାବେଳେ ଜଗଦୀଶ ବାବୁଙ୍କର ତାଙ୍କ ବାଲ୍ୟବନ୍ଧୁଙ୍କ ସହ କଥା କଟାକଟି ଯୁକ୍ତିତର୍କ ହୁଏ ଏଇ ପିଲାମାନଙ୍କୁ ନେଇ । ବାଲ୍ୟବନ୍ଧୁ ଶଙ୍କର ବାବୁ ଯେତେବେଳେ କୁହନ୍ତି "କ'ଣ ପାଇଁ ତୁ ଆଉ ଏ ସଂସାର ମାୟାରେ ପଡିଛୁ । ତୋ କର୍ତ୍ତବ୍ୟ ତୁ କରି ସାରିଲୁଣି । ପିଲାମାନେ ତ ପାରି ଗଲେଣି। ନିଜ ସଞ୍ଚିତ ଅର୍ଥରୁ କିଛି କିଛି ଦାନ ଧର୍ମ କର ଏଥର । ଯେଉଁ ଗରିବ ଅସହାୟ ମାନଙ୍କର ଧନର ଆବଶ୍ୟକତା ଅଛି ସେମାନଙ୍କୁ ଯଦି ଆମେ କିଛି ମାତ୍ରା ରେ ସାହାଯ୍ୟ କରି ପାରିବା ତାହେଲେ ତା ଠାରୁ ପୁଣ୍ୟ ଆଉ କଣ ଅଛି।" ସେତେବେଳେ ବିରକ୍ତିରେ ଭରିଉଠେ ଜଗଦୀଶ ବାବୁଙ୍କର ମନଟା ଏ ଶୁଖିଲା ଉପଦେଶ ସବୁ ଶୁଣିକି।

ଦିନେ ହଠାତ ସନ୍ଧ୍ୟାବେଳେ ଦେଖା ହୋଇଗଲେ ଦୁଇ ବନ୍ଧୁ। ଶଙ୍କର ବାବୁ କହିଲେ, ମୁଁ ଆସନ୍ତା କାଲି ପୁରୀ ଯାଉଛି ରଥଯାତ୍ରା ଦେଖିବା ପାଇଁ । ଏଥର ତୁ ବି ଚାଲେ ମୋ ସହ।

ସେଠି ଆମେ ମିଶିକ ରହିବା କଛିଦିନ। ମହାପ୍ରଭୁଙ୍କୁ ରଥରେ ଦର୍ଶନ କରିବା ସହ ସନ୍ଧ୍ୟା ଆଳତି, ବାହୁଡା ଯାତ୍ରା, ସୁନାବେଶ, ଅଧରପଣା ନୀତି, ନୀଳାଦ୍ରି ବିଜେ ସବୁ ଦେଖି ସାରି ଘରକୁ ଫେରିବା। ଜଗଦୀଶ ବାବୁ କହିଲେ ନା', ନା' କ'ଣ ଦରକାର ସେ ଗହଳ ଭିତରେ ପଶି ହଇରାଣ ହେବା। ମୋର ଘରେ ଜଗନ୍ନାଥଙ୍କ ମୂର୍ତ୍ତି ଅଛନ୍ତି। ମୁଁ ସବୁଦିନେ ପୂଜା କରୁଛି। ଶଙ୍କର ବାବୁ କହିଲେ ହଁ ଯେ... କିନ୍ତୁ କଥାରେ ଅଛି ପରା:

"ଦୋଳେ ଚ ଦୋଳ ଗୋବିନ୍ଦମ୍, ଚାପେ ଚ ମଧୁସୂଦନମ୍
ରଥେ ତୁ ବାମନଂ ଦୃଷ୍ଟ୍ୱା, ପୁନର୍ଜନ୍ମ ନ ବିଦ୍ୟତେ।"

ରଥରେ ମହାପ୍ରଭୁଙ୍କ ଦର୍ଶନ ଭାଗ୍ୟରେ ଥିଲେ ମିଳେ। ଆଉ ମୁଁ ତ ଭାବୁଛି ଏଥର ପୁରୀରୁ ଫେରି କାଶୀ ବିଶ୍ୱନାଥ ଦର୍ଶନ ପାଇଁ ଚାଲିଯିବି। ଭାବୁଛି ସେଠି ରହିଯିବି ସବୁଦିନ ପାଇଁ। ମୋର ଏଠି କଏ ଅଛି ଯେ, ବରଂ ସେଠି ଶେଷ ଜୀବନଟା କାଟିଦେବି।

ଏ କଥା ଶୁଣି ତାଚ୍ଛଲ୍ୟ କରି ହସି ଉଠିଲେ ଜଗଦୀଶ ବାବୁ। କହିଲେ "ବୁଝିଲୁ ଶଙ୍କର ତୋ ପିଲାମାନେ ତୋତେ ପଚାରୁ ନାହାନ୍ତି ତ, ସେଥିପାଇଁ ତୁ ସଂସାର ବିମୁଖ ହୋଇ ତୀର୍ଥ, ଦାନ ଧର୍ମ ଆଡକୁ ମନ ବଳଉଛୁ ।କିନ୍ତୁ ମୋ ପିଲାମାନେ ସେମିତି ନୁହନ୍ତି। ମୋର ସେମାନଙ୍କ ପ୍ରତି କର୍ତ୍ତବ୍ୟ ସରିନାହିଁ। ମରିବା ଆଗରୁ ସବୁ ସମ୍ପତ୍ତିକୁ ସମାନ ଭାବରେ ପୁଅ ଝିଅଙ୍କ ଭିତରେ ବାଣ୍ଟିଦେବି। ଯେମିତି ମୋ ଅନ୍ତେ ସେମାନେ ହଇରାଣ ନ ହୁଅନ୍ତି କି ସେମାନଙ୍କ ଭିତରେ କଳି ତକରାଳ ନଲାଗେ। ତା ଛଡା ମୋ ସ୍ତ୍ରୀ ଥିଲା ବେଳେ ମୁଁ ସସ୍ତ୍ରୀକ ଚାରିଧାମ ଭ୍ରମଣ କରି ସାରିଛି। ତୁ ଯାଆ ମୋର କୁଆଡେ ଯିବାର ନାହିଁ।" ମୁହଁ ଶୁଖାଇ ଚାଲିଗଲେ ଶଙ୍କର ବାବୁ।

ବାଲ୍ୟବନ୍ଧୁଙ୍କ ସହ କଥୋପକଥନର କିଛି ଦିନ ପରେ ହଠାତ ଅସୁସ୍ଥ ହୋଇପଡିଲେ ଜଗଦୀଶ ବାବୁ। ଡାକ୍ତର କହିଲେ ଏଇଟା ଫାଷ୍ଟ ଷ୍ଟ୍ରୋକ। ହାଇ ବିପି ସହ ହାଇ ସୁଗାର ଲେବଲ ତେଣୁ ନର୍ମାଲ କୁ ଆସିବା ପାଇଁ କିଛି ଦିନ ଚିକିତ୍ସା ସହ ବେଡ଼ରେଷ୍ଟ ଦରକାର।

ଖବର ପାଇ ଝିଅ ଜ୍ୱାଇଁ ଆସି ପହଞ୍ଚିଗଲେ । ପୁଅବୋହୂ ଝିଅ ଜ୍ୱାଇଁ ଦିନରାତି ଏକାକାର କରି ଲାଗି ପଡିଲେ ଜଗଦୀଶ ବାବୁଙ୍କ ସେବାରେ। ଗାଧୋଇଦେବା, ଖୁଆଇଦେବା, ପିନ୍ଧାଇଦେବା ଠାରୁ ଆରମ୍ଭ କରି ଝାଡାପରିଶ୍ରା ଯାଏ ସବୁ କାମ କରି ଯାଉଥାନ୍ତି ପିଲାମାନେ ବିନା କୌଣସି ବିରକ୍ତିରେ।

ଗର୍ବରେ ଫାଟି ପଡୁଛନ୍ତି ଜଗଦୀଶ ବାବୁ ନିଜର ଯୋଗ୍ୟ ସନ୍ତାନ ମାନଙ୍କୁ ନେଇ। ଗର୍ବ ଆସୁଥାଏ ତାଙ୍କର ନିଜ ପିଲାମାନଙ୍କୁ ଦେଇଥିବା ସଂସ୍କାର ଉପରେ। ତା ସହ ଦୟା ଆସୁଥାଏ ନିଜ ବାଲ୍ୟବନ୍ଧୁ ଶଙ୍କର ଉପରେ। ବିଚରା ପିଲାମାନଙ୍କର ହତାଦର ସହି ନ ପାରି ଦାନଧର୍ମ, ତୀର୍ଥ ପ୍ରବଚନରେ ଦିନ କଟାଉଛି। କିନ୍ତୁ ମୋ ପିଲାମାନେ କେତେ ଭିନ୍ନ !

ରାତି କେତେହେବ କେଜାଣି, ନିଦ ଭାଙ୍ଗିଗଲା ଜଗଦୀଶ ବାବୁଙ୍କର।ଶୋଷରେ ତଣ୍ଟି ଶୁଖି ଅଠା ଅଠା ହୋଇଯାଉଛି। ଉଠି ବସିଲେ ବିଛଣାରେ ଦେଖିଲେ ପାଖରେ କେହି ନାହାନ୍ତି। ପାଖରେ ଆଉ ଗୋଟିଏ ଖଟ ପକେଇ ପାଳି କରି ଶୋଉଥିଲେ ପିଲାମାନେ। ଆଜି କୁଆଡେ ଗଲେ ସବୁ। ପାଖରେ ପାଣି ବି ରଖିବା ପାଇଁ ଭୁଲି ଯାଇଛନ୍ତି ବୋଧେ। ପୁଅକୁ ଡାକିବି କି? ନା' ନା' ଥାଉ। ମୋ ପିଲାମାନେ ବହୁତ ହଇରାଣ ହେଲେଣି ମୋ ପାଇଁ । ଏ କିଛି ଦିନ ଭିତରେ ଘାଣ୍ଟି ହୋଇଗଲେଣି ସେମାନେ ମୋ ସେବା କରି କରି। ଶୋଇ ବି ପାରୁ ନାହାଁନ୍ତି ଟିକେ ଛୁଆ ଗୁଡାକ। ବରଂ ମୁଁ ନିଜେ ଯାଇ ରୋଷେଇଘରୁ ପାଣି ବୋତଲଟିଏ ନେଇ ଆସିଲେ ଭଲ ହବ। ଶୋଇଥାନ୍ତୁ ସେମାନେ।

ଧୀରେ ଧୀରେ ଉଠି ରୋଷେଇ ଘର ଆଡ଼କୁ ଗଲେ ଜଗଦୀଶ ବାବୁ। ହଠାତ ବୋହୂର ପାଟି ଶୁଣି ଅଟକି ଗଲେ ସେ। ବୋହୂ କହୁଛି, "ତୁମେ ତୁମ ଭାଗ ସୁନା ତୁମ ମା ବଞ୍ଚିଥିଲା ବେଳେ ନେଇ ସାରିଛ। ଆଉ ବାକି ଯାହା ଅଛି ସବୁ ବାପା ରଖିଛନ୍ତି। ବାପା ମଲା ପରେ ସବୁ ମୋର।"

ପାଣିବୋତଲ କଥା ଭୁଲିଗଲେ ଜଗଦୀଶ ବାବୁ। ଧୀରେ ଧୀରେ ଯାଇ କାନ ଡେରିଲେ। ରୋଷେଇଘର ପାଖ ପୁଅର ବେଡ଼ରୁମରେ ଲାଇଟ ଜଳୁଛି ଆଉ ମିଟିଙ୍ଗ ଚାଲିଛି। ଝିଅ

କହୁଛି ତୁ ତ ବାପାଙ୍କର ସବୁ ଫିକ୍ସଡ଼ ଡିପୋଜିଟ ରେ ନୋମିନ ଅଛୁ। ବାପା ମଲାପରେ ସବୁ ପଇସା ତ ତୋର। ମୋ ନାଁରେ ସେ ଘରଟା କରିବାରେ ତୋର ଅସୁବିଧା କୋଉଠି। ପୁଣି ପାଟି ଶୁଭିଲା ବୋହୂର।" ତୁମ ବାପା ତ ଖାଲି ରାତି ପାହିଲେ ମରି ଯାଉଛନ୍ତି ଆଉ ଆମେ ପଇସା ଗୁଡାକ ନେଇ ଯାଉଛୁ। ତା ଛଡା ବାପା ମଲେ ଶୁଦ୍ଧିକ୍ରିୟାରେ ପଇସା ଖର୍ଚ୍ଚ ହେବନ କ ? କଏ କରିବ ସବୁ ? ତୁମେ.. ? ଆହୁରି ପୁଣି ବାପା କହିଛନ୍ତି ସେ ମଲାପରେ ଗାଁରେ ଯେଉଁ ଜମି ଖଣ୍ଡିକ ଅଛି ସେଠି ତାଙ୍କ ନାଁ ରେ ସ୍କୁଲଟିଏ ଖୋଲିବା ପାଇଁ। କ'ଣ ମାଗଣାରେ ସ୍କୁଲ ଖୋଲିଯିବ । କୋଉଠୁ ଆସିବ ପଇସା। "ପୁଅ କହୁଛି ସ୍କୁଲ ନା ଆଉ କଛି। ମୁଁ ଖାଲି ବାପାଙ୍କ ମନ ରଖିବା ପାଇଁ ହଁ ମାରିଦେଇଛି ନା। ବାପା ମଲାପରେ ସେ ଜାଗା ସାଙ୍ଗେ ସାଙ୍ଗେ ବିକ୍ରି ହେବ ମୁଁ କଥା ହେଇ ସାରିଛି। ସେ ପଇସା ରେ ବାପାଙ୍କ ଶୁଦ୍ଧିକ୍ରିୟା ହେବ।

ଜ୍ୱାଇଁ କହିଲେ ଯାହା କରୁଛ କର। ଟିକେ ଜଲଦି ଫାଇନାଲ କର। ଆମେ କେତେଦିନ ଏଠି ପଡିକ ରହିବୁ। ଝିଅ ପାଳ ଧରିଲା ଜ୍ୱାଇଁଙ୍କ ସାଙ୍ଗରେ, ଆମର କଛି କାମ ଧନ୍ଦା ନାହିଁ ତ ଏଠି ପଡି ରହିବୁ ବାପାଙ୍କ ସେବା କରିବା ପାଇଁ।

ଚହିଁକ ଉଠିଲା ବୋହୂ। କାଇଁ ମୁଁ କଣ ଠିକା ନେଇଛି ସେବା କରିବି ବୋଲି। ମୋତେ ବେଶୀ ଭାଗ ଦେଇ ଦେବ କ। ତୁମେ ଗଲା ପରେ ଗୋଟେ ଲୋକ ରଖାହେବ ଏ କାମପାଇଁ ବାପାଙ୍କ ପେନସନ ପଇସାରେ। ତୁମ ବାପା ମରିବେନ ସହଜରେ। ଆହୁରି ଘାଣ୍ଟିବେ ଆମକୁ। ତାଙ୍କର ତ ଲୋଭ ଛାଡୁନ ସେ......

କାନରେ ହାତ ଦେଇଦେଲେ ଜଗଦୀଶ ବାବୁ। ଆଉ ଶୁଣି ପାରିଲେନ ବେଶୀ କଛି। ଦେହରୁ ଝାଳ ପରସ୍ତେ ବୋହିଗଲାଣି। ସେକେଣ୍ଡ ଷ୍ଟ୍ରୋକଟା ହେଇ ଯିବକ ଆଉ। ପାଣି ବୋତଲଟିଏ ଆଣି ଚୁପ କରି ଆସି ଶୋଇପଡିଲେ ଖଟରେ।

ମନକୁ ଯେତେ ନୟନ୍ତ୍ରଣ କଲେ ବି ଆଖିରେ ଜକେଇ ଆସୁଛି ଲୁହ। ଏବେ ସେ କରିବେ କଣ **??** ଏ ଯାଏ ସେ ଯାହା କରିଛନ୍ତି ସବୁ ପିଲାମାନଙ୍କ ପାଇଁ। ନଜ ପେଟରୁ କାଟି ପିଲାମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ସଞ୍ଚୟ କରିଛନ୍ତି। ନଜ ଖର୍ଚ୍ଚରୁ କାଟି ଜାଗା ବାଡ଼ି, ଘରଦ୍ୱାର ଆଉ ବ୍ୟାଙ୍କ ବାଲାନ୍ସର ପରିମାଣ ବଢ଼େଇଛନ୍ତି ଖାଲି ଏଇ ପିଲା ମାନଙ୍କ ପାଇଁ। କନ୍ତୁ ଆଜି ସେ ଅନୁଭବ କରୁଛନ୍ତି ଯେ ଆଜି ଯାଏ ସେ କର୍ତ୍ତବ୍ୟ ନାଁରେ ଖାଲି ତେଲିଆ ମୁଣ୍ଡରେ ତେଲ ଢାଳ ଆସୁଥିଲେ ଯାହା। ବାପା ହିସାବରେ ଖାଲି ମୋର କର୍ତ୍ତବ୍ୟ ଅଛି ଆଉ ମୋର ଉତ୍ତରଦାୟାଦ ହିସାବରେ ଏମାନଙ୍କର ମୋ ପ୍ରତି କଛି ବି କର୍ତ୍ତବ୍ୟ ନାହିଁ **?**

କଛିଦିନ ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ ଜଗଦୀଶ ବାବୁ। ଶଙ୍କର ବାବୁଙ୍କ ସହ କଥା ହୋଇ ପୁରୀ ଯିବା ପାଇଁ ଆଉ କାଶୀ ବିଶ୍ୱନାଥ ଦର୍ଶନ ପାଇଁ ବ୍ୟବସ୍ଥା କରିଦେଲେ। ଦଶଦିନରେ ଫେରି ଆସିବି ବୋଲି ପିଲାମାନଙ୍କୁ ପ୍ରତିଶ୍ରୁତି ଦେଇ ନର୍ଦ୍ଧାରିତ ଦିନରେ ବାହାରି ପଡିଲେ ଦୁଇ ବନ୍ଧୁ।

ବାଟରେ ସବୁ କଥା କୋହଭରା କଣ୍ଠରେ କହିଲେ ଜଗଦୀଶ ବାବୁ ନଜ ବନ୍ଧୁଙ୍କ ଆଗରେ। କଛିଦିନ ପରେ ପୁଅ ଫୋନ କରି ପଚାରିଲା, ବାପା ଆଉ କେତେଦିନ ରହିବ ସେଠି। କେବେ ଫେରିବ ତୁମେ ।

ଜଗଦୀଶ ବାବୁ କହିଲେ, "ମୁଁ ଆଉ ଫେରିବିନ ତୁମ ମାନଙ୍କ ସଂସାରକୁ। ସେଦିନ ରାତିରେ ତୁମମାନଙ୍କର ସବୁ କଥାବାର୍ତ୍ତା ମୁଁ ଶୁଣିଛି। ଏ ସଂସାର ଯେ ଏତେ ଦୁଃଖମୟ ଏତେ ଛଳନାମୟ ବହୁତ ଡେରିରେ ବୁଝିଲି ମୁଁ। ମୁଁ ମୋର ସବୁ ସମ୍ପତ୍ତି ଦାନ କରି ସାରିଛି। ଗାଁ ରେ ଥିବା ଜମିକୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ଦେଇ ଦେଇଛି ସ୍କୁଲଟିଏ ଖୋଲିବା ପାଇଁ। କଟକ ଘର ଦେଇ ଦେଇଛି ଗୋଟେ ଜରାଶ୍ରମକୁ ଦାନ ସୂତ୍ରରେ। ମୁଁ ବଞ୍ଚିଥିବା ଯାଏ ଏଠି ଗୋଟେ ଅନାଥାଶ୍ରମରେ ମାଗଣାରେ ଛୁଆଙ୍କୁ ପାଠ ପଢେଇବା ପାଇଁ କଥାବାର୍ତ୍ତା କରି ସାରିଛି। ମୋ ଅନ୍ତେ ମୋର ସବୁ ବ୍ୟାଙ୍କ ବାଲାନ୍ସ ଆଉ ଲକରରେ ଥିବା ସମସ୍ତ ସୁନା ସେହି ଅନାଥାଶ୍ରମର ଟ୍ରଷ୍ଟକୁ ଚାଲିଯିବ। ତୁମ ମାନଙ୍କୁ ଜନ୍ମ କରିଛି ଯେତେବେଳେ ଏତେ ନଷ୍ଠୁର ମୁଁ

ହୋଇ ପାରିଲିନ। ତୁମ ମାନଙ୍କୁ ରାସ୍ତା କଡରେ ଠିଆ କରିଦେବା ପାଇଁ ମୋ ବିବେକ ବାଧା ଦେଲା ମୋତେ। ସେଥିପାଇଁ ଏବେ ରହୁଥିବା ଘରଟି ତୁମ ଭାଇ ଭଉଣୀଙ୍କ ନାଁରେ ଅଛି। ତୁମର ଯାହା ଇଛା କରିପାର।

କୌଣସି ପ୍ରତ୍ୟୁତ୍ତରର ଆଶା ନରଖି ଫୋନ ରଖିଦେଲେ ଜଗଦୀଶ ବାବୁ। ବହୁତ ହାଲକା ଅନୁଭବ କରୁଥିଲେ ସିଏ ନିଜ ଭିତରେ ନିଜକୁ। ଲାଗୁଥିଲା ଏତେ ଦିନ ଭିତରେ ସେ କିଛି ପୁଣ୍ୟକାମ କରି ପାରିଛନ୍ତି। ତାଙ୍କର ସ୍ୱଅର୍ଜିତ ସମ୍ପତ୍ତିକୁ ସେ ସତମାର୍ଗ ଆଉ ସତପାତ୍ର ରେ ବିନିଯୋଗ କରି ପାରିଛନ୍ତି । ବଞ୍ଚିଥିବା ଅବସ୍ଥାରେ ଏ ସଂସାରର ମୋହମାୟାକୁ ଛିନ୍ନ କରି ନିର୍ବାଣର ପଥରେ ପାଦ ଦେଇ ସାରିଛନ୍ତି। ମନେ ପଡୁଥିଲା ତାଙ୍କର ବୁଦ୍ଧଦେବଙ୍କ ବାଣୀ, " ଏ ସଂସାର ଦୁଃଖମୟ। ଦୁଃଖର କାରଣ ହେଉଛି କାମନା। କାମନାର ବିନାଶରେ ଦୁଃଖର ବିନାଶ ଆଉ ନିର୍ବାଣ ପ୍ରାପ୍ତି।"

ଭି ଏସ ଏସ ନଗର, ଭୁବନେଶ୍ୱର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ମଗୁସୁର ଆସେ



ପ୍ରେମଶିଲା ରାଉତ

ଶୀତ ସାଥେ ସାଥେ ମଗୁସୁର ଆସେ
କେତେ ସୁଖ ସରଗରେ
ମନେ ଆଣେ ନୂଆ ଆଶା ଓ ଆକାଂକ୍ଷା
ପୁଣି ଓଠେ ଖୁସି ଭରେ ।
ମଗୁସୁର ମାସେ ଲକ୍ଷ୍ମୀ ମହାମାୟୀ
ବିଜେ କରିଥାନ୍ତି ଘରେ
ପ୍ରତି ଗୁରୁବାରେ ପୂଜା ପାଇଥାନ୍ତି
କେଡେ ଭକ୍ତି ଆଡମ୍ବରେ ।
ରାତି ପାହାନ୍ତାରୁ ଘର ଲିପାପୋଛା
ହୁଏ ଗୁରୁବାର ଦିନ
ଚିତା ଝୋଟିରେ ଝଟକୁ ଥାଏ ସତେ
ଘର ଅଗଣା ମାନ ।
ଦିଶଇ ସୁନ୍ଦର କେଡେ ମନୋହର
ପଡିଥିଲେ ଝୋଟି ଘରେ
ପଦ୍ମଫୁଲ ସାଥେ ମାତା ପାଦ ଚହ୍ନ
ଭରି ଭଲ ଦିଶେ ଘରେ ।
ରାତି ପାହାନ୍ତାରୁ ନାରି ମାନେ ସବୁ
ପିନ୍ଧିଣ ଶୁକ୍ଳ ବସ୍ତ୍ର
ଘଣ୍ଟ ଶଂଖ ନାଦେ ଧୂପ ଦୀପ ସାଙ୍ଗେ
ପଢନ୍ତି ମାତାଙ୍କ ମନ୍ତ୍ର ।

ଶଂଖ ଘଣ୍ଟ ଓ ହୁଳହୁଲୁରେ ଘର
କମ୍ପି ପୁରି ଯେ ଉଠଇ
ଭୋଗ ନୈବେଦ୍ୟ ଓ ଖିରୀ ଖେଚଡିରେ
ମହମହ ଘର ବାସଇ ।
ଶ୍ରଦ୍ଧା ଆନନ୍ଦରେ ନାରୀମାନେ ସବୁ
ବ୍ରତ କରନ୍ତି ଆଦରେ
ନାନା ବର୍ଣ୍ଣ ଫୁଲ ମଣ୍ଡା କାକରାରେ
ପୂଜନ୍ତି ଲକ୍ଷ୍ମୀ ପୟରେ ।
ଲକ୍ଷ୍ମୀ ମହାମାୟୀ ଧନ ପ୍ରଦାୟିନୀ
ସିଏ ତ ଜଗତ ମାତା
ତାଙ୍କ ପାଦପଦ୍ମେ ସମର୍ପିଲେ ମନ
ଧନ ବର୍ଷା ହୁଏ ସଦା ।
ତାଙ୍କୁ ନାରୀମାନେ ସାଦରେ ପୂଜିଲେ
ହୁଅନ୍ତି ସୌଭାଗ୍ୟବତୀ
ଧନଜନ ଆଉ ମାନ ସମ୍ମାନରେ
ଲକ୍ଷ୍ମୀଙ୍କ କୃପା ପାଆନ୍ତି ।
ତାଙ୍କ କୃପାଦୃଷ୍ଟି ଥିଲେ ସବୁ ଘରେ
ଅଶାନ୍ତି ହୁଅଇ ଦୂର
ଥିଲେ ଯେତେ ବାଧା ବିଘ୍ନ ନାଶ ହୋଇ
ପାଲଟେ ସରଗପୁର ।

ଗ୍ରାମ-ବୃନ୍ଦାବାହାଲ, କଳାହାଣ୍ଡି

# ଜୀବନ ରଙ୍ଗ



ଅମ୍ବିକା ସ୍ୱାଇଁ

ହୃଦୟ ସାଗରେ ଲହଡ଼ି ର ଢେଉ
କଳ, କଳ କୂଳ ଲଘେ
ଉତ୍ତାଳ ତରଙ୍ଗେ ଭସି ଆସୁଥାଏ
ଜୀବନ ର ପ୍ରତି ରଙ୍ଗେ ।
ମନର ଆବେଗ ଝର ଝର ଝରେ
ପ୍ରେମର ଅମୃତ ବାରି
ମାୟା ମରୀଚକା ସଂସାର ପଥରେ
ବନ୍ଧା ଏ ଜୀବନ ଡୋରି ।
ଜୀବନ ଜୀବିକା ଜିଇଁବା ର ନଶା
ଉଦ୍ ବେଳତ୍ ଏ ମନ
ସ୍ୱପ୍ନ ର ଆକାଶେ ନୀତି ଦିଶୁ ଥାଏ
ପୂର୍ଣ୍ଣିମାର ସ୍ୱଚ୍ଛ ଜହ୍ନ ।
ନହୁଲି ନଶାରେ ରଙ୍ଗ ତରଙ୍ଗ ରେ
ଭିଜୁ ଥାଏ ସଦା ମନ
ଜୀବନ ଯନ୍ତ୍ରଣା ତରାଜୁ ରେ ପଡି
ଦୋହଲୁ ଥାଏ ଜୀବନ ।
ଜୀବନ ନାଟକ ଅଭିନୟ ଶେଷେ
ହିସାବ ନକାସ କେତେ
ଗୁଣୁ, ଗୁଣୁ ସ୍ୱର ବାଜୁ ଥାଏ କର୍ଣ୍ଣେ
କ ବିଗ୍ଧର ହେବ ସତେ !!!!

ଶ୍ୟାମପୁର, ଭୁବନେଶ୍ୱର

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

(ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାର୍ ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ରଚନା। ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ (ସତ୍ୟର ସନ୍ଧାନ) ମାଧ୍ୟମରେ ।)

**ପ୍ରଶ୍ନ - ୧୬ : ଦ୍ରୁତ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଦେଶରେ ନାନା ସମସ୍ୟା ମୁଣ୍ଡ ଟେକଛି । ଏଣୁ ପୁତ୍ର ହେଉ ଅବା କନ୍ୟା, ଗୋଟିଏ ସନ୍ତାନରେ ଗୋଟିଏ ପରିବାରକୁ ସୀମିତ ରଖିବା ନୀତିକୁ ଆପଣ ସମର୍ଥନ କରନ୍ତି କି?**

**-ଉତ୍ତର-**

- ନଶ୍ଚୟ ସମର୍ଥନ କରୁଛି ।

[ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]

- ଆଜୀବନ ବ୍ରହ୍ମଚର୍ଯ୍ୟ ପାଳନ ହେଉଛି ମହିମା ଧର୍ମର ନର୍ଦ୍ଦେଶ । ଗୃହସ୍ଥାଶ୍ରମରେ ପିତାମାତା ଭାଇଭଗ୍ନୀ ପ୍ରାୟ ଚଳନ୍ତି, ସଂଯତ ରହିବାକୁ ଉପଦେଶ ଦିଆଯାଇଛି । ତେଣୁ ପରିବାରକୁ ସୀମତ ରଖିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

[ପ୍ରଫେସର ଶତ୍ରୁଘ୍ନ ନାଥ]

- ହଁ ।

[ଡ. ସଚ୍ଚି ରାଉତରାୟ]

- ମୁଁ ଆଗରୁ କହିଛି ସମସ୍ତେ ପୁତ୍ରଟିଏ ଲାଭ କରିବାକୁ ବ୍ୟାକୁଳ । ପରିବାର କେବଳ ଗୋଟିଏ ଅର୍ଥନୈତିକ ଏକକ ନୁହେଁ । ତେଣୁ ଜନସଂଖ୍ୟା କମାଇବାର ଆବଶ୍ୟକତା ଅନୁଭବ କରିଥିଲେ ବି ଏକ ସନ୍ତାନ ବିଶିଷ୍ଟ ପରିବାର ସୁବିଧାଜନକ ନୁହେଁ । ଗୋଟିଏ କନ୍ୟା ଗୋଟିଏ ପୁତ୍ରର ବିକଳ୍ପ ନୁହେଁ ।

[ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ଆଦୌ ନୁହେଁ । ସାଧାରଣତଃ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସନ୍ତାନମାନେ ବୁଦ୍ଧିରେ, ଗୁଣରେ ଓ ଶକ୍ତିରେ ଅଧିକ । ତେଣୁ ଏକ ସନ୍ତାନରେ ତୃପ୍ତ ହେବା ହେଉଛି ଏକ ଆତ୍ମଘାତୀ ନୀତି । ଏଭଳ ଚନ୍ତା ହେଉଛି ଏକ ଅପଚନ୍ତା ।

[ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ହଁ କରେ ।

[ଜଷ୍ଟିସ୍ ନବକୁମାର ଦାସ]

- ସମ୍ପୂର୍ଣ୍ଣ ରୂପେ ଏହାକୁ ମୁଁ ସମର୍ଥନ କରେ ।

[ପ୍ରଫେସର ରାଧାନାଥ ରଥ]

- କରେ ।

[ନାଟ୍ୟକାର ମନୋରଞ୍ଜନ ଦାସ]

- ସମର୍ଥନ କରେ । "ବରମେକୋଗୁଣୀ ପୁତ୍ରୋ ନ କୁପୁତ୍ରାଗଣୈରପି" । ବିବାହ ବେଦୀରେ ବରକନ୍ୟା ଆଙ୍ଗୁଠି ଧରି ଶପଥ କରିଥାନ୍ତି - ମୁଁ ଗୋଟିଏ ସନ୍ତାନ ଗ୍ରହେଁ ଯେ କ ଦ୍ୱିପଦ (ଅର୍ଥାତ୍ ମନୁଷ୍ୟ ପ୍ରଭୃତି), ଚତୁଷ୍ପଦ (ପଶୁ) ର ଉପକାର କରିବ। ବେଦମନ୍ତ୍ର "ଗୃହ୍ଣାମିତେ ସୌଭଗ୍ୱାୟ ପ୍ରତ୍ୟାୟ" - ଅପତ୍ୟ ଏଠାରେ ଏକ ବଚନରୁ ଗୋଟିଏ ସନ୍ତାନ ଯଥେଷ୍ଟ ବୋଲି ମନେକରେ ।

[ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- ଜନସଂଖ୍ୟା ବୃଦ୍ଧି ନ ହେଲେ ମଧ୍ୟ ସମସ୍ୟା କମ୍ ହେବନାହିଁ । ଶିକ୍ଷା ଓ ଚେତନା ସମ୍ପନ୍ନ ଦମ୍ପତ୍ତିମାନେ ହିଁ ଆପଣାର ସୀମା ଆପେ ସ୍ଥିର କରିବେ ।

[ଅଧ୍ୟାପକ ଚିତ୍ତରଞ୍ଜନ ଦାସ]

- ସମର୍ଥନ କରେ-ଦେଶର କଠୋର ଆବଶ୍ୟକତା ଦୃଷ୍ଟିରୁ । ତେବେ ଭାଇଭଉଣୀ, ଦୁଇ ଭାଇ ଅଥବା ଦୁଇ ଭଉଣୀ ହୁଅନ୍ତୁ, ଦୁଇଟି ସନ୍ତାନର ପରିବାର ଅଧିକ ସୁଖମୟ ବୋଲି ମୋର ମନେହୁଏ । କିନ୍ତୁ ଦୁଇରୁ ତିନି ନୁହେଁ ।

[କିଶୋରୀ ଚରଣ ଦାସ]

- ଜନସଂଖ୍ୟା ନିୟନ୍ତ୍ରଣ ବିନା ଭାରତର ଭବିଷ୍ୟତ ଅନ୍ଧକାର । ପୁତ୍ର ବା କନ୍ୟା, ଗୋଟିଏ ସନ୍ତାନ ହିଁ ଯଥେଷ୍ଟ ।

[ଡ. ମନ୍ମଥ ନାଥ ଦାସ]

- ମୁଁ ସମର୍ଥନ କରେ ।

[ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ହଁ, ମୁଁ ସମର୍ଥନ କରେ ।

[ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ଆର୍ଥନୀତିକ ଏବଂ ଦୈହିକ ଅସହାୟତାର ଅନ୍ତରାଳରେ ପୁତ୍ରର କାମନା ବଳବତ୍ତର ହୋଇଛି, କାରଣ ସେ ହେବ ସହାୟକ । ଯଦି ରାଷ୍ଟ୍ର ଓ ସମାଜ ଏହି ସହାୟତାର ନିର୍ଭରତା ଦେଇପାରନ୍ତା, ତେବେ ପୁତ୍ର ପୁତ୍ ନାମକ ନର୍କରୁ ଉଦ୍ଧାର କରିବାର ଆବଶ୍ୟକତା ନାହିଁ । ନିଷ୍ଠୁର ଭାବରେ ଜନସଂଖ୍ୟା ବୃଦ୍ଧି ରୋକିବାକୁ ହେବ ।

[ପ୍ରଫେସର ପଠାଣି ପଟ୍ଟନାୟକ]

- ଏହା ବର୍ତ୍ତମାନକାଳ ଓ ଭାରତ ପାଇଁ ଉଚିତ । ଦେଶ-କାଳ ଭେଦରେ ପରିସ୍ଥିତି ଅନୁସାରେ ଏହାର କର୍ତ୍ତବ୍ୟ ନିର୍ଦ୍ଧାରଣ କରାଯାଏ ।

[ଡ. ଲିଙ୍ଗୁକେଶ୍ୱର ଶତପଥୀ]

- ଗୋଟିଏ ସନ୍ତାନ ବା ସନ୍ତତି ହେଲେ କଛି କ୍ଷତି ନାହିଁ ।

[ହରିହର ବାହିନୀପତି]

- କୁଳ ଉଦ୍ଧାର ପାଇଁ ପୁତ୍ର ହେଉ ବା କନ୍ୟା ହେଉ ଗୋଟିଏ ଯଥେଷ୍ଟ । ନାତି ମଧ୍ଯ ଅଜାକୁ ପିଣ୍ଡ ଦେବାର ଅଧିକାରୀ । ବର୍ତ୍ତମାନ ଯୁଗର ପରିପ୍ରେକ୍ଷୀରେ ଗୋଟିଏ ଧର୍ମଜ ସନ୍ତାନ ଯଥେଷ୍ଟ । କାମଜ ସନ୍ତାନ ପାଇଁ ସମୟ ପ୍ରତିକୂଳ । ଏକଶ୍ଚନ୍ଦ୍ରଃ, ନଚ ତାର୍‌ଗଣୈରପି ।

[ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ଏ ଗୋଟିଏ ଜଟିଳ ପ୍ରଶ୍ନ । ସନ୍ତାନମାନଙ୍କର ସଂଖ୍ୟା ବଡ଼ କଥା ନୁହେଁ, ବଡ଼ କଥା ହେଉଛି ତାଙ୍କର ଗୁଣଗତମାନ (quality) । ଶାସ୍ତ୍ର ବି କହିଛି ବରଂ ସନ୍ତାନହୀନ ହେବା ଭଲ କନ୍ତୁ ଦୁର୍ଗୁଣ ସନ୍ତାନ ଲଭ କରିବା ଉଚତ ନୁହେଁ, ଗୁଣବାନ୍ ସନ୍ତାନ ଲଭ ଲଗି କୌଣସି ସଂଖ୍ୟା ପ୍ରତିବନ୍ଧକ ହେବା ଉଚତ ନୁହେଁ । ସେମାନେ ହିଁ ଆମ ସମସ୍ୟାର ସମାଧାନ ।

[ପ୍ରଫେସର ହୃଦାନନ୍ଦ ରାୟ]

- ହଁ, ସମର୍ଥନ କରେ । କାରଣ ସନ୍ତାନ ଥାଇ ମଧ୍ଯ ମଣିଷ ହୁଅନ୍ତିନ ଏବଂ ଅନେକଙ୍କର ଆଦୌ ସନ୍ତାନ ହୁଏନାହିଁ । ଯଦି ଗୋଟିଏ ସନ୍ତାନରେ ସୀମିତ ରଖାଯାଏ ଏବଂ ସନ୍ତାନଟିର ମୃତ୍ୟୁ ହୁଏ ତେବେ ଭାଗ୍ୟରେ ସନ୍ତାନ ନାହିଁ ବୋଲି ଭାବି ସମାଜ ପାଇଁ ସ୍ୱାର୍ଥତ୍ୟାଗ (sacrifice) କରିବା ଉଚତ ।

[ଶ୍ୟାମସନ୍ଦୁ ର ପାଢ଼ୀ , ଆଇ.ପି.ଏସ]

- ସମର୍ଥନ କରେ । କନ୍ତୁ ମନସ୍ତତ୍ତ୍ୱ ଏବଂ ବ୍ୟକ୍ତିଗତ ନରାପତ୍ତା ପାଇଁ ଦୁଇଟି ସନ୍ତାନ ବିଧେୟ ।

[ଗିରିଜା ଭୂଷଣ ପଟ୍ଟନାୟକ]

- ମାନବ ପରମ୍ପରା ରକ୍ଷା ପାଇଁ ଯୋଗ୍ୟ ସନ୍ତାନ ଜନ୍ମ କରିବା ବିଧେୟ । ପିତାମାତା ସଦାଗ୍ଚାରୀ, ଜିତେନ୍ଦ୍ରିୟ ହେଲେ, ପରମ୍ପରା ରକ୍ଷା ନମିତ୍ତ ଉପଯୁକ୍ତ ସନ୍ତାନ ଜାତ

ହୁଅନ୍ତି । ଆଜିକାଲି ମନୁଷ୍ୟଙ୍କ ରାଜସିକ ଭୋଜନ, ବ୍ୟବହାର ଓ କାମାସକ୍ତିରୁ ଦୁଷ୍ଟ ସନ୍ତାନ ବହୁ ସଂଖ୍ୟାରେ ଜନ୍ମ ହେଉଛନ୍ତି ।

[ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ସମର୍ଥନ କରେ । ତା'ଛଡ଼ା ସମସ୍ତେ ବି ପୁତ୍ର କନ୍ୟା ଆଶାରେ ବିବାହ କାହିଁକି କରିବାକୁ ବାଧ୍ୟ ହେବେ? ଆଜିର ଭାରତରେ ସଂଯମୀ ଅବିବାହିତ ଯୁବକ ଯୁବତୀଙ୍କ ଆବଶ୍ୟକତା ସବୁଠୁଁ ବେଶୀ ।

[ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ସମର୍ଥନ କରେ । କିନ୍ତୁ ଦୁଇଟି ସନ୍ତାନ ହେଲେ – ପୁତ୍ର ହେଉ ବା କନ୍ୟା ହେଉ... ପରିବାର ପୂର୍ଣ୍ଣତା ଲାଭ କରେ ।

[ଡ. ରେଖା ମହାନ୍ତି]

- ଯେହେତୁ ପୁରୁଷ ଓ ସ୍ତ୍ରୀର ସଂଗମରେ ସନ୍ତାନର ସୃଷ୍ଟି, ପ୍ରତ୍ୟେକ ପରିବାରରେ ଦୁଇଟି ସନ୍ତାନ ହେବା ଉଚିତ । ଚୀନରେ ଗୋଟିଏ ସନ୍ତାନ ପଦ୍ଧତି ଅବଲମ୍ବନ କରି ଅନେକ ପାରିବାରିକ ଅସୁବିଧା ସୃଷ୍ଟି ହୋଇଛି ।

[ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ହଁ ।

[ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ହଁ, ଏଥିରେ ଦ୍ୱିଧା ନାହିଁ ।

[ଡାକ୍ତର କବି ପ୍ରସାଦ ମିଶ୍ର]

- ସମର୍ଥନ କରେ ।

[ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ଅଧୁନା ଜନସଂଖ୍ୟାର ଯେଉଁ ବିସ୍ଫୋରଣ ଘଟିଛି ସେ ଦୃଷ୍ଟିରୁ ବିଚାର କଲେ ପରିବାରକୁ ସୀମିତ ରଖିବା ନୀତି ହିଁ ପ୍ରତ୍ୟେକ ବ୍ୟକ୍ତିଙ୍କର କାମ୍ୟ । ଖାଲି ଗୁଡ଼ାଏ

ସନ୍ତାନ ଜନ୍ମଦେଇ ତାଙ୍କୁ ଅମଣିଷ କରିବା ଅପେକ୍ଷା ଗୋଟିଏ ଦୁଇଟି ପିଲା ଜନ୍ମ କରି ତାଙ୍କୁ ଉତ୍ତମ ରୂପେ ଗଢ଼ିବା ଭଲ । ତେବେ ପରିବାରକୁ ଗୋଟିଏ ସନ୍ତାନ ଭିତରେ ଆବଦ୍ଧ ରଖି ଦ୍ୱିତୀୟଟି ପାଇଁ ଅପେକ୍ଷା କରିବା ଅଶୋଭନୀୟ ନୁହେଁ । କାରଣ କୌଣସି ଦୁର୍ଭାଗ୍ୟରୁ ଗୋଟିଏ ପିଲାର ଯଦି କ୍ଷତି ଘଟେ ତେବେ ଅନ୍ତତଃ ଦ୍ୱିତୀୟ ପିଲାଟିକୁ ଦେଖି ପିତାମାତା ବ୍ୟାକୁଳତା ବର୍ଜନ କରି ଭବିଷ୍ୟତ ପାଇଁ ନିଜ ନିଜକୁ ପ୍ରସ୍ତୁତ କରିପାରିବେ ।

[ଡ. ରତ୍ନାକର ସାହୁ]

- ହଁ ।

[ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ହଁ ।

[ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ହଁ ।

[ଜ୍ୟୋତିର୍ବିଦ୍ ଡ. ନିମାଇଁ ବାନାର୍ଜୀ]

- ବର୍ତ୍ତମାନ ଯୁଗରେ ପୁଅ ଓ ଝିଅ ଉଭୟ ସମାନ । ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଗୋଟିଏ ସନ୍ତାନ ଯଥେଷ୍ଟ ।

[ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ଏହା ତ ସରକାରୀ ନୀତି । ବ୍ୟକ୍ତିର ଆଦର୍ଶ ଭିନ୍ନ । ଆମର ସମର୍ଥନ ବା ବିରୋଧର ମୂଲ୍ୟ ଏଠାରେ ନିର୍ଦ୍ଧାରଣ କରିବା ଉଚିତ ନୁହେଁ ।

[ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ରାତାରାତି ଧନୀ ହେବାର ଆଶା ଆକାଂକ୍ଷା ଆଜି ସମସ୍ତଙ୍କୁ ଗ୍ରାସ କରିଛି । ମଣିଷ ଏହି ମନୋଭାବକୁ ପରିହାର କରି ସମ୍ମାର୍ଗରେ ପରିଚାଳିତ ହେବା ଉଚିତ ।

[ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ୍]

- ଦ୍ରୁତ ଜନସଂଖ୍ୟା ବୃଦ୍ଧି ଯୋଗୁଁ ସମାଜରେ ନାନା ସମସ୍ୟା ସୃଷ୍ଟି ହୁଏ । ଏହି ସମସ୍ୟାକୁ ସମାଧାନ କରିବା ଲାଗି ଜନ୍ମ ନିୟନ୍ତ୍ରଣ ନିତାନ୍ତ ଆବଶ୍ୟକ । କିନ୍ତୁ ଅପ୍ରାକୃତିକ ଭାବେ ଜନ୍ମ ନିୟନ୍ତ୍ରଣ କରିବା ଦ୍ୱାରା ପ୍ରକୃତିର ନିୟମକୁ ଉଲ୍ଲଙ୍ଘନ କରି ଈଶ୍ୱରଙ୍କର ବିରୁଦ୍ଧାଚରଣ କରାଯାଏ । ଏଣୁ ପରିବାରରେ ପୁତ୍ର କନ୍ୟାଙ୍କ ସଂଖ୍ୟା ଅପ୍ରାକୃତିକ ଭାବେ ନିୟନ୍ତ୍ରଣ କରିବା ଉଚିତ ନୁହେଁ । ଜନ୍ମ ନିୟନ୍ତ୍ରଣ ସମ୍ପର୍କରେ କାଥୋଲିକ୍ ସମ୍ପ୍ରଦାୟର ଶିକ୍ଷା ପୋପ୍ ଷଷ୍ଠ (୧୬) ପାଉଲଙ୍କ (ହୁମାନେ ଭିତେ)ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ।

[ଡ. ଲୁଇ ସଭାସୁନ୍ଦର, କାଥଲିକ୍]

- ପ୍ରତ୍ୟେକ ସ୍ୱାମୀ-ସ୍ତ୍ରୀଙ୍କର ଦୁଇଗୋଟି ସନ୍ତାନ ହେବା ସମୀଚୀନ ଅଟେ । ଗୋଟିଏ ସନ୍ତାନ ଦ୍ୱାରା ଦେଶରେ ଅଭିବୃଦ୍ଧି ସାଧନ ହେବନାହିଁ ।

[ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଗୋଟିଏ ସନ୍ତାନରେ ଗୋଟିଏ ପରିବାରକୁ ସୀମିତ ରଖିବା ସମ୍ପର୍କରେ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଶରତ ଚନ୍ଦ୍ର ମିଶ୍ର କହିଛନ୍ତି ଯେ ପ୍ରତ୍ୟେକ ପରିବାରରେ ଦୁଇଟି ସନ୍ତାନ ହେବା ଉଚିତ । ଚୀନରେ ଗୋଟିଏ ସନ୍ତାନ ପଦ୍ଧତି ଗ୍ରହଣ କରି ଅନେକ ପାରିବାରିକ ଅସୁବିଧା ସୃଷ୍ଟି ହେଉଛି ବୋଲି ସେ ମଧ୍ୟ ପ୍ରକାଶ କରିଛନ୍ତି । ଗୌରୀକୁମାର ବ୍ରହ୍ମା ମତଦେଇ କହିଛନ୍ତି ଯେ ଏକ ସନ୍ତାନରେ ତୃପ୍ତ ହେବା ହେଉଛି ଏକ ଆତ୍ମଘାତୀ ନୀତି । ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଏ ସମ୍ପର୍କରେ କହିଛନ୍ତି ଯେ ଆଜିର ଭାରତରେ ସଂଯମୀ ଅବିବାହିତ ଯୁବକ ଯୁବତୀଙ୍କ ଆବଶ୍ୟକତା ସବୁଠୁ ବେଶୀ । ଡ. ରେଖା ମହାନ୍ତି କହିଛନ୍ତି ଯେ ଦୁଇଟି ସନ୍ତାନ ହେଲେ ପରିବାର ପୂର୍ଣ୍ଣତା ଲାଭ କରେ । ଅନେକେ ଗୋଟିଏ ସନ୍ତାନରେ ସୀମିତ ପାଇଁ ମଧ୍ୟ ମତ ଦେଇଛନ୍ତି । ଜନସଂଖ୍ୟା ବୃଦ୍ଧି ଆଜିର ଏକ ମୁଖ୍ୟ ସମସ୍ୟା ହୋଇଥିବାବେଳେ ଏହା ଏକ ବିତର୍କିତ ପ୍ରଶ୍ନ । ପରିବାରକୁ ସୀମିତ ରଖିବା ପାଇଁ ଉଦ୍ୟମ କରା ନ ଗଲେ ଭବିଷ୍ୟତ ସଙ୍କଟାପନ୍ନ । ସେଥିପାଇଁ ଦୃଢ଼ମନା ହେବାକୁ ପଡ଼ିବ । ବ୍ରହ୍ମଚର୍ଯ୍ୟ ତ ନିଶ୍ଚୟ ପାଳନୀୟ, ଯାହାର ଅନୁସରଣ ପାଇଁ ବିବେକାନନ୍ଦ ଆହ୍ୱାନ ଦେଇଥିଲେ । ଯଦି ବିବାହ ବନ୍ଧନର ଆବଶ୍ୟକତା ପଡ଼େ ତେବେ ଗୋଟିଏ ସନ୍ତାନରେ

ପରିବାର ସୀମିତ ରହିଲେ ସମାଜ ଓ ଦେଶ ପାଇଁ ହିତପ୍ରଦ କୁହାଯାଇପାରେ । ଆଜିର ଜନସଂଖ୍ୟା ବିସ୍ଫୋରଣ ହେଉଛି ସବୁଠାରୁ ଅଦୃଶ୍ୟ ଉତ୍କଟ ସମସ୍ୟା । ଏହାର ପରିଣାମ ଭୟାବହ । ଏଥିପ୍ରତି ଅଳ୍ପ ନେତା ସଚେତନ ଥିବାରୁ ଏହା ରାଜନୈତିକ ଦଳମାନଙ୍କ ନିର୍ବାଚନୀ ଘୋଷଣାରେ ସ୍ଥାନ ପାଇ ନ ଥାଏ । ଫଳରେ ଯିଏ ସରକାର ଗଢ଼େ ଏଥିପ୍ରତି ଗୁରୁତ୍ୱ ଦିଏ ସିଏ ସୁଫଳ ପାଏ । ନଚେତ ଯୋଜନା ପଣ୍ଡ ହେବା ସହ ସମାଜରେ ନାନା ବିଶୃଙ୍ଖଳା ଦେଖାଦେବା ସ୍ୱାଭାବିକ ।

(ଲେଖକ)

ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# କନ୍ୟା ଅମୂଲ୍ୟ ରତ୍ନ



ପ୍ରଣତି ମହାପାତ୍ର

କନ୍ୟାଦାନ ମହାପୂଣ୍ୟ ଅଛି
ଏକଥା ଜଗତେ,
କନ୍ୟା ଭ୍ରୁଣ ହତ୍ୟା କଲେ ପୂଣ୍ୟ
ଲଭିବା କେମନ୍ତେ ।

ନାରୀ ଏ ଜଗତେ ସାର ଅଟେ
ସେ ମମତମୟୀ,
ଦୁଷ୍କର୍ମ କଲେ ତା ସାଥେ ହୁଏ
ଚଣ୍ଡୀ ମହାମାୟୀ ।

ବିଶ୍ୱନୟନ୍ତା ଦିଅନ୍ତି ଯାହାକୁ
ସର୍ବ ଶ୍ରେଷ୍ଠ ସ୍ଥାନ,
ଏ ମର୍ତ୍ତ୍ୟ ମାନବ ତା ସାଥେ
କରେ କୁକର୍ମ ମାନ ।
ନାରୀ ସୃଷ୍ଟି ସ୍ଥିତି ସଂହାରିଣୀ

ନାନା ରୂପ ନଏ,
ଦଶଭୂଜା ମାଆ ଦୁର୍ଗା ରୂପେ
ପୂଜା ପାଏ ।

ନାନା ଓଷା ବାରବ୍ରତ
ନାରୀ ଜାତି ପାଇଁ,
ସଭିଙ୍କ ସୁଖ ମନାସେ
ଏକନିଷ୍ଠ ହୋଇ ।

ଘର ସୁଖ ଶାନ୍ତି ଆନନ୍ଦରେ
ତା ଲାଗି ହୁଅଇ,
କନ୍ୟା ରତ୍ନକୁ କେବେ ତ
ଅଣହେଳା କରନାହିଁ ।

ବାଲେଶ୍ୱର, ଓଡିଶା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଶାସ୍ତ୍ରୀୟ ମାନ୍ୟତା



ଉଦୟନ ସୂପକାର

ଶାସ୍ତ୍ରୀୟ ମାନ୍ୟତା ପାଇଲା ଓଡ଼ିଆ
ବୋଲି ଆନନ୍ଦେ ଡେଇଁଲେ ଭାଇନା ||
ଭାଷାର ଦୁର୍ଦ୍ଦଶା ଦେଖିକରି ମୋତେ
ଯାହା ଲାଗେ ତାହା ତ କହି ହୁଏନା||
ହିନ୍ଦୀ ଇଂରାଜୀର କେତେ ଯେ ଶବ୍ଦ
କରି ସାରିଲେଣି ଭାଇ ଅନୁପ୍ରବେଶ||
ମୌଳିକତା ଆହା ନିଜର ହରାଇ ରେ
ଲଭିବ କି କହ ଏ ଜାତି କିଛି ଯଶ ||
ନିଜ ସାହିତ୍ୟର ଭଣ୍ଡାରରେ ତାଲା
ପକାଇଣ ଦେଇ ସାରିଛନ୍ତି ଜଉମୁଦ ||
ସ୍ତୁତି ଗାନ କରି ଆନର ଥୋକାଏ
ନିଶି ଦିନ ଦେଖାଉଥାନ୍ତି ଗଉରବ ||
ସ୍ୱାଭିମାନ କଥା ତ ମଞ୍ଚୀୟ ଭାଷଣ
କହ କାହିଁ ବା ତାହାର ଏଠି ଅସ୍ତିତ୍ୱ ||
ନିଜ ମୁହେଁ ନିଆଁ ନିଜେ ଲଗାଉଛୁ
ଦିନେ ହୋଇ ଯିବୁ ତୁହି ଇତିହାସ ||

ଭୁବନେଶ୍ୱର, ଓଡିଶା

# ଅନ୍ଧାର



ଡ. ଜ୍ଞାନେଶ୍ୱର ମିଶ୍ର

ଅନ୍ଧାର ତୁ କଣ ଉଗ୍ରପନ୍ଥୀ ନା ଆତତାୟୀ
ମୁଁ ଆଖି ବୁଜିଦେଲେ / ଶୋଇଲେ ତୁ ଆସୁଛୁ
ଅମାବାସ୍ୟାରେ ଆସୁଛୁ
ଲୋଡସେଡିଂ ରେ ବି ଆସୁଛୁ
ତୋତେ ଆମେ ମନା କରୁନୁ
କନ୍ତୁ ତୁ କାନ୍ଧରେ ବସାଇ କାହିଁକ
ସ୍ମୃତି ମାନଙ୍କୁ ଆଣୁଛୁ

କଛି ସ୍ମୃତି କଲିଜାରେ କଣ୍ଟା ଫୋଡୁଛନ୍ତି
ହୃଦୟରେ ସୁନାମି ରଚୁଛନ୍ତି
ଜୀବନଠୁଁ ମରଣକୁ ବେଶୀ ପ୍ରେମ କରୁଛନ୍ତି
ମିଠାଳଆ ସ୍ମୃତି ସବୁ ରଙ୍ଗ ଛଡା ହେଲାଣି
ପାଣିଚଆ ଲାଗିଲାଣି ମଳଆ ଦିଶିଲାଣି
ବୟସକୁ ସେ ତ ସମ୍ଭାଳ ପାରୁନାହାନ୍ତି

ଆସିଲୁ ଭଲକଲୁ
ଆମ ସହ ଚୁକ୍ତିକର
ଦୁଃଖ ପୀଡା ଦାୟକ, ହୃଦବିଦାରକ
ବିକାର, ବେକାର ସ୍ମୃତିସବୁ
ତୋ ସିନ୍ଦୁକରେ ତାଲା ଦେଇ

ସମୟର ଅତଳ ଗର୍ଭକୁ ଫିଙ୍ଗି ଦେ
ସୁଖ ସ୍ମୃତି ସବୁ ସଫା ସୁତୁର୍ କର
ଆଇଛ ସାଇତି ରଖିଦେ

ତୋ ଦୌରାତ୍ମ୍ୟ ଆମେ କାହିଁକି
ବରଦାସ୍ତ କରୁଛୁ ଜାଣୁ
ଆମେ ଜାଣୁ ତୋ ପଛରେ ଆଲୋକ ଅଛି
ପୂର୍ଣ୍ଣିମା ଚନ୍ଦ୍ରର ଝିଲିମିଲି ଆଲୁଅ ଅଛି
ଆଶାର ବତୀଘରଟା ଦୂରରୁ ଦିଶୁଛି
ସବୁ ଅଙ୍କ, ସମୟ ତୋତେ ବୁଝାଇଦେବ
ଚଟଶାଳୀରେ ଯଦୁ ସାରେ ଆମକୁ ବୁଝାଇବା ଭଳି
ତୋତେ ସଲାମ, ନମସ୍କାର ଓ ସାଲ୍ୟୁଟ ବି ||

୪୯/୫/ଏଚ୍, କାର୍ଲ ମାର୍କ୍ସ ସରଣୀ,
ଖିଦିରପୁର, କୋଲକତା

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ କରାଯାଉଛି । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ vedantimagazine@gmail.com ରେ ପଠାନ୍ତୁ| ପାଠକ ପାଠିକାମାନଙ୍କୁ ଅନୁରୋଧ ଯେ ପତ୍ରିକାଟି ନିଜେ ପଢନ୍ତୁ ଏବଂ ଆପଣଙ୍କ ପରିବାର, ବନ୍ଧୁବାନ୍ଧବମାନଙ୍କୁ ପଢିବା ପାଇଁ ଅନୁରୋଧ କରନ୍ତୁ ଆଉ ଓଡିଆ ଭାଷାର ପ୍ରସାର ପାଇଁ ଆପଣମାନଙ୍କର ବହୁମୂଲ୍ୟ ସହୋଯୋଗ ଦିଅନ୍ତୁ ।

# ନୋକଆ ଷୋଳଶହ



ଲୋପାମୁଦ୍ରା ମିଶ୍ର

ସେ ଯେତେବେଳେ ବି ତା' ବଡ଼ ଭଉଣୀ ଘରକୁ ବାଙ୍ଗାଲୋର ଆସେ ସେହି ଗୋଟାଏ କଥା ଅପାକୁ ଦିନରେ ଆଠରୁ ଦଶ ଥର ନକହିଲେ ତା'ର ମନ ବୁଝେନାହିଁ । ନୀଳମା ବେଳେ ବେଳେ ଚଡ଼ି ଯାଆନ୍ତି ଆଉ କହନ୍ତି, "ଯୁଗ ଆସି କୋଉଠି ପହଂଚଲାଣି, ତୁ କନ୍ତୁ ସେହି ରିଲ୍ଏନ୍ସ, ୟୁନନର୍, ଏୟାରସେଲ୍, ଟାଟା ଡୋକୋମୋ ସିମ୍ ର ଫ୍ରି କଲ୍ ଭିତରୁ ବାହାରି ପାରୁନୁ । 'ଫୋର୍ ଜି', 'ଫାଇଭ ଜି' ର ଜମାନାରେ ତୁ ସେହି ମରହଟ୍ଟିଯ୍ଆ ନୋକଆ ଷୋଳଶହକୁ ଝୁରି ହେଉଛୁ ଭ୍ବିଲେ ମୋତେ ଆଶ୍ଚର୍ଯ୍ୟ ଲ୍ଗୁଛି । ଆରେ ଛାଡନା ସେ କଥା"।

ବିଜନ କନ୍ତୁ ଛାଡ଼ି ପାରେନ । ପୁଣି କଛି ସମୟ ଛାଡ଼ି ପଗ୍ବରେ, "ଅପା, ତୁ କ'ଣ କଛି ଖବର ରଖିଛୁ ତୁମ ପୁରୁଣା ହଷ୍ଟେଲ୍ ରେ ଏବେ କଏ ସୁପାରିନଟେଣ୍ଡେଣ୍ଟ ଅଛନ୍ତି ? ତୁମ ମେଟ୍ରୋନ୍ ଝରଣା ମାଉସୀଙ୍କ ନମ୍ବର କାହା ପାଖରେ ଅଛି ଟିକେ ପଗ୍ବରି ବୁଝୁନୁ । ମୁଁ ନଜେ ଯାଇ ତୁମ ମେଟ୍ରୋନ୍ କୁ କହିକ, ମୋ ମୋବାଇଲର ବିଲ୍ ଦେଖେଇକରି ତାଙ୍କ ଠାରୁ ମୋ ମୋବାଇଲଟା ଆଣିଆସିବି । ଜାଣିଛୁ ନା ଅପା ସେଇଟା ମୋ ଜୀବନର ପ୍ରଥମ ମୋବାଇଲ? ତାକୁ ମୁଁ ଯେମିତି ହେଲେ ପାଇବାକୁ ଗ୍ବହୁଁଛି।"

ନୀଳମା ସାନ ଭ୍ଇର କଥାରେ ଯେତିକ ବିରକ୍ତ ହୁଅନ୍ତି ସେତିକ ଆଶ୍ଚର୍ଯ୍ୟ ବି ହୁଅନ୍ତି । ଯେକୌଣସି ମୋବାଇଲ ତ ଦିନେ ନା ଦିନେ ଖରାପ ହେବ ନଶ୍ଚୟ । ଖରାପ ହେଉ ବା ନହେଉ ଲାଟେଷ୍ଟ ମଡେଲ ଆସିଲେ ଲୋକେ ପୁରୁଣାକୁ ଛାଡ଼ି ନୂଆ ଟେକ୍ନୋଲୋଜି ଥିବା ଡିଭାଇସ୍ କୁ ଆପଣେଇ ନଅନ୍ତି । ପୁରୁଣା ମୋବାଇଲ ଟିକୁ କଏ ଏତେ ମନେ ରଖେ ଯେ ? କେହି କେହି ତ ଗ୍ବେରି ଯାଇଥିବା ବା ହଜେଇ ଦେଇଥିବା ମୋବାଇଲ କୁ ମାସକରେ ଭୁଲି

ଯାଆନ୍ତି ସେଥିରେ ନଜର ଯେତେ ବ୍ୟକ୍ତିଗତ ଫୋଟୋ ବା ଡାଟା ଥିଲେ ମଧ୍ୟ । କିନ୍ତୁ ଏ ବିଜନ କାହିଁକି ଭୁଲିପାରୁନି ? କଣ ଏମିତି ଥିଲା ଯେ ସେ ପୁରୁଣା ମଡେଲ ମୋବାଇଲ ଟାରେ ? ସାମାନ୍ୟ ରେଡ଼ିଓ କି କ୍ୟାମେରା ବି ନଥିଲା ସେଥିରେ । କେବଳ ଗୋଟିଏ ସାପ ଗେମ୍ ଥିଲା ଯେଉଁଥିପାଇଁ ଘରେ ଥିଲାବେଳେ ଭାଇ ଭଉଣୀ ଦୁଇଜଣ ଅନେକ ଥର ଝଗଡା ବି ଲାଗିଛନ୍ତି, କିଏ ଫୋନ୍ ଟାକୁ ବେଶି ୟୁଜ୍ କରିଦେଉଛି ସେହି କଥାକୁ ନେଇ ।

ବିଜନ ଏଥର ଅପା ପାଖକୁ ଆସିଛି ଗୋଟେ ଖୁସି ଖବର ସହ । ପୋଷ୍ଟ ଗ୍ରାଜୁଏସନ୍ ପରେ ଦୁଇବର୍ଷ ହେଲା ସେ ଓଡିଶାରେ ଚାକରୀ ପାଇଁ ଚେଷ୍ଟା କରୁଥିଲା । ଦୁଇଟା ଜବ୍ ରେ ସିଲେକ୍ଟ ହେଇ ମଧ୍ୟ ଥିଲା କିନ୍ତୁ ତୃତୀୟ ଶ୍ରେଣୀ ଚାକରୀ ହେଇଥିବା ହେତୁ ବାପା ଆଦୌ ରାଜି ହେଇନଥିଲେ । "ତୋର ଏତେ ଭଲ କ୍ୟାରିୟର, ତୁ ଏତେ ମେଧାବୀ, କାହିଁକି ଏ ଜବ କରିବୁ ? ବୟସ କ'ଣ ଏମିତି ଚାଲିଯାଇଛି ? ଆଉ ବର୍ଷେ ଚେଷ୍ଟା କର !", ବାପା ବିଜନ କୁ ସେ ଜବ ନକରି ଆଗକୁ ଦେଖିବାକୁ କହିଥିଲେ । ବିଜନ ବାପାଙ୍କ କଥାକୁ କେବେ ବି ଅମାନ୍ୟ କରିନାହିଁ । ଯାହା ହେଉ ବାପାଙ୍କ କଥା ମାନିଥିବାରୁ ଆଜି ଭଲ ଚାକରୀଟେ ତା'କୁ ମିଳିପାରିଲା । ରେଲୱେରେ ଅଫିସର୍ ପୋଷ୍ଟ, କିଛି କମ କଥା ନୁହେଁ । କ୍ଲାସ ୱାନ ଅଫିସର, ଦରମା ଖୁବ ଭଲ । ଅପା, ଭାଇ ବହୁତ ଖୁସି ହେଲେ ଜାଣିକି । ତା' ନୀଳମା ଅପାର ଆଖିରେ ତ ଲୁହ ଆସିଗଲା ।

ନୀଳମା, ବିଜନ ଠାରୁ ମାତ୍ର ଦୁଇବର୍ଷ ବଡ । ପାଞ୍ଚ ବର୍ଷ ତଳୁ ସେ ବାହା ହେଇ ଇଞ୍ଜିନିଅର ସ୍ୱାମୀଙ୍କ ସହ ବାଙ୍ଗାଲୋର ଚାଲି ଆସିଛନ୍ତି । ନୀଳମା ଗ୍ରାଜୁଏସନ ପରେ ଅଧିକ ପଢିବାକୁ ଚାହୁଁଥିଲେ କିନ୍ତୁ ବିଜନ ର ପଢା ଖର୍ଚ୍ଚ ସାଙ୍ଗକୁ ନୀଳମାଙ୍କର ଖର୍ଚ୍ଚ ଉଠେଇବା ଆଉ ବାପାଙ୍କ ପକ୍ଷେ ସମ୍ଭବ ହେଲାନାହିଁ । ଭାଗ୍ୟକୁ ସେହି ସମୟରେ ଭଲ ପ୍ରସ୍ତାବଟିଏ ଆପେ ଆସି ଜୁଟିଲା। ନୀଳମାଙ୍କୁ ବାହା କରେଇ ଦିଆଗଲା । ପିଲାବେଳୁ ଅପାକୁ ହିଁ ବେଷ୍ଟ ଫ୍ରେଣ୍ଡ ଭାବି ଆସିଥିବା ବିଜନ କଲେଜ ରୁ ଛୁଟି ପାଇଲେ ଅପା ପାଖକୁ ବାଙ୍ଗାଲୋର ଚାଲିଆସେ । ଅପା ପାଖରେ ସବୁ କଥା କହେ ଓ ନିଜ ପ୍ରଥମ ମୋବାଇଲ ଫୋନ ଟି କିପରି ଆଉଥରେ ପାଇପାରିବ ସେହି କଥା ପଚାରି ପଚାରି ଅପାର ମୁଣ୍ଡ ଖରାପ କରିଦିଏ ।

ନୀଳମା ଭାବିଥିଲେ ଏଥର ଚାକରୀ ପାଇଥିବାରୁ ଖୁସିରେ ବିଜନ ସେ ମୋବାଇଲ କଥା ଭୁଲିଯାଇଥିବ, ଆଉ ପଚାରିବନାହିଁ । କିନ୍ତୁ ସେ ଭୁଲ ଭାବିଥିଲେ, ବରଂ ଏଥର ତା'ର ମୋବାଇଲ ପାଇବାର ଆଗ୍ରହ ଆହୁରି ବେଶି ବଢ଼ିଯାଇଥିଲା । କହିଲା, "ଅପା ତୁ ଖାଲି ବୁଝେଇ ତୁମ ମେଟ୍ରୋନ୍ ମୋ ମୋବାଇଲ ରଖିଛି କି ନାହିଁ । ଏବେ ତ ମୋର ଜବ ହେଇଗଲାଣି, ସେ ଯେତେ ଟଙ୍କା କହିବ ମୁଁ ତାକୁ ଦେଇକରି ମୋ ମୋବାଇଲ ନେଇଆସିବି ।"

--"ଆରେ କ'ଣ ଏମିତି ଅଛି ସେ ମୋବାଇଲ ଟାରେ ଯେ ତୁ ଏମିତି ବାୟା ପରି ହେଉଛୁ?", ନୀଳମା ବିଜନ କୁ ଯେତେ କହିଲେ ଓ ବୁଝେଇଲେ ହେଲା ନାହିଁ, ତାର ଜିଦି ନୀଳମା ସେ ମୋବାଇଲ ବିଷୟରେ ଖବର ନେବେ । ନୀଳମାଙ୍କୁ ଖରାପ ଲାଗୁଥିଲା ହଷ୍ଟେଲ ମେଟ୍ରୋନ ଝରଣା ମାଉସୀଙ୍କୁ ଫୋନ କରି ପୁରୁଣା ମୋବାଇଲ ବିଷୟରେ ପଚାରିବା ପାଇଁ । ସେହି ସମୟରେ ଯେତେବେଳେ ମୋବାଇଲ ଟି ହଜିଯାଇଥିଲା, ଝରଣା ମାଉସୀ ସଫା ସଫା ମନାକରି ଦେଇଥିଲେ ଫେରେଇବାକୁ । ବଡ଼ ଅଜବ ଲୋକ ସେ ଓ ତାଙ୍କ ପୁରୁଣା ହଷ୍ଟେଲ ସୁପରିନଟେଣ୍ଡେଣ୍ଟ ।

ସେତେବେଳେ ବିଜନ ର ଜିଦିରେ ବାପା ତା'କୁ ମୋବାଇଲ ଟେ କିଣିକି ଦେଇଦେଲେ କିନ୍ତୁ ନୀଳମାଙ୍କ ପାଖରେ କୌଣସି ମୋବାଇଲ ଫୋନ ନଥିଲା । ନୀଳମା ପଢୁଥିବା ଓ଼ମେନ୍ସ କଲେଜ ର ଲେଡ଼ିଜ ହଷ୍ଟେଲ ରେ ବି ମୋବାଇଲ ରଖିବା ନିଷେଧ ଥିଲା । ଯେମିତି ସେଇଟି ମୋବାଇଲ ନୁହେଁ ପରମାଣୁ ବୋମା ବା ଆଉ କିଛି ନିଷିଦ୍ଧ ପଦାର୍ଥ, ହଷ୍ଟେଲ ସୁପରିନଟେଣ୍ଡେଣ୍ଟ ସାଦିୟା ମାଡାମ ସେମିତି ହିଁ ନଜରରେ ମୋବାଇଲ ଫୋନ କୁ ଦେଖୁଥିଲେ । ମୋବାଇଲ ବ୍ୟବହାରକାରୀଙ୍କୁ ମାମ କୌଣସି ଅପରାଧୀଠାରୁ କମ ବୋଲି ଭାବୁନଥିଲେ । ତଥାପି ଝିଅମାନେ ଲୁଚେଇ ଚୋରେଇ ମୋବାଇଲ ରଖୁଥିଲେ ଓ ରାତିରେ ଚୁପଚାପ ଭିତରୁ କବାଟ ବନ୍ଦ କରି କଥାବାର୍ତ୍ତା ହେଉଥିଲେ । ମୋବାଇଲ ରଖିବାରେ ସବୁଠାରୁ ବଡ଼ ଅସୁବିଧା ଥିଲା ତାର ବ୍ୟାଟେରୀ ଚାର୍ଜ କରିବା । ହଷ୍ଟେଲ୍ ରୁମ୍ ରେ କୌଣସି ପ୍ଲଗ ପଏଂଟ ନଥିଲା । ଯିଏ ମୋବାଇଲ ରଖୁଥିଲା ସେ କଲେଜ ରେ ବା ନିକଟସ୍ଥ ଅନ୍ୟ ଏକ ଛାତ୍ରୀନିବସରେ ଦିନ ବେଳେ ଯାଇ ବ୍ୟାଟେରୀ ଚାର୍ଜ କରେଇ ଆଣୁଥିଲା । ନୀଳମା

ଅନେକଥର ସାଦିୟା ମାମ ଙ୍କୁ ମୋବାଇଲ ଉପରୁ ନିଷେଧାଦେଶ ଉଠେଇଦେବାକୁ ଅନୁରୋଧ କରିଛନ୍ତି କିନ୍ତୁ ମାମ ଆହୁରି ବେଶି ଉତକ୍ଷିପ୍ତ ହୋଇଛନ୍ତି ବରଂ ଅନୁରୋଧ କିନ୍ତୁ ରକ୍ଷା କରିନାହାଁନ୍ତି । ଗୋରି ଛୁପି ମୋବାଇଲ ରଖିବାକୁ ନୀଳମା ପସନ୍ଦ କରୁନଥିଲେ ସେଥିପାଇଁ ସେ ମୋବାଇଲ ଟେ ରଖିବେନାହିଁ କହି ବାପାଙ୍କୁ ମନାକରି ଦେଇଥିଲେ ।

ନୀଳମା ବି.ଏସ୍ ସି ଫାର୍ଷ୍ଟ ଇୟର ରେ ଥିଲେ ବିଜନ ମାଟ୍ରିକ ରେ ୯୧ ପ୍ରତିଶତ ମାର୍କ ରଖି ପ୍ଲସ ଟୁ ପଢିବାକୁ ଗାଁରୁ ସହରକୁ ଆସିଲା । ନୀଳମାଙ୍କ ଓ୍ୱମେନ୍ସ କଲେଜ ଠାରୁ ବିଜନର କଲେଜ ପାଞ୍ଚ କିଲୋମିଟର ଦୂର ଥିଲା । ବିଜନ ପ୍ରାୟ ସବୁଦିନ ସାଇକେଲ ଚଲେଇ ଅପା ପାଖକୁ ଗ୍ଲିଆସେ । ବିଜନର ହଷ୍ଟେଲରେ ମୋବାଇଲକୁ ନେଇ କୌଣସି ନିଷେଧାଦେଶ, ଅସୁବିଧା ନଥିଲା । ସେଥିପାଇଁ ସେ ବାପାଙ୍କୁ କହି ତା ଜୀବନର ପ୍ରଥମ ମୋବାଇଲ 'ନୋକିଆ ଷୋଳଶହ' କିଣିଥିଲା । ଯେତେବେଳେ ବି ସେ ନୀଳମାଙ୍କ ପାଖକୁ ଆସୁଥିଲା ନୀଳମା ଆଗ ଦଶ ପନ୍ଦର ମିନିଟ ବିଜନର ମୋବାଇଲରେ ସାପ ଖେଳ ଖେଳୁଥିଲେ ଓ ପରେ ବାପାଙ୍କୁ ଫୋନ କରି କଥାହେଉଥିଲେ ।

ବିଜନ ବଡ଼ ଯତ୍ନରେ ନିଜ ମୋବାଇଲ ଟି ରଖିଥିଲା । ଏ ଭିତରେ ଏଫ୍.ଏମ୍ ରେଡ଼ିଓ, ବ୍ଲୁଟୁଥ୍, କ୍ୟାମେରା ବାଲା ମୋବାଇଲ ଆସିଯାଇଥିଲେ ମଧ୍ୟ ବିଜନ ତା' ନୋକିଆ ଷୋଳଶହ ସହ ବେଶ ଖୁସି ଥିଲା । ତା' ମୋବାଇଲ ରେ ସେ ବ୍ୟବହାର କରୁଥିବା ଏୟାରସେଲ୍ ସିମ ର ନମ୍ବର ଟି ବି ତାକୁ ବହୁତ ପସନ୍ଦ ଥିଲା । କିନ୍ତୁ କ'ଣ ହେଲା କେଜାଣି ହଠାତ ଦିନେ ବିଜନ ନୀଳମାଙ୍କ ହଷ୍ଟେଲ କୁ ଆସି ଗୋଟେ ଜରିରେ ଗୁଡେଇ ମୋବାଇଲ ଟି ଅପା ହାତକୁ ଟେକିଦେଲା । ନୀଳମା ବି ଆଶ୍ଚର୍ଯ୍ୟ ହେଇ ପଗ୍ଚରିଥିଲେ --କରେ କ'ଣ ହେଲା ? ଆମ ହଷ୍ଟେଲରେ ପରା ମୋବାଇଲ ଆଲାଉଡ ନୁହେଁ, ତୁ କ'ଣ ଜାଣିନୁ ?

--ତଥାପି ତ ସମସ୍ତେ ଲୁଚେଇ ରଖୁଛନ୍ତି ନା ? ତୁ ବି ନେ ଲୁଚେଇ ରଖିବୁ । ମୋର ଆଗକୁ ଫାଇନାଲ ପରୀକ୍ଷା । ଏ ମୋବାଇଲ ମୋତେ ଡିଷ୍ଟର୍ବ କରୁଛି । ତୁ ନେ ରଖିଥା । ପରୀକ୍ଷା ସରିଲେ ନେଇଯିବି ।

ନୀଳମା ଭାବିଲେ ପ୍ଲସ ଟୁ ପରୀକ୍ଷା ପାଇଁ ବିଜୁ ଚିନ୍ତିତ ରହୁଥିବ । ମୋବାଇଲଟି ବି ସତରେ ରହିଲେ ଅସୁବିଧା, କଏ କଏ ସବୁ ଫୋନ କରି ସମୟ ନଷ୍ଟ କରିପାରନ୍ତି । ତେଣୁ ସେ ମୋବାଇଲଟି ନିଜ ପାଖରେ ରଖିଦେଲେ ।

ନୀଳମା ମୋବାଇଲ ବହୁତ କମ ବ୍ୟବହାର କରନ୍ତି । ଦିନେ ରାତିରେ ସେ ପଢୁଥିଲେ, ତାଙ୍କ ରୁମମେଟ୍ ସ୍ୱାତୀର ମୋବାଇଲରୁ ଚାର୍ଜ ସରିଗଲା । ସେ ତା ବୟଫ୍ରେଣ୍ଡ ସହ କଥା ହେଉଥିଲା ଆଉ କିଛି କଥା ଅଧା ରହିଯାଇଥିଲା । ସେହି ଅଧୁରା କଥାକୁ ପୂରା କରିବା ପାଇଁ ସ୍ୱାତୀ ପାଗଳୀ ପ୍ରାୟ ହେଇଗଲା । ନୀଳମାଙ୍କୁ ଅନୁରୋଧ କଲା ତାଙ୍କ ନୋକିଆ ଷୋଳଶହଟିକୁ ଟିକେ ଦେବା ପାଇଁ । ନୀଳମା ପ୍ରଥମେ ମନା କରିଦେଲେ । କିନ୍ତୁ ପରେ ପରେ ସ୍ୱାତୀର ଦୁଃଖ ସହି ନପାରି ମୋବାଇଲରୁ ବ୍ୟାଟେରୀ କାଢି ସ୍ୱାତୀକୁ ଦେଲେ । ସେହି ସମୟରେ ସ୍ୱାତୀ ନୀଳମାଙ୍କ ମୋବାଇଲରେ ନିଜ ବ୍ୟାଟେରୀ ଭର୍ତ୍ତି କରି ନେଇ ହଷ୍ଟେଲ୍ ଆକ୍ୱାଗାର୍ଡ ପାଖରେ ଚାର୍ଜ ବସେଇଦେଇ ଆସିଲା । ରାତି ବେଶି ଥିଲା, ସେଥିପାଇଁ ମୋବାଇଲ ଚାର୍ଜ ବସିବା କଥା କେହି ଜାଣିପାରିବେନି ବୋଲି ସେମାନେ ଭାବିଥିଲେ । କିନ୍ତୁ ଠିକ ଦୁଇଘଣ୍ଟା ପରେ ନୀଳମା ଓ ସ୍ୱାତୀ ଯେତେବେଳେ ମୋବାଇଲ ଆଣିବାକୁ ଗଲେ ସେତେବେଳେ ସେଠାରେ ଆଉ ମୋବାଇଲଟି ନଥିଲା ।

ସକାଳୁ ସାଦିୟା ମାମ୍ ଆସି କହିଲେ, "କାଲି ରାତିରେ ଝରଣା ମାଉସୀ ଗୋଟେ ମୋବାଇଲ ଜବତ କରିଛନ୍ତି । ଫୋନ୍ ଟା ଯାହାର ହେଇଥିବ ସେ ହଷ୍ଟେଲରୁ ରଷ୍ଟିକେଟେଡ ହେବ "। ନୀଳମା ଡରରେ କହିଲେନି ମୋବାଇଲଟି ତାଙ୍କର । କାରଣ ସେ ଜାଣିଥିଲେ ଥରେ ହଷ୍ଟେଲରୁ ବହିଷ୍କାର ହେବାର ପରିଣାମ କ'ଣ । ତାଙ୍କୁ ଆଉ କୋଉଠି ରହିବାକୁ ଜାଗା ମିଳିନଥାନ୍ତା, ପଢା ବି କମ୍ପ୍ଲିଟ୍ ହେଇପାରିନଥାନ୍ତା । ବିଜନ ସେତେବେଳେ ସବୁ ଜାଣିଲା ପରେ ବହୁତ ମନ ଦୁଃଖ କରିଥିଲା । କିନ୍ତୁ ସେ ମୋବାଇଲ ଆଉ ତା'କୁ ମିଳିନଥିଲା । ନୀଳମା ଜାଣିଥିଲେ ମୋବାଇଲ ସାଦିୟା ମାମ ନୁହଁ ଝରଣା ମାଉସୀ ରଖିଛନ୍ତି । ସେଇଟି ତାଙ୍କ ଭାଇର ମୋବାଇଲ ଓ ସେ ତାକୁ ଫେରେଇଦେବେ କହି ତାଙ୍କୁ ଯେତେ ଅନୁରୋଧ କଲେ ବି ଝରଣା ମାଉସୀ ଦେବାକୁ ରାଜିହେଲେନି । କହିଲେ, 'ମାଡାମଙ୍କ ପାଖରେ ଯାଇ

କୁହ ସେଇଟା ତୁମର, ତାପରେ ମିଳବ କ ନମିଳବ ମାଡାମ କହିବେ' । ନୀଳମା ନିରୁପାୟ ହେଇ ଚୁପଚାପ ରହିଲେ କିନ୍ତୁ ମାମ ଙ୍କ ପାଖକୁ ଗଲେନାହିଁ ।

ବିଜନ ଏଥର ବି ପୁଣି ସେହି ମୋବାଇଲ କଥା ଉଠେଇଲା ବେଳେ ନୀଳମା ବହୁତ ଚଢ଼ିଗଲେ । ଏଥର ସେ ସଫା ମନାକରିଦେଲେ ଯେ ସେ ବାଜେ ସ୍ତ୍ରୀଲୋକକୁ ସେ ଫୋନ କରିପାରିବେନାହିଁ । ଅପାର କଥାରେ ବିଜନ ବଡ଼ ବିବ୍ରତ ଦେଖାଗଲା । ଦୁଇଦିନ ପାଇଁ ଆସିଥିଲା, ଚୁପଚାପ ରହି ତୃତୀୟ ଦିନ ଓଡିଶା ପାଇଁ ଟ୍ରେନ ଧରିଲା ।

ବିଜନ ଚାକରୀ ପାଇବାର ମାସଟାଏ ହେଇନାହିଁ ତାର ବିବାହ ପାଇଁ ତାଙ୍କ ଘରକୁ ପ୍ରସ୍ତାବର ସୁଅ ଛୁଟିଆସିଲା । ବିଜନ କିନ୍ତୁ ଘରେ କହିଦେଇଥିଲା ସେ ଏବେ ଆଦୌ ବିବାହ କରିବ ନାହିଁ । ଝିଅମାନଙ୍କର ଫୋଟୋ କିମ୍ବା ବାଇଓଡାଟା ସେ ଆଦୌ ଦେଖୁନଥିଲା । କାମରେ ବହୁତ ବ୍ୟସ୍ତ ରହୁଥିଲା । ଅପା ଘରକୁ ମଧ୍ୟ ସେବେଠୁ ଆଉ ଯାଇନଥିଲା । ସେ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବାରୁ ସୋସିଆଲ ମିଡ଼ିଆରୁ ନିଜକୁ ଦୂରେଇ ରଖିଥିଲା । ଚାକରୀ ପାଇବା ପରେ ସେ ଏଇ କିଛି ଦିନ ହେବ ରାତିରେ କାମ ସାରି ସ୍ମାର୍ଟ ଫୋନ ଧରି ବସିଯାଉଥିଲା । ଫେସବୁକ ଖୋଲି କେତେଗୁଡ଼ାଏ ନାଁ ସର୍ଚ୍ଚ କରୁଥିଲା । ଆଉ ଘଣ୍ଟେ ଦୁଇଘଣ୍ଟା ଖେଳାଖେଳି କଲା ପରେ ରାଗରେ ମୋବାଇଲ କଚାଡ଼ି ଦେଇ ଶୋଇପଡୁଥିଲା । ତା'ର ଏମିତି ହାବଭାବରୁ ଲାଗୁଥିଲା ଯେ ତାର ସର୍ଚ୍ଚ କରିବା ପ୍ରତିଦିନ ବିଫଳ ହେଉଛି ।

ଦୁର୍ଗାପୂଜା ଛୁଟି ହେଲା । ନୀଳମା ଫୋନ କରି ବହୁତ ଅନୁରୋଧ କଲେ ବିଜନକୁ ବାଙ୍ଗାଲୋର ଆସିଯିବା ପାଇଁ । ବିଜନ ଗଲା । ନୀଳମା ଦୁଇଟି ସରପ୍ରାଇଜ ରଖିଥିଲେ ବିଜନ ପାଇଁ । ଗୋଟେ ହେଲା ଏକ ପୁରୁଣା ନୋକିଆ ଷୋଳଶହ ମଡେଲ ମୋବାଇଲ ଆଉ ଗୋଟେ ହେଲା ତାଙ୍କ ପାଇଁ ନୀଳମାଙ୍କର ନଣନ୍ଦ ହିସାବ ହେଉଥିବା ଏକ ଦିବ୍ୟ ସୁନ୍ଦରୀ ଝିଅର ପ୍ରସ୍ତାବ । ବିଜନ କିନ୍ତୁ କୋଉଥିରେ ବି ଖୁସି ହେଇପାରିଲାନି । ସେ ହସିଲା ଗୋଟେ ଫିକା ଫିକା ହସ ।

-ଅପା ତୁ ମୋତେ କୁନିପିଲା ଭାବିଲୁ କି ? ମୁଁ ମୋ ନିଜ ଫୋନଟା ପାଇବାକୁ ଚାହୁଁଥିଲି । ଇଏ ଗୋଟେ କ'ଣ ? ଆଉ ମୁଁ କହିଛି ନାଁ ବାହା ହେବିନି ଏବେ ।

--କିନ୍ତୁ କାହିଁକି ବିଜୁ ? ତୋର କ'ଣ କେହି ପସନ୍ଦ ହୋଇଛନ୍ତି ?

--ହଁ ହୋଇଥିଲା, ବହୁତ ଆଗରୁ । କିନ୍ତୁ ମୁଁ ତାକୁ ହଜେଇ ଦେଇଛି । ସେ ମୋବାଇଲ ଟା ମିଳିଯାଇଥିଲେ ମୁଁ ତାକୁ ପାଇଯାଇଥାନ୍ତି ।

--କିଏ ସେ ବିଜୁ ? କୋଉଠି ତାର ଘର ? ମୋତେ କହ ମୁଁ ଖୋଜିଦେବି ।

ବିଜନ ଏଥର କାନ୍ଦ କାନ୍ଦ ଦିଶିଲା । ଦୁଇ ଆଖିର ଦୁଇ କୋଣକୁ ଆଙ୍ଗୁଠି ଦୁଇର ଟିପରେ ଚୁପି ଧରିଲା ଓ ଅନେକ ଦିନରୁ ଛାତି ତଳେ ଚୁପି ରଖିଥିବା କଥାକୁ ପ୍ରଥମ କରି ଅପା ପାଖରେ ଖୋଲିକହିବାକୁ ଚେଷ୍ଟା କଲା ।

--ଅପା ତୋର ମନେ ଅଛି ମୁଁ ମୋ ସେକେଣ୍ଡ ଇୟର ରେ କହୁଥିଲି ଆମ ଫିଜିକ୍ସ ସାର ସାଙ୍ଗ ଜଣେ ନନ ଓଡ଼ିଆ ଗଭମେଣ୍ଟ ଅଫିସର ଥିଲେ ଓ ତାଙ୍କ ଝିଅକୁ ନେଇ ଆମ କଲେଜ କୁ ଆସିଥିଲେ ?

--ଆରେ ହଁ ହଁ.. କହୁଥିଲୁ । ତୁମର ପ୍ରାଇଭେଟ୍ ରେସିଡେନ୍ସିଆଲ କଲେଜ ହୋଇଥିବାରୁ ଓ ଫିଜିକ୍ସ ସାରଙ୍କ ଚିହ୍ନାଜଣା ହୋଇଥିବାରୁ ଝିଅଟାକୁ ସହଜରେ ଆଡ଼ମିସନ ମିଳିଗଲା । କ'ଣ ହେଲା ସେଇଠୁ ?

-- ସେହି ଝିଅ ଅପା, କୃତ୍ତିକା । ଏମ୍.କୃତ୍ତିକା ରାଓ । ତାକୁ ହିଁ ମୁଁ ଭଲପାଉଥିଲି ଆଉ ଆଜି ବି ଭଲପାଏ । ବାହା ହେବି ଯଦି ତେବେ କୃତ୍ତିକାକୁ ବାହାହେବି ।

--ଠିକ ଅଛି, ତା'କୁ ହିଁ ବାହା ହେବୁ । କୋଉଠି ତା' ଘର ଠିକଣା କହ, ତା' ପରିବାର ଲୋକଙ୍କ ସହ କଥା ହେବା ।

--ସେଇ ତ ଅସୁବିଧା ଅପା, ମୁଁ ତା ଘର ଠିକଣା କି ତା ବାପାଙ୍କ ନାଁ, ସେମାନେ ଏବେ ରହୁଛନ୍ତି କୋଉଠି କିଛି ବି ଜାଣିନି । ସେହି ମୋବାଇଲ ରେ ସବୁ ଥିଲା ଯାହା ଆଉ କେବେ ମିଳିବନି ।

ନୀଳମା ଆଶ୍ଚର୍ଯ୍ୟ ହେଲେ ଜାଣିକ ଯେ ସେ ମୋବାଇଲ ରେ ସବୁ କେମିତି ଥିଲା । ବିଜନ ବୁଝେଇ କହିଲା ଯେ  ସେ ମୋବାଇଲରେ ସେତେବେଳେ ଗୋଟେ ସ୍କିନଡ ଲିଷ୍ଟ ଅପ୍ସନ ଥିଲା କୃତ୍ତିକାର ମେସେଜ ସବୁ ସ୍କିନଡ୍ ମେସେଜ ହେଇ ସେଇଥିରେ ଅନରିଡ ହେଇ ରହିଯାଇଥିବ ଯୋଉଟା ସେ କମ୍ବା ନୀଳମା କେହି ଦେଖିପାରି ନାହାଁନ୍ତି ।

**--**କିନ୍ତୁ ବିଜୁ ତୁ ତାକୁ ସ୍କିନଡ୍ ଲିଷ୍ଟ ରେ କାହିଁକି ରଖିଥିଲୁ**?**

**--**ଅପା**,** କୃତ୍ତିକା ମୋତେ ଯେତେବେଳେ କହିଲା ସେ ମୋତେ ଭଲପାଏ**,** ମୁଁ ବିଶ୍ୱାସ କରିପାରିନଥିଲି । ସେ ଏତେ ସୁନ୍ଦରୀ**,** ଏତେ ବଡ଼ ଅଫିସରଙ୍କ ଝିଅ ମୋତେ କାହିଁକି ଭଲ ପାଇବ**?** କିନ୍ତୁ ତା'ର ମୋତେ ବହୁତ ବେଶି ଭଲ ପାଇବା ମୋତେ ବାଧ୍ୟ କରିଦେଲା ତା'କୁ ବିଶ୍ୱାସ କରିବା ପାଇଁ । ସେ ଭଲ ଓଡ଼ିଆ କହିପାରୁନଥିଲା**,** ମୁଁ ତା'କୁ ଶିଖାଏ । ସେ ନିଷ୍ଠାର ସହ ଏଇଥି ପାଇଁ ଶିଖେ ଯେ ଭବିଷ୍ୟତରେ ସେ ମୋତେ ବାହାହୋଇ ମୋ ସହ ରହିବ । ସେହି କିଶୋରୀ ବୟସରୁ ହିଁ ତା'ର ଏମିତି ନିଷ୍ପତ୍ତି ମୋତେ ଆଶ୍ଚର୍ଯ୍ୟ କରେ । ମୁଁ ଭୟରେ ତୋତେ କିଛି କହୁନଥିଲି ସିନା କିନ୍ତୁ କିଛିଦିନ ପାଇଁ ତୋ ଠାରୁ ଟିକେ ଦୂରେଇଯିବାର କାରଣ ହିଁ ଥିଲା ସେହି କୃତ୍ତିକା । ସେ ଭଲ ପାଠ ବି ପଢୁଥିଲା । ମୋତେ ମଧ୍ୟ କେହି ଝିଅ ଭଲପାଇପାରେ**,** ପୁଣି ଏତେ ବେଶି ଭଲପାଇ ପାରେ ଭାବିକି ମୁଁ ସବୁବେଳେ ତା'ରି ଚିନ୍ତାରେ ବୁଡି ରହୁଥିଲି । ସେ କିନ୍ତୁ ମୋତେ ସବୁବେଳେ ପଢିବାକୁ ପରାମର୍ଶ ଦେଉଥିଲା । କୃତ୍ତିକା ମୋତେ ଏତେ ଭଲପାଇବା ବୋଧେ ଆମ ବ୍ୟାଚ୍ ର କିଛି ପିଲାଙ୍କୁ ସହ୍ୟ ହେଲାନାହିଁ । ସେମାନେ ସବୁବେଳେ ମୋତେ କୃତ୍ତିକା ବିରୁଦ୍ଧରେ କହିବା ଆରମ୍ଭ କରିଦେଲେ । ମୁଁ ସେମାନଙ୍କୁ ବିଶ୍ୱାସ କରୁନଥିଲି । କିନ୍ତୁ ଥରେ ଏମିତି କିଛି ଦେଖିଲି ଯେ କୃତ୍ତିକା ସହ ସେହିଦିନ ହିଁ ସବୁ ସମ୍ପର୍କ ଛିନ୍ନ କରି ମୋବାଇଲ ଟା ଆଣି ତତେ ଦେଇଗଲି ।

**--**କ'ଣ ଦେଖିଲୁ **?**

**--**କୃତ୍ତିକାକୁ କେମିଷ୍ଟ୍ରି ଡିପାର୍ଟମେଣ୍ଟ ପଛପାଖେ ଗୋଟେ ପୁଅ ସହ ଦେଖିଲି । ସେମାନେ ହାତ ଧରାଧରି ହେଇ ପରସ୍ପରର ଖୁବ୍ ନିକଟରେ ବସିଥିଲେ । କୃତ୍ତିକା ତା କାନ୍ଧରେ ମୁଣ୍ଡବି ରଖିଥିଲା ।

--ଆରେ ସତରେ କ ? ଛିଃ.. ତାହେଲେ ପୁଣି ଏବେ ତାକୁ କାହିଁକି ଖୋଜୁଛୁ ?

--ଅପା ସେ ପୁଅ କୃତ୍ତିକାର ସାନଭାଇ ଥିଲା । ତା ମାମୁଁଙ୍କ ପୁଅ । କୃତ୍ତିକାର ଆଈ ମରିଯାଇଥିଲେ, ସେଦିନ ସେମାନେ ସେହି କଥା ପାଇଁ ପରସ୍ପର ପରସ୍ପରର ହାତ ଧରାଧରି ହେଇ କାନ୍ଦୁଥିଲେ ।

--ତୁ ଏକଥା କେମିତି ଜାଣିଲୁ?

--ଆମ ଶେଷ ପରୀକ୍ଷାଦିନ ତା ସାନଭାଇ ସହ ମୋର ଦେଖା ହେଲା, ସେ କହିଲା । ସେ ଆହୁରି ବି କହିଲା ସେମାନଙ୍କର ବଦଳ ହେଇଯାଇଛି, ସେମାନେ ଓଡିଶା ଛାଡ଼ି ଚାଲିଯାଉଛନ୍ତି । ମୁଁ ପାଗଳ ପରି କୃତ୍ତିକା ପାଖକୁ ଦୌଡ଼ିଗଲି । ସେଦିନ ତା'ସହ ତା' ବାପା ଥିଲେ । ସେ କିଛି କହିପାରିଲାନି । କେବଳ ଏତିକି କହିଲା ସେ ସବୁ କଥା ଓ ତା'ର ଠିକଣା ମୋତେ ମେସେଜ୍ କରିଦେଇଛି । ମୁଁ ତାକୁ ସ୍ପାମ୍ ଲିଷ୍ଟ ରେ ପକେଇ ଦେଇଥିଲି ସେଥିପାଇଁ ତାର କଲ ଆସିଲେ ରିଙ୍ଗ ହୁଏନ । ତୁ ବି ସହଜରେ ଜାଣିପାରୁନା । ଆଉ ମେସେଜ ବି ସବୁ ଅଲଗା ହେଇକି ସ୍ପାମ୍ ମେସେଜ ଫୋଲ୍ଡର ରେ ରହିଯାଏ। ମୁଁ ଆଦୌ ଦେଖିପାରିନି । ଅପା, ସେ ମୋବାଇଲ ଟା ହଜିଗଲାନି ଯେ କୃତ୍ତିକାକୁ ମୁଁ ହଜେଇଦେଲି । କାରଣ ତା' ନୂଆ ଠିକଣା ଆମ ବ୍ୟାଚ ର ଆଉ  କୋଉ ପିଲା ପାଖରେ ନଥିଲା । କୃତ୍ତିକା କାହା ସହ ଏତେ ମିଶୁ ବି ନଥିଲା । ସେ ହଷ୍ଟେଲରେ ରହୁନଥିଲା, ଡେ ସ୍କଲାର ଥିଲା । ଆଉ ଫିଜିକ୍ସ ସାର୍ ବି ସେହିବର୍ଷ ଓ.ଏ.ଏସ୍ ପାଇ କଲେଜ ଛାଡ଼ି ଚାଲିଗଲେ । ଅପା କୃତ୍ତିକାକୁ ପୁଣିଥରେ ଫେରିପାଇବାର ଏକମାତ୍ର ଓ ଶେଷ ଉପାୟ ମୋ ପାଇଁ ଥିଲା ସେ ମୋବାଇଲ । ମୁଁ ଆଜି ବି କୃତ୍ତିକାକୁ ସେତିକି ଚାହେଁ ଅପା, ଯେତିକି ୯ ବର୍ଷ ତଳେ ଚାହୁଁଥିଲି। ସେ ନମିଳଲେ ମୁଁ କ'ଣ ବାହା ହେଇପାରିବି?

ବିଜନ ପୁରୁଣା କଥା ସବୁ କହୁ କହୁ କାନ୍ଦି ପକେଇଲା । ନୀଳମା ବି ଲୁହ ଅଟକେଇ ପାରିଲେନି । ଏତିକି ବେଳେ ତାଙ୍କ ଘରେ କାମ କରୁଥିବା ସ୍ତ୍ରୀଲୋକ ଜଣଙ୍କ ଆସି ଟିଭି ଖୋଲି ନ୍ୟୁଜ ଚାନେଲ୍ ଦେଖିବାକୁ ନୀଳମାଙ୍କୁ କହିଲେ । ନୀଳମା ଟିଭି ଖୋଲିଲେ । ବ୍ରେକିଂ ନ୍ୟୁଜ ରେ ଦେଖାଉଥିଲା -ପତ୍ନୀଙ୍କ ପରକୀୟା ପ୍ରେମକୁ ସନ୍ଦେହ କରି ସ୍ୱାମୀ ରଚଲେ

ହତ୍ୟାକାଣ୍ଡ । ଗଳାକାଟି ପତ୍ନୀଙ୍କୁ ହତ୍ୟାକଲେ । ବାଙ୍ଗାଲୋର ର ଜଣେ ସୁପ୍ରତିଷ୍ଠିତ ବିଜନେସ ମ୍ୟାନ ତାଙ୍କ ପତ୍ନୀଙ୍କୁ ସବୁ ସମୟରେ ମୋବାଇଲରେ ଏକ ନର୍ଦ୍ଧିଷ୍ଟ ନମ୍ବର କୁ ମେସେଜ ପଠାଉଥିବାର ଦେଖୁଥିଲେ ଓ ଫେସବୁକ ରେ ମଧ କାହା ସହ ଗୃଟିଂ କରି ମେସେଜ୍ ଡିଲିଟ କରିଦେଉଥିବାର ଅନେକଦିନ ହେବ ଲକ୍ଷ କରୁଥିଲେ । ଗତ ଗ୍ତିରେ ସେହି ବିଷୟକୁ ନେଇ ତାଙ୍କର ତାଙ୍କ ପତ୍ନୀଙ୍କ ସହ ଝଗଡ଼ା ହେଲା ଓ ବ୍ୟକ୍ତିଜଣଙ୍କ ନଜର ମାନସିକ ଭାରସାମ୍ୟ ହରେଇ ପରିବାକଟା ଛୁରୀରେ ପତ୍ନୀଙ୍କ ଗଳା କାଟିଦେଲେ । ଅଧିକ ତଥ୍ୟ ପାଇଁ ପୁଲିସ ଛାନଭିନ କରୁଛି ।

ନୀଳମା ଓ ବିଜନ ନୟୁଜ ଟି ଦେଖୁଥିଲେ, ସେମାନେ ବହୁତ ବେଶି ବିବ୍ରତ ଓ ବିଚଳତ ସେତେବେଳେ ହେଲେ ଯେତେବେଳେ ଜାଣିଲେ ସେ ହତ୍ୟାକାରୀ ବ୍ୟକ୍ତିଙ୍କ ପତ୍ନୀଙ୍କର ନାମ -କୃତ୍ତିକା । ବିଜନକୁ ନୀଳମା ତାଙ୍କ ଫେସବୁକ ଆକାଉଣ୍ଟ୍ ଖୋଲିବାକୁ କହିଲେ । ବିଜନ ଏବେ ଏବେ ବ୍ୟବହାର କରୁଥିବା ନଜ ଫେସବୁକ ମେସେଞ୍ଜର ଖୋଲିଲେ । ଅନେକ ଗୁଡ଼ାଏ ମେସେଜ ସ୍ପାମ ହେଇ ରହିଥିଲା । ସେହିଟି ଖୋଲି ଦେଖିଲେ କେହି ଜଣେ **'ବିଜୁକୀର୍ତ୍ତି'** ନାମକ ୟୁଜର ଓଡ଼ିଆରେ କଛି ମେସେଜ ଦେଇଛି **-**ବିଜୁ ମୁଁ କୃତ୍ତିକା । ଏବେ ଓଡ଼ିଆ ଭଲକରି ଶିଖିଗଲିଣି । ତୁମେ କେମିତି ଅଛ **?**

ବିଜନ ମେସେଜଟା ନୀଳମାଙ୍କୁ ଦେଖେଇଲା ଓ କାନ୍ଦି କାନ୍ଦି କହିଲେ, "ଅପା, ମୁଁ ତା'କୁ କୀର୍ତ୍ତି ଡାକୁଥିଲି" । ନୀଳମା କଛି କହିପାରୁ ନଥିଲେ କନ୍ତୁ ଧିରେ ଧିରେ ବିଜନର କାନ୍ଦର ସ୍ୱର ଉଚ୍ଚ ହେବାକୁ ଲାଗିଲା । ସେ ଭେ ଭେ ହେଇ କାନ୍ଦିବାକୁ ଲାଗିଲା । ହାତରେ ଧରିଥିବା ମୋବାଇଲ ଟାକୁ ତଳେ କଗୃଡ଼ି ଦେଇ ପାଗଳ ପରି ତଳେ ଗଡିଗଲା । କାନ୍ଦୁ କାନ୍ଦୁ କହୁଥିଲା, "କୀର୍ତ୍ତି, ମୋ ସ୍ୱିଟ୍ କୃତ୍ତିକା, ଫେରିଆସ ତୁମେ .. ମୁଁ ଆଉ କେବେ ତୁମ ନମ୍ବର ସ୍ପ୍ରାମ୍ଭ ଲିଷ୍ଟରେ ପକେଇବିନ କ ବ୍ଲକ କରିବିନ । ଫେରିଆସ ତୁମେ.... "

ନନ୍ଦିପୁର, ଦଶରଥ ପୁର, ଯାଜପୁର

# ଜୀବନ ଦର୍ଶନ



ହରେରାମ ପଣ୍ଡା

ଯାହା ଦିନେ ଘଟିଥିଲା ଏ ଜୀବନେ
ତାହା ଯେ ଉଚତ ଥିଲା,
ଆଜିର ଦିନରେ ଯାହା ବି ଘଟୁଛି
ତାହା ଘଟିବାର ଥିଲା ।

ଆଗାମୀ ଦିନରେ କ ଅବା ଘଟଣା
ଘଟିବ ଏହି ଜୀବନେ,
ଭଲ ପାଇଁ ନଶ୍ଚେ ତାହା ହିଁ ଘଟିବ
ଏ କଥା ରଖିଥା ମନେ ।

କ ଅବା ତୁମର ଗଲ୍କ ହାତରୁ
କସ ଆଣିଥିଲ ତୁମେ ?
ଯାହା ବି ତୁମର ବୋଲି କହୁଅଛ
ତାହା କ ଆଣିଛ ତୁମେ ?

ତୁମେ କବା କଛି ସଷ୍ଟି କରିଅଛ
ଯା ପାଇଁ କରୁଛ ଶୋକ,
ସଷ୍ଟି କଲେ ସିନା ହରାଇବା ବେଳେ
ଲାଗଇ ମନକୁ ଦୁଃଖ !

ନେଲ ଯାହା ସବୁ ଏହିଠାରୁ ନେଲ
ଦେଇକ ଗଲ ଏଠାରେ,
ଯେଉଁ ଖାଲିହାତେ ଆସିଥିଲ ଦିନେ
ଫେରିବ ଖାଲି ହାତରେ ।

ଯାହାକୁ ନଜର ଆଜି କହୁଅଛ
ସେ ଥିଲା କାଲି କାହାର,
ପରିବର୍ତ୍ତନର ସମୟ ସ୍ରୋତରେ
ସେ ପୁଣି ହେବ କାହାର ।

ଧର୍ମ କରିଥିଲେ ଈଶ୍ୱରଙ୍କୁ ତାର
ଫଳ ମାଗିବାକୁ ହେବ,
କର୍ମ କରିଥିଲେ ଈଶ୍ୱରଙ୍କୁ ନଷ୍ଟେ
ଫଳ ଦେବାକୁ ପଡ଼ିବ ।

ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ,
କୁଆଁସ, ମେର୍ଦ୍ଧା କାଟିଆ ଛକ, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମହାନ୍ ମୋ ଐତିହ୍ୟ



ହାସ୍ୟମୟୀ ରାଜ

ଭାରତ ମୋ ଦେଶ ମହାନ୍ ଅଟେ ସେ
ମହାନ୍ ତା ପରଂପରା
ଐତିହ୍ୟ ତାହାର ଗୁଣଗାନ କରେ
ମୋ ଦେଶ କେତେ ନିଆରା ।
ତା'ର ଏକ ଅଂଶ ଓଡିଶା ମୋ ରାଜ୍ୟ
କେତେ ଯେ ତାହାର କଥା
ସାଇତି ରଖିଛି ହୃଦୟରେ ତାର
ଅନେକ ଅଭୁଲା ଗାଥା ।
ବାର ମାସ ତେର ପରବ ଭିତରେ
ଧର୍ମିୟ ଭାବନା ଭରେ
ଜଗନ୍ନାଥ ତାର ପରିଚୟ ଦିଏ
ଭାଇଚାରା କଥା କୁହେ ।
ବିଶ୍ୱ ଭ୍ରାତୃତ୍ୱର ସଂଦେଶ ଭରେ
ମହାନ୍ ତା ରଥ ଯାତ
ଦୈବୀଶକ୍ତିର ପରାକାଷ୍ଠା ତୋଳେ
ପ୍ରତ୍ୟେକଟି ଓଷା ବ୍ରତ ।

ଶକ୍ତି ଉପାସନା ବିଶ୍ୱାସ ଭରେ
ମହାନ୍ ତାହାର ତତ୍ତ୍ୱ
ଅପରିହାର୍ଯ୍ୟ ତା ପ୍ରଥା ପରଂପରା
ଶାଶ୍ୱତ ତାର ସାହିତ୍ୟ ।
କାର୍ତ୍ତିକ ପୂର୍ଣ୍ଣିମା ବାଲିଯାତ୍ରା କହେ
ସାଧବ ପୁଅର କଥା
ସାତ ସମୁଦର ତେର ନଈ ପାରି
ଦିଏ ଯେ ବାଣିଜ୍ୟ ବାର୍ତ୍ତା ।
ପ୍ରଥା ପରଂପରା ଐତିହ୍ୟ ଆମ
ଗର୍ବ ଗୌରବର ସାଥୀ
ଭାରତ ଶରୀର ଓଡିଶା ମୋ ରକ୍ତ
ଭରୁଥାଉ ସଦା ପ୍ରୀତି ॥

ଶିକ୍ଷୟିତ୍ରୀ, ଓରାଳ, ହାଟଡିହି, କେନ୍ଦୁଝର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଅତି ଆପଣାର ଗାଁ



ପ୍ରକାଶ ସାହୁ

ନୟନ ରୁ ତାର ବହିଯାଉଅଛି ଲୁହ ଧାର।
ସେହି ଅତି ଆପଣା ର ଗାଁ ହେବ ପର।

କେମିତି ଭୁଲିବ ତାର ଗାଁ ତା ସଠିଘର।
ଗାଁ ଛାଡି ଯାଉଅଛି ବୋଲି ସେ ବହୁ ଦୂର।

ପଢା ଶେଷ ପରେ ଯାଇଛି ଗ୍ଯୁକରୀ ପାଇ।
ଗାଁ ଛାଡି ଦୂର ଦେଶ କୁ ଯାଉଅଛି ସେ ଧାଇଁ।

ଅତି ଆପଣା ର ଥିଲାଟି ତା ଛୋଟିଆ ଗାଁ।
ବୋଧେ ସ୍ମୃତି ବଗିଗ୍ଚ ରେ ହଜିଯିବ ତା ନାଁ।

ସେହି କବାଡି ର ଖେଳ ମନେ ପଡୁଛି ତାର।
ଖେଳ ପଡିଆ ଯେ ହୋଇଲା ତା ସାତପର।

ସନ୍ଧ୍ୟା ହେଲେ ସେଠି ମଳୟ ଆସେ ଛାଏ।
ସାଙ୍ଗ ସାଥି ମେଳେ ନଦୀ ତଟେ ବସିଥାଏ।

ମା ପରି ତାର ଗାଁ ଥିଲା ଅତି ଆପଣା ର।
ଦୁରେ ଥାଇ ଝୁରି ହେଉଛି ଗାଁ କଲା ପର।

ଅଷ୍ଟ ପ୍ରହରୀ ରେ ଚୟିତନ୍ୟ ଆସନ୍ତି ନଗରେ।
ନ ଦେଖି ସେ ଦୃଶ୍ୟ କୁ ରହି ଅଛି ବହୁ ଦୁରେ।

କାର୍ତିକ ମାସେ ହବିଷ କରନ୍ତି ବୁଢ଼ୀ ମା ମାନେ।
ଭୋଗ ରାଗ ଧରିବା ର ମନ ଉଡେ ଗଗନେ।

ସବୁଜ ବୃକ୍ଷର ସମାହାରେ ଝଟୁ ଥାଏ ପୁରା ଗାଁ।
ଦୁର ଦେଶେ ରହି  ଭୁଲିବାକୁ ହେବ ତାର  ନାଁ।

ଖେଳବୁଲି ବଢି ଥିଲା ତୋରି ମାଟି ପବନେ।
ତୁ ସଦା  ରହିଥିବୁ  ତାର ହୃଦୟେ  ପ୍ରାଣେ।

ଅଧ ରାତି ରେ ଯେବେ ତୋ କଥା ମନେପଡେ।
ତାରା ମାନଙ୍କୁ ଦେଖି ଏକାନ୍ତ ରେ ଲୁହ ଗଡେ।

ସୂର୍ଯ୍ୟ ଅସ୍ତ ବେଳେ ପକ୍ଷୀଏ ଉଡ଼ିଯାନ୍ତି ନଡ଼ କୁ।
ଚାଷୀ ଭାଇ ଫେରେ ଗୀତ ଗାଇ ମନ କୁ।

ଶୁକ୍ଲପକ୍ଷେ ସେହି ଗ୍ରାମ ରେ ଜହ୍ନ କରଣ ପଡେ।
ସଞ୍ଜ ହୋଇଗଲେ ନବବଧୁ ଭାଗବତ ପଢେ।

ପିଲାବେଳ କଥା ଯେ ଆଜି ମନେ ପଡିଛି।
ମାନ ଅଭିମାନେ ସାଙ୍ଗ ସାଥେ କଳ ଲାଗିଛି

ଯଦି ପୁନଃ ଜନ୍ମ ଅଟଇ ବିଧାତା ର ଖେଳ।
ଆଉ ଥରେ ଜନ୍ମ ଦିଅନ୍ତୁ ଠାକୁରେ ତା କୋଳେ।

ନଭି ମୁମ୍ବାଇ

# ଜୀବନେ ଯିବିନ ହାରି



ଅନାମ ଚରଣ ସାହୁ

ଖରା ବରଷାକୁ ଭୟ ନାହିଁ ମୋର
ଏ ସୁନ୍ଦର ଧରା ପାଇଁ
ତାହାରି ହିତରେ କାମ କରୁଥିବି
ଶ୍ରମକୁ ମୋହର ଦେଇ ।
ପରିବେଶ ତାର ରଖିବି ସୁନ୍ଦର
ଯେତେ ଆସୁ ଝଡ ଝଞ୍ଜା
ଚଳବା ପାଇଁକି ଦୁନିଆରେ ପ୍ରଭୁ
ସବୁତ କରିଛ ଖଞ୍ଜା ।
ମନ ଜାଣି ମୋର ବଡ ଦୁନିଆରେ
ଯତନେ ଦେଇଛ ଗଢି
ଉଚ୍ଚ ପରବତ ନୀଳ ପାରାବାର
ସୁନ୍ଦର କୁସୁମ କଢି ।
ପାହାଡି କନ୍ୟାର ରୂପ ମନୋରମ
ପକ୍ଷୀଙ୍କ କାକଳି ସ୍ୱନ
ହୃଦୟ ତନ୍ତ୍ରୀରେ ଦିବାନିଶି ଶୁଭେ
ଓଁକାର ଶବଦ ଗାନ ।

ସେନେହ ଆଦର ଭରା ଏ ସଂସାର

ଚଳନ୍ତି ଦେବତା ଦୁଇ

ଘରକୁ ସରଗ ତୁମେ କରିଅଛ

କରୁଣା ଅପାର ଦେଇ ।

ସରଳ ମନରେ ଅତି ଯତନରେ

ଭକତି ଭାବକୁ ଭରି

କଣ୍ଟକତ ପଥ ସୁମନ ସଜ୍ଜିତ

କରିଛ ଜଗତ ହରି ।

କରିନାହିଁ ଊଣା ତୁମରି କରୁଣା

ଅନାଦି ଅନନ୍ତ ଦେବ

ଦୁଃଖ ସମୟରେ ଭରିଛ ହୃଦୟେ

ଅଚଳ ଭକତି ଭାବେ ।

ସହନ ଶକତି ଦୃଢ ଇଚ୍ଛାଶକ୍ତି

ମୋ ଦେହେ ଦେଇଛ ଭରି

ପ୍ରତିକୂଳ ସ୍ରୋତ କରିବି ଆୟତ

ଜୀବନେ ଯିବିନି ହାରି ।

ବିଭୁତିପୁର, କାକଟପୁର, ପୁରୀ

# ଢିଙ୍କି



ଆରତୀ ସାହୁ (ଆଶା)

ଲିପ୍ସା ବୁଝି ପାରେନା, " ସ୍ୱର୍ଗକୁ ଗଲେ ବି ଢିଙ୍କି ଧାନ କୁଟିବ ।" ୟାର ଭିତିରିଆ ଅର୍ଥଟା କଣ ? ସ୍କୁଲରେ ପଢ଼ିଲା ବେଳେ ଭାଇ ଏ ରୁଢ଼ିର ଅର୍ଥ ଏତେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ ତଥାପି ଲିପ୍ସା ପରୀକ୍ଷାରେ ସେଟା ଛାଡ଼ି ଦେଇ ଆସିଥିଲା । ଭାଇ ଠାଏ ଠାଏ ଦିଟା ଚଟକଣା ବସେଇ ଦେଇ ଥିଲେ ତା ଗାଲରେ । ଗାଲକୁ ଆଉଁସୁ ଆଉଁସୁ ସେ ମନେ ମନେ ଭାବିଥିଲା, ଆଉଥରେ ବି ଯଦି ପରୀକ୍ଷାରେ ଏହା ପଡେ ସେ ଛାଡ଼ି ଦେଇ ଆସିବ ।

ଲିପ୍ସାର ଗୋଟିଏ ଅଭ୍ୟାସ, ଯେ ପର୍ଯ୍ୟନ୍ତ କୌଣସି ପାଠକୁ ସମ୍ପୂର୍ଣ୍ଣ ଭାବେ ବୁଝି ନ ପାରିବ ସେ ସେହି ପ୍ରଶ୍ନକୁ ଆଟେମଟ୍ ମଧ୍ୟ କରିବ ନାହିଁ, ପଛେ ଫେଲ ହେଇ ଯିବ । ଆଉ ସବୁ ପାଠରେ ସେ ସର୍ବାଧିକ ନମ୍ବର ଆଣିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ କମ୍ ନମ୍ବର ଆଣେ । କାରଣ ଏହି ଲୋକୋକ୍ତି ଓ ରୁଢ଼ି ପ୍ରୟୋଗ ।

ତିନି ଭାଇ ତଳେ ଏକମାତ୍ର ଭଉଣୀ ଲିପ୍ସା । ବେଶ୍ ଗେଲବସର । ଭଲ ପଢେ ମଧ୍ୟ । ବାପା କହନ୍ତି, ଲିପ୍ସା ଖୁବ୍ ରୋଜଗାର କରିବ, ସେ ତାଙ୍କ ପୁଅ ମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହେଁ ।

ଲିପ୍ସା ଘର କାମରେ ମଧ୍ୟ ଧୁରନ୍ଧର । ମାଆର ବାତ ବେମାରୀ ବାହାରିଲା ଲିପ୍ସା ମାତ୍ର ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ । ସ୍କୁଲରୁ ଆସି ମାଆକୁ ସବୁ କାମରେ ସାହାଯ୍ୟ କରେ । କେବେ କେବେ ସମ୍ପୂର୍ଣ୍ଣ ଘରର ଦାୟିତ୍ୱ ନେବାକୁ ପଡେ, ମାଆ ବେଶି ଅସୁସ୍ଥ ହେଲେ । ମାଆ ଠିକ୍ ଥିଲେ ମଧ୍ୟ ତାକୁ ଭଲ ଲାଗେନା, ସେ ଏକା କାମ କରୁଥିଲେ । ଭାଇ ମାନେ ଯଦି ସାହାଯ୍ୟ କରିବାକୁ ଆସନ୍ତି ତାକୁ ମାଡ଼ି ପଡେ ।

"ଲିପ୍ସା , ମୋ ଜୋତାଟା ଆଣିଲୁ ମାଆ ।"

"ଲିପ୍ସା , ଆଜି ମୋର ଦୁଇଜଣ ସାଙ୍ଗ ଆସିବେ । ଚକେନ୍ ଟା ଟିକେ ବଢ଼ିଆ କରି ରାନ୍ଧିବୁ ।"

"ସେତିକ ମୋଡ଼ିଥା ମାଆ ମୋତେ, କାଲି ପା ପରୀକ୍ଷା, ଯା ଟିକେ ପଢ଼ିବୁ ।"

ଲିପ୍ସା ଇଞ୍ଜିନୟରିଂ ପଢ଼ିଲା । ତାପରେ ମେନେଜମେଣ୍ଟ କଲା । ମାଇକ୍ରୋସଫ୍ଟ କମ୍ପାନୀର ମ୍ୟାନେଜିଂ ଏକ୍ଜିକ୍ୟୁଟିଭ ହେଲା । ବହୁତ ପଇସା ରୋଜଗାର କଲା । ବିବାହ ମଧ୍ୟ କଲା ସେହି କମ୍ପାନୀରେ କାମ କରୁଥିବା ବିନୋଦଙ୍କୁ ।

ବର୍ତ୍ତମାନ ସେ ଗୋଟିଏ ବ୍ରାଞ୍ଚର ପ୍ରେସିଡେଣ୍ଟ । ସ୍ୱାମୀ ତାର ଗୋଟିଏ ପାହ୍ୟା ତଳେ କାମ କରନ୍ତି । ଘରୁ ମଧ୍ୟ କାମ କରିବାକୁ ପଡେ। ଏତେ ବଡ଼ କମ୍ପାନୀର ଦାୟିତ୍ୱ ତୁଲେଇ ସେ ଥକ ପଡେ । ବିରାଟ କୋଠା ତାର । ବାହାର କାମ କରିବା ପାଇଁ ଲୋକ ଅଛନ୍ତି । କନ୍ତୁ

ସ୍ୱାମୀ ଓ ପୁଅ ଦୁହିଁଙ୍କୁ ତା ହାତ ରନ୍ଧା ବେଶି ପସନ୍ଦ । ତା ବ୍ୟତୀତ ତାକୁ ମଧ୍ୟ ଅଲଗା କାହାର ରୋଷେଇ ପସନ୍ଦ ଆସେ ନାହିଁ । ଗରିଷ୍ଠ ଓ ତୈଳାକ୍ତ । ତାକୁ ଘୃଣା ମଧ୍ୟ ଲାଗେ ।

ଅଫିସରୁ ଆସି ସୋଫାଟାରେ ନିଜକୁ ଅଜାଡ଼ି ଦେଲା ବେଳକୁ ତାର କିଶୋର ପୁଅ ରକି ଗେହ୍ଲେଇ ହୋଇ କହିଲା, "Mumma, I have invited some of my friends tonight, please prepare some thing very tasty for dinner."

ଇଆଡେ ବିନୋଦ କହୁଥାନ୍ତି, "ଲିପ୍ସା ମୋର ସେ ହ୍ୱାଇଟ ଟି ଶର୍ଟ ଟା କୋଉଠି ରଖିଛ କୁହ ତ ।"

ଆଠବର୍ଷର ସାନପୁଅ ଚଲୁଉଥାଏ, "ମାମା ଏ ମୁହାବରା ଗୁଡାକର meaning କଣ ? ହିନ୍ଦୀ ନା ଗ୍ରେପା । କାଲା ଅକ୍ଷର ଭୈଁସ ବରାବର ......'"

ବିନୋଦଙ୍କ ଆଲମାରୀ ଭିତରେ ସାମନାରେ ଥୁଆ ହୋଇଥିବା ଧଳା ଟି ଶର୍ଟ କାଢୁ କାଢୁ ଲିପ୍ସା ବୁଝି ଯାଉଥାଏ ସେ ଅନ୍ ଆଟେମ୍ପ୍ଟେଡ ରୁଢ଼ି ର ପ୍ରକୃତ ଅର୍ଥ ।

####ଢେଙ୍କି ସ୍ୱର୍ଗ କୁ ଗଲେ ବି ଧାନ କୁଟିବ ####

ବସନ୍ତ ବିହାର, ନୂଆ ଦିଲ୍ଲୀ

# ତୃଷ୍ଣା ଓ ତୃପ୍ତି



ନୂତନ କୁମାର ବେହେରା

-= ତୃଷ୍ଣା =-

ହୃଦୟର ସାତ ସମୁଦ୍ରରେ ଉଠେ
ସପନର ଅସରନ୍ତି ତରଙ୍ଗ,
ଛୁଇଁବାକୁ ଆଶାର ବେଳାଭୂମି
ଅନବରତ ନାଚ ନାଚ ଆସେ
ସାଥେ ନେଇ କେତେ ପ୍ରସଙ୍ଗ।
ଜୀବନ ଯୌବନର ମଧୁବନେ
ଫଗୁଣର ମହକଭରା ମାଦକତା,
ମନ ପ୍ରାଣକୁ ପୁଲକିତ କରି
ଇନ୍ଦ୍ରିୟର ସୁଖ ଲାଳସାରେ
ଭରି ଦିଏ ଅପୂର୍ବ ଆବେଗତା।
ମନ ଆକାଶର ରଙ୍ଗ ବଦଳେ
ଘନ ଘନ ଉଙ୍କି ମାରେ ଇନ୍ଦ୍ରଧନୁ,
ସତେକି ଜୀବନର କିଛି ମୂଲ୍ୟ ନାହିଁ
ପାର୍ଥିବ ଜଗତର ଆନନ୍ଦ ବିନୁ ?
ଭୋଗ ବିଳାସ ଐଶ୍ୱର୍ଯ୍ୟ ପ୍ରାଚୁର୍ଯ୍ୟ

ହୋଇ ଯାଏ ଜୀବନର ମାପକ,
ସ୍ୱାର୍ଥରେ ସର୍ବସ୍ୱ କେନ୍ଦ୍ରୀଭୁତ ହୁଏ
ଅନ୍ୟ କଛି ନାହିଁ କାମନା ବ୍ୟତିରେକ ।
ଏ ତୃଷ୍ଣା ମାନସିକତାଏ ଏକ ସତ୍ତା
ଆତ୍ମ ପ୍ରତ୍ୟୟକୁ କରେ ଦିଗ୍ ଭ୍ରଷ୍ଟ,
ସ୍ଖଳତ୍ୱ ପ୍ରକାଶରେ ଥାଏ ସଦା ରତ
ସହି ଜନ୍ମ ଜନ୍ମାନ୍ତରର ଯେତେ କଷ୍ଟ ।

## -= ତୃପ୍ତି =-

ଆତ୍ମ ସନ୍ତୋଷ ଶାନ୍ତି ବୈରାଗ୍ୟତା
ଅନ୍ତଃକରଣକୁ କରେ ଶୁଦ୍ଧ ବୁଦ୍ଧ,
ସଂସ୍କାର ଆଣି ସଂସ୍କୃତିର କରେ ବିକାଶ
ଆଧିଭୌତିକତାକୁ କରି ଅବରୁଦ୍ଧ ।
ପରିପୂର୍ଣ୍ଣତାରେ ଦିଏ ନଜସ୍ୱ ପରିଚୟ
ସ୍ଥିର ଚତ୍ତ ତା' ସଂଯମତାର ପ୍ରଦର୍ଶକ,
ବ୍ୟଷ୍ଟିରେ ସମଷ୍ଟିର ସତ୍ତା ଅନୁଭବ କରେ
ସାର୍ା ସଂସାରକୁ ମଣେ ଏକ ।
ନମିତ୍ତ ମାତ୍ରର ଅନଶ୍ଚିତ ଜୀବନ ପାଇଁ
ହୁଏ ନାହିଁ କେବେ ତିଳେ ବିଚଳତ,
ସମୟ ସ୍ରୋତର ପ୍ରବାହରେ ଧୈର୍ଯ୍ୟ ଧରି
ଆକସ୍ମିକତା ପ୍ରତି ରହେ ସଦା ଶାନ୍ତ ।
ପ୍ରକୃତି ବିରୁଦ୍ଧରେ ସାଜେ ନାହିଁ ଶତ୍ରୁ

ମିତ୍ର ହୋଇ ରହିଥାଏ ଅନୁଗତ,
ସୃଷ୍ଟିର ସୂକ୍ଷ୍ମ ତତ୍ତ୍ୱ ଅନୁଧ୍ୟାନ କରି
ନିଷ୍ଠାର ସହିତ ପାଳେ ଜୀବନ ବ୍ରତ।
ଈର୍ଷା ହିଂସା ଦ୍ୱେଷ ପରଶ୍ରୀକାତରତା
ଆସୁରିକ ଅବଗୁଣ କରି ପରିତ୍ୟେଯ୍ୟ,
ସମ ଭ୍ୱାପନ୍ନ ନିରପେକ୍ଷ ଦୃଷ୍ଟି ରଖି
ଭଗବତ୍ ଦର୍ଶନରେ ହୁଏ ଆର୍ଯ୍ୟ।
ତୃପ୍ତି ତା' ହୃଦୟର ଚିରନ୍ତନ ସତ୍ୟ
ସୂର୍ଯ୍ୟ ସମ ହେଉଥାଏ ଜାଜ୍ଜ୍ୱଲ୍ୟମାନ,
ଦେଖି ପ୍ରତି ଘଟେ ନାରାୟଣଙ୍କ ବ୍ରହ୍ମ ରୂପ
ତାଙ୍କ ଭକ୍ତିରେ ସାର୍ଥକ କରେ ଜୀବନ।

କୋହି, ଗଡ଼ିଆ, ମୟୂରଭଞ୍ଜ

**ବେଦାନ୍ତୀର ହ୍ୱାଟସଆପ୍ ଗ୍ରୁପ୍ ରେ ମେମ୍ବର ହେବାପାଇଁ ୯୫୯୪୯୯୩୭୩୩ ରେ ମ୍ୟାସେଜ୍ ପଠାନ୍ତୁ।**

# ଭିନ୍ନ ଏକ ପୃଥିବୀର ଅନ୍ୱେଷଣ



ସୁମିତ୍ରା ପୃଷ୍ଟି

ବେଳେବେଳେ ଇଚ୍ଛାହୁଏ
ଆକାଶକୁ ଛୁଇଁବାକୁ
ସ୍ୱର୍ଗକୁ ନିଶୁଣି ଲଗାଇ
ଚନ୍ଦ୍ରପାଖେ ପହଞ୍ଚିବାକୁ
ମଙ୍ଗଳଗ୍ରହ ଯାଇ ସେଠାରେ
ନୂଆ ଏକ ଦୁନିଆ ଗଢିବାକୁ ।

ଯେଉଁଠି ନଥିବ ଭୋକ, ଶୋଷ
ବିଶ୍ୱାସ-ଅବିଶ୍ୱାସ,ରୋଗ-ଦୁଃଖ
ଲୋଭ-ମୋହ, କାମ-କ୍ରୋଧ
ଆଶା-ନିରାଶା ଓ ଅଭାବର ସ୍ଥାନ ।

ବେଳେବେଳେ ଇଚ୍ଛାହୁଏ କଲମଛାଡି
କୁହୁକବାଡି ଧରିବାକୁ
ସବୁ ରତ୍ନାକର ମାନଙ୍କୁ
ବାଲ୍ମୀକରେ ପରିଣତ କରିଦେବାକୁ ।

ବେଳେବେଳେ ଇଛାହୁଏ
ସାଜିବାକୁ ଗୁପ୍ତଚର
ଏବଂ ରଜାଙ୍କ ହାତରେ ଧରେଇଦେବାକୁ
ସବୁଠକ, ଅଯୋଗ୍ୟ ଓ ସୁବିଧାବାଦୀମାନଙ୍କୁ।

ବେଳେବେଳେ ଇଛାହୁଏ
ଅମାବସ୍ୟାରେ ଅଗି ଜାଳବାକୁ
ପୃଥିବୀକୁ ଆଲୋକିତ କରିବାକୁ
ଦୂରକରିବାକୁ ସମସ୍ତଙ୍କ ଅଜ୍ଞାନତା
ଏବଂ ଦେଖାଇଦେବାକୁ
ଅନ୍ଧାରରେ ବିଚରଣ କରୁଥିବା
ସବୁ ଛଦ୍ମବେଶୀ ରାକ୍ଷସମାନଙ୍କ ମୁହଁକୁ।

ଗବେଷିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ଦୋଷୀର ଆତ୍ମ କଥା ...



ବିଜୟ କୁମାର ପଣ୍ଡା

## (ଧାରାବାହିକ କ୍ଷୁଦ୍ର ଉପନ୍ୟାସ)

### ପ୍ରଥମ ଭାଗ -୧

ରେଭେନ୍ସା କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ଶେଷ ବର୍ଷ ପରୀକ୍ଷା ଦେଇ ସାରି ଦୀର୍ଘ ଛ'ମାସ ପରେ ଘରକୁ ଆସିଛି ପ୍ରଶାନ୍ତ । ମେଧାବୀ ଛାତ୍ର ହିସାବରେ ବହୁତ କୃତି ମୁନାର । ମା'ର ଗେଲ୍ହା ପୁଅ କିନ୍ତୁ ବାପାଙ୍କଠୁଁ ସବୁବେଳେ ଗାଳି ଶୁଣେ ପ୍ରଶାନ୍ତ । ଆଜି ତାର ପସନ୍ଦ ମୁତାବକ ଶାଗ, ବଡି ଭଜା, ସୋରିଷ ଦିଆ ମାଛ ତରକାରୀ ସାଙ୍ଗକୁ ପଖାଳ ଭାତ ବାଢି ଦେଇଛନ୍ତି ମା ପାର୍ବତୀ । ବହୁତ ଦିନ ପରେ ମା ହାତ ରନ୍ଧା ସୁସ୍ୱାଦୁ ଖାଦ୍ୟ ମିଳିଛି, ଅତି ଖୁସିରେ ଖାଇସାରି ହାତ ଧୋଇଲା ପ୍ରଶାନ୍ତ । ଦୁଇ ବର୍ଷ ହେଲା ଗାଁ ଛାଡି ସହର ହଷ୍ଟେଲରେ ରହି ପାଠ ପଢୁଛି । ଆଗ ଭଳି ଆଉ ସାଙ୍ଗ ମାନଙ୍କ ସହ ମିଶି ଜମା ଦୃଷ୍ଟାମି କରୁନି । ଗାଁ ଦାଣ୍ଡ ଉଠାନ୍ତି ପକାନ୍ତି ପ୍ରଶାନ୍ତ ଆଉ ତାର ସାଙ୍ଗ ମାନେ ମିଶି, କିନ୍ତୁ ଏବେ !! ଆମ୍ବତୋଟା, ପୋଖରିବାଡି, ନଈକୂଳ ଆଉ ଗାଁ ହାଟ କଉଠିକୁ ଯାଏନି ସେ । ସତେ ନିଜ ବିବେକ ତାକୁ ବାରମ୍ବାର ପ୍ରଶ୍ନ କରୁଛି ତାର କିଛି ଭୁଲ ପାଇଁ । କାହାର ବିକଳ ସ୍ୱର ତାକୁ ଆକୁଳ ଚିତ୍ତରେ ବାରମ୍ବାର ଡାକୁଛି । ସେ ନିଜକୁ କ୍ଷମା କରିପାରୁନି, "ମୁଁ ଦୋଷୀ" .. ହଁ .. ମୁଁ ହିଁ ଦୋଷୀ" ବୋଲି ତାର ବିବେକ ତାକୁ ବାଧା ଦେଉଥାଏ । ଆଜିକାଲି କେବଳ କୁଆଡେ ଯିବା ଆସିବା ବେଳେ ହିଁ ମୁନାକୁ ଯାହା ଦେଖନ୍ତି ଗାଁ ଲୋକେ । ମୁନାର ଏ ପରିବର୍ତ୍ତନ ଦେଖି ସମସ୍ତେ ଟୁପୁରୁ ଟାପୁରୁ ହୁଅନ୍ତି, ନିର୍ବିକାର ସାରଙ୍କ ପୁଅଟା ପୁରା ବଦଳି ଗଲା, ପିଲାଟା ଯେମିତି ଆଉ ମାଛି କି ମର ବୋଲି କହୁନି ।

କଏ କଏ କୁହନ୍ତି , "ଅଧିକ ପାଠର ଭାର ଯୋଗୁଁ ସେ ବଦମାସୀ କରିବାକୁ ସମୟ ପାଉନ ନହେଲେ ସେ ଏମିତି ଚୁପ ରହିବା ପିଲାକ !" ତା ଭଳ ଉଦ୍ଧତ ପିଲା ଯେ ଏମିତି ଶାନ୍ତଶିଷ୍ଟ ହୋଇଯିବ ସେ ସେ କଥା ଲୋକ ହଜମ କରିପାରୁନଥିଲେ ।

କଏ କଏ କୁହନ୍ତି "ସହରରେ ରହି ପାଠ ପଢିଲାଣି, ଆଉ କଣ ଗାଁରେ ତାର ମନ ଲାଗିବ!" କନ୍ତୁ ପ୍ରଶାନ୍ତ ର ମନରେ ଗୋଟିଏ କଥା ଘାରି ହେଉଥାଏ ବିଗତ ଦୁଇ ବର୍ଷ ହେଲାଣି, ନଦ ହଜିଯାଇଛି ତାର । ତାକୁ ଦୁନଆଟା ଖାଁ ଖାଁ ଲାଗୁଥାଏ । ସବୁଥାଇ ବି ଯେମିତି ବହୁତ କଛି ହରାଇଲା ଭଳ ଲାଗେ ତାକୁ । ଯେମିତି ସେ କାହାକୁ ମନେ ମନେ ଖୋଜି ହେଉଥାଏ । ବାପାଙ୍କୁ ଭାରି ଡର ପ୍ରଶାନ୍ତ ର, ଭଲ ପାଠ ପଢେ ବୋଲି ବାପା ତାର କଛି ଦୃଷ୍ଟାମିକୁ ଅଣଦେଖା କରନ୍ତି ସତ କନ୍ତୁ ସବୁବେଳେ ତାଗିଦ କରନ୍ତି, ମାଡ ବି ମାରିଛନ୍ତି ଅନେକ ଥର । ମେଧାବୀ ଛାତ୍ର ହେଲେ ବି ବାପାଙ୍କର ଗେହ୍ଲା ପୁଅ ହେବାର ସୌଭାଗ୍ୟ ପାଇନ ପ୍ରଶାନ୍ତ ତାର ନଜ ଉଦ୍ଧତାମୀ ପାଇଁ ।

ଗାଁ ସ୍କୁଲ ରେ ଶିକ୍ଷକତା କରନ୍ତି ନରାକାର ବାବୁ। ବହୁତ ସଚ୍ଚୋଟ ଓ ନଷ୍ଠାପର ଲୋକ ସେ, ଗାଁ ରେ ବହୁତ ଖାତିର ତାଙ୍କର । ସମସ୍ତ ଅଭିଭାବକ, ଛାତ୍ର ଛାତ୍ରୀ ଏମିତି କ ସ୍କୁଲ ର ଅନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ ମାନେ ନରାକାର ବାବୁଙ୍କ ଶିକ୍ଷକତା, ଛାତ୍ର ମାନଙ୍କ ପ୍ରତି ସ୍ନେହ ପ୍ରେମ, ଦାୟିତ୍ୱ, ସମୟାନୁବର୍ତୀତା, ନଷ୍ଠାପରତା ଆଦି ଗୁଣର ଭୁଇୟସୀ ପ୍ରଶଂସା କରନ୍ତି କନ୍ତୁ ନରାକାର ବାବୁଙ୍କର ଦୁଃଶ୍ଚିନ୍ତା ଥିଲା ତାଙ୍କର ବଡ ପୁଅ ପ୍ରଶାନ୍ତ ର ଉଦ୍ଧତାମି ଓ ସାନ ପୁଅର ସ୍ବୃ ତି। ନରାକାର ବାବୁଙ୍କ ସ୍ତ୍ରୀ ପାର୍ବତୀ, ବଡ ପୁଅ ପ୍ରଶାନ୍ତ ଓ ସାନ ପୁଅ କୁନାକୁ ନେଇ ଛୋଟିଆ ପରିବାର । ନଦୀପାଖେ ତାଙ୍କର ଘର, ବାଡି ପଟେ ଗୁରିଟି ନଡିଆ ଗଛ ଆଉ ବାଡିରେ କଛି ପନପରିବା ଗଛ ବି ଲଗେଇ ଥାନ୍ତି। ବସିବା ଲୋକ ନୁହେଁ ସେ, ସେଥିପାଇଁ ବରକୋଳ ଗଛ, ପିଜୁଳ ଗଛ, କଦଳୀ ଗଛ, ଅମୃତ ଭଣ୍ଡା ଆଦି କେତେ ପ୍ରକାର ଗଛ ଲାଗିଥାଏ ବାଡିରେ । ପାର୍ବତୀ ଜଗନ୍ନାଥଙ୍କ ବଡ ଭକ୍ତ, ସକାଳୁ ସକାଳୁ ପୂଜା ପାଇଁ ଫୁଲର ଦରକାର ଆବଶ୍ୟକ । ସକାଳୁ ଉଠି ଗାଧୋଇ ପାଧୋଇ ଜଗାକୁ ଫୁଲ, ଚନ୍ଦନ, ଧୂପ, ଦ୍ୱିପ ଦେଇ ନୈବେଦ୍ୟ ଦେଲା ପରେ ହିଁ ବାକ ଯାହା କଛି କାମ, ସେଥିପାଇଁ ସବୁଦିନ ନରାକାର ବାବୁଙ୍କୁ ଗ୍ଲାହା ଟିକେ ପିଇବା ପାଇଁ ବହୁତ ପ୍ରତୀକ୍ଷା କରିବାକୁ ପଡେ । ନରାକାର ବାବୁଙ୍କୁ ଫୁଲ ଗଛରେ ଭାରି ଶ୍ରଦ୍ଧା, ଗେଣ୍ଡୁ, ମନ୍ଦାର, କେତକୀ ଆଦି ନାନା ରକମର ଫୁଲ

ଗଛ ତାଙ୍କ ବାଡିରେ । ଗେଟ ସାମ୍ନାରେ ନାଲି ରଙ୍ଗର କାଗଜି ଫୁଲ ଯେମିତି ଘରକୁ ଆସୁଥିବା ଅଥିତିଙ୍କୁ ସ୍ୱାଗତ କରୁଥାଏ । ସ୍କୁଲରୁ ଫେରିଲ୍ ପରେ ନର୍‌କାର ବାବୁ ଦାଣ୍ଡ, ବାଡିରେ ଯେତେ ଫୁଲ ଗଛ ଅଛି ସବୁଥିରେ ପାଣି ଦିଅନ୍ତି ଆଉ ନଜେ ମାଳୀ ଭଳ ସବୁ ଗଛ ଗୁଡିକର ଭଲକରି ଯତ୍ନ ନଅନ୍ତି ।

ବଡ ପୁଅ ପ୍ରଶାନ୍ତ ମେଧାବୀ ଛାତ୍ର, ସପ୍ତମ ଶ୍ରେଣୀରେ ଏନ. ଆର. ଟି. ଏସ ପରୀକ୍ଷା ରେ ଉତ୍ତିର୍ଣ୍ଣ ହୋଇ ସ୍କଲାର୍ଶିପ ବି ପାଇଛି। ବ୍ଲକ ସ୍ତରୀୟ, ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳାରେ ତାର ବିଜ୍ଞାନ ଭିତିକ ପ୍ରୋଜେକ୍ଟକୁ ପ୍ରଥମ ସ୍ଥାନ ମିଳଛି କେତେ ଥର । ବହୁତ ଭଲ କ୍ରିକେଟ ଖେଳେ ସେ, ବହୁତ ମ୍ୟାଚ ଜିତି ଟ୍ରଫି ସହ ମାନପତ୍ର ପାଇଛି । ପାଠରେ ପ୍ରଶାନ୍ତ ଯେମିତି ସବୁଥିରେ ପ୍ରଥମ, ବାଳୁଙ୍ଗାମିରେ ରେ ବି ସେମିତି ସବୁଥିରେ ଆଗୁଆ । ଗାଁ ନଇରେ ପହଁରିବାରେ ତାର ବହୁତ ଖୁସି। ପିଲ୍ ଦିନେ ଏମିତି ସବୁ ଥର ବର୍ଷା ଋତୁର ନଇବଢି ସମୟରେ ପ୍ରତିଯୋଗୀତା ହୁଏ, ନଇବଢି ପାଣିରେ ଏକୂଳ ରୁ ସେକୂଳ କୁ କଏ କେତେ କମ ସମୟ ମଧରେ ପାର ହେଇ ପାରିବ.. ଆଉ ପ୍ରଶାନ୍ତ ସେଥିରେ ସବୁବେଳେ ପ୍ରଥମ । ଗାଁ ଦାଣ୍ଡରେ ଗିଲି ଦଣ୍ଡା ଖେଳରେ କଳଗୋଳ, ମାରପିଟରେ ବି ତାର ନାଁ ସବୁବେଳେ ଥାଏ । ସାଙ୍ଗ ମାନଙ୍କ ସହ ମିଶି କାହା ବାଡିରୁ ପିଜୁଳ ଚ୍ଚେରୀ କରି ଖାଇବା, ଆମ୍ବ ତୋଟାରେ ଏ ଗଛରୁ ସେ ଗଛ ଡେଇଁବା, କ୍ରିକେଟ ଖେଳରେ ମାରପିଟ କରିବା ଆଦିରେ ସବୁବେଳେ ମୁନାର ନାଁ ଥାଏ । ଏଥିପାଇଁ କେତେଥର ନର୍‌କାର ବାବୁଙ୍କ ମୁଣ୍ଡ ତଳକୁ ହୋଇଛି । ମୁନାକୁ ଯେମିତି ବାପାଙ୍କର ମାନ ସମ୍ମାନର କଛି ଫରକ ପଡେନ। ତା'ର ଏଇ ଦାୟିତ୍ୱହିନତା ପାଇଁ ପରିବାରକୁ କେତେ କଷ୍ଟ ସେ ନଦେଇଛି !

କାଲି ପୁଣି ଦୁଇ ବର୍ଷ ବିତିଗଲାଣି, ସେଦିନ ପ୍ରଥମ ରଜ ଥାଏ । କାଉଁଳଆ ପାଗ, ସୁଲୁସୁଲିଆ ପବନ ବହୁଥାଏ, ଆକାଶରେ ବାଦଲ ମାଳ ମାଳ । ରଜପର୍ବ ପାଇଁ ନାନା ରକମର ପିଠା ପଣା ହୋଇଥାଏ ଘରେ । ମୁନାର ମ୍ୟାଟ୍ରିକ ପରୀକ୍ଷା ଫଳ ବାହାରିଥାଏ ପୂର୍ବଦିନ, ପ୍ରଥମ ଶ୍ରେଣୀରେ ପଞ୍ଚା ଅଶି ପ୍ରତିଶତ ନମ୍ବର ରଖି ପାସ ହେଇଥାଏ ପ୍ରଶାନ୍ତ । ସେଥିପାଇଁ ନର୍‌କାର ବାବୁ ସ୍କୁଲ ପିଲ୍ ମାନଙ୍କୁ ମିଠା ବାଣ୍ଟିଲେ। ପ୍ରଥମ ରଜ, ବହୁତ ଆନନ୍ଦ ଓଲ୍ଲାସର ଦିନ । ନୂଆ ଲୁଗା ପିନ୍ଧି, ରଜ ପାନ ଖାଇ, ନଇକୂଳେ ଲାଗି ଥିବା ଦୋଳରେ କୁନ କୁନ ପିଲ୍ ଓ ଝିଅ ବୋହୁ ମାନଙ୍କ ଦୋଳ ଖେଳ ଲାଗିଥାଏ । ଗାଁ ମୁଣ୍ଡ

ବରଗଛ ମୂଳେ ବୟସ୍କ ଲୋକମାନଙ୍କର ତାସ ଖେଳ ଗ୍ଭଲିଥାଏ । ଦିନ ଯାଇ ସନ୍ଧ୍ୟା ହେଲା, ସାନଭାଇ ଓ ସାଙ୍ଗ ମାନଙ୍କ ଗହଣରେ ଦିନଟା କେମିତି କଟିଗଲା ଯେ ଜଣା ପଡିଲାନ ମୁନାକୁ । ସନ୍ଧ୍ୟାଠୁଁ ଆରମ୍ଭ ହେଲା ବର୍ଷା, ସକାଳ ଭିତରେ ଗାଁ ନଇରେ ବନ୍ୟା ପାଣି ଆସିଯାଇଥାଏ । ଉଛୁଳା ନଇର ପାଣି ଏକୂଳ ସେକୂଳ ଖାଉଥାଏ । ସକାଳୁ ନଇକୂଳ ଆଡେ ବୁଲି ଆସିଲାପରେ ପ୍ରଶାନ୍ତ ର ଖୁସି କହିଲେ ନସରେ, ଆଜି ନଇପହଁଗ୍ଭ ହେବ । ରଜ ପାଗକୁ ପରୀକ୍ଷା ଫଳର ଖୁସି, ତାର ଡେଣାରେ ଯେମିତି ପର ଲାଗିଲା ପରି ଲାଗୁଥାଏ .. ସତେ ଯେମିତି ସେ ଆକାଶରେ ଉଡିଲା ପରି ଅନୁଭବ କରୁଥାଏ । ନଇପହଁରିବା କଥା ଶୁଣିଲେ ବାପାଙ୍କଠୁ ଗାଳ ଶୁଣିବାକୁ ମିଳେ । ସେଥିପାଇଁ ସକାଳୁ ସକାଳୁ ରଜ ପିଠା ଖାଇ, ସାଙ୍ଗ ମାନଙ୍କୁ ନେଇ ବାହାରିଲା ନଇକୂଳକୁ ଦୋଳରେ ଝୁଲିବା ବାହାନା କରି ।

ସାନ ଭାଇ କୁନା ଜିଦ ଧରିଲା "ଭାଇ ମୋତେ ବି ନେଇଗ୍ଭଲ ଦୋଳରେ ଝୁଲେଇ ଦେବୁ" ।

: "ମା' ମୁଁ କୁନାକୁ ନେଇ ଦୋଳ ଖେଳ ଆସୁଛି" ବୋଲି କହି ପ୍ରଶାନ୍ତ ଯାଇ ପହଞ୍ଚିଲା ନଇକୂଳରେ । ସାନଭାଇ ସାଥେ ଦଶ ମିନଟ ଦୋଳ ଖେଳେଇ ଦେଇ ପ୍ରଶାନ୍ତ କହିଲା -

: "ତୁ ଏଇଠି ଖେଳୁଥା, କୁଆଡେ ଯିବୁନ, ମୁଁ ପାଞ୍ଚ ମିନଟରେ ଯାଇ ଆସୁଛି ନଇକୂଳ ଆଡୁ"।

ଏତିକ କହି ସାଙ୍ଗ ମାନଙ୍କ ସହ ମିଶି ନଇକୁଳ ଆଡକୁ ଛୁମନ୍ତର ହେଇଗଲା ପ୍ରଶାନ୍ତ । କୁନାକୁ ଏକୁଟିଆ କଛି ଭଲ ଲାଗିଲାନ । ବଡଭାଇ କୁ ଖୋଜି ସେ ବି ହାଜର ହେଇଗଲା ନଇକୂଳରେ । ସେତେବେଳେ ପ୍ରଶାନ୍ତ ଆଉ ତାର ସାଙ୍ଗ ମାନେ ନଇପହଁଗ୍ଭ ରେ ବ୍ୟସ୍ତ ଥାନ୍ତି ।

କୁନା ବଡ ଭାଇକୁ ଡାକ ଡାକ, ଯାଇ ନଇକୂଳରେ ବସି ପାଣି ପାଖରେ ବସି ପଡିଲା । ହାତ ବଢେଇ ଅଞ୍ଜୁଳାରେ ଅଞ୍ଜୁଳାଏ ପାଣି ଆଣୁଥାଏ ଆଉ ମୁଣ୍ଡ ଉପରେ ଛିଞ୍ଚି ହେଉଥାଏ, ଗୋଡ ବଢେଇ ପାଣିରେ ଚବ ଚବ ହେଉଥାଏ । ବଢି ପାଣିର ସୁଅ ଏକୂଳ ସେକୂଳ ଖାଉଥାଏ,

ଏମିତି ପାଣି ସହ ଖେଳୁ ଖେଳୁ ଗୋଡ ଖସିଗଲା କୁନାର ଆଉ ବଉଲୋ କହି ଜୋର ପାଟି କରି ପଡିଗଲା ନଈ ଭିତରେ । ଅଥଳ ପାଣିରେ ଉବୁଟୁବୁ ହେଉଥାଏ କୁନା, କଣ ଗୋଟେ ପାଣିରେ ପଡିଗଲା ବୋଲି ପ୍ରଶାନ୍ତ ଆଉ ତାର ସାଙ୍ଗ ମାନେ ଫେରି ଗୃହିନବାରୁ ଦେଖିଲେ କୁନାକୁ ବଢିପାଣିର ସୁଅ ଭସେଇ ନେଇଯାଉଛି। ପ୍ରାଣବିକଳରେ ଡାକ ଛାଡିଲେ ସମସ୍ତେ, ଗାଁ ଲୋକ ଯିଏ ଯୁଆଡେ ଥିଲେ ସବୁ ନାଇକୂଳେ ହାଜର ହେଲେ । କାହା ହାତରେ ଦଉଡି ତ କାହା ହାତରେ କାତ ବାଡି, ନାଉରି ବି ନା ନେଇ ହାଜର ହେଲା କିନ୍ତୁ ବଢି ପାଣିର ସୁଅ ଏତେ ପ୍ରଖର ଥିଲା ଯେ ପାଞ୍ଚ ମିନଟ ରେ କୁନା କୁ ଭସେଇ ନେଲା ଆଖି ନପାଇବା ଦୂରତାକୁ । ଦୀର୍ଘ ଏକ ଘଣ୍ଟାର ପରିଶ୍ରମ ପରେ କୁନାର ମୃତଦେହ ମିଳିଲା କିଛି ଦୂରରେ । ନିର୍ଵିକାର ବାବୁ, ତାଙ୍କ ସ୍ତ୍ରୀ ପାର୍ବତୀ କାନ୍ଦି କାନ୍ଦି ଧରାଶାୟୀ ହୋଇଯାଉଥିଲେ ।ସାନଭାଇର ମୃତ୍ୟୁକୁ ବିଶ୍ୱାସ କରି ପାରୁନଥାଏ ପ୍ରଶାନ୍ତ, ତାର ଦାୟିତ୍ୱହିନତା ଯୋଗୁଁ ତାରି ଆଖି ଆଗରେ ନଜର ଭାଇକୁ ହରେଇଲା ପ୍ରଶାନ୍ତ । ଶବଦାହ କରି ସମସ୍ତେ ଘରକୁ ଫେରିଲେ । ନିର୍ଦ୍ଧାରିତ ତାରିଖ ଓ ସମୟରେ ଶୁଦ୍ଧିକ୍ରିୟା ସମ୍ପନ୍ନ ହେଲା ।

ନିର୍ଵିକାର ବାବୁ ଯେମିତି ପୂରାପୂରି ଭାଙ୍ଗି ପଡିଥିଲେ, ସବୁବେଳେ ଅନ୍ୟମନସ୍କ ରୁହନ୍ତି । ପ୍ରଶାନ୍ତ ର କଲେଜ ଏଡମିଶନ କଥା କିଛି ଚିନ୍ତା କରୁନଥିଲେ ନିର୍ଵିକାର ବାବୁ କିନ୍ତୁ ପ୍ରଶାନ୍ତ କୁ ଆଉ ଗାଁ ରେ ରହିବାକୁ ଇଚ୍ଛା ନଥାଏ । ସାନଭାଇର ସେ ନିରୀହ ଚେହେରାଟି ସବୁବେଳେ ତା ଆଖିଆଗରେ ନାଚ ଯାଉଥାଏ । ତାର ମୃତ ଦେହକୁ ଧରିଥିବାର ସ୍ମୃତି କୁ ସେ ଭୁଲେଇ ପାରୁନଥାଏ । ଅନୁତାପରେ ତା ହୃଦୟ ସବୁଦିନ କାନ୍ଦି ଉଠେ, ରାତି ରାତି ନିଦ ହୁଏନା । ହୁଏତ ତାର ବାପା, ମା'ଙ୍କ ଠାରୁ ତାକୁ ବେଶୀ କଷ୍ଟ ହେଉଥାଏ । ଆଉ ନଇକୂଳକୁ କେବେବି ଯିବନି ବୋଲି ଶପଥ ନିଏ ।

ଇତି ମଧ୍ୟରେ ରେଭେନ୍ସା କଲେଜରେ ନାମ ଲେଖାଇବା ପାଇଁ ଫର୍ମ ପକେଇ ଦେଇଥାଏ ପ୍ରଶାନ୍ତ । କିଛି ଦିନ ଭିତରେ ରେଭେନ୍ସା କଲେଜରୁ ଆଡମିଶନ ପାଇଁ ଚିଠି ଆସେ ମୁନାକୁ, ଛାତ୍ରାବାସରେ ରହି ପଢିବା ପାଇଁ ମାକୁ ବହୁତ ଅନୁରୋଧ କରେ । ସାନପୁଅ ଗଲା ପରେ ଗୋଟିଏ ବୋଲି ପିଲା ମୁନାକୁ ଛାତ୍ରାବାସରେ ରଖି ପାଠ ପଢାଇବାକୁ ଜମା ଇଚ୍ଛା ନଥାଏ ନିର୍ଵିକାର ବାବୁଙ୍କର କିମ୍ବା ତାଙ୍କ ସ୍ତ୍ରୀ ପାର୍ବତୀଙ୍କର କିନ୍ତୁ ପ୍ରଶାନ୍ତ ର ଭବିଷ୍ୟତ ପାଇଁ

ସେମାନେ ବାଧ୍ୟ ହୁଅନ୍ତି ତାର ଜିଦ ଆଗରେ । ଶେଷରେ ନଗ୍‌କାରବାବୁ ମୁନାକୁ ନେଇ ଛାଡି ଆସିଲେ ରେଭେନ୍ସା କଲେଜ ଛାତ୍ରାବାସରେ ।

ନିଜର ଦାୟିତ୍ୱହିନତା ଯୋଗୁଁ ସାନଭାଇ କୁନା ଆଉ ଏ ଦୁନିଆରେ ନାହିଁ, ଏକଥା ପ୍ରଶାନ୍ତ କୁ ସବୁବେଳେ କଷ୍ଟ ଦେଉଥାଏ । କୁନାର ମୃତ୍ୟୁ ଘଟଣା ସେ ବହୁତ ଥର ସ୍ୱପ୍ନରେ ଦେଖିଛି, ତାକୁ ଯେମିତି କୁନା ବିକଳ ହେଇ କହୁଛି ଭାଇ ମୋତେ ବଞ୍ଚେଇ ଦେ .. ବଞ୍ଚେଇ ଦେ ଭାଇ। ଆଗ ଭଳି ଖେଳକୁଦରେ ତାର ଆଉ ସ୍ପୃହା ନଥାଏ । ପାଠ ପଢାରେ ତାର ଆଗ ଭଳି ଧ୍ୟାନ ରୁହେନି । ପ୍ରଥମ ବର୍ଷ ପରୀକ୍ଷାରେ ତାର ଖରାପ ନମ୍ବର ରହେ ଆଉ ସେଥିପାଇଁ ନଗ୍‌କାର ବାବୁଙ୍କୁ କଲେଜ ପ୍ରିନ୍ସିପାଲ ଚିଠି ଲେଖନ୍ତି ପ୍ରଶାନ୍ତ  ବିଷୟରେ ସବୁ କଥା ବୁଝିବା ପାଇଁ ।

ଏତେ ମେଧାବୀ ଛାତ୍ର ହେଇ ପ୍ରଶାନ୍ତ  କାହିଁକି ପରୀକ୍ଷାରେ ଖରାପ କରୁଛି ସେକଥା ପ୍ରିନ୍ସପାଲଙ୍କୁ ଅଡୁଆ ଲାଗୁଥାଏ । ଇତିମଧ୍ୟରେ ତାର କିଛି ସାଙ୍ଗ ମାନଙ୍କୁ ପଚାରି ବୁଝିଲେ ପ୍ରିନ୍ସପାଲ, ହେଲେ ହଷ୍ଟେଲରେ କାହାକୁ କିଛି ଏବିଷୟରେ ଜଣେଇ ନଥାଏ ପ୍ରଶାନ୍ତ । ଏଇ ଅଳ୍ପ କିଛି ଦିନ ତଳେ ହଷ୍ଟେଲକୁ ନୂଆ କରି ଆସିଥିବା ଗେଷେଇବାଲା ହରି ନନାଙ୍କର ଗାଁ ପ୍ରଶାନ୍ତର ଘର ପାଖ ପାଖି । ହରି ନନା ବୟସ୍କ ଲୋକ, ଭାରି ନରୀହ ଆଉ ସ୍ନେହୀ । ନଗ୍‌କାର ବାବୁଙ୍କୁ ସେ ଜାଣନ୍ତି । ତେଣୁ ସେ ପ୍ରଶାନ୍ତର ସାନ ଭାଇ କଥା ସହ ପୁରା ଘଟଣା ବି ଜାଣିଥିଲେ । ପ୍ରଶାନ୍ତ ସହ ଥରେ ଦୁଇଥର କଥା ହେଇଥାନ୍ତି ହଷ୍ଟେଲରେ । ଏମିତି ଦୁଃଖ ସୁଖ ଭିତରେ ପ୍ରଶାନ୍ତ ନିଜ ମନର କଥାଟି କହିଥାଏ ନନାଙ୍କ ପାଖେ ।

ଏଇ ତନାଘନା ଭିତରେ ନନାଙ୍କ ଠାରୁ ଖବରଟି ପାଇଲେ ପ୍ରିନ୍ସପାଲ ।  ପ୍ରଶାନ୍ତର ଇତିହାସ ଜାଣିବା ପରେ ସେ ତାଙ୍କର ବାପାଙ୍କର ସହ ସାକ୍ଷାତକୁ ଅପେକ୍ଷାରେ ଥା'ନ୍ତି ।

ପ୍ରିନ୍ସପାଲଙ୍କଠୁଁ ଚିଠିପାଇ ନଗ୍‌କାର ବାବୁ ଯାଇ ପହଞ୍ଚିଲେ କଲେଜରେ ସପ୍ତାହପରେ। ପ୍ରଶାନ୍ତର ପାଠ ପଢା କି ତା'ର ପୁରୁଣା ବଦମାସୀକୁ ନେଇ ନହାତି ଗୋଟେ କିଛି ବଡ଼ ଅସୁବିଧା ହେଇଛି ବୋଲି ନଗ୍‌କାର ବାବୁ ବହୁ ଚିନ୍ତାରେ ଥିଲେ । ଚିଠି ପାଇବା ଠାରୁ ନିଦ ହଜି ଯାଇଥିଲା ତାଙ୍କର ।

ପ୍ରିନ୍ସପାଲ ହରି ନନାଙ୍କୁ ଡାକ ନଗ୍ରକାର ବାବୁଙ୍କ ଆଗରେ ପ୍ରଶାନ୍ତ ବିଷୟରେ ପଗ୍ଚରି ବୁଝନ୍ତି । ନଗ୍ରକାର ବାବୁ ଓ ହରି ନନାଙ୍କ ଠାରୁ ସବୁ ଶୁଣିଲ୍ ପରେ ପ୍ରିନ୍ସପାଲଙ୍କୁ ଅସଲି କାରଣ ବୁଝାପଡିଲ୍ । ନଗ୍ରକାର ବାବୁଙ୍କୁ ଏକଥାର ଟିକେ ବି ସୁଗ୍ରଗ ନଥିଲ୍ ଯେ ପ୍ରଶାନ୍ତ ଏତେ ବଦଳ ଯିବ ବୋଲି ଆଉ ସାନଭାଇର ମୃତ୍ୟୁକୁ ନେଇ ପ୍ରଶାନ୍ତ ଏତେ ଗଭୀର ଆଘାତ ପାଇଥିବ ବୋଲି । ପ୍ରଶାନ୍ତ ନଜକୁ ଦୋଷୀ ମନେ କରୁଛି, ମନରେ ମନରେ ନଜକୁ ଧିକାର କରୁଛି ବୋଲି ହୃଦୟଙ୍ଗମ କଲ୍ ପରେ ନଗ୍ରକାର ବାବୁ ଏଥର ନଶ୍ଚିତ ହେଇଯାଇଥିଲେ ଯେ ପ୍ରଶାନ୍ତ ଜୀବନରେ ପ୍ରଥମ ଥର ପାଇଁ ସତରେ ନଜ ଭୁଲ ପାଇଁ ଅନୁତାପ କରୁଛି ଆଉ ମନେ ମନେ ବହୁତ ଆଶ୍ୱସ୍ଥ ହେଲେ । ଘରକୁ ଫେରି ପାର୍ବତୀ ପାଖରେ ସବୁ ବଖାଣିଲେ, ମା'ର ଦରଦୀ ହୃଦୟରୁ ପୁଅ ପାଇଁ ସଂବେଦନା ଆଉ ଧାର ଧାର ଅଶ୍ରୁ ଗଡ଼ିଯାଉଥିଲ୍ ନୟନରୁ । ପୁଅକୁ ଖୁସିରେ ରଖ ହେ ପ୍ରଭୁ କହି ଜଗନ୍ନାଥଙ୍କୁ ଡାକୁଥିଲେ ।

ଆଜି ପ୍ରଶାନ୍ତ ଏକ ସୁଧାର ପିଲ୍ଟିଏ, ଯିଏ ନଜର ଭବିଷ୍ୟତ ପାଇଁ ଯତ୍ନବାନ ବୋଲି ନଗ୍ରକାର ବୁଝି ଯାଇଛନ୍ତି ଆଉ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳକୁ ଅପେକ୍ଷାରତ ଅଛନ୍ତି..

କ୍ରମଶଃ.....

ବିନାୟନଗର, ବାଙ୍ଗାଲୋର
ସମ୍ପାଦକ "କନକପ୍ରଭା ", "ବୀଜୟଧ୍ୱଜା"

# ଜଗତେ ଜଣେ



ଖଗେଶ୍ୱର ବାଗ

ଆପଦେ ବିପଦେ ଏକା ସିନା ସାହା ଦିନ ଜନେ ରଖି ଥିବ
ସଖା ବୋଲି ଜଣେ ଥିଲେ ଜଗତରେ ଶ୍ରୀକୃଷ୍ଣ ସେ ହିଁ ମାଧବ ।।
ଅଥିବକୁ ଥିବ ବଢାନ୍ତି ସେ ହାତ ଅନାଥଜନଙ୍କ ନାଥ
ମେଳ ଚକାଆଖି ଗୁହାରି ଶୁଣନ୍ତି ଜଣେ ନାଥ ଜଗନ୍ନାଥ ।।
ଯୋଗୀ ବେଶ ଦରଶନେ କ ଜନନୀ ହୃଦ ହେବ ଆହ୍ଲାଦିତ
ପୁତ୍ର ହିତେ କଲେ ହୃଦୟ ପଥର ଥିଲେ ମୁକ୍ତାଦେଇ ମାତ ।।
ପତିସେବା ଯା'ର ଜୀବନର ବ୍ରତ ଆରେକ ନାହିଁ ଯା' ମନେ
ଜଗତରେ ଜଣେ ପତ୍ନି ଅନସୂୟା ବଦନ୍ତି ସକଳ ଜନେ ।।
ଭ୍ରାତା ବୋଲି ଜଣେ ଭରତ ଯେ ଥିଲେ ତେଜି ରାଜ ସୁଖାସନ
ଅଗ୍ରଜ ପାଦୁକା ହୃଦେ ସ୍ଥାନ ଦେଇ ପ୍ରତୀକ୍ଷାରେ ବିତେ ଦିନ ।।
ପିତା ମାତା ସେବା କରତବ୍ୟ ଯା'ର ଭରବୋହି ତୀର୍ଥ କରେ
ଜଗତରେ ଜଣେ ଶ୍ରବଣ କୁମାର ପୁତ୍ର ଥିଲେ ମର୍ତ୍ତ୍ୟପୁରେ ।।
ସଂସାରରେ ଜାଣ ସୃଷ୍ଟି ମଧ୍ୟେ ଶ୍ରେଷ୍ଠ ଜୀବ ଅଟେ ସିନା ନର
ବୁଦ୍ଧି ବିବେକ ଯେ ଖଞ୍ଜିଛି ଈଶ୍ୱର ନାହିଁ ତା'ର ପଟାନ୍ତର ।।
ମାତା ପୁତ୍ର ଭ୍ରାତା ଅବା ପତ୍ନି ସଖା ହେବା ଦିନେ କାଳବଳେ
ପଦର ମହତ୍ତ୍ୱ ରଖିଯିବା ଆମ୍ଭେ ଯଶ ଥିବ କାଳେକାଳେ ।।

ଖଗେଶ୍ୱର ବାଗ, ବୁଦ୍ଧିକୋମନା, ଜିଲ୍ଲା-ନୂଆପଡ଼ା

# ନିର୍ମାଲ୍ୟ ପରଶେ ହାତେ



ଶରତ ଚନ୍ଦ୍ର ଜାଲି

ନୀଳଚକ୍ର ନେତ ଉଡେ ଫରଫର
ନୀଳାଦ୍ରି ଠାକୁରଙ୍କର
ନିଶିଦିବସ ସେ ଡାକୁଛି ଭକ୍ତକୁ
ନିଜପର ନାହିଁ ତାର ।

ନିତ୍ୟକର୍ମ ସାରି ପତିତପାବନ
ନିରେଖିଲି ବେନି ଡୋଳେ
ନିଶ୍ୱାସପ୍ରଶ୍ୱାସ ରୁଧିକଲି ହୃଦେ
ନିତ୍ୟାନନ୍ଦ ପ୍ରେମ ଭୋଳେ ।

ନିତ୍ୟ ଅବୟଙ୍କୁ ଊର୍ଦ୍ଧ୍ୱବାହୁ କରି
ନିମଗ୍ନ ତା ଦିବ୍ୟନାମେ
ନିବିଡ ଭକ୍ତିରେ ନିବେଦନ କଲି
ନିରାକାର ଦିବ୍ୟଧାମେ ।

ନିର୍ଣ୍ଣୟ କଲି ମୁଁ ନିର୍ଗୁଣ ପରମ
ନିରାଧାର ପୂର୍ଣ୍ଣବ୍ରହ୍ମ

ନିର୍ବାଣ ପ୍ରଦାନେ ରତ୍ନ ସିଂହାସନେ
ନିଷ୍ଚଳ ସେ ଦାରୁବ୍ରହ୍ମ ।

ନିଷ୍ଚୟ ନିଷ୍ପାପ କରିବେ ନିର୍ମଳ
ନିଃସ୍ୱ ହୃଦୟକୁ ମୋର
ନିସ୍ତାର ନାହିଁ ମୋ ପରି ପତିତର
ନିରଞ୍ଜନ ବାରେ ଧର ।

ନିମିତ୍ତ ମାତ୍ର ମୁଁ ଭବେ ନିରୁପାୟ
ନୀଳାଞ୍ଚଳ ଧାମ ଲୀଳା
ନିଦର୍ଶନ କଲି ନିରୁପାଧି କୃପା
ନିକଟେ ଲାଗିଲା ଭେଳା ।

ନିଶାଣକୁ ଗ୍ଲହେଁ ନିତିପ୍ରତି ଯେବେ
ନିକୁଞ୍ଜବିହାରୀ ସତେ
ନିଜଞ୍ଜାଳ କରି ନିଖିଳ ସଂସାରେ
ନିର୍ମାଲ୍ୟ ପରଶେ ହାତେ ।

ପଥର, ଖଲିକୋଟ, ଗଂଜାମ

# ଫେସବୁକ



ସିଦ୍ଧେଶ୍ୱର ତ୍ରିପାଠୀ

Mark zuckerberg ଙ୍କ  କିଛି ନୂଆ କରିବାର ପ୍ରୟାସ ରୁ **2005** ରେ ସୃଷ୍ଟି ହେଲା ଫେସବୁକ ଏକ ସାମାଜିକ ଗଣମାଧ୍ୟମ  | ଯେତେବେଳେ ତାଙ୍କ ବୟସ ଥିଲା ମାତ୍ର **19** ବର୍ଷ |

ଫେସବୁକ ଆସିଲା ପରେ ବିରାଟ ପରିବର୍ତ୍ତନ ଆସିଛି ସମାଜରେ । ଫେସବୁକ ବ୍ୟବହାର କରିବାର କୌଣସି ନିର୍ଦ୍ଦିଷ୍ଟ ବୟସ ସୀମା ଅଛି କି**?** କେଉଁ ଦେଶରେ ଭିନ୍ନ ଭିନ୍ନ ନିୟମ ଥାଇପାରେ  |  ଆବାଳ ବୃଦ୍ଧ ବନିତା କିନ୍ତୁ  ସକାଳବା ସଞ୍ଜ ଦିନ ହେଉବା ରାତି ଏହାକୁ ବ୍ୟବହାର କରନ୍ତି । ସେ ସୁଖ ହେଉକ ଦୁଃଖ କଥା ଆଙ୍ଗୁଠି ଚପିଲେ ମୋବାଇଲ ଅବା କମ୍ପ୍ୟୁଟର ମାଧ୍ୟମରେ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚି ଯାଏ । ଖୁସିକୁ ଶତ ଗୁଣ କରେ ଆଉ ଦୁଖରୁ କିଛିଭାଗ ନିଶ୍ଚୟ କମାଏ |

ବିଦ୍ୟାଳୟ ମହାବିଦ୍ୟାଳୟର ସାଙ୍ଗ ଅତୀତର କର୍ମସଂସ୍ଥାନର ସହକର୍ମୀ କେଉଁ ନଦୀ ଆଉ ଦରିଆ ସେପାରିରେ ରହିଯାଇଥିବା ଅତୀତର ପ୍ରେମିକ ପ୍ରେମିକାଙ୍କୁ  ପୁଣିଥରେ ଏକାଠି କରିପାରିଛି ଏ ଫେସବୁକ ।

ନିଜ ଭିତରେ ରହିଯାଇଥିବା ଅନ୍ତର୍ନିହିତ ଗୁଣ କୁ ବିକାଶ କରିବାକୁ ପ୍ରେରଣା ଯୋଗାଏ । ବହୁ ଅତୀତରୁ କଲମ ଛାଡ଼ିଦେଇଥିବା ଲେଖକକୁ ଲେଖିବାକୁ ବାଧ୍ୟ କରେଇଛି ଏଇ ଫେସବୁକ ।

ବ୍ୟବସାୟ ହେଉ ଅବା କଳା ସାହିତ୍ୟ ସଂସ୍କୃତି କ୍ରୀଡ଼ା ଯାହାର ଯେଉଁଥିରେ ରୁଚ ବ୍ୟକ୍ତିତ୍ୱର ବିକାଶ ଦିଗରେ ଆଗେଇଯିବାକୁ ପ୍ରେରଣା ଯୋଗାଇଛି ଏଇ ଫେସବୁକ ।

ଅସହାୟକୁ ମିଳି ପାରିଛି ସାହାଯ୍ୟ ସରକାର ଆଉ ସାମ୍ବାଦିକ ମାନଙ୍କ ସହିତ ସାଧାରଣ ଜନତାଙ୍କ ଯୋଡିପାରିଛି ଫେସବୁକ । ଶିଳ୍ପପତି ହୁଅନ୍ତୁ ଅବା ଧର୍ମଗୁରୁ ରାଜନେତା ହୁଅନ୍ତୁ ଅବା ଅଭିନେତା କ କ୍ରୀଡ଼ାବିତ ଅବା ପ୍ରଶାସକ, ସମସ୍ତେ ତାଙ୍କ ମନଖୋଲି କଥା ଦିପଦ ଲେଖି ସାରା ଦୁନିଆ ଆଗରେ ନିଜ ଅନୁଭୂତିକୁ ବାଣ୍ଟି ଆତ୍ମତୃପ୍ତି ଲାଭ କରୁଛନ୍ତି ନିଶ୍ଚୟ ।

ନିଛାଟିଆ ରାସ୍ତାରେ ଦୁର୍ଘଟଣାରେ ପଡିଥିବା ବ୍ୟକ୍ତି ହେଉ ଅବା ବିରଳ ରକ୍ତ ଖୋଜୁଥିବା ରୋଗୀର ସମସ୍ୟାର ବାର୍ତ୍ତା ଏଇ ଫେସବୁକ ମାଧ୍ୟମରେ କେଇ ସେକେଣ୍ଡ ମଧ୍ୟରେ ସମସ୍ତଙ୍କ ପାଖରେ ପହଞ୍ଚି ପାରୁଛି ଏବଂ ସାହାଯ୍ୟ ମଧ୍ୟ ମିଳି ପାରୁଛି ।

ଧାନ ସହିତ ବାଲୁଙ୍ଗା ରହିଲି ଭଳି କିଛି ଅସାମାଜିକ ବ୍ୟକ୍ତିଙ୍କ କିଛି କୁ ବାର୍ତ୍ତା ଆଉ କୁକର୍ମର ପ୍ରଚାର ପ୍ରସାର ଯୁବପିଢି କାହିଁକି ସାରା ସମାଜର ସବୁସ୍ତରକୁ ପ୍ରଭାବିତ କରି କ୍ଷତି ପହଂଚାଉଛି ନିଶ୍ଚୟ । ଗାଁଠୁ ସହର ବନ୍ଧୁ ବନ୍ଧୁ ମଧ୍ୟରେ ପରିବାରର ସଦଶ୍ୟ ଙ୍କ ମଧ୍ୟରେ ଦୂରତା ବଢିଛି । କେହି କାହା ସହିତ କଥା ହେବା ଅପେକ୍ଷା ମୋବାଇଲରେ ସମୟ ଦେବାକୁ ବେଶି ପସନ୍ଦ କରୁଛନ୍ତି । ଆଉ ମିଛ ଫଟୋ ଆଉ ମିଛ ତଥ୍ୟଦେଇ ମଧ୍ୟ ଫେସବୁକ ଖୋଲି ଯାଉଛି ଯାହା ଫେକ ଆକାଉଣ୍ଟ ନାମରେ ଚର୍ଚ୍ଚିତ ଏବଂ ଭୟଙ୍କର । ଏହି ଫେକ ଆକାଉଣ୍ଟ **14**କୋଟି **50**ଲକ୍ଷ ବୋଲି ଏକ ତଥ୍ୟରୁ ଜଣାଯାଏ ।

ନାଜ ଯାଉଛି ଯାତର୍ ଦେଖ୍ ମୁଁ ଯିବି ଯାତର୍ ଦେଖ୍ ନ୍ୟାୟରେ ଅନେକ ସମୟରେ ଅନେକ ବ୍ୟକ୍ତି ଜାଣିନଥିବା ବିଦ୍ୟାରେ ହାତ ମାରି ଅପଦସ୍ତ ମଧ୍ୟ ହେଉଛନ୍ତି ।

ଅନେକ ସମୟରେ କଛି ମତ ପାର୍ଥକ୍ୟ କୁ ନେଇ ବାକ ଯୁଦ୍ଧ ଯାହାକ ଏଠାରେ କମେଣ୍ଟ ଯୁଦ୍ଧର ରୂପ ନେବା ସହିତ ଅନେକଙ୍କ ମାନ ମହତ ମାଟିରେ ପକୋଉଛି । ତାପରେ ବନ୍ଧୁତାର ନାଟକରେ ପଡୁଛି ଯବନକା ଅନଫ୍ରେଣ୍ଡ ଆଉ ବ୍ଲକ ମାଧ୍ୟମରେ । ତାପରେ ଗ୍ଲୁଥିବା ପୋଷ୍ଟ ଦୁଇ ସଉତୁଣୀ ଙ୍କ ଭିତରେ ଗ୍ଲୁଥିବା କଳହଠାରୁ ବି ଆହୁରି ଭୟଙ୍କର ।

ଟୁଇଟର, ହ୍ୱାଟ୍ସଆପ ଏମିତି ଯେତେ ସାମାଜିକ ଗଣମାଧ୍ୟମ ରହିଥିଲେ ବି ଫେସବୁକ ଯେ ସର୍ବାଦୌ ଅଗ୍ରଗଣ୍ୟ ଏହା ନସନ୍ଦେହ ।

ଏଇ ବିଂଶ ଶତାବ୍ଦୀର ପରେପରେ *ଫେସବୁକ* ଯେ ଗୋଟେ ବନ୍ଧୁର ପରିଚୟ ନେଇପାରିଛି ଏଥିରେ ସନ୍ଦେହ ନାହିଁ |

କୁଣ୍ଡିଲେ କେରଙ୍ଗ ଖୋର୍ଦ୍ଧା

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଲେଖନୀ



ନବ କୁମାର ଦାସ

ଲେଖନୀ

ଏକ ଯୁଗାନ୍ତକାରୀ ସ୍ରଷ୍ଟା

ଅତୀତ ରୁ ଭବିଷ୍ୟତ କୁ ଦେଖି

ବର୍ତ୍ତମାନ ର ପଥପ୍ରାନ୍ତ ମଞ୍ଚ ତିଆରି କରେ ...

ସଂସ୍କୃତି ପ୍ରଥା, ପରମ୍ପରା ନେଇ

ସାହିତ୍ୟ ର ବୁକୁ ସ୍ପନ୍ଦନ କରାଏ ।

ଲେଖନୀ

ଯେତେବେଳେ ଗର୍ଜଲେ

ସେମିତି ଗର୍ଜିଥାଏ

ନିନ୍ଦା, ଘୃଣା, ଅରାଜକତା, ଅପମାନ

କୂଟନୀତି, ହିଂସା ଆଦିର ପରିସମାପ୍ତି ପର୍ଯ୍ୟନ୍ତ ...

ଦରିଦ୍ରତା, ନିର୍ଯାତନା ର କରିଦେଇ ଅନ୍ତ ...

ଲେଖନୀ

କେବେ ବାରମାସ ବରରଙ୍ଗୀ ପ୍ରାଙ୍ଗଣର

ଷଡଋତୁ ରେ ସଜେଇ ହୁଏ

ନିଶାର୍ଦ୍ଧ ରେ ଜହ୍ନ ସହ କଥା କହେ

ସମୁଦ୍ର ବାଲିରେ ପ୍ରିୟା ପାଦ ଚିହ୍ନ ଦେଖି ...

ଅପେକ୍ଷାର ସ୍ତୁପ ତିଆରି କରେ ...

ଲେଖନୀ

ପୁଣି ଗାଁ ମାଟି ମହକ ର ମଲାଟ

ପୃଷ୍ଠା ପରେ ପୃଷ୍ଠା ଲେଉଟାଏ

ଗାଁ ପଡିଆ, କ୍ଷେତ, ପୋଖରୀତୁଠ ମନ୍ଦିର, ମଶାଣିର ସ୍ମୃତି ସାଉଁଟେ

ଶେଷରେ ସେହି ମଶାଣି ରେ ସବୁଦିନ ମିଶିଯାଏ

ପାଉଁଶ ହେଇଯାଏ ...

ତାର ଗୁଳକ ଜଣକ କୁଆଡେ ହଜିଯାଏ

କିନ୍ତୁ ଛପା ଚିହ୍ନ ସବୁ ଜିଅନ୍ତା ରହିଯାଏ ......

ଶିକ୍ଷକ, ବାଲିଆପାଳ, ବାଲେଶ୍ୱର

# ଶିଶୁ.....



ତରଙ୍ଗ ଚଣ୍ଡି

କୁସୁମ ଭଳ ପ୍ରସ୍ଫୁଟିତ ହୋଇ କ
ବିତରି ଦିଅ ହେ ବାସ
ସାଧନା ବଳ ରେ  ଶକତି ଲଭି କ
ରଚଯାଅ ଇତିହାସ  ॥
ନରୀହ ଆଖିରୁ ପୋଛି ଦେଇ ଲୁହ
ଓଠ ରେ ଫୁଟାଇ  ହସ
ମଣିଷ ପରି ମଣିଷ ଟିଏ ହୋଇ
ରଖିଯାଅ ଦେଶ ଯଶ  ॥
ଛୋଟ କୁ ଆଦର ବଡ କୁ ସମ୍ମାନ
ଜୀବନ ର ହେଉ ବ୍ରତ
ଜ୍ଞାନ ର ମଞ୍ଜି ସାଉଁଟି କ ହେ ଶିଶୁ
ଧର୍ କର ଆଲୋ୍କତ  ॥
ଧୈର୍ଯ୍ୟ ସାହାସ ରେ ଭରିଯାଉ  ହୃଦୟ
ଦେଶ ହିତେ ରହୁ ମନ
ଅଭ୍ବ ଅନ୍ୟାୟେ ଡରିବନ କେବେ
ସାଇଁ କୃପା ହେଉ ଦାନ  ॥
ଏ ଶୁଭ ତିଥିରେ ଶୁଭ୍ଶିଷ ହେଉ
ଖେଳଉଠୁ ଶିଶୁ ପ୍ରାଣ
କୁସୁମିତ ହେଉ ଚଳାପଥ ତା'ର
ଅପସରି ଯାଉ ବିଘ୍ନ। ॥

ଲିମସେର ବୃନ୍ଦାବାହାଲ,
ସାହିତ୍ୟ ସଂସଦ ଧର୍ମଗଡ

# ଗାନ୍ଧୀଙ୍କର ଦେଶ



ଶିଶିର କୁମାର ପଣ୍ଡା

ଥିଲେ ଥାଉ ଯିଏ ଯେଭଳ ବେଶରେ
ଆମେତ ସଭିଏଁ ମରିବା ଶେଷରେ ।
କଏ ଶମଶାନେ ପୋଡା ଯେ ହୋଇବ
ଆଉ କଏ ଯାଇ ଜୁଇରେ ଶୋଇବ ।
ତେବେ ଏତେ କଆଁ ଗ୍ରଗ-ଅଭିମାନ
ଦେଖାଉଛୁ ଆମେ ମୂରୁଖ ସମାନ !
ସ୍ନେହ, ପ୍ରେମ ସବୁ ଯାଇଅଛୁ ଭୁଲି
ଫାଟୁଅଛି ବୋମା ଫୁଟୁଅଛି ଗୁଳ !
ଏଇଟା କ ଆମ ଗାନ୍ଧୀଙ୍କର ଦେଶ
ଅକାଳ ଏମିତି ହୋଇଯିବ ଶେଷ ?
ଆସ ଆସ ଭାଇ ଭୁଲି ଜାତି ପ୍ରୀତି
ଗାଇବା ଏକତା ସଂହତିର ଗୀତି ।
ଆମଦେଶ ଦେବା ଯତନରେ ଗଢ଼ି
କଛି ଲ୍ଭନାହିଁ ଭାଇ ସାଥେ ଲଢ଼ି ।

କୁଆଁସ, ମେରଦା କାଟିଆ, ଯାଜପୁର

# କଂପ୍ୟୁଟର ହେ ତୁମେ ଭଗବାନ ଙ୍କ ଆଉ ଏକ ଅବତାର



ମନୋଜ କୁମାର ପଣ୍ଡା

ପୃଥିବୀ ପୃଷ୍ଠରେ ଧର୍ମ ଓ ବିଜ୍ଞାନ ମଧ୍ୟରେ ସଦାସର୍ବଦା ଦ୍ୱନ୍ଦ୍ୱ ରହିଆସିଛି। ମାତ୍ର କିଛି ବିଜ୍ଞାନୀ ଅଛନ୍ତି ଯେଉଁମାନେ ଖୁବ୍ ଧାର୍ମିକ। ସେମିତି କେତେକ ଧର୍ମବିଶ୍ୱାସୀ ବ୍ୟକ୍ତି ମଧ୍ୟ ବିଜ୍ଞାନକୁ ଏକ ଭିନ୍ନ ଦୃଷ୍ଟିରେ ଦେଖନ୍ତି ଏବଂ ଆଧୁନିକ ବିଜ୍ଞାନର ପ୍ରତ୍ୟେକଟି ସଫଳତାକୁ ସ୍ୱୀକାର କରନ୍ତି। ସମ୍ପ୍ରତି, କମ୍ପ୍ୟୁଟରଠାରୁ ଆରମ୍ଭ କରି ଜୀବଜଗତର କଲମୀକରଣ ପର୍ଯ୍ୟନ୍ତ, ଆମେ ଯେଉଁଭଳି ଭାବେ ବିଜ୍ଞାନ କ୍ଷେତ୍ରରେ ସଫଳତା ହାସଲ କରିପାରିଛୁ, ସେ ସବୁର ଚମତ୍କାରିତା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି। ତେବେ ଧାର୍ମିକ ବିଶ୍ୱାସ ନେଇ ଏ ସବୁକୁ ଦେଖିଲେ ଆମେ କ'ଣ କହିବା ?

ଶ୍ରୀମଦ୍ ଭଗବତ୍‌ଗୀତାର ଜ୍ଞାନଯୋଗରେ ଥିବା ସପ୍ତମ ଅଷ୍ଟମ ପରିଚ୍ଛେଦରେ ଭଗବାନ ଶ୍ରୀକୃଷ୍ଣ ବିଷାଦଗ୍ରସ୍ତ ଅର୍ଜୁନଙ୍କୁ ମହାଭାରତ ଯୁଦ୍ଧ କ୍ଷେତ୍ରରେ ବୁଝାଉଛନ୍ତି –

"ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍।
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍,
ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।"

ଅର୍ଥାତ୍ ସତ୍ୟଧର୍ମ ବିନାଶ ହେଲେ ଅଧର୍ମ ବଢ଼ିଲେ ମୁଁ ଧର୍ମ ରକ୍ଷା ଅର୍ଥେ ସଂସାରକୁ ଆସେ। ମୋର ଜାତି ଅଜାତି, ବ୍ରାହ୍ମଣ, ଚଣ୍ଡାଳ ଭେଦଭାବ କିଛି ନାହିଁ। ସମସ୍ତେ ମୋର ସମାନ। ମୋର ଶକ୍ତି ବଳରେ ଅଧର୍ମ ବିନାଶ ହୋଇ ଧର୍ମଭାବ ପୃଥିବୀରେ ଜାତ ହୁଏ ।

ଆତତାୟୀ, ଗର୍ବୀ, ଖଳ, କୁଟିଳ, ସଂସାରର ଅମଙ୍ଗଳକାରୀ ପାପୀମାନଙ୍କୁ ବିନାଶ କରି ସାଧୁଙ୍କୁ ରକ୍ଷା କରିବାକୁ ମୋହର ଚତଶକ୍ତି ବଳରେ ମୁଁ ସଂସାରକୁ ଆସେ। ଏଠାରେ ସାଧୁମାନଙ୍କୁ ରକ୍ଷାକରି ଏବଂ ପାପୀମାନଙ୍କୁ ବିନାଶ କରି ପୁନର୍ବାର ଧର୍ମ ସ୍ଥାପନ କରେ।

ଯୁଗେ ଯୁଗେ ଭଗବାନ ବିଭିନ୍ନ ରୂପ ଓ ଅବତାରରେ ଏ ଧରା ପୃଷ୍ଠକୁ ଓହ୍ଲାଇ ଆସିଛନ୍ତି। ଏଠାରୁ ଦୁଃଖ, କ୍ଲେଶ, ପାପ, ଭୟ ଓ ନର୍ଯ୍ୟାତନାର ବିନାଶ କରିବା ପାଇଁ। ଭଗବାନଙ୍କ ଦଶଟି ଅବତାର ଯଥା - ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଲ୍କି ଉପାଖ୍ୟାନ ଆମେ ଜାଣୁ। ବିଭିନ୍ନ ସମୟରେ ଭଗବାନ ଏହି ସବୁ ଅବତାର ଗ୍ରହଣ କରି ଏ ମର୍ତ୍ତ୍ୟଧାମକୁ ପାପଭାରରୁ ମୁକ୍ତ କରିଥିଲେ। ଏସବୁ ଆମର ଧର୍ମ ବିଶ୍ବାସ କଥା। ଆଧୁନିକ ବିଜ୍ଞାନ ଏ ସବୁକୁ ସହଜରେ ଗ୍ରହଣ କରିପାରେନାହିଁ। ତେବେ ବିଜ୍ଞାନ ଯେଉଁଳି ଭାବେ ପ୍ରଗତି ପଥେ ଆଗେଇଚାଲିଛି, ସେଥିରେ ନାନା ପ୍ରକାର ଚମତ୍କାର ଦେଖିବାକୁ ମିଳୁଛି। ଆମ୍ବ, ଲେମ୍ବୁ, କଲମୀ ଭଳି ମେଣ୍ଢା, ମାଙ୍କଡ଼, ମୂଷା ଆଦି ପ୍ରାଣୀମାନଙ୍କର କଲମୀ କରି ଦେଖାଇଦେବା ପରେ ବର୍ତ୍ତମାନ ବିଭିନ୍ନ ପ୍ରାଣୀ ଓ ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର କଲମୀ କରିବା କଥା ଶୁଣାଗଲାଣି। ତେଣୁ ଉନ୍ନତ କଲମୀ ଦ୍ୱାରା ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ ଆଦି ଅବତାରର ମନୁଷ୍ୟ ଜନ୍ମ ଗ୍ରହଣ କରିବା କିଛି ଅସମ୍ଭବ ନୁହେଁ।

ବିଜ୍ଞାନକୁ ଉପଯୋଗ କରି ମନୁଷ୍ୟ ବର୍ତ୍ତମାନ ଅନେକ ସୁଖ, ସୁବିଧା ଓ ସ୍ୱାଚ୍ଛନ୍ଦ୍ୟ ଜୀବନ ହାସଲ କରିପାରୁଥିବା ସହିତ ଅନେକ ସମସ୍ୟା ମଧ୍ୟକୁ ଟାଣି ହୋଇଯାଇଛି। ପ୍ରଗତିର

ଶୀର୍ଷ ସ୍ଥାନରେ ପହଞ୍ଚି ସୁଦ୍ଧା ମନୁଷ୍ୟ ଦୁର୍ଗତିର, ଧ୍ୱଂସର କରାଳଛାୟା ଦେଖି ଶଙ୍କିତ ହୋଇପଡୁଛି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ହେତୁ ଦେଶ ଦେଶ ମଧ୍ୟରେ ଯୁଦ୍ଧ ଭୟ, ପରିବେଶ ଦୂଷିତକରଣ, ଜନସଂଖ୍ୟା ବିସ୍ଫୋରଣ ଇତ୍ୟାଦି ସମସ୍ୟାର ଭାରରେ ପୃଥିବୀ ବର୍ତ୍ତମାନ ଭାରାକ୍ରାନ୍ତ। ଏ ସବୁ ସମସ୍ୟାକୁ ମନୁଷ୍ୟ ହିଁ ସୃଷ୍ଟି କରୁଛି। କେତେଜଣଙ୍କର ଚିନ୍ତାଶୂନ୍ୟ, ଜିଦ୍‌ଖୋର ମନୋଭାବରୁ ହିଁ ଏସବୁ ସମସ୍ୟାର ସୃଷ୍ଟି।

ବିଜ୍ଞାନ ପ୍ରଗତିର ସଦ୍ୟତମ ନମୁନା ଭାବେ କମ୍ପ୍ୟୁଟରକୁ ଗ୍ରହଣ କରାଯାଇପାରେ। ସାଧାରଣ ଅର୍ଥରେ କମ୍ପ୍ୟୁଟର ହେଉଛି ଗଣନା କରି ବିଶ୍ଳେଷଣ କରିପାରୁଥିବା ଏକ ଯନ୍ତ୍ର। କେତେକ କ୍ଷେତ୍ରରେ ଏହାକୁ ରୋବଟ୍ ବା ଯନ୍ତ୍ର ମଣିଷ ମଧ୍ୟ କୁହାଯାଉଛି । ଚନ୍ଦ୍ର ପୃଷ୍ଠକୁ ମହାକାଶଯାନ ବା ଆପୋଲୋ ଯାନରେ ମଣିଷ କମ୍ବା ମଙ୍ଗଳ ଗ୍ରହକୁ 'ପାଥ୍‌ଫାଇଣ୍ଡର୍' ଭଳି ମହାକାଶଯାନ ପଠାଇ ଗବେଷଣା କରିବା ପଛରେ ଯେଉଁ ସୂକ୍ଷ୍ମ ଗଣନା ଓ ବିଶ୍ଳେଷଣର ଆବଶ୍ୟକତା ରହିଛି, ତାହା ବୈଜ୍ଞାନିକଙ୍କ ମଣିଷ ମସ୍ତିଷ୍କ ପକ୍ଷେ କରିପାରିବା ସମ୍ଭବ ହୋଇ ନ ଥାନ୍ତା । ଏଥିପାଇଁ କମ୍ପ୍ୟୁଟରର ସାହାଯ୍ୟ ନିଆଯାଏ। ଆଜି ଚିନ୍ତା କରାଯାଉଛି, ବ୍ୟାପକ କ୍ଷେତ୍ର ଓ ପରିସର ବିଶିଷ୍ଟ କମ୍ପ୍ୟୁଟରକୁ କଭଳି ଭାବେ ଅଧିକ ଉପଯୋଗ କରାଯାଇପାରିବ।

ବିଭିନ୍ନ ପ୍ରକାର ହର୍‌ମୋନ୍ ଓ ରାସାୟନିକ ପଦାର୍ଥ ହେତୁ ବିଭିନ୍ନ ସମୟରେ ଓ ବୟସରେ ପ୍ରକୃତିଗତ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଶରୀରରେ ଥିବା ବିଭିନ୍ନ ଗ୍ରନ୍ଥି ମଧ୍ୟରୁ ଆଡ୍ରେନାଲ୍ ଗ୍ରନ୍ଥିରୁ ଆଡ୍ରେନାଲିନ୍ କ୍ଷରିତ ହୋଇ ରକ୍ତରେ ମିଶି ପ୍ରବାହିତ ହେବା ଫଳରେ ଆମ ହୃତ୍‌ପିଣ୍ଡ ଖୁବ୍ ଦ୍ରୁତ ଗତିରେ ଦପ୍‌ଦପ୍ ହୁଏ ଏବଂ ଦେହରୁ ଗମ୍‌ଗମ୍ ଝାଳ ବାହାରେ। ଏହା ଅତ୍ୟନ୍ତ ଭୟଭୀତ ବା ବ୍ୟସ୍ତବିବ୍ରତ ହେବାର ଲକ୍ଷଣ। ସେହିଭଳି ଶରୀରର ପ୍ରଣାଳୀହୀନ ଗ୍ରନ୍ଥିରୁ କ୍ଷରିତ ରାସାୟନିକ ରସ ବା ହର୍‌ମୋନ୍‌ର ମାତ୍ରା କମ୍ ବେଶୀ ହେଲେ ଶରୀର କ୍ରିୟାର ବ୍ୟତିକ୍ରମ ଦେଖାଦେଇଥାଏ।

ଏବେ ନିକଟରେ ଆମେରିକାର ଚିକାଗୋ ସହରରେ ହୋଇଥିବା ଏକ ଗବେଷଣା ପରେ ବୈଜ୍ଞାନିକମାନେ କହୁଛନ୍ତି ଯେ ମନୁଷ୍ୟ ମନରେ କ୍ରୋଧ ସୃଷ୍ଟି ହେବା ପଛରେ 'ସେରୋଟନିନ୍' ନାମକ ଏକ ପ୍ରକାର ରାସାୟନିକ ପଦାର୍ଥର ଭୂମିକା ରହିଛି।ଏହାର ଅଭାବରେ ମଣିଷ କ୍ରୋଧୀ ହୋଇଯାଏ। ଏହାକୁ ଯଦି ଔଷଧ ଭାବେ ଜଣେ କ୍ରୋଧୀ ମଣିଷ ଶରୀରରେ ଦିଆଯାଇପାରିବ, ତେବେ ସେ ଅତ୍ୟନ୍ତ ଶାନ୍ତଶିଷ୍ଟ ପ୍ରକୃତିର ହୋଇପାରିବ। ଏହା ବ୍ୟତୀତ ଅନ୍ୟ କେତେ ପ୍ରକାରର ରାସାୟନିକ ରସର ପରିମାଣ ଅଧିକ ବା କମ୍ ହେଲେ ମନୁଷ୍ୟର ମାନସିକ ସ୍ତରରେ ଭାବପ୍ରବଣତାର ପରିବର୍ତ୍ତନ ଘଟିଥାଏ। ଜଣେ ଖୁସିରେ ହସିବା, ଦୁଃଖରେ କାନ୍ଦିବା କିମ୍ବା ରାଗରେ କଳଗୋଳ ଝଗଡ଼ା କରିବା ପଛରେ ମଧ୍ୟ କିଛି ରାସାୟନିକ ରସର ଭୂମିକା ରହିଛି। ତେଣୁ ବୈଜ୍ଞାନିକମାନେ ଚିନ୍ତା କଲେଣି, ବିଭିନ୍ନ ରାସାୟନିକ ରସକୁ ଛୋଟିଆ ଶିଶି ମଧ୍ୟରେ ରଖି ସେଥିରୁ ଦୁଇ ତିନି ଟୋପା ପ୍ରୟୋଗ କରି ମନୁଷ୍ୟର ସ୍ୱଭାବ, ଆଚରଣ ବା ଚେତନାରେ ପରିବର୍ତ୍ତନ ଅଣାଯାଇପାରିବ। ବିଭିନ୍ନ ସମୟରେ ଗୌତମବୁଦ୍ଧ, ମହାବୀର, ଶଙ୍କରାଚାର୍ଯ୍ୟ, ଯୀଶୁ, ନାନକ, ମହମ୍ମଦ ଭଳି ମହାପୁରୁଷମାନେ ଈଶ୍ୱରଙ୍କ ଦୂତ ଭାବେ ଆବିର୍ଭୂତ ହୋଇ ଏ ପୃଥିବୀରେ ଶାନ୍ତି, ପ୍ରେମ, ସତ୍ୟ, ଅହିଂସା ଓ ସଦ୍‌ଭାବର ଅନେକ ପ୍ରଚାର କରିଯାଇଛନ୍ତି। ସେମାନଙ୍କ ଅମର ବାଣୀର ପ୍ରଚାର ବିଭିନ୍ନ ରାଷ୍ଟ୍ରନାୟକ ବା ଯୁଗପୁରୁଷଙ୍କ ଦ୍ୱାରା ପ୍ରଚାରିତ ଓ ପ୍ରସାରିତ ହୋଇଛି। ଏବେ ମଧ୍ୟ ବିଭିନ୍ନ ଧର୍ମାନୁଷ୍ଠାନ ଓ ଆଧ୍ୟାତ୍ମିକ ସଂସ୍ଥା ଦ୍ୱାରା ଏସବୁର ବହୁଳ ପ୍ରଚାର ଚାଲିଛି। ତେବେ ସେମାନଙ୍କ ଅନୁଗାମୀ ଭାବେ ମନୁଷ୍ୟ ସମାଜରେ ଭିନ୍ନ ଭିନ୍ନ ଗୋଷ୍ଠୀ, ଜାତି ଓ ସମ୍ପ୍ରଦାୟର ସୃଷ୍ଟି ହୋଇ, ମନୁଷ୍ୟର ପ୍ରକୃତି ଦିନୁଦିନ ଅଧିକରୁ ଅଧିକ କ୍ରୋଧାନ୍ୱିତ ଓ ହିଂସାତ୍ମକ ହୋଇଚାଲିଛି। ଏହାର ପ୍ରତିକାର ବର୍ତ୍ତମାନ ଧର୍ମ ମାଧ୍ୟମରେ କରାଯିବା ସମ୍ଭବ ହେଉନାହିଁ। ସାମ୍ପ୍ରତିକ ନୂତନ ଯୁଗରେ ଧର୍ମ ଓ ଧାର୍ମିକମାନେ ପୁରୁଣା ହୋଇ କିଛିଟା ଅଚଳ ହୋଇଗଲେଣି।

ଆଜିର ଚନ୍ତାନାୟକମାନେ କହୁଛନ୍ତି, ବିଜ୍ଞାନ ଦ୍ୱାର୍ ହିଁ ମନୁଷ୍ୟ ପ୍ରକୃତିରେ ପରିବର୍ତ୍ତନ ଅଣାଯାଇପାରିବ। ଆଧୁନକ ଯୁଗରେ ହୁଏତ ଭଗବାନ ବାଧ ହୋଇ ଏକ ନୂତନ ରୂପ ବା ଅବତାର ଗ୍ରହଣ ପୂର୍ବକ ସ୍ୱର୍ଗରୁ ଓହ୍ଲାଇ ମର୍ତ୍ତ୍ୟମଣ୍ଡଳରେ ଆବିର୍ଭୂତ ହେବେ। ଖୁବ୍ ସମ୍ଭବତଃ ଏହି ନୂତନ ଅବତାର ହୋଇପାରେ କମ୍ପ୍ୟୁଟର୍ ରୂପରେ।

ସେହି 'କମ୍ପ୍ୟୁଟର୍‌ବତାରୀ ଈଶ୍ୱର' ପ୍ରତ୍ୟେକଟି ମଣିଷର ହାରିଗୁହାରି ଓ ପ୍ରକୃତିକୁ ତ୍ୱରାନ୍ୱିତ ବେଗରେ ଗ୍ରହଣ କରି ପ୍ରତିଟି ମଣିଷ ପାଇଁ ଉଦ୍ଦିଷ୍ଟ ରସାୟନକ ରସର ନାମ ଉଲ୍ଲେଖ କରି ଛୋଟ ଛୋଟ ଶିଶି ମଧ୍ୟରେ ରଖିବେ। ଉପଯୁକ୍ତ ସମୟରେ ପ୍ରୟୋଗ କରାଯିବା ଫଳରେ ମାନବଜାତି ମଧ୍ୟରୁ ଦୁଃଖ, କ୍ଳେଶ, କ୍ରୋଧ, ହିଂସା, ଅଶାନ୍ତି ଭଳ ସମସ୍ୟାଗୁଡ଼ିକୁ ଦୂର କରାଯାଇପାରିବ।

ଆଜି ହୁଏତ ଏଭଳ ଚନ୍ତାଧାର୍ ଆମକୁ ଅବାନ୍ତର ବା ବ୍ୟଙ୍ଗାତ୍ମକ ବୋଲି ମନେ ହୋଇପାରେ। କନ୍ତୁ ବୈଜ୍ଞାନକମାନେ ଏ ଦିଗରେ ଯେଭଳ ଦ୍ରୁତ ଉନ୍ନତି ହାସଲ କରୁଛନ୍ତି ସେଥିରୁ ମନେ ହେଉଛି, ଆସନ୍ତା ଶତାବ୍ଦୀ ମଧ୍ୟରେ ପୃଥିବୀରେ ଏକ ନୂତନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି।
ତେଣିକ ଆମେ ଦଶାବତାର ପରିବର୍ତ୍ତେ ଶେଷ ପଦରେ ଏକାଦଶବତାର ଈଶ୍ୱରଙ୍କ ବନ୍ଦନା କରି ଗାଇବା –

"କେଶବ ! ଧୃତ 'କମ୍ପ୍ୟୁଟର ରୂପ' ଜୟ ଜଗଦୀଶ ହରେ"

ଅଡା, ବାଲେଶ୍ୱର

# ଦେଖା ଯିବ ଆଜି ନୂଆ



ନରେନ୍ଦ୍ର ପ୍ରସାଦ ବେହେରା

ତୋ ବଡ ଦେଉଳ ମଙ୍ଗମତି ପରେ
କାଳଆରେ ଦେଖା ଯିବ ଆଜି ନୂଆ
ମୋ ଭଙ୍ଗା କୁଡିଆ ଭାଗ୍ୟ କେଉଁ ଦିନ
ଫେରିବ କହରେ ତୁ କାଳଆ ।

ହାତରେ ନ ମାରି ଭାତରେ ମାରିଲୁ
ଅବେଳରେ ବାତ୍ୟା ଡାକ ଯେ ଆଣିଲୁ
ସର୍ବହରା ଆଜି ସଜାଇ ଦେଲୁ ତୁ
ଦାଣ୍ଡର ଭିକାରୀ କରି ଛାଡିଲୁ,
କ ଦୋଷ ମୁଁ ଆଜି କଲି ତୋଠାରେ
କାହିଁକ ତୁ ମୋତେ ଏତେ କଷ୍ଟ ଦେଲୁ ।

ଜଗତ ଠାକୁର ନାମ ବୋଲାଉଛୁ
ହେ ଠାକୁର ଜଗତ କଲ୍ୟାଣ ପାଇଁ
କେମିତି ତୁ ଆଜି ଜାଣି ପାରିଲୁନ
ଫନ ନାମେ ବାତ୍ୟା ଆସୁଛି ଧାଇଁ।

ଭାଙ୍ଗି ଦେଲୁ ମୋର ସୁନାର ସଂସାର
କାହିଁକ ଡାକବି ତୋତେ ଜଗତ ସାଇଁ

କେତେ ଦୁଃଖ ଦେଲୁ ନୀଳାଚଳେ ବସି
ଡହଳ ବିକଳ ଶୁଣି ହେଉଛୁ ତୁ ଖୁସି,
ମଜା ଦେଖୁଛୁ ତୁ ସିଂହାସନେ ବସି
ଦେଖିଯାଅ ଥରେ ମୋ ଗାଁକୁ ଆସି।

କେମିତି ଅଛି ମୁଁ କେମିତି ଚଳୁଛି
ମୋ ସଂସାର ତୋତେ ଆକୁଳେ ଡାକୁଛି
ଅଭିଶାପ ଆଜି ତୋତେ ଦେବାକୁ ଭାବୁଛି,
କାହିଁକି ବସି ତୁ ଲୀଳା ଲଗାଇଛୁ
ଦେଲୁନ କାହିଁକି ଆଗୁଆ ସୂଚନା,
ତୋର ମନରେ ଥିଲା କି ଅହଂକାର
ଧ୍ୱସ୍ତବିଧ୍ୱସ୍ତ କରି କଲୁ ତୁ ଚୂନା।

କାଳଆରେ ଛାଡି ଦେଲୁ ତୋ ମନ୍ଦିର
କେମିତି ସଜଡା ହେବ ମୋ କୁଡିଆ
କାଳଆରେ ଦେଖିଲେ ଲାଗିବ ନୂଆ
ମୋ ଭଙ୍ଗା କୁଡିଆ ନ ସଜାଡିବୁ ଯେବେ
କାଳଆରେ ଆଜି ଭାଙ୍ଗି ଦେବି ତୋ ମୁଖଗୁଳଆ ।

ଆଳଦା, ଖଇର୍, ବାଲେଶ୍ୱର

# ଆମ - ବିଦ୍ୟାଳୟ



ଅନଙ୍ଗ ମଞ୍ଜରୀ

କଛି ଆମର କଛି ତୁମର କାହାଣୀ
ସେ ସୁନ୍ଦର ଦିନର କାହାଣୀ
ଗୋଟିଏ ବେଶ ନଥିଲ୍ ସେଠି ଆଳସ
ସକାଳୁ ଉଠି ଚପଲ ପିନ୍ଧି ରିବନ ବାନ୍ଧି
ଦଉଡୁ ଥିଲେ ସାଙ୍ଗ ସାଥୀ କୁ ଡାକ
ସେତ ଥିଲ୍ ମୋ ସ୍କୁଲ:::::::

କାଲି ପରି ଲ୍ଗୁଛି ଦେଖିଲେ ତାକୁ
ତାର ସେ ଖେଳପଡିଆ, ସ୍କୁଲ ର ଛବି
ଏକହି ରଙ୍ଗ ର ନା ଭିନ୍ନ କଛି
ଏକ ଧାଡ଼ି ରେ ଠିଆ ହୋଉଥିବା
ଏକ ଜାତି ଆଉ ବର୍ଣ୍ଣ ର ରୂପ::::::

ଦୌଡି, ଦୌଡି ଯିବା ତାର ବାରଣ୍ଡାରେ
କଏ ଆଗରେ ତ କଏ ପଛରେ
ସିଢି ଚଢିବା କ୍ଲାସ ରେ ପହଞ୍ଚିବା
ଆଗେ, ପଛେ ବେଞ୍ଚ ରେ ବସିବା
ମନ ପଡିଯାଉଛି କେତେ ପୁରୁଣା ସ୍ମୃତି:::::

ଫେରିବକ ସେ ଦିନ
ଯେଉଁଠି କ ଥିଲ୍ ଖାଲି ଖୁସି ହି ଖୁସି
ପାଠ ପଢ଼ାର ମହତ୍ତ୍ୱ ଥିଲ୍
ନ ଥିଲ୍ ବଡ଼ ଛୋଟର ଭାବ ପ୍ରୀତି
ଗୁରୁ ର ଆଦର ଆଉ ତାର ମହତ୍ତ୍ୱ
ଦେଉଥିଲେ ସଭିଏଁ ସେଠି::::::::

ଆଜି ମନ ପଡୁଛି ଫେରନ୍ତା କ
ସେ ଖେଳ ପଡିଆ ସେ ସାଙ୍ଗ ସାଥୀ
ଯାଆନ୍ତି, ବୁଲନ୍ତି, ଡିଅନ୍ତି ସେଠି
ପୁଣି ଫେରି ଆସନ୍ତା ଆମର ପୁରୁଣା
ସେ ଶିକ୍ଷକ ସେ ସ୍କୁଲ ଆଉ ସାଙ୍ଗ ସାଥି::::::

ସମୟ ସାଥି ରେ ଦିନ ଯାଇଛି ବିତି
ବୁଢ଼ା, ବୁଢ଼ୀ ହୋଇ ଗଲିଛନ୍ତି ।
ପୁଣି ବି ମନ ଅଛି ମନ ରହିବ ନୀତି
କଏ କେଉଁଠି ରହିଲେ ବି ସାଥି
ଆଜି ଏହି ସୁବର୍ଣ ଜୟନ୍ତି ଦିବସରେ
ମିଶିବା ସଭିଏଁ
ମନ ପକେଇବା ତାର ପୁରୁଣା ସ୍ମୃତି::::::

ହାଇଦର୍‌ବାଦ

"ପଢନ୍ତୁ ଏବଂ ପଢାନ୍ତୁ ବେଦାନ୍ତୀ"

# ଆସୁଅଛି ଭୋଟ

ଅନିଲ କୁମାର ସାହୁ

ଆସୁଅଛି ଭୋଟ ବିଛାହେବ ନୋଟ
ବଛା ହୋଇଗଲେ ନେତା
ପାଞ୍ଚବର୍ଷ ପର୍‌ କରିବେ ଟି ସେବା
ସତେ ଆନନ୍ଦିତ କର୍ମକର୍ତ୍ତା ॥

ଗାଆଁ ଠୁ ସହର ସବୁଠି ହାଜର
ଛୋଟବଡ ଯେତେ ନେତା
ଲୋକଙ୍କର ମନ କଉଳ ଜିଣିବେ
ମନରେ ପଶଇ ଚେତା ॥

ଲୋକଙ୍କ ପାଖକୁ ମାଡିଯିବେ ଏବେ
ଦେଖାଇବେ ମିଛ ପ୍ରୀତି
ଜନତା ବିଚର୍‌ ନଜର ଭୁବିବ
ଜାଣେ ନାହିଁ ରାଜନୀତି ॥

ମିଠାମିଠା କଥା ପୁଣି ଅଭିନୟ
କରିବେ ହୋ ଜାଣିଶୁଣି
କାମ ସରିଗଲେ, ତୁମେ କଏ ?
ଦେଖାଇବେ ତାଙ୍କ ଠାଣି ॥

ମଦମାଂସ ଦେଇ ଠକଦେବେ ଭାଇ
କଣିନେବେ ଅଧିକାର
ଯଦି ପଡିଯିବା ତାଙ୍କରି ଫାସରେ
ବିକବା ଟି ଘରଦ୍ୱାର ॥

ଜାଗହେ ଜନତା ଫେରିପାଅ ଚେତା
ବାଛିଦେବା ଯୋଗ୍ୟ ନେତା
ସମ୍ବିଧାନ ଟେକ ରଖିବା ଟି ଆମେ
ହୋଇ ଗୋଟେ ମତଦାତା ॥

ମୁଣ୍ଡାପାଲି, ନଅଗାଁ, ଆଗଲପୁର, ବଲାଙ୍ଗିର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଦେହ



ସୁଧାଂଶୁ ଶେଖର ଦ୍ୱିବେଦୀ

ସୁନ୍ଦରୀ ପଣରେ ଗଢା ରମ୍ଭା ମୁହଁର ନକ୍ସା ଚକା ଜହ୍ନପରି ଦେଖାଯାଏ । କପାଳ ଓ କାନ ପାଖରେ ମୋଡି ଯାଇଥିବା ଚୂଳ ଫରଫର ହୋଇ ଉଡେ । ନିଜ ସୁନ୍ଦର ପଣକୁ ପରଖି କେତେଦିନ ଦୁଃଖ ଓ ଅଭାବରେ ଜୀବନ ବିତେଇବ ସେ**?** ଜୀବନ ଜିଇଁବା ପାଇଁ ଅର୍ଥ ଆବଶ୍ୟକ ।

ମନରେ ଦମ୍ଭ ବାନ୍ଧି ଜଣେ ସରକାରୀ ବାବୁ ଘରେ କାମ ଆରମ୍ଭ କଲା ରମ୍ଭା । ତାର ଅତୁଳନୀୟ ସୁନ୍ଦରତାକୁ ଦେଖି ସରକାରୀ ବାବୁ ମନେମନେ ରମ୍ଭାକୁ ପାଇବା ପାଇଁ ରସଗୋଲା ଖାଇଲେ । କିନ୍ତୁ ପଦ-ପଦବୀ ଓ ଉଚ୍ଚକୂଳର ମର୍ଯ୍ୟାଦା ପାଇଁ ଖୋଲା ଖୋଲି କିଛି କହିପାରନ୍ତିନି । ଏଇ ଅଳ୍ପଦିନ ତଳେ ମୋଟା ଅଙ୍କର ଯୌତୁକ ସହ ଧନାଢ୍ୟ ଘରର ଝିଅ ଶୋଭା ସହ ତାଙ୍କର ମ୍ୟାରେଜ ସରିଛି । କିନ୍ତୁ ସୁଖ-ସୁବିଧା ଭୋଗୀ ଶୋଭା ସବୁଦିନେ ବାପଘରେ ରହିବାକୁ ପସନ୍ଦ କରେ । ସେଥିପାଇଁ ଦୁହିଁଙ୍କ ମଧ୍ୟରେ ମାନସିକ ଫାଟ ଦିନକୁ ଦିନ ମଜବୁତ୍ ହେବାକୁ ସୁଯୋଗ ଖୋଜେ ।

ରବିବାର, ଛୁଟିଦିନ । ବାବୁ ଘରେ ଥାଆନ୍ତି । ସେଦିନ ନିଜକୁ ସମ୍ଭାଳି ନପାରି ମନର କଥା ରମ୍ଭାକୁ ଜଣାଇଲେ । ରମ୍ଭା ବାବୁଙ୍କ ମନକଥା ଜାଣି କହିଲା, ବାବୁ, ମୋ ପରି ଗରିବ ଝିଅକୁ ସମସ୍ତେ ଆପଣାର କରିବାକୁ ଚାହାନ୍ତି ହେଲେ କେହି ନିଜର କରିବାକୁ ସାହସ କରନ୍ତିନି ।

ଦେଖ ରମ୍ଭା, ତୁ ବେ ବିବାହ କରିଛୁ, ମୁଁ ବି ବିବାହିତ । ତଫାତ୍ ଏତିକ ତୋ ସ୍ୱାମୀ କାର ଡ୍ରାଇଭର ଓ ମୋ ସ୍ତ୍ରୀ ସୁଖ-ସୁବିଧା ଭୋଗୀ । ଗୁଡାଏ ଯୌତୁକ ପାଇଁ ବାପାଙ୍କ ବାଧରେ ମୁଁ ଶୋଭାକୁ ମ୍ୟାରେଜ କରିଛି । ତୁ ଯଦି ଗୁହିଁବୁ ଆମେ ଦୁହେଁ ସ୍ୱାମୀ-ସ୍ତ୍ରୀ ହୋଇପାରିବା ।

ବାବୁଙ୍କର ଏଭଳ ମନ୍ତବ୍ୟରେ ରମ୍ଭାର ମୌନ ମନ ମସଗୁଲ ହେଉଥିଲା । କଛି ସମୟ ପାଇଁ ଦୁହେଁ ଏକାକାର ହୋଇଗଲେ ଦୁହିଁଙ୍କ ଦେହ ଭିତରେ ।

ତା ପରଠୁ ରମ୍ଭା ସରକାରୀ ବାବୁଙ୍କ ଘରଣୀ ହୋଇ ଷୋହଳ ଶୃଙ୍ଗାର ରେ ନଜକୁ ସଜେଇ ହେଲା । କ୍ରମଶଃ ସମାଜରେ କଥା ଛୁଟିକଲା ଗୋଟେ କାନରୁ ଆଉ ଗୋଟେ କାନଯାଏ । ହଠାତ୍ ଦିନେ ରମ୍ଭାର ସ୍ୱାମୀ ଆଖି ଲାଲ ଲାଲ କରି ଟଳମଳ ପାଦରେ ସରକାରୀ ବାବୁଙ୍କ ଗେଟ୍ ପାଖରେ ପହଞ୍ଚି ଗଲା । ସରକାରୀବାବୁ ତାକୁ ଦେଖି ପଗ୍ଭରିଲେ, କରେ ମଣ୍ଟୁ! କଥା କଣ? ଏଠିକୁ କାହିଁକୁ ଆସିଛୁ?

"ସାର୍ ଲୋକମାନେ କେତେକଣ କହୁଛନ୍ତି । କନ୍ତୁ ସେସବୁର ମୋର କଛି ଆପତ୍ତି ନାହିଁ । ମୁଁ ଗରିବ ବାବୁ, ରମ୍ଭାର ସୁନ୍ଦରତା ପାଖେ ତୁଚ୍ଛ ମଣିଷଟେ । ଆପଣ ଦୟା କଲେ ମୁଁ ବି ରଙ୍କରୁ ରାଜା ହୋଇପାରିବି" । ମଣ୍ଟୁ ନଜ ଅଭିଯୋଗ ଫର୍ଦ୍ଦ ସରକାରୀ ବାବୁଙ୍କୁ ଜଣାଇଲା ।

ଉପାୟଶୂନ୍ୟ ସରକାରୀ ବାବୁ ମଣ୍ଟୁକୁ କଛି କଛି ଆର୍ଥିକ ସହଯୋଗ କଲେ । ପ୍ରତ୍ୟେକ ମାସ ଏହିପରି ଆର୍ଥିକ ସହଯୋଗର କ୍ରମାନ୍ୱୟ ଲାଗି ରହିଲା । କାରଣ ସରକାରୀ ବାବୁ ଭୟ କରୁଥିଲେ ଦାଣ୍ଡରେ ଘାଟରେ ତାଙ୍କ ସମ୍ମାନରେ କଳଙ୍କ ନଲାଗୁ । ଆଉ ରମ୍ଭାର ବଦଳରେ ମଣ୍ଟୁର ଜୀବନସ୍ତର ମଧ୍ୟ ମଣିଷର ମାନଚନ୍ଦ୍ର ବଦଳବା ପରି ବଦଳ ଯାଉଥିଲା ।

ଯୋଗ ଫର ଲାଇଫ, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# ଦୂର ପାହାଡ଼



ଅବିନାଶ ବେହେରା

ଦୂର ପାହାଡ଼ ଦିଶେ ସୁନ୍ଦର
ତା' ରୂପ କ ମନୋହର,
ଅଚଳ ମେରୁ ଟେକଛି ଶିର
ସ୍ୱଭବ ତାର ଗମ୍ଭୀର ।।୧।।

ଅଛି ବହୁତ ଧୈର୍ଯ୍ୟ ଯେ ତାର
ରହିଥାଏ ସଦା ସ୍ଥିର,
ବଡହୋଇ ବି ରୁହଇ ଶାନ୍ତ
ବଡିମା ନାହିଁ ତ ତାର ।।୨।।

ନୀଳ ଗଗନ କରେ ଦର୍ଶନ
ଧ୍ୟାନେ ହୋଇ ସେ ବିଲୀନ,
ତପସ୍ୟା ତାର ଅତି ମହାନ
ଶ୍ରେଷ୍ଠ ତାର ଅବଦାନ ।।୩।।

ଛିଡା ହୋଇ କ କରେ ସାଧନା
ପାଇ ଅନେକ ତାଡନା,
ତଥାପି ତାର ମନରେ ଊଣା
ନଥାଏ ସହି ଯନ୍ତ୍ରଣା ।।୪।।

ଦୂର ପାହାଡ          ଦୂରରେ ରହି
ଦେଉଛି ଶୁଭ ବାରତା,
ଅପେକ୍ଷା କରି          ରୁହ ନରତେ
ସ୍ୱଭବେ ଆଣି ନମ୍ରତା ।।୫।।

ନଜସ୍ୱ ଧର୍ମ          କର ପାଳନ
ପାଇବା ପାଇଁ ତ ସୁଖ,
ହୀନ ସ୍ୱାର୍ଥକୁ          ଏଡି ପାରିଲେ
ଅପସରି ଯିବ ଦୁଃଖ ।।୬।।

ଦୂର ପାହାଡ          ଶିଖାଇ ଦିଏ
ସହନଶୀଳତା ବଡ଼,
ଧୈର୍ଯ୍ୟ ସାହସ          ଜୀବନେ ଥିଲେ
ଜିଣିପାରିବ ତ ଗଡ଼।।୭।।

************

ସଂସ୍କୃତ ଶିକ୍ଷକ,
କୁଜିଡିହୀ ସରକାରୀ ଉଚ୍ଚ ବିଦ୍ୟାଳୟ, ମୟୂରଭଞ୍ଜ

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଅମିତାଭ ସ୍କୁଲରେ, ଅଗ୍ନନକ ଦିନେ

ପ୍ରିୟବ୍ରତ ପାତ୍ର

ନୈନୀତାଲ୍ ସହରରେ ପଗ୍ଭରି ପଗ୍ଭରି ବିଭିନ୍ନ ଅଜଣା ରାସ୍ତା ଅତିକ୍ରମ କରି, ଶେଷରେ ଏକ ଅଣ ଓସାରିଆ ରାସ୍ତାରେ ଆମେ ପହଞ୍ଚିଲୁ "ସେର୍-ଉଡ୍ କଲେଜ" ର ଫାଟକ ସାମନାରେ । ସେଦିନ ବନ୍ଧୁକଧାରୀ ଚୌକିଦାର ଦୁଇଜଣ ଖୁବ୍ ବ୍ୟସ୍ତ ଥିଲେ ଏବଂ ପିଲାଙ୍କ ପରିଚୟ ପତ୍ର ତଥା ସ୍ୱତନ୍ତ୍ର ଭାବେ ଅନୁମୋଦିତ ପାସ୍ ସବୁକୁ କଡାକଡି ଭାବେ ତନଖି କଲାପରେ ଭିତରକୁ ଯିବାକୁ ଦେଉଥିଲେ । ସେଦିନଟି ଥିଲା "ସେର୍-ଉଡ୍ କଲେଜ" ର ବାର୍ଷିକ ଉତ୍ସବ ଏବଂ ଅତିଥି ଭାବେ ଯୋଗ ଦେବାକୁ ଆସିଥିଲେ ଦୁଇ ସିନେ କଳାକାର ଅମିତାଭ ବଚ୍ଚନ ଓ କବୀର ବେଦୀ ଏବଂ ମୁଖ୍ୟ ଅତିଥି ଭାବେ ଯୋଗ ଦେବାକୁ ଆସିଥିଲେ କ୍ୟାବିନେଟ୍ ସ୍ତରୀୟ କୌଣସି ମନ୍ତ୍ରୀ ମହୋଦୟ । ଦୁଇ ସିନେ କଳାକାର ଏହି ଶିକ୍ଷା ଅନୁଷ୍ଠାନର ପୁରାତନ ଛାତ୍ର ଥିଲେ ଏବଂ ସେମାନଙ୍କ ଆଗମନ ଏକ ଲୌକିକତା ନଥିଲା ବରଂ ଏକ ଆବେଗ ଆକର୍ଷଣର ପରିପ୍ରକାଶ ଥିଲା । ଆମପାଇଁ ଆକର୍ଷଣର କେନ୍ଦ୍ର ଥିଲେ ଦୁଇ ସିନେ କଳାକାର । ତେଣୁ କଲେଜ ପ୍ରିନ୍ସପାଲଙ୍କ ଜଣେ ବନ୍ଧୁଙ୍କୁ ମାଧ୍ୟମ କରି, ଏକ ଉତ୍କଟ ଉତ୍ତେଜନାପୂର୍ଣ୍ଣ ଚେଷ୍ଟାରେ ପାସ୍ ଯୋଗାଡ କରିଥିଲୁ । ବର୍ଷା ତଥା ଅନ୍ୟାନ୍ୟ ପ୍ରତିକୂଳ ପାଗ ଯୋଗୁଁ ଏବଂ ସମ୍ଭବତଃ ଅମିତାଭଙ୍କ ଆଗମନ ଖବରକୁ ଯଥାସମ୍ଭବ ଗୋପନ ରଖାଯିବା ଯୋଗୁଁ ସ୍କୁଲ ସାମନାରେ ରାସ୍ତାରେ ଏକ ରକମ ଶୁନଶାନ୍ ଥିଲା ।

୧୮୬୦ ମସିହାରେ ପ୍ରତିଷ୍ଠିତ ହୋଇଥିବା "ସେର୍-ଉଡ୍ କଲେଜ" ସମଗ୍ର ଭାରତ ବର୍ଷରେ ନାମକରା ସଂପୂର୍ଣ୍ଣ ଆବାସିକ ସ୍କୁଲ, ଯେଉଁଠାରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପୁଅଝିଅମାନେ ପଢନ୍ତି । ଶତାଧିକ ଏକର ପରିମିତ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ଏହି ସ୍କୁଲ କ୍ୟାମ୍ପସ୍ ଭିତରେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, କର୍ମଚାରୀ, ତଥା ଛାତ୍ରଛାତ୍ରୀମାନେ ରହନ୍ତି । ଜଣେ ସରକାରୀ ଡାକ୍ତରଙ୍କ ବାର୍ଷିକ ଦରମା ଯେତେ, ପାଖାପାଖି ଗୋଟିଏ ପିଲାର ବାର୍ଷିକ ଖର୍ଚ୍ଚ ଏହି ସ୍କୁଲରେ ସେତେ । ସ୍ୱାଧୀନତା ପୂର୍ବରୁ ଇଂରେଜମାନଙ୍କ ପିଲାମାନେ, ରାଜାମହାରାଜା, ଶିଳ୍ପପତି ତଥା ସାରା ଏସିଆର ବିଖ୍ୟାତ ଲୋକଙ୍କ ପିଲାମାନେ ଏଠାରେ

ପଢୁଥିଲେ । ଏବେ ଇଂରେଜ ନାହାନ୍ତି, କିନ୍ତୁ ବାଙ୍କ ଯେମିତି ଥିଲା ସେମିତି ଚାଲିଛି । ଦେଢଶ ବର୍ଷର ଇତିହାସରେ ଅନେକ ଚମତ୍କାର ଓ ପ୍ରସିଦ୍ଧ ଲୋକଙ୍କୁ ପ୍ରସ୍ତୁତ କରିଥିବା ଏହି ସ୍କୁଲ ସର୍ବାଧିକ ଚର୍ଚ୍ଚିତ ହୋଇ ପଡିଛି, ଯେବେଠୁ ଅମିତାଭ ବଚ୍ଚନ ବହୁ ଚର୍ଚ୍ଚିତ ହେବାରେ ଲାଗିଲେ । ଚନ୍ଦ୍ରକଳା ବିଭାଗ, ବିଜ୍ଞାନ ପ୍ରୟୋଗଶାଳା, ମ୍ୟୁଜିଅମ୍, ଇନଡୋର ଷ୍ଟାଡିଅମ୍, ଗ୍ୟାଲେରୀ ଯୁକ୍ତ ଫୁଟବଲ୍ ପଡିଆ, ବାସକେଟ୍ ବଲ ପଡିଆ, ଦୁଇ ଦୁଇଟି ଆଧୁନିକ ସନ୍ତରଣାଗାର, ପିଲାଙ୍କ ପାଇଁ ସିନେମାଘର, ଥିଏଟର୍ ଘର, ସଭାଗୃହ, ବ୍ୟାୟାମଶାଳା, ଅତିଥିଗୃହ, ପିଲାଙ୍କ ଭୋଜନାଳୟ ତଥା ସୁଦୃଶ୍ୟ ଛାତ୍ରାବାସ ସବୁ ଆଖିରେ ପଡୁଥିବା ବିଭିନ୍ନ ବିଭାଗ । ସ୍କୁଲଟି ଖ୍ରୀଷ୍ଟିଆନ୍-ମିଶନାରୀଙ୍କ ଦ୍ୱାରା ପରିଚାଳିତ । ଯଦିଓ ସ୍କୁଲର ପଞ୍ଚାନବେ ପ୍ରତିଶତ ପିଲା ଅଣ-ଖ୍ରୀଷ୍ଟିଆନ୍, ତା ସତ୍ତ୍ୱେ ଦେବାଦେବୀ ଓ ପୂଜାପାର୍ବଣର କୌଣସି ଚିହ୍ନବର୍ଣ୍ଣ ନାହିଁ । ବରଂ ସମୂହ ପ୍ରାର୍ଥନା ପାଇଁ ଏକ ସୁନ୍ଦର ଗୀର୍ଜାଗୃହଟିଏ ମଧ୍ୟ ସ୍କୁଲ ପରିସର ଭିତରେ ରହିଛି । ସାରା ପୃଥିବୀରେ ବିଭିନ୍ନ ବିଭାଗରେ ଖ୍ୟାତି ଅର୍ଜନ କରିଥିବା ପୂର୍ବତନ ଛାତ୍ରଛାତ୍ରୀଙ୍କ ପ୍ରଦତ୍ତ ବିଚିତ୍ର ଓ ଦୁର୍ମୂଲ୍ୟ ଉପହାର, କୃତଜ୍ଞତା, ଧନ୍ୟବାଦ ତଥା ସ୍ମୃତି ସମ୍ବଳିତ ହୃଦୟସ୍ପର୍ଶୀ ଚିଠିପତ୍ର ଓ ଟିକାଟିପଣି ସବୁରେ ସମୃଦ୍ଧ ଏକ ସ୍ମୃତି କକ୍ଷ ସମ୍ଭବତଃ ସ୍କୁଲର ସବୁଠୁ ସୁନ୍ଦର ବିଭାଗ । ଆଜି ପ୍ରତିଯୋଗିତା କାଳିଭଳି ଅନେକ ଆବାସିକ ସ୍କୁଲ ସବୁ ଆଖାପାଖରେ ଗଢି ଉଠିଛି, "ସେର୍-ଉଡ୍ କଲେଜ" ଉଜ୍ଜ୍ୱଳ ହୀରକ ପରି ଅନ୍ୟମାନଙ୍କ ଅପହଞ୍ଚ ଦୂରତାରେ ରହିଛି ।

ଖୋଦ୍ ଅମିତାଭଙ୍କ ଉପସ୍ଥିତିରେ ସେହି ସ୍କୁଲରେ ଏକ ସନ୍ଧ୍ୟା କଟେଇବା ଆମ ପାଇଁ ଏକ ବିରଳତମ ଘଟଣା ଥିଲା । ସଭା ଆରମ୍ଭ ବେଳକୁ ଅମିତାଭ ମଞ୍ଚ ଉପରକୁ ଉଠିଯାଇଥିଲେ । ସ୍କୁଲ ପିଲା ଓ ନୈନୀତାଲ ସହରର ଅଭିଭାବକଙ୍କ ଦ୍ୱାରା ସାରା ସଭାଗୃହ ପୂର୍ଣ୍ଣ ହୋଇ ସାରିଥିଲା । ଅତଏବ୍ ଗୃହ ବାହାରେ ମୁକ୍ତ ଆକାଶ ତଳେ ଅନ୍ୟ ଏକ ମୋଡ ପାଖରେ ଜାଗାଟିଏ ଦେଖି ବସିଗଲୁ । ସେଦିନର ଅନ୍ୟତମ ଆକର୍ଷଣ କବୀର ବେଦୀଙ୍କୁ ସେହି ରାସ୍ତାଦେଇ ଯିବାବେଳେ ପାଖରୁ ଦେଖିବା ପାଇଁ ଆମ ବସିବା ଜାଗାଟି ସର୍ବୋତ୍ତମ ଥିଲା । ଆମ ବସିବା ଜାଗା ପାଖରେ ଏକ ଲାଇଟ୍ ପୋଷ୍ଟ ତଳେ, ଦଶଫୁଟ ଉଚ୍ଚର ଏକ ସିମେଣ୍ଟ ତିଆରି ପଠନରତ ବାଳକର ବସିବା ଢଙ୍ଗରେ ଏକ ମୂର୍ତ୍ତିଥିଲା । ଲାଗୁଥିଲା ଯେମିତି କ

ଖରା-ବର୍ଷା, ଶୀତ କାକରରେ ପିଲାଟି ପଢି ଗ୍ଲିଛି । ସେଦିନର ତମାମ ଚଳଚଞ୍ଚଳତା ସତ୍ତ୍ୱେ ମୂର୍ତ୍ତିଟି ବଡ ନିର୍ବିକାର ଅଥଚ ଜୀବନ୍ତ ଲାଗୁଥିଲା । ଏଣେ ସଭା ଆରମ୍ଭରେ ଡେରୀ ହେବା ଦେଖି, ଖୋଦ୍ ପ୍ରିନ୍ସପାଲ୍ ବେଦୀ ମହାଶୟଙ୍କୁ ଖୋଜିଖୋଜି ସ୍କୁଲ ଅଫିସ୍ ଦିଗେ ଆସିଲେ । ପିଲା ଦିନର ସ୍ମୃତି ଗ୍ଭରଣ କରିସ୍କୁଲର କିଛି ବୟସ୍କ କର୍ମଗ୍ଭରୀଙ୍କ ସହ ଗପରେ ମାତି ଯାଇଥିବା ପୂର୍ବତନ ଛାତ୍ର ବେଦୀ ମହାଶୟଙ୍କୁ ଶେଷରେ ଠାବ କରି ସଭାଦିଗେ ବାଟ କଢାଇନେଲେ । ସାଢେ ଛଅ ଫୁଟ ଉଚ୍ଚର ବିଶାଳ ବପୁବନ୍ତ ବେଦୀ ମହାଶୟଙ୍କୁ ଘେରି କରିଥିବା ଦଳଟି ଆମେ ବସିଥିବା ଜାଗା ପାଖର ମୂର୍ତ୍ତି ପାଖରେ ଅଟକ ଗଲେ । କିଛି ବର୍ଷ ତଳେ ତିଆରି ହୋଇଥିବା ମୂର୍ତ୍ତିଟି ବିଷୟରେ କିଛି କହିବା ପାଇଁ ସ୍ୱୟଂ ପ୍ରିନ୍ସପାଲ୍ ହିଁ ବେଶୀ ଆଗ୍ରହୀ ଥିଲେ ।

ଘଷାମଜା ହୋଇ ଚକ୍କଣହୋଇ ନଥିବା ତଥା ରଙ୍ଗବେରଙ୍ଗ ହୋଇନଥିବା ସମ୍ପୂର୍ଣ୍ଣ ସିମେଣ୍ଟ ରଙ୍ଗର ବାଳକ ମୂର୍ତ୍ତିଟି, ସେହି ସ୍କୁଲରେ ଧୂସର ବାଳକ ରୂପେ ପରିଚିତ । ଧୂସର ବାଳକର କିଛି ନାମ ନଥିଲା, କୋଉ ଜାଗାର, କେଉଁ ଧର୍ମର ବା କେଉଁ ଶ୍ରେଣୀର ପିଲା- ସେକଥା ଆଦୌ ଲିଖିତ ନଥିଲା । କିନ୍ତୁ ସମସ୍ତଙ୍କ ପାଇଁ ସେ ସମ୍ମାନନୀୟ, ଶ୍ରଦ୍ଧେୟ ଓ ପ୍ରେରଣାଦାୟୀ ବନିଥିଲା । ପ୍ରିନସିପାଲ୍ ମହୋଦୟ ନିଜେ କହୁଥିଲେ “ରାତ୍ରବେଳା ଯେବେ ସବୁକିଛି ଶୁନଶାନ୍ ହୋଇଯାଏ, ଏହି ରାସ୍ତା ଦେଇ ଯାଉଥିବା ବିଦ୍ୟାର୍ଥିଙ୍କୁ ଲାଗେ ଯେମିତି ଗ୍ରାମର ମେଧାବୀ ଛାତ୍ରଟିଏ, ପ୍ରବଳ ଅର୍ଥାଭାବ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରାସ୍ତାକଡର ଲାଇଟ୍ ପୋଷ୍ଟ ତଳେ ବସି ପାଠ ପଢୁଛି । ଛାତ୍ରାବସ୍ଥାକୁ ଉପଭୋଗ ଓ ସମୟ ଅତିକ୍ରାନ୍ତ କରିବାର ସୁଯୋଗ ବୋଲି ଧରିନେଇଥିବା ସ୍ୱଚ୍ଛଳ ବର୍ଗର ଅନାଗ୍ରହୀ ବିଦ୍ୟାର୍ଥିକୁ ଏହି ଦୃଶ୍ୟ ପଠନ ଦିଗେ କିଞ୍ଚିତ ଆଗ୍ରହ ସୃଷ୍ଟି କରିଥାଏ । ସେଦିନ ଜଣେ ଛାତ୍ରୀ ବଡ ଭାବ ବିହ୍ୱଳ ହୋଇ ସେଠାରେ କହୁଥିଲେ – ଥରେ ବର୍ଷାରାତିରେ ଅଗ୍ନିକ ନିଦ ଭାଙ୍ଗିଗଲା ଏବଂ କାଚ ଝରକା ଦେଇ ଦୂରକୁ ଦେଖେତ, ଅନବରତ ବର୍ଷା ସତ୍ତ୍ୱେ, ଗ୍ଭରିପଟ ଗହନ ଅନ୍ଧକାର ସତ୍ତ୍ୱେ, ଲାଇଟ୍ ତଳେ ବସି ଧୂସର ବାଳକ ପଢୁଛି । ସେହି ଦୃଶ୍ୟ ସହସା ମୋ ମନର ଏକ ପରଦା ଖୋଲିଦେଲା ଏବଂ ମୁଁ ମୋର ପରୀକ୍ଷା ପାଇଁ ଶେଷ ପ୍ରସ୍ତୁତି ଆରମ୍ଭ କରିଦେଲି । ଧୂସର ବାଳକ ଏକାଧାରରେ ସବୁ ଧର୍ମର ପିଲାଙ୍କ ବିଶ୍ୱାସ ଓ ଶ୍ରଦ୍ଧାକୁ ପରିପ୍ରକାଶ କରିବା

ପାଇଁ ମାଧ୍ୟମ ହୋଇଥାଏ । ସବୁ ପୂଜାପର୍ବାଣି ବା ସେଭଳ କଛି ଖୁସି ସମୟରେ ପିଲାଏ କଛି ଫଳ ପିଲାଟିର କୋଳରେ ରଖିଦିଅନ୍ତି । ଏପରିକ ପିଲାଏ ନଜ ଜନ୍ମଦିନରେ ଆଞ୍ଜୁଳ ଭର୍ତ୍ତି ଚକୋଲେଟ୍ ତା କୋଳରେ ରଖିଦିଅନ୍ତି । ପରୀକ୍ଷାକୁ ଯିବା ପୂର୍ବରୁ, ପରୀକ୍ଷାଫଳ ବାହାରିବା ପୂର୍ବରୁ, ପରୀକ୍ଷାଫଳର ଖୁସି ଖବର ଜଣାଇବା ପାଇଁ, ଏପରିକ ସ୍କୁଲ ଜୀବନର ଖୁସି ଓ ଦୁଃଖତମ ମୂହୁର୍ତ୍ତ ସବୁରେ ପିଲାଏ ଏହି ଧୂସର ବାଳକ ଆଗରେ ଚୁପ୍ ହୋଇ ଠିଆ ହୁଅନ୍ତି, ବିନା କଥାରେ କେତେକେତେ ସୁଖ ଦୁଃଖ ହୁଅନ୍ତି ।

ଆନ୍ତର୍ଜାତିକ ଖାତି ସମ୍ପନ୍ନ ଜେମସ୍ ବଣ୍ଡ ସିନେମା ସିରିଜ୍ ର ଅକ୍ଟୋପସି ସିନେମାରେ କବୀର ବେଦୀଙ୍କ ସାଂଘାତିକ ଅଭିନୟ ଦେଖିଥିଲି । ଏଥର କନ୍ତୁ ଅତି ପାଖରୁ ବେଦୀ ମହାଶୟଙ୍କ ବିଶାଳକାୟ ଭିଲିଆନ୍ ଚେହେରା ଭିତରୁ ସରଳ ଶିଶୁଟିଏ ଯେମିତି ଉଙ୍କି ମାରୁଥିଲା । ପ୍ରିନସପାଲ୍ ଙ୍କ ସାଥୀରେ ବେଦୀ ମହାଶୟ ସଭାକକ୍ଷକୁ ପ୍ରବେଶ କଲେ ଏବଂ କଛି ସମୟ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଗଲା । ଦୂରରେ ଏକଏକ ପଥର ଉପରେ ବସି ଆମେ ଗ୍ରାମ ଆଗନ୍ତୁକମାନେ ଏଣିକ ଯାହା ଆବାଜ ଶୁଣି ସନ୍ତୁଷ୍ଟ ରହିଲୁ, ବାହାରେ ବସିଥିବା ଯୋଗୁଁ ଭାବନା ଓ କଳ୍ପନା ପାଇଁ ଯଥେଷ୍ଟ ସୁଯୋଗ ପାଉଥିଲୁ । ବେଦୀ ମହାଶୟଙ୍କ ସଂକ୍ଷିପ୍ତ ଭାଷଣ ଥିଲା – ମୁଁ ଏ ସ୍କୁଲର ଛାତ୍ର ଥିଲି ଏବଂ ଜୀବନସାରା ତାହା ହିଁ ମୋର ପରିଚୟ । ଏଣୁ କଛି କହିବା ପରିବର୍ତ୍ତେ ଛାତ୍ରମାନଙ୍କ ଗହଣରେ ବସି ମୋ ସାର୍ ମାନଙ୍କଠାରୁ କଛି ଶୁଣିବାରେ ମୋର ବେଶୀ ଆନନ୍ଦ । ସତ କହୁଛି ପଞ୍ଚାବନ ବର୍ଷତଳେ ଏହି ଚଟାଣରେ ଠିଆହୋଇ କଛି କହିଲା ବେଳେ ଯେମିତି ଗୋଡ ଥରୁଥିଲା, ଆଜି ମଧ୍ୟ ସେମିତି ଥରୁଛି, ଶିଶୁ ପରି ଲାଗୁଛି ।

କଛି ସମୟପରେ ଖୋଦ୍ ଅମିତାଭଙ୍କ ଅତି ପରିଚତ ଭାରୀ କଣ୍ଠର ଆବାଜରେ ଲୋମସବୁ ଟାଙ୍କୁରି ଉଠିଲା । ସେଇ ଏକା ନମ୍ରତାର ସହିତ ସେ କହୁଥିଲେ – ମୁଁ ମୋଟେ ଅତିଥି ହୋଇପାରେନା । ବରଂ ପୁରାତନ ଛାତ୍ରଭାବେ ଏଠାରେ ମହଜୁଦ୍ ଥିବା ମୁଖ୍ୟ ଅତିଥି ଓ ଅଭିଭାବକ ମାନଙ୍କୁ ଆତିଥ୍ୟ ପ୍ରଦାନ କରିବା ମୋର ଦାୟିତ୍ୱ । ନଜର କବି ପିତାଙ୍କ – "ମଧୁଶାଳା" କାବ୍ୟ ଗୁଚ୍ଛ ରୁ କଛି ପଂକ୍ତି ଅତି ଚମତ୍କାର ଭାବେ ଉଦ୍ଧାର କରିବା ସହ

ସ୍କୁଲରେ ଯୋଗ ଦେବାର ପ୍ରଥମ ଦିନ ଓ ଅନ୍ୟାନ୍ୟ ଦିନ ସବୁର ସ୍ମୃତି ଖୁବ୍ କଥା ସବୁ ଶୁଣାଇଲେ । ସୁନ୍ଦର ଶବ୍ଦ ବିନ୍ୟାସରେ ଆମ ସମସ୍ତଙ୍କୁ ଷାଠିଏ ବର୍ଷ ତଳକୁ ନେଇଗଲେ ।

ଅମିତାଭଙ୍କ ବାପା ଭାରତ ବିଖ୍ୟାତ ହରିବଂଶ ରାୟ ବଚ୍ଚନ ଥିଲେ ଏଲାହାବାଦ୍ ସହରର ଜଣେ ପ୍ରଖ୍ୟାତ କବି । କେମ୍ବ୍ରିଜରୁ ଇଂରାଜୀ ପିଏଚ୍.ଡି. କରିଥିବା ସେ ଥିଲେ ପ୍ରଥମ ଭାରତୀୟ । ମାତ୍ର ୨୭ ବର୍ଷ ବୟସରେ ମଧୁଶାଳା ରଚନାଟି ତାଙ୍କୁ ବିଖ୍ୟାତ କବିରେ ପରିଣତ କରିଥିଲା । ପର୍ସିଆର ସୁଫି କବି ଓମର୍ ଖୟାମଙ୍କ ରୁବାୟତ ଦ୍ୱାରା ଖୁବ୍ ପ୍ରଭାବିତ ହୋଇ ତରୁଣ ବୟସରେ "ଓମର୍ ଙ୍କ ମଧୁଶାଳା" ଲେଖିଲା ପରେ ନିଜ ଦୃଷ୍ଟିକୋଣରୁ ଲେଖିଥିଲେ "ମଧୁଶାଳା" । ଭାରତ ସ୍ୱାଧୀନ ବେଳକୁ ଅଧିକାଂଶ ସମୟ ତାଙ୍କର ଇଂଲଣ୍ଡରେ କଟୁଥିଲା ଏବଂ ୧୯୫୪ ରେ ସବୁଦିନ ପାଇଁ ବିଲାତ ଛାଡି ଭାରତ ଚାଲି ଆସିଥିଲେ । ସେହି ସମୟ ମଧ୍ୟରେ ପୁତ୍ର ଅମିତାଭ ଏହି ସ୍କୁଲର ଛାତ୍ରାବାସରେ ରହିଥିଲେ । ହରିବଂଶ ଚାହିଁଥିଲେ ସେ କାଳର ବିଖ୍ୟାତ ଦାର୍ଜିଲିଂ ସ୍କୁଲ ସବୁରେ, କଲିକତାରେ, ମସୌରୀ ବା ସିମଳାରେ ପଢେଇ ପାରିଥାନ୍ତେ, କିନ୍ତୁ ଏ ସହର ଓ ଏହି ସ୍କୁଲର କି ଆକର୍ଷଣ ଥିଲା କେଜାଣି କବି ହୃଦୟ ଏହି ଜାଗା ସହ ଶକ୍ତ ଆବେଗ ପୂର୍ଣ୍ଣ ରଜ୍ଜୁରେ ବାନ୍ଧି ହୋଇ ଯାଇଥିଲା । ପୁଅକୁ ଭେଟିବା ବାହାନାରେ କବିଙ୍କୁ ଏହି ଜାଗାକୁ ବାରବାର ଆସିବା ପାଇଁ ସୁଯୋଗ ମିଳୁଥିଲା ।

ଆଜକୁ ଅର୍ଦ୍ଧଶତାବ୍ଦୀ ତଳେ କବି ପିତା ନିଜର ଦୁର୍ବଳ, ପତଳା, ଅତି ଲାଜୁଆ ଓ ଲମ୍ବାନାକୁଆ ଦ୍ୱିତୀୟ ପୁତ୍ର ଅମିତାଭଙ୍କୁ ଧରି, ଘୋଡା ପିଠିରେ ବସି ଏହି ସ୍କୁଲକୁ ଆସିଥିଲେ । ନିଜର ଖ୍ୟାତି ବଳରେ ଅଚିରେ ସେ ପ୍ରିନ୍ସିପାଲଙ୍କୁ ମୁଗ୍ଧ କରାଇଥିବେ ଏବଂ ସମ୍ଭବତଃ ଖୋଦ୍ ପ୍ରିନ୍ସିପାଲ୍ ସେମାନଙ୍କୁ ପାଛୋଟି ନେଇଥିବେ । ଏତେ ଏତେ ଅଜଣା ପିଲାଙ୍କ ଗହଣରେ ବାଳକ ଅମିତାଭ ସତରେ ଛାନିଆ ହୋଇ ଯାଇଥିବେ । ବାପାଙ୍କ ବିଦାୟ ବେଳେ ଲାଜୁଆ ବାଳକଟିର ପାଟିରୁ କଥା ମଧ୍ୟ ବାହାରୁ ନଥିବ । ବନ୍ଦ ଫାଟକର ଫାଙ୍କରୁ ବାଳକଟି ନିଜ ବାପାଙ୍କ ଅପସୃୟମାଣ ଶେଷ ଦୃଶ୍ୟକୁ ଦେଖୁଦେଖୁ ମ୍ରିୟମାଣ ହୋଇ ପଡୁଥିବେ । ସମ୍ଭବତଃ ସ୍କୁଲରେ ଭର୍ତ୍ତି ହେବା ସମୟରେ ବାପାଙ୍କ ବିଦାୟକାଳୀନ ଅପରାହ୍ନ ଜୀବନର ହତାଶ ଓ ନିଃସଙ୍ଗ ସନ୍ଧ୍ୟା ଭିତରୁ ଗୋଟିଏ ହୋଇଥିବ ।

ସେ ସମୟରେ କବି ହରିବଂଶ ଆଲ୍ହାବାଦରୁ ଲକ୍ଷ୍ନୌ ଯାଇ ସେଠାରୁ ମିଟର ଗଜ ରେଳରେ କାଠ ଗୋଦାମ ଓ ସେଠାରୁ ମଟର ଗାଡିରେ ନୈନିତାଲ ଯାଉଥିଲେ । ବାଟରେ ପନ୍ଥ ନଗର ଭଳି ଅନେକ ଛୋଟବଡ ଷ୍ଟେସନ୍ ରେ କବିଙ୍କ ପ୍ରିୟ ପାଠକମାନେ ଖାସ୍ କରି ଭେଟିବା ପାଇଁ ଅପେକ୍ଷା କରି ରହୁଥିଲେ । ହିମାଳୟର ପାଦଦେଶରେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ମଧ୍ୟରେ କ୍ରମାଗତ ଭାବେ ବଦଳି ଯାଉଥିବା ସ୍ଥାବର-ଜଙ୍ଗମଙ୍କ ରୂପରାଜି କବି ପ୍ରାଣକୁ ମଦିରା-ମତ୍ତ କରୁଥିଲା । ଅମିତାଭ ଏହି ସ୍କୁଲର ଛାତ୍ରାବାସରେ ଥିବାବେଳେ, କବି ପିତା ହରିବଂଶ ରାୟ ବଚ୍ଚନ ଅନେକ ଥର ତାଙ୍କୁ ଭେଟିବାକୁ ଆସୁଥିଲେ । କେବେ ଥରେ ସେ ପୁଅ ଅମିତାଭଙ୍କ କକ୍ଷକୁ ଯାଇ, କାନ୍ଥରେ ପେନସିଲ୍ ଦ୍ୱାରା ଲେଖିଦେଲେ ଏକ କବିତା, ଯାହାର ଅର୍ଥ ଥିଲା – ଏ ଘର କହେ ଏଠି ତୋର ବର୍ତ୍ତମାନ ଅଛି, ଏ ରାସ୍ତା କହେ ଏଠି ତୋର ଭବିଷ୍ୟତ: ମୁଁ କହେ ଏଥିରେ ମୋର କଛି ଯାଏ ଆସେନା, କାରଣ ମୁଁ ଜାଣେ କେବଳ ପ୍ରେମ ଓ ମୃତ୍ୟୁ ହିଁ କଛିକଛି ପରିବର୍ତ୍ତନ ଆଣିପାରେ" । ଏହି କବିତାରେ ଲେବାନନ୍ ର କବି ଖଲିଲ୍ ଜିବ୍ରାନ୍ ଓ ଓମର୍ ଖୟାମ୍ ଙ୍କ ପ୍ରଭାବ ରହିଥିଲା ।

ସ୍କୁଲର ସୁନ୍ଦର ଦିନସବୁ ଏତେ କଳ୍ପନା ପ୍ରବଣ କରି ଅମିତାଭଙ୍କୁ ତୋଳଥିଲା ଯେ ସେସବୁ ଦିନର ସୁନ୍ଦର ବର୍ତ୍ତମାନରୁ ସାମନାର ରାସ୍ତା ତାଙ୍କୁ ନେଇଗଲା ଏକ ଲମ୍ବା ଭବିଷ୍ୟତ ଦିଗେ ଏବଂ କଳା ଓ ଅଭିନୟ ପ୍ରତି ପ୍ରେମ ହିଁ ତାଙ୍କ ଜୀବନରେ ଏକ ବୃହତ ପରିବର୍ତ୍ତନକୁ ସମ୍ଭବ କରିପାରିଲା । ଭବିଷ୍ୟତ ଦିଗେ ଆଗକୁ ବଢିଥିବା ଅମିତାଭଙ୍କ ଭାରୀ ବୁଟର ପାଦଚିହ୍ନ ସବୁ ଏତେ ଗଭୀର ଥିଲା ଯେ (ଏବଂ ରହିଛି) ଆଗାମୀ କେତେ ଶତାବ୍ଦୀ ପାଇଁ ସେସବୁ ଜଗତରେ ଏକ ଏକ କମ୍ବଦନ୍ତୀ ହୋଇ ରହିଯିବେ । ଏକ ଆନ୍ତର୍ଜାତିକ ସ୍ତରର ନିରପେକ୍ଷ ଆକଳନ କହେ, ଗତ ଶହେ ବର୍ଷରେ ପୃଥିବୀର ସବୁଠୁ ଲୋକପ୍ରିୟ ବ୍ୟକ୍ତି ହେଉଛନ୍ତି ଅମିତାଭ ବଚ୍ଚନ, ଯିଏକି ଗାନ୍ଧୀ ବା ଆଇନଷ୍ଟାଇନ୍ କୁ ମଧ୍ୟ ବଳି ଯାଇଛନ୍ତି । ଏମିତି ଭାବନା ରହିଥିଲା ବେଳେ ମଧୁଶାଳାର ପଂକ୍ତି ସବୁ ସ୍କୁଲର ଶୁନଶାନ୍ ଇଲାକା ସବୁକୁ ପ୍ଲାବିତ କରୁଥିଲା, ଯେମିତିକି... ଆଗୋ ସାକୀ, ନିଃସଙ୍କୋଚରେ ଢାଳା ଯାଉଥିବା ମଦିରା ପାଇ, କିଏ ପୁଣି ସୁଖୀ? ଆଶ୍ଚର୍ଯ୍ୟ କଥା ଏଭଳି ଗଭୀର ରସପୂର୍ଣ୍ଣ ବହିଟି ପୃଥିବୀକୁ ଉତ୍ସର୍ଗ

କରିବାକୁ ଯାଇ କବି ଲେଖୁଛନ୍ତି – ସେହି ପୃଥିବୀକୁ ଯେଉଁଠି କବିତା ବଂଚ ରହିବା ପାଇଁ ସଂଘର୍ଷ କରୁଛି ।

କୁମାୟୁନ ଆକାଶରେ ରାତି ଘନେଇ ଆସୁଥିଲା । ନୀଳ ଆକାଶରେ ଗୋଲ ଜହ୍ନଟି ଅପୂର୍ବ ଦିଶୁଥିଲା । ଯଥେଷ୍ଟ ରାତି ହେବା ପୂର୍ବରୁ ଆମକୁ ଯେ ଆମ ରହିବା ଜାଗାକୁ ଫେରିବାକୁ ହେବ – ଏକଥା କ୍ରମଶଃ ଉଚ୍ଛନ୍ନ କରୁଥିଲା । ନତୁବା ଜହ୍ନ ଆଲୁଅ ସତ୍ତ୍ୱେ ଘଞ୍ଚ ବୃକ୍ଷରାଜି ଘେରିତ ଅଙ୍କାବଙ୍କା ଶୁନଶାନ୍ ଜଙ୍ଗଲୀ ରାସ୍ତାରେ ବାଟ ହୁଡିଯିବାର ଯଥେଷ୍ଟ ସମ୍ଭାବନା ରହୁଥିଲା । ପୁଣି ରାସ୍ତାରେ ଭାଲୁ ବା ହେଟାଟାଏ ହାବୁଡି ଯିବାର ଆଶଙ୍କା ବି ରହୁଥିଲା । ଅତଏବ୍ ଯିବା ପାଇଁ ପ୍ରସ୍ତୁତ ହେଲୁ । ଅମିତାଭ ଆମକୁ ବିଦାୟ ଦେବା ପୂର୍ବରୁ ଆମେ ତାଙ୍କୁ ଓ ତାଙ୍କ କବିତା ଆବୃତ୍ତିକୁ ବିଦାୟ ଦେବାକୁ ବାହାରିଲୁ । ଏହା ଏକ ବିଚକ୍ଷ ବିଡମ୍ବନା ଥିଲା । ଜୋସ୍ନା ରଜନୀରେ ଧୂସର ବାଳକଟି ପୂର୍ବବତ୍ ପଢାରେ ମଗ୍ନ ଥିଲା । ଝାପସା ଆଲୁଅରେ, ଆମ ସମସ୍ତଙ୍କ ଅଗୋଚରରେ କଏ ଜଣେ ରଜନୀଗନ୍ଧାର ଫୁଲ ତୋଡାଟିଏ, ଧୂସର ବାଳକର କୋଳରେ ରଖି ଦେଇଥିଲେ । ପଠନରେ ଶ୍ରଦ୍ଧା ରଖୁଥିବା ସାରା ବିଶ୍ୱର ମଣିଷଙ୍କ ପ୍ରତିନଧିତ୍ୱ କରୁଥିଲା ଏହି ମୂର୍ତ୍ତି । ଆମେ ଧୂସର ବାଳକଠୁ ବିଦାୟ ନେଲୁ । ଠିକ୍ ସେତିକବେଳେ ଅମିତାଭଙ୍କ କଣ୍ଠ ନସୃତ ନଜ କବି ପିତାଙ୍କ ଏକ ବିସ୍ମୟ କବିତା ସାରା ପରିବେଶକୁ ତନ୍ଦ୍ରାଚ୍ଛନ୍ନ କରି ତୋଳୁଥିଲା । କବିତାଟି ଥିଲା:

ଅନ୍ଧେରୀ ରାତ ମେଁ ଦୀପକ ଜଲାଏ
କୌନ ବୈଠା ହୈ **?**
ପ୍ରଭଞ୍ଜନ**,** ମେଘ**,** ଦାମିନୀ ନେ
ନ କ୍ୟା ତୋଡା**,** ନ କ୍ୟା ଫୋଡା

ଧରାକେ ଔର ନଭ କେ ବିଚ୍
କୁଛ ସାବିତ ନହିଁ ଛୋଡା
କସୀ କେ ପଥ ମେଁ ପଲକେ
ବିଛାଏ କୌନ ବେଠା ହୈ**?**

ଅନ୍ଧେରୀ ରାତ ମେଁ ଦୀପକ ଜଲାଏ
କୌନ ବୈଠା ହୈ **?**

ଭାରତୀୟ ଜୀବନ ବୀମା ନଗମ**,** କୋରାପୁଟ**,** ଓଡିଶା

# ଅନ୍ଧାର



ଡ. ଜ୍ଞାନେଶ୍ୱର ମିଶ୍ର

ଅନ୍ଧାର ତୁ କଣ ଉଗ୍ରପନ୍ଥୀ ନା ଆତତାୟୀ
ମୁଁ ଆଖି ବୁଜିଦେଲେ / ଶୋଇଲେ ତୁ ଆସୁଛୁ
ଅମାବାସ୍ୟାରେ ଆସୁଛୁ
ଲୋଡ ସେଡିଂରେ ବି ଆସୁଛୁ
ତୋତେ ଆମେ ମନା କରୁନୁ
କନ୍ତୁ ତୁ କାନ୍ଧରେ ବସାଇ କାହିଁକି
ସ୍ମୃତି ମାନଙ୍କୁ ଆଣୁଛୁ

କଛି ସ୍ମୃତି କଲିଜାରେ କଣ୍ଟା ଫୋଡୁଛନ୍ତି
ହୃଦୟରେ ସୁନାମି ରଚୁଛନ୍ତି
ଜୀବନ ଠୁଁ ମରଣକୁ ବେଶୀ ପ୍ରେମ କରୁଛନ୍ତି
ମିଠାଳିଆ ସ୍ମୃତି ସବୁ ରଙ୍ଗ ଛଡା ହେଲାଣି
ଆଣିଚଆ ଲଗିଲାଣି / ମଳିଆ ଦିଶିଲାଣି
ବୟସକୁ ସେ ତ ସମ୍ଭାଳ ପାରୁନାହାନ୍ତି

ଆସିଲୁ ଭଲକଲୁ
ଆମ ସହଚୁକ୍ତି କର
ଦୁଃଖ ପୀଡା ଦାୟକ, ହୃଦ ବିଦାରକ
ବିକାର, ବେକାର ସ୍ମୃତି ସବୁ
ତୋ ସିନ୍ଦୁକରେ ତାଲା ଦେଇ

ସମୟର ଅତଳ ଗର୍ଭକୁ ଫିଙ୍ଗିଦେ
ସୁଖସ୍ବପ୍ନ ସବୁ ସଫା ସୁତୁରା କରି
ଆଇଛ ସାଇତି ରଖିଦେ

ତୋ ଦୌର୍ଗମ୍ୟ ଆମେ କାହିଁକି
ବରଦାସ୍ତ କରୁଛୁ ଜାଣୁ
ଆମେ ଜାଣୁ ତୋ ପଛରେ ଆଲୋକ ଅଛି
ପୂର୍ଣ୍ଣିମା ଚନ୍ଦ୍ରର ଝିଲିମିଲି ଆଲୁଅ ଅଛି
ଆଶାର ବତୀଘରଟା ଦୂରରୁ ଦିଶୁଛି
ସବୁ ଅଙ୍କ, ସମୟ ତୋତେ ବୁଝାଇଦେବ
ଚଟଶାଳୀରେ ଯଦୁସାରେ ଆମକୁ ବୁଝାଇବା ଭଳି
ତୋତେ ସଲାମ, ନମସ୍କାର ଓ ସାଲ୍ୟୁଟ ବି ॥

୪୯/୫/ଏଚ୍, କାର୍ଲ ମାର୍କ୍ସ ସରଣୀ,
ଖିଦିରପୁର, କୋଲକତା

"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# ମାୟାବୀ ସଂସାର



ଆର୍ଯ୍ୟରଶ୍ମି ଦଳାଇ

ସାରା ଦୁନିଆରେ ଲାଗନ୍ତି ଯେ ଆଜି
ସବୁ ଅତି ଆପଣାର
ବିପଦ ସମୟେ ମୁହଁ କୁ ନ ଚାହିଁ
ନଜର ତ ହୁଏ ପର
ମିଥ୍ୟା କୁ ଆଦରି ସତ୍ୟ ଦୁରକରି
ଦିନ କଟିଯାଏ ସଭିଙ୍କର
ବାଃ ବାଃ ରେ ବଡ ବିଚିତ୍ର ଏ ମାୟାବୀ ସଂସାର
ଦୁନିଆର ରୀତି ଚାଲିଛି ଏମିତି
ଭବିଷ୍ୟତ ଏଠି କଟିବ କେମିତି
ଭାବି ଭାବି ଦିନ ସରେ
କାହାକୁ ଭରସି ସଂସାରେ ଚଳିବି
ନଜେ ମୁଁ ଆଜି ନଜକୁ ପଚାରେ
ଏ ସାରା ଦୁନିଆ ମିଛ ମୋହ ମାୟାର
କେହି ହେବେନାହିଁ ସାଥୀ ଯେ ନଜର
ଚାଲିବେ ସମସ୍ତେ ନଜ ସ୍ୱାର୍ଥକୁ ନେଇ
ଠକ ଭଣ୍ଡାମିର ଦୁନିଆ ଚାଲିଛି
ଲୋଭକୁ ସାଥୀରେ ପାଇ
ମିଛମୋହ ମାୟାକୁ କର ପରିହାର
ବେଳ ଥାଉ ଥାଉ କର ସତ୍ୟ କୁ ଆଦର
କାରଣ ଏ ବଡ ବିଚିତ୍ର ମାୟାବୀ ସଂସାର

ଗବେଷକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

# ଆସ ବାପୁ ପୁଣି ଥରେ ନୂଆ ରୂପରେ ଆଉ ନୂଆ ଢଙ୍ଗରେ



ଅଜୟ କୁମାର ବେହେରା

ଗଦା ଗଦା ପ୍ରଶ୍ନର ପାହାଡ଼ ଆଜି କାହିଁ ମୋ ମନ ପ୍ରାଣକୁ ଆନ୍ଦୋଳିତ କରୁଛି। ଯେତେ ଭାବୁଛି ସେତେ ସନ୍ଦେହ ମୋର ବଢି ବଢି ଚାଲିଛି। ସତରେ ବାପୁ ଆଜି ସାରା ଭାରତ ବର୍ଷରେ ତୁମେ ଜାତିର ପିତା, ଜାତିର କର୍ଣ୍ଣଧାର ଆଉ ଜାତିର ମୋଉଡ଼ ମଣି ରୂପେ ସୁବିଦିତ। ତୁମର ସେଇ ଶ୍ରେଷ୍ଠ ନିଷ୍ଠା, ତ୍ୟାଗ ଆଉ ଉଦାରପଣ ପାଇଁ ତୁମେ ସମସ୍ତ ଭାରତବାସୀଙ୍କ ହୃଦୟରେ ଲାଖି ହୋଇ ଯାଇଥିଲ । ନିରୀହ ସରଳ ଲୋକଙ୍କୁ ତୁମେ ସ୍ୱାଧୀନତାର ମନ୍ତ୍ର କାନେ କାନେ କହି ଥିଲ, ସଭିଙ୍କୁ ଏକଜୁଟ କରି ଅନ୍ୟାୟ ଅନୀତି ବିରୁଦ୍ଧରେ ଲଢ଼ିବାର ସାହସର ବୀଜ ସେମାନଙ୍କ ହୃଦୟରେ ବପନ କରି ଥିଲ। ସେମାନଙ୍କୁ ଏକାଠି କରି ସେମାନଙ୍କ ଅଧିକାର ଆଉ କର୍ତ୍ତବ୍ୟ ବିଷୟରେ ବୁଝାଉ ଥିଲ। ବାର ବାର କାରାବରଣ କରି ବିଭିନ୍ନ ସମୟରେ ନିଜର ସଂଗ୍ରାମ ଅନ୍ୟାୟ, ଅନୀତି ବିରୁଦ୍ଧରେ ଜାରି ରଖିଥିଲ। ଲବଣ ସତ୍ୟାଗ୍ରହ, ଦାଣ୍ଡି ଯାତ୍ରାର ପୁରଧା ସାଜି ଥିଲ। ଅହିଂସା ନୀତି ବଳରେ ଦେଶରୁ ଫିରିଙ୍ଗି ମାନଙ୍କୁ ତଡ଼ି ଦେଇଥିଲ । ଆଜି ତୁମରି ଜାଗରଣର ଫଳ ସ୍ୱରୂପ ଦେଶ ପରାଧୀନତାରୁ ମୁକ୍ତ । ଆଜି ଆମେ ସମ୍ପୂର୍ଣ୍ଣ ସ୍ୱାଧୀନ ହୋଇବି ନିଜକୁ ଅନେକାଂଶରେ ସ୍ୱାଧୀନ ଭାବି ପାରୁନୁ। ତୁମର ସେଇ ମୌଳିକ ଶିକ୍ଷା, ବୁନିଆଦି ଶିକ୍ଷା, କରି ଶିଖିବା ଆଉ କରି ଖାଇବାର ପ୍ରୟାସ ଦୂରରୁ ପରାହତ। ଆଜିର ଶିକ୍ଷା ପତନମୁଖୀ । ଶିକ୍ଷା, ଚିକିତ୍ସା, ସ୍ୱାସ୍ଥ୍ୟ ସବୁଥିରେ ରାଜନୀତି। ଦେଶରେ ଅରାଜକତା ବଢିବାରେ ଲାଗିଛି। ତୁମ ରାମରାଜ୍ୟର ସ୍ୱପ୍ନ, ଆଜି ଅଖଣ୍ଡ ଦେଶକୁ ଖଣ୍ଡବିଖଣ୍ଡିତ କରି ସାରିଲାଣି। ନାରୀ ଶିକ୍ଷାର ପ୍ରଚାର ପ୍ରସାର ଆଜି ପତନମୁଖୀ। ନାରୀକୁ ମାଆର ସମ୍ମାନ ଦେବା ପରିବର୍ତ୍ତେ କୁନ୍ଦୁଲି ପରି ଶହ ଶହ କଢ଼ ଫୁଟିବା ଆଗରୁ ଆଜି ଅକାରଣରେ ଝଡି ପଡୁଛନ୍ତି। ଦେଶରେ ଭରି ଯାଇଛି କୁସଂସ୍କାର, ଅନ୍ଧବିଶ୍ୱାସ ଆଉ କଙ୍କଡା ଗୋଡ଼ ଟଣା ନୀତି। ସେବା ମନଭାବ ଆଉ ନିର୍ମଳ ଭାବ ମୂର୍ତ୍ତି ଲୋକଙ୍କଠୁ ଦୂରେଇ ଯାଇଛି। ସଂକୀର୍ଣ୍ଣ ମନ ଭାବ ଆଜି ସଭିଙ୍କୁ ଗ୍ରାସିଛି । ସମୟ ଜ୍ଞାନର

ଧାରଣା ଆଜି ସତେ ଭୁଲି ଯାଇଛୁ। ତୁମର ସେଇ ଛୁଆଁ ଅଛୁଆଁ ଦୂରୀକରଣ ନୀତି ଆଜି ବି ଦେଶରୁ ହଟିନ। ଆଜିବି ଲୋକେ ନଜର ମୌଳିକ ଆବଶ୍ୟକତା (ଖାଦ୍ୟ, ବସ୍ତ୍ର, ବାସଗୃହ) ପୂରଣ କରିବାକୁ ଅକ୍ଷମ। ଆଜିବି ଶହ ଶହ ଲୋକ ଏଠି ସେଠି ସବୁଠି ଭିକ୍ଷା ମାଗୁଥିବାର ଦେଖା ଯାଉଛି। ନଜର ଘର ନାହିଁ ବୋଲି ରେଲୱେ ଷ୍ଟେସନ ପୋଲ ତଳ ଆଜି କାହାରି କାହାରି ଘର। କୁନ କୁନ ଛୁଆ ଯେଉଁ ହାତରେ ସିଲଟ, ଖଡ଼ି ଧରିବା କଥା ସେଇ ହାତରେ ମୂଲ ଲାଗୁଛନ୍ତି, ଏହାଠୁ ଆଉ ବଡ଼ ଦୁଃଖର କଥା କଣ ହେଇ ପାରେ। ସତରେ ବାପୁ ତୁମେ ଶିଖେଇଲ ଅହିଂସାର ପଥ ଆଜି ଲୋକେ ହିଂସାରେ ଜର୍ଜରିତ। ତୁମେ ଦେଖେଇଲ ସତ୍ୟର ପଥ ଆଜି ସତ୍ୟକୁ ସାମ୍ନା କରିବାର ସତ ସାହସ ଆମର ନାହିଁ। ତୁମେ ବତେଇ ଥିଲ କାଟି ପିନ୍ଧିବାକୁ ହେଲେ ଆଜି ଫାଡ଼ି ପିନ୍ଧୁଛନ୍ତି। ତୁମେ ଶିଖେଇ ଥିଲ ନିଃସ୍ୱାର୍ଥ ପର ସେବା, ହେଲେ ଆଜି ସ୍ୱାର୍ଥ ବିନା ସେବା ନାହିଁ। ତମେ କହିଥିଲ ସତ କହିବାକୁ ହେଲେ ଆଜି ମିଛ ବିନା ନଦ ହେଉନ। ସତରେ ବାପୁ ଆଜି ତୁମେ କୋଉଠି ପୁଣି ଥରେ ଆସ ମୋ ଅସମାହିତ ପ୍ରଶ୍ନର ସମାଧାନ କରି ଦେଇ ଯାଅ । ମୋତେ ଗୋଲକ ଧନ୍ଦାରୁ ମୁକ୍ତ କରି ଯାଅ। ତୁମେ ପୁଣି ଶାନ୍ତ, ସରଳରୁ ଭୟଙ୍କର ରୂପ ଧାରଣ କରି ତୁମେ କରିଥିବା ନୀତିର ସଠିକତାକୁ ଟିକେ ପରଖି ଯାଅ ଆଉ ଅବାଟରେ ଯାଉ ଥିବା ଲୋକଙ୍କୁ ପୁଣି ଦେବ ଦୂତ ସାଜି ସଜାଡି ଯାଅ। ଦରକାର ହେଲେ ହାତରେ ସାଂକୁଚ ଲାଙ୍ଗୁଡର ଗ୍ଣବୁକ ଧରି ସାବାଡ଼ କରି ଦେଇ ଯାଅ। ଆଉ ସେ ଉଦାର, ସରଳ ପଣ ଗ୍ଲିବ ନାହିଁ। ଦୁଷ୍ଟକୁ ଶାସନ କରିବା ପାଇଁ ଗୁରୁଜୀଙ୍କ ଛାଟ ବି ଦରକାର। ତେଣୁ ଆସ ବାପୁ ପୁଣି ଥରେ ନୂଆ ରୂପରେ ଆଉ ନୂଆ ଢ଼ଙ୍ଗରେ.......

ମୋରଡ଼ା, ମୟୂରଭଞ୍ଜ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଦୟାମୟ ହେ



ବ୍ରଜକିଶୋର ସାଇଁ

ଦୟାମୟ ହେ,
ଘେନ ପ୍ରଣତି ମୋର
ଜାଣେନାହିଁ ମୁହିଁ ପୂଜା ଅରଚନା
କେମିତି ପୂଜିବି ତୁମ ପୟର ।
ଦୟାମୟ ହେ..... ।୧।

ମୋ ମନ ମନ୍ଦିରେ ତୁମେ ଅଧୀଶ୍ୱର, ସବୁତ ତୁମକୁ ଥାଏ ଗୋଚର
ଯହିଁ ଥାଏ ମୁହିଁଥାଅ ତୁମେ ରହି, ଅନ୍ତର୍ଯ୍ୟାମୀ ତୁମେ ଦୟା ସାଗର ।
ଗ୍ୱହିଁଦେଲେ ତୁମେ ପ୍ରଳୟ ହୁଅଇ
ନ ଗ୍ୱହିଁଲେ ହଲେନାହିଁ ପତର ।୨।

ଧୋଇଦିଅ ନାଥ ଜୀବନୁ ମୋହର, ସକଳ ପାତକ କଳୁଷ କାଳ
ଦିନ ଯାଉ ବିତି ଗାଇ ତୁମ ଗୀତି ଏତିକ କରୁଛି ପାଖରେ ଅଳ ।
କରୁଣା ନ କରି କପଟ କରିଲେ
ଭବ ସିନ୍ଧୁ ହେବି କେମିତି ପାର ? ।୩।

ଯାହା ତ ଦେଖୁଛି ସବୁତ ତୁମରି, କ ଦେଇ ତୋଷିବି ତୁମକୁ କୁହ
ଦେବାପାଇଁ ମୋର ପାଖେ କଛି ନାହିଁ, ଅଛି ଖାଲି ମୋର ଆଖିର ଲୁହ ।
ମାଳା କରି ତୋରେ ପିନ୍ଧାଇ ଦେଉଛି
ଏ ଭବ ସାଗରୁ କର ଉଦ୍ଧାର ।୩।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ,
ନୂଆପଡା, ନୂଆବଜାର, କଟକ

# ପାନ୍ଥ



ଶୁଭ ପଧାନ

ବିରହର ଏଇ ପାନ୍ଥ ଶାଳାରେ
ମୁଁ ଯାଯାବର ପାନ୍ଥ,
ପ୍ରତାରଣା ଫାଟେ ପବନ ପିଉଛି
ହତଭଗା ଯା'ର କାନ୍ଥ।
ଆଗେ ଅନେଇଛି ହତାଶା ହିମାଦ୍ରି
କେମିତି ହେବି ମୁଁ ପାରି,
ପଛରେ ପଡ଼ିଛି ସ୍ମୃତି ସିଜୁବଣ
କେମିତି ଯିବି ମୁଁ ଫେରି।
ଜହ୍ନରେ ତୋ ଆଞ୍ଜୁଳାରେ ମତେ ଉଠେଇନେ ଉପର,
ପବନରେ ତୋ ପିଠିରେ ପିଠେଇ
ନେଇ ଯା' ବହୁଦୂର।
ଯେଉଁଠାରେ ମୋ ଆଶା ଅନ୍ୱେଷାର
କ୍ଷାର ହେବ ହସ୍ତଗତ,
ଯେଉଁଠାରେ ମୋ ବୁକୁରେ ବୃସ୍ତ ତି
କରିଦେବ ଦସ୍ତଖତ।
ଦିନ ଦରିଦ୍ର ମୁଁ ପାଉଣା ପାଇଁ
କରିବନ ହେ ହିନସ୍ତା,
ପାଉଣା ବଦଳେ ମୋର ରକ୍ତ ମାଂସ
ଖୁସିରେ କରିବ ନାସ୍ତା।

ଇଂରାଜୀ ଶିକ୍ଷକ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଗାଇସିଲେଟ

# ଦୁଷ୍ଟ ବାଳକ



ରାଜେଶ କୁମାର ବାରିକ

ବିଦ୍ୟାଳୟ ଗୋଟେ ଏମିତି ଏକ ମନ୍ଦିର ଯେଉଁଠି କ ସବୁ ଧର୍ମ, ସବୁ ଯାତି ଓ ବର୍ଣ୍ଣର ପିଲା ନିର୍ଦ୍ଵନ୍ଦରେ ଆସିଥାନ୍ତି। ଆଉ ଏଇ ମନ୍ଦିରରୁ ଜ୍ଞାନ ଆହୋରଣ କରି କିଏ ଦେଶ ଗଢିବାରେ ଲାଗିଛି ତ ଆଉ କିଏ ସନ୍ତ୍ରାସବାଦ ହୋଇ ହିଂସା ର କଳାବାଦଲ ହୋଇ ଗ୍ରାସିବାରେ ଲାଗିଛି ସମଗ୍ର ମାନବ ଜାତିକୁ । ସିଧା କଥାରେ କହିବାକୁ ଗଲେ ମଣିଷ ଭଲ କମ୍ବା ଖରାପ ହେବାକୁ ହେଲେ ମଧ ବିଦ୍ୟାଳୟ ଆସିବାକୁ ପଡେ ।

ସେଦିନ ଥାଏ ୨୦୦୯ ମସିହା ଏପ୍ରିଲର ଅନ୍ତିମ ଅପରାହ୍ନ। ଧିରେ ଧିରେ ବୈଶାଖର ତାତି ବଢୁଥାଏ ଆଉ ତା'ସହ କୃଷ୍ଣଚୂଡାର ନାଲି ନାଲି ରଙ୍ଗ ସତେ ଯେମିତି ଖତେଇ ହେଉଥାଏ। ଦେହରେ ତାତି କୁ ମନରେ ତାତି, ଜୀବନରେ ଗ୍ଳାନିଛି କଣ? କିଛି ବୁଝା ପଡୁନଥାଏ ନା ଓଠ ରେ ହସ ନା ଘରକୁ ଜିବାର ଖୁସି । ଉପସ୍ଥିତ ଥିବା ସବୁ ପିଲା ଙ୍କର କଣ୍ଠ ବାଷ୍ପରୋଳ ହୋଇ ଯାଉଥାଏ । ଭାବି ପାରୁନଥାନ୍ତି କଣ ସବୁ କରିବା।

ହଠାତ୍ ହରିହର ସାର ହାତରେ ଖଣ୍ଡେ ବାଡିଧରି ରୁମ୍ ଭିତରକୁ ପସିଆସିଲେ ଆଉ କହିଲେ ସମସ୍ତେ ନିଜେ ନିଜର ଜିନିଷ ପତ୍ର ବ୍ୟାଗ୍ ରେ ଭରିଦିଅ ଗାଡି ଆସିବା ଟାଇମ୍ ହୋଇଗଲାଣି । ଠିକ୍ ସେ ଭରିବ କେହି କାହାରି ଜିନିଷ ଯେମିତି ନ ନିଅ । ମୁନା ତୋତେ ସ୍ପେସିଆଲି । ସବୁବେଳେ ମଳୟ ତୋ ନାଆଁ ରେ କମ୍ପଲେନ୍ ଆଣୁଛି । ଆଉ ତୋ ସାଙ୍ଗ ଲିପୁ, ଅମର ଗଲା କୁଆଡେ ?

ପ୍ରେମାଂଶୁ ବ୍ୟାଗ୍ ରେ ଲୁଗା ରଖୁ ରଖୁ କହିଲା ସାର୍ ଅମର ଆଉ ଲିପୁ ଆରପାଖ ରୁମରେ ବସି କାନ୍ଦୁଛନ୍ତି। ମୁନା ହସିବାକୁ ଆରମ୍ଭ କରିଥିଲା କିନ୍ତୁ ସମସ୍ତଙ୍କ ନୀରବତା ଦେଖି ସେ ବି ଚୁପ ରହିଗଲା । (କାହିଁକି ନା ଅମର, ଲିପୁ କାନ୍ଦିବାର କାରଣ ନିଜେ ପରିକ୍ଷା ସାରି ରୁମ୍ କୁ ଆସିବା ବାଟରେ ଧାଡି ଭାଙ୍ଗି ଅଂଗୁର ଆଣିବାକୁ ପଠାଇଥିଲା ତାର ପରିଣତି ଯଦୁ ସାରଙ୍କ ଠାରୁ ମାଡ ।) ସାର୍ କିନ୍ତୁ ନୀରବରେ ରହିଗଲେ କିଛି କହିଲେ ନାହିଁ।

ଅମର, ଲିପୁ ଆଉ ମୁନା ତିନି ଜଣକର କ୍ୟାମେଷ୍ଟ୍ରି ଅଭଣା ସ୍କୁଲ୍ ରେ ସମସ୍ତଙ୍କୁ ଜଣା। ସବୁବେଳେ ସିନା ଝଗଡା କରନ୍ତି କିନ୍ତୁ କେହି କାହାରିକୁ ଛାଡି ଗୋଟାଏ ମୁହୂର୍ତ୍ତ ବି ରହିପାରନ୍ତି ନାହିଁ।

ସବୁଦିନ ସ୍କୁଲ୍ ରେ ଟାଇମ୍ ରେ ପହଞ୍ଚି ଯାନ୍ତି ସିନା କ୍ଲାସ୍ ରେ କିନ୍ତୁ ହୋମ୍‌ୱାର୍କ କେବେବି କରିନଥାନ୍ତି । ଯଦି କେବେ କେହି ମାଡ ଡରରେ ହୋମ୍‌ୱାର୍କ କରିଛି ନା ସେଦିନ ତାର ଅବସ୍ଥା ଖରାପ କରି ଦିଅନ୍ତି ଅନ୍ୟ ଦୁଇ ଜଣ। ଲିପୁ ବାପାଙ୍କ ପାଖରେ ବାହାନା କରି ପଇସା ଆଣେ, ଅମର ଛୁଟି ନେବାର ପୋଗ୍ରାମ ବନାଏ ଆଉ ମୁନା ସାରଙ୍କ ପାଖରେ ମାଡ ଖାଇବା ପାଇଁ ଛିଡା ହୋଇଯାଏ। ସବୁଠାରୁ ବଡକଥା ହେଲା ପ୍ରୋଗସ ରିପୋଟ୍ ନିଜେ ନିଜେ ବାପାଙ୍କ ନାମ ଲେଖି ସାରଙ୍କୁ ଦେବାର କଳା ସ୍କୁଲ୍ ରେ ଏଇମାନେ ଆର କରିଥିଲେ।

ଜଣା ପଡିଲା ନି କେତେବେଳେ ଏତେ ଗୁଡାକ ସମୟ କେମିତି ଏତେ ସହଜରେ ସରିଗଲା। କ୍ଲାସ୍ ରୁ କ୍ଲାସ ଗୋଟିଏ ପରେ ଗୋଟିଏ ପାହାଚ ଚଢୁ ଚଢୁ ଶେଷ ରେ ଦଶମ ଶ୍ରେଣୀର ଶେଷ ପରିକ୍ଷା ବି ସରିଗଲା କିଛିବି ଜଣାପଡିଲା ନାହିଁ। ମନରେ ଅବଶୋଷ ଗୋଟିଏ କେବେବି ସମସ୍ତେ ସାଙ୍ଗ ହୋଇ ସ୍କୁଲ୍ ଯାଇ ପାରିବା ନାହିଁ, ଦୁଃଖ ତ ଏଇଥି ପାଇଁ । ସମସ୍ତଙ୍କ ଆଖି ଛଳଛଳ ହୋଇଥିଲା । କଣ ହେଲା କେଜାଣି ଅମର

ଆଉ ଲିପୁ କୁ ଧରି ମୁନା କାନ୍ଦିବାରେ ଲାଗିଲା । କାହିଁକ ନା ସେ ବୁଝି ପାରିଥିଲା ଏଇ ପରିକ୍ଷା ର କ୍ୟାମ୍ପ ଛାଡିବା ପରେ କେବେ ବି ଆଉ ମିଶିପାରିବା ନାହିଁ।

ସଂଜ ନଇଁବାରେ ଲାଗୁଥାଏ । କ୍ୟାମ୍ପ ପାଖ ଚୁଲିର ଜିଆଁ ସତେଜ୍ ଥାଏ। ଗାଡି ଆସି ଲାଗିଲା। କ୍ୟାମ୍ପ ଛାଡିବାକୁ ଇଚ୍ଛା ନଥିଲେ ବି ସେଦିନ ପରିକ୍ଷା ପରେ କ୍ୟାମ୍ପ ଛାଡିଥିଲେ ମୁନା, ଅମର, ଲିପୁ ଆରମ୍ଭ ଅନ୍ୟମାନେ । ଆଉ ଏତିକ ରେ ସରିଥିଲା ସ୍କୁଲ୍ ଜୀବନ ।

ଦେବେନ୍ଦ୍ର ପୁର, ଅଜଣା, ବାଲେଶ୍ୱର

## "ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# କ୍ଷଣକର ପେସ



ଶୈଳବାଳା ଷଡଙ୍ଗୀ

ଜୀବନର ଚଲ୍ ବାଟରେ
ପ୍ରତି ମୁହୂର୍ତ୍ତରେ
ଖୋଜୁଥାଏ ତୁମକୁ ସାଥୀ
ପ୍ରତିଦିନ ପ୍ରତି ରାତ୍ରରେ ॥

କ୍ଷଣକରେ ଆସ ତୁମେ
କ୍ଷଣକରେ ଯାଅ
ଦୁନିଆର ଭିଡ ଭିତରେ
ତୁମେ ହଜିଯାଅ ॥

କାହିଁକି ଏମିତି ହୁଏ
ପ୍ରେମ ସମ୍ପର୍କରେ
ସତେ ତୁମେ ଗୁଲିଯାଅ
ଏକୁଟିଆ କରିରେ ॥

ଏହି କଣ ନିୟମ
ସ୍ନେହ, ଭଲ ପାଇବାର
ଭାଙ୍ଗିଦିଅ ପ୍ରତିଥର
ସପନକୁ ମୋର ॥

ଲେଖିକା ଓ ସମାଜସେବୀ,
ରାଉରକେଲା, ଓଡିଶା

# ତୁମ ସ୍ମୃତିରେ.....



କେଶରୀ ପ୍ରସାଦ ମହାନ୍ତି

ମୁଁ ତୁମକୁ ଖୋଜୁଛି,
ମୋ ନିରବତା ରେ
ମୋ ନିର୍ଜନତା ରେ
ମୋ ସ୍ୱପ୍ନ ସମ୍ଭାର ରେ
ଆଉ ମୋ ଅସହାୟତା ରେ.....(୧)
ଜୀବନର ଦୋ ଛକ ରାସ୍ତାରେ
ଅବିଶ୍ୱାସ ର ଅନ୍ଧାର ଘେରରେ
ତୁମେ ରୁନ୍ଧି ହୋଇଗଲ ଭ୍ରମ ଯୁଦ୍ଧ ରେ
ଜାଣେନି କେମିତି ହଜିଗଲ ଆଖି ଆଗରେ.....(୨)
ସକାଳର ସୁନେଲି ଖରା ରେ
ରାତିର ଶିତଳ ଜ୍ୟୋସ୍ନା ରେ
ଅରଣ୍ୟର ନିସ୍ତବ୍ଧତା ରେ
ମୋର ଅନ୍ତର ର ଚିତ୍ରିତ ମାନସ ପଟ୍ଟରେ,
ସବୁଠି ତୁମର ଛବି ଟା ଉଙ୍କି ମାରେ.....(୩)
ତୁମ ମନର ସରଳତା
ମନ ଭିତର ର ନିଷ୍କପଟତା
ସର୍ବୋପରି ତମର ଯତ୍ନଶିଳତା
ଖାଲି ମୋତେ ନୁହେଁ
ମୋ ଲେଖନି ରେ ଭରିଛି ଉର୍ଜା.....(୪)
ତମ ବିଚ୍ଛେଦ ରେ
ସ୍ୱପ୍ନ ସବୁ ସରିଯାଏ
ଆଶା ଗୁଡା ମରିଯାଏ
ମନଟା ମାନ ମାରେ

ବିବେକ ଟା ପରିହାସ କରେ
କେବଳ ତୁମ ଅଭୁ   ସ୍ମୃତିରେ.....(୫)
କୋଇଲି ର କୁହୁତାନ
ବସନ୍ତର ମୃଦୁ ପବନ
ତୁମ ଗ୍ରାମର ଅପରାହ୍ନ
ଆଉ ତୁମର ତୁଚ୍ଛା ଅଭିମାନ
ଏସବୁକୁ ସାକ୍ଷୀ ରଖି
ମୁଁ ଦେଖିଥିଲି ସଂପର୍କର ସ୍ୱପ୍ନ .....(୬)
ମୁଁ ଜାଣେ ମୁଁ ତୁମ ପାଇଁ ଯୋଗ୍ୟ ନୁହେଁ
ତଥାପି ଯୋଗ୍ୟତା ପାଇଁ ଦରକାର ସୁଯୋଗଟିଏ
କେବେ ଭାବିଛ
କେବେ ପ୍ରଶ୍ନ କରିଛ
ତୁମେ ଗଲା ପରେ
ଭାବନାକୁ ପାଦରେ ଦଳ
ଛାତିକ ପଥର କରି
ଲୁହକୁ ପାନ କରି
ଏ ମଣିଷଟା କପରି ବଞ୍ଚିଛି
ପ୍ରତିକ୍ଷଣେ ମରିମରି
ତୁମର ସ୍ମୃତି ରେ
ତୁମର ସ୍ମୃତିରେ.....(୭)

ଛାତ୍ର, ଉଦ୍ଭିଦ ବିଜ୍ଞାନ ଛାତ୍ର,
ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ, ଯାଜପୁର

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନନ୍ତା ପଣ୍ଡା

## ୧୮-ମେଡିକାଲ କଲେଜ:-

## ଭୟ ନାଶେ ଭକ୍ତି ବିକଶାଏ

ଓଡିଶାରେ ତିନଟି ମେଡିକାଲ୍ କଲେଜ । ଏସ୍.ସି.ବି କଟକ, ଭି.ଏସ୍.ଏସ୍ ବୁର୍ଲା ଏବଂ ଏମ୍.କେ.ସି ବରହମପୁର । ମେଡିକାଲ କଲେଜ ଆଡମିଶନ୍ ପାଇଁ କୌଣସି ଲିଖିତ ପରୀକ୍ଷା କିଂବା ଇଣ୍ଟରଭିଉ ହୁଏନା । ମାର୍କସ ଅନୁସାରେ ପ୍ରଥମେ କଟକ, ଦ୍ୱିତୀୟରେ ବୁର୍ଲା ଏବଂ ତୃତୀୟରେ ବରହମପୁର ସିଟ୍ ଭର୍ତ୍ତୀ କରାଯାଇଥାଏ । ପ୍ରଥମ ଲିଷ୍ଟରେ ମୋ ନାମ ଏସ୍.ସି.ବି ପାଇଁ ମନୋନୀତ ହୋଇଥିଲା । ବଡନନାଙ୍କର ପାଟନାଗଡ ଟ୍ରାନସ୍ଫର ହୋଇଛି । କଟକ ଠାରୁ ବହୁ ଦୂରରେ । ସୁବିଧା ଅସୁବିଧା ଯିବା ମଧ୍ୟ ସମ୍ଭବ ହେବନି । କଟକ ଶୈଳବାଳା ମହିଳା କଲେଜର ଅନୁଭୂତି ମୋ ମନରେ ବରଫ ଜମାଟ ବାନ୍ଧିଲା ଭଳି ଜମି ଯାଇଥିଲା ।

“ମୋ ମତରେ ତୋର ବୁର୍ଲା ମେଡିକାଲ୍ କଲେଜକୁ ଟ୍ରାନ୍ସଫର କରିବା" କହିଲେ ବଡନନା।

ମାତ୍ର କଟକ ମେଡିକାଲ କଲେଜ ବୁର୍ଲା ମେଡିକାଲ ଠାରୁ ବହୁ ପୁରୁଣା ଏବଂ ନାମ ଡାକ ମଧ୍ୟ ।

ଜାଣେ, ମାତ୍ର ବୁର୍ଲାରେ ରହିଲେ ମୁଁ କେତେବେଳେ କେମିତି ତୋ ପାଖକୁ ଆସି ପାରିବି । ଯାହା କଟକ ପାଇଁ ସମ୍ଭବ ହେବନି । ସତ କହିବାକୁ ଗଲେ ମୁଁ ଆଉଥରେ ଦୁରବସ୍ଥାର ପୁନରାବୃତ୍ତି ଚାହୁଁନି ।

ବହୁ ଚନ୍ତା କରି ଶେଷରେ ବୁର୍ଲା ଟ୍ରାନ୍ସଫର କରାଇବାର ନର୍ଣ୍ଣୟ ନେଲି । ସାନନନା ବହୁ ବିରକ୍ତି ହେଲେ | ନାମଜାଦା କଲେଜକୁ ଛାଡି ଆଉ ଥରେ ଭୁଲ୍ କରିବାକୁ ଯାଉଛୁ ।

କଛି ନ କହି ଚୁପ୍ ରହିଲି ।

......ଟ୍ରାନ୍ସଫର ପାଇଁ ବହୁଦିନ ଲାଗିଗଲା । ମୁଁ ଅପେକ୍ଷା କରି କଟକରେ ଜଣେ ପରିବାର ବନ୍ଧୁଙ୍କ ଘରେ ରହିଥିଲି । କଲ୍ୟାଣୀର କ୍ଲାସ୍ ଆରମ୍ଭ ହୋଇ ଗଲାଣି । ସେ ତାଙ୍କ ପରିବାରର ନୁହେଁ ତା ପିତୃଗତ ଗାଁର ପ୍ରଥମ ଝିଅ ଯେ କ ବିଏ ପଢୁଛି । ଆଇ.ଏ ପାସ୍ କଲାପରେ ତା ମା ତାର ପାଠ ବନ୍ଦ କରି ତାକୁ ବାହା କରାଇଦେବାରୁ ଚେଷ୍ଟାରେ ଥିଲେ । ହେଲେ ବାପା ନ ଛୋଡ ବନ୍ଦା, ସେ ପାଠ ପଢି ଗୁକରୀ କରିବ । ତା ତିନ ଭଉଣୀଙ୍କର ଆଦର୍ଶ ହେବ ।

ମୁଁ ସିନା ବେକାର ହୋଇ ବସିଥିଲି, କଲ୍ୟାଣୀର କ୍ଲାସ ଥାଏ । ତେଣୁ ଶନବାର ଦ୍ୱିପହରେ ତା ସଂଗେ ଦେଖାହୁଏ । ଦିନକର କଥା । ଆମେ ଦୁହେଁ ଦିନେ ଏକ ଧନୀ ବ୍ୟକ୍ତିଙ୍କ ଘରେ ଥିଲୁ । ମାଉସୀ କେତେଦିନ ପାଇଁ ବାହାରକୁ ଯାଇଥିଲେ । ଆସି ପହଞ୍ଚିଥିଲେ । ମାଉସୀଙ୍କ ପରିଚୟ ମୋ ଠାରୁ ଜାଣିବା ପରେ ସେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କଲା । ମାଉସୀ ଟିକଏ ଭିନ୍ନ ଧରଣର । ଧନୀ ଘର ବୋଲି ହେଉ କଂବା ଅନ୍ୟ କୌଣସି କାରଣରୁ ହେଉ ସେ ନଜ ବ୍ୟତୀତ ଅନ୍ୟ ସମସ୍ତଙ୍କୁ ହେୟ ଦୃଷ୍ଟିରେ ଦେଖନ୍ତି । କଲ୍ୟାଣୀ ବିଷୟରେ ସେ ମୋ ଠାରୁ ଟିକ ନଖି ଖବର ଏକାଠି କରିଥିଲେ । ପ୍ରଣାମ ପରେ ତାକୁ ଆଶୀର୍ବାଦ ଦେବା ବଦଳରେ ଖୁବ୍ ନକୁଛ ଭାବେ କହିଲେ । "ବାପର ଛୋଟ ଗୁକରୀ ତ, ତେଣୁ ସେ ସମସ୍ତଙ୍କୁ ଭୟ କରିଥାଏ । ଏଇ ଦେଖୁନୁ, କେମିତି ପାଦ ଧରି ଗଡ ଗଡା ମାରୁଛି ।"

କଲ୍ୟାଣୀର ଦୁଇ ଆଖିରେ ଲୁହ । ତା ଆଖି ପୋଛୁ ପୋଛୁ କହିଲି, "ଭୟ ନୁହେଁ ମାଉସୀ, ଆନ୍ତରିକ ଭକ୍ତି । ଯାହା ସହରୀ ଝିଅଙ୍କ ପାଖରେ ଦେଖିବା ବିରଳ ।" କଲ୍ୟାଣୀକୁ ଛାଡିବା ପାଇଁ ତା ଘରକୁ ଗଲି ।

......ମୋର ଟ୍ରାନ୍ସଫର ଅର୍ଡର ଆସି ଯାଇଛି । ଆନନ୍ଦର ସୀମା ନାହିଁ । ବାପାଙ୍କ କଥା ମନକୁ ମନ ଦୋହରାଉଥିଲି । ଡାକ୍ତରୀ ପାଠ ପଢି ମଧ ତୁ ଲିଟ୍ରେଚରରେ ରୁଚ ରଖି ପାରିବୁ । ମାତ୍ର ଅନ୍ୟ କଛି ବୃତ୍ତିରେ ଥାଇ ଡାକ୍ତର ହୋଇ ପାରିବୁନ ।

ବୁର୍ଲା ମେଡିକାଲ କଲେଜରେ ମୋର ଆଡମିଶନ୍ ହୋଇ ଯାଇଛି । କଲେଜ ନୟମ ଅନୁସାରେ ପ୍ରଥମ ୧୦୦ ଜଣ, ସେକସନ୍ 'ଏ' ରେ ଏବଂ ପରେ ସମସ୍ତେ ସେକସନ୍ 'ବି'

ସେକସନ୍ ରେ ରହିଲି । ଟ୍ରାନ୍ସଫର ହୋଇ ଆସି ଥିବାରୁ ମୋ ରୋଲ୍ ନମ୍ବର ପ୍ରାୟ ଶେଷ ଆଡକୁ ଥିଲା । ତେଣୁ ମୁଁ "ବି" ସେକସନରେ ରହିଲି । ଏ ବର୍ଷ ମେଡିକାଲ୍ ରେ ଝିଅ ସଂଖ୍ୟା ବେଶୀ, ଆମେ ସମସ୍ତେ ମିଶି ୩୮ ଜଣ ଥିଲୁ । ସମସ୍ତେ ହଷ୍ଟେଲରେ ରହନ୍ତି । ଶୈଳବାଳା କଲେଜ ହଷ୍ଟେଲ ଭଳି ଏଠାରେ କିଛି ନୀତି ନିୟମ ନାହିଁ, ଯାହାର ଯେତେବେଳେ ଇଚ୍ଛା ଶୋଇବ, ଯେତେବେଳେ ଇଚ୍ଛା ଉଠିବ । ମାତ୍ର ଡାଇନିଂ ହଲ୍ ପାଇଁ କଟକଣା ଅଛି ।

ମୁଁ "ବି" ସେକସନ୍ ରେ ଥିବା ହେତୁ ପ୍ରଥମ ଦିନ ଆମର ଫିଜିଓଲୋଜୀ କ୍ଲାସ୍ । ମୋର ଉଚ୍ଚତା କମ୍ ବୋଲି ମତେ ପ୍ରଥମ ବେଞ୍ଚରେ ବସିବାର ସୁଯୋଗ ସ୍କୁଲ କଲେଜରେ ପ୍ରାପ୍ତ ହେଉଥିଲା । ଏଠାରେ କେହି କିଛି ନ କହିଥିଲେ ମଧ୍ୟ ମୁଁ ପ୍ରଥମ ବେଞ୍ଚରେ ବସି ପଡିଲି ।

ପ୍ରଫେସର ସେନ୍‌ଙ୍କର କ୍ଲାସ୍ । ପ୍ରଥମେ ଅଳ୍ପ ବହୁତ ପରିଚୟ, କିଛିଟା ଉପଦେଶ, ପରେ ପରେ ଇଣ୍ଟ୍ରଡିକ୍ଟୋରୀ ଲେକ୍‌ଚର । ପ୍ରଫେସର ଙ୍କ କଥା ବାର୍ତ୍ତା କେଡେ ମାର୍ଜିତ । ମନେ ହୁଅନ୍ତି ଖୁବ୍ ସ୍ନେହୀ । କଲେଜରେ କେମିତି ଡରୁଉଥିଲେ । ସତେ ଯେମିତି ମେଡିକାଲ କଲେଜର ପ୍ରଫେସର ମାନେ ବାଘ, ଭାଲୁ । ଯେତେ ସବୁ ବେକାର କଥା । କହନ୍ତି ନା "ଗାଁ ପରିମଳ ଧୋବା ତୁଠରୁ ।" ମେଡିକାଲ କଲେଜର ରହଣୀ ଯେ ନିଶ୍ଚିତ ଭାବେ ଆନନ୍ଦମୟ ହେବ । ଏଥିରେ ସନ୍ଦେହ ନାହିଁ ।

କ୍ଲାସରେ ନାଲି, ନେଳ, କଳା ପେନ୍ ରେ ନୋଟ୍ ଲେଖିବା ମୋର ଅଭ୍ୟାସ । ଆଜି ମଧ୍ୟ ହାତରେ ଦୁଇଟି ପେନ୍ ଧରି ସାର୍ କହିବା ବିଷୟ ତକ ନୋଟ୍ କରିଥିଲି ।

କ୍ଲାସ ଶେଷ ହେବା ପରେ ପ୍ରଫେସର ପ୍ରଶ୍ନ କରିଥିଲେ "ବୁଝିବାରେ ଅସୁବିଧା ନାହିଁ ତ !"

ଏକ ସମବେତ କଣ୍ଠ ସ୍ୱର "ବହୁତ କମ୍"

ଲକ୍ଷ୍ମଣ ଜେନା ଠିଆ ହୋଇ କହିଲା, ପ୍ରଥମ କ୍ଲାସ ତ, ମେଡିକାଲ ଶବ୍ଦ ଗୁଡିକ ସହ ଆମେ ପରିଚିତ ନୋହୁ ।

ଠିକ୍ ଅଛି, ଆସନ୍ତା କ୍ଲାସ ଆଗରୁ ଥରେ ବହିରୁ ପଢି ଦେଇ ଆସିବ । ମେଡିକାଲ୍ ଟରମିନୋଲୋଜୀ କଷ୍ଟ ଲାଗିବନି । ଆରେ, ତୁମି କଣ ଚିତ୍ର କରୁଥିଲି ? କ୍ଲାସରେ ଆଟେଣ୍ଟିଭ ହେବା ଖୁବ୍ ଜରୁରୀ । ମୋ ଆଡକୁ ଚାହିଁ ପ୍ରଫେସର କହିଲେ ।

ଡରି ଯାଇ ଥର ଥର ଗଳାରେ କହିଲି, "ନୋଟ୍ ଲେଖୁଥିଲି ।"

ନୋଟ୍!!! କପି ଦେଖାତ ।

ବେଞ୍ଚରୁ ଉଠି ଯାଇ ସାର୍ ଙ୍କ ହାତରେ ଖାତାଟି ଦେଲି । "ଅତି ସୁନ୍ଦର", କହି ଖାତାଟିକୁ ଖୋଲି ପିଲ୍ମାନଙ୍କ ଆଡକୁ ଦେଖାଇଲେ ।

ପ୍ରଫେସର ଯିବା ପରେ ଖୁବ୍ ହୋ, ହଲ୍ଲା-- ତା ସଂଗେ ସଂଗେ ଲକ୍ଷ୍ମଣ ଆଉ ମତେ ଦୁଇଟି ଉପାଧି । "ପ୍ରଫେସର", ଆଉ "ନୋଟ୍ ମାଷ୍ଟର" ।

..... ହଷ୍ଟେଲରେ ଜୋର୍ ସୋର୍ ରେ ଆଲୋଚନା ହୋଇ ଥିଲା "ଆନାଟୋମୀ ପ୍ରଫେସର ଭୀଷଣ କଡା । ଟିକଏ ଭୁଲରେ ହାଡ ଖଣ୍ଡକରେ ମାଡ ଖାଇବାକୁ ହୁଅ । ଡରି ଛାନିଆ ହୋଇ 'ଏ' ସେକସନ୍ ଝିଅ ମାନଙ୍କୁ ପଚାରିଲି ।

"ବାପ୍ ରେ ବାପ୍, ତାଙ୍କର କଛି କହିବା ଦରକାର ନାହିଁ । ତାଙ୍କ ଜଳୁଥିବା ଆଖି ଦିଟାକୁ ଦେଖିଲେ ତୁମର ଲୁଗା ଓଦା ହୋଇଯିବ । ହେଲେ ଖୁବ୍ ଭଲ ପଢାନ୍ତି ବୋଲି ଗ୍ରେଜି ଅପା, ସୁଶୀଳା ଅପା(ସିନୟର) କହୁଥିଲେ । କହିଲା ଶିବାନୀ ।

ବହୁତ ଗୋଟାଏ ସାହସୀ ପିଲ୍ ଭଳି କହିଲି, "ଟିଚର ଙ୍କୁ ଭୟ କ'ଣ, ଭକ୍ତି କରିବା କଥା "

ପରେ ପରେ ଗୁଡାଏ ମିଳତ କଣ୍ଠ ସ୍ୱର । ହଉ ହଉ ଆଜି ସେ ସବୁ ତୋ ପାଖେ ରଖିଥା । କଲି କ୍ଲାସ ପରେ କହିବୁ । ଭୟ ନା ଭକ୍ତି । ତହିଁ ଆରଦିନ ଆଖି ଖୋଲିଲା ବେଳକୁ ଛଅଟା ବାଜି ଯାଇଥିଲା । ଜଲ୍ଦି ଜଲ୍ଦି ନିତ୍ୟକର୍ମ ସାରି ଆନାଟୋମୀ କ୍ଲାସ୍ ରେ ପହଞ୍ଚି ଗଲି । ପ୍ରଫେସର ହଜାରି ବାହାରକୁ ଯାଇଥିଲେ । ତେଣୁ ଇଣ୍ଟ୍ରଡିକ୍ଟୋରୀ କ୍ଲାସ୍ ନାଁକୁ ମାତ୍ର ହେଲା । ସେଇ ସ୍କୁଲ୍, କଲେଜ ଭଳ କ୍ଲାସ୍ ତ--- ତା ପରେ ଦଉଡିଲୁ ଡିସେକ୍ସନ୍ ହଲ ଆଡକୁ । ବାହାର ବାରଠାରେ ମଧ ଉକ୍ଟ ଫରମାଲିନ୍ ଗନ୍ଧ । ପ୍ରାୟ ସମସ୍ତ ପିଲ୍ମାନେ ଦୁଆର ବାହାରେ । ସବୁ ଝିଅ ମାନଙ୍କର ନକ ଉପରେ ହାତ, ମୁଁ ପଛରେ ପଡି ଯାଇଥିଲି। ଏଇ ସୁବିଧା ନେଇ ଆଗକୁ ଗ୍ଲିଗଲି । ହଲ୍ ଭିତରେ ପତଳା ପତଳା ୧୮ ଟି ଟେବୁଲ୍, ଶସ୍ତା ମାର୍ବଲ ରେ ମଠିତ ତିନଟି ଲାଇନ୍ ରେ ରଖାଯାଇଛି, ସବୁ ଟେବୁଲ୍ ଉପରେ ଗୋଟିଏ ଲେଖାଏଁ ପୁରୁଷ ସ୍ତ୍ରୀଙ୍କର ନଗ୍ନ ଶବ । ହଲ୍ ର ଅନ୍ୟ ଏକ ପାର୍ଶ୍ୱରେ ଗୋଟିଏ ବଡ ଟେବୁଲ୍ ଯାହାକ ବିଭିନ୍ନ ପ୍ରକାର ଛୋଟ ବଡ ଟେବୁଲ୍ ଯାହାକ ବିଭିନ୍ନ ପ୍ରକାର ଛୋଟ ବଡ ହାଡ ମାନଙ୍କର ସଜ୍ଜିତ । ମଝିରେ ଗୋଟାଏ ଖପୁରୀ । ମନେ ହେଉଛି ଖାଇ ଯିବକ ଆଉ । ଶଙ୍କି ଟିକଏ ପଛକୁ ଫେରି ଆସିଲି । ଶୁଣାଗଲା ଖୁବ୍ ଏକ ମୋଟା ଗଳାର ଶବ୍ଦ "ଭିତରକୁ ଆସ" । ଫେରି ଗ୍ହିଁଲି, ଜଣେ ଖୁବ୍ ଡେଙ୍ଗ । ଚନ୍ଦା ଭଦ୍ର ବ୍ୟକ୍ତି । ଫୁସ୍ ଫାସ୍ ଭିତରେ

ଜଣାଗଲା, ସେଇ ହେଉଛନ୍ତି ପ୍ରଫେସର ହଜାରି । ଆଖି ଦୁଇଟିକୁ ନିରୀକ୍ଷଣ କଲି । ସତରେ ଏ ଦୁଇଟା ଜଳୁଛି ନା ଦିପୀମାନ?

ପରେ ପରେ ଶୁଣାଗଲା ଏକ କୋମଳ କଣ୍ଠ ସ୍ୱର । ନିଜ ନିଜର ଡିସେକସନ୍ ବକ୍ସ ନେଇ ରୋଲ ନଂ ହିସାବରେ ତିନ ତିନିଜଣ ଟେବୁଲ୍ ର ଦୁଇ ପାଖେ ଛିଡା ହୁଅ । ସେ ଥିଲେ ଜଣେ ସୌମ୍ୟ ଯୁବକ, ଡାଃ ସରକାର । ପରେ ପରେ ଡାଃ ସରକାର ଗୋଡ ତଳପା ଏବଂ ହାତ ପାପୁଲିର ସରଫେସ୍ ମାର୍କିଙ୍ଗ୍ ବୁଝାଇ କନିଙ୍ଗ୍ ହୋମ୍ ଖୋଲି ଡିସେକ୍ସନ ଆରମ୍ଭ କରିବାକୁ କହିଲେ ।

ମୁଁ ଜୋର୍ ରେ କହି ଉଠିଲି "ଖାଲି ହାତରେ ସାର?"

"ନାଁ ନାଁ, ହାତରେ ମୁଠାଏ ବାଲି ଧର । ମୁଁ ବହି ପଢୁଛି, ତୁମେ ଡିସେକ୍ସନ ଆରମ୍ଭ କର ।" କହିଲା ଅଶୋକ ।

"ମୁଁ ବହି ପଢୁଛି, ତୁମେ ବି.ପି ନାଇଫ୍ ଧର । ଅଶୋକ, ଜତୀନ୍ ତୁମକୁ ସାହାଯ୍ୟ କରିବେ ।"

"ତୁମର ଆବାଜ୍ ଅଛି? ଆମେ ଶୁଣି ପାରିବୁନି, ତୁମେ ଡିସେକ୍ସନ କର ।"

ଦେଖ ଅଶୋକ, ମଣିଷର ଗୋଡ ତଳପା ଅପରିଷ୍କାର ବୋଲି ମତେ ଘୃଣା ଲାଗେ । ମୁଁ କେମିତି ଡିସେକ୍ସନ କରିବି?

"ଜୀବନ୍ତ ମଣିଷର ପାଦ ତୁମକୁ ଘୃଣା ଲାଗେ ତ! ମୃତ୍ୟୁ ପରେ ସେ ତ ଈଶ୍ୱର । ଡେରି ନ କରି ଆରମ୍ଭ କର"

"ଏଇ ଦେଖ, ମୁଁ ଆରମ୍ଭ କରୁଛି ।" ଟେବୁଲ୍ ଆର ପଟୁ କହିଲା ଭବାନୀ ।

ବାଧ୍ୟ ବଶତଃ ସାର୍ କହିଥିବା ଅନୁଯାୟୀ ଗୋଡ ତଳପାର କେବଳ ଡିସେକ୍ସନ ନୁହେଁ, ବହି ଅନୁସାରେ ବିଭିନ୍ନ ଶିରା, ପ୍ରଶିରା, ସ୍ନାୟୁ ଗୁଡିକର ମଧ୍ୟ ଖାଲି ହାତରେ ଚହ୍ଲଟ କରିବାକୁ ପଡିଲା ।

ଗୋଟାଏ ରୁ ଦୁଇଟା ଲଞ୍ଚ ଟାଇମ୍ । ପହଞ୍ଚିବା ବେଳକୁ ୧୫ ମିନଟ୍ ଗଳିଯାଇଥିଲା । ପନ୍ଦର ମିନଟ୍ ପୂର୍ବରୁ ଦୁଇଟା କ୍ଲାସ୍ ପାଇଁ ଯିବାକୁ ହେବ । ଡାଇନିଂ ହଲ୍ ଭର୍ତ୍ତି । ଝିଅମାନଙ୍କ ଖାଇବା ଦେଖି ମନେ ହେଲା ସତେ ଯେମିତି "ସୋମାଲିୟା" ଫେରନ୍ତା ।

"ଖମ୍ବ ଭଳ ଠିଆଟା କାହିଁକ ହୋଇଛୁ । ପ୍ଲେଟ୍ ନେ, ଜଲ୍ଦି ଖାଇ କ୍ଲାସ୍ ଯା । ନ ହେଲେ ଖାଦ୍ୟ ପରିବର୍ତ୍ତେ ଡାଃ ହଜାରିଙ୍କ ହାଡ ମାଡ ଖାଇ ରହିବୁ ।" କେହି ଜଣେ ସିନୟର କହିଲେ ।

ହାତରେ ବହୁତ ଅସନା କାମ କରିଛି ନାନୀ, କେମିତି ଖାଇବି?

ଆରେ ଏତେ "ଫସି" ହୋ ନା, ଆମେ ସମସ୍ତେ ସେଇ ଅସନା କାମ କରି ସାରିଛୁ ।

ସତେ ଯେମିତି କଏ ମତେ ଗୋଟାଏ ଧକ୍କା ଲଗାଇଲା । ସିନଅର ମାନେ ଅସନ୍ତୁଷ୍ଟ ହେଲେ ମୋର ପୁଣି ଏସ୍.ବି.ଡବ୍ଲ୍ୟୁ ଅବସ୍ଥା ହେବନ ତ ! କଛି ନ କହି ରନ୍ଧା ଘର ଭିତରୁ ଗୋଟିଏ ଗ୍ଲମଚ ଉଠାଇ ଖାଇବା ଆରମ୍ଭ କଲି । ସହପାଠୀ ମାନଙ୍କର ମିଳତ କଣ୍ଠ ସ୍ୱର ଶୁଣା ଯାଉଥିଲା "ଗ୍ଲମଚୀ, ଗ୍ଲମଚୀ, ଗ୍ଲମଚୀ----"

.....ସବୁ କ୍ଲାସ୍ ଗୁଡା ଆଠଟାରୁ ହୁଏ । ମୋର ଖୁବ୍ ସକାଳୁ ଉଠିବା ଅଭ୍ୟାସ, ତେଣୁ ମୋର କଛି ଅସୁବିଧା ହୁଏନା । ମାତ୍ର ବହୁ ଜଣଙ୍କୁ ଖୁବ୍ ଦଉଡା ଦଉଡି କରିବାକୁ ପଡିଥାଏ ବଡି ଭୋରୁ ଉଠିବା ।

ବଡିଭୋରୁ ଉଠିବା ଅଭ୍ୟାସଟି ବାପାଙ୍କର ଗୋଟିଏ ଇଂରାଜୀ ପଂକ୍ତି ଶୁଣିବା ପରେ ଅଭ୍ୟାସ କରିଥିଲି । **Early to Bed, Early to Rise, Make a Man Health, Wealthy and Wise.** ସକାଳ ଉଠିବାଟା ଠିକ୍ ଥିଲା ମାତ୍ର ସଂଧାରେ ଖୁବ୍‌ଶୀଘ୍ର ଶୋଇ ପଡୁଥିଲି । ତେଣୁ ସଂଧାରେ ପାଠପଢା ଜମା ହୋଇ ପାରେନା, ଡିନର ମଧ ଅଧିକାଂଶ ଦିନ ମିସ୍ ହୁଏ । ମେସରେ ଜଳଖିଆ ମିଳେନା, ତେଣୁ ଛାତ୍ରୀ ମାନେ ନଜ ନଜ ରୁମରେ ବ୍ୟବସ୍ଥା ରଖିଥାନ୍ତି । ହଷ୍ଟେଲର ପ୍ରତ୍ୟେକ ରୁମ୍ ରେ ତିନ ଜଣ ଲେଖାଏଁ ରହନ୍ତି କେବଳ ଫାଇନାଲ୍ ଇୟର ଏବଂ ଫୋର୍ଥ ଇୟରଙ୍କୁ ଛାଡି । ବଡନନାଙ୍କର ଜଣେ ସିନୟର ଅଫିସରଙ୍କ ଝିଅ (ଇନ୍ଦିରା ପାତ୍ର)ଙ୍କ ସଂଗେ ମୁଁ ଖୁବ୍ ପରିଚତ ଥିଲି । ସେ ଥାର୍ଡ ଇୟର ଛାତ୍ରୀ । ଅନ୍ୟ ଝିଅ ମାନଙ୍କୁ ପ୍ରଥମେ ପ୍ରଥମେ ହଷ୍ଟେଲରେ ବହୁ ଅଡୁଆ ଲାଗୁଥିଲେ ମଧ ମୋର କଛି ଅସୁବିଧା ହେଉ ନଥିଲା । ଇନ୍ଦୁଅପାଙ୍କର ସମସ୍ତ କ୍ଲାସ୍ ମେଟ୍ ମାନଙ୍କ ସହ ମୁଁ ଖୁବ୍ ସୁରୁଖୁରୁରେ ମିଶି ପାରୁଥିଲି । କଲେଜରୁ ଆସି ଗ୍ଲହା ଜଳଖିଆ ଖାଇ ଗୋଟାଏ ବଡ ଚଉତରା ଉପରେ ଉପର କ୍ଲାସ୍‌ର ଝିଅମାନେ ବସନ୍ତି । ଫାଷ୍ଟ ଇୟର ଷ୍ଟୁଡେଣ୍ଟ ମାନଙ୍କ ପାଇଁ ସେଠାରେ ବସିବା ମନା। ଏଇ ଚଉତରାଟି ଆମ ରୁମ୍ ସାମ୍ନାରେ ସବିତା ନାନୀ ଇନ୍ଦୁଆପା, କାଦୁନାନୀ, ବନ୍ଦନା ନାନୀ ଏବଂ ତାଙ୍କର ଅନ୍ୟାନ୍ୟ ସାଙ୍ଗମାନେ ମତେ ସବୁଦିନ ସଂଧାରେ ସେଠାକୁ ଡାକନ୍ତି

ଏବଂ ଗୀତ ଗାଇବା ପାଇଁ ଆଦେଶ ଦେଇଥାନ୍ତି । ପ୍ରଥମେ ପ୍ରଥମେ ଯାହା ପୂର୍ବରୁ ଶିଖିଥିଲି ଗାଇ ଶୁଣାଉଥିଲି । ପରେ ପରେ ଘଡି ଅଧରେ ରେଡିଓ ଆସ୍ତେ କରି (ରୁମ୍ ମେଟ ମାନଙ୍କ ନଦରେ ବ୍ୟାଘାତ ନ ଦେବା ପାଇଁ) ବଜାଇ ସଂଧାରେ ଗାଇବା ପାଇଁ ଗୀତ ଶିଖେ । ସିନୟର ମାନଙ୍କର ସ୍ନେହଶ୍ରଦ୍ଧା ଦେଖି ମୋର କୁକୁ ଅପା ଏବଂ ପ୍ରଭୃତି ମନେ ପଡନ୍ତି । ମୋର ଅନ୍ୟ ଏକ ଗୁଣ ସହପାଠୀମାନଙ୍କ ମଧ୍ୟରେ ମୋର ଆତ୍ମୀୟତା ଖୁବ୍ ବଢାଇ ଦେଇଥିଲା ସଂଧାରେ ଖୁବ୍ ଶୀଘ୍ର ଶୋଇ ପଡିବା ମୋର ଗୋଟିଏ ବଦ ଅଭ୍ୟାସ । ଯାହା ମୁଁ ବହୁ ଚେଷ୍ଟାକ୍ରମେ ମଧ ଛାଡି ପାରିଲିନ । ଏଇ ଅଭ୍ୟାସଟି ହୁଏତ ପିଲାଦିନୁ ପାଠ ନ ପଢିବା ପାଇଁ ଜଡ ବାନ୍ଧି ଦେଇଛି ସେଇଆ ମନକୁ ସାନ୍ତ୍ୱନା ଦିଏ। କେବେ ଭୁଲରେ ବି ମନକୁ ଆଣେନା କ ପଢିବା ମତେ ବୋର୍ ଲାଗୁଛି, ବୁଝିବାରେ କଷ୍ଟ ହେଉଛି ତେଣୁ ନଦ ଆସୁଛି । ଦିନରେ ତ ଏ କ୍ଲାସ୍‌ରୁ ସେ କ୍ଲାସ୍ ଦଉଡା ଧାପଡା । ବାସ୍ ସକାଳେ ମାତ୍ର ଘଣ୍ଟାଏ ଦୁଇ ଘଣ୍ଟା, ସେତିକ ସମୟ ବହି ପଢି ନୋଟ କରିବା ପାଇଁ ଯଥେଷ୍ଟ ହୁଏନା । ତେଣୁ, ପ୍ରତି କ୍ଲାସରେ ଟିଚର ମାନେ ପଢାଇବା ସମୟରେ ମୁଁ ନୋଟ କରିଥାଏ । ଯାହା ପାଠ ଆରମ୍ଭ କରିବା ଦିନଠୁ ଅଭ୍ୟାସ କଲା ପେନ୍‌ଟି ଡାହାଣ ହାତରେ ବୁଢା, ବିଶି ଏବଂ ମଝି ଆଙ୍ଗୁଠି ଭିତରେ ଦୃଢ, ଅନ୍ୟ ଏକ ସବୁଜ କଂବା ନାଲି କଲମ ମଝି ଏବଂ ଅନାମିକା ଆଙ୍ଗୁଠି ମଧ୍ୟରେ ସୀମିତ ଯାହା "ଅଠର ଲାଇନ୍" କରିବାରେ ସାହାଯ୍ୟ କରେ ।

କ୍ରମଶଃ.....

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ



# ମୋ ବୋଉ

ସଙ୍ଗୀତା ମହାନ୍ତି

ବୋଉ ଲୋ ବୋଉ
ତୋପରି ହେବ କଏ ଆଉ
ତୋ ସ୍ନେହ ଶ୍ରଦ୍ଧା ଭୁଲି ହବନ
ତତେ ଛାଡି ରହି ପାରିବିନ
ତୋର ହାତ ପରସା
ସବୁବେଳେ ଥାଏ ମୋ ଆଶା
କଛି କାମ ମତେ କରେଇ ଦଉନା
ସେଥିପାଇଁ ତତେ ମୁଁ ଛାଡି ପାରେନା
ଅଲିଅଳ ରେ ବଢେଇଛୁ ମତେ
କଛି କହିପାରେନ ମୁଁ ତତେ
ରାଗିଗଲେ ତୁ କେତେ କଥା କହୁଦଉ
ହେଲେ ସବୁବେଳେ ତୁ ମୋ ମନରେ ଥାଉ
ମୁଁ ଜାଣେ ତତେ ବହୁତ କଷ୍ଟ ହୁଏ
ସେଥିପାଇଁ ମୁଁ ଚୁପ ରୁହେ
ମୁଁ ରାଗିଗଲେ ତତେ କଛି କହିଦିଏ
ହେଲେ ମୋ ମନରେ କଛି ନଥାଏ
ଆମ ସ୍ବରି ଭାଇ ଭଉଣୀଙ୍କୁ ତୁ ଭାରି ଭଲପାଉ

ଆମେ ତୋ ସ୍ନେହର ମୂଲ୍ୟ ଦେଇ ପାରୁ ନାହୁଁ

ତୋ ହାତର ଆଳୁ ଚକଟା

ମତେ ଭାରି ଲାଗେ ମିଠା

କି ସୁଆଦ ତାହାର

ଖାଇବାଟା ଜମେ ଆମର

ତୋ ହାତରେ ତିଆରି ସନ୍ତୁଳା

ଖାଇବାକୁ ହୁଏ ମୁଁ ଭାରି ବିକଳ

ତୋ ହାତର ମାଛ ତରକାରୀ

ଖାଇବାକୁ ଦୌଡି ଯାଏ ଥାଳ ଧରି

ସଜେଇ ରଖିଥାଉ ମିକ୍ସର ପାମ୍ପଡ ଆଉ ନଳୀ

ଖାଇବୁ ବୋଲି ଆମେ ତୋ ପାଖରେ କରୁ ଗହଳ

ଆଜି ବି ତୁ ଅଛୁ ସେଇ ସୁନ୍ଦରୀ

ଦେଖିବାକୁ ପୁରା ମାଧୁରୀ ॥

ତୁଳସୀପୁର, ମଠସାହି

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଗଙ୍ଗଶିଉଳ



ତନୁଶ୍ରୀ ଅନନ୍ଦିତା ପଟ୍ଟନାୟକ

ଆଜି ତୁମେ ଦିଶୁଛ ସୁନ୍ଦର
କାଲିକୁ ଯିବ ମଉଳ
ଏପରି କାହିଁକି ହୁଏ
କୁହ ଯେ ଗଙ୍ଗଶିଉଳ
ପ୍ରଭାତେ ଝଡିପଡ ଭୁଇଁରେ
ଯେବେ ଦେଖେ ଆଖିରେ
ଆଣେ ସାଉଁଟି ମୋ କାନରେ
ତୁମକୁ ମୁଁ ଖୁସି ମନରେ
ସଜାଏ ଘରକୁ ମୋହର
ଲାଗେ ଘର କେଡେ ସୁନ୍ଦର
ଭାବି ଦୁଃଖୀ ହୁଏ
ଯିବ ପୁଣି ମଉଳ
ଏପରି କାହିଁକି ହୁଏ
କୁହ ଗଙ୍ଗଶିଉଳ

ମଠସାହି, ତୁଳସିପୁର

# ଅନୁରୋଧ



ପ୍ରକାଶ ଚନ୍ଦ୍ର ପଣ୍ଡା

ସବୁଦିନ ପରି ଆଜି ବି ସକାଳୁ ସକାଳୁ କାମରେ ବାହାରି ଗଲା ରାଧା । ସତେ ଯେମିତି ପୃଥିବୀଯାକ ସବୁ ଚିନ୍ତା ତା ମୁଣ୍ଡ ଉପରେ । ପ୍ରତ୍ୟେକ ଦିନ ରାତି ୫ଟାରେ ଉଠି ଘର ଯାକର ସବୁ କାମ ତାକୁ କରିବାକୁ ପଡେ, ଭାଇ ଭଉଣୀ ଦୁଇଟାଙ୍କ ଦାଇତ୍ୱ ବି ତା ମୁଣ୍ଡ ଉପରେ । ସାନ ଭାଇଟା ତାର ଭାରି ଚଗଲା, କିଛି ବୁଝେନ, ଆରେ ବୁଝିବ ବା କେମିତି, ପିଲା ଲୋକ । ଏବେ ଚଗଲା ହେବନତ ଆଉ କେତେବେଳେ ହେବ । କନ୍ତୁ ଆଜିକାଲି ସେ ବହୁ ଚଗଲା ହେଉଛି । ଆରେ ସବୁଥିରେ ତ ଗୋଟେ ସୀମା ଅଛି ହଉ ଟିକେ ବଡ ହେଇଗଲେ ବୁଝିଯିବନ । ଏକଥା ନଜ ନଜକୁ କହି ବୁଝେଇ ଦିଏ ସେ । କାହାକୁ କହିବ, କଏ ବା ଶୁଣିବ । ବାପା ଅଛନ୍ତି, କନ୍ତୁ ନଥିଲା ଭଳଆ । ସକାଳ ହେଲେ ପାଖ ଜଙ୍ଗଲରେ ଯାଇ ଦେଶି ମଦ ପିଇ ଦେଇ ଆସେ । ତାପରେ ଯେତେସବୁ ନାନା ବାୟା ଗିତ ଗାଏ, ଘରକୁ ଲାଗିଛି ଗାଁ ରାସ୍ତା । ରାସ୍ତା କଡରେ ଥିବା ଗୋଟେ ପିଣ୍ଡି ଉପରେ ବସି ସେ ରାସ୍ତା ଦେଇ ଯିଏ ଯାଏ ତା ସାଙ୍ଗରେ ମଜା ଥଟ୍ଟାରେ ଲାଗିଯାଏ । ପ୍ରଥମେ ପ୍ରଥମେ ଗାଁ ଲୋକ ତାକୁ ଅଦ୍ଭୁତ ଗାଳି କରୁଥିଲେ । କନ୍ତୁ ଗାଳି କରି ଲାଭବା କଣ । ଆଗରୁ କୁଆଡେ ସେ ଭାରି ଭଲ ଲୋକ ଥିଲେ । ସମସ୍ତଙ୍କ ବିପଦ ଆପଦ ରେ ସହାୟ ହେଉଥିଲେ । ଯେଉଁ ଦିନରୁ ଅକାଳ ବିୟୋଗରେ ସହଧର୍ମିଣୀ ଆରପାରିକି ଚାଲି ଗଲେଣି, ସେଇ ଦିନରୁ ଜୀବନର ଗତି ଯେମିତି ବଦଳି ଗଲା । କଥା କଥାରେ କୁହନ୍ତି ସଂସାର ଦୁଃଖମୟ, ଦୁଃଖର କାରଣ ରହିଚ, ଦୁଃଖର କାରଣ ହେଉଛି କାମନା । ଅବଶ୍ୟ କଥାଟା ସତ । ଏ ସଂସାରଟା ତ ମିଛ ମାୟାରେ ଭରା । ବେଳେବେଳେ ବିଦ୍ରୁପ କରି କାହାକୁ ଦେଖି ଅଟ୍ଟହାସ୍ୟ କରି କୁହନ୍ତି ପାଗଳ, ପାଗଳ, ତୁମେ ସମସ୍ତେ ପାଗଳ । ଏମିତି କେତେ କଥା, କିଛି ଲୋକେ କୁହନ୍ତି ସେ କୁଆଡେ ବହୁତ ପଢି ପଢି ଏମିତି ପାଗଳ ହେଉଯାଇଛନ୍ତି । ବାସ୍ତବ କଥାଟା କାହାକୁ

ଜଣା ନାହିଁ । ସତରେ ଜୀବନ ଗୋଟେ ଅଙ୍କା ବଙ୍କା ରାସ୍ତା । କେତେବେଳେ କାହାକୁ କୁଆଡେ ନେଇଯିବ କିଛି କହି ହେବନି । ଆଜି ଯେ ଅମିର କାଲି ସେ ଯେ ଫକୀର ହେଇନଯିବ ତାର ଗ୍ୟାରେଣ୍ଟି କେହି ଦେଇ ପାରିବେନି । ଏହି ତେଲ ଲୁଣର ସଂସାର ଭିତରେ ଘାଣ୍ଟି ହେଇଯାଉଛି ନିରୀହ ଅବଳା ରାଧା । ଏହି ବୟସରେ ନବମ କିମ୍ବା ଦଶମରେ ପାଠପଢିବା କଥା । କିନ୍ତୁ ଘର ଚଳେଇବାକୁ ପଡୁଛି ତାକୁ । ଭାଇ ଭଉଣୀ ଦୁଇଟା । ସମସ୍ତଙ୍କ ମୁଁହରେ ମୁଠେ ଖାଦ୍ୟ ଦେବାଟା ତା ପାଇଁ ଯେମିତି ଗୋଟେ ବିରାଟ ବଡ କଥା । ପାଖ ସହରରେ ଗୋଟେ ଛୋଟ କମ୍ପାନୀରେ କାମ କରେ । ଘର ପାଖରେ କମ୍ପାନୀ ପାଖାପାଖି ପାଞ୍ଚ କି.ମି. ହେବ । ପ୍ରତ୍ୟେକ ଦିନ ଚାଲି ଚାଲି ସେଠାକୁ ଯାଏ ଓ ଠିକ ସକାଳ ୮ଟା ବେଳକୁ ସେଠାରେ ପହଞ୍ଚି ଯାଏ । ଆରମ୍ଭ ହୋଇଯାଏ କାମ ପୁଣି ଠିକ୍ ୪ଟା ବେଳକୁ ଫେରିଆସେ । କାମ କରି ଯାହା କିଛି ରୋଜଗାର କରେ ସେଇଥିରେ ବହୁ କଷ୍ଟରେ ଘର ଚଳେ । ତା ସହ ଭାଇ ଭଉଣୀଙ୍କ ପାଠ ପଢା ପାଇଁ ପଇସା ଯୋଗେଇବା ଯେମିତି କାଠିକର ପାଠ । ରାଧାର କିନ୍ତୁ ଈଶ୍ୱରଙ୍କର ଉପରେ ଭାରି ବିଶ୍ୱାସ । ସବୁବେଳେ ମନରେ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରେ ପ୍ରଭୁ ମୋତେ ଟିକେ ଆଶିର୍ବାଦ କର ମୋ ଭାଇ ଭଉଣୀଙ୍କୁ ମୁଠେ ଖାଇବାକୁ ଦେବାକୁ ମୁଁ ଯେମିତି ସମର୍ଥ ହୁଏ । ଏମିତି କିଛି ଦିନ କଟିଗଲା । ରାଧା ଆଉ ଛୋଟ ପିଲା ହୋଇ ନାହିଁ, ଭାଇ ଭଉଣୀ ବି ବଡ ହେଇଗଲେଣି । ସାନ ଭାଇ ର ପାଠ ପଢା ଗାଁ ସ୍କୁଲରେ ସମାପ୍ତ ହୋଇଛି । ସେ ଏବେ ସହରକୁ ଯିବ । ରାଧା ଭାବୁଛି କଣ କରିବ କିପରି ଭାଇକୁ ପାଠ ପଢାଇବ । ସହରରେ ବହୁତ ପଇସା ଖର୍ଚ୍ଚ ହେବ । ମୁଣ୍ଡ କିଛି କାମ କରୁନି ତାହାର । ତଥାପି ମନରେ ସାହସ ସଂଚୟ କଲା । କଥାରେ ଅଛି ଇଛା ଥିଲେ ଉପାୟ ଆପେ ଆପେ ଆସେ । ମନେ ମନେ ଭାବିଲା କିଛି ପଇସା କାମ କରୁଥିବା ମାଲିକ ପାଖରୁ କରଜ କରିବ ଓ ଧୀରେ ଧୀରେ ତାକୁ ମାସକୁ ମାସ ସୁଝି ଦେବ । କିନ୍ତୁ କହିବ କିପରି, ଏ କଥା ସେ ବୁଝି ପାରୁନଥିଲା । ମନେ ମନେ ଭାବିଲା ଏକଥା ସେ ତା ସାଙ୍ଗ ରାଣୀକୁ କହିବ । ରାଣୀ ରାଧାର ପିଲାଦିନର ସାଙ୍ଗ, ତାଙ୍କ ଘର ସେହି ଗାଁ ରେ । ଦୁଇଜଣ ବି ସେଇ ଗୋଟିଏ କମ୍ପାନୀ ରେ କାମ କରନ୍ତି । ରାଧା ର ସବୁ ଦୁଃଖ ସୁଖ ସେ ସହଭାଗୀ । ରାଧା ଅସୁବିଧାରେ ପଡିଲେ ରାଣୀ ତାକୁ ବହୁତ ସାହାଯ୍ୟ କରେ । ଏ ତ ପ୍ରକୃତ ବନ୍ଧୁର କର୍ତ୍ତବ୍ୟ । ରାଧା ଭାଇର ପାଠପଢା କଥା କହିବାରୁ ରାଣୀ ତାକୁ କଥା ଦେଲା ସେ ନିଶ୍ଚୟ କମ୍ପାନୀର ମାଲିକ ସହ

କଥା ହେବ । ରାଧା କାହାକୁ କେବେ ହାତ ପତେଇବାକୁ ଇଚ୍ଛା କରେନ । କିନ୍ତୁ ଭଗବାନଙ୍କର ବିଚିତ୍ର ଲୀଳା, କଥାରେ ଅଛି ଭଗବାନ ତ ପୁଣି ଗଧ ପାଦ ଧରିଥିଲେ । ଏକଥା ମନେ ମନେ ଭାବୁଥାଏ ରାଧା । ଭାବନା ଭିତରେ ସେ ଭାବିଲା ରାଣୀ କଥା, ସତରେ ରାଣୀ ଭଳି ସାଙ୍ଗ ସେ କେବେ ପାଇବ ନାହିଁ । ରାଣୀ ଭାରି ଯିଦିଆ, ଯାହା କହିବ ସେ କାମ ନ ସରିଲା ପର୍ଯ୍ୟନ୍ତ ସେ ବସି ରହିବ ନାହିଁ ।

ସେଦିନ ସକାଳୁ ଦୁଇଜଣ ଯାକ ସାଙ୍ଗ ରାସ୍ତାରେ ଆସିବା ବେଳେ କଥା ହେଲେ ଆଜି ନିଶ୍ଚୟ କମ୍ପାନୀ ମାଲିକ କୁ କହିବା । ଏ ଭିତରେ ସେମାନେ ପହଞ୍ଚି ଗଲେ କମ୍ପାନୀରେ । କାମକୁ ଗଲା ପୂର୍ବରୁ ପ୍ରଥମେ କମ୍ପାନୀ ମ୍ୟାନେଜରଙ୍କୁ ତାଙ୍କ ଅଫିସରେ ଦେଖା କରି ପ୍ରଥମେ ନମସ୍କାର କରି ସବୁ ଘଟଣା ଜଣେଇଲେ । ପ୍ରଥମେ ଅବଶ୍ୟ ମ୍ୟାନେଜର ରାଜି ହେଉନଥିଲେ, କିନ୍ତୁ ପରେ କଣ ଭାବିଲେ କେଜାଣି କହିଲେ ହଉ ମୁଁ କମ୍ପାନୀ ମାଲିକଙ୍କୁ ପଚାରି ଜଣେଇବି । କମ୍ପାନୀରେ ରାଧାର କାମ କରିବାର ଇଚ୍ଛା ଶକ୍ତି ମ୍ୟାନେଜରଙ୍କୁ ଭାରି ପସନ୍ଦ । ବହୁ ସମୟରେ ରାଧା କୁ ତାର ସଚ୍ଚୋଟପଣିଆ ପାଇଁ ମଧ୍ୟ ପୁରୃଷ୍କୃତ କମ୍ପାନୀ ତରଫରୁ କରାଯାଇଛି । ଜଣେ ନିଷ୍ଠାପର, କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବରେ ରାଧାକୁ ବହୁତ ଥର କମ୍ପାନୀ ମାଲିକ ନିଜ ହାତରେ ପୁରୃସ୍କୃତ କରିଛନ୍ତି । ତେଣୁ ମ୍ୟାନେଜର ଭାବିଲେ ନିଶ୍ଚୟ କମ୍ପାନୀ ମାଲିକ ରାଧାକୁ ସାହାଯ୍ୟ କରିବେ । ଏମିତି ଏକ ନିରୋଳା ସମୟ ଦେଖି ମ୍ୟାନେଜର ମାଲିକକୁ ରାଧାର ଭାଇ ର ଆଡମିଶନ୍ କଥା ଜଣେଇଲେ । ଏକଥା ଶୁଣି ପ୍ରଥମେ ମାଲିକ ଖୁବ୍ ରାଗିଗଲେ । ଆରେ ଏତେ ଗୁଡା ପେଇସା ଗୋଟିଏ ସାଧାରଣ କର୍ମଚାରୀକୁ ମୁଁ କେଉଁ ବିଶ୍ୱାସରେ ଦେବି । ଭୀଷଣ ଭାବରେ ମ୍ୟାନେଜରଙ୍କୁ ଗାଳି କରିବାକୁ ଲାଗିଲେ । ବୁଝିଲ ମ୍ୟାନେଜର ବାବୁ, ତୁମର ବୁଦ୍ଧି ଶୁଦ୍ଧି ସବୁ ଲୋପ ପାଇଗଲାଣୀ । ଟଙ୍କା କଣ ଗଛରେ ଫଳୁଛି ତୋଳିଆଣି ଦେଇଦେବି । ବହୁତ ଗାଳି କଲେ । ମ୍ୟାନେଜର ଭୁଲ ମାଗି ଫେରି ଆସିଲେ କଣ କହିବେ ରାଧାକୁ କିଛି ଭାବି ପାରୁନଥିଲେ । ଏପଟେ ମାଲିକଙ୍କର ଗାଳିତ ସବୁ ରାଧା ଓ ରାଣୀ ଝରକା ପାଖରେଶୁଣିସାରିଛନ୍ତି । ମ୍ୟାନେଜର ରୁମରୁ ବାହାରି ହସି ଦେଇ କହିଲେ, ରାଧା ମାଲିକ ରାଜି ହେଉଛନ୍ତି । ଦିନେ ଦୁଇଦିନ ଭିତରେ ତୁମେ ପଇସା ପାଇଯିବ । ଏକଥା ଶୁଣି ରାଧା ବିଶ୍ୱାସ କରିପାରୁ ନଥିଲା ମ୍ୟାନେଜରଙ୍କ କଥାକୁ ।

ସେ ତ ନିଜ କାନରେ ଶୁଣିଛି ସବୁ । ତେବେ ମ୍ୟାନେଜରଙ୍କ କଥା ତାଙ୍କୁ ଦ୍ୱନ୍ଦ ରେ ପକାଇଦେଲା । ଚୁପ୍ ଚାପ୍ ସେ ଚାଲିଗଲା । କଣ କରିବ ସେ କିପରି ତା ଭାଇର ଆଡମିଶନ ହେବ କିଛି ବୁଝିପାରୁନଥିଲା । ମନେମନେ ଭଗବାନଙ୍କୁ ଡାକ କହୁଥିଲା ପ୍ରଭୁ ମୋତେ ସହାୟ ହୁଅ ପ୍ରଭୁ । ତୁମ ବିନା ଆଉ କିଏ ବା ସାହାଯ୍ୟ କରିବ । ଆଜି କାମ କରିବାକୁ ଜମା ଇଛା ହେଉନି । ମାଲିକଙ୍କ କଥା ରାଧାକୁ ଭାରି ଖରାପ ଲାଗିଲା, ମନେ ମନେ ନିଜକୁ ଭାରି ଧିକ୍କାର କରିବାକୁ ଲାଗିଲା । ଆଉ ଧିକ୍କାର କରୁଥିଲା ନିଜର ଗରିବପଣିଆକୁ । ମନେ ମନେ ଭାବୁଥିଲା ଗରିବ ମାନେ ପାଠ ପଢିବା କଣ ମନା । କଣ କରିବ ସେ । ପାଦ ତଳର ମାଟି ସତେ ଯେମିତି ଖସି ଯାଉଛି । ସେତେବେଳକୁ ସମୟ ୫ଟା ବାଜି ଯାଇଥାଏ । ରାଣୀ ଆସିଗଲା । ଦୁହେଁ ଘରକୁ ଫେରିଲେ, ରାଣୀ କୁ ଭଲ ଲାଗୁ ନଥିଲା । ରାଧାର ଚୁପଚାପ ତାକୁ ଜମା ପସନ୍ଦ ନଥିଲା । କିନ୍ତୁ ଘଟଣା ଟା ତ ସେୟା । ମନେମନେ କହୁଥିଲା ସେ ନିଆଁମୁହାଁ ମାଲିକଟାର ଦୟା ବୋଲି କିଛି ନାହିଁ । ରାଧା ଘରେ ପହଞ୍ଚିଗଲା । ଘର କାମରେ ଲାଗିଗଲା, କିନ୍ତୁ କାହିଁକି କେଜାଣି କାମ କରିବାକୁ ଜମା ଭଲ ଲାଗୁନଥିଲା । ମନରେ ସେଇ ଗୋଟିଏ କଥା । ତା ଆଦରର ସାନ ଭାଇର ଆଡମିଶନ କିପରି କରିବ । ନିଜେ ନିଜେ ନିଜକୁ ବୁଝେଇ ଦେଉଥିଲା ଏବଂ ଭଗବାନଙ୍କ ଉପରେ ପୁରା ବିଶ୍ୱାସ ଥିଲା ରାଣୀର । ଦେଖାଯାଉ ଭଗବାନଙ୍କର କଣ ଇଛା । ଏଇ ସବୁ ଭାବନା ଭିତରେ ସେ ରାତିଟି ବିତିଗଲା । ତା ପରଦିନ ସକାଳୁ ମ୍ୟାନେଜର ଆସି ପହଞ୍ଚି ଗଲେ ରାଣୀର ଘର ନିକଟରେ, ହାତରେ ଥାଏ ଗୋଟେ ପଲିଥିନ ବ୍ୟାଗ । ବଢେଇ ଦେଲେ ରାଣୀର ହାତକୁ, କହିଲେ ତୁମେ କହିଥିବା ପଇସା ମୁଁ ଯୋଗାଡ କରିଦେଇଛି । ତୁମେ ଆଜି ଛୁଟି ନେଇ ଭାଇର ଆଡମିଶନ୍ କରି ଆସ । ବିଶ୍ୱାସ କରି ପାରୁନଥିଲା ରାଣୀ । ଆଖିରୁ ତାର ଦୁଇ ଧାର ଲୋତକ ଗଡିଗଲା । ମନ ଭିତରେ ଆସୁଥିବା କୋହକୁ ସମ୍ଭାଳି ପାରୁ ନଥିଲା । କିଛି କହିବା ପୁର୍ବରୁ ମ୍ୟାନେଜର ଟିକେ ହସି ଦେଇ ହାତକୁ ବଢେଇ ଦେଇ ସେ ଚାଲିଗଲେ । ରାଣୀ ମନେମନେ କହି ପକେଇଲା ହେ ପ୍ରଭୁ ତୁମେ ବଡଲୋକ । ଏ ଭିତରେ କଟିଯାଇଛି କିଛିଦିନ । ଆଜି ପାଖ ସହରକୁ ରାଣୀର ଭାଇ ଡକ୍ଟର ହୋଇ ଆସୁଛି । ରାଣୀର ମନ ଭାରି ଖୁସି । ପାଦ ତାର ତଳେ ଲାଗୁନଥାଏ । କେତେ ଘାତ କେତେ ପ୍ରତିଘାତ ଭିତରେ ଭାଇ ତାର ପାଠ ପଢା ସାରି ଡକ୍ଟର ହେଇଛି । ରାଣୀର ଗାଁ ଠାରୁ ଅଳ୍ପ ଦୂରରେ ଛୋଟିଆ ସହରଟିଏ । ଛୋଟ ହସ୍ପିଟାଲ ଟି ଜରାଜୀର୍ଣ୍ଣ

ଅବସ୍ଥା ଦେଇ ଗତି କରୁଛି । ଆଜି ସେଠିକି ଆସୁଛନ୍ତି ଜଣେ ନୂଆ ଡକ୍ଟର । ଅବଶ୍ୟ କେତେ ଆସୁଛନ୍ତି ଓ ଯାଉଛନ୍ତି ତାର କଛି ହିସାବ ରଖିନାହାନ୍ତି କେହି । କାହିଁକି କେଜାଣି ନୂଆ ଡକ୍ଟରଙ୍କର ଯୋଗଦେବା କଥା ଶୁଣି ହସ୍ପିଟାଲର ସବୁ କର୍ମଚାରି ଭାରି ଖୁସି । ବିନା ଡକ୍ଟରରେ ହସ୍ପିଟାଲକୁ କେହି ରୋଗୀ ଆସନ୍ତି ନାହିଁ । ହସ୍ପିଟାଲଟା ଶୂନଶାନ ଲାଗେ, ଅନ୍ୟ ସବୁ କର୍ମଚାରୀମାନଙ୍କୁ ବୋରିଂ ଲାଗେ । ସତେଯେମିତି ନୂଆ ଡକ୍ଟରଙ୍କ ଯୋଗଦେବା ଶୁଣି ସମସ୍ତଙ୍କ ମନରେ ଆନନ୍ଦର ଲହରୀ ଖେଳଗଲା । ହସ୍ପିଟାଲ ଆଗରେ ଥିବା ଥୁଣ୍ଟା ବରଗଛଟାଏ ପୁଣି ପତ୍ର କଅଁଳିବ, ପକ୍ଷୀମାନେ ପୁଣି ସେ ଗହରେ ବସି କଚରିମିଚରି ଶବ୍ଦ କରି ଏଡାଳରୁ ସେ ଡାଳକୁ ଉଡିବେ । କେହି କେହି ରୋଗୀ ଥକ୍କାରେ ସେଇ ଗଛମୂଳେ ଟିକେ ବିଶ୍ରାମ ନେବେ । ସକାଳ ସମୟ ଠିକ୍ ୨ଟାରେ ହେବ କେହି ଜଣେ ହସ୍ପିଟାଲ ଗେଟ୍ ଖୋଲି ଭିତରକୁ ପଶିଲେ । ବେକରେ stethoscope ଟିଏ ପଡିଛି । ସମସ୍ତେ ଜାଣିଗଲେ ଏ ନିଶ୍ଚୟ ଆମ ନୂଆ ଡକ୍ଟର ବାବୁ । ଖୁବ୍ ବ୍ୟସ୍ତ ହୋଇ ଡକ୍ଟରଙ୍କ Chair table ନିଜ ଗାମୁଛାରେ ଝାଡି ପକେଇଲେ ସେଇ ହସ୍ପିଟାଲର ପୁରୁଣା କର୍ମଚାରୀ । ବୟସ ପାଖାପାଖି ୭୦ ହେବ, ହାତ ଥରୁଥାଏ । ଠିକ୍ ଭାବରେ କଥା ବି ବୁଝି ହେଉନଥାଏ । ହାତରେ ଫୁଲ ମାଳା ଧରି ଅନ୍ୟମାନେ ଅପେକ୍ଷା କରିଥାନ୍ତି । ସେଇ ସମୟରେ ଖୁବ୍ ହସହସ ମୁହଁରେ ପଶିଆସିଲେ ନୂଆ ଡକ୍ଟର ବାବୁ । ନିଜ ଚେୟାର ରେ ବସିବା ପୂର୍ବରୁ ଫୁଲମାଳାଟି ବଢେଇଦେଇ ସମସ୍ତେ ସ୍ୱାଗତ ଜଣେଇଲେ ଡକ୍ଟର ବାବୁଙ୍କୁ । ସମସ୍ତଙ୍କ ବିଷୟରେ ପଚାରି ବୁଝିଲେ ଡକ୍ଟରବାବୁ । ହସ୍ପିଟାଲରେ ରୋଗୀ ବି ଧୀରେ ବଢିବାକୁ ଲାଗିଲେ । ସମସ୍ତେ ନୂଆ ଡକ୍ଟର ବାବୁଙ୍କୁ ଖୁବ୍ ପ୍ରଶଂସା କରୁଥିଲେ । କାମ ଯେମିତି ବ୍ୟବହାର ବି ସେମିତି । ସମସ୍ତେ ଭାରି ଖୁସି । ସତେଯେମିତି କେହି ଦେବଦୂତ ଡକ୍ଟର ହୋଇ ଆସିଛନ୍ତି ସେ ହସ୍ପିଟାଲକୁ । ଏମିତି ଦିନେ ହସ୍ପିଟାଲରେ ନିଜର କର୍ତ୍ତବ୍ୟ ସାରି ଫେରୁଥିବା ରାସ୍ତାରେ ଡକ୍ଟର ବାବୁ ଦେଖିଲେ ବହୁତ ଭିଡ । ଘଟଣା ସ୍ଥଳକୁ ଯାଇ ଦେଖିଲେ ଦୁର୍ଘଟଣା ରେ ଶିକାରେ ହୋଇଥିବା ବ୍ୟକ୍ତି ଜଣକର ଅବସ୍ଥା ବହୁତ ଖରାପ । କାଳ ବିଳମ୍ବ ନକରି ସେଇ ରାସ୍ତାରୁ ବ୍ୟକ୍ତି ଜଣକୁ ହସ୍ପିଟାଲକୁ ଆଣି ତାର ତୁରନ୍ତ ଟ୍ରିଟମେଣ୍ଟ ରେ ଲାଗିଗଲେ ଡକ୍ଟର ବାବୁ । ହଁ, ଟ୍ରିଟମେଣ୍ଟ କରିବେନି କାହିଁ । କାରଣ ଜଣେ ଡକ୍ଟର ହିସାବରେ ତାଙ୍କର ତ ଗୋଟେ କର୍ତ୍ତବ୍ୟ ଅଛି ନା । ସବୁଆଡେ କଥାଟା ପ୍ରଚାର ହୋଇଗଲା । ସ୍ଥାନୀୟ ଅଞ୍ଚଳର ଆଦିତ୍ୟ ସାମନ୍ତରାୟ ଯିଏକି ଜଣେ ଅତି

ସମ୍ଭ୍ରାନ୍ତ ବ୍ୟକ୍ତି, ଭାରି ପଇସାବାଲା ଲୋକ । ତାଙ୍କର ଗୋଟେ ବଡ କମ୍ପାନୀ ଅଛି ବୋଲି ଲୋକେ କଥା ହୁଅନ୍ତି । ଘଟଣାଟି ପ୍ରଚାର ହୋଇଗଲା ପରେ ହସ୍ପିଟାଲରେ ବହୁତ ଭିଡ ଲାଗିଗଲା । ସେଇ ସମୟରେ ଦୁର୍ଘଟଣାରେ ଶିକାର ହୋଇଥିବା ବ୍ୟକ୍ତି ଜଣକର ଗୋଟେ ବ୍ଲଡ (ଓ+) ଦରକାର ପଡିଲା । ବ୍ଲକ ଖୋଜା ପଡିଲା । କିନ୍ତୁ କେଉଁଠୁ ମିଳିଲା ନାହିଁ । ଡକ୍ଟର ବାବୁଙ୍କର ବ୍ଲଡ ଗ୍ରୁପ କିନ୍ତୁ (ଓ+) ଥିଲା । ଆଉକାଳ ବିଳମ୍ବ ନକରି ଡକ୍ଟର ନିଜେ ବେଡ ଉପରେ ଲେଉଟିଯାଇ ସେବିକା ମାଧବୀଙ୍କୁ ବ୍ଲଡ ନେବା ପାଇଁ କହିଲେ । ବ୍ଲଡ ନେଉଥିବା ସମୟରେ ମାଧବୀ ଭାବୁଥିଲା ଯଦି ସବୁଯାକ ଡକ୍ଟର ଆମ ଡକ୍ଟର ବାବୁଙ୍କ ପରି ହୋଇ ଯାନ୍ତେ ବୋଧେ କୌଣସି ବ୍ୟକ୍ତି ଅକାଳ ବିୟୋଗ ହୁଅନ୍ତାନାହିଁ । ଏଇ କିଛି କ୍ଷଣଭାବନା ଭିତରେ ବ୍ଲଡ ନେବା କାମ ସରିଯାଇଛି । ମାଧବୀ ଡକ୍ଟରବାବୁଙ୍କୁ ବିଶ୍ରାମ ନେବା ପାଇଁ ଅନୁରୋଧ କଲେ ଏବଂ ମୁଁ ବ୍ଲଡ ଦେଇଦେବି ବୋଲି କହିଲେ, କିନ୍ତୁ ଡକ୍ଟରବାବୁ ଥିଲେ କର୍ତ୍ତବ୍ୟ ପରାୟଣ । କାଳ ବିଳମ୍ବ ନକରି ବେଡ ଉପରୁ ଉଠି ମାଧବୀ ପଛେ ପଛେ ପହଞ୍ଚିଗଲେ ଦୁର୍ଘଟଣାର ଶିକାର ହୋଇଥିବା ସେଇ ବ୍ୟକ୍ତି ନିକଟରେ । ରାତି ତମାମ ବସି ରହିଲେ ତାଙ୍କ ପାଖରେ, ଏପର୍ଯ୍ୟନ୍ତ ରୋଗୀର କେହି ବି ସମ୍ପର୍କୀୟ ଆସିଲେ ନାହିଁ । ତେଣୁ ରାତିରେ ରୋଗୀକୁ ଏକୁଟିଆ ଛାଡି ଯିବାକୁ ସେ ଠିକ୍ ମନେ କଲେନାହିଁ । ରାତି ତମାମ ଅଫିସ ରେ ଏପଟ ସେପଟ ହୋଇ ରାତି କଟିଗଲା । ସାଥିରେ ଥିଲେ ସେବିକା ମାଧବୀ, ସମ୍ପୂର୍ଣ୍ଣ ସହଯୋଗ କରୁଥିଲେ ଡକ୍ଟର ବାବୁଙ୍କୁ । ମନ ଭିତରେ ଡକ୍ଟରବାବୁଙ୍କ ପ୍ରତି ଯଥେଷ୍ଟ ସମ୍ମାନ ଥିଲା । ସତରେ କର୍ତ୍ତବ୍ୟ କଣ ସେ ଡକ୍ଟରବାବୁଙ୍କ ପାଖରୁ ଶିଖିଛି । ତାଙ୍କ ସେବା କରିବାର ମନୋବୃତି ସତେ ଯେମିତି ମାଧବୀକୁ ବଦଳାଇ ଦେଇଛି । ଜୀବନରେ ଅନେକ ଡକ୍ଟର ସେ ହସ୍ପିଟାଲ ରେ ଚାକରୀ କରିବା ଭିତରେ ଦେଖିଛି । କେହି ତାଙ୍କୁ ପ୍ରଭାବିତ କରିପାରି ନାହାଁନ୍ତି । ସତରେ ଡକ୍ଟର ବାବୁ ତାଙ୍କ ପାଇଁ ମହାନ । କେବେ ଜୀବନରେ ଏମିତି ଜଣେ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିଙ୍କୁ ଦେଖିନାହିଁ ।

ସକାଳ ହୋଇଯାଇଛି । ଠିକ୍ ଏହି ସମୟରେ ଖୁବ୍ ବ୍ୟସ୍ତ ହୋଇ ଦୁଇଜଣ ଆସି ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କ ବିଷୟରେ ପଚାରିଲେ । ମାଧବୀ ସେମାନଙ୍କୁ ତାଙ୍କ ପାଖକୁ ନେଇଗଲେ । ଏବେ ଘଟଣାଟି ସବୁଆଡେ ପ୍ରଚାର ହୋଇଗଲା । ଜଣା ପଡିଲା କି ସନ୍ଧ୍ୟା

ଭ୍ରମଣରେ ଗଲାବେଳେ ସେ ଅଞ୍ଚଳର ପ୍ରତିଷ୍ଠିତ ବ୍ୟକ୍ତି ମୋହନବାବୁଙ୍କର ଦୁର୍ଘଟଣା ହୋଇଛି । ମୋହନ ବାବୁ ଦୁଇ ଦୁଇଟା କମ୍ପାନୀର ମାଲିକ । ଯୋଉ କମ୍ପାନୀରେ କାମ କରୁଛନ୍ତି ହଜାର ହଜାର ଲୋକ । ତାଙ୍କର ପୁଣି ଏ ଅବସ୍ଥା । ହଁ, କଥାରେ ଅଛି ବିପଦ ଦେଖେନ ଧନୀ କ ଗରିବ । ହସ୍ପିଟାଲ ରେ ବହୁତ ଭିଡ ଲାଗିଗଲାଣି । ସମସ୍ତେ ଆସି ମୋହନ ବାବୁଙ୍କ ହାଲଚାଲ ବୁଝି ଯାଉଛନ୍ତି । କିନ୍ତୁ ମୋହନ ବାବୁଙ୍କର ଚେତା ନାହିଁ । ସେଇଭଳି ପଡିରହିଛନ୍ତି ବେଡ ଉପରେ । ସମୟ ୨୪ ଘଣ୍ଟା ଅତିକ୍ରାନ୍ତ କରିସାରିଲାଣି । ମୋହନବାବୁଙ୍କର ମୁଣ୍ଡ ଉପରେ ବସିରହିଛନ୍ତି ତାଙ୍କ ସହଧର୍ମିଣୀ ମାମୁନ ଦେବି । ମନେ ମନେ ଭଗବାନଙ୍କୁ ସ୍ମରଣ କରୁଛନ୍ତି । ତାଙ୍କର ଆରୋଗ୍ୟ କାମନା କରୁଛନ୍ତି ଈଶ୍ୱରଙ୍କ ପାଖରେ । ମାମୁନ ଦେବି ଭାରି ଈଶ୍ୱର ବିଶ୍ୱାସୀ । ସରଳ ପ୍ରକୃତିର, ମିଷ୍ଟଭାଷୀ, ମୁଣ୍ଡ ଉପରେ ବସି ମାଧବୀଙ୍କ ପାଖରୁ ସବୁ ବୁଝୁଥାନ୍ତି ସେ । ଏଇ ସମୟରେ ତାଙ୍କ କମ୍ପାନୀର ମ୍ୟାନେଜର, ଡକ୍ଟରବାବୁଙ୍କ ଭଉଣୀ ରାଧା ହସ୍ପିଟାଲର ସେଇ କକ୍ଷକୁ ଆସିଲେ । ବେଡ ଉପରେ ମାମୁନ ଦେବି, ମୋହନବାବୁଙ୍କର ଚେତା ନାହିଁ । ଦୁର୍ଘଟଣାର ସମସ୍ତ ଘଟଣା କହୁଛନ୍ତି ସେବିକା ମାଧବୀ, ମ୍ୟାନେଜର ବାବୁ, ରାଧା ସବୁ ଶୁଣିସାରିଲା ପରେ ଡକ୍ଟରବାବୁଙ୍କୁ ଖୋଜିଲେ । ଏଇ ସମୟରେ ଡକ୍ଟର ବାବୁ ପଶିଆସିଲେ । ମ୍ୟାନେଜର ବାବୁ, ଭଉଣୀ ରାଧାକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ରାଧା ତାର ଭାଇ ଅର୍ଥାତ ଡକ୍ଟର ବାବୁଙ୍କୁ କହିଲା, ଆଜି ବେଡ ଉପରେ ଶୋଇ ରହିଥିବା ବ୍ୟକ୍ତିଜଣକ ହେଉଛନ୍ତି ମୋ କମ୍ପାନୀର ମାଲିକ ମୋହନବାବୁ ଓ ତୁ ତାଙ୍କ ପଇସାରେ ଡକ୍ଟର ଡିଗ୍ରୀ କରିଛୁ । ଏଇ ସମୟରେ ମ୍ୟାନେଜର ବାବୁ କହିପକେଇଲେ ହଁ, ସେଦିନ ମୋହନବାବୁଙ୍କୁ ମୁଁ ତୁମ ଆଡମିଶନ ପାଇଁ ବହୁତ ଅନୁରୋଧ କଲାପରେ ମାଲିକ ରାଜି ନହୋଇଥିଲେ ଆଜି ତୁମେ ତାଙ୍କ ଡକ୍ଟର ହୋଇ ସେବା କରିବାର ସୁଯୋଗ ପାଇନଥାନ୍ତ । ହୃଦୟ ଭିତରେ କୃତଜ୍ଞତାରେ ଲାଜେଇ ଯାଉଥିଲେ ଡକ୍ଟର ବାବୁ । ମନେମନେ ଭାବୁଥିଲେ ଯାହା ହେଉ ମୁଁ ଜଣେ ମହାନ ବ୍ୟକ୍ତିଙ୍କର ସେବା କରିବାର ସୁଯୋଗ ପାଇଛି । ଯାହାଙ୍କ ପାଇଁ ମୁଁ ଆଜି ଡକ୍ଟର । ଏସବୁ କଥା ଶୁଣୁଥାନ୍ତି ଚୁପଚାପ ମୋହନବାବୁ, ମନେ ପଡିଗଲା ସେଇ ପୁରୁଣା କଥା ସେଦିନ କେମିତି ସେ ତାଚ୍ଛଲ୍ୟ ଭାବରେ ଗାଳିଦେଇଥିଲେ ତାଙ୍କର ଅତି ବିଶ୍ୱସ୍ଥ ମ୍ୟାନେଜର ବାବୁଙ୍କୁ । ସତରେ କେତେ ମହାନ ଆମ ମ୍ୟାନେଜର ବାବୁ । କେତେ ମହାନ ଏ ରାଧା, ଆଉ କେତେ ମହାନ

ଏ ଡକ୍ଟର ବାବୁ । ଏମାନେ ସମସ୍ତେ ଗରିବ ହୋଇପାରନ୍ତି, କିନ୍ତୁ ଏମାନଙ୍କ ପାଖରେ ବହୁତ ବଡ ହୃଦୟ ଅଛି । ଆଖିରୁ ଦୁଇଧାର ଲୁହ ଖସିଗଲା । କଡ ଲେଉଟେଇ କହିଲେ ମାମୁନ ମୋତେ ଟିକେ ଉଠିବାକୁ ସାହାଯ୍ୟ କର । ମ୍ୟାନେଜର ଧରି ପକେଇଲେ ମୋହନ ବାବୁଙ୍କର ହାତକୁ । ମୋହନବାବୁ ବେଡ ଉପରେ ବସି ମ୍ୟାନେଜର ବାବୁଙ୍କୁ ଚାହିଁଲେ । ସତରେ ମୋ କମ୍ପାନୀ କମ୍ପାନୀ ପାଇଁ ତୁମ ଭଳି ମ୍ୟାନେଜର ନିହାତି ଆବଶ୍ୟକ । ରାଧାକୁ ପଇସା ଦେବା କଥା କହି ମୋତେ କେତେ ଅନୁରୋଧ କରିଥିଲେ, କିନ୍ତୁ ମୁ ସେଦିନ ତୁମକୁ....., ଆଉ କିଛି କହିବା ପୂର୍ବରୁ ମ୍ୟାନେଜର ମୋହନ ବାବୁ ଙ୍କୁ ହାତ ଯୋଡି ଅନୁରୋଧ କଲେ ଆଉ କିଛି ନକହିବାକୁ । ମୋହନ ବାବୁ ଚୁପ ହୋଇଗଲେ ସତ କିନ୍ତୁ ସମସ୍ତଙ୍କ ମନରେ ଗୋଟେ ପ୍ରଶ୍ନବାଚୀ ହୋଇ ରହିଗଲା । ରାଧା କିଛି ବୁଝି ପାରୁନଥାଏ । ତାହେଲେ ସେଦିନର ପଇସା କିଏ ଦେଇଥିଲେ । ଅନେକ ପ୍ରଶ୍ନ ଆସିଲା ରାଧାର ମନରେ ।

ଏ ଭିତରେ କିଛି ଦିନ ବିତିଯାଇଛି । ଦିନେ କମ୍ପାନୀ ରେ କୌଣସି କାର୍ଯ୍ୟ ପାଇଁ ଅନୁପସ୍ଥିତ ଥାନ୍ତି, ବ୍ୟାଙ୍କରୁ ଗୋଟେ ନୋଟିସ ନେଇ ବ୍ୟାଙ୍କରୁ ଦୁଇଜଣ କର୍ମଚାରୀ ଆସି କମ୍ପାନୀରେ ମ୍ୟାନେଜରଙ୍କ କଥା ପଚାରି ବୁଝିଲେ । ସେଦିନ ମ୍ୟାନେଜରଙ୍କର ଅନୁପସ୍ଥିତ କଥାଶୁଣି ବ୍ୟାଙ୍କ ଅଫିସର ମ୍ୟାନେଜରଙ୍କୁ କିଛି ଖରାପ କରି କହିଲେ । ଏକଥା କମ୍ପାନୀ ମାଲିକ ମୋହନବାବୁଙ୍କ କାନକୁ ଗଲା । ମୋହନ ବାବୁ ବ୍ୟାଙ୍କ ଅଫିସରଙ୍କୁ ଅଫିସରେ ବସାଇ ସବୁ ବୁଝିଲେ । ଏବେ ଜାଣିବାକୁ ପାଇଲେ ବ୍ୟାଙ୍କରୁ ନିଜ ଘର ବନ୍ଧା ପକାଇ କିଛି ପଇସା ୫ ବର୍ଷ ହେଲା ମ୍ୟାନେଜର ଆଣିଛନ୍ତି । କିନ୍ତୁ ସୁଝିନାହାନ୍ତି । ବାରମ୍ବାର ନୋଟିସ କଲେ ବି କୌଣସି ପ୍ରତିକ୍ରିୟା ନାହିଁ । ବ୍ୟାଙ୍କ ଅଫିସର ପ୍ରଶ୍ନ କଲେ ମୋହନବାବୁ ଏଭଳି ଲୋକଙ୍କୁ ଆପଣ ଆପଣଙ୍କ କମ୍ପାନୀରେ ପୁଣି ମ୍ୟାନେଜର ପୋଷ୍ଟରେ ରଖିଛନ୍ତି କିପରି । ଏଭଳି ବ୍ୟକ୍ତି କମ୍ପାନୀ ପାଇଁ ବହୁତ କ୍ଷତି କରିବେ । ମୋହନ ବାବୁ ଅଫିସରଙ୍କୁ ଟିକେ ଚୁପ୍ ରହିବାକୁ ଅନୁରୋଧ କଲେ । ଏବେ ସେ ଜାଣିପାରିଲେ ସେଦିନ ରାଧା ଭାଇର ଆଡମିସନ୍ ପାଇଁ ପଇସା ନଦେବାରୁ ମ୍ୟାନେଜର କିପରି ନିଜ ଘରଟିକୁ ବନ୍ଧାପକାଇ ପଇସା ଆଣି ରାଧାଙ୍କୁ ଦେଇଥିଲେ । ତାପରେ ବ୍ୟାଙ୍କ ଅଫିସରଙ୍କୁ ମୋହନବାବୁ ସବୁ କଥା କହିବାରୁ ଅଫିସର ଆଶ୍ଚର୍ଯ୍ୟ ହୋଇଗଲେ । ସତରେ ଏ କେତେ ମହାନ । ନିଜକୁ କ୍ଷମା

କରିପାରିଲେନ ବ୍ୟାଙ୍କ ଅଫିସର । ବିନା କାରଣରେ ଏଭଳ ଜଣେ ମହାନ ଲୋକଙ୍କୁ ଗାଳ କରି ବହୁତ ବଡ ଭୁଲ ହୋଇଗଲା, ସତରେ ଏଭଳ ବ୍ୟକ୍ତିମାନେ ଏ ସମାଜ ପାଇଁ ଆଦର୍ଶ । ଏହା ଭିତରେ ମୋହନବାବୁ ବ୍ୟାଙ୍କ ଅଫିସରଙ୍କ ହାତକୁ ଚେକ୍ ଟିଏ ବଢେଇ ଦେଇ କହିଲେ, ଆପଣଙ୍କର ଯେତେ ପଇସା ହେଉଛି ଆପଣ ନେଇଯିବେ ଏବଂ ଆମ ମ୍ୟାନେଜରଙ୍କ ଘରଟିକୁ ଋଣମୁକ୍ତ କରନ୍ତୁ । କଛିଦିନ ପରେ ମ୍ୟାନେଜରବାବୁ ବ୍ୟାଙ୍କକୁ ଯାଇ ନଜ ଋଣ ପରିଶୋଧ କରିବାକୁ କହିବାରୁ ବ୍ୟାଙ୍କ ଅଫିସର ନଜ ସିଟ୍ ରୁ ଉଠିପଡି ମ୍ୟାନେଜରଙ୍କୁ କ୍ଷମା ମାଗି କହିଲେ ସତରେ ଆପଣ ମହାନ । ଟିକେ ଅଳ୍ପ ହସିଦେଇ ନଜ ମୋବାଇଲର୍ ମୋହନବାବୁଙ୍କୁ ମ୍ୟାନେଜରଙ୍କୁ ନଜ ଯାଗାର କାଗଜପତ୍ର ଫେରେଇଦେବାର ସୂଚନା ପ୍ରଦାନ କରିବାରୁ ମୋହନବାବୁ ହସିଦେଇ କହିଲେ – ଆପଣ ଏଯାଏ ଫେରେଇ ନାହାନ୍ତି? ବ୍ୟାଙ୍କ ଅଫିସର ଖୁସିରେ ମ୍ୟାନେଜରଙ୍କ ହାତକୁ କାଗଜଟିକୁ ବଢେଇ ଦେଇ କହିଲେ –ମ୍ୟାନେଜର ବାବୁ, ଏଇ ନଅନ୍ତୁ ଆପଣଙ୍କ ଘରବାରି ର କାଗଜପତ୍ର । କଛି ବୁଝିପାରିଲେନ ମ୍ୟାନେଜର ବାବୁ । ଆରେ ମୋର ଏତେ ସବୁ ଟଙ୍କା କଏ ପରିଶୋଧ କଲା । ଖୁସିରେ ଆତ୍ମହରା ହୋଇ କମ୍ପାନୀକୁ ଫେରିଲେ ମ୍ୟାନେଜର ବାବୁ । ନଜ ସିଟ୍ ରେ ବସିପଡି ଦେଖିଲେ ଟେବଲ୍ ଉପରେ ଖଣ୍ଡେ ପେପରରେ ଲେଖାଅଛି –"ପ୍ରକୃତରେ ତୁମେ ମହାନ୍, ଆଉ ଏ କମ୍ପାନୀ ପାଇଁ ତୁମେ ହିଁ ସୁଯୋଗ୍ୟ । ମାଲିକ ମାନେ ଖାଲି ମାଲିକ ହୋଇପାରନ୍ତି, କନ୍ତୁ ମ୍ୟାନେଜର ବିନା ନୁହେଁ ।" ଏ ସମୟରେ କମ୍ପାନୀର ବେଲ୍ ବାଜି ଉଠିଲା । ସନ୍ଧ୍ୟା ହୋଇଯାଇଛି । ମନ୍ଦିରର ଘଣ୍ଟା ବାଜି ଉଠିଲା । ପକ୍ଷୀ ମାନେ ଫେରିଲେ ନଜ ବସାକୁ । ମ୍ୟାନେଜର ବି ନଜ ଘରକୁ.........

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ଜନ୍ମଦିନ



ସୂର୍ଯ୍ୟକାନ୍ତ ବେହେରା

ପିଲ୍ ଦୁଃଖରେ ସମଦୁଖୀନୀ ମା
କେବଳ ଗୋଟିଏ ଦିନରେ, ସେଇ ଜନ୍ମ ଦିନରେ ହିଁ
ଯେତେବେଳେ ପିଲ୍ କାନ୍ଦୁଥାଏ, ମା ତାର ହସୁଥାଏ ॥

ଜନ୍ମ ଦିନ – ସମସ୍ତଙ୍କର ସବୁଠୁ
ଆପଣାର ଆଉ ସ୍ପେଶାଲ୍ ଦିନ
କିଏ କଣ ମନେ ରଖୁ କି ନ ରଖୁ
କିନ୍ତୁ ନିଜର ଜନ୍ମ ଦିନଟିକୁ ମନେ ରଖିଥାନ୍ତି
ହିଁ କେତେକ ମିଛରେ ତାକୁ ଏଡେଇ ଯାନ୍ତି ॥

ଆଗରୁ ଜନ୍ମଦିନ ହେଉଥିଲା – ଘରେ
ଠାକୁରଙ୍କ ପାଖେ ପୂଜା ଘରେ
ଚକୁଳି ପିଠାକୁ ନୂଆ ଜାମା-ପ୍ୟାଣ୍ଟ
ବାପା ବୋଉଙ୍କୁ ପ୍ରଣାମକରି
ସାଙ୍ଗମାନଙ୍କ ସାଙ୍ଗେମଉଜ ମସ୍ତି
କିନ୍ତୁ ଏବେ ମୋବାଇଲ୍, ଏସ୍ ଏମ୍ ଏସ୍
ଫେସ୍ ବୁକ୍ ରେ ବାର୍ଥଡେ ଓ୍ୱିସେସ୍
ହୋଇପାରେ ଜନ୍ମ ଦିନର ରୂପରେଖା ବଦଳି ଯାଇଛି
କିନ୍ତୁ ଯାହାର ଜନ୍ମଦିନ
ତା ପାଇଁ କେତେ ଇମ୍ପୋଟାଣ୍ଟ ସେହିଁ ଜାଣିଛି ॥

କୁଆଡେ ଗଲା ସେ ଜନ୍ମଦିନ
ହଷ୍ଟେଲରେ ୱ୍ଡି ବାରଟାରେ କେକ୍ କଟା
ତା ପରେ ସେଲିବ୍ରେସନ୍
ଦିନରେ ଲେଟ୍ ରେ ଉଠି
ସନ୍ଧ୍ୟାରେ ପିକଚର୍ ଆଉ ପାର୍ଟି
ଆଃ...ସତରେ ଭାରି ମିସ୍ କରେ ମୁଁ
ସେ ସବୁ ଏବେ ବସି ॥

କନ୍ତୁ ୱ୍ଡି ବାରଟାରେ ପ୍ରିୟ ବନ୍ଧୁର ଶୁଭେଚ୍ଛା
ଯିଏ ପାଇଛି, ତାର ମଜା ସେ ହିଁ ଜାଣିଛି ॥

ଦେଉଳଗ୍ରାମେଶ୍ୱର, ଜଗତସିଂହପୁର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅଳସୀ କନ୍ୟା

ବିଦ୍ୟାଧର ମିଶ୍ର

ଶ୍ରାବଣର ଏହି ଅଳସୀ କନ୍ୟା
ଆଖିରେ ଆସିଛି ଲୁହ
ବୁକୁଫଟା ତାର କରୁଣ ରାଗିଣୀ
କେମିତି ସହିବ କୁହ
ତା ପାଇଁ ଜୀବନ ବିକ ମୁଁ ଦେଇଛି ସେନେହ
ଭୁଲି ମୁଁ ଯାଇଛି ସୁଖ
କେମିତି ଆଜି ମୁଁ ଖୋଲି କହିଦେବି
ତୁମେ ଏବେ ଫେରିଯାଅ
ସହି ପାରୁନ କ କହିବି ପାରୁନ
ଖୋଲି ମୋ ଅନ୍ତର କଥା
କେମିତି ସହିବି କେମିତି ତହ୍ଣିବି
ଘୁରିତ ଯାଉଛି ମଥା
ଝାଞ୍ଜି ବଇଶାଖ ତା ପଥ ଗୁହିଁଛି
ନେବ ତାକୁ ସାଥୀ କରି ।

ଯାଜପୁର ଟାଉନ

# ବେକୁବ୍



ସୁଷମା ପରିଜା

ଦୀର୍ଘ ତିନି ବର୍ଷପରେ ଆଜି ନିଜ ଘରକୁ ଫେରୁଥିଲା ପ୍ରଶାନ୍ତ । କଟକ ଷ୍ଟେସନରେ ପାଦ ଦେଲାବେଳକୁ ମନଟା ଯେମିତି କୁରୁଳି ଉଠୁଥିଲା ଆନନ୍ଦରେ । ଗାଆଁ କଥା, ବୋଉ କଥା , ସାନଭଉଣୀ ଆରତୀ ର କଥା ମନେ ପଡିଯାଉଥିଲା ରହି ରହି । ଏଇ ଅଳ୍ପ କିଛିସମୟ ପୂର୍ବରୁ ଭୋକରେ ଆଉଟୁପାଉଟୁ ହୋଇ ଯାଉଥିବା ପେଟ ଟା ମଧ୍ୟ ଭୋକ ଭୁଲି ସାରିଥିଲା, ମନ କହୁଥିଲା, ଡେଣା ଦୁଇଟା ଲାଗି ଯାଆନ୍ତାନି, ସେ ଉଡି ଯାଇ ଆଖି ପିଛୁଳାକେ ପହଞ୍ଚି ଯାଆନ୍ତି ଗାଆଁରେ । ବୋଉ ହାତରନ୍ଧା ପଖାଳ ମୁଠାଏ ଖାଇ ନିଶ୍ଚିନ୍ତ ହୋଇ ଶୋଇ ପଡନ୍ତା ବାପାଙ୍କର ସେଇ ପୁରୁଣା ତକ୍ତପୋଷ ଉପରେ । ବିଗତ ତିନି ବର୍ଷର ନିଦ ଏକାଠି ଶୋଇ ପଡନ୍ତା ।

କଟକରୁ ଅଶୀ କିଲୋମିଟର ଦୂରରେ ତାଙ୍କର ଗାଆଁ ଢେଙ୍କାନାଳ ଜିଲ୍ଲାର ମାର୍ଥାପୁର, ଯେଉଁଠି କଟିଛି ତା'ର ବାଲ୍ୟ, ଶୈଶବ, କୈଶୋର ଆଉ ଆଦ୍ୟଯୌବନ କିଛିବର୍ଷ । ବାପା ରତ୍ନାକର ମୂଲିଆ ଭୂମିହୀନ ଚାଷୀ, ବାପ ଅମଳରେ ଯୋଉ ଆଠକ ଦଶ ଗୁଣ୍ଠ ଜମି ଭାଗରେ ପଡିଥିଲା, ସେତକ ଦୁଇ ପିଲାଙ୍କ ରୋଗ ବୈରାଗ, ପାଠ ଶାଠରେ ସ୍ୱାହା ହୋଇ ସାରିବା ପରେ ପର ବିଲ ରେ ଚାଷବାସ କରି ଚଳୁଥିଲେ । ଆଠ ବର୍ଷର ପୁଅ ପ୍ରଶାନ୍ତ, ଚାରି ବର୍ଷର ଝିଅ ଆରତୀ, ସ୍ତ୍ରୀ ମାଳତୀ ଙ୍କୁ ନେଇ ରତ୍ନାକାରଙ୍କ ଛୋଟିଆ ପରିବାର । ଖୁବ୍ ଭଲ ପାଠ ପଢୁଥିଲା ପ୍ରଶାନ୍ତ, ଗାଁ ସ୍କୁଲରେ ବୃତ୍ତି ପାଉଥିଲା, ସାର ମାନେ ସମସ୍ତେ ଖୁବ୍ ଭଲ ପାଉଥିଲେ ତା'କୁ । ବାଟରେ ଘାଟରେ କେତେବେଳେ ଭେଟ ହୋଇଗଲେ, ସାର୍ କହୁଥିଲେ "ତମ ପୁଅ ବଡ ହୋଇ ହାକିମ ହେବ ହେ ରତନା ! ତମ ଦୁଃଖସବୁ ଦୂର କରିଦେବ ,

ତୁମେ ଚନ୍ତା କରନାହିଁ ।" ଝାଳ ନାଳ ଆଣ୍ଠିଏ ହୋଇ ବିଲ ରୁ ଖଟିଖଟି ଫେରୁଥିବା ରତ୍ନାକରଙ୍କ ମୁହଁରେ ହସ ର ସୂକ୍ଷ୍ମ ରେଖାଟିଏ ଖେଳ ଯାଉଥିଲା, ଆଖିରେ ଆଶା ର ଆଲୋକ ଉଜ୍ୱଳ ଉଠୁଥିଲା, ଦୁଇ ହାତ ଉପରକୁ ଟେକ ଆକାଶକୁ ଗୁହିଁ ମଥାରେ ଲଗାଉଥିଲେ । ଘରକୁ ଫେରି ସେଦିନ ଖୁବ୍ ଗେଲ କରୁଥିଲେ ପ୍ରଶାନ୍ତକୁ, ମାଳତୀଙ୍କୁ କହୁଥିଲେ "ବୁଝିଲୁ, ବଗୁଲି ଆମର ପାଠ ପଢି ବଡ ହାକମ ହେବବୋଲି ତା'ସ୍କୁଲ ସାର ମାନେ ମୋତେ କହୁଥିଲେ, ମୋର ଆଉ ଚନ୍ତାକ'ଣ? ଆରତୀ ଆଉ ତୋ'ର ଦାୟିତ୍ୱ ସେ ନେବ, ମୁଁତ ମଳମୁଣ୍ଡିଆ ଚଷାଟାଏ, ଜୀବନଯାକ କଛି ସୁଖ ଦେଇ ପାରିଲିନ ତୁମ ମାନଙ୍କୁ, ହେଲେ ମୋ ପୁଅ ତମକୁ ସବୁ ସୁଖ ଦେବ, ଆରତୀକୁ ଭଲ ଘରର ଦେଖି ବାହାଘର କରିବ, ତୁମପାଇଁ କୋଠାବାଡି ସବୁ କରିବ, ମୁଁ ଥାଏ କ ନଥାଏ, ଏଇ ସଂସାର ଲୋକ ଦେଖିବେ, କହିବେ ରତନା ପୁଅ ହାକମ ହୋଇଛି, ସିଏ ମୋ ନାଆଁ ରଖିବ ।" ବୋଉ ର ଶୁଖିଲା ମୁହଁରେ ହସ ଫୁଟେ, ସେ ବେକରେ ଲୁଗାକାନ ଗୁଡେଇ ମା' ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆଟିଏ ମାରେ । ସେମାନଙ୍କର ସେଇ ଆଶା ଆହୁରି ଦୃଢ ହୋଇଥିଲା ଯେବେ ପ୍ରଶାନ୍ତ ମାଟ୍ରିକ ପରୀକ୍ଷାରେ ତାଙ୍କ ପଞ୍ଚାୟତରେ ସବୁଠୁ ଅଧିକ ନମ୍ବର ରଖି ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଶ୍ରେଷ୍ଠ ଶହେଜଣ ଛାତ୍ରଙ୍କ ମଧ୍ୟରେ ରହିଥିଲା । ସରକାରଙ୍କ ବୃତ୍ତିପାଇ ଢେଙ୍କାନାଳ କଲେଜ ରେ ବିଜ୍ଞାନ ପଢିଲା । ସ୍କୁଲରେ ସିନା ସାର ମାନେ ଦୟାକରି ବିନା ପଇସାରେ ତା'କୁ ପାଠ ପଢାଇ ଦେଉଥିଲେ, ହେଲେ କଲେଜରେ ବିନା ଟିଉସନ୍ ରେ ସେ ପଢିବା ବହୁତ କଷ୍ଟକର ହେଉଥିଲା ।

ଦୁଇ ଗ୍ରିଜଣ ଗାଆଁ ପିଲା ମାନଙ୍କ ସହ ନଜେ ଢେଙ୍କାନାଳରେ ମେସ୍ କରି ରହି ଚଳବାକୁ ବୃତ୍ତି ଟଙ୍କା ନଅଣ୍ଟ ପଡୁଥିଲା, ବାପାଙ୍କୁ ଅଧିକ ଟଙ୍କା ମାଗିବାକୁ ଖରାପ ଲାଗୁଥିଲା, ଏମିତି ଅବସ୍ଥାରେ ସବୁ ବହିପତ୍ର ମଧ୍ୟ କଣି ପଢିବା ଅସମ୍ଭବ ଥିଲା, ସେଇ ସମୟରେ ସାହାଯ୍ୟ କରୁଥିଲା ତାଙ୍କ ସାଥୀରେ ରହୁଥିବା ମାର୍କଣ୍ଡେୟ । ମେସର ସାଥୀ ମାନଙ୍କ ମଧ୍ୟରେ ମାର୍କଣ୍ଡେୟ ସାହୁ ଟିକଏ ସ୍ୱଚ୍ଛଳ ପରିବାରର ପିଲାଥିଲା । ତା' ବାପା ଙ୍କର ଗାଆଁରେ ତେଜରାତି ଦୋକାନଟିଏ ଥିଲା ଆଉ ସେଇଟି ଖୁବ୍ ଭଲ ଗ୍ଲୁଥିଲା । ଏକୁଟିଆ ପୁଅ

ହୋଇଥିବା ହେତୁ ଖୁବ୍ ଗେଲବସର ରେ ବଢିଥିଲା, ତେଣୁ ତା' ମାଆ ମଧ୍ଯ ବାପାଙ୍କୁ ଲୁଚାଇ ଆହୁରି ଅଧିକ ଟଙ୍କା ପଇସା ଗୁଞ୍ଜି ଦେଉଥିଲେ ତା' ହାତରେ। ସ୍ୱଭାବରେ ଖୁବ୍ ମେଳାପୀ ଥିଲା ମାର୍କଣ୍ଡେୟ ଆଉ ବନ୍ଧୁମାନଙ୍କ ପାଇଁ ହାତଖୋଲା ଖର୍ଚ୍ଚ ମଧ୍ଯ କରୁଥିଲା, ସେଥିପାଇଁ ସେ ସମସ୍ତଙ୍କର ପ୍ରିୟଥିଲା। ମେସ୍ ରେ ରହିଥିବା ସମସ୍ତ ଛାତ୍ରଙ୍କୁ ରୋଷେଇଠାରୁ ବାସନମଜା ପର୍ଯ୍ୟନ୍ତ ନିଜ କାମ ନିଜେ କରିବାକୁ ପଡେ, ହେଲେ ମାର୍କଣ୍ଡେୟ କେବେ ବି କାମ କରିବାପାଇଁ ଇଚ୍ଛୁକ ନଥାଏ, ସେଥିଲାଗି ସେ କିଛି ନା କିଛି ବାହାନା କରି ଅନ୍ୟ (ପ୍ରଶାନ୍ତ) ଦ୍ୱାରା ତା'ର କାମଟି କରେଇନିଏ। ପ୍ରଶାନ୍ତ ମଧ୍ଯ ଖୁସିରେ ଖୁସିରେ ତା'ର ସବୁ କାମ କରିଦିଏ। ସେଥିପାଇଁ ପ୍ରଶାନ୍ତ ଆଉ ମାର୍କଣ୍ଡେୟ ଭିତରେ ବନ୍ଧୁତା ବଢି ଚାଲେ। ଦିନ ଗଡି ଚାଲିଥାଏ। ପ୍ଲସ୍ ଟୁ ରେ ବହୁତ କଷ୍ଟକରି କୌଣସିମତେ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ ମଧ୍ଯ ପ୍ଲସ୍ ଥ୍ରୀ ରେ ଆଉ ବିଜ୍ଞାନରେ ନାମ ଲେଖାଇବା ପାଇଁ ସାହସ ହେଲାନି ପ୍ରଶାନ୍ତର, କାରଣ ପ୍ଲସ୍ ଟୁ ରେ ତୃତୀୟଶ୍ରେଣୀରେ ପାଶ କରି ମାର୍କଣ୍ଡେୟ ସେତେବେଳେ ପ୍ଲସ୍ ଥ୍ରୀ କଳା ବିଭାଗରେ ନାମ ଲେଖାଇ ସାରିଥିଲା ଆଉ ଅନ୍ୟ ତିନିଜଣ ଫେଲ୍ ହୋଇ ପାଠ ଛାଡି ଗାଆଁରେ ଚାଷବାସ କରିବାକୁ ଫେରି ଯାଇଥିଲେ। ପ୍ରଶାନ୍ତ ମଧ୍ଯ ମାର୍କଣ୍ଡେୟ ସହିତ ନାମ ଲେଖାଇଲା ପ୍ଲସ୍ ଥ୍ରୀ କଳା ବିଭାଗରେ। ଆଉ ଅଧିକ ସାଙ୍ଗମାନଙ୍କୁ ନ ନେଇ ଦୁହେଁ ମେସ୍ କରି ରହିଲେ ଢେଙ୍କାନାଳ ସହରରେ କଲେଜ ପାଖରେ। ମେସରେ ଯାବତୀୟ କାମ କରିବା ସହିତ ନିଜର ପାଠ ପଢା ଜାରି ରଖିଥାଏ ପ୍ରଶାନ୍ତ, କେମିତି ଭଲ ନମ୍ବର ରଖି ପାଶ କରି ଚାକରୀଟିଏ ପାଇବ ସେଇ ଲକ୍ଷ ତା'ର। ମାର୍କଣ୍ଡେୟର କିନ୍ତୁ କିଛି ଚିନ୍ତା ନଥାଏ, ସେ କଲେଜର ଆଉ କିଛି ବଡବଡିଆ ଘରର ପିଲାମାନଙ୍କୁ ସାଙ୍ଗ କରି ମଉଜମସ୍ତିରେ ମାତିଥାଏ। ପିଲାବେଳେ ସାହିତ୍ୟରେ ଖୁବ୍‌ରୁଚ ରଖୁଥିବାପ୍ରଶାନ୍ତଏବେ ଓଡିଆଅନର୍ସରଖି ପଢୁଥାଏଆଉ ନୂଆ ନୂଆ କବିତା ଲେଖିବା ଆରମ୍ଭ କରିଥାଏ। ନିଜର ଲାଜକୁଳା ସ୍ୱଭାବ ହେତୁ କବିତା ଲେଖୁଥିବା ଡାଏରୀଟିକୁ ଯଥାସମ୍ଭବ ଲୁଚାଇ ରଖିବାକୁ ପସନ୍ଦ କରୁଥାଏ। ଦିନେ କିଛିଗୋଟାଏ ଖୋଜୁଖୋଜୁ ଡାଏରୀଟି ପଡିଥିଲା ମାର୍କଣ୍ଡେୟ ହାତରେ।

ମୋଟେ ପାଠ ପଢୁନଥିବା ମାର୍କଣ୍ଡେୟ ସେଇ କବିତା ଗୁଡିକ ଆମୂଳଚୂଳ ପଢିଥିଲା ସେଦିନ ମେସରେ ଖଟ ଉପରେ ଶୋଇ ଶୋଇ ଆଉ ଆନନ୍ଦରେ କୁଣ୍ଢେଇ ପକାଇଥିଲା ପ୍ରଶାନ୍ତକୁ । ବହୁତ ଉତ୍କଣ୍ଠାରେ କହିଥିଲା "ଭାଇ ରେ! ତୁ ତ ପୋଖତ କବିଟିଏ ଭଳ ଲେଖୁଛୁ, ଖୁବ୍ ସୁନ୍ଦର ଆଉ ହୃଦୟସ୍ପର୍ଶୀ ହୋଇଛି କବିତାଗୁଡିକ, ଚାଲ, ସେଗୁଡିକୁ କୌଣସି ପ୍ରକାଶନ ସଂସ୍ଥାକୁ ଦେବା, ସେ ବହି କରି ଛାପିବ, ତୁ ରାତାରାତି ବିଖ୍ୟାତ କବିଟିଏ ହୋଇ ଯିବୁରେ ବଗୁଲି! ଚମକ ଉଠିଲା ପ୍ରଶାନ୍ତ, କେତେବେଳେ କେମିତି କବିତାଟିଏ ପିଲା ବେଳୁ ସେ ଦେଖୁଥିଲା ହେଲେ କାହାକୁ ଦେଖାଇବାକୁ କ କହିବାକୁ ସାହସ ହେଉନଥିଲା ତା'ର । ମନରେ ଭୟ ହେଉଥିଲା କାଳେ କଏ ଛିଗୁଲେଇ ପଦେ କହିଦେବ କ "ଘରେ ହାଣ୍ଡିରେ ଭାତ ନାହିଁ, ପୁଅର କବିତା ଉତୁରୁଛି" ସେଥିପାଇଁ ଲୁଚାଇ ଲୁଚାଇ ଏଠି ସେଠି ଗୁଞ୍ଜି ଦେଉଥିଲା, କେବେକେମିତି ସାଇତି ରଖୁଥିଲା ଗୋଟିଏ ଟିଣ ବାକ୍ସ ଭିତରେ । ଆଜି ଅପ୍ରସ୍ତୁତ ଭାବରେ ଧରାପଡି ଯାଇଥିବାରୁ ଲାଜର ହୋଇ ଡାଏରୀଟି ତା' ହାତରୁ ଏକ ରକମ ଛଡେଇ ଆଣିଲା ପ୍ରଶାନ୍ତ । ମାର୍କଣ୍ଡେୟ ଖୁବ୍ ଉଲ୍ଲସିତ ହେଉଥିଲା ପ୍ରଶାନ୍ତର ଏଇ ନୂଆ ରୁଚଟିକୁ ଆବିଷ୍କାର କରି, ସେ ଖୁବ୍ ଉତ୍ସାହିତ ହୋଇ ପଡିଥିଲା, କାରଣ ପାଠଶାଠତ ତା ଦ୍ୱାରା ହେଉ ନଥିଲା କନ୍ତୁ ସାହିତ୍ୟ ପ୍ରତି ଥିଲା ତା'ର ପ୍ରଚଣ୍ଡ ଦୁର୍ବଳତା । ଇଚ୍ଛାଥିଲେ ମଧ ଧାଡିଟିଏ ଲେଖି ପାରୁନଥିବା ମନ ତା'ର ପ୍ରଶାନ୍ତର ପ୍ରତିଭା ଦେଖି କେଉଁ ଏକ ଅଜଣା ଆନନ୍ଦରେ ନାଚ ଉଠୁଥିଲା, ସେ ଖୁବ୍ ଖୋସାମତି କରି ବାଧ କରିଥିଲା ପ୍ରଶାନ୍ତକୁ "ଅନ୍ତତଃ ଗୋଟିଏ ଖବରକାଗଜକୁ ପଠାଇବା ତୋ'ର କବିତା ଭିତରୁ ତୁ ଶ୍ରେଷ୍ଠ ଭାବୁଥିବା କବିତାଟି, ଯଦି ସେଇଟି ସେମାନେ ପସନ୍ଦ କରି ଛାପନ୍ତି ତେବେ ଆଉ ଆଗକୁ ବଢିବା ନହେଲେ ନାହିଁ ।" ମାର୍କଣ୍ଡେୟର ବାଧବାଧକତାରେ ଶେଷରେ ପ୍ରଶାନ୍ତ ରାଜି ହୋଇଥିଲା ଏଇ ସର୍ତ୍ତରେ ଯେ ସେ ନଜ ନାମ ନଦେଇ "ଫାଲଗୁନୀ"ର ଛଦ୍ମନାମରେ କବିତାଟି ପଠାଇବ "ସହର ଖବର" ନାମକ ଏକ ଅଳ୍ପ ପରିଚତ ସମ୍ବାଦପତ୍ରକୁ । ତାହା ହିଁ ହୋଇଥିଲା । ମାର୍କଣ୍ଡେୟ ନଜେ ଲେଖାଟି ନେଇ ପୋଷ୍ଟକରି ଦେଇ ଆସିଥିଲା । ଆଠ ପନ୍ଦରଦିନ ଧରି ପ୍ରତିଦିନ ଯାଇ କଲେଜ ପାଖ ମାଗାଜିନ୍ ଦୋକାନରେ ସେଇ ସମ୍ବାଦପତ୍ରକୁ ଅପେକ୍ଷାକରି ବସିଲେ ଦୁଇ ବନ୍ଧୁ, କାଳେ କେଉଁଦିନ ଛପା ହୋଇଥିବ ପ୍ରଶାନ୍ତର କବିତାଟି, ହେଲେ ନରାଶ

ହେଉଥିଲେ । ପ୍ରଶାନ୍ତ ବିରକ୍ତହୋଇ ମାର୍କଣ୍ଡେୟକୁ କହିଲା "ମୁଁ ଭଲ ଭାବରେ ଜାଣିଥିଲି ସେଇଟା କାହାର ପସନ୍ଦ ହେବନାହିଁ, ତୁ ମିଛଟାରେ ମୋତେ ବେଉକୁଫ୍ ବନେଇଲୁ ଭାଇ" । ତା'ପରେ ଧୀରେଧୀରେ ପ୍ରଶାନ୍ତ ସେଇ କବିତା କଥାଟି ମନରୁ ପାଶୋରି ଦେଇଥିଲା । ଦୁଇମାସ ପରେ ଦିନେ ରବିବାରିଆ ଖାଇବେଳେ ପ୍ରଶାନ୍ତ ମେସ୍ ରେ ଶୋଇଥିବା ସମୟରେ ଖବରକାଗଜଟିଏ ଧରି ଧଇଁସଇଁ ହୋଇ ପହଞ୍ଚିଲା ମାର୍କଣ୍ଡେୟ, ମୁହଁରେ ତା'ର ଗଡ ଜିତିବାର ଖୁସି, ପ୍ରଶାନ୍ତକୁ କୁଣ୍ଢେଇ ପକାଇ ଘେରାଏ ବୁଲେଇ ଦେଇ କହିଲା "ଆରେ ବଗୁଲି! ତୁ ସତକୁ ସତ କବି ହୋଇ ଗଲୁ ରେ, ଦେଖ୍, ଆଜି ସହର ଖବର ର ସାହିତ୍ୟ ବିଭାଗରେ ତୋ'ର କବିତା ବାହାରିଛି" । ହାଁ କରି ଚାହିଁ ରହିଥିଲା ପ୍ରଶାନ୍ତ, ସତରେ କ'ଣ ତା'ର କବିତାଟି ସ୍ଥାନପାଇଛି ସମ୍ବାଦପତ୍ରରେ? ନା ମାର୍କଣ୍ଡେୟ ତା'କୁ ପୁଣି ବେକୁଫ୍ ବନଉଛି? ତା'କୁ ଏମିତି ଜଳଜଳ କରି ଚାହିଁଥିବାର ଦେଖି ସମ୍ବାଦପତ୍ରର ସେଇ ପୃଷ୍ଠାଟି ପ୍ରଶାନ୍ତର ଆଖିଆଗରେ ମେଲାଇ ଧରିଲା ମାର୍କଣ୍ଡେୟ, ଏବେ ପୃଷ୍ଠାଟିକୁ ନିରେଖି ଚାହିଁଲା ପ୍ରଶାନ୍ତ, ଆଖି ଆଗରେ ସମ୍ବାଦପତ୍ରର ପୃଷ୍ଠାରେ "ଅସରାବସନ୍ତ" ଶୀର୍ଷକ କବିତାଟି ତଳେ ନିଜର ଛଦ୍ମନାମ "ଫାଲଗୁନୀ"! ଗୋଟାଏ ଶୀତ ଲହରୀଭଳି ଖୁସି ଖେଳଯାଇଥିଲା ତା'ର ସର୍ବାଙ୍ଗରେ । ଥରଥର ହାତ ରେ ଥରେ ଛୁଇଁ ଦେଖିଲା ନିଜର ମାନସ ସନ୍ତାନ ସେଇ କବିତାଟିକୁ, ଆଖି ଛଳଛଳ ହୋଇ ଉଠିଲା ପ୍ରଥମ ପ୍ରେମର ପ୍ରଥମ ପୁଲକରେ ହୃସ୍ପନ୍ଦନ ବଢି ଚାଲିଥିଲା, କିଛିସମୟ ଧରି ସେଇ ପୃଷ୍ଠାଟିକୁ ଛାତିରେ ଚାପି ଧରିଲା ପ୍ରଶାନ୍ତ, କେମିତି ଏକ ଗଭୀର ଆତ୍ମସନ୍ତୋଷରେ ବୁଜି ହୋଇ ଯାଉଥିଲା ତା'ର ଆଖିପତା ।

ସେଇ ଜଡ ଅବସ୍ଥାରୁ ଉଦ୍ଧାର କରିଥିଲା ମାର୍କଣ୍ଡେୟର ଡାକ "ଆରେ ଶୋଇ ପଡିଲୁ ନା' କ'ଣ ?" । ଚମକ ପଡି କହିଲା ପ୍ରଶାନ୍ତ "ନାଇଁରେ ଭାଇ ! ଏ ଶ୍ରେୟ ତୋ'ର, ତୁ ବାଧ କରିନଥିଲେ ଏଇ କବିତାଟି ମଧ୍ୟ ତା'ର ଭାଇବନ୍ଧୁମାନଙ୍କ ସହିତ ସେମିତି ସେଇ ଟିଣ ଟ୍ରଙ୍କରେ ଶୋଇ ରହିଥାନ୍ତା ଅନନ୍ତକାଳ ଯାଏଁ । ତତେ ଅଶେଷ ଧନ୍ୟବାଦ ଭାଇ, ତୁ ମୋର ଆତ୍ମବିଶ୍ୱାସ ବଢେଇଲୁ । ଏଣିକ ମୁଁ ଆହୁରି ଭଲ ଲେଖିବାପାଇଁ ଚେଷ୍ଟା କରିବି ।

ଦୁଇବନ୍ଧୁ ଖୁବ୍ ଖୁସି ହୋଇଥିଲେ । ସେଇ ପ୍ରଥମ ପାଦ ଆହୁରି ଶକ୍ତ ହୋଇଥିଲା ଧୀରେଧୀରେ, ପ୍ରଶାନ୍ତକୁ ସେଇ "ଫାଲଗୁନୀ" ନାମ ଟି ତା' ପାଇଁ ଶୁଭଙ୍କର ବୋଲି ମନେ ହୋଇଥିଲା । ସେଇ ନାମରେ ଅନେକ କବିତାସବୁ ଖବରକାଗଜ ଆଉ ପତ୍ରପତ୍ରିକାରେ ବାହାରି ପ୍ରସିଦ୍ଧିଲାଭ କରିଥିଲା । କଲେଜରେ ଶେଷବର୍ଷର ପରୀକ୍ଷା ଆଉ ଅଳ୍ପ କିଛିଦିନ ବାକିଥାଏ ଘଟିଗଲା ଗୋଟିଏ ଅଘଟଣ, ବିଲ ରେ ଧାନ କାଟୁଥିବା ବେଳେ ସର୍ପାଘାତରେ ପ୍ରାଣ ହରାଇଲେ ପ୍ରଶାନ୍ତର ବାପା ରତ୍ନାକର । ଆକାଶ ଛିଣ୍ଡି ପଡିଲା ପରିବାର ଉପରେ, ଘରର ଏକମାତ୍ର ରୋଜଗାରକ୍ଷମ ଲୋକଟି ଚାଲିଗଲା ପରେ ଘରର ସବୁ ବୋଝ ଲଦି ହୋଇ ପଡିଲା ପ୍ରଶାନ୍ତ ଉପରେ । ଯେନତେନ ପ୍ରକାରେ ପରୀକ୍ଷାଟି ଦେଇ ଗାଆଁକୁ ଫେରିଆସିଲା ପ୍ରଶାନ୍ତ । ଦିନରାତି ଏକାକାର କରି ଚାକରୀଟିଏ ଖୋଜି ଖୋଜି ଶେଷରେ ପରିବାର ପୋଷିବାକୁ ଗାଆଁ କଣ୍ଟ୍ରାକ୍ଟର ପାଖରେ ରାସ୍ତାକାମ କରିବାକୁ ଦିନ ମଜୁରି କରିବାପାଇଁ ବାଧହେଲା । ଦିନେ ହାକିମ ହେବ ବୋଲି ଆଶା କରି ବସିଥିବା ପୁଅଟିକୁ ପରିସ୍ଥିତିରେ ପଡି ମୁଲିଆଙ୍କ ସାଥିରେ ମୁଲିଆ ହୋଇ କାମ କରୁଥିବାର ଦେଖି ବୋଉ ଆଖିରୁ ଲୁହ ଶୁଖୁନଥିଲା, କିନ୍ତୁ ଆଉ କିଛି ବିକଳ୍ପ ବ୍ୟବସ୍ଥା ମଧ୍ୟ ନଥିଲା ସେମାନଙ୍କ ପାଖରେ । ମାଟ୍ରିକ ଫେଲ୍ ହୋଇ ଘରେ ବସିଥିବା ଆରତୀ ବିବାହଯୋଗ୍ୟା ହୋଇ ସାରିଥିଲା, ତା'ର ବାହାଘର ଚିନ୍ତା ମଧ୍ୟ ଘାରୁଥିଲା ବୋଉକୁ ହେଲେ ପ୍ରଶାନ୍ତର ଅବସ୍ଥା ଦେଖି ସେ ବାଧହୋଇ ଚୁପ୍ ରହୁଥିଲା ସିନା ପ୍ରଶାନ୍ତ ସବୁ ବୁଝି ପାରୁଥିଲା । କୌଣସିମତେ ଆରତୀର ବାହାଘର କରିବାକୁ ହେବ ବୋଲି ମନରେ ଚିନ୍ତାକରି କଣ୍ଟ୍ରାକ୍ଟର ବାବୁଙ୍କୁ କିଛି ଟଙ୍କାଧାର ସୂତ୍ରରେ ଦେବାଲାଗି ଅନୁରୋଧ କରିଥିଲା ପ୍ରଶାନ୍ତ କିନ୍ତୁ ସେ ବିଭିନ୍ନ ପ୍ରକାର ବାହାନା କରି ନିଜର ଅସହାୟତା ଜଣାଇ ଦେଇଥିଲେ ଆଉ ଗୋଟିଏ ପ୍ରସ୍ତାବ ଦେଇଥିଲେ ଯେ ତାଙ୍କର ଗୋଟିଏ ସାଙ୍ଗ କେରଳ ରେ ବଡ କଣ୍ଟ୍ରାକ୍ଟର ଅଛି, ଯଦି ପ୍ରଶାନ୍ତ ଚାହିଁବ ସେଠାରେ ଯାଇ ବର୍ଷଟିଏ କାମ କରିବା ପାଇଁ, ତେବେ ସେ ହୁଏତ କିଛି ଅଧିକଟଙ୍କା ପଇସାଦେଇ ପାରିବ, ସେ ଚାହିଁଲେ, ତା'ର ଭଉଣୀ ବାହାଘର ସେଇ ଟଙ୍କାରେ ଆରାମରେ କରିଦେଇ ପାରିବ । ଅନନ୍ୟୋପାୟ ହୋଇ ପ୍ରଶାନ୍ତ କେରଳ ଯାଇ ଗୋଟିଏ ବର୍ଷ କାମ କରିବାପାଇଁ ତିନିଲକ୍ଷ ଟଙ୍କା ଚୁକ୍ତିପତ୍ର ସ୍ୱାକ୍ଷର କଲା ନାଗେଶ୍ୱର ରାଓ କଣ୍ଟ୍ରାକ୍ଟର ସହିତ । ଏଠିକାର କଣ୍ଟ୍ରାକ୍ଟର ସବୁ

ବ୍ୟବସ୍ଥା କରିବା ସହିତ ଦଶ ହଜାର ଟଙ୍କା ଅଗ୍ରୀମ ବି ଧରାଇ ଦେଇଥିଲା ପ୍ରଶାନ୍ତ ହାତରେ । କେରଳ ଯିବା ପୂର୍ବରୁ ଅନେକ ଭାବିଚନ୍ତି ମାର୍କଣ୍ଡେୟକୁ ଖବର ଦେଇ ଡକାଇଥିଲା ସେ, ବୋଉ ଆଉ ଆରତୀର ଦେଖାଶୁଣା କରିବାକୁ ଅନୁରୋଧ କରିଥିଲା । ସେତେବେଳକୁ ମାର୍କଣ୍ଡେୟ ସ୍ନାତକୋତ୍ତର ଡିଗ୍ରୀ ହାସଲକରି ଭୁବନେଶ୍ୱରରେ ରହି ଚାକରୀବାକରୀ ଖୋଜୁଥାଏ, ଗାଆଁକୁ ମଝିରେ ମଝିରେ ଆସିଲେ ପ୍ରଶାନ୍ତକୁ ଦେଖାକରେ ଆଉ ତା'ର କବିତା ସବୁ ନେଇ ବିଭିନ୍ନ ପତ୍ରପତ୍ରିକା ମାନଙ୍କୁ ପଠାଇଦିଏ, ସେଗୁଡିକ ପ୍ରକାଶିତ ହେଲେ ତା'କୁ ଆଣି ପ୍ରଶାନ୍ତକୁ ଦିଏ, ପ୍ରଶାନ୍ତ ବେଳକୁବେଳ କୃତଜ୍ଞତା ଭାବରେ ନଇଁଯାଏ ମାର୍କଣ୍ଡେୟ ପାଖରେ । ଏବେ କେରଳ ଯିବା ପୂର୍ବରୁ ପ୍ରଶାନ୍ତ ନଜର ସବୁଯାକ ପାଣ୍ଡୁଲିପିକୁ ସାଇତି ରଖିଥିବା ଟିଣବାକ୍ସଟି ଧରାଇଦେଲା ମାର୍କଣ୍ଡେୟ ହାତରେ ଆଉ ଆଖି ଛଳଛଳ କରି କହିଲା "ଭାଇ ରେ, ତତେ ବୋଉ ଆଉ ଆରତୀର ସବୁ ଦାୟିତ୍ୱ ଦେବା ସହିତ ମୋର ଏଇ ସମ୍ପତ୍ତିର ଦାୟିତ୍ୱ ମଧ ଦେଇ ଯାଉଛି, ଯାକୁ ସାଇତି ରଖିଥିବୁ, ବର୍ଷଟିଏ ପରେ ମୁଁ ଫେରି ଆସିଲେ ଆରତୀର ବାହାଘର କରିବା ସହିତ ଏଇ କବିତା ଗୁଡିକ ଗୋଟିଏ ସଙ୍କଳନ କରି ବହିଟିଏ କରିବାକୁ ମୋର ଖୁବ୍ ଇଚ୍ଛା । ତୋ' ଛଡା ମୋର ଆଉ କିଏ ଅଛି ଯେ କାହାକୁ ଭରସା କରିବି? ତୁହିଁ ଏ ସବୁର ଠିକ୍ ଦାୟିତ୍ୱ ନେଇ ପାରିବୁ, ମୁଁ ତୋ ପାଖରେ ଚିର ଋଣୀହୋଇ ରହିବି ରେ ଭାଇ" । ମାର୍କଣ୍ଡେୟର ଭରସାଯୋଗ୍ୟ ହାତରେ ସବୁ ସମର୍ପି ଦେଇ ପ୍ରଶାନ୍ତ ଚାଲି ଯାଇଥିଲା କେରଳ । ବର୍ଷେ କାଳ ଗଧ ଖଟଣୀ ଖଟି ଖଟି ସେଠାରେ ସାଂଘାତିକ ବେମାର ପଡିଲା ପ୍ରଶାନ୍ତ, ସାଥୀ ମାନଙ୍କ ସହାୟତାରେ ସେଠା ହାସପାତାଳରେ ଚିକିତ୍ସିତ ହୋଇ ସୁସ୍ଥ ହେବାପରେ ପୁଣିଥରେ କାମକରିବା ଆରମ୍ଭ କରିଥିଲା, ଏବେ ସିଏ ସେଠାକାର ପେଟି କଣ୍ଟ୍ରାକ୍ଟର, ବେଶ୍ କିଛି ଟଙ୍କା ପଇସା ଜମା କରିସାରିଛି ସେ ସେଠାରେ ବ୍ୟାଙ୍କ ଆକାଉଣ୍ଟ ରେ । ଆଉ ଖୁସି ମନରେ ଘରକୁ ଫେରିଛି, ଭଲ ଘର ବର ଦେଖି ସାନଭଉଣୀ ଆରତୀର ବାହାଘର କରିବ ଆଉ ମାର୍କଣ୍ଡେୟକୁ ଧରି ତା' ଲେଖା କବିତା ଗୁଡିକୁ ବହି ରୂପଟିଏ ଦେବ, ସେତିକ ତା'ର ଅନେକ ଦିନର ସ୍ୱପ୍ନ ।

ବସ୍ ହେଲପର୍ "ମାର୍ଥାପୁର, ମାର୍ଥାପୁର" ଶବ୍ଦରେ ନିଦ ମଳମଳ ହୋଇ ଉଠି ଠିଆହେଲା ପ୍ରଶାନ୍ତ, ବସ ଷ୍ଟପ୍ ରୁ ଓହ୍ଲାଇ ଗାଆଁ ରାସ୍ତାରେ ଚାଲିବାକୁ ଆରମ୍ଭକଲା, ଗାଆଁର ସରୁ ଗୋହିରୀ ରାସ୍ତାଟି ପୁରା କଂକ୍ରିଟ୍ ରୋଡରେ ପରିବର୍ତ୍ତିତ ହୋଇ ସାରିଛି ଏଇ ଦୁଇ ବର୍ଷଭିତରେ, ଚାଳଘର ସବୁ ବଦଳି ଯାଇଛି ପକ୍କା ଛାତଘରରେ, ନିଜ ଗାଆଁର ଉନ୍ନତି ଦେଖି ଖୁବ୍ ଭଲ ଲାଗିଲା ପ୍ରଶାନ୍ତକୁ । କେମିତି ଥିବେ ବୋଉ ଆଉ ଆରତୀ ଭାବୁଭାବୁ ସେ ନିଜ ଘର ଆଗରେ ପହଞ୍ଚି ସାରିଥିଲା କିନ୍ତୁ ଘରର ପରିବର୍ତ୍ତିତ ରୂପ ଦେଖି ସ୍ତମ୍ଭୀଭୂତ ହୋଇଯାଉଥିଲା । ତାଙ୍କ ଘର ଥିବା ସ୍ଥାନରେ ଗଦାଏ ମାଟିଛିଡା ଆଉ କିଛି ନଥିଲା । ପ୍ରଶାନ୍ତର ମନକୁ ପାପ ଛୁଇଁଲା, କ'ଣ ବୋଉ ଆଉ ଆରତୀ...? ଥତମତ ହୋଇ ଘଡିଏ ଠିଆହେଲା ସେଇ ମାଟିଗଦା ପାଖରେ, ଆଖିରୁ ଲୁହଧାର ଗଡି ପଡୁଥିଲା, କାହିଁକି ମାଆ ଭଉଣୀଙ୍କୁ ଏକା ଛାଡିଦେଇ ସେ ଦାଦନ ଖଟିବାକୁ ଚାଲିଗଲା ବୋଲି । ପଶ୍ଚାତାପରେ ଭାଙ୍ଗି ପଡୁଥିଲା ତା'ର ହୃଦୟ । ସେଇ ବାଟ ଦେଇ ଯାଉଥିବା ଯଦୁଆ ଦାଦି ତା'କୁ ଦେଖି ଦୋଦୋ ଚହ୍ନା ହୋଇ ପାଖକୁ ଆସିଲେ, ତା' ମୁହଁକୁ ଭଲକରି ନିରେଖି ଚାହିଁକହି ଉଠିଲେ "ଆରେ ଆମ ବଗୁଲି କରେ? ଆରେ କୁଆଡେ ଯାଇ ରହିଲୁ ଏତେ ବର୍ଷଧରି ? ଏମିତିଆ ପୁଅ ତୁ? ବୁଢୀ ମାଆଟା କଥା କି ସାନ ଭଉଣୀଟି କଥା ଟିକିଏ ଭାବିଲୁନି? କି ଦୁଃଖରେ ସଢୁଥିଲେ ସେମାନେ! ଧନ୍ୟକହିବ ସେ ସାହୁଘର ପୁଅ ମାର୍କଣ୍ଡକୁ, ତୋର ସାଙ୍ଗ ବୋଲି ଦୟା ପାଳି ସେମାନଙ୍କ ଦାୟିତ୍ୱ ଆପେ ଆପେ ମୁଣ୍ଡେଇନେଲା, ଯା ଦେଖିବୁ, ତୋ ଭଉଣୀକୁ ବାହା ହୋଇ ତା'କୁ ରାଣୀକରି ରଖିଛିତା' ଘରେ । ତୋ ମାଆ ବାଧିକା ପଡି ମରି ଯାଇଥାଆନ୍ତା, କେତେ ପରିଶ୍ରମ କରି ଟଙ୍କା ପଇସା ଖର୍ଚ୍ଚକରି ଭଲ କରେଇଲା ତା'କୁ, ଏବେ ସେ ମଧ୍ୟ ତାଙ୍କରି ସାଙ୍ଗରେ ରହୁଛି ତାଙ୍କରି ଘରେ । ଠାକୁରେ ସେ ମାର୍କଣ୍ଡକୁ ଭଲରେ ରଖିଥାନ୍ତୁ, କହି ପ୍ରଶାନ୍ତ ଉପରକୁ ଗୋଟାଏ ଘୃଣାର ଦୃଷ୍ଟି ଫିଙ୍ଗିଦେଇ ଗାଆଁ ଭିତରକୁ ଚାଲିଗଲେ ଯଦୁଆ ଦାଦି । ଦାରୁଭୂତ ମୁରାରୀ ଭଳି ସେଇଠି ଠିଆ ହୋଇ ରହିଥିଲା ପ୍ରଶାନ୍ତ, ତା' ମୁହଁରୁ ବାକ୍ୟ ସ୍ଫୁରୁନଥିଲା, ଆଖିଆଗରେ ଅନ୍ଧାର ଘୋଟି ଯାଉଥିଲା । ସତ ମିଛ ର ଦୋଛକରେ ଠିଆ ହୋଇଥିଲା ପ୍ରଶାନ୍ତ । କାହାକୁ ବିଶ୍ୱାସ କରିବ ସେ? ନିଜର ଭାଇ ବୋଲି ଭାବୁଥିବା ବନ୍ଧୁକୁ ନା' ଆଖିରେ ଦେଖିଥିବା ଆଉ କାନରେ ଶୁଣିଥିବା ଯଦୁଆ ଦାଦିଙ୍କର କଥାକୁ? ସିଏ

ଭାବୁଥିଲା ପ୍ରତିମାସରେ ସିଏ ଯେଉଁ ଟଙ୍କା ପକାଉଥିଲା ମାର୍କଣ୍ଡେୟ ପାଖକୁ ବୋଉ ଆଉ ଆରତୀର ଦେଖାଶୁଣା କରିବାକୁ ସେସବୁ କୁଆଡେ ଗଲା? ଆଉ ପ୍ରତି ସପ୍ତାହରେ ଥରେ ସେମାନଙ୍କ ବିଷୟରେ ଖବରଅନ୍ତର ନେବାପାଇଁ ସେ ଯେଉଁ ଫୋନ୍ କରୁଥିଲା ମାର୍କଣ୍ଡେୟ ପାଖକୁ, ଏବଂ ମାର୍କଣ୍ଡେୟ ସବୁ ଠିକ୍ ଠାକ୍ ଅଛିବୋଲି କହୁଥିଲା, ତୋ'ର ଲେଖା ସବୁ ବହୁତ ପ୍ରସିଦ୍ଧିଲାଭ କରିଛି, ପବ୍ଲିସରମାନେ ଖୋଜି ହେଉଛନ୍ତି ତତେ ବହି କରି ଛାପିବାକୁ ତା'ର କବିତା ସବୁ, ସେସବୁ କ'ଣ ମିଛଥିଲା? ତେବେ ମାର୍କଣ୍ଡେୟ କ'ଣ ଧୋକା ଦେଉଥିଲା ତା'କୁ ଏତେଦିନ ଧରି? କାହିଁକି? କ'ଣ ଭୁଲ୍ ରହିଗଲା ତା'ର ମଣିଷଚ ହ୍ନିବାରେ ?

ଏମିତି ଅନେକ ଭାବନା ନେଇ ସେ ପହଞ୍ଚିଥିଲା ମାର୍କଣ୍ଡେୟର ଘର ପାଖରେ । ଦେଖିଲା ଇତି ମଧ୍ୟରେ ମାର୍କଣ୍ଡେୟର ବାପା ଙ୍କ ଅମଳରେ ଖପୁରି ଘରଟି ପରିବର୍ତ୍ତିତ ହୋଇଛି, ଘର ସାମନାରେ ରଙ୍ଗବେରଙ୍ଗର ଫୁଲଗଛ କଛି ଲାଗିଛି । ନାଲି ରଙ୍ଗର ବାରଣ୍ଡାରେ ଠିଆ ହୋଇ କବାଟ ଠକ୍ ଠକ୍ କଲା ପ୍ରଶାନ୍ତ, କିଛି ସମୟପରେ ସେପଟରୁ ଧୀରେ କବାଟ ଖୋଲିଲା, ଶଙ୍ଖା ସିନ୍ଦୁର ପରିହିତା ଆରତୀକୁ ନିଜ ଆଖିଆଗରେ ଦେଖି କୋହ ସମ୍ଭାଳ ପାରିଲାନି ସେ, ଭେଁ ଭେଁ କାନ୍ଦି ପକାଇ ଆରତୀକୁ ଛାତିରେ ଚାପି ଧରିଲା ପ୍ରଶାନ୍ତ, ଭାଇକୁ ସାମନାରେ ଦେଖି ଆରତୀ ମଧ୍ୟ କାନ୍ଦିକାନ୍ଦି ଲୋଟି ପଡୁଥିଲା । କାନ୍ଦଣା ଶବ୍ଦ ଶୁଣି ଘର ଭିତରୁ ଆସିଲେ ଆରତୀର ଶାଶୁ । ପ୍ରଶାନ୍ତକୁ ଚହ୍ନିପାରି ଆରତୀ କୁ କହିଲେ "ଆଲୋ ମା'ଭାଇ ଭଉଣୀ ଦିହେଁ କ'ଣ ଏଇ ଦୁଆର ବନ୍ଧରେ କନ୍ଦାକଟା କରୁଥିବ ? ଏତେ ଦିନ ପରେ ଭାଇ ଗାଆଁକୁ ଫେରିଛି, ତା'କୁଘର ଭିତରକୁ ନେ, ତୋ ବୋଉ ତ ବିଛଣାରେ ପଡିଛି, ତା' ସାଥିରେ ଟିକଏ ଦେଖା କରେଇ ଦେ" । ଶାଶୁଙ୍କଠାରୁ କଥାଶୁଣି ପ୍ରକୃତିସ୍ଥ ହେଲା ଆରତୀ । ଆଦରରେ ଭାଇ ହାତ ଧରି ଘର ଭିତରକୁ ନେଇ ଗଲା । ଗୋଟିଏ କଣିକଆ ଘରେ ଖଟ ଉପରେ ଶୋଇ ରହିଥିଲା ବୋଉ, ହାଡ ଦି'ଖଣ୍ଡ ଉପରେ ଚମ ଢାଙ୍କିହୋଇ ବଞ୍ଚି ରହିଛି ଯାହା । ଆରତୀ କହିଲା, ଜାଣିଲ ଭାଇ ! ଯମ ଦୁଆରରୁ ବୋଉକୁ ଫେରେଇ ଆଣିଛନ୍ତି ତମ ଜ୍ୱାଇଁ, ଏବେ ସେ ଖୁଆଇ ଦେଲେ ଖାଉଛି, ଝାଡା ପରିଶ୍ରା କରିବାକୁ ଧରି ଧରି ନେଲେ

ଯାଉଛି, ଖୁବ୍ ଭଲରେ ଅଛି, ପରପୁଅ ହେଲେ ବି ସେ ଖୁବ୍ କରୁଛନ୍ତି ଆମ ପାଇଁ। ଭୁବନେଶ୍ୱରରେ ପରା ନିଜ ବେପାର, ସାହିତ୍ୟଚର୍ଚ୍ଚା, ସବୁ ଜଳାଞ୍ଜଳି ଦେଇ ଆସି ଏଇ ଗାଆଁରେ ରହିଲେ ଖାସ୍ ଆମରି ପାଇଁ, ତାଙ୍କଭଳିଆ ହୃଦୟବାନ୍ ଲୋକଟିଏ ଆମ ଭାଗ୍ୟରେ ଥିଲା ବୋଲି ମିଳିଛନ୍ତି ଭାଇ । ଦେଖୁନ ମତେ କେମିତି ରାଣୀଭଳିଆ ସଜେଇ ରଖିଛନ୍ତି ସେ। ସିଏ ଖୁବ୍ ଭଲ ଭାଇ । ଖୁବ୍ ଭଲ।

ଏତେ ଗୁଣ ତାଙ୍କ ଭିତରେ ଥିଲା, ତମେ କେଉଁଠି ଗଲା ପରେ ଯାଇଁ ମୁଁ ଜାଣି ପାରିଲି| ଜାଣିଛ, କି ସୁନ୍ଦର କବିତା ସବୁ ଲେଖିଛନ୍ତି ସିଏ ! ହେଲେ ନିଜ ନାମରେ ନୁହେଁ, "ଫାଲଗୁନୀ" ବୋଲି ଛଦ୍ମନାମରେ| ତାଙ୍କ ନାଆଁଟି ପୁରୁଣାକାଳିଆ ବୋଲି ତାଙ୍କୁ କୁଆଡେ ଭଲ ଲାଗିଲାନି, ସେଇଥିପାଇଁ| ସବୁବେଳେ ପରା ଖବରକାଗଜ, ପତ୍ରପତ୍ରିକାରେ ବାହାରୁଛି ତାଙ୍କର ଲେଖା କବିତା ସବୁ| କେତେ ଯେ ପୁରସ୍କାର ପାଇଲେଣି ସିଏ ସେଇ କବିତା ଲେଖିଲେଖି, କ'ଣ କହିବି? ସବୁ ସାର୍ଟିଫିକେଟ୍, ଫଟୋ ପରା ବନ୍ଧେଇ କରି ଟଙ୍ଗେଇଛନ୍ତି ଘରେ, ଆସୁନ ଘର ଭିତରକୁ ଆସ ଦେଖିବ| ଏଇ ଗତ ମାସରେ ପରା ତାଙ୍କର ବହି ଟିଏ ଛପାଇଛନ୍ତି ଯେ, ତାହା ଏତେ ଲୋକପ୍ରିୟ ହୋଇଛି ଯେ କୁହା ନଯାଏ| ଖାସ୍ ଏଇ ବହିଟିପାଇଁ ତାଙ୍କୁ କୁଆଡେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ମିଳିବ ପରା, ସେଇଥିପାଇଁ ସେ ଯାଇଛନ୍ତି ଭୁବନେଶ୍ୱ ରକ'ଣ ବୁଝାବୁଝି କରିବା ଲାଗି। ସଞ୍ଜବେଳକୁ ଫେରି ଆସିବେନି କି! ଭାରି ଖୁସି ହେବେ ତମକୁ ଦେଖି। ଦୁଇ ବନ୍ଧୁଏ ତେ ଦିନପରେ ଦେଖା ହେବ, ଏଥର ଗୋଟିଏ ନୂଆ ସଂପର୍କ ନେଇ। ଭାରି ମଜା ହେବ। ଆରତୀର କଣ୍ଠସ୍ୱର ଆନନ୍ଦାତିଶଯ୍ୟରେ ଥରି ଉଠୁଥିଲା, ସେ ପ୍ରଶାନ୍ତକୁ ବାହୁ ଧରି ବସେଇ ଦେଲା ବୋଉ ପାଖରେ ପଡିଥିବା ଭଙ୍ଗା କାଠ ଚୌକିଟି ଉପରେ। କହିଲା "ତମେ ଟିକିଏ ଏଇଠି ବସି ବୋଉ ସାଥିରେ କଥା ହେଉଥାଏ କି ମୁଁ ସରବତ ଗ୍ଲାସ ଟିଏ ଆଣେ ତମ ପାଇଁ, କେତେ ବାଟରୁ ଆସିଛ, ଥକଯାଇଥିବ।" ବୁଲି ପଡି ରୋଷେଇଘର ଆଡକୁ ଚାଲିଗଲା ଆରତୀ । ଭାଇ କୁ ଦେଖି ଖୁସିରେ ଗୋଡ ତଳେ ଲାଗୁନଥିଲା ତା'ର।

ପ୍ରଶାନ୍ତର ଆଖି ଖୋଲାଥିଲେ ବି ସ୍ୱପ୍ନ ଭଳଆ ଲାଗୁଥିଲା ସବୁ, ଆଖି ବାଟେ ଜୁଳୁଜୁଳଆ ପୋକ ବାହାରି ଯାଉଥିଲା । ସେ ବିଶ୍ୱାସକରି ପାରୁନଥିଲା ତା' ସହିତ ଘଟି ଯାଇଥିବା ଅଘଟଣ ସବୁକୁ । ଭାଗ୍ୟତା'କୁ ଏମିତି ଗୋଟିଏ କୃଷ୍ଣଗର୍ତ୍ତରେ ପକାଇ ଦେଇଥିଲା ଯେ ସେଥିରୁ ବାହାରିବା ତା' ପାଇଁ ସଂପୂର୍ଣ୍ଣ ଅସମ୍ଭବ ଥିଲା । ଯେଉଁ ସ୍ୱପ୍ନସବୁ କୁ ସାକାରକରିବା ପାଇଁ ସେ ଭିଟାମାଟି ଛାଡି ପରଦେଶରେ ଦାଦନ ଖଟିବାକୁ ଯାଇଥିଲା ସେଇ ସ୍ୱପ୍ନ ସବୁକୁ ଲୁଚ ନେଇଥିଲା ତା'ର ଅନ୍ତରଙ୍ଗ କେହି, ତା'କୁ ବେକୁଫ୍ ବନେଇ । ଅସହ୍ୟ କ୍ରୋଧରେ ତା' ଆଖିରୁ ଲୁହ ଝରୁଥିଲା, ତୁହାକୁ ତୁହା କ୍ରୋଧ ଛାତିରେ ଜମାଟ ବାନ୍ଧି କଣ୍ଠ ବାଷ୍ପରୁଦ୍ଧ ହୋଇ ଯାଉଥିଲା, ମୁହଁନାଲି ପଡି ଯାଇଥିଲା, ନିଷ୍ଫଳ କ୍ରୋଧରେ ଅସହାୟ ହୋଇ ସେ ବୋଉର ପାଦ ଦୁଇଟିକୁ ଜାବୁଡି ଧରି କଇଁକଇଁ ହୋଇ କାନ୍ଦିଉଠିଲା । ବୋଉର ଶେଥା ପଡିଯାଇଥିବା ଦୁର୍ବଳଶରୀରରେ ପ୍ରାଣ ସଞ୍ଚରିଗଲା ଯେମିତି । ତା' ଖସି ମାରି ଯାଉଥିବା ପାଟିରୁ ଅସ୍ପଷ୍ଟ ସ୍ୱର ଟିଏ ବାହାରି ଆସିଲା "ବଗୁଲିକରେ, ବାପା ମୋର,", ପେଜୁଆ ଆଖିରୁ ଦୁଇ ଧାର ଲୁହଗଡି ପଡିଲା । ହାତ ରେ ସର୍ବତ ଆଉ ମିଠା ପ୍ଲେଟ୍ ରେ ଧରି ଆସିଥିବା ଆରତୀ ମାଆପୁଅଙ୍କୁ କନ୍ଦାକଟା କରୁଥିବା ଦେଖି ସ୍ୱାଭାବିକ ଢଙ୍ଗରେ କହି ଉଠିଲା "ଆଲୋ ବୋଉ ! ଆଉ କାହିଁକି କାନ୍ଦୁଛୁକ ହିଲୁ, ଭାଇ ପରା ତୋ ପାଖକୁ ଆସିଗଲାଣି, ଆଉ ତୋ'ର କ'ଣ ଚନ୍ତା? ସବୁବେଳେ କହୁଥିଲେ ପରା "ଝିଅ ଘରଟାରେ ପଡି ରହିବାକୁ ମତେ ମାଡି ପଡୁଛି" ଏବେ ତ ତୋ'ର ପୁଅ ଆସି ଗଲାଣି ତତେ ନେଇ ତା'ର ଘରେ ରଖିବ, ତୁ ଖୁସି ହେବା କଥା" । ବୋଉ ର ଶୁଖିଲା ମୁହଁରେ ହସ ଫୁଟିଲା, କିନ୍ତୁ ପ୍ରଶାନ୍ତର ମୁଣ୍ଡ ଝାଇଁମାରି ଯାଉଥିଲା, ସେ କୋଉ ଘରେ ନେଇ ରଖିବ ବୋଉ କୁ ? ତାଙ୍କର ଘରଭଳ ତା'ର ସବୁ ସ୍ୱପ୍ନସମାଧି ନେଇ ସାରିଥିଲେ ଅନେକ ଦିନରୁ, ଏବେ ସେ ସର୍ବହରା ହେଲେ ସେ କଥା ସେ ଖୋଲି କହି ପାରିବନ ଆରତୀ କୁ, କହିଲେ ଆରତୀର ହସଖୁସିର ସଂସାର ଭାଙ୍ଗିଯିବ । ନା' ବରଂ ସେ ଏଠାରୁ ଗୁଳିଯିବା ଭଲ । ସେଇଟା ହିଁ ଏକ ମାତ୍ର ସମାଧାନ ।

ଆଖିରୁ ଲୁହପୋଛିଉଠିଲା ପ୍ରଶାନ୍ତ, ଆରତୀକୁ କହିଲା "ନାହିଁରେ ଆରତୀ, ମୋର ରହିବାକୁ ବେଳ ନାହିଁ, ସେଠାରେ ଘରଟିଏ ଠିକ୍ କରି ଆସିଥିଲି, ତୁମ ମାନଙ୍କୁ ସାଥିରେ ନେଇ ଯିବି ବୋଲି, ମାଲିକ ତ ଛୁଟି ଦେଉ ନଥିଲେ, ବଡ କଷ୍ଟରେ ନେହୁରା ହୋଇ ଗ୍ଚରି ଦିନ ଛୁଟି ଆଣିଥିଲି, ଦି'ଦିନ ତ ବାଟରେ ଗଲାଣି, ଆଜି ହିଁ ଫେରିବାକୁ ପଡିବ, ଯାଉଛି ଗୋଟିଏ ଅଟୋରିକ୍ସା ଆଣି ଆସିବି ବୋଉକୁ ସାଥିରେ ନେଇଯିବି, ପୁଣି ଥରେ କେବେ ଆସି ମାର୍କଣ୍ଡେୟ ସାଥିରେ ଦେଖାକରିବି"। ଆରତୀକୁ ପଛ କରି ବାହାରକୁ ବାହାରିଗଲା ପ୍ରଶାନ୍ତ ।

ଯେନତେନ ପ୍ରକାରଣ ଗୋଟିଏ ଅଟୋରିକ୍ସା ଠିକ୍ କରି ସେଇ ଘଣ୍ଟାଏ ଭିତରେ କଟକ ଫେରି ଆସି ଟ୍ରେନ୍ ଧରିଲା କେରଳ। ସମୟର ପଶାପାଲିରେ ହାରିଯାଇଥିଲା ପ୍ରଶାନ୍ତ, ଅତିଆପଣାର ଭାବୁଥିବା ବନ୍ଧୁଟି ତା'କୁ ବେକୁଫ୍ ବନେଇ ଲୁଟି ନେଇଥିଲା ତା'ର ସର୍ବସ୍ୱ ।

ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ -753004

"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ

# କଛି ମୂଲ୍ୟ ନାହିଁ



କୃଷ୍ଣ ଚନ୍ଦ୍ର ଡାକୁଆ

ଧୋବ ଫର ଫର
ସାଧା କାଗଜ ଉପରେ
ଯେବେ ସାହ୍ୟ ଭର୍
କଲମ ମୁନରେ
ଲେଖି ଦିଏ ମୁଁ
ମୋ ଜୀବନ କାହାଣୀ
ଲ୍‌ଗେ ଯେମିତି
ମୁଁ ଏକ ନରବ ସମାଧି
ସବୁ ଦେଖି
ନଦେଖିଲ୍ ଭଳି
ଅଭିନୟ କରିବା
ମୋ ମନେ ଏକା
ସତେ ଭୟଙ୍କର ଲୁଚକାଳି
ସେହି ଧୋବ ଫର ଫର
କାଗଜକୁ ନେଇ
ତିଆରି କରେ ମୁଁ
ମୋ ହୃଦ ପୁସ୍ତକ

ତାକୁ ମନେ ରଖିବା ପାଇଁ

ଆଜି ଜାଣୁଅଛି

କାହିଁକ ସାଇତି ରଖିବି

ବୋଧେ ରଖିବାଟା

କଛି ମୂଲ୍ୟ ନାହିଁ

ସେ ଅତୀତ ଦେଖିଲେ

ଆତ୍ମା କାନ୍ଦିବ

ଯେମିତି ଏ ଜୀବନ

କଛି ମୂଲ୍ୟ ନାହିଁ

ହଁ କଛି ମୂଲ୍ୟ ନାହିଁ.....!!

କରଚୁଲି(ବୁଗୁଡ଼ା), ଗଞ୍ଜାମ

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# କରିନଅ ମୋତେ ବନ୍ଦି



ପ୍ରଶାନ୍ତ କୁମାର ନାଥ

ଗ୍ଵହୁଁନାହିଁ ମୁହିଁ ଗାଡ଼ିକ ମଟର
ଗ୍ଵହେଁନାହିଁ ସୁନାଗ୍ଵନ୍ଦି
ଏତିକ ଗ୍ଵହୁଁଛି ହୃଦୟରେ ତୋର
ରହିବାକୁ ହୋଇ ବନ୍ଦୀ ।
ଲୋଭନାହିଁ ମୋର ଟଙ୍କାପଇସାରେ
ଗ୍ଵହୁଁଛି ଟିକଏ ପ୍ରେମ
ସେହି ପ୍ରେମପାଇଁ କୁଣ୍ଠା ନାହିଁମୋର
ହେବାପାଇଁ ବଦନାମ ।
ପାଇବାକୁ ଟିକେ ତୋପ୍ରେମ ପରଶ
ପ୍ରେମର ସେ ମଧୁଛୁଆଁ
ଅଥଳ ପାଣିକୁ ଲମ୍ଫ ଦେଇପାର
ଜାଳ ଦେଇପାରେ ନଆଁ ।
ହେଲେ ତୋ ମନରେ ରହିବା କୁଗ୍ଵହେଁ
ପ୍ରେମିକ ତୋହର ହୋଇ
ଯାହାତୁ କହିବୁ ତାହା ମୁଁ କରିବି
ତୋତେଲୋ ପାଇବା ପାଇଁ ।

ବାଙ୍ଗାଲୋର

# ଓଡ଼ିଆ ଘର ବୋହୂ..

ଅରୁଣ କୁମାର ମହାନ୍ତି

ବୋହୂ ତୋ ବୋହୂ ଓଡ଼ିଆ ଘର ବୋହୂ
ଓଡିଶାର ଗର୍ବ ଗୌରବ
ତାଙ୍କରି ହାତରେ ଗଢ଼ା ଆମ ଜାତିର
ସଂସ୍କୃତି ସଭ୍ୟତା ସୌରଭ....!୧!
ସକାଳୁ ସେ ଉଠି ଧୂପ ଦୀପ ଜାଳ
କରେ ପୁଣି ବିଭୁ ବନ୍ଦନା
ନାନା ରଙ୍ଗେ ପୁଣି ବୃନ୍ଦାବତୀ ଆଗେ
ମୁରୁଜେ ରଚଇ ଅଗଣା....!୨!
ଅର୍ଘ୍ୟ ଥାଳ ଧରି ପୂଜା ଘରେ ନିତି
କୁସୁମ ଚନ୍ଦନ ସଜାଏ
ପିତା ମାତା ପରି ଶାଶୁ ଶଶୁରଙ୍କ
ସେବାରେ ନିଜକୁ ହଜାଏ....!୩!
ଗୁଲିରେ ନମ୍ରତା ଲଜକୁଳ ଲତା
ଲଜ ତାର ଅଟେ ଭୂଷଣ
କଟୁ ଭାଷା କହି ମନକୁ ତାହାର
ଦେବ ନାହି କେବେ କଷଣ....!୪!
ଘରକୁ ବନାଏ ସରଗ ସୁନ୍ଦର
ଦିବା ନିଶି ସେ କର୍ମ କରି

ସଭିଙ୍କ ପସନ୍ଦ ପୂରଣ କରଇ
ସ୍ୱଇଚ୍ଛା ଅନିଚ୍ଛା କୁ ମାରି.....!୫!
ହଜାରେ ନୀୟମ ଗଢିଛି ସମାଜ
ଅଭାଗୀ ସୁକୁମାରି ପାଇଁ
ବେଳେ ବେଳେ କେବେ ଟିକେ ଭୁଲ୍ ହେଲେ
ଶୁଣେ କେତେ ଭର୍ତ୍ସନା ଗାଳି....!୬!
ଆଦିଶକ୍ତି ହୋଇ ବଳି ସେ ପଡୁଛି
ଅନେକ କଷଣ ଭୋଗଇ
ଯୌତୁକ ଜୁଇରେ ଜଳାଇ ଦିଅନ୍ତି
ଦେହରେ ପେଟ୍ରୋଲ ଲଗାଇ.....!୭!
ଏତେ ଦୁଃଖ କଷ୍ଟ ସହି ପୁଣି ହସେ
ବସୁଧା ମାତାର ନନ୍ଦିନୀ
ଯୌତୁକ ଯାତନା ଦେବ ନାହିଁ କେବେ
ଏତିକି ମୋହର ବୀନତି.....!୮!
ନିଜ ଝିଅ ପରି ହସାଇବ ନିତି
କରିବ ସେନେହ ଆଦର
କରିଲେ ଆଦର ମିଳିବ ସନ୍ମାନ
ଗଢିବ ସୁଖୀ ପରିବାର.....!୯!

ଇଷାଣପୁର, ଯାଜପୁର

# ଉପହାର



ସ୍ୱର୍ଣ୍ଣପ୍ରଭା ଖଟୁଆ

ତାକୁ ଉପହାର ମାଗି ଚାଲିଥାଏ
ପ୍ରତ୍ୟେକ ଦିବସ ଓ ରଜନୀରେ
ସବୁଦିନ କହେ ନିଶ୍ଚୟ ଦେବି
ସାରା ଜୀବନ ସାଇତି ରଖିବା ପରି ଉପହାର
ହୁଏତ ତୋ ହୃଦୟର ତାରକସି କାମକୁ ସେ
ଛିନଭିନ୍ କରି ଫୋପାଡି ଦେଇପାରେ କିଛି ମୁହୂର୍ତ୍ତ ପାଇଁ
ମୁଁ ହା ହା ହୋଇ କୁହୁଳ ଉଠେ
ଉପହାର କଣ ତୀକ୍ଷ୍ଣ ସର ପରି .....

ସେହି ଖୁସିରେ ମୁଁ ସଜେଇ ହୁଏ
ଠିକ୍ ନଈ ବଢୀ ପରି
ଅମାନିଆ ଦେହଟା କୂଳ ଲଙ୍ଘେ
ତା ଉପହାରର ସନ୍ଧାନରେ
ମିଛିମିଛିକା ଦେବୀ ମନ୍ଦିରର ସିନ୍ଦୂରକୁ
ମଥାରେ ମାଖି
ମୁଁ ପରିଚୟ ଖୋଜିବୁଲେ
ସୁନେଲି ଆକାଶର ତାରକା ମେଳରେ.....

ଅଭିନୟ ଶବ୍ଦ ପାଇଁ
ସେ ତ ଆଦୌ ପରଫେକ୍ଟ ନୁହଁ
ସେ କେଉଁ ସୌଦାରଗ ନୁହେଁ ତ
ଏତେ ବଡ ଛଳନାର ଖୋଳପା ଭିତରେ
ମୋ ବିଶ୍ୱାସର ପାଚେରିକୁ ଟୁକୁର୍ ଟୁକୁର୍ କରି
ଆଜି ବି ଗ୍ରାହକ ସଜେଇ ଗ୍ଭଲିଛି
ବ୍ୟସ୍ତତାର ବୋଝକୁ ବୋହି ବୋହି....
.....ଉପହାର.....

ଗ୍ରସାହାସପୁର(ତୁରଙ୍ଗ), ବାଟିଯୋଡା, ଯାଜପୁର

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାର୍ ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ସ୍ୱାଧିନତା ସଂଗ୍ରାମ - ସ୍ୱାଧିନତା ସଂଗ୍ରାମୀ ଓ ତାଙ୍କର ଦାୟାଦ



କରଣ ବାଳା ଦାଶ

ଆମ ଦେଶ ସ୍ୱାଧିନତା ପାଇବାର ତେସ୍ତରୀ ବର୍ଷ ହୋଇ ଗଲାଣି, ସ୍ୱାଧିନତା ସଂଗ୍ରାମୀ ମାନେ ପ୍ରାୟତଃ ସମସ୍ତେ ଇହଧାମ ତ୍ୟାଗ କରି ଚାଲି ଗଲେଣି । କିନ୍ତୁ ଏବେ ସେମାନଙ୍କୁ କେତେଜଣ ମନେ ରଖିଛନ୍ତି । ପ୍ରକୃତ ସଂଗ୍ରାମ କଣ? ଏ ଦେଶର ପରାଧିନତାକୁ ହଟେଇ ଯେଉଁମାନେ ସ୍ୱାଧିନତା ଆଣିଥିଲେ, ସେମାନେ ନିଜ ପରିବାର ପ୍ରତି କେତେ ଅବହେଳା କରିଥିଲେ ସେ କଥାର ଉତ୍ତର କାହାରି ପାଖରେ ନାହିଁ । କେବଳ ସେ ହୃଦୟସ୍ପର୍ଶି ଦୁଃଖଦ କାହାଣୀକୁ ନିଜର ଦାୟାଦଙ୍କ ନିକଟରେ ହିଁ ସେ ମୁହଁ ଖୋଲି ବର୍ଣ୍ଣନା କରିଯାଇଛନ୍ତି । ନିଜ ଜୀବନର କରୁଣ ଇତିହାସକୁ ସେମାନେ କାଗଜ କଲମରେ ଲେଖିଛନ୍ତି ଓ ପରିବାର ନିକଟରେ ମଧ୍ୟ କହିଛନ୍ତି । ସରକାର ଯେଉଁ ସ୍ୱାଧିନତା ସଂଗ୍ରାମୀ ଭତ୍ତା ପ୍ରଦାନ କଲେ, ତାହାକୁ ଅନେକ ନେଇ ବି ନାହାନ୍ତି କାରଣ ସେମାନଙ୍କ ପାଖରେ ସରକାର ଚାହୁଁଥିବା ପ୍ରମାଣ ଭିତ୍ତିକ କାଗଜ ପତ୍ରର ଅଭାବ । ଆଉ କେତେକ ସ୍ୱଇଚ୍ଛାରେ ନେଇ ବି ନାହାଁନ୍ତି । ଯେଉଁମାନେ ନେଉଥିଲେ ସେମାନଙ୍କ ଭିତରୁ କେତେକାଂଶ ସେ ଟଙ୍କାକୁ ସମାଜର ମଙ୍ଗଳ ନିମନ୍ତେ ଖର୍ଚ୍ଚ କରୁଥିଲେ । ଏମିତି ସବୁ ଚାଲିବା ଭିତରେ ସେମାନଙ୍କର ପରିବାର ଯେମିତି ଗୋଟେ ଥୁଣ୍ଟାଗଛର ଡାଳ ପରି ହୋଇଗଲେ । ଏତେ ତ୍ୟାଗ ସମାଜ ସେବା ନିଜେ ଉପାସରେ ରହି ଅନ୍ୟକୁ ସାହାଯ୍ୟ ଦେବା, ଏସବୁରୁ ସେମାନେ ପାଇଲେ କଣ? ସେମାନଙ୍କ ବାପା, ଜେଜେ ବାପା, ଫିରିଙ୍ଗି ଆଗରେ ଛାତି ପତାଇ ଗୁଳି ଖାଇବା ବେଳେ ସେମାନେ ମଧ୍ୟ ପଛ ଘୁଞ୍ଚା ଦେଇ ନଥିଲେ । ଶୈଶବ କୈଶୋର ର ଧୂଳି ଖେଳ ଛାଡି ସେମାନେ ମଧ୍ୟ ସତ୍ୟ ଯୁଗର ଗୁଣ୍ଡୁଚ ସାଜିଥିଲେ ଛୋଟ ସୈନିକ ପରି । ଅନେକ ମଧ୍ୟ ସ୍ୱାଧିନତା ସଂଗ୍ରାମରେ

ଯୋଗ ଦେବାକୁ ଯାଇ ନିଜ ଘରକୁ ଫେରିଲେ ନାହିଁ । କୁଆଡେ ଗଲେ, ବଞ୍ଚିଛନ୍ତି କି ମରିଛନ୍ତି, କେହି ଜାଣିନାହାନ୍ତି । ଏମିତି ଦ୍ୱନ୍ଦ ଭିତରେ ଦେଇ ଗତି କରିଥିବା, ମାନସିକ ସ୍ତରରେ ବିଚଳିତ ଅବସ୍ଥାରେ ସ୍ତ୍ରୀ ତାର ସ୍ୱାମୀ ପାଇଁ ଓ ମାଆ ତାର ପୁଅ ପାଇଁ, ସନ୍ତାନମାନେ ତାଙ୍କର ବାପାଙ୍କ ପାଇଁ, କେତେ ଦୁଃଖ ବାଣ୍ଟି ନିଜ ନିଜ ଭିତରେ, ଆଉ ହିନ୍ଦୁ ଧର୍ମ ଅନୁସାରେ ୧୨ ବର୍ଷ ଅପେକ୍ଷା ପରେ ସେହି ଦୁଃଖୀ ସଂଗ୍ରାମୀ ପରିବାରେ ଶେଷରେ ତାଙ୍କର ସୁଦ୍ଧି ଶ୍ରାଦ୍ଧ କରି ସାମାଜିକ ନିୟମ ପାଳନ କରିଛନ୍ତି । ତେବେ ସେପରି ପରିବାରକୁ କଣ ମିଳିଛି । ଏହା ଦେଶ ସେବା ଓ ତ୍ୟାଗର ସର୍ବୋଚ୍ଚ ନମୁନା ନୁହେଁ କି?

ଯେଉଁମାନେ ଦେଶମାତୃକାର ରକ୍ଷା କରିବାକୁ ଯାଇ ଭାରତ ବର୍ଷକୁ ବ୍ରିଟିଶ ଶାସନରୁ ମୁକ୍ତ କରିବାକୁ ଯାଇ ଏତେ ସବୁ କଷ୍ଟ ସ୍ୱୀକାର କରୁଥିଲେ ସେମାନେ କଣ ଚିନ୍ତା କରିଥିଲେ ଯେ ଦେଶ ସ୍ୱାଧିନ ହେଲେ ସେମାନଙ୍କୁ ଭତ୍ତା ମିଳିବ କି ଆଉ କିଛି ମିଳିବ । ନାଁ, ସେମାନେ ଅନ୍ଧାର ହଟାଇ ଦେଶକୁ ଆଲୋକିତ କରିବେ । ରାଜତନ୍ତ୍ରର ଓ ପରାଧିନତାର ପରିସମାପ୍ତି ହେବ । ଦେଶ ସ୍ୱାଧିନତା ପାଇବା ପରେ ପରସ୍ପର ପରସ୍ପରର ଦୁଃଖ ସୁଖ ସମାନ ଭାବେ ବାଣ୍ଟିନେବେ, ଦେଶରୁ ବିଶୃଙ୍ଖଳା ଦୂର ହୋଇ ଗୋଟିଏ ଶାନ୍ତ ସରଳ ପରିବେଶ ସୃଷ୍ଟି ହେବ, ସେଥିପାଇଁ ସେ ନିଜକୁ ଓ ନିଜ ପରିବାରକୁ ବାଜି ଲଗାଇ ଦେଲେ ଦେଶର ମଙ୍ଗଳ ପାଇଁ । ହେଲେ ଆଜି କେତେ ଜଣ ସେମାନଙ୍କୁ ମନେ ରଖିଛନ୍ତି । ଗାନ୍ଧୀ, ଗୋପବନ୍ଧୁ, ସୁବାଷ ବୋଷଙ୍କର ଦେଶ ଇଏ । ଆଜି ଯଦି ପରୀକ୍ଷା ସ୍ୱରୂପ ଅନୁଧ୍ୟାନ କରାଯାଏ ପ୍ରାଥମିକ ସ୍ତରକୁ ଆରମ୍ଭକରି କଲେଜ ପର୍ଯ୍ୟନ୍ତ ପ୍ରାୟତଃ ଏମାନଙ୍କ ବିଷୟରେ ସଠିକ୍ ଭାବରେ କେହି ପରିଚିତ ହିଁ ନୁହନ୍ତି । ଏମାନଙ୍କୁ କେବଳ ବର୍ଷକରେ ଥରେ ଦୁଇଥର ମନେ ପକାଯାଇଥାଏ ଏହି ଜନ୍ମ ବାର୍ଷିକ କିମ୍ବା ଶ୍ରାଦ୍ଧବାର୍ଷିକ ମାଧ୍ୟମରେ । ସେହିଦିନ ଗୁଡିକରେ ପ୍ରାୟତଃ ସ୍କୁଲ୍ କଲେଜ ଗୁଡିକ ଛୁଟି ନଥିଲେବି ପିଲାମାନେ ଯାଆନ୍ତି ନାହିଁ । ଯଦି ସେଇ ଦିନ ମାନଙ୍କରେ ପୂର୍ବର ଯେମିତି ବିଦ୍ୟାଳୟ ମାନଙ୍କରେ ମହାପୁରୁଷ ମାନଙ୍କର କବି ମାନଙ୍କର ଜନ୍ମ ମୃତ୍ୟୁ ଦିବସକୁ ଠିକ୍ ଭାବରେ ଆନନ୍ଦ ଉତ୍ସାହର ସହିତ ପାଳନ କରାଯାଉଥିଲା । ସେମାନଙ୍କ ସମ୍ପର୍କିତ ଡିବେଟ୍, ତାଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତା, ତାଙ୍କୁ ନେଇ କବିତା

ଆବୃତି ହେଉଥିଲା । ସେ ସବୁ ବିଦ୍ୟାର୍ଥୀମାନଙ୍କୁ ବହୁତ ଉତ୍ସାହିତ କରୁଥିଲା । ସେମାନେ "ମହାପୁରୁଷ" ମାନଙ୍କର ଐତିହାସିକ ଜୀବନ ଚରିତ୍ରକୁ ଖୋଜି ସେଥିରୁ ସେମାନଙ୍କୁ ଚିହ୍ନୁଥିଲେ ଓ ଜାଣୁଥିଲେ । ପ୍ରତିଯୋଗିତାରେ ଭାଗ ନେଇ ଜିତିବାର ଆଗ୍ରହ ତାଙ୍କ ଭିତରେ ସୃଷ୍ଟି ହେଉଥିଲା । ବିଦ୍ୟାର୍ଥୀ ମାନଙ୍କ ଭିତରେ ପ୍ରତିଯୋଗିତାର ଭାବନା ସୃଷ୍ଟି ହେଉଥିଲା, ପ୍ରତିଦ୍ୱନ୍ଦିତା ନୁହେଁ । ପ୍ରତି ପଞ୍ଚାୟତରେ ଯଦି ନିଜ ପଞ୍ଚାୟତର ଏହିପରି ମହାପୁରୁଷ ମାନଙ୍କର ଶ୍ରାଦ୍ଧ ଦିବସ ପାଳନ କରାଯାଆନ୍ତା, ସେହି ଅବସରରେ ଗ୍ରାମବାସୀଙ୍କୁ ଏକାଠି କରି ଗୋଟିଏ ସାଧାରଣ ସଭାର ଆୟୋଜନ କରାଯାଆନ୍ତା, ତେବେ ସେମାନଙ୍କ ତ୍ୟାଗ ବଳିଦାନ ଓ ସମାଜ ସେବାର ମହତ୍ୱକୁ ନିଶ୍ଚୟ ସମସ୍ତେ ଉପଲବ୍ଧି କରିପାରନ୍ତେ । ତତ୍ ସଙ୍ଗେ ସଙ୍ଗେ ସେମାନଙ୍କର ସ୍ୱର୍ଗତ ଆତ୍ମାପ୍ରତି ତାଙ୍କ ପରିବାରର ତ୍ୟାଗ ପ୍ରତି ନିଶ୍ଚୟ ଏକ ସ୍ନେହ ସୌହାର୍ଦ୍ୟପୂର୍ଣ୍ଣ ସମ୍ମାନ ପରିବୋଧ ହୁଅନ୍ତା । ଏହାଦ୍ୱାରା "ଗାନ୍ଧୀ ୧୫୦" ପାଳନ ଅବସରରେ, ଆମ ସ୍ୱାଧିନତା ଓ ସଂଗ୍ରାମୀ, ସହିଦ୍, ସତ୍ୟାଗ୍ରହୀ ମାନଙ୍କୁ ସମସ୍ତେ ଚିହ୍ନନ୍ତେ, ଜାଣନ୍ତେ ଓ ମନେରଖନ୍ତେ ।

ଏମିତି ଭାବରେ ଦେଖିବାକୁ ଗଲେ ସେମାନଙ୍କର ଜୀବନ ଚରିତ ହାତଲେଖା ମିଳିବା ଆଉ ସମ୍ଭବ ହେଉନାହିଁ । ପ୍ରାକୃତିକ ବିପର୍ଯ୍ୟୟରେ ସେ ଗୁଡିକ ନଷ୍ଟ ହୋଇଗଲାଣି । ମୁଁ ମୋ ଜେଜେଙ୍କ ପାଖରେ ପିଲାଦିନେ ଶୁଣିଥିବା ନାମ ଗୁଡିକ ସେମାନଙ୍କ ସହିତ ସ୍ୱାଧିନତା ସଂଗ୍ରାମରେ ଯୋଗ ଦେଇ କାରାବରଣ ଠାରୁ ଆରମ୍ଭ କରି ପାଦରେ ଚାଲି ଚାଲି କ୍ଷୁଦା ତୃଷ୍ଣାକୁ ଭ୍ରୁକ୍ଷେପ ନକରି ଦେଶକୁ ସ୍ୱାଧିନ କରିବାର ନିଶାରେ ପାଗଳ ହୋଇ ଉଠିଥିଲେ । ସମସ୍ତେ ସ୍ୱାଧିନତା ସଂଗ୍ରାମୀ ଭତ୍ତା ଅନ୍ତର୍ଭୁକ୍ତ ହୋଇପାରି ନଥିଲେ । ଛୋଟ ଥିଲି, ସେମାନଙ୍କ ପାଖରୁ ତାଙ୍କ ଜୀବନୀ ଶୁଣିବା ପରେ ମୋତେ ଗପଟିଏ ପରି ଲାଗୁଥିଲା । କିନ୍ତୁ ଯେବେଠାରୁ ମୁଁ ସେ ସବୁକୁ ନେଇ ଲେଖିବା ଆରମ୍ଭ କଲି, ତାଙ୍କ ତ୍ୟାଗ, ସେବା ଆତ୍ମବଳୀର ଚରିତ୍ର ଗୁଡିକୁ ସର୍ବସାଧାରଣରେ ପ୍ରସାର କରିବାର ଇଚ୍ଛା ଓ ଆଗ୍ରହ ମୋ ଭିତରେ ସୃଷ୍ଟି ହେଲା । ମୁଁ ସେମାନଙ୍କୁ ଖୋଜିଲି, ପହଞ୍ଚିଲି ସେମାନଙ୍କ ନିକଟରେ ଆଉ ତାଙ୍କ ମନରୁ ପଢିନେଲି ସେହି ଦୁଃଖ ଯନ୍ତ୍ରଣା ପୂର୍ଣ୍ଣ ଅଙ୍ଗେ ଲିଭାଇ ଥିବା କାହାଣୀ ସବୁକୁ ସାଇତି ରଖିଲି ମୋ ଭିତରେ ।

ନଥାଉ ପ୍ରମାଣ, ନ ପାଇଥାଆନ୍ତୁ ଭତ୍ତା, ତଥାପୀ ସେମାନଙ୍କର ସଂଗ୍ରାମ ଭର୍‌ା ଜୀବନୀକୁ ମୁଁ ଲୋକ ଲୋଚନକୁ ଆଣିବି ।

ଭଦ୍ରକ ଗାନ୍ଧୀ ସ୍ୱାଧିନତା ସଂଗ୍ରାମୀ କୃପାସିନ୍ଧୁ ଦାଶ ଦେଶକୁ ସ୍ୱାଧୀନ କରିବା, ସମାଜରୁ କୁସଂସ୍କାରଦୂର କରିବା, ଭୂଦାନ ଯଜ୍ଞରେ ସାମିଲ ହୋଇ ନିଜ ସମ୍ପତ୍ତିକୁ ହରିଜନ ମାନଙ୍କୁ ଦାନ ସୂତ୍ରରେ ଦେଇ ଦେବା, ନିଜର ମଧ୍ୟମ ପୁତ୍ରକୁ ଜଣେ ଅନାଥ ନାବାଳିକା ଝିଅ ସହିତ ଗାନ୍ଧର୍ବ ବିବାହ, ଏକ ସାଧାରଣ ସଭାରେ, ସମାଜର ଗାନ୍ଧୀବାଦୀ ମହାନ ନେତାମାନଙ୍କ ଉପସ୍ଥିତିରେ କରାଇବା, ସମାଜରେ ଦଳିତ ବର୍ଗଙ୍କୁ ସେବା ଦେବା, କେଉଁ ପ୍ରକାରର ସମାଜ ସେବାକୁ ସେ ବାଦ୍ ଦେଇ ନଥିଲେ । ଏଥିପାଇଁ ତାଙ୍କ ପରିବାରକୁ ବହୁତ କିଛି ତ୍ୟାଗ କରିବାକୁ ପଡିଥିଲା । ସେମାନଙ୍କର ସମାଜ ପାଇଁ ଉତ୍ସର୍ଗିକୃତ ଏପରି ଅବଦାନ କଣ ଅସାଧାରଣ ନଥିଲା । ଯେଉଁ ପୁତ୍ର, ଡାଃ ବ୍ରଜମୋହନ ଦାଶ ବାପାଙ୍କର ଏହି ନିର୍ଣ୍ଣୟକୁ ମଥାପାତି ଗ୍ରହଣ କରି ନେଇଥିଲେ, ପ୍ରଭୁ ଶ୍ରୀ ରାମଚନ୍ଦ୍ର ପରି ପିତୃସତ୍ୟ ପାଳନ କରି ସାରା ଜୀବନ ସାମାଜିକ ସ୍ୱୀକୃତି ନପାଇ, ସମସ୍ତଙ୍କର ଫାଙ୍କା ଉପଦେଶକୁ ଆଡେଇ ଦେଇ ଏକା ଏକା ଏ ସମସ୍ୟାର ମୁକାବିଲା କରିଥିଲେ । ଛୋଟ ବେଳୁ ପରିବାର ଚଳାଇବା ପାଇଁ ତାଙ୍କୁ ସୁଦୂର କଲିକତାରେ ବୁଲି ବୁଲି ହିନ୍ଦୁସ୍ଥାନୀ ବେଙ୍ଗଲୀ ମାନଙ୍କର ପୂଜା କାମ କରି ପରିବାରର ଭରଣପୋଷଣ କରିବାକୁ ପଡୁଥିଲା । କାରଣ ତାଙ୍କ ବାପା ସେତେବେଳେ ବରମପୁର ଜେଲରେ ଥିଲେ, ଦେଶ ପରାଧିନ ଥିଲା । ନିଜେ ମଧ୍ୟ ବାଳ ସଂଗ୍ରାମୀ ଭାବରେ ଦେଶ ପାଇଁ କାମ କରୁଥିବାରୁ ତାଙ୍କୁ ପାଟଣା ଜେଲ ରେ "ବାଳବନ୍ଦୀ" ଭାବରେ କାରାବରଣ କରିବାକୁ ପଡିଥିଲା । ସେତେବେଳେ ତାଙ୍କର ନାମ ଥିଲା "ବାଇଆନା" । ତା ପରେ ଡାଃ ହିସାବରେ ହେଉ ଅବା ଦଳିତ ଜାତିସଂଘର ଜଣେ ସକ୍ରିୟ ମେମ୍ବର ଭାବରେ ହେଉ, ଏ ସମାଜକୁ ସେ ତ ବହୁ ସେବା ଦେଇଛନ୍ତି । ସେଥିପାଇଁ ଭାରତ ସରକାର ତାଙ୍କୁ ଅନେକ ସାର୍ଟିଫିକେଟ୍ ପ୍ରଦାନ କରିଛନ୍ତି । କିନ୍ତୁ ସରକାରୀ ଭତ୍ତା, କିମ୍ବା ସରକାରଙ୍କ ଦ୍ୱାରା ପ୍ରଦତ କୌଣସି ଜମିଜମା ସେ ଗ୍ରହଣ କରିନାହାନ୍ତି । ଏହା କଣ ସେପରି ଗୋଟିଏ ସଂଗ୍ରାମୀ ପରିବାର ଦୟାଦମାନଙ୍କ ପାଇଁ ଗର୍ବର ବିଷୟ ନୁହେଁ ।

ସଉରୀ ଜେନା, ଯିଏ କ ସ୍ୱାଧିନତା ସଂଗ୍ରାମୀ କୃପାସିନ୍ଧୁ ଦାଶଙ୍କ ପରିବାରକୁ ସୁରକ୍ଷା ଦେଇ, ଗୁପ୍ତବାସର ଦାୟିତ୍ୱ ନେବା ସହିତ ଗୋପନରେ ସଂଗ୍ରାମୀ ସତ୍ୟାଗ୍ରହୀମାନଙ୍କ ପାଇଁ ଖାଦ୍ୟ ପାଣିର ବ୍ୟବସ୍ଥା କରିବା ସହିତ, ଗୁପ୍ତଚର ଭାବରେ ସେମାନଙ୍କର ସେବାସୁଶ୍ରୁସା କରିବା, ଚିଠି ପତ୍ର ନେବା ଦେବା, ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦୂର ଗାଁ ର ସଂଗ୍ରାମୀ ସଂଗଠନ ପାଖରେ ପହଞ୍ଚାଇବା, ଏସବୁ କାମ କଣ ସ୍ୱାଧିନତା ସଂଗ୍ରାମ ଅନ୍ତର୍ଭୁକ୍ତ ନଥିଲା । ଯେଉଁଥିପାଇଁ ତାଙ୍କ ପରିବାର ଜଣେ ସଂଗ୍ରାମୀ ପରିବାରର ମାନ୍ୟତା ପାଇପାରିବେ ନାହିଁ ।

ଆଉ ଏକ ସଂଗ୍ରାମୀ ପରିବାର- ଗାନ୍ଧୀବାଦର ମହାନ୍ ପ୍ରବକ୍ତା, ଗାନ୍ଧୀବାଦୀ ଅଲଣା ବୈଦ୍ୟନାଥ ଦାଶ, ବ୍ରାହ୍ମଣୀଗାଁ – ଯାଜପୁର । ତାଙ୍କର ମଧ୍ୟମ ପୁତ୍ର ବଧୁ ରୂପେ ସେ ମୋତେ ଖଣ୍ଡେ ଖଦଡ ଶାଢୀ ପିନ୍ଧାଇ ବେଦୀ ଉପରେ ତାଙ୍କ ପୁତ୍ର ସହିତ ବିବାହ ଦେଇଥିଲେ, ସୁନା ବର୍ଜନ, ଯୌତୁକ ବର୍ଜନ, ସୂତାଟିଏ ବି ସେ ବାପାଙ୍କଠାରୁ ଗ୍ରହଣ କରିନଥିଲେ । ତାହା କଣ ସମାଜ ପାଇଁ ଏକ ଶିକ୍ଷଣିୟ ନଥିଲା । ସ୍ୱାଧିନତା ସଂଗ୍ରାମୀ ବୈଦ୍ୟନାଥ ଦାଶଙ୍କର ଦୁଇଜଣ ବଡ ଭାଇ ମଧ ସ୍ୱାଧିନତା ସଂଗ୍ରାମର ରଣଭୂଇଁକୁ ଓହ୍ଲାଇଥିଲେ ଦେଶକୁ ସ୍ୱାଧିନ କରିବା ପାଇଁ । ଜ୍ୟେଷ୍ଠ ଭାଇ ଯୁଧିଷ୍ଠିର ଦାଶ କାଲିକତାରେ ବଙ୍ଗାଳୀ ବାଡିରେ ରହି ମନ୍ଦିର ପୂଜା କାମ କରୁକରୁ ମଧୁବାବୁ ଓ ଚିତ୍ତରଞ୍ଜନ ଦାସ ପ୍ରଭୃତି ସଂଗ୍ରାମୀ ମାନଙ୍କ ସଂସ୍ପର୍ଷରେ ଆସି ଗୋପନରେ ଖବର ଦେବା ନେବା, ଜଙ୍ଗଲକୁ ଖାଦ୍ୟ ନେଇ ଯିବା, ରୋଗିଣା ସଂଗ୍ରାମୀ ମାନଙ୍କ ପାଇଁ ଔଷଧ ପତ୍ର ନେଇ ପହଞ୍ଚାଇବା ଇତ୍ୟାଦି କାମ କରୁଥିଲେ । ତା ପରେ ମଝିଆଁ ଭାଇ ଭିମ ଚରଣ ଦାଶଙ୍କୁ କାମରେ ସାହାର୍ଯ୍ୟ କରିବାକୁ କଲିକତା ନେଇଗଲେ ନଜ ପାଖକୁ । ଦେଶ ସ୍ୱାଧିନ ହେବା ପରେ ସେ ଆଉ ଘରକୁ ଫେରିଲେ ନାହିଁ । ବାର ବର୍ଷ ଅପେକ୍ଷା ପରେ ତାଙ୍କର ସୁଧିଶ୍ରାଦ୍ଧ କ୍ରିୟା କର୍ମ ପରିବାର ଲୋକେ କରିଦେଲେ । ସେ ପରିବାର କଣ ଗୋଟିଏ ସଂଗ୍ରାମୀ ପରିବାରରେ ଗଣ୍ୟ ନୁହଁନ୍ତି । ତାଙ୍କ ବାପାଙ୍କର ତ୍ୟାଗ ପାଇଁ ତାଙ୍କ ପରିବାରକୁ ବି ବହୁତ କଛି ହରାଇବାକୁ ପଡିଥିଲା ।

ଓସ୍ତାଦ ସୁକଦେବ ପଣ୍ଡା, ଚକଣା-ଯାଜପୁର। ସେ ଗୋଟିଏ ଯାତ୍ରାଦଳ ଗଢି ଯାତ୍ରା ମାଧ୍ୟମରେ ସଂଗ୍ରାମର ବାର୍ତ୍ତା ପ୍ରସାରଣ କରୁଥିଲେ। ଯାଜପୁରରୁ କବି କୃଷ୍ଣପ୍ରସାଦ ବସୁ, ଭଦ୍ରକର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ଗଣକବି ବୈଷ୍ଣବ ପାଣିଙ୍କର ଲେଖା, ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କର ଜାତୀୟ ସଂଗୀତକୁ ନେଇ ଗ୍ରାମଞ୍ଚଳରେ ସ୍ୱାଧିନତା ସଂଗ୍ରାମର ବୀଜ ରୋପଣ କରିବା ସଙ୍ଗେ ସଙ୍ଗେ କଛି ନରୋଜଗାରୀଙ୍କୁ ରୋଜଗାର ଦେଉଥିଲେ ଏବଂ ଭଲ ସଂଗଠନଟିଏ ଗଢିପାରିଥିଲେ। ପୁରାଣ ପୃଷ୍ଠାରୁ ନଜେ ମଧ ବିଭିନ୍ନ ଚରିତ୍ରକୁ ନେଇ ନାଟକ ଲେଖି ମଞ୍ଚସ୍ଥ କରୁଥିଲେ, ଯେଉଁଥିରେ ସ୍ୱାଭିମାନର ଝଲକ ଥିଲା। ସୂର୍ଯ୍ୟମଣି ନାୟକ ଚକଣା-ଅରେଇ-ଯାଜପୁର। ଦୀର୍ଘଦିନ ଧରି କଲିକତାରେ କାର ଚାଳକର ବୃତ୍ତି ସହିତ ସେ ମଧ ଅଣବନ୍ଦୀ ଭାବେ ସ୍ୱାଧିନତା ସଂଗ୍ରାମର ଆନ୍ଦୋଳନରେ କାର୍ଯ୍ୟ କରୁଥିଲେ। ଏମିତି କେତେବି ଅଛନ୍ତି, ଜଗତସିଂପୁର, ଏରସମା, କୁଞ୍ଜକୋଠୀ ଗ୍ରାମରେ ରହି ସ୍ୱାଧିନତା ସଂଗ୍ରାମୀ ଭିମ ଚରଣ ଦାଶ ଆନ୍ଦୋଳନ, ସଂଗଠନ, ଲବଣ ସତ୍ୟାଗ୍ରହ, ଏରସମା ଥାନା ପୋଡି ଏସବୁ କରିଥିଲେ। ତାଙ୍କ ଘର ଯାଜପୁର ବ୍ରାହ୍ମଣୀଗାଁ-ଅରେଇ। ସେ କଲିକତାରୁ ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ ଏବଂ ସଂଗ୍ରାମୀ ବିନୋଦ କାନୁନଗୋଙ୍କ ସହିତ କଟକ ଆସିଥିଲେ। ସେଠାରେ ଆଚାର୍ଯ୍ୟ ହରିହର ଦାଶ ତାଙ୍କୁ ଏରସମା ଦାୟିତ୍ୱ ଦେଇଥିଲେ। ସେହିଠାରୁ ସେ ଏରସମା ଯାଇ ସଂଗଠନ ଗଢିଥିଲେ। ତାଙ୍କ ସହିତ ଯେଉଁମାନେ ସହଯୋଗ କରିଥିଲେ ଯଥା :- ଚୋଳ ଦାସ, ଅନାମ ବାରିକ, ମଠ ମହନ୍ତ ଅଲେଖ ଦାସ, ଧନେଶ୍ୱର ମଲ୍ଲିକ, ମନ୍ଦରଧର ମଲ୍ଲିକ, ସଂଗ୍ରାମୀ ଭାସ୍କର ମଲ୍ଲିକ, ସଂଗ୍ରାମୀ ଭାଗବତ ଦାଶ ପ୍ରଭୃତି। ଏଥିରେ ସଂଗ୍ରାମୀ ଭାସ୍କର ବାବୁ ଓ ସଂଗ୍ରାମୀ ଭାଗବତ ବାବୁଙ୍କୁ ଛାଡିଦେଲେ ଅନ୍ୟମାନଙ୍କର ସ୍ୱାଧୀନତା ସଂଗ୍ରାମରେ ସହଯୋଗ କରିବାର ନଷ୍ଠା, ତ୍ୟାଗ କଛି କମ ନଥିଲା, କନ୍ତୁ ସେ ତ୍ୟାଗକୁ ସମସ୍ତେ ବୁଝିବା କଣ ଉଚତ ନୁହେଁ। ସେମାନେ ସବୁ ଚାଲିଗଲେଣି କନ୍ତୁ ସେମାନଙ୍କର ତ୍ୟାଗ ଓ ବଳଦାନର କାହାଣୀ ପ୍ରାୟ ଅନେକ ମନେ ରଖିଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ଯଦି ଗାନ୍ଧୀ, ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମ ବିଷୟରେ ସ୍ୱତନ୍ତ୍ରତା ଦିବସ, ଗାନ୍ଧୀ ଜୟନ୍ତୀ, କ୍ରାନ୍ତି ଦିବସ, ସ୍ୱାଧିନତା ଦିବସ ପାଳନ ଅବସରରେ ସେମାନଙ୍କ ବିଷୟରେ ଆଲୋଚନା ମାଧ୍ୟମରେ ତାଙ୍କ ସଂଗ୍ରାମୀ

ଜୀବନର କଛି ଘଟଣା ଗୁଡିକୁ ଆଲୋଚନାକୁ ନଆଯାଆନ୍ତା ତେବେ ଆଜିର ପିଢି ଅନ୍ତତଃ ସେଥିରୁ କଛି ଶିକ୍ଷାଲାଭ କରିପାରନ୍ତେ । ତାହା ମଧ୍ୟ ଗାନ୍ଧୀବାଦର ଏକ ଉଜ୍ଜ୍ୱଳ ଆଲୋକ ବର୍ତ୍ତିକା ସାଜି ସମସ୍ତଙ୍କୁ ଗାନ୍ଧୀ ଚନ୍ତାଧାର୍, ଗାନ୍ଧିଜୀଙ୍କର ଗ୍ରାମ ସ୍ୱରଜ ଭ୍ବନା, ନଶା ମୁକ୍ତ ଜୀବନ, ଯୌତୁକ ବର୍ଜନ, ସୁନା ବର୍ଜନ, ଅହିଂସାର ମାର୍ଗ ଦର୍ଶକ ହେବାରେ ସାହାଯ୍ୟ କରନ୍ତା ।

ଏନ୍-୪/୨୨, ଆଇ.ଆର୍.ସି. ଭିଲେଜ୍, ଭୁବନେଶ୍ୱର

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଇଂର୍ଜୀ କଲମ



ଆଶ୍ରିତ୍ ମହାପାତ୍ର

ଦିଶୁନାହିଁ ଆଉ ଜନ ମାନସରେ
ଓଡ଼ିଆର ରଙ୍ଗ ଢଙ୍ଗ ।
ଇଂର୍ଜୀ କୁହାଳ ଖଣ୍ଡି ଖଣ୍ଡି ମାରି
କରନ୍ତି ନୟମ ଭଙ୍ଗ ।

ନ ପଛେ ଆସଇ ଖାଣ୍ଟି ଇଙ୍ଗିର୍ଜୀ
ନ ଆସେ ଖାଣ୍ଟି ଓଡ଼ିଆ ।
ସମ୍ମାନ କୁ ନଜ ମୁଣ୍ଡରେ ବୋହେଇ
ଯୋଡନ୍ତି ଭରି ବଢିଆ ।

କେଉଁଠି ଲୁଚଲେ ସରକାର ଆମ
କାହିଁ ଗଲ୍ ମାତୃଭଷା ।
ନର୍ଲଜ, ଅଜ୍ଞାନୀ ମଣିଷଙ୍କ ଏଠି
କ ବଢେ ମୂର୍ଖତା ବସା ।

ଥିଲେ ଯେବେ ବନ୍ଦୀ- କାର୍ଗାରେ ଛନ୍ଦି
ଏଇ, ଇଂର୍ଜୀ କଲମ ପାଇଁ ।
ଓଡ଼ିଆ ଲେଖନୀ ମୁକ୍ତ କଲ୍ କାନ
ତାକୁ ଭୁଲିଗଲେ କାହିଁ ।

ରହୁନ ମର୍ଯ୍ୟଦା ଓଡ଼ିଆ ଭ୍ଷାର
ଇଂରାଜୀ ବର୍ଣ୍ଣାନ ବୋଳ
ବର୍ଣ୍ଣବୋଧ ପଢ଼ି ଯୌବନ୍ୟ ବୋଧରେ
ରଚନ୍ତି ଓଡିଆ ଗାଳ ।

ଇଂରାଜୀ କଲମ ନ ମାରି ମଲମ
ବଢ଼ାଏ ଅଶ୍ଳୀଳ କ୍ଷତ ।
ଖାଦ୍ୟ ରୁଚ ସଙ୍ଗେ ପୋଷାକ ଚଳରେ
କରେ ମନୁଷ୍ୟକୁ ହତ ।

ଛାଡ଼ିଦିଅ ବନ୍ଧୁ ଇଂରାଜୀ ଲାଳସା
ଧର ଏ ଓଡିଆ ଗାଥା ।
ଉଜ୍ଜିବୀତ ହେବ ତୁମ୍ଭରି ଜୀବନ
ଉଚ୍ଚରେ ରହିବ ମଥା ।

ଗ୍ରାମ – ଟାଙ୍ଗି, ଜିଲ୍ଲା- ଖୋର୍ଦ୍ଧା

ବେଦାନ୍ତୀର ହ୍ଵାଟସଆପ୍ ନମ୍ବର ହେଲ୍ – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ପ୍ରେମ



ବିଭୁତି ରଞ୍ଜନ ପାଣିଗ୍ରାହୀ

ମାନୁଛି ମତେ ପ୍ରେମ କରି ଆସେନା
କନ୍ତୁ ପ୍ରେମ ଯେ କଣ ତାହା ଭଲ ରେ ଜଣା

କଏ କୁହେ ପ୍ରେମ ମାନେ ତ୍ୟାଗ ତ କଏ କୁହେ ପ୍ରତିଦାନ
କଏ କୁହେ କ୍ଷଣିକର ହସ ଆଉ ଜୀବନ ସାର୍ର ଯନ୍ତ୍ରଣା

କାହାକୁ ଜହ୍ନ ରେ ନଜ ପ୍ରେମର ଝଲକ ଦେଖା ଯାଏ
ତା ଆଉ କଏ କଳ୍ପି ପାରେ ନଜ ପ୍ରେମ ର ଛବି ଦେଖି ଆଇନା

ପ୍ରେମର ଯେ କେତେ ପ୍ରତିଶବ୍ଦ, କେମିତି କା ଏହା, କେଉଁ ସୃଷ୍ଟିର ରଚନା
ସତ କହିବାକୁ ଗଲେ ମତେ ଏହା ସଂପୂର୍ଣ ଭାବେ ଅଜଣା

ମୁଁ ଖାଲି ଏତିକ ଅନୁଭବ କରିଛି,
ଯେ ପ୍ରେମ ହେଉଛି ଶାଶ୍ୱତ, ପ୍ରେମ ହେଉଛି ପୂଜା
ଆଉ ପ୍ରେମ ହେଉଛି ଏକ ଗୀତ ର ମୁରଚନା

ଏହାର ନାହିଁ ଅନ୍ତ ନାହିଁ ପ୍ରାରମ୍ଭ
କମ୍ବା ନାହିଁ କେଉଁ ମଧମା

ଏହା ଯେ ଏକ ଅନ୍ତ ବିହୀନ ତପସ୍ୟା
ଯାହାର ନାହିଁ ଶେଷ ଯାହାର ନାହିଁ କଳନା

# ଦେଉଲ୍



ରାଜେଶ ପୂଜାରୀ

ଲୋକ ହଜଗଜିବାରେ
କାଏଁ ଚଲ ଅଚଲ
ଦେଖାଗୁହାଁ ଅଖଲ ମଖଲ....
କହଁରୁଥିବା ଧୁପ୍ ଗୁଗୁଲ୍
ମହକୁଥିବା ଭିନ ଭିନ ଫୁଲ୍...
ଢନନ୍ ଢାନନ୍ ଘଁଟ ଘଁଟି
ଶଁଖ ଆର୍ କଲଗାନାର ସୁରେ
କୀର୍ତ୍ତନ ଭାଗବତ
ପ୍ରେମ ସଦବଦ
ଆହା ଦେଖଲ୍ ବାଗିର ଭକତି ମାହୋଲ୍
ଏକେ ସାଏର୍ ନରେଲ୍,
ଦୁଆରି ପୂଜାରୀ
ସୁର୍କାର୍ ସୁପକାର ଖୁଓରେ
କେତେ ଫଲ ମୁଲ ଭୋଗ ରାଗ
ନାଇଁ ଖାଏଲ୍ ଲୁକୁ କେତେ ପାଗ
ମାଗଲ୍ ଲୁକୁ ଭାଗ ଭାଗ !!
ଦେଇ ଆର୍ କଏ ପାରିଛେ ଦାତାକେ
ଦିଅ ତାହାକେ ଯିଏ ପାଏବାର ଧାରିଜ୍
ଭୁକର ହିସାବ ଖାତାଥି ଯିଏ ବେଁଉଁତୁଛେ
ହରଏକ ତାରିଖ୍...

ହେ ଭିଲ୍ ହେଟାନ କହୁଛେ ହୋ
ଯାର'ନେ ସବୁବେଲେ
ହାଏଲେ୍ ବାଏଲେ୍ ହେଇ
ତମର ସୁଜଗୋ ଥୁଥନାକେ ପଜଉଛ ଚବିଶ୍ ଘଡ଼ି
ପରତରେ ରେଁତାଥି ।
ଇ' ଭେକ ଛେକ ଗୃହାଁନା ନାଇଁ ଗା
ଆଏବାର ଥିଲେ
ଠାଁକୋ ମୁଡେ ବରୁଆ ଆଏସି
ଦେଉଲ ସେଟା ଏକା
ଯେନେ ଭ୍ବର ଝୁଲଝୁଲ ହେଇ
ମୁନୁଷ ପନର ମୁହୁଁସଁଜ୍ ମୁଲକ ହସୁଥିସି

ସା-କୁଶମେଲ,ପୋ.ଅ-କପିଲ୍ପୁର,
ଭ୍ୟା-ପଞ୍ଚଗାଁ, ଜିଲ୍ଲା-ଝାରସୁଗୁଡ଼ା,

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ ।
ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଲାଲ ସଲାମ



ଶିବରାମ ଦଳେଇ

ରାତି ପାହିଲେ ସ୍ୱାଧୀନତା ଦିବସ । ଚାରିଆଡେ ମାଓବାଦୀଙ୍କ ଧମକ ଭରା ପୋଷ୍ଟର । ପୋଷ୍ଟର ରେ ସ୍ୱାଧୀନତା ଦିବସ ନ ପାଳବାକୁ ଧମକ । ଏଥର କଡା ସୁରକ୍ଷା ପାଇଁ ସୁରକ୍ଷାକର୍ମୀ ଦ୍ୱିଗୁଣିତ କରାଯାଇଛି। ସ୍ୱାଧୀନତା ଦିବସ ରେ କୌଣସି ସ୍ଥାନରେ କଛି ଯେପରି ଅଘଟଣ ନ ଘଟେ ସେଥିପାଇଁ ସୁରକ୍ଷାକର୍ମୀଙ୍କୁ ନର୍ଦ୍ଦେଶ। ସୀମା ରୁ ଆରମ୍ଭ କରି ରାସ୍ତା ଘାଟ ସୁରକ୍ଷାକର୍ମୀ ସମ୍ପୂର୍ଣ୍ଣ ସଜାଗ । ନେତା ମନ୍ତ୍ରୀ ବିଭିନ୍ନ ସ୍ଥାନକୁ ଯାଇ ପତାକା ଉତ୍ତୋଳନ ସହ ଭାଷଣ ଦେବାର କାର୍ଯ୍ୟକ୍ରମ ରହିଛି। ଏପଟେ ବିଭିନ୍ନ ସ୍ଥାନରେ ମାଓବାଦୀଙ୍କ ଷଡ଼ଯନ୍ତ୍ରର ମାୟାଜାଲ ବିଛେଇଥାନ୍ତି । ସବୁ ଠିକଠାକ ଭିତରେ ହଠାତ ସୁରକ୍ଷାକର୍ମୀ ଜାଣିବାକୁ ପାଇଲେ ମନ୍ତ୍ରୀ ମହୋଦୟ ଙ୍କ ଭାଷଣ ଦେବା ସ୍ଥାନରେ ଗୋଳାବାରୁଦ ଖଞ୍ଜା ଯାଇଛି । ମନ୍ତ୍ରୀ ମହୋଦୟ ଙ୍କ କାଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ସୁରକ୍ଷାକର୍ମୀ ସେହି ସ୍ଥାନକୁ ଟିକନକ କରି ଛାନଭିନ କରିଚାଲିଲେ । ଶେଷରେ ସୁରକ୍ଷା କର୍ମୀ ମନ୍ତ୍ରୀ ମହୋଦୟ ଙ୍କ ଭାଷଣ ଦେବା ମଞ୍ଚ ଠାରୁ କଛି ଦୂରରେ (ଜନ ସମାଗମ ସ୍ଥାନରେ) ଗୋଳାବାରୁଦ ର ସନ୍ଧାନ କଲେ। ଏହି ଷଡଯନ୍ତ୍ରର ତଦନ୍ତ ଆରମ୍ଭ ହେଇ ଆଗକୁ ଆଗକୁ ବଢି ଚାଲିଲା। ଗୋଟିଏ ପରେ ଗୋଟିଏ ତଥ୍ୟ ପୋଲିସ କୁ ହସ୍ତଗତ ହେବାର ଲାଗିଥାଏ । ଦିନକୁ ଦିନ ରହସ୍ୟ ଟା ଜଟିଳତା ଆଡ଼କୁ ଗତି କରୁଥାଏ ।

ନଜକୁ ଷଡଯନ୍ତ୍ରର ମାଷ୍ଟର ମାଇଣ୍ଡ ଜଣାଇ କରୁଣାକର ଆତ୍ମସମର୍ପଣ କଲା । ସେ ଏବେ ଜେଲର ଚାରିକାନ୍ଥ ଭିତରେ । ସମସ୍ତଙ୍କ ମନରୁ ଭୟ ଦୂରେଇ ଗଲା। କରୁଣାକର ଜଣେ ସାଧାରଣ ଦିନ ମଜୁରିଆ ଭାବେ ସମସ୍ତେ ଜାଣନ୍ତି। ତାହାର ପରିବାର ରେ ଅନ୍ଧୁଣି ମାଆ, ରୋଗିଣା ସ୍ତ୍ରୀ ସାଙ୍ଗକୁ ଚାରି ଚାରିଟା ଝିଅ । କେହି କେହି ଭାବନ୍ତି ଏତେ ସାଧାରଣ ଲୋକ ଟା

କଣ ଏପରି ଭିଆଣ ଘଟେଇ ଥିବ ? ଆଉ କେହି କେହି ଭାବନ୍ତି ଆଜିକାଲି ସବୁ ସମ୍ଭବ" ଯେପରି ପଙ୍କରୁ ପଦ୍ମ, ପର୍ବତ ଶିଖରରେ କଇଁ ଫୁଟିବା ସମ୍ଭବ" ତେବେ ଏ ଘଟଣା ବି ନଶ୍ଚିତ ସତ୍ୟ । କରୁଣାକର ଘରେ ରୋଜଗାରିଆ ବୋଲି ସେହି ଜଣଙ୍କ ଥିଲା । ସେ ଜେଲ ଚାଲିଯିବା ପରେ ତାହାର ମାଆ ଚନ୍ତା ଚନ୍ତାରେ ଆଉ ପାରିଲେ । କଛି ଦିନ ପରେ କରୁଣାକର ଝିଅର ବିବାହ ହେବାର ଥିଲା । ସେମାନେ ବି ଏସବୁ ଜାଣିଲା ପରେ ବିବାହ ପାଇଁ ସଫାସଫା ମନା କରିଦେଲେ । ଏଣେ ଝିଅ ବାହାଘର ପାଇଁ ଅର୍ଥ ବାଧକ ସାଜୁଥିଲା ତେଣେ ବୋଝ ଉପରେ ନଳତା ବିଡା ପରି ଗୋଟିଏ ପରେ ଗୋଟିଏ ଦୁଃଖ ତା ଘର ଉପରେ ମାଡି ବସୁଥାଏ । କରୁଣାକର ଟଙ୍କା ଲୋଭରେ ଅନ୍ୟ କଥା ରେ ନଜକୁ ସିନା ଷଡଯନ୍ତ୍ରର ମାଷ୍ଟର ମାଇଣ୍ଡ ବନେଇ ଦେଲା ହେଲେ ଆଜିଯାଏ ତା ପରିବାର ଟଙ୍କାଟିଏ ପାଇଲେ ନାହିଁ । ଏତେ ସବୁ ଦୁଃଖରେ ତାହାର ସ୍ତ୍ରୀ (ରୁକୁଣା) ଭାଙ୍ଗିପଡି ବେକରେ ରଶି ଲଗେଇ ଚର ନଦ୍ରାରେ ଶୋଇଗଲା ।

କରୁଣାକର ଆଜି ବି ଜେଲର ଚାରି କାନ୍ଥ ଭିତରେ ନଜ ମୃତ୍ୟୁ ର ଦିନ ଗୁଡିକୁ ଗଣି ଚାଲିଛି । ଏ ପୋଲିସ ପ୍ରଶାସନ ଆଉ ଚାରି ଦିନ ପରେ ତାକୁ ଶୂଳରେ ଚଢାଇ ଦେବ । ଗୋଟିଏ ନୀରିହ ବ୍ୟକ୍ତି ମାଓବାଦୀ ନାଁରେ ଏ ସଂସାର ରୁ ଚାଲିଯିବ ସତ କନ୍ତୁ ପ୍ରକୃତରେ ସେହି ଷଡଯନ୍ତ୍ରର ମାଷ୍ଟର ମାଇଣ୍ଡ ତଥା ପ୍ରକୃତ ମାଓବାଦୀ ଆଜି ଏ ସମାଜରେ ବିଖ୍ୟାତ ସମାଜ ସେବୀ ନାଁରେ ଖ୍ୟାତି ଅର୍ଜନ କରୁଛି ।

ଲେଖନପୁର, ସାଲେପୁର

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଛାଡ଼ଖାଇ ର କବିତା



ନବକଶୋର ଦୀପ

ତୁମେ ସିନା ପୁଣ୍ୟ କଲ
ମାସ ସାର୍ ହବିଷ ଖାଇ
ସ୍ୱର୍ଗ କୁ ଯିବାର ଟିକେଟ ପାଇ
ସମାଜ ଆଖିରେ ଏକ
ନୈଷଠୀକ ଧାର୍ମିକ ର ମାନ୍ୟତା ନେଇ
ଆମୋଦ ପ୍ରମୋଦରେ ପାଳ ଛାଡ଼ଖାଇ କୁ...
ହେଲେ ମୋର ବା ଦୋଷ କଣ ?
ମୁଁ ତ ରଖିନାହିଁ ବୈକୁଣ୍ଠ  ଯିବାର ଦୁର୍ବାର ଆଶା
ମୋର ତ ଇଛା ନାହିଁ ପୁନର୍ଜନ୍ମ ପାଇଁ
ତ୍ୟାଗ ଓ ଉତ୍ସର୍ଗୀକୃତ ର ପରିଭୂଷା ନେଇ
ଅନ୍ୟର ଖାଦ୍ୟ ହେବାକୁ...
ମୋର ବି ତ ପରିବାର ଅଛି
ମୋର କଣ ଅଭିଳାଷ ନାହିଁ
ପାଳବାକୁ ପ୍ରତିକ୍ଷିତ ଛାଡ଼ଖାଇ ?
ଇଛାହୁଏ ପରିବାର ସହିତ
ନୂଆ ଏକ ସ୍ଥାନ କୁ ଯାଇ
ଲସଲସଉ ଥିବା କଅଁଳଆ ପତ୍ର, ଘାସ
ଲପଲପ କରି ଖାଇବାକୁ
ଝରଝର ହୋଇ ବହି ଯାଉଥିବା
କାଚକେନ୍ଦୁ ପରି ଜଳ ପାନକରି

ଆତ୍ମସନ୍ତୋଷ ଲଭ କରିବାକୁ..
ସନ୍ଦିହାନ ମୁଁ
ତୁମକୁ ପ୍ରଶ୍ନ କରିବା ଭଲ ଆସେ
କଣ ମୁଁ ଜନ୍ମିଛି ହଳ କରିବାକୁ
ନା ଗୁଷ କରିବାକୁ ?
ଜନ୍ମିଛି କେବଳ ଅନ୍ୟର ଖାଦ୍ୟ ପାଇଁ
କେବଳ ମୋତେ ହିଁ ପଢାଅ
ସେବା ଓ ପରୋପକାର ର ପାଠ
ତୁମର କଣ ଅନ୍ୟ ପାଇଁ କଛି କରିବାର ନାହିଁ ?
କେବଳ ମୋତେ ନୁହେଁ
ମୋର ଘରକୁ ବି ନଷ୍ଟ କରୁଛ
ପ୍ରଦୂଷଣ କରି
କନ୍ତୁ ଭୁଲି ଯାଅ ଆଉ ବେଶି ନୁହେଁ
ଖୁବ ଶୀଘ୍ର ଲେଖା ହେବ
ତୁମ ପତ୍ତନ ର ଆଉ ଏକ ଅଧ୍ୟାୟ....

ବୌଦ୍ଧ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ସଭ୍ୟ ସମାଜ



ନବୀନ କୁମାର ପଧାନ

ଜୀବଜଗତର ସର୍ବଶ୍ରେଷ୍ଠ ଜୀବ
ବୁଦାମୂଳେ ପଡ଼ିଥାଏ
ସୁନାମି ଝଡ଼ର ପ୍ରବଳ ବର୍ଷାରେ
ଶରୀର ତା ଭିଜିଥାଏ ॥

ଜାଣେନ ତାହାର ଜନନୀ କିଏ ସେ
ବୁଦାମୂଳ ତାର ସାହା
ଅପରିସୀମ ଯନ୍ତ୍ରଣା ପାଏ ସେ
କେହି କରନ୍ତିନ ଆହା ॥

ପଲ୍ଲୀଠାରେ ଥାଇ ଦିଲ୍ଲୀକୁ ଦେଖେ ସେ
ସମସ୍ତେ ତ ସ୍ୱାର୍ଥପର
ସନ୍ତାନ ପ୍ରସବି କୁମାରୀ ତ ଦିଏ
ପରିଚୟ ସତୀତ୍ୱର ॥

ସଭ୍ୟସମାଜର ଶିକ୍ଷିତା ତା ମାଆଁ
ମାନବିକତା ତ ନାହିଁ
ଅବାଞ୍ଛିତ ଗର୍ଭୁ ସନ୍ତାନ ପ୍ରସବି
ବୁଦାମୂଳକୁ ଫିଙ୍ଗଇ ॥

ନଷ୍ଠୁର ସମାଜେ ବଞ୍ଚିବା ଅପେକ୍ଷା
ମରିଯିବାଟା ହିଁ ସାର
ସେଥିପାଇଁ ସିଏ କ୍ରନ୍ଦନ ଆରମ୍ଭେ
ପହଞ୍ଚି ଯାଏ କୁକୁର ॥

ଉପାୟ ବିହୀନ ମଣିଷ ଶିଶୁ ସେ
ହୋଇଯାଏରେ ଆହାର
ତା ପାଇଁ ତ ଆଜି କୁକୁରର ପେଟ
ସାଜଇ ବୈକୁଣ୍ଠପୁର ॥

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ,
ବାବୁଫାସଡ, ବଲାଙ୍ଗୀର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଫୁଲ



ପୂର୍ଣ୍ଣଚନ୍ଦ୍ର ରଣା

ଫୁଲଟି ସେତେବେଳେ ସୁନ୍ଦର ଦିଶେ

ଯେତେବେଳେ ସେ ବୃକ୍ଷ ରେ ଫୁଟିଥାଏ

ଆଉ ବାସ୍ନା ଦେଉଥାଏ

ସମସ୍ତେ ଫୁଲର

ବାସ୍ନା ଓ ସୁନ୍ଦରତାକୁ ନେଇ

ଢେର୍ ଉପୋଭୋଗ କରନ୍ତି

ତାକୁ ତୋଳ ନେଇ

କଏ ସୁନାର ଗୁଣ୍ଡୁଡିରେ ରଖେ ତ

ଆଉ କଏ ନେଇ

ତାକୁ ଖୁବ୍ ଆଦର କରେ

କଏ ନେଇ ଗଳାର ମାଳ କରେ ତ

ଆଉ କଏ ଫୁଲଟି କୁ ତୋଳ ନେଇ

ଖିନବିନ କରି ଫୋପାଡି ଦିଏ,

ଫୁଲଟିର ମୂଲ ରହିଥାଏ

ସେ ପର୍ଯ୍ୟନ୍ତ

ଯେ ପର୍ଯ୍ୟନ୍ତ ସେ ସୁନ୍ଦର ଦିଶେ

ଫୁଲଟି ବାସୀ ହେଲ୍‌ପରେ

ତା'ର ସୁନ୍ଦରତା ସହିତ

ଫୁଲଟି କୁ ମଧ ସମସ୍ତେ ଭୁଲିଯାନ୍ତି

ସତରେ କ'ଣ

ସୁନ୍ଦର ଫୁଲ ଜନ୍ମ ନେବା ପାପ

ନା ସୁନ୍ଦରୀ ଫୁଲ ପାଇଁ ଏ ଅଭିଶାପ

କାହିଁକ ଦୁନଆଁ ଏ ପରି କରେ

ସୁନ୍ଦରତାକୁ ସମାଜଠୁ ଅଲଗା କରେ......... ?

ହାଟସିଂହାପୁର, ଯାଜପୁର

ବେଦାନ୍ତୀକୁ ପଢ଼ିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନଶ୍ଚିତ ରୂପେ ବଢିପାରିବ

# ଆତ୍ମା ଏକ ତଥ୍ୟ ବା କେବଳ ତର୍କ



ବାଲ୍ମୀକ ନାୟକ

ମୋର ଜଣେ ଆସ୍ତିକ ବନ୍ଧୁ ଦିନେ ସକାଳେ ଖବର କାଗଜଟିଏ ହାତରେ ଧରି ଆମ ଘରକୁ ପଶି ଆସିଲେ । ତାଙ୍କୁ ବନ୍ଧୁତା ଖାତିରରେ ଗୁହା କପେ ଦେଇ ଆପ୍ୟାୟିତ କରିବା ପରେ, ସେ ବଡ ଉତ୍ସାହିତ ସ୍ୱରରେ ମୋତେ କହିଲେ – "ଆପଣତ ଆତ୍ମା ନାହିଁ ବୋଲି ସବୁବେଳେ ଯୁକ୍ତି କରୁଛନ୍ତି, ଏଇ ଦେଖନ୍ତୁ ଆଜି ଗୋଟିଏ ଖବର ପ୍ରକାଶ ପାଇଛି । ଜଣେ ପନ୍ଦର ବର୍ଷର ବାଳକ ତାର ପୁନର୍ଜନ୍ମ କଥା ବର୍ଣ୍ଣନା କରୁଛି । ଗତ ଜନ୍ମରେ ସେ ଜଣେ ହାସ୍ୟ ଅଭିନେତା ଥିଲା ଏବଂ ଏଇ ଜନ୍ମରେ ସେ ଗୋଟିଏ ଦଳିତ ପରିବାରରେ ଜନ୍ମ ଗ୍ରହଣ କରିଛି । ତାଙ୍କ ଗ୍ରାମର ପାଞ୍ଚ କିଲୋମିଟର ଦୂରରେ ଥିବା ଅନ୍ୟ ଏକ ଗ୍ରାମର ହାସ୍ୟ ଅଭିନେତାଟି ପ୍ରାୟ ପନ୍ଦର ବର୍ଷ ପୂର୍ବରୁ ଏକ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲା । ହାସ୍ୟ ଅଭିନେତା ହିସାବରେ ତାର ଖ୍ୟାତି ଥିଲା । ବାଳକଟି ବର୍ତ୍ତମାନ ନାଟକରେ ହାସ୍ୟ ଅଭିନେତା ହେବାକୁ ଗୁହୁଁଛି ।ଖବରଟି ପଢି ଶୁଣାଇବା ପରେ ବନ୍ଧୁ କହିଲେ ଏଥିରୁ କଅଣ ପ୍ରମାଣିତ ହେଉନାହିଁ ଯେ ଆତ୍ମା ନିଶ୍ଚୟ ଅଛି ।

ମୁଁ ବନ୍ଧୁଙ୍କର ମୁହଁର ଭାବଭଙ୍ଗୀରୁ ବୁଝି ସାରିଥିଲି ଯେ ସେ ଏହି ଖବରଟିକୁ ନିହାତି ସତ୍ୟ ବୋଲି ବିଶ୍ୱାସ କରୁଛନ୍ତି । ଏହା ଏକ ଅବୈଜ୍ଞାନିକ ତଥା ଭିତ୍ତିହୀନ ବିଶ୍ୱାସ ବୋଲି ମୁଁ ତାଙ୍କୁ ବୁଝେଇଲେ ସେ ମାନିବେ ନାହିଁ, ଏହା ବି ମୁଁ ଜାଣିଛି । ତେଣୁ ତାଙ୍କୁ କହିଲି – ଠିକ୍ ଅଛି । ଆପଣ ଯେଉଁ ଆତ୍ମା କଥା କହୁଛନ୍ତି, ମୁଁ ବି ମାନିବାକୁ ପ୍ରସ୍ତୁତ ଯେ ଆତ୍ମାର ପୁନର୍ଜନ୍ମ ହେଉଛି । ଏଇଠି ପ୍ରଶ୍ନ ଉଠୁଛି – କେବଳ ଆତ୍ମା ଅଛି ବୋଲି ମାନିନେଲେ କଣ ସତ୍ୟ ସିଦ୍ଧ ହୋଇଯିବ? ଆପଣ କୁହନ୍ତୁ – ଆପଣତ ପିଲାଟି ଦିନରୁ ଏହାକୁ ମାନି ଆସିଛନ୍ତି, ଆପଣଙ୍କ ପୂର୍ବଜନ୍ମର କୌଣସି କଥା କେବେ ମନେପଡୁଛି? ଦିଲ୍ଲୀ, ମାଡ୍ରାସ କିମ୍ବା କଲିକତାରେ ମୃତ୍ୟୁବରଣ କରିଥିବା କୌଣସି ବ୍ୟକ୍ତି ଓଡିଶାରେ ଜନ୍ମ ଗ୍ରହଣ କରିଥିବା ଖବର

ପଢିଛନ୍ତି? ତାମିଲଭାଷା ଜାଣିଥିବା ମୃତ ବ୍ୟକ୍ତି ଓଡିଆ ଘରେ ଜନ୍ମ ହୋଇ କଅଣ ତାମିଲ ଭାଷାରେ ପୂର୍ବଜନ୍ମର କାହାଣୀ ବର୍ଣ୍ଣନା କରିଥିବା ଖବର ପଢିଛନ୍ତି? ସମସ୍ତ ପ୍ରାଣୀଙ୍କ ଦେହରେ ଆତ୍ମା ବାସ କରୁଥିବା କଥା କୁହାଯାଉଛି । ସେହି ମାନ୍ୟତା ଅନୁସାରେ ଆପଣ କଅଣ ମାନବତାବାଦୀ ହୋଇ ଯାଇଛନ୍ତି? ମନୁଷ୍ୟର ମୌଳିକ ଏକତା ଓ ସମାନତାକୁ ଆପଣ କଣ ନିଜର ବ୍ୟବହାରିକ ଜୀବନରେ ସ୍ୱୀକାର କରି ସାରିଲେଣି? ଅଥବା ଆପଣ କେବଳ ପୁନର୍ଜନ୍ମର ମନଗଢା କାହାଣୀ ପଢି ପଢି ହିଁ ମନକୁ ଖୁସି କରୁଛନ୍ତି?

ବନ୍ଧୁ ଜଣକ ମୋର କୌଣସି ପ୍ରଶ୍ନର ଉତ୍ତର ଦେଇ ପାରିଲେ ନାହିଁ । କହିଲେ – ଆପଣ ନ ମାନିଲେ ନାହିଁ, ବହୁତ ଲୋକ ମାନୁଛନ୍ତି ତେଣୁ ମୁଁ ବି ମାନୁଛି କହି ସେ ମୁହଁ ଫୁଲେଇ ଫେରିଗଲେଣି ।

ସେ ଫେରିଯିବା ପରେ ମୁଁ ଗୀତାର ଦ୍ୱିତୀୟ ଅଧ୍ୟାୟରେ ଆତ୍ମା ସମ୍ପର୍କରେ ବର୍ଣ୍ଣନା କରାଯାଇଥିବା ଶ୍ଳୋକ ସବୁ ପୁଣିଥରେ ପଢିଲି । "ନୈନଂ ଛିନ୍ଦନ୍ତି ସଂସ୍ତ୍ରାଣୀ, ନୈନଂ ଦହତି ପାବକଃ, ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।୨୩ ।"

ଅର୍ଥାତ: ଆତ୍ମାକୁ କୌଣସି ଶସ୍ତ୍ର କାଟି ପାରିବନି (ଅଚ୍ଛେଦ୍ୟ), ଅଗ୍ନି ଦଗ୍ଧ କରିପାରିବନି (ଅଦାହ୍ୟ) ଜଳ ଭିଜେଇ ପାରିବନି (ଅକ୍ଲେଦ୍ୟ) ବାୟୁ ଶୁଖେଇ ପାରିବନି (ଅଶୋଷ୍ୟ)

ଅଚ୍ଛେଦ୍ୟ ୟମଦାହ୍ୟୋୟ, ମକ୍ଲେଦ୍ୟୋଶୋଷ୍ୟ ଏବଚ,
ନିତ୍ୟଃ ସର୍ବଗତଃ ସ୍ଥାଣୁ, ରଚଳୋୟଂ ସନାତନଃ ।୨୪ ।

ଅର୍ଥାତ: ଆତ୍ମାକୁ ହାଣି ହୁଏ ନାହିଁ, ପୋଡିହୁଏ ନାହିଁ, ଆତ୍ମା ଶୁଖିଲା କିମ୍ବା ଓଦା ହୁଏ ନାହିଁ । ସର୍ବବ୍ୟାପୀ, ଅଚଳ ଓ ଅଟଳ । ଏହାର ବିନାଶ ହେବନାହିଁ ।

ଅବ୍ୟକ୍ତୋୟମଚନ୍ତ୍ୟୋୟ, ମବିକାର୍ଯ୍ୟୋୟମୁଚ୍ୟତେ,
ତସ୍ମାଦେବଂ ବିଦିତ୍ୱୈନଂ, ନାନୁଶୋଚତୁମର୍ହସି ।୨୫ ।

ଅର୍ଥାତ: ଆତ୍ମା ଅବ୍ୟକ୍ତ, ଅଚନ୍ତ୍ୟ, ଚିରଦିନ ରହିଛି ଓ ରହିବ । ବିକାର ଶୂନ୍ୟ ଚିନ୍ତାର ଅଗମ୍ୟ, ତେଣୁ ଜ୍ଞାନୀ ଆତ୍ମା ପାଇଁ ଶୋକ କର ନାହିଁ ।

ଏଥିରେ ଆତ୍ମାକୁ ଅଜର ଅମର କରି ପାରିଭୂଷିତ କରିବା ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟ ଥିବାଭଳ ଲାଗୁନାହିଁ । ଅର୍ଜୁନକୁ ଜେନ ତେନ ପ୍ରକାରେଣ ଯୁଦ୍ଧ କରିବାକୁ ରାଜି କରାଇବା ଉଦ୍ଦେଶ୍ୟରେ ସେ ଏହା କହିଥିଲେ । ଜୀବନରେ ନୈରାଶ ବୋଧରୁ ଆତ୍ମହତ୍ୟା କରିବାକୁ ଚାହୁଁଥିବା ବ୍ୟକ୍ତିକୁ ବଞ୍ଚେଇବା ପାଇଁ କେହି ପ୍ରିୟ ପରିଜନ ଯେପରି ବିଭିନ୍ନ ମନ ଭୁଲାଣିଆ ତର୍କ ଦେଇଥାନ୍ତି, ସେହିପରି ଶୁର ବୀର ଅର୍ଜୁନ ଏକ ମାନସିକ ଦ୍ୱନ୍ଦ୍ୱରେ ଘାରି ହେଉଥିଲେ । ଯୁଦ୍ଧ ନ କରିବା ତାଙ୍କ ପାଇଁ ଆତ୍ମହତ୍ୟା ସମାନ ପରିସ୍ଥିତି ସୃଷ୍ଟି କରିଥିଲା । ସେହି ପରିସ୍ଥିତିରେ ଶ୍ରୀକୃଷ୍ଣ ବିଭିନ୍ନ ତର୍କବିତର୍କ ପ୍ରୟୋଗ କରି ଅର୍ଜୁନଙ୍କ ମନରେ ପରିବର୍ତ୍ତନ ଆଣି ପାରିଥିଲେ । ଏହି ସଂଦର୍ଭରେ ଆତ୍ମା ଏବଂ ତାର ବିଶେଷତ୍ୱର ବର୍ଣ୍ଣନା କୌଣସି ତଥ୍ୟ ନୁହେଁ ବରଂ କେବଳ ଏକ ତର୍କ ଭଳ ମନେ ହେଉଛି । ଏହି କଥା ଗୀତାର ଦ୍ୱିତୀୟ ଅଧ୍ୟାୟ ୨୬ ଶ୍ଳୋକରେ ଆହୁରି ସ୍ୱଷ୍ଟ ହୋଇଯାଉଛି ।

ଅଥଚୈନଂ ନିତ୍ୟଜାତଂ ବା ମନ୍ୟସେମୃତମ୍
ତଥାପି ତ୍ୱଂ ମହାବାହୋ ନୈନଂ ଶୋଚତୁମର୍ହସି ।୨୬ ।

ଅର୍ଥାତ: ଯଦିବା ତୁ ଭାବୁଛୁ ଆତ୍ମାର ଜନ୍ମ ଓ ମରଣ ଅଛି, ତଥାପି ତୋ ଭଳ ମହାବାହୁ ଏଥିପାଇଁ ଶୋକ କରିବା ଉଚତ ନୁହେଁ ।

ଶ୍ରୀକୃଷ୍ଣ ଆତ୍ମାର ଅସ୍ତିତ୍ୱ ଥିବା ଉଲ୍ଲେଖ କରିବା ପରେ ସେହି ଧାରଣାର ବିପରୀତ ବିକଳ୍ପ ବ୍ୟବସ୍ଥା ବି ପ୍ରସ୍ତୁତ କରିଛନ୍ତି । ଅଷ୍ଟାଦଶୋଦ୍ଧଦ୍ୟାୟର ୬୬ ଶ୍ଳୋକରେ କହିଲେ:-

"ସର୍ବଧର୍ମାନ ପରିତ୍ୟଜ୍ୟ, ମାମେଙ୍କ ଶରଣଂବ୍ରଜ
ଅହଂ ତ୍ୱାଂ ସର୍ବପାପେଭ୍ୟା, ମୋକ୍ଷୟିଷ୍ୟାମି ଶୁଚଃ ।୬୬ ।"

ଅର୍ଥାତ୍: ଯେତେ ପ୍ରକାର ଧର୍ମ ଅଛି, ତ୍ୟାଗକରି ମୋଠାରେ ଶରଣ ପଶ, ମୁଁ ସମସ୍ତ ପାପରୁ ଉଦ୍ଧାର କରିଦେବି ।

କେ.ଆର. ପୁରମ, ବାଙ୍ଗାଲୋର

# ତୁମ ପାଇଁ.......



ପ୍ରଦେଶ କୁମାର ପ୍ରଧାନ

କହ କଏ ସେ ଡାକଲ୍

ର୍ଧା ନଦରୁ ଉଠିଲ୍

ଘୁରିବୁଲେ କୁଞ୍ଜବନେ ଖାଇ ହାଉଳ,

କାହ୍ନା ଗଲ୍ ଦିନୁ ଗୋପପୁର ଛାଡି

ବିରହେ ଯାଏ ସେ ପ୍ରତିକ୍ଷଣ ଜଳ ।

ପାଉଁଜି ନାହିଁ ପାଦରେ

ଓଢଣା ନାହିଁ ମଥାରେ

କଣ୍ଟା ଝଣ୍ଟା ବାଜି କ୍ଷତାକ୍ତ ଦେହ,

ଏଣେ ତେଣେ ଖୋଜେ ନଜର ମଣିଷ

ଆଖିରୁ ଝରୁଛି ତତଲ୍ ଲୁହ ।

ଯମୁନା ଝୁରୁଛି ଆଜି

କଦମ୍ବ ଝୁରୁଛି ଆଜି

ସବୁକଛି ଆଜି ଆନମନା କାହ୍ନା ବିନା,

ପାଦ ଫେରେନା ପଛକୁ

ସବୁ ସ୍ୱପ୍ନ ହୋଇଗଲ୍ ଚୂନା ।

କେହି ଥରେ ଦିଅ କହି

କପରି ଅଛନ୍ତି ସେ ମଥୁର୍ ଯାଇ

ପଡୁଛି କ ନା ମୁଁ ତାଙ୍କରି ମନେ,
ଛାଇ ଆଲୁଅର ସେପାଖରେ ସେ
ଏପାଖରେ ମୁଁ ଅଛି ଜଣେ ।
ଥର ଥର ଥରେ ଓଠ
ଶରୀର କ ପାଷାଣ କାଠ
ତଥାପି ଶୁଭେ ଧିରେ କାହ୍ନା କାହ୍ନା,
ତୁମେ ଗଲ୍ ପରେ ପରେ
ଶୂନ ମୁଁ ଆଜି ହେ ପ୍ରିୟତମ ତୁମ ବିନା ।

ନଇଗୁଆଁ, ଅସ୍ତରଙ୍ଗ, ପୁରୀ

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ଜନମ୍ ନୁଁ ମରନ୍

ଶଶାଙ୍କ ଶେଖର ସାହୁ

ଅରନ୍ ବସନ୍ ରହନ୍,
ମନୁଷର୍ ମୁଲ୍ କହନ୍ ।
କରମ୍ ଧରମ୍ ସରମ୍,
ଆଁଚେ ମୁନୁଷର୍ ଗରମ୍ ।
ମରନ୍ ହରନ୍ ଡରନ୍,
ବଦଲ୍‌ଏ ମୁହୁଁ ବରନ୍ ।
ନରମ୍-ଚରମ୍ ମଧମ୍,
ସବୁ ନୁଁ ଭଲ୍ ଉଦ୍ୟମ୍ ।
ଆଶା ନଶା ପସା ଭୃଷା,
ମନ୍ ଥିଁ ବସା ହମେସା ।
ଦଶା ଫସା ଲୋକହଁସା,
ଧୁର୍ କେ ଧୁର୍ କେ ଖସା ।
ଲସର୍ ଫସର୍ ଖଁସର୍
ଅଜେତ୍ ଲାଗେ ଲେସର୍ ।
ଚଷାର୍ ହଁସାର୍ ସଁସାର୍,
ପୁର୍ନୁ ଦୁଖ୍ ଦସାର୍ ।
ଦେଖନ୍ ଚକନ୍ ଗୃକନ୍,
ନୁହେସେ କପାଲ୍ ଲିଖନ୍ ।
ଗଢନ୍ ବଢନ୍ ସଢନ୍,
ମେଟ୍ ପେନ୍ ର ପଡନ୍ ।

ତବଡା, ସୋହେଲା, ବରଗଡ

# ମିଛ ଦୁନଆର ମିଛ କାହାଣୀ



ଦେବବ୍ରତ ବାରିକ

ମିଛ ଦୁନଆରେ ମିଛ କାହାଣୀ
ସତ କହିଲେ ମଣିଷ ମରେ,
ଦୁଃଖି ସିନା ଦୁଃଖ ବଖାଣି ପାରେନା
ହେଲେ ସମାଜ କଟାକ୍ଷ ଘାରେ।

ମିଛ ମାୟା ଏ ସଂସାର ଭିତରେ
ସତ୍ୟ ବନ୍ଧାପଡେ ମିଛ ଜାଲରେ,
କଳା କପଡାରେ ଆଇନ୍ ତ ବନ୍ଧା
ଭଙ୍ଗା ପଡିଯାଏ ସୁନା ସଂସାରେ।

କଛି ସମ୍ପର୍କ ରେ ନାହିଁ ତ ବିଶ୍ୱାସ
ଦିଅନ୍ତି ବିଶ୍ୱାସେ ବିଷ,
ମଣିଷ ବୋଲାଏ ନଜକୁ ଇଶ୍ୱର
ଖାଉଥାଏ ପୁଣି କା' ହାଡ ମାଂସ।

ଏତ କଳ ଯୁଗ ମିଛ ଦୁନଆ
କାହାକୁ ଭଲ୍ କହିବା,
ସବୁ ପର୍ ଏଠି ପଶୁ ସାଜିଲେଣି
ଭଲ ଖୋଜିଲେ କ ପାଇବା।

ଭାଇ ହୋଇଯାଏ ଭାଇର ଭଗାରୀ
ଘାରେ ସମ୍ପତିର ଲୋଭ,
ଭାଇ ନ ରହିଲେ ସମ୍ପତ୍ତି ମୋର
କେ ମଲେ ଗଲେ କ ହେବ ।

ଦୁନଆର ଖେଳ ଏମିତି କା ଏଠି
କାହାର ନୁହଁନ୍ତି କେହି,
ନଜେ ଖୋଜି ବୁଲେ ନଜର ଠିକଣା
ନଜ ବୋଝ ନଜେ ବୋହି ।

ସମୟ ସହିତ ଗ୍ଭଲିବାକୁ ହେଲେ
ମିଳେ ଖାଲି ଦୁଃଖ ଯନ୍ତ୍ରଣା,
ନଜ ଲୁହ ଆଜି ନଜେ ମୁଁ ପିଉଛି
କରି ଅଭିନୟ ଛଳନା ।

ଆନନ୍ଦପୁର, କେନ୍ଦୁଝର

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# କଳ୍ପନାର ମାନସ ପଟରେ କଳ୍ପିତା



ଦୀନେଶ ଅଗ୍ରୱାଲ

ସେ ଦିନର ଶାନ୍ତିମୟ

ପ୍ରେମପୂର୍ଣ୍ଣ ପ୍ରେମିଳ

ପରିବେଶ ।

ନିର୍ଜନ ସନ୍ଧ୍ୟାରେ

ରେସ୍ତୋରାଁର ଆଶ୍ରୟ ସ୍ଥଳେ

ତମେ ଆଉ ମୁଁ ।

ତମ ଗୌରବର୍ଣ୍ଣ ଦେହସାର୍

ମରକ୍ୟୁରୀର ଝାପ୍‌ସା ଆଲୁଅ

କଛି ସ୍ୱଷ୍ଟ କଛି ଅସ୍ୱଷ୍ଟ ।

କଳ୍ପିତା ମୋର କ'ଣ ଦୋଷ ଥିଲା ?

ତମେ ହିଁ ତ ପାଦରେ ନୂପୁର ବାନ୍ଧି

ପ୍ରେମର ରୁଣୁଝୁଣୁ ଶବ୍ଦକରି

ମତେ ବାନ୍ଧିଥିଲ ସୁରତାଳ ଲୟରେ

ମିଳନର ବୀଣା ବଜାଇ ।

ତମେ ଗଲାପରେ

ଭଙ୍ଗା ହୃଦୟ ଆଉ ଉଜୁଡା ମନ ନେଇ

ମୁଁ କ'ଣ କରିଥାନ୍ତି କଳ୍ପିତା ?

ଆଜି ମୁଁ ନୀରବଦ୍ରଷ୍ଟା

ଦେଖୁଥାଏ

ତମ ପ୍ରେମ କରିବାର ଷ୍ଟାଇଲ

କପରି ବଦଳୁଥାଏ

ଦିନକୁ ଦିନ ରଙ୍ଗୀନ ଜରି ପୋଷାକ ପରି ?

ଓଡ଼ିଆ ବିଭାଗ, ପ୍ରାକ ଗବେଷକ, ଉତ୍ତର ଓଡିଶା ବିଶ୍ୱ ବିଦ୍ୟାଳୟ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଭଙ୍ଗା ହୃଦୟ

ହେମନ୍ତ ରଣା

ପହିଲି ପ୍ରେମ ମିଠା କନ୍ତୁ କ୍ଷଣସ୍ଥାୟୀ
ଆରମ୍ଭ ହୁଏ ଗୋଲାପ କଣ୍ଟାର ସ୍ପର୍ଶରେ
କନ୍ତୁ ଶେଷହୁଏ ଏଠି,
ବିରହକାତର ଆଘାତରେ..... ।

ଭଙ୍ଗା ହୃଦୟ ଭିତରେ ରହିଥିବା
କଛି ଅକୁହା ଗୁମର କଥା,
ଆଜି ମନକୁ ଆନ୍ଦୋଳକ କରି
କହିବା ପୂର୍ବରୁ ଏଠି ସରିଯାଏ ପ୍ରେମ ଛିଟା... ।

ପହିଲି ପ୍ରେମର ସ୍ପର୍ଶ କାତରତା
ମନେପଡେ କଛି ସ୍ମୃ ତି ର ଖାତା
ଭଲ ପାଇବା ବଡକଥା ନୁହେଁ ଏଠି
ବଡପଣିଆ ଏଠି ପ୍ରେମକୁ ଭୁଲିବାଟା.... ।

ପ୍ରେମରେ ଉବୁଟୁବୁ ହେଉଥିବା ପ୍ରେମିକଟି
ଏଠି ନର୍ଜନତା ଭିତରେ ନଜର ସ୍ଥିତିକୁ
ଖୋଜି ବୁଲୁଥାଏ ଭଙ୍ଗା ହୃଦୟରେ
ବାସ୍ତବରେ ମିଳେ ତାକୁ ଦୁଃଖ ଓ ଯନ୍ତ୍ରଣା ଜ୍ୱାଳା.... ।

# ଭାଗବତ କଥା - ତୃତୀୟ ଅଧ୍ୟାୟର ସାରକଥା-୩



ନରେନ୍ଦ୍ର ପ୍ରସାଦ ବେହେରା

ଅର୍ଜୁନ ପ୍ରଶ୍ନକଲେ - ଯେବେ କର୍ମଠାରୁ ଜ୍ଞାନ ଶ୍ରେଷ୍ଠ, ତେବେ ମୋତେ ଏହି ହିଂସାତ୍ମକ ଯୁଦ୍ଧ କରିବାକୁ ପ୍ରେରଣା ଦେଉଛନ୍ତି କାହିଁକି ? ଉତ୍ତରରେ ଶ୍ରୀକୃଷ୍ଣ କହିଲେ - ଏ ସଂସାରରେ ଦୁଇଟି ମାର୍ଗ ପ୍ରଚଳିତ ଅଛି-ସାଂଖ୍ୟଯୋଗ ଓ କର୍ମଯୋଗ । ସାଂଖ୍ୟଯୋଗୀ (ସନ୍ୟାସୀ) ମାନଙ୍କ ମତରେ ଜ୍ଞାନ ଲାଭ ପରେ କର୍ମତ୍ୟାଗ କରିବା ଉଚିତ୍ । କର୍ମତ୍ୟାଗ ନକଲେ ମୁକ୍ତି ମିଳିବ ନାହିଁ । ମାତ୍ର ଜ୍ଞାନବାଦୀମାନେ ଯେଉଁ ମୁକ୍ତି ଲାଭ କରନ୍ତି ତାହା ଜ୍ଞାନ ଫଳରେ, କର୍ମତ୍ୟାଗ ଫଳରେ ନୁହେଁ । ସାଂଖ୍ୟଯୋଗୀ ଜ୍ଞାନ ଲାଭରେ ଯେଉଁ ମୁକ୍ତି ପାଇପାରନ୍ତି, କର୍ମଯୋଗୀମାନେ ମଧ୍ୟ ସମତ୍ୱଜ୍ଞାନରେ କର୍ମକରି ସେହି ମୁକ୍ତି ଲାଭ କରିପାରିବେ । ମୋକ୍ଷଲାଭ ନିମିତ୍ତ ଜ୍ଞାନର ଆବଶ୍ୟକତା ଥିଲେ ହେଁ ଜଣେ କର୍ମତ୍ୟାଗ କରି ଆଦୌ ରହିପାରିବ ନାହିଁ । ଖାଇବା, ଶୋଇବା, ମଳମୂତ୍ର ତ୍ୟାଗ କରିବା ପ୍ରଭୃତି କର୍ମ ପ୍ରକୃତିର ନିୟମାନୁସାରେ ହୋଇଥାଏ । ଇନ୍ଦ୍ରିୟମାନେ କର୍ମ କରିଥାନ୍ତି । ଯେଉଁମାନେ ଇନ୍ଦ୍ରିୟମାନଙ୍କୁ କର୍ମରେ ନ ଲଗାଇ ମନେ ମନେ ବିଷୟ ଚିନ୍ତା କରନ୍ତି ସେମାନେ ମିଥ୍ୟାଚାରୀ- କପଟୀ । କିନ୍ତୁ ଯେଉଁମାନେ କର୍ତ୍ତବ୍ୟ ଜ୍ଞାନରେ ନିରନ୍ତର କର୍ମ କରନ୍ତି ସେମାନେ ଶ୍ରେଷ୍ଠ । ଅନାସକ୍ତ ଭାବରେ କର୍ତ୍ତବ୍ୟ କର୍ମ କଲେ ମୋକ୍ଷଲାଭ ହୁଏ । ଏଣୁ ସର୍ବଦା କର୍ମ କରିବା ଉଚିତ । ଏହାହିଁ ଯଜ୍ଞ । କର୍ତ୍ତବ୍ୟ କର୍ମ ନକଲେ ସୃଷ୍ଟି ରକ୍ଷା ହୋଇପାରିବ ନାହିଁ । ଏହି କର୍ତ୍ତବ୍ୟ କର୍ମ ବା ଯଜ୍ଞ ତ୍ୟାଗ ଉପରେ ପ୍ରତିଷ୍ଠିତ । ଯେଉଁମାନେ କେବଳ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ କର୍ମ କରନ୍ତି ସେମାନେ ପାପୀ ।

ପରମାତ୍ମାଙ୍କ ନିର୍ଦ୍ଦେଶରେ ତୁମେ କର୍ମ କରୁଛ ବୋଲି ମନେକର ଏବଂ ସମସ୍ତ କର୍ମଫଳ ତାଙ୍କଠାରେ ସମର୍ପଣ କରି କର୍ମ କର । ତାହେଲେ ତୁମେ ପାପଭାଗୀ ହେବନାହିଁ । କର୍ମତ୍ୟାଗ କଲେ ସାଧାରଣ ଲୋକଙ୍କ ଉପରେ ତା'ର ପ୍ରଭାବ ପଡିବ । ସମସ୍ତେ କର୍ମତ୍ୟାଗ

କରି ଅଳସୁଆ ହୋଇଯିବେ । ସମାଜ ବିଶୃଙ୍ଖଳିତ ହୋଇଯିବ ଓ ସମାଜରେ ପାପର ଭାର ବଢିଯିବ । ଏଣୁ କର୍ତ୍ତବ୍ୟଜ୍ଞାନରେ ନିଷ୍କାମଚିତ୍ତରେ କର୍ମକଲେ ତାହା ସାଧାରଣ ଲୋକଙ୍କୁ କର୍ମ କରିବାର ପ୍ରେରଣା ଯୋଗାଇବ । ଜ୍ଞାନୀମାନେ ତଥା ନିଜେ ଭଗବାନ ମଧ୍ୟ ଲୋକ ସଂଗ୍ରହ ନିମିତ୍ତ ଏହିପରି କର୍ମକରିଥାନ୍ତି । ପ୍ରକୃତି ଗୁଣମାନଙ୍କ ସାହାଯ୍ୟରେ ସମସ୍ତ କର୍ମ କରିଥାନ୍ତି ମାତ୍ର ଅହଂକାରୀ ବ୍ୟକ୍ତି ନିଜକୁ କର୍ତ୍ତା ବୋଲି ମନେ କରନ୍ତି । ସମସ୍ତ କର୍ମକୁ ବିବେକ ବୁଦ୍ଧି ଦ୍ୱାରା ଭଗବାନଙ୍କଠାରେ ସମର୍ପଣ କରି ନିରାଶୀ, ନିର୍ମମ ଓ ଶୋକଶୂନ୍ୟ ହୋଇ ତୁମେ ଯୁଦ୍ଧ କର ।

ଇନ୍ଦ୍ରିୟମାନେ ମନୁଷ୍ୟକୁ ବିପଥଗାମୀ କରିଥାନ୍ତି । ସେମାନଙ୍କୁ ସଂଯତକରି ସ୍ୱଧର୍ମ ପାଳନ କରିବା ଉଚିତ । ଅନ୍ୟ ଧର୍ମଠାରେ ଯେତେ ଖରାପ ମନେ ହେଉଥିଲେ ବି ସ୍ୱଧର୍ମକୁ ତ୍ୟାଗ କରିବା ଉଚିତ ନୁହେଁ । ବିଭିନ୍ନ କାମନାର ବଶୀଭୂତ ହେଲେ ସ୍ୱଧର୍ମ ପାଳନର ବିଘ୍ନ ଘଟେ। ଇନ୍ଦ୍ରିୟ, ମନ, ବୁଦ୍ଧି ଏସବୁ କାମନାର ଆଶ୍ରୟସ୍ଥଳ । ହେଲେ ଆତ୍ମା ହେଉଛି ଦେହରେ ସର୍ବଶ୍ରେଷ୍ଠ । ସେହି ଆତ୍ମାଦ୍ୱାରା ଆତ୍ମାକୁ ସଂଯତ କରି ସମସ୍ତେ କର୍ମ କରିବାକୁ ହେବ । ପରମାତ୍ମାଙ୍କଠାରେ କର୍ମ ଓ କର୍ମଫଳ ସମର୍ପଣ କରି କର୍ମ କଲେ ତାହା ମୋକ୍ଷଲାଭ କରାଏ ।

ଏ ଅଧ୍ୟାୟରେ କିପରି କର୍ମ କରିବାକୁ ହେବ, କେହିହେଲେ-କି ଜ୍ଞାନୀ, କି କର୍ମୀ-କର୍ମତ୍ୟାଗ କରିବା ଉଚିତ ନୁହେଁ-ଏସବୁ ବିଷୟ ବୁଝାଇ ଦିଆଯାଇଛି । ଏଣୁ ଏ ଅଧ୍ୟାୟର ନାମ କର୍ମଯୋଗ ରଖାଯାଇଛି ।

ସଂଗ୍ରହକରୀ- ନରେନ୍ଦ୍ର ପ୍ରସାଦ ବେହେରା,
ଆଳଦା, ଖଇରା,ବାଲେଶ୍ୱର

# ଦୁଃଖେ ନାଇନ



ଚିତ୍ତରଞ୍ଜନ ପଧାନ

କନଆଁର୍ ଲ୍‌ଗି ପାଟ୍ ଶାଢ଼ୀ,
ଶାଲିର୍ ଲ୍‌ଗି ତାହାରୁ ବଢ଼ି ।
ମାଁର୍ ଲ୍‌ଗି ଫଟାଶାଢୀ ନାଇନ,
ତଥାପି ମାଆ ଦୁଃଖେ ନାଇଁନ ।
ବହ ଖାଉଛେ ଚକେନ୍ ପୁଟି,
ଶଶୁର୍ ଲ୍‌ଗି ନାଇନ ରୁଟି ।
ଭୁକେ ପଂଜର୍ ଦିଶି ଗଲାନ,
ତଥାପି ବୁଆ ଦୁଃଖେ ନାଇଁନ ।
ମୁହଁର୍ ଲ୍‌ଗି ବିଉଟି କ୍ରିମ୍,
ଛୁଆର୍ ଲ୍‌ଗି ଆଇସକ୍ରିମ୍ ।
ଶଶୁର୍ ଲ୍‌ଗି ଉସୋ ନାଇନ,
ତଥାପି ମନ୍ ଦୁଃଖେ ନାଇଁନ ।
ପୁଓ ଶୁଇଛେ ପଲଂକ୍ ଖଟେ,
ମାଆ ଶୁଇଛେ ପଏର୍ଛା ଭଟେ ।
ପାଖେରେ ଶାଲ୍ ଖଁଣେ ନାଇଁନ,
ତଥାପି ମାଆ ଦୁଃଖେ ନାଇଁନ ।
ପୁଓ-ବହର୍ ସୁଖେରେ ସୁଖ୍,
ଭୁଲି ଯାଏସନ୍ ନଜର୍ ଦୁଃଖ୍ ।
ସୁଖର୍ ଛଏଁର୍ ଦେଖା ନାଇଁନ,
ତଥାପି ଇମାନେ ଦୁଃଖେ ନାଇଁନ ।

ଡୁଙ୍ଗୁରିପାଲି, ଜମଲ୍, ପଦମ୍‌ପୁର୍, ବରଗଡ଼

# ଗାନ୍ଧାରୀ



ଦେବାଶିଷ୍ ସାଗର

କେନ୍ ଯୁଗେ ଥିଲା ରାଜ୍ ଭୋଗ୍ ସିନା
ରହୁଥିଲେ ସେନ ସୁଖେ,
ସୁଖର୍ ରସ୍କେ ପାଏବାର୍ ଲାଗି
ଇନ ସଭେ ଆଏଜ୍ ଦୁଃଖେ ।
କାମ୍ କବାର୍ ନାଇଁ ଘିଗ୍ୱରପ୍ଟା
ଯିଏ ଜାଣା ହେଇ ଯାଉ,
ଆପ୍ନା ଗ୍ୱର୍ ଆଙ୍ଗୁଲ୍ ପେଟ୍ ଲାଗି
ସଦା ବେଲେ ମନ୍ ଥାଉ ।
ନାଇଁ ଦେଖ୍ ସେ ପୁର୍ଭର୍ ଛାପ୍କେ
ରାନୀ ଗାନ୍ଧାରୀର୍ ଭେଷ୍,
ରଜା ଘର୍ ଟୁକେଲ୍ ବଲିକରି ସେ
ଧରି ଥିଲା ଗୁଟେ ଭେଷ୍ ।
କହେସନ୍ ଜ୍ଞାନୀ ପଣ୍ଡିତ୍ ମାନେ ତ '
ଆଏରେ ସେ ପତିବ୍ରତା,
ପୁର୍ଷର୍ ଲାଗି ନଜର୍ ଆଖିରେ
ଦେଇ ଥିଲେ କଲା ଫିତା ।
ଦେଖେନ୍ କାଣି ତ ' ସାଜ୍ଲେ ସେ ରାନୀ
ପୁରୁଷ୍ ସେବାକେ ଛାଣି,
କଣା ପୁର୍ଷର୍ ସେବା କେ କର୍ବା
ଏତେ ନାଇଁ ପାର ଜାନ ।
କଣା ବଲି ଯଦି ବିହା ହେଇଥିଲ

ହେଇଥିତ ସାହା ବାଡି,
ଦେଖ୍‌ଲା ଆଏଁକ୍‌କେ ମୁଜି ଦେଇ ଗୋ
ତୁମେବି ଧର୍‌ସ ବାଡି ।
କେନ୍ ପର୍‌କାର୍ ନଏ ଇଟା କଲ
କହେବ ରାନୀ ଗାନ୍ଧାରୀ,
ଦର୍‌କାର୍ ବେଳେ ଯେନ୍ ଦେଖିଦେଲ
କେନ୍‌ତା ଗୋ ଇଟା ନାରୀ ?
କଥା ଦେଇ କରି କଥା ନାଇଁ ରଖି
ଠକଦେଲ ଗୋ ରଜାକେ,
ଆଜୀବନ୍ ଆଏଁକ୍ ମୁଜ୍‌ମି ବଲି
ଦେଖାଇ ହେଲ ନଜ୍‌କେ ।
ହେ ମୋର୍ ଗାନ୍ଧାରୀ ଇହାଦେର୍ ନାରୀ
ନାଇଁ ସେ ତୁମେ ସେ ରାନୀ ,
ପାଖେ ନାଇଁ ତୋର୍ ରାଜ୍ ସିଂହାସନ୍
ଭୁଲିଜ ସେ କଥାନୀ ।
ଆପ୍‌ନା ଗୁସିଆଁ ଅଚଲ୍ ହେଲେ ତ '
ତୁମେ ହେବ ସିନା ଚଲ୍,
ଚଲ୍ ଚୁଲି କରି କାମ୍‌ଟେ କର୍‌ଲେ
ଟୁଣ୍ ହେବା ମଲ୍ ମଲ୍ ।
କେନ୍‌ଟା ସରଗ୍ କେନ୍‌ଟା ନରକ୍
କାହାକେ ତ ' ଜନା ନାଇଁ,
ପୁରୁଷର୍ ସେବା ନାରୀର୍ ସରକ୍
ଦୁଃଖ୍ ନାଇଁ ପାରେ ଛୁଇଁ ।

ବଡ଼ନୂଆଁପାଲି, ଡୁଙ୍ଗୁରିପାଲି
ସୁବର୍ଣ୍ଣପୁର

# ରେ ସରକାର୍



କବି ପ୍ରସାଦ

ଆ ଦେଖାମି ତତେ
ଆମର୍ ଗାଆଁ କେ ସତେ
ଲେଟ୍ରିଂ ବନଛେ କେତେ
ଆରୁ
ଦେଶର୍ ରାଜସ୍ୱ କେ କରୁଛୁ ବେକାର୍
ପୁଶୁଛୁ ଦଲାଲ୍ ଆରୁ ଠିକାଦାର୍
ରେ ସରକାର୍
ତୁଇ ବନେ କରବୁ ନା ଦେଶର୍ ଉଦ୍ଧାର୍ ।
ଆରେ ଘରେ ଘରେ ତୁଇ ମିଟର୍ ଦେଇଛୁ
ଗାଁ ଠାନୁ ସହର୍ ଖୁଟା ଗାଡୁଛୁ
ତାର୍ ନାଇଁ କ ଟ୍ରାସ୍ ଫ୍ରମର୍ ନାଇଁ
ଫେନ୍ କେନ୍ତା କରି କହ ଉକଆଁ କରୁଛୁ
ହଁ ତୁଇ ହେଇ ଥିବୁ ଜାଦୁଗର୍
ଲୋକ୍ ନାଇଁ ପଉଥିବେ ଶୋର୍
ଶୁଣୁ ଥିବେ ନାକ୍ କରି ଘଁର୍-ଘଁର୍
ହେତେ କେ ତ ଘାଏ ହେତୁ କର୍
କାଏଁ କାମ୍ ଯୋଜନା କୋଟି ଟଂକାର୍
ରେ ସରକାର୍
ତୁଇ ବନେ କରବୁ ନା ଦେଶର୍ ଉଦ୍ଧାର୍ ।

ନାଇଁ ନ ବଲି ଭଲ୍ କୁରିଆ ଗୁଟେ
ଆମର୍ ଗାଆଁର୍ ହେ ଭକୁଆ ବବା
ସରପଞ୍ଚ୍ ଠାନୁ ବିଡ଼ିଓ ତକ୍ ଗଲା
ହେଲେ କଥାକେ ଶୁନ ହେଲା କାବା
ଅଧାନୁ ଅଧିକା ପିସି ଦେଲେ ପରେ
ରହେବା ଯେଇ ପକା ଘରେ
ହେତି ଭି ବୁପୁର୍ ଖୁଜି ଥିଲା
ଆଘୋ ଲାଁଚ୍ ଦିଆ ଜାନ ତୁମ୍ଭଲା
ଅଭ୍ବିର୍ ଯଦି ଅଭ୍ବ୍ ନ ଗଲା
ସରକାର୍ ଥେଇ କାଏଁ ଲଭ୍ ଟା ହେଲା
ଗରୀବର୍ ଜୀବନ୍ ହେଲା ବେକାର୍
ରେ ସରକାର୍
ତୁଇ ବନେ କରବୁ ନା ଦେଶର୍ ଉଦ୍ଧାର୍ ।
ଗ୍ଭଷୀ ଛଟ୍ ପଟ୍ ଗ୍ଭଷ୍ କରି
ବିଷ୍ ଖେଇ ସେ ଯଉଛେ ମରି
ଯୋଜନା ଉପରେ ଯୋଜନା କରୁଛୁ
ନଜ୍ ଗୁନ୍ ଗାନ୍ ନଜେ କରୁଛୁ
ସୀମା ଥି ମରୁଛେ ଯବାନ୍
ଦେଶେ ମରୁଛେ କଷାନ୍
ଗରୀବର୍ କଥା ବୁଝୁଛେ କଏ
ଭ୍ୱେଟ୍ ସରିଗଲେ ବାଏ ବାଏ
ଦେଖେଇ ଦେଶୁ ତୋର୍ ବେଭ୍ହର୍
ରେ ସରକାର୍
ତୁଇ ବନେ କରବୁ ନା ଦେଶର୍ ଉଦ୍ଧାର୍ ।
କହେମି ଯଦି ଗୁଟେ ଗୁଟେ କରି
ଠିଆ ହେଇକରି ଦିନ୍ ଦିନ୍ ଧରି
ନାଇଁ ସରେ ସବୁ କଥା

ହେଇଯିବା ଗୁଟେ ଗାଥା
ଗରିବର୍ କାଯେ ସବୁ ମନା ହେଲା
ଅମିରର୍ କାଯେ ସବୁ ମାଫି ହେଲା
ଜରି ଗୁଟେ ହେନ୍ତା ଉଦାହରନ୍
ଗରିବ୍ କେ ମନା ଧନୀ କେ ନାଇଁ ନ ବାରନ୍
ଇଟା କେନ୍ ପ୍ରକାର୍ ତୋର୍ ବେଭାର୍
ରେ ସରକାର୍
ତୁଇ ବନେ କରବୁ ନା ଦେଶର୍ ଉଦ୍ଧାର୍ ।
ଦିନୁ ଦିନ୍ କେ ବଢୁଛେ ଅନଏ
ନାରୀକେ ଆରୁ ପଚରେ କଏ
ଘରୁ ବାହାର୍ଲେ ନ ଫିରେ ଘର୍ କେ
ଝାରୁପତର୍ନୁ ଠାବ୍ ହେସି ଲାସ୍ କେ
ଯାହକେ ରଖିଛୁଁ ରକ୍ଷକ୍ ଭାବେ
ସେ ତ ଧାଏଁସି ଭକ୍ଷକ୍ ଭାବେ
ଦେଖେଲେ ବତର୍ ଚଁଚରେଇ ନେସି
ଧନ୍ ଦେଖି କରି ଆଁଗୁଟ୍ ଦେଖାସି
ଗରିବର୍ ମୁଣ୍ଡେ ଦୋଷ୍ ଲଦି ଦେସି
ଆରୁ ଧନୀ କେ କହେସି ସାଁକାର୍
ରେ ସରକାର୍
ତୁଇ ବନେ କରବୁ ନା ଦେଶର୍ ଉଦ୍ଧାର୍ ।
ଯଦି ତୁଇ ଭଲ୍ ଗୁହୁଁଛୁ ସତେ
କଭାର୍ ଏକି କର୍ ଗା ସତେ
ଜନତାର୍ ନୁ ବଛା ହେଇ ଆଏସୁ
ଜନତା କେ ଫେନ୍ ପାଶିରି ଦେସୁ
ଦେଖ୍ ଭଲ୍ ଭାବେ ଦେଶର୍ ହିତ୍
ପାଶିରି ଯା ଘାଏ ତୋର୍ ହିତ୍
ପାଟି ଠାନୁ ଦେଖ୍ ମାଟି କେ ପହେଲା

ଦେଶ୍ କେ କେଭେ ନାଇଁ କର୍ ଅବହେଲା
ତତେ ବାଛିଛୁଁ ରଜା ଆମର୍
ଶାସନ୍ କରବୁ ପାଁଚ୍ ବଛର୍
ଜନତାର୍ ତୁଇ ହ ଆଧାର୍
ରେ ସରକାର୍
ତେହେରୁ ହେବା ଦେଶର୍ ଉଦ୍ଧାର୍
ତେହେରୁ ହେବା ଦେଶର୍ ଉଦ୍ଧାର୍ ।

ସର୍ଗିଗୁଡା, ମଣ୍ଡଲ୍, ବେଲପଡା, ବଲାଙ୍ଗୀର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ବିଦେଶ ଖବର

## ବାହାରିନ୍ ଓଡିଆ ସମାଜ ଦ୍ୱାର୍ ଡଃ. ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧିତ

ବାହାରିନ୍ ଓଡିଆ ସମାଜ ତରଫରୁ ସାଂସଦ ଏବଂ କଟ୍ ଓ କସ୍ ର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଡକ୍ଟର ସାମନ୍ତ ବାହାରିନ୍ ରେ ଅନୁଷ୍ଠିତ ହୋଇଥିବା ଇଶା-୨୦୧୯ ସାମିଲ ହୋଇଥିଲେ ବାହାରିନ୍ ର ଉପପ୍ରଧାନମନ୍ତ୍ରୀ ମହମ୍ମଦ ବିନ ମୁବାରକ ଖଲିଫାଙ୍କ ନମନ୍ତ୍ରଣରେ । ତାଙ୍କର ବାହାରିନ୍ ଗସ୍ତ ସମୟରେ ବାହାରିନ୍ ଓଡିଆ ସମାଜ ସଭାପତି ଶ୍ରୀ ଅରୁଣ କୁମାର ପ୍ରହରାଜ ଏବଂ ଅନ୍ୟ ଓଡିଆ ସଦସ୍ୟମାନେ ଡଃ ଅଚ୍ୟୁତ ସାମନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।







# ଶିଶୁ ବିଭାଗ



# ଶାସ୍ତ୍ରୀଙ୍କ ପୁସ୍ତକ



ମମତା ଦାଶ

ପୂର୍ବ ପ୍ରଧାନମନ୍ତ୍ରୀ ଲାଲ ବହାଦୂର ଶାସ୍ତ୍ରୀ ପିଲାଦିନରୁ ହିଁ ମେଧାବୀ ଛାତ୍ର ଥିଲେ । କିନ୍ତୁ ଘରର ଆର୍ଥିକ ପରିସ୍ଥିତି ପ୍ରଥମରୁ ହିଁ ଖରାପ ଥିଲା । ଶାସ୍ତ୍ରୀଜୀ ପ୍ରାଇମେରୀ କ୍ଲାସ ରେ ଥିଲାବେଳେ ବିନା ପୁସ୍ତକରେ ପ୍ରତିଦିନ ସ୍କୁଲ ଯାଉଥିଲେ । ଶାସ୍ତ୍ରୀଜୀ ପିଲାଦିନରୁ ବହୁତ ଭଲ ପାଠ ପଢୁଥିଲେ ମଧ୍ୟ ଘରର ଆର୍ଥିକ ପରିସ୍ଥିତି ଭଲ ନଥିବାରୁ ସେ ଠିକ୍ ସମୟରେ କୌଣସି ପୁସ୍ତକ କିଣି ପାରୁନଥିଲେ । ଜଣେ ଅଧ୍ୟାପକ ପ୍ରତିଦିନ ଶାସ୍ତ୍ରୀଜୀ ଙ୍କୁ ପୁସ୍ତକ ଆଣିବାକୁ କହୁଥିଲେ । କିନ୍ତୁ ଶାସ୍ତ୍ରୀଜୀ ବିନା ପୁସ୍ତକରେ ସ୍କୁଲ ଯାଉଥିଲେ । ଦିନେ ସେହି ଅଧ୍ୟାପକ ଚେତାବନୀ ଦେଇ କହିଲେ ଯଦି କାଲିଠୁ ବହି ନଆଣି ସ୍କୁଲ ଆସିବ, ତେବେ ତୁମକୁ କ୍ଲାସରେ ବସିବାକୁ ଦିଆଯିବ ନାହିଁ । ସେଦିନ ଶାସ୍ତ୍ରୀଜୀ ଜଣେ ସାଙ୍ଗ ଘରକୁ ଯାଇ ତାଠାରୁ ବହି ମାଗିନେଲେ ଏବଂ କହିଲେ ଯେ କାଲି ସ୍କୁଲରେ ତାଙ୍କୁ ଫେରେଇ ଦେବେ । ଶାସ୍ତ୍ରୀଜୀ ରାତିରେ ଘର ବାହାରେ ଥିବା ଇଲେକ୍ଟ୍ରି ଖୁଣ୍ଟତଳେ ବସି ସାରା ରାତି ପୁସ୍ତକର ନକଲ ଗୋଟିଏ ଖାତାରେ କରିଥିଲେ । ଶାସ୍ତ୍ରୀଜୀଙ୍କର ଏହି ନକଲ ଗୋଟିଏ ପୁସ୍ତକ ବନିଯାଇଥିଲା । ତା ପରଦିନ ସ୍କୁଲରେ ପହଞ୍ଚି ଅଧ୍ୟାପକ ଯେତେବେଳେ ତାଙ୍କୁ ପୁସ୍ତକ ଦେଖାଇବାକୁ କହିଲେ, ଶାସ୍ତ୍ରୀଜୀ ସେତେବେଳେ ପୁରା ଖାତାଟିକୁ ଅଧ୍ୟାପକଙ୍କ ସମ୍ମୁଖରେ ରଖି ଦେଇଥିଲେ । ଅଧ୍ୟାପକ ରାଗରେ ଲାଲ୍ ଲାଲ୍ ହୋଇ କହିଲେ, ମୁଁ ତୋତେ ବହି ମାଗୁଛି, ଖାତା ନୁହେଁ । ଶାସ୍ତ୍ରୀଜୀ ଖାତା ଖୋଲିକରି ଯେତେବେଳେ ଅଧ୍ୟାପକଙ୍କୁ ଦେଖାଇଲେ ସେତେବେଳେ ଅଧ୍ୟାପକ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ପୁସ୍ତକର ଗୋଟିଏ ଗୋଟିଏ ଶବ୍ଦ ଖାତାରେ ଲେଖା ହୋଇଛି । ଶାସ୍ତ୍ରୀଜୀ କହିଲେ, ଆମ ପାଖରେ ଏତେ ପଇସା ନାହିଁ କି ମୁଁ

ବହି କଣି ପାରିବି । ସେଥିପାଇଁ ମୁଁ ଏହାକୁ ଖାତାରେ ଲେଖିଦେଲି । ଅଧ୍ୟାପକଙ୍କ ଆଖିରୁ ଅଶ୍ରୁ ବୋହିଗଲା । ଅଧ୍ୟାପକ ଶାସ୍ତ୍ରୀଜୀଙ୍କୁ ଆର୍ଶୀର୍ବାଦ ଦେଇ କହିଲେ – ମୋର ଆଶା, ଦିନେ ପୁରା ଦେଶ ତୁମ ଉପରେ ଗର୍ବ କରିବ । ଅଧ୍ୟାପକଙ୍କ ଏହି କଥା ସତ ହୋଇଥିଲା ଆଉ ଦିନେ ଲାଲ ବାହାଦୂର ଶାସ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ ।


ଲକ୍ଷ୍ନୌ, ଉତ୍ତର ପ୍ରଦେଶ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପରଜାପତି

ନରେଶ କୁମାର ତ୍ରିପାଠୀ

ଫୁଲେ ଫୁଲେ ବସେ ପରଜାପତି,
ତାକୁ ଛୁଇଁଦେଲେ ଉଡିଯାଏଟି ॥
ରଙ୍ଗରଙ୍ଗି ତାର କୋମଳ ଡେଣା,
ସୁନ୍ଦରତା ତାର ସଭିଙ୍କୁ ଜଣା ॥
ଫୁଲେ ଫୁଲେ ବସି ଫୁଲର ରସ,
ଶୋଷିନଏ ସବୁ ହୋଇ ହରଷ ॥
କୀଟରୁ ଜନମ ହୋଇ ପତଙ୍ଗ
ଲଭିଅଛି ନୂଆ କେତେ ଯେ ରଙ୍ଗ ॥
ସଂବାଳୁଆ ତାର ପୂରୁବ ରୂପ,
ପ୍ରଜାପତି ତାର ପୂର୍ଣ୍ଣ ସ୍ୱରୂପ ॥
ଗଢ଼ିଅଛି ବିଧି କେତେ ସଜୀବ,
ବିଚିତ୍ର ଚିତ୍ରଓ ଚରିତ୍ର ସର୍ବ ॥
ପ୍ରଜାପତି ଠାରୁ ଶିଖିବା ଜ୍ଞାନ,
ଆମ ପାଇଁ ସିଏ ଗୁରୁ ସମାନ ॥
ଶିଖାଏ ଆମକୁ ସେ ଗୁରୁବାଣୀ,
ସାର ଦରବକୁ ରଖିବୁ ଆଣି ॥
ଲଗାଇ ଜୀବନେ ଏ ଗୂଢ଼ କଥା,
ଚଳୁଥିବା ଆମେ ଜୀବନ ରାସ୍ତା ॥
ଛୋଟ ଜୀବ ହେଲେ ଗୁଣ ମହାନ,
ଗୁଣଗ୍ରାହୀ ସିନା ବୁଝେ ତା ମାନ ॥



ଇଛାପୁର, ଡୁଙ୍ଗୁରିପାଲି, ସୋନପୁର

# ପଞ୍ଚକ



ପ୍ରେମଶିଳା ରାଉତ

ମାସ ମଧ୍ୟରେ ଶ୍ରେଷ୍ଠ ମାସ ହେଉଛି କାର୍ତ୍ତିକ ମାସ । ଏହି ମାସକୁ ଧାର୍ମିକ ମାସ ବୋଲି ପୁରାଣରେ କୁହାଯାଇଛି । ଏହି ମାସରେ ପଡୁଥିବା ବ୍ରତ, ଏକାଦଶୀକୁ ବଡ଼ ବ୍ରତ ବଡ଼ ଏକାଦଶ ବୋଲି ପୁରାଣମାନଙ୍କରେ ବର୍ଣ୍ଣିତ ଅଛି । ଏହି ମାସରେ ସ୍ୱଚ୍ଛ ମନରେ ପୂଜାପାଠ କଲେ ଅନେକ ପୁଣ୍ୟ ମିଳେ । ମନରୁ ପାପ ଧୋଇ ଯାଏ ଓ ସବୁ ଶୁଭମୟ ମଙ୍ଗଳ ମୟ ହୁଏ ।

କାର୍ତ୍ତିକ ମାସରେ ଆବାଳବୃଦ୍ଧବନିତା ସମସ୍ତେ ପୂଜାପାଠ କରିଥାନ୍ତି । ବ୍ରହ୍ମ ମୁହୂର୍ତ୍ତରେ ବିଛଣା ତ୍ୟାଗକରି ଜଳାଶୟ, ନଦୀ ଆଦିକୁ ଫୁଲଫଳ ଧୂପଦୀପ, ଭୋଗରାଗ ଧରି ଗାଧୋଇବାକୁ ଯାଆନ୍ତି । ଗାଧୋଇପାଧୋଇ ଓଦା ବସ୍ତ୍ର ରେ ନଦୀରୁ ବାଲି ଆଞ୍ଜୁଳା କରି କାଢି ତୁଳସୀ ଗଛ ଲଗାନ୍ତି ଓ ଶିବଲିଙ୍ଗ ତିଆରି କରି ଶ୍ରୀକୃଷ୍ଣଙ୍କର ମୂର୍ତ୍ତି ତିଆରି କରନ୍ତି । ଶୁକ୍ଳ ବସ୍ତ୍ର ପରିଧାନ କରି ଅତି ଶ୍ରଦ୍ଧା ରେ ମନ୍ତ୍ର ଭଜନ ଗାନ କରି ପୂଜାପାଠ କରନ୍ତି ଓ ଦିନ ସାରା ଉପବାସ କରି ଉପର ବେଳାରେ ହବିଷ୍ୟ ରାନ୍ଧି ଭଗବାନ କାର୍ତ୍ତିକେୟ ଙ୍କ ଠାରେ ଭୋଗ ଲଗେଇ ଭଗବାନଙ୍କ ନାମ ଜପ ଧ୍ୟାନ କରନ୍ତି । ଯେଉଁ ଲୋକମାନେ ମାସ ସାରା ଏମିତି ପୂଜା ପାଠ, ହବିଷ୍ୟ କରିପାରନ୍ତି ନାହିଁ ସେମାନେ ମାସର ଶେଷ ପାଞ୍ଚଦିନ କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀ ଠାରୁ ପୂର୍ଣ୍ଣମୀ ଦିନ ପର୍ଯ୍ୟନ୍ତ ପଞ୍ଚକ ପାଳନ କରନ୍ତି । ଏହା ମହା ପଞ୍ଚକ, ବଗ ପଞ୍ଚକ, ଭିଷ୍ମ ପଞ୍ଚକ ଓ ବିଷ୍ଣୁ ପଞ୍ଚକ ଭାବରେ ଜଣାଶୁଣା ।

ଏହି ପଞ୍ଚକରେ ଲୋକମାନେ ଆମିଷ ଭୋଜନ ପରିତ୍ୟାଗ କରି ଶୁଦ୍ଧ ସାତ୍ତ୍ୱିକ ଖାଦ୍ୟ ଭୋଜନ କରନ୍ତି । ଏହି ପାଞ୍ଚଦିନ ବଗମାନେ ମଧ୍ୟ ଆମିଷ ଭୋଜନରୁ ନିବୃତ ରୁହନ୍ତି, ସେଥିପାଇଁ ବଗ ପଞ୍ଚକ ନାମରେ ପୁରାଣରେ ଲିଖିତ ଅଛି। ଶର ଶଯ୍ୟା ଉପରେ ଶାୟିତ ପିତାମହ ଭୀଷ୍ମ ରାଜଧର୍ମ ମୋକ୍ଷ ଧର୍ମ ଓ ଦାନଧର୍ମ ବିଷୟରେ ବର୍ଣ୍ଣନା କରିଥିଲେ ।

ଏହାକୁ ପାଣ୍ଡବ ଓ ଶ୍ରୀକୃଷ୍ଣ ମଧ୍ୟ ଶୁଣୁଥିଲେ । ଏଥିରେ ପ୍ରଶନ୍ନ ହୋଇ ବାସୁଦେବ କହିଲେ ଆପଣ ଏଭଳି ମହାନ ଧର୍ମର ଗୁଢ ରହସ୍ୟ ବିଷୟରେ କହୁଛନ୍ତି । କାର୍ତ୍ତିକ ଏକାଦଶୀ ଦିନ ଭୀଷ୍ମ ଜଳ ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଅର୍ଜୁନ ବାଣ ଦ୍ୱାରା ଗଙ୍ଗାଜଳ ପ୍ରସ୍ତୁତ କରି ଭୀଷ୍ମ ଙ୍କର ତନ ମନ ପ୍ରାଣ ସନ୍ତୁଷ୍ଟ କରିଥିଲେ । ସେଥିପାଇଁ ପୁରାଣରେ ଯେଉଁମାନେ ଏହି ପଞ୍ଚକ ରେ ଜଳଦାନ କରନ୍ତି ସେଥିରେ ପିତାମହ ଭୀଷ୍ମ ନିଜେ କହିଛନ୍ତି ମୁଁ ତୃପ୍ତି ହୁଏ ବୋଲି , ଆଉ ଲୋକମାନେ ଏହି ପଞ୍ଚକରେ ଜଳଦାନ କରି ଭୀଷ୍ମଙ୍କର ଆଶିଷ ଲାଭ କରନ୍ତି। ତେଣୁକରି ଏହି ପଞ୍ଚକ କୁ ଭିଷ୍ମ ପଞ୍ଚକ ମଧ୍ୟ କୁହାଯାଏ ।

ପ୍ରତିବର୍ଷ ଲୋକମାନେ ସନ୍ତାନ ପ୍ରାପ୍ତି ନିମନ୍ତେ ଏହି ଭୀଷ୍ମ ପଞ୍ଚକ ପାଳନ କରିଥାନ୍ତି । ଏହି ପଞ୍ଚକ ଏକାଦଶୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଅତ୍ୟନ୍ତ ପବିତ୍ର ଦିନ । ଏହି ଦିନମାନଙ୍କରେ ତେତିଶ କୋଟି ଦେବତା ମଣିଷଙ୍କ ସନ୍ନିକଟ ହୋଇଯାନ୍ତି । ଏହି ସମୟରେ ଏକ ଲକ୍ଷ ତୁଳସୀ ପତ୍ର ଭଗବାନ ବିଷ୍ଣୁଙ୍କୁ ଅର୍ପଣ କରେ ସମସ୍ତ ଦେବତା ପ୍ରଶନ୍ନ ହୋଇ ମନ ଜାଣି ବର ପ୍ରଦାନ କରିଥାନ୍ତି । ତାଙ୍କର ଆଶୀର୍ବାଦ ବଳରେ ଗୋଟିଏ ଗୋଟିଏ ତୁଳସୀ ପତ୍ର ଗୋଟିଏ ଗୋଟିଏ ମୋତି ରୂପରେ ପରିଣତ ହୋଇଯାଏ । ସେଥିପାଇଁ ଏହି ପଞ୍ଚକକୁ ବିଷ୍ଣୁ ପଞ୍ଚକ ବୋଲି ମଧ୍ୟ କୁହାଯାଏ ।

ଭକ୍ତ ବତ୍ସଳ ଶ୍ରଦ୍ଧାଳୁମାନେ ଏହି ପଞ୍ଚକ ବ୍ରାହ୍ମ ମୁହୁର୍ତ୍ତରେ ଉଠି ନଦୀ ଜଳାଶୟକୁ ଯାଇ ନାଭି ପର୍ଯ୍ୟନ୍ତ ଜଳରେ ଠିଆ ହୋଇ ଗାଧୋଇ ତୁଳସୀ ଚଉରା ମୂଳରେ ବିଭିନ୍ନ ପ୍ରକାରର ମୁରୁଜ ପକାନ୍ତି । ବଳରାମ ସୁଭଦ୍ରା ଓ ଜଗନ୍ନାଥଙ୍କ ଚିତ୍ର ତିଆରି କରନ୍ତି, ମାଁ ବୃନ୍ଦାବତୀଙ୍କ ଚଉରା, ତାଙ୍କ ପାଦ, ତାଙ୍କ ପାଇଁ କାନଫୁଲ, ଚୁଡି, ପାଉଁଜି, ତାଙ୍କ ପାଇଁ ଆସନ, ବଗ ବଗୁଲୀଙ୍କ ଚିତ୍ର, ଜୟ ବିଜୟ ଙ୍କ ଚିତ୍ର ଏମିତି ଅନେକ କିଛି ମୁରୁଜ ପକେଇ ପୂଜାପାଠ ଭୋଗରାଗ କରିଥାନ୍ତି ।

ନିଜକୁ ଭଗବାନଙ୍କର ନାମ ଜପ ଧ୍ୟାନ ରେ ନିୟୋଜିତ କରି ପ୍ରଭୁଙ୍କ ନାମ ଗାନ କରନ୍ତି । ଆଉ ଦିନ ସାରା ଉପବାସ କରି ଉପର ବେଳା ନିଜ ଦେହ ମନ ପବିତ୍ର କରି ଏକ ମୁହାଁ ହୋଇ ପାଣି ଆଣି ହବିଷ୍ୟ ରାନ୍ଧନ୍ତି । ଅରୁଆ ଚାଉଳ, ମୁଗ ଡାଲି, ସାରୁ, ମାଟି ଆଳୁ,

ବାଇଗଣ, ବଡି, ଭଣ୍ଡା ମିଶେଇ ଖେଚୁଡ଼ି ନ ହେଲେ ଘିଅ ଡାଲମା କରନ୍ତି ଓ ପ୍ରସାଦ ରୂପରେ  ଭଗବାନଙ୍କ ନିକଟରେ ଭୋଗ ଲଗାନ୍ତି । ଅନ୍ୟକୁ ବାଣ୍ଟିଣ ନିଜେ ଖାଆନ୍ତି ।

ଏମିତି ପଞ୍ଚକ ପାଳନ କରି  ଭଗବାନ କାର୍ତ୍ତିକେୟ ଙ୍କ ଆଶିର୍ବାଦ ଲଭ କରି ପୁନ୍ୟ ଅର୍ଜନ କରନ୍ତି ଓ ମନରେ ଥିବା ସବୁ ପାପକୁ ଧୋଇ ଦେଇ ପ୍ରଭୁଙ୍କୁ ଠାରେ ନିଜକୁ ସମର୍ପଣ କରି ସୁଖ ଶାନ୍ତିରେ ରୁହନ୍ତି ଓ ପ୍ରଭୁଙ୍କର ମଧ ଭକ୍ତ ବତ୍ସଲ ଶ୍ରଦ୍ଧାଳୁମାନଙ୍କ ଉପରେ ସବୁବେଳେ କରୁଣାର ଧାର ଝରୁଥାଏ । ଏହି ମହା ପଞ୍ଚକ ବ୍ରତ ଯେଉଁମାନେ ପାଳନ କରନ୍ତି ସେମାନଙ୍କ ଜୀବନ ଧନ୍ୟ ହୋଇଯାଏ, ସେମାନେ ପୂଜ୍ୟ ଅଟନ୍ତି । ତାଙ୍କର ରୋଗ ବ୍ୟାଧି ସବୁ ଖଣ୍ଡନ ହୁଏ ଓ ତାଙ୍କର ପରିବାର ଧନ ଧାନ୍ୟରେ ପରିପୂର୍ଣ୍ଣ ହୁଏ । ସେ ପରିବାରରେ ସୁଖ ସମୃଦ୍ଧି ଚରଦିନ ପାଇଁ ରହିଥାଏ ।

ଗ୍ରାମ-ବୃନ୍ଦାବାହାଲ, କଳାହାଣ୍ଡି

**"ବେଦାନ୍ତୀ" ର ୱେବସାଇଟ କୁ ନୂଆ ରୂପ ଦିଆଯାଇଛି । ଆପଣମାନେ ଏଠାରୁ ପ୍ରଥରରୁ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ବେଦାନ୍ତୀ ର ପୁରୁଣା ସଂଖ୍ୟାକୁ ଡାଉନଲୋଡ କରିପାରିବେ ଏବଂ ପଢିପାରିବେ**

# ଜହ୍ନି ଫୁଲ ଠୋ ଠୋ



ଡ଼ଃ ରଞ୍ଜିତ କୁମାର ସାହୁ

ଜହ୍ନି ଓଷା ପାଇଁ ଫୁଲ ତୋଳବା ଲାଗି ବାହାରିଗଲେ ବୁବୁନ ଆଉ ଚକୁ । ଅପା ଜହ୍ନି ଓଷା କରୁଛି । ସେଥି ଲାଗି ଜହ୍ନି ଫଳ ଆଉ କାକୁଡି ଫୁଲ ତୋଳବାକୁ ପଡେ ଯାହା ସେମାନେ କରନ୍ତି । ଏହି ମାସ ସାରା ଅପା ଜହ୍ନି ଖାଇବନ, ତେଣୁ ବାପା ଘରକୁ ଜହ୍ନି ଆଣନ୍ତି ନାହିଁ । ତେଣୁ ଚକୁ ମନ ଦୁଃଖ । ଜହ୍ନି ସନ୍ତୁଳା ଆଉ ତାହାର ଗ୍ରେପାର ଚଟଣି ହେଲା ଚକୁର ପ୍ରିୟ । ବାପା ସବୁବେଳେ କୁହନ୍ତି ଜହ୍ନି, ଲାଉ, କଖାରୁ, କାକୁଡି ଇତ୍ୟାଦି ପରିବା ଦେହ ପାଇଁ ବହୁତ ହିତକାରୀ । ଏଥିରେ ଶର୍କରା କମ ଥାଏ, ଅଧିକ ତନ୍ତୁ ଥାଏ ଏବଂ ବିଭିନ୍ନ ଧାତୁ ଥାଏ । ଜଳୀୟ ଅଂଶ ଅଧିକ ଥିବାରୁ ଏହା ମଧ୍ୟ ଭଲ ଅଟେ । ସବୁବେଳେ ବାହାର ପରିବା ପନ୍ ଉପରେ ଗୁରୁତ୍ୱ ଦେଇ ଆମ ନଜ ବାଡ଼ି ବଗିଚାରେ ଥିବା ପରିବା ଗୁଡିକୁ ଉପେକ୍ଷା କରିବାର କୌଣସି ଯଥାର୍ଥତା ନାହିଁ ବୋଲି କୁହନ୍ତି ବାପା । ବାପା କହିଛନ୍ତି, ଏଥର ଆମେ ଜହ୍ନି କଣିବାନ, ନଜେ ଉତ୍ପାଦନ କରିବା ବାଡ଼ିରେ, ଜୈବିକ ଉପାୟରେ କୌଣସି ରାସାୟନ ପ୍ରୟୋଗ ନ କରି । ଭାଇ ଭଉଣୀ ତିନ ଜଣ ମିଶି ଲଗେଇଛନ୍ତି ଗୁଡ଼ାଏ ଲତା ଆଉ ରଞ୍ଜା ଦେଇକ ଲତା ଗୁଡିକୁ ମାଡିବାକୁ ଦେଇଛନ୍ତି । ଶୀତ ଦିନକୁ ସଞ୍ଜ ବେଳର ଖରା ସହିତ ଜହ୍ନି ଫୁଲଟି ଆହୁରି ମନୋରମ ଦିଶେ । ବେଳେ ବେଳେ ଚକୁ ଭାବେ ଫୁଲ ସବୁ ତୋଳବା କଣ ଦରକାର?

ଜହ୍ନି ଫୁଲ ତୋଳୁ ତୋଳୁ ଚକୁ ଦେଖିଲା ଗୋଟିଏ ଡୁଆରେ ବହୁତ ଗୁଡ଼ାଏ ଛୋଟ ଛୋଟ ଜହ୍ନି ଭଳ ହୋଇଛି ଏବଂ ଅଗିରେ ଫୁଲ ଫୁଟିଛି । ତାକୁ ତୋଳବାକୁ ଗଲା ବେଳେ ବୁବୁଣା ଅଟକାଇ ଦେଲା ଓ କହିଲା, "ଆରେ ବୁଦ୍ଧୁ, ସେଇଟା ପରା ମାଈ ଫୁଲଟିଏ, ସେଥିରୁ ହିଁ ଜହ୍ନି ହେବ । ତାକୁ ତୋଳଦେଲେ ଖାଇବା କଣ? ତୁ କେବଳ ଅଣ୍ଡିରା ଫୁଲ ତୋଳେ । "

ଚକୁ ଚମକ ପଡିଲା l ଫୁଲର ପୁଣି ଲିଙ୍ଗ ଅଛି? ଅଣ୍ଡିରା ଆଉ ମାଈ ?

ବୁବୁନ ଦେଖେଇଦେଲା ତାକୁ ଜହ୍ନି ଲଟାରେ କେମିତି କଛିଟା ଡୁଆରେ କେବଳ ମାଈ ଫୁଲ ହୋଇଛି ଆଉ କଛିଟାରେ କେବଳ ଅଣ୍ଡିରା ଫୁଲ l

ଘର ଭିତରକୁ ଫେରିଲା ପରେ ଚକୁ ସିଧା ଗ୍ଭଲିଗଲା ବୋଉ  ପାଖକୁ ଆଉ କହିଦେଲା ବୁବୁନ ଯାହା କହିଥିଲା l ମୁରୁକ ହସିଲା ବୋଉ ଆଉ କହିଲା, "ହଁ ଜହ୍ନି ଜାତୀୟ ପରିବା ଗୁଡିକରେ ଏହି ଭଳ ହୋଇ ଥାଏ l ପାଖରେ ଥିବା ମାଈ କଖାରୁ ଫୁଲଟିଏ ଦେଖେଇଲା ବୋଉ କେମିତି ତାହା ତଳେ ଛୋଟ କଖାରୁ ଭଳ ଗୋଟିଏ ଥିଲା l କାଟି ଦେଲାରୁ ସେଥିରେ ଛୋଟ ଛୋଟ ମଞ୍ଜି ଭଳ ମଧ ଥିଲା l ବୋଉ କଖାରୁ ଫୁଲ ଭଜା କରେl କେତେ ପ୍ରକାର ଜହ୍ନିରେ ଫୁଲ ମଧ କୁଆଡେ ଭଜା ହୁଏ !

"କନ୍ତ ବୋଉ ତୁ କାହିଁକ ଏହାକୁ ତୋଳଦେଲୁ? ଥିଲେ ତ ଏଥିରୁ କଖାରୁ ଟିଏ ହୋଇଥାଆନ୍ତା ?" ଚକୁ ପଗ୍ଭରିଲା l

"କଖାରୁ ବଡ ଆକାରର ଫଳ, ଗୋଟିଏ ଦିଟା ମାଈ ଫୁଲ ତୋଳ ଦେଲେ, ଅନ୍ୟ ଗୁଡିକରେ ବଡ ଫଳ ହେବ, କନ୍ତ ଜହ୍ନି ଛୋଟ ତେଣୁ ସେଥିରେ ତୋଳବାକୁ ଦରକାର ହୁଏନ," ବୋଉ କହିଲା  l

ମୁଣ୍ଡ ଟୁଙ୍ଗାରି ଗ୍ଭଲିଗଲା ଚକୁ ଫୁଲ ଡାଲାଟି ନେଇ l

ବଖରା  ଭିତରୁ ଅପା ଆଉ ତାହାର  ସାଙ୍ଗମାନେ ବୋଲିବା ଆରମ୍ଭ କରି ସାରିଲେଣି ସେମାନ ଙ୍କର ଗୀତ, ଜହ୍ନି ଫୁଲ ଲୋ  ପୂଜିଲି ତୋତେ..

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଗ୍ଭରଲୋଟସଭିଲେ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# ଶିଶୁ ଦିବସ

ଚନ୍ଦ୍ର ଶେଖର ଗୋ

ଆମ ପାଇଁ ଦିନଟିଏ ଶିଶୁ ଦିବସ
ଆମ ପାଇଁ ପର୍ବଟିଏ ଶିଶୁ ଦିବସ
ଭାଇଭଉଣୀ ଆସରେ ଆସ
ହରଷ ମନେ ପାଳିବା ଆସ
ଆସ ପାଳିବା ଦିବସ ଶିଶୁ ଦିବସ ।

ଚାଚାଜୀଙ୍କୁ ମନେ ପକାଇ
ନେହେରୁଙ୍କୁ ମନେ ପକାଇ
ଗୀତଟିଏ ବୋଲିବା ଆସ
ଆସ ପାଳିବା ଦିବସ ଶିଶୁ ଦିବସ ।

ତାଙ୍କୁ ଖୋଜିବାରେ ସ୍ମୃତି ଚାରଣରେ
ତାଙ୍କୁ ପାଇବାରେ ଜୀବନୀ ପଠନରେ
ଆଜି ପରା ତାଙ୍କ ଜନ୍ମ ଦିବସ
ଆସ ପାଳିବା ଦିବସ ଶିଶୁ ଦିବସ ।

ହୋଇପାରିବାନି ଆମେ ତାଙ୍କ ପରି
ତାଙ୍କ ଭଲଗୁଣ ନେବାରେ ଆଦରି
ଯାହାଙ୍କୁ ଜାଣିଛି ଦେଶ ବିଦେଶ
ଆସ ପାଳିବା ଦିବସ ଶିଶୁ ଦିବସ ।

ଭାରତ ମାତାର ଯୋଗ୍ୟତମ ସୁତ
କାଳଜୟୀ ନେତା ମରି ବି ଜୀବିତ
ରହିଚ ରହିବ ତାଙ୍କରି ଯଶ
ଆସ ପାଳିବା ଦିବସ ଶିଶୁ ଦିବସ ।

କର୍ଲାଖମାର, ନୂଆପଡ଼ା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ଡିସେମ୍ବର ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୧୨/୨୦୧୯ | କୁହ୍ଲ ପଞ୍ଚମୀ |
| ୦୫/୧୨/୨୦୧୯ | ମାଣବସା ଗୁରୁବାର |
| ୦୮/୧୨/୨୦୧୯ | ମୋକ୍ଷଦା ଏକାଦଶୀ, ରବିନାରାୟଣ ବ୍ରତ |
| ୦୯/୧୨/୨୦୧୯ | ବ୍ୟଞ୍ଜନ ଦ୍ୱାଦଶୀ, ଅନଙ୍ଗ ତ୍ରୟୋଦଶୀ |
| ୧୦/୧୨/୨୦୧୯ | ଗୀତା ଜୟନ୍ତୀ, ପାଷାଣ ଚତୁର୍ଦ୍ଦଶୀ |
| ୧୧/୧୨/୨୦୧୯ | ପଣ୍ଡୁ ଓଷା ଓ ଚନ୍ଦ୍ର ପୂଜା |
| ୧୨/୧୨/୨୦୧୯ | ପଣ୍ଡୁ ପୂର୍ଣ୍ଣିମା ଓ ମାଣବସା ଶେଷ ପାଳି |
| ୧୩/୧୨/୨୦୧୯ | ଦାଣ୍ଡ ପହଁରା ଓ ବାଟ ଓଷା |
| ୧୫/୧୨/୨୦୧୯ | ମାସନ୍ତ |
| ୧୬/୧୨/୨୦୧୯ | ଧନୁ ସଂକ୍ରାନ୍ତି, ପହିଲି ଭୋଗ |
| ୧୯/୧୨/୨୦୧୯ | ସାମନ୍ତ ଚନ୍ଦ୍ରଶେଖରଙ୍କ ଜୟନ୍ତୀ |
| ୨୨/୧୨/୨୦୧୯ | ସଫଳା ଏକାଦଶୀ ଉପବାସ |
| ୨୫/୧୨/୨୦୧୯ | ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ଦିବସ (ବଡଦିନ), ଗୃହିଣୀ ବକୁଳ ଲାଗି |
| ୨୬/୧୨/୨୦୧୯ | ସୂର୍ଯ୍ୟପରାଗ ଓ ବକୁଳ ଅମାବାସ୍ୟା |
| ୨୭/୧୨/୨୦୧୯ | ଚନ୍ଦ୍ର ଦର୍ଶନ, ପୂଜା ଓ ଶରଣ ଆରମ୍ଭ |
| ୩୧/୧୨/୨୦୧୯ | ଇଂରାଜୀ ବର୍ଷ ଶେଷ |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା – vedantimagazine@gmail.com/ editor.vedantimagazine@gmail.com

# ନଭେମ୍ବର ମାସର ବିଜେତାଙ୍କ ନାମ



ଦେଖ ପଥଗୁରୀ ପଥପରେ ଶୋଇଚ ଷଣ୍ଢବାବା
ତା'ଦେହେ ଶୋଇଚ ଜଣେ ଲୋକ ଦେଖି ନ ହୁଅ କାବା;
ତା'ଚପଲ କେଶ ନିଶ...ଦେଖିତାର ବସ୍ତ୍ରବେଶ
ତାହାକୁ ପାଗଳ କହି ନିଜକୁ ସର୍ବଜ୍ଞ ନିଭବ
ରେ ମଣିଷ ହୁଏତ ସେ ଶିବ ଆଉ ତାଙ୍କ ବୃଷଭ ।

ଚନ୍ଦ୍ର ଶେଖର ଗୋ, କର୍ଲାଖମାର, ସିନାପାଲି

ଲଗାମଛଡା ବୃଷଭ ରାଜା,
ରାଜରାସ୍ତା ପରେ ଯାଇଛି ଶୋଇ
ମଣିଷଟା କିଆଁ ଏତେ ବେପରୁଆ
ଜୀବନକୁ ତାର ଡର କି ନାହିଁ?
ହୁଏତ,

ଫୁସୁଲ୍ ଫୁସୁଲି ହୋଇ
ମଣିଷ କହିଛି ଶୋଇଥିବୁ ଭାଇ
ଟିକଏ ହଲିବୁ ନାହିଁ ।

ବିଜେତା: ସୁମିତ୍ରା ପଣ୍ଡା, ଶ୍ରୀ ବିହାର, ରସୁଲଗଡ, ଭୁବନେଶ୍ୱର

ପଶୁଟିଏ ସିନା ବୁଝେନାହିଁ କଛି
ଖାଇବା ଶୋଇବା ଛଡା
ମଣିଷ ମୁଣ୍ଡରେ ଏତେ ବୁଦ୍ଧିସୁଦ୍ଧି
ଠାକୁର ଭରିଛି ପରା!
ଦେଖିଲେ ଲାଗୁଛି କାବା,
ପଶୁ ପିଠିପରେ ନିଶ୍ଚିନ୍ତେ ଶୋଇଛି
ଧନ୍ୟ ଏ ମଣିଷ ବାବା !

ବିଜେତା: ଡ. ମାନସୀ ପଣ୍ଡା, ବଲାଙ୍ଗୀର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – **vedantimagazine@gmail.com**

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଯର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ବର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କିମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳିତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**